ଅପ୍ରେଲ୍ ୨୦୨୨



Photo by:
Dr. Ranjit K Sahu, USA

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X


ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଉତ୍କଳ ବା କଳିଙ୍ଗ ହେଉଛି ଏକ ଅତି ପୁରୁଣା ରାଜ୍ୟ ଯାହାକି ବେଦ, ରାମାୟଣ, ମହାଭାରତ ଓ ଅନ୍ୟ ପୁରାଣ ମାନଙ୍କରେ ଉଲ୍ଲେଖ ଅଛି । ଏହା ମଧ୍ୟ ଉଲ୍ଲେଖ ଅଛି ଯେ କଳିଙ୍ଗ ରାଜା ଶତାୟୁ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରୁଥିଲେ । ଗ୍ରୀକ୍ ଐତିହାସିକ ପିନିଂ ମଧ୍ୟ ତାଙ୍କ ପୁସ୍ତକରେ କଳିଙ୍ଗ ବିଷୟରେ ଉଲ୍ଲେଖ କରିଛନ୍ତି । କଳିଙ୍ଗ ରାଜ୍ୟ ବହୁତ ଶକ୍ତିଶାଳୀ ଥିଲା ଏବଂ ଏକ ସ୍ୱାଧୀନ ରାଜ୍ୟ ଥିଲା । କିନ୍ତୁ ଖ୍ରୀ.ପୂ. ୨୬୧ ରେ ମଗଧର ସମ୍ରାଟ ଅଶୋକ କଳିଙ୍ଗକୁ ପରାସ୍ତ କରିଥିଲେ । ଏହାର ଅନେକ ବର୍ଷ ପରେ ଚୈତ୍ରବଂଶର ରାଜା ଖାରବେଳ କଳିଙ୍ଗ ରାଜ୍ୟର ଶାସକ ଥିଲେ ।

କଳିଙ୍ଗ ଏକ ପରାକ୍ରମଶାଳୀ ରାଜ୍ୟ ଥିଲା ଏବଂ ତାହା ସହିତ କଳିଙ୍ଗବାସୀ ଥିଲେ ସତ୍ୟବାନ, ନୀତିବାନ ଏବଂ କର୍ମଠ ଓ ଯୋଦ୍ଧା । କଳିଙ୍ଗ ସେ ସମୟରେ ନୌବାଣିଜ୍ୟରେ ସୁନାମ ଅର୍ଜନ କରିଥିଲା । ପ୍ରାୟତଃ ୧୨୦୦ ଖ୍ରୀଷ୍ଟାବ୍ଦରୁ କଳିଙ୍ଗ ନାମ ଲୋପପାଇ ରାଜ୍ୟର ନାମ ଉତ୍କଳ ବା ଓଡିଶା ହୋଇଥିଲା । ଏହା ପରେ ତ୍ରୟୋଦଶ ଏବଂ ପଞ୍ଚଦଶ ଶତାବ୍ଦୀରେ ମୁସଲମାନ ଶାସକମାନେ ଓଡିଶାଠାରୁ ପରାସ୍ତ ହୋଇଥିଲେ । କିନ୍ତୁ ଧିରେଧିରେ ଓଡିଶାର ଶାସକମାନେ ଦୁର୍ବଳ ହୋଇଯାଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଇଂରେଜମାନଙ୍କ ଶାସନ । ଇଂରେଜମାନେ ତାଙ୍କର ସୁବିଧା ପାଇଁ ଓଡିଶାର କିଛି ଅଂଶ ବଙ୍ଗଳା, ବିହାର ଓ

ISSN NO.
2582-208X

ଆନ୍ଧ୍ର ସହିତ ମିଶାଇ ଦେଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଓଡିଶାକୁ ପୁଣି ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢିବାପାଇଁ ଓଡିଶାର କୃତି ସନ୍ତାନ ମାନଙ୍କର ସଂଗ୍ରାମ ।

ଓଡିଶାର ଏହି କୃତି ସନ୍ତାନ ମାନଙ୍କ ଅପ୍ରାଣ ଚେଷ୍ଟାର ଫଳ ସ୍ୱରୂପ ଅପ୍ରେଲ ୧ ତାରିଖ ୧୯୩୬ ମସିହାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ରୂପ ନେଲା ଆଉ ଓଡିଆବାସୀଙ୍କ ସେହି ବଳିଦାନକୁ ମନେପକାଇବା ପାଇଁ ଅପ୍ରେଲ ୧ ତାରିଖକୁ ଉତ୍କଳ ଦିବସ ରୂପେ ପାଳନ କରାଯାଏ । କିନ୍ତୁ ଏକ ସ୍ୱତନ୍ତ୍ର ପ୍ରେଦେଶ ହେଲାପରେ ମଧ୍ୟ ଏବେ ସୁଦ୍ଧା ଓଡିଶାର ବହୁତ ସ୍ଥାନ ପଶ୍ଚିମ ବଙ୍ଗ, ବିହାର ଓ ଆନ୍ଧ୍ରପ୍ରଦେଶ ସହିତ ମିଶି ରହିଛି ଯାହା ବିଛିନ୍ନାଞ୍ଚଳ ଭାବରେ ପରିଚିତ । ଉତ୍କଳ ଦିବସରେ ଆମ ସମସ୍ତଙ୍କର ଏହି ଲକ୍ଷ୍ୟ ହେବାକଥା ଯେ ଓଡିଶାଠାରୁ ଛଡାଇ ନିଆଯାଇଥିବା ଏହି ଅଞ୍ଚଳଗୁଡିକ ପୁଣି ଓଡିଶା ସହିତ ମିଶାଇବା ।

ଆସନ୍ତୁ, ଓଡିଶାର ହୃତ ଗୌରବ ଫେରେଇ ଆଣିବା ପାଇଁ ସଂକଳ୍ପବଦ୍ଧ ହେବା ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଓଡିଆଙ୍କ ଓଡିଶା | ଗୁରୁକଲ୍ୟାଣ ମହାପାତ୍ର | ୧୨ |
| ନିଜ ଗ୍ରହଟିକୁ ସତ୍ୟାନାଶ କରି | ପ୍ରଫେସର ସୁଶାନ୍ତ କଶୋର ବଳ | ୧୬ |
| ନାଉରୀ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୨୦ |
| କେଁ | ଡକ୍ଟର ବିଜ୍ଞାନୀ ଦାସ | ୨୨ |
| ସୋଽହଂ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୩୨ |
| ମୃତ୍ୟୁ ଗଲେ ଛୁଇଁ | ପୁଷ୍ପାଞ୍ଜଳ ପଣ୍ଡା | ୩୩ |
| ଜହ୍ନର ଜୋଛନା | ଡଃ ମାଙ୍ଗଳିକା ମହାପାତ୍ର | ୩୫ |
| କାଚ କାଞ୍ଚନ | ଡକ୍ଟର ମଧୁସ୍ମିତା ମିଶ୍ର | ୩୭ |
| ମୋ ହାତର କିମ୍ବଦନ୍ତୀ | ରଂଜୀତ ପଣ୍ଡା | ୪୮ |
| ଅବୋଧ ସ୍ପନ୍ଦନ | ଡକ୍ଟର ସଙ୍ଘମିତ୍ରା ଭଞ୍ଜ | ୪୯ |
| ବସନ୍ତ ରାସ | ମୀନାକ୍ଷୀ ପାଢ଼ୀ | ୫୧ |
| ସାହିତ୍ୟ ସାଧକ:<br>ଶଶିଭୂଷଣ ରଥ | ବରଦା ପ୍ରସନ୍ନ ଦାସ | ୫୩ |
| ସାଲିସ | ତରୁଣ କୁମାର ଦାସ | ୫୫ |
| ତୁମେ | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୫୭ |
| ଫେବୃଆରୀ ପରେ... | ସ୍ୱାତୀ ବନ୍ଦନା କର | ୫୮ |
| ଅଦିନ ମହକ | ଶାନ୍ତିଲତା ମିଶ୍ର | ୬୦ |
| କୃଷ୍ଣ ଚୂଡା | ବାସନ୍ତୀ ଲତା ଜେନା | ୬୬ |
| ଛେଳି ଚରାଳିର ସ୍ୱପ୍ନ | କୁଞ୍ଜବିହାରୀ ରାଉତ | ୬୮ |
| ଦ୍ୱିବିଧ ସଂପର୍କ | ଡ. ଅର୍ଜୁନ ଚରଣ ବାରିକ୍ | ୭୦ |

ISSN NO.
2582-208X


| | | |
|---|---|---|
| ସଂହଭୂମିରେ ଓଡ଼ିଆ ଲୋକଗୀତର ପ୍ରକାର ଓ ପରିସର: ପ୍ରସଂଗ–କାନ୍ଦଣା ଗୀତ | କବିତା ଖଣ୍ଡାଇତ | ୭୧ |
| ବସନ୍ତର ମୃଦୁ ମଧୁର ମଳୟେ | ଅଧାପିକା ଶ୍ୱେଜାଲିନ୍ ବାରିକ୍ | ୭୭ |
| ଭୁଲିଯାଇଛି | ଡ. ଜ୍ଞାନେଶ୍ୱର ମିଶ୍ର | ୭୮ |
| ଫୁଲର ଅଭିଳାଷ | ଅଳକା ମହାନ୍ତ | ୮୦ |
| ଅସାଧାରଣ ସୁନ୍ଦରବନ (ଧାରାବାହିକ ) | ଅଶୋକ ବିଶ୍ୱାଳ | ୮୧ |
| "ଟିକ୍ ଟକ୍' ବ୍ୟାନ୍ ହେବା ପରେ | ଶଶଧର ମହାପାତ୍ର | ୮୯ |
| ଯୁଦ୍ଧ ବିଭୀଷିକା | ଡ. ପ୍ରସନ୍ନ କୁମାର ବଳ | ୯୧ |
| ଉପହାସ | ଅମ୍ବିକା ସ୍ୱାଇଁ | ୯୩ |
| ଜେଜେଙ୍କର ଦୋଷ  କୋଉଟା | ଶିଶିର ପଣ୍ଡା | ୯୮ |
| ସୁ ସଂପର୍କ | ଜୟନ୍ତୀ ଦେବୀ | ୧୦୦ |
| ବୟସ | ସଂଯୁକ୍ତା ସାହୁ | ୧୦୧ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୦୩ |
| ମାଟି ଆମର ମାଆ | ରଘୁନାଥ ତ୍ରିପାଠୀ | ୧୦୯ |
| ବିବାହ ବନ୍ଧନ | ବୀରକିଶୋର ନାୟକ | ୧୧୧ |
| ସଂପର୍କ | ଡଃ ଅଭିମନ୍ୟୁ କାନୁନଗୋ | ୧୧୩ |
| ନିରବୀ ଗଲେ ସ୍ୱର ସାମ୍ରାଜ୍ଞୀ | ସୁଷମା ପରିଜା | ୧୧୫ |
| କ୍ରିଷ୍ଟ | ଆଦ୍ୟରଶ୍ମି କର | ୧୧୯ |
| ପ୍ରତିଧ୍ୱନି କହେ | ଅଜୟ କୁମାର ପଣ୍ଡା | ୧୨୧ |
| ଓଡିଶା | ଦଣ୍ଡାସି ପ୍ରଧାନ | ୧୨୨ |
| ପ୍ରେମ ବିନା ସାହିତ୍ୟ | ଜୟଶ୍ରୀ ପଟ୍ଟନାୟକ | ୧୨୫ |

ISSN NO.
2582-208X


| | | |
|---|---|---|
| ଦଳେ ତୁ ଦୋଳଗୋବିନ୍ଦ | ସୁଲୋଚନା ବେହେରା | ୧୨୯ |
| ମୋତେ ଯେତେ ମାଠିବୁ ମାଠେ | ଛବି ରାଣୀ ପତି | ୧୩୧ |
| ଆମ ସଂକଳ୍ପ | ଅରୁଣ କୁମାର ମହାପାତ୍ର | ୧୩୩ |
| ଜୀବନ ଯମୁନାରେ ଜୁଆର ଉଠେରେ | କୁଞ୍ଜବିହାରୀ ସାହୁ | ୧୩୫ |
| ମୋ ପ୍ରିୟା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ | ୧୪୦ |
| ସ୍ୱାଭିମାନ ର ହତ୍ୟା ! | ରାଧାମୋହନ ପୂଜାହାରୀ | ୧୪୩ |
| ନିଜ ପାଇଁ | ଆଶୁତୋଷ ମେହେର | ୧୪୬ |
| ପୁରୁଣା ଗୋଆ, ଅତୀତ ତଥାପି ବଞ୍ଚିଛି | ପ୍ରିୟବ୍ରତ ପାତ୍ର | ୧୪୭ |
| ଆର୍ତ୍ତନାଦ | ତ୍ରିପତି ପ୍ରଧାନ | ୧୫୦ |
| ମୋର ଈଶ୍ୱର | ସମ୍ବିତ ଦାଶ | ୧୫୨ |
| ମଙ୍ଗଳମୟ ଶିବ | ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ | ୧୫୪ |
| ପାଳି | ଅଧର ବିଶ୍ୱାଳ | ୧୫୬ |
| ବାନ୍ଧି ରଖ ନା ମତେ | ଗଜାନନ ମିଶ୍ର | ୧୫୯ |
| ବଣମଲ୍ଲୀ | ପ୍ରଶାନ୍ତ କୁମାର ପାଢ଼ୀ | ୧୬୦ |
| ନାଟକ-ରାମ ରାବଣ ରାମାୟଣ (ଧାରାବାହିକ) | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୧ |
| ଅନ୍ୟାୟ ସହିତ ଲଢ଼ିବା | ହରେରାମ ପଣ୍ଡା | ୧୬୭ |
| ମାନସିକ ଯନ୍ତ୍ରଣା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୬୮ |
| ଗ୍ରାମପଥ | ବେଣୁଧର ସୂତାର | ୧୭୦ |
| ଲଳିତ ନିବନ୍ଧ-ସୀମାରେଖା | ବଦ୍ରୀ ମହାନ୍ତ | ୧୭୨ |

ISSN NO.
2582-208X


| | | |
|---|---|---|
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୧୭୭ |
| ଆସିଲା ହୋଲି | ଦୀନବନ୍ଧୁ ପୋଇ | ୧୮୦ |
| ଅଲୋଡ଼ା ଜୀବନ | ନିରଞ୍ଜନ ସାହୁ | ୧୮୨ |
| ଅଚିହ୍ନା ବନ୍ଧନ (ଧାରାବାହିକ ) | ଜୟଲକ୍ଷ୍ମୀ ସେଠୀ | ୧୮୩ |
| ଭାଲେଣ୍ଟାଇନ୍ ଡେ | ସେବାକାନ୍ତ ନନ୍ଦ | ୧୮୭ |
| ମହାବାହୁ | ଭଗିରଥୀ ଯାନୀ | ୧୮୮ |
| ସନ୍ଦେହ ନୁହେଁ ସମାଧାନ | ଝରଣା ବାରିକ | ୧୯୦ |
| ବୁଦ୍ଧି ଅସଲ ବଳ | ଅଲେଖ ମେହେର | ୧୯୭ |
| ଭୟ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୧୯୮ |
| ପ୍ରେମିକା | ବିନୟ ମିଶ୍ର | ୨୦୦ |
| ଯୁଦ୍ଧର ନକାରାତ୍ମକ ପ୍ରଭାବ | ଅସିତ ମହାନ୍ତ | ୨୦୨ |
| ନୀରବ | ବୈଷ୍ଣବ ମେହେର | ୨୦୮ |
| ବନ୍ଦେ ଗୋ ମାତରମ୍ | ଖଗେଶ୍ୱର ବାଗ | ୨୧୦ |
| ମୋ' ପ୍ରିୟ ସାର୍ | ଦେବଯାନୀ ସ୍ୱାଇଁ | ୨୧୨ |
| ଅନୁତାପ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୧୮ |
| ଧନ୍ୟ କର ମୋତେ ନିଜର କରି | ଗ୍ଵଜକଶୋର ସାଇଁ | ୨୨୦ |
| ନିଲୁର ଇଲୁ | ସସ୍ମିତା ପଟ୍ଟନାୟକ | ୨୨୨ |
| ସମ୍ପର୍କ ସୂତା | କୃଷ୍ଣ ଚନ୍ଦ୍ର ବାରିକ | ୨୨୪ |
| ଏ କି ବିଶ୍ୱ ଭାତୃତ୍ୱ | ପ୍ରିୟରଞ୍ଜନ ଭରତୀ | ୨୨୫ |
| ଅଭିମାନ | ନମିତା ଦାଶ | ୨୨୭ |
| ନନା(ବାପା) ତୁମେ ସାକ୍ଷାତ ଈଶ୍ୱର | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୨୮ |
| ରେ ବନ ସୁମନ | ପ୍ରଦୀପ କୁମାର ଜିଲିକାଗ୍ | ୨୩୦ |

ISSN NO.
2582-208X


| | | |
|---|---|---|
| ସଂଗୀତର ଏକ ଯୁଗର ଅବସାନ | ଦୀନବନ୍ଧୁ ବେଜ | ୨୩୨ |
| ଯୌତୁକ ପ୍ରଥା | ନନ୍ଦିନୀ ରାଉତ | ୨୩୫ |
| ବଣମଲ୍ଲୀ | ଅମରନାଥ ବାରିକ | ୨୩୭ |
| ସପନ ନାୟିକା | ଲକ୍ଷ୍ମୀଟେନ୍ଦୁ ବାରିକ | ୨୩୯ |
| ଛୋଟ ମୋର ନାଆଟି (ଧାରାବାହିକ ) | ପ୍ରଫେସର ଅନନ୍ତା ପଣ୍ଡା | ୨୪୦ |
| କୋଣାରକ କହେ | ନୀଳମଣି ଗୁନ୍ଦ | ୨୫୧ |
| ମୁଁ ସରପଞ୍ଚ ହେବି | ସିଦ୍ଧେଶ୍ୱର ତ୍ରିପାଠୀ | ୨୫୩ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୫୪ |
| ଇନ୍ତଜାର | ପ୍ରମୋଦିନୀ ପଣ୍ଡା | ୨୫୬ |
| ମନେପଡେ ଧାନବିଲ | ଅଧ୍ୟାପକ ବିପ୍ଲବ କଶୋର ରଥ | ୨୬୪ |
| ନୀରବରେ ଏକା ଏକା | ଡା. ମଧୁମିତା ଷଡଙ୍ଗୀ | ୨୬୬ |
| ପ୍ରକୃତି ଓ ମଣିଷ | ଉମେଶ କୁମାର ବିଶ୍ୱାଲ | ୨୬୮ |
| ବଂଚିବାର ରାହା | ବିନୟ କୁମାର ଦାସ | ୨୭୦ |
| ରକ୍ଷୁନା ବରଷାରାଣୀ | ଅନଙ୍ଗ ମଞ୍ଜରୀ | ୨୭୨ |
| ଅକୁଣ୍ଠିତ ପ୍ରେମ | ଅଜିତ ପାଢ଼ି | ୨୭୪ |
| କଥାଟି କହୁଛି ଶୁଣ | ପ୍ରଶାନ୍ତ କୁମାର ନାଥ | ୨୭୬ |
| କୁଆଁର ପୁନେଇଁ ଜହ୍ନ | ଜନ୍ମଜୟ ନାୟକ | ୨୭୮ |
| ବସନ୍ତର ଅଭିଷେକ | ରାମ ଚନ୍ଦ୍ର ପ୍ରଧାନ | ୨୮୦ |
| ନବବର୍ଷ | ସାଇପ୍ରସାଦ ସାହୁ | ୨୮୨ |
| ବସନ୍ତ ରାସ | ଲୀଳାବତୀ ପରିଡ଼ା | ୨୮୩ |
| ଆସନ୍ତୁ ଜାଣିବା ସଫଳ ଜୀବନର ୫ଟି ସୂତ୍ର ବିଷୟରେ | ନରେନ୍ଦ୍ର ପ୍ରସାଦ ବେହେରା | ୨୮୪ |

ISSN NO.
2582-208X



| | | |
|---|---|---|
| ମୁକ୍ତିର ଆନନ୍ଦ | ଧରିତ୍ରୀ ଦାସ | ୨୮୬ |
| ଉଣା | ଧୀରେନ୍ଦ୍ର କୁମାର ପ୍ରଧାନ | ୨୮୮ |
| ଶିଶୁ ନିର୍ଯାତନା(ପ୍ରବନ୍ଧ ) | ମୁକ୍ତରାଣୀ ଦେବତା | ୨୯୦ |
| ସାତପର | ପ୍ରଶାନ୍ତ ବ୍ରହ୍ମା | ୨୯୩ |
| ବିଦିର୍ଣ୍ଣ ପ୍ରାଣ | ପୂର୍ଣ୍ଣଚନ୍ଦ୍ର ରଣା | ୨୯୪ |
| ଭି.ଅନନ୍ତ ନାଗେସ୍ୱରନ୍- ଜଣେ ସଫଳ ଅର୍ଥନୈତିଜ୍ଞ | ପ୍ରତାପ ଚନ୍ଦ୍ର ସାହୁ | ୨୯୬ |
| ସମ୍ପର୍କ | ଅଧ୍ୟାପକ ଅବିନାଶ ବାରିକ୍ | ୨୯୮ |
| ତପସ୍ୟା | ନଳେଶ  କୁମାର ଖେଇ | ୨୯୯ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକ ନାୟକ | ୩୦୧ |
| ମୋ ପ୍ରିୟା | ଅମୀୟ କୁମାର ରଥଶର୍ମା | ୩୦୪ |
| ପ୍ରେମ ଆଉ ଉପହାର | ସୂର୍ଯ୍ୟ ନାରାୟଣ ସାହୁ | ୩୦୬ |
| ଉଠ ମଣିମା | ସୁଭାଷ ଚନ୍ଦ୍ର ଭୂତିଆ | ୩୦୯ |
| ମାଆ | ସୌରଭ ଜାଲ | ୩୧୧ |
| ସଂପର୍କ | ସତ୍ୟରଞ୍ଜନ ଘିଓ୍ୱାଲ୍ | ୩୧୩ |
| ରଖେ ହରି ତ ମାରେ କିଏ | ସନ୍ତୋଷ କୁମାର ବେହେରା | ୩୧୪ |
| ବାପଘର ଝିଅନୁହେଁ ସେ ନିଜର | ରାଧାରାଣୀ ରାଉଳ | ୩୨୦ |
| ମୋ ଅନୁଭୂତି | ଦୁଷ୍ମନ୍ତ ବେହେରା | ୩୨୨ |
| ମାତା ସରସ୍ୱତୀ | କଷାନ ମହାକୁର | ୩୨୪ |
| ଶାଶ୍ୱତ ପ୍ରେମ | ଚୈତନ୍ୟ ବାଗ | ୩୨୬ |
| ମଶା ପୁରାଣ | ତ୍ରିଲୋଚନ ସାହୁ | ୩୨୮ |
| ଅନ୍ତ ନା ଭବିଷ୍ୟତ | ଅଶୋକ କୁମାର ପଧାନ | ୩୩୦ |

ISSN NO.
2582-208X


| ସ୍ୱାସ୍ଥ୍ୟ ବିଭାଗ | | |
|---|---|---|
| ବର୍ଜ୍ୟ ବସ୍ତୁ ପରିଚାଳନା ଓ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୩୩ |
| **ଆମ ହାଣ୍ଡିଶାଳ** | | |
| ସିମେଇ ପକୁଡି | ଜୟନ୍ତୀ ଦେବୀ | ୩୩୬ |
| କାଜୁ ମଟନ | ଅଧ୍ୟାପିକା ରେଜାଲିନ୍ ବାରିକ୍ | ୩୩୮ |
| **ଆଞ୍ଚଳିକ** | | |
| ମହୁଲ୍ କୁଁଚି | ବାଙ୍କାବିହାରି ମହାକୁର | ୩୪୧ |
| ମୋର ଭାଷା | ଶୁଭେନ୍ଦୁ ମେହେର | ୩୪୩ |
| ତୁଇ ମୋର୍ ଆଉ | ପ୍ରମୋଦ କୁମାର ସାହୁ | ୩୪୫ |
| ବସନ୍ତ୍ ଋତୁ ଆଏଲାନ | ଶ୍ୟାମସୁନ୍ଦର କୁମ୍ଭାର | ୩୪୭ |
| ଜୟ ମାଁ ସରସ୍ୱତୀ | ଦେବାର୍ଚ୍ଚନ ମେହେର | ୩୪୯ |
| **ଶିଶୁ ବିଭାଗ** | | |
| ପିତା କଲରାର କାରସାଦି | ଡ଼ଃ ରଞ୍ଜିତ କୁମାର ସାହୁ | ୩୫୨ |
| ବାଲିଶୁଆର ଧୂଳି ସ୍ନାନ | ନୀଳମାଧବ ସାହୁ | ୩୫୫ |
| ବିଶ୍ୱାସ ଘାତକ ମାଙ୍କଡ | ଅମରନାଥ ବାରିକ | ୩୫୮ |
| ପ୍ରକୃତିର ଅଙ୍ଗ, ଆମେ ବିହଙ୍ଗ | ସତ୍ୟନାରାୟଣ ପ୍ରସାଦ ନାୟକ | ୩୬୦ |
| ଫଳର ରାଜା | ପ୍ରଭାତ ନଳିନୀ ସାହୁ | ୩୬୧ |

ISSN NO.
2582-208X


| | | |
|---|---|---|
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୬୩ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୬୪ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ

ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ନିରନ୍ତର ପ୍ରତିମାସ ୧ ତାରିଖରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

ISSN NO.
2582-208X

# ଓଡିଆଙ୍କ ଓଡିଶା



ଗୁରୁକଲ୍ୟାଣ ମହାପାତ୍ର

## ଅପ୍ରିଲ ୧ ରେ ଓଡିଶା ଦିବସ ଉପଲକ୍ଷେ

୧୯୩୬ ମସିହାର ଅପ୍ରିଲ ପହିଲାଟି ଆମମାନଙ୍କ ପାଇଁ ଏକ ଐତିହାସିକ ଦିବସ । ସମଗ୍ର ଭାରତରେ ଏହି ଦିବସରେ ଭାଷା ଭିତ୍ତିରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଗୌରବ ଅର୍ଜନ କରିଥିଲା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ନେତୃତ୍ୱରେ ଓଡିଆମାନେ "ଉତ୍କଳ ସମ୍ମିଳନୀ" ଜରିଆରେ ଯେଉଁ ବଳିଷ୍ଠ ଆନ୍ଦୋଳନର ଆଶ୍ରୟ ନେଇଥିଲେ, ତାର ପରିଣତି ଥିଲା ସ୍ୱତନ୍ତ୍ର ଉତ୍କଳ ବା ଓଡିଶା ପ୍ରଦେଶ । ମାତ୍ର ଆମର ଦୁର୍ଭାଗ୍ୟ ଯେ ଏହି ବଳିଷ୍ଠ ଆନ୍ଦୋଳନ ସତ୍ୱେ ଆମେ ପୂର୍ଣ୍ଣାଙ୍ଗ ଓଡିଶା ପ୍ରଦେଶ ପାଇ ପାରି ନଥିଲୁ । ଓଡିଶାର ତତକାଳୀନ କଂଗ୍ରେସର ଦୁର୍ବଳ ନେତୃତ୍ୱ ତଥା ପଡୋଶୀ ବିହାରର ଚକ୍ରାନ୍ତକାରୀ ନେତାମାନଙ୍କ ଚାପ ଯୋଗୁଁ ଷଢେଇଅଳା ଓ ଖରସୁଆଁ ପରି ଓଡିଶା ଅଧ୍ୟୁଷିତ ଅଞ୍ଚଳଓ ଆମେ ସବୁଦିନ ପାଇଁ ଓଡିଶାରୁ ହରାଇଥିଲୁ । ସେହିପରି ଅନେକ ଓଡିଆ ଅଧ୍ୟୁଷିତ ଅଞ୍ଚଳ ପଡୋଶୀ ମାନ୍ଦ୍ରାସ, ଆନ୍ଧ୍ର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ ପ୍ରଭୃତି ଅଞ୍ଚଳର ଅର୍ନ୍ତଭୁକ୍ତ ହୋଇ ରହିଗଲେ । ଆମେମାନେ କିଛି କରିପାରିଲୁ ନାହିଁ । ପ୍ରକୃତ୍ରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବାବେଳକୁ ଏହାର ଅପ୍ରତିଦ୍ୱନ୍ଦ୍ୱୀ ନେତା ମଧୁବାବୁ କିମ୍ବା ତାଙ୍କର ସହଯୋଗୀ ଉତ୍କଳମଣି ଗୋପବନ୍ଧୁ ଦାସ ଉଭୟ ଆଖିବୁଜି ସାରିଥିଲେ । ଅବଶ୍ୟ ସେମାନଙ୍କର ଆଦର୍ଶର ଅନୁସରଣ କରି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଆମେ ସ୍ୱତନ୍ତ୍ର ଭାବେ ଓଡିଶା ରାଜ୍ୟ ପାଇପାରିଛୁ । ମାତ୍ର ଆହୁରି ଅନେକ କିଛି ହରାଇଛୁ ।

ISSN NO.
2582-208X

ଉଲ୍ଲେଖନୀୟ ଯେ ଦୀର୍ଘଦିନର ଆନ୍ଦୋଳନ ଫଳରେ ଭାରତ ସରକାର ନିକଟ ଅତୀତରେ ଆନ୍ଧ୍ରପ୍ରଦେଶକୁ ଦ୍ୱିଧା ବିଭକ୍ତ କରି ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଏହିପରି ଦୁଇଟି ରାଜ୍ୟରେ ପରିଣତ କରିଛନ୍ତି । ଇତିହାସ ପ୍ରତି ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ଅତୀତରେ ଓଡିଶା ପ୍ରଦେଶ ଗଠନଲାଗି ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବା ସମୟରେ ସମାନ୍ତରଳ ଭାବେ ଆନ୍ଧ୍ର ପ୍ରଦେଶ ଗଠନ ଲାଗି ତତକାଳୀନ କଂଗ୍ରେସ ନେତା ପଟ୍ଟାଭୀ ସୀତାରାମାୟା ପ୍ରକାଶମ୍ ଙ୍କ ମିଳିତ ନୈତୃତ୍ୱରେ ଆନ୍ଧ୍ରପ୍ରଦେଶ ଗଠନ ସକାଶେ ଆନ୍ଦୋଳନ ମଧ୍ୟ ଯୋରଦାର ହୋଇଥିଲା । ଅଥଚ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୧୬ ବର୍ଷ ପରେ ଯାଇଁ ଆନ୍ଧ୍ରପ୍ରଦେଶ ଗଠନ ସମ୍ଭବ ହୋଇଥିଲା । ଲାମର ଗର୍ବ କରିବାର କଥା ଯେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କ୍ରମାଗତ ଉଦ୍ୟମ ଫଳରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଦୀର୍ଘ ୭୭ ବର୍ଷ ପରେ ଅର୍ଥାତ ୨୦୧୪ ମସିହାରଏ ଓଡିଶା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ସ୍ୱୀକୃତି ଲାଭ କରି ପାରିଛି । ଏହା ପୂର୍ବରୁ ତେଲୁଗୁ, ସଂସ୍କୃତ, ତାମିଲ, କନ୍ନଡ ଓ ମାଲାୟାଲାମ୍ ପ୍ରଭୃତି ଭାଷା ଶାସ୍ତ୍ରୀୟ ଭାଷା ଭାବେ ମର୍ଯ୍ୟାଦା ଲାଭ କରିଥିଲା । ଓଡିଆ ଭାଷା ପ୍ରାୟ ୨୦୦୦ ବର୍ଷର ପୁରୁଣା ଭାଷା ଭାବେ ପ୍ରଚଳିତ । ଏହାର ସାରସ୍ୱତ ଓ ସାଂସ୍କୃତିକ ପରଂପରା ମଧ୍ୟ ଉଜ୍ଜ୍ୱଳ ହୋଇଥିବାରୁ ଭାରତ ସରକାର ଗତ ୨୦୧୪ ରେ ଏହାକୁ ଶାସ୍ତ୍ରୀୟ ଭାଷା ର ମର୍ଯ୍ୟାଦା ଦେଇଥିବା ଆନନ୍ଦର କଥା । ଅବଶ୍ୟ ଷାଠିଏ ଦଶକରେ ଓଡିଶୀ ନୃତ୍ୟ ଭାରତ ସରକାରଙ୍କ ଦ୍ୱାରା ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭ କରିଥିଲା । ଏବେ ଓଡିଶୀ ସଂଗୀତ କୁ ଶାସ୍ତ୍ରୀୟ ମର୍ଯ୍ୟାଦା ଦେବା ସକାଶେ ମେମାନେ ଉଦ୍ୟମ ଜାରି ରଖିବା ଉଚିତ୍ ।

୧୯୩୬ ଏପ୍ରିଲ ପହିଲାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବା ବେଳକୁ ଓଡିଶାର ସମୁଦାୟ ଜିଲ୍ଲା ଥିଲା ଛଅ । ସେସବୁ ଜିଲ୍ଲା ଗୁଡିକ ହେଉଛି କଟକ, ପୁରୀ, ଗଂଜାମ, କୋରାପୁଟ, ସମ୍ବଲପୁର ଓ ବାଲେଶ୍ୱର । ସେତେବେଳେ ଓଡିଶାର୍ କ୍ଷେତ୍ରଫଳ ବା ଏରିଆ ଥିଲା ମାତ୍ର ୩୨ ହଜାର ୧୯୮ ବର୍ଗ ମାଇଲ୍ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବା ପରେ ଭାରତ ଅନ୍ତର୍ଗତ ଓଡିଶା ପ୍ରଦେଶ୍ରେ ୧୯୪୮ ଜାନୁଆରୀ ପହିଲା ବେଳକୁ ମୟୂରଭଂଜ ବ୍ୟତୀତ ଅନ୍ୟ ୨୫ ଗୋଟି ଗଡଜାତ ରାଜ୍ୟ ସାମିଲ ହୋଇସାରିଥିଲେ । ଭାରତର ତତକାଳୀନ ପ୍ରଧାନମନ୍ତ୍ରୀ ଜବାହର୍ଲାଲ ନେହେରୁଙ୍କ ନିର୍ଦ୍ଦେଶ୍ରେ ତତକାଳୀନ ଉପ ପ୍ରଧାନମନ୍ତ୍ରୀ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହି ଗଡଜାତ ଗୁଡିକ ମିଶ୍ରଣ

ISSN NO.
2582-208X

କରାଇ ଏକ ଐତିହାସିକ ପଦକ୍ଷେପ ନେଇଥିଲେ । ସେ ଦିଗରେ ତତକାଳୀନ ଅଂଗ୍ରେସ ନେତା ହରେକୃଷ୍ଣ ମହତାବ ପଟେଲଙ୍କୁ ସହଯୋଗ କରିଥିଲେ । ଓଡିଶା ପରେ ଭାରତର ଅନ୍ୟାନ୍ୟ ରାଜ୍ୟ ମାନଙ୍କରେ ପ୍ରକୃତରେ ଗଡଜାତ ମିଶ୍ରଣ ସମ୍ଭବ ହୋଇଥିଲା । ମାତ୍ର ଆମର ଦୁଃଖ ରହିଗଲା ଯେ ଓଡିଆ ଅଧ୍ୟୁଷିତ ଷଢେଇକଳା ଓ ଖରସୁଆଁ ର ଦୁଇ ରାଜ୍ୟ ଓଡିଶା ପ୍ରଦେଶରେ ସାମିଲ ହେବାକୁ ଚାହିଁଥିଲେ ମଧ୍ୟ ବିହାରୀ ରାଜନେତା ମାନଙ୍କ ଚକ୍ରାନ୍ତ ଫଳରେ ୧୯୪୮ ମସିହା ମେ ମାସ ୧୮ ତାରିଖରେ ଏହି ଦୁଇଟି ରାଜ୍ୟକୁ ବିହାର ରାଜ୍ୟରେ ଅର୍ନ୍ତଭୁକ୍ତ କରାଗଲା । ଅବଶ୍ୟ କିଛି ବର୍ଷ ତଳେ ବିହାର ବିଭାଜିତ ହେବାରୁ ଏ ଉଭୟ ରାଜ୍ୟ ନୂତନ ଝାଡଖଣ୍ଡ ରାଜ୍ୟ ଅଧୀନରେ ରହିଗଲା । ଏଥିପାଇଁ ସେତେବେଳେ ଆନ୍ଦୋଳନ ଯେ ନହୋଇଛି, ସେ କଥା ନୁହେଁ, ମାତ୍ର ସେ ଆନ୍ଦୋଳନ ଫଳପ୍ରଦ ହୋଇପାରିନଥିଲା । ପରବର୍ତ୍ତୀ କାଳରେ ଷଢେଇକଳା ଓ ଖରସୁଆଁ ରାଜ୍ୟ ଦୁଇଟିକୁ ଓଡିଶାକୁ ଫେରାଇ ଦେବା ଲାଗି ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନବେ ଦଶକରେ ଉଦ୍ୟମ କରିଥିଲେ । ତତକାଳୀନ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚୌହାନଙ୍କୁ ସେ ବାରମ୍ବାର ପତ୍ର ମଧ୍ୟ ଲେଖିଥିଲେ । ମାତ୍ର କେନ୍ଦ୍ର ସରକାର ସେଥିପ୍ରତି ଦୃଷ୍ଟି ଦେଇ ନଥିଲେ । ପରବର୍ତ୍ତୀ ଅବସ୍ଥାରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ବାବୁ ବିଧାନ ସଭାରେ ସର୍ବସମ୍ମତି ପ୍ରସ୍ତାବ ଅଣାଇ ତତକାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏଲ୍.କେ.ଆଡଭାନୀଙ୍କୁ ଜଣାଇଥିଲେ ମଧ୍ୟ ଓଡିଶାର ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ ନକରି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ପରାମର୍ଶ ଦେଇଥିଲେ । ସୌଭାଗ୍ୟ କ୍ରମେ ୧୯୪୯ ଜାନୁଆରୀ ପହିଲାରେ ମୟୁରଭଂଜ ରାଜ୍ୟର ମିଶ୍ରଣ ଓଡିଶାରେ ସଂଭବ ହୋଇଥିଲା । ଫଳରେ ଓଡିଶାର କ୍ଷେତ୍ରଫଳ ୫୦ ହଜାର ୧୨୭ ବର୍ଗ ମାଇଲକୁ ବୃଦ୍ଧି ପାଇଥିଲା । ଓଡିଶାରେ ସମୁଦାୟ ଜିଲ୍ଲା ସଂଖ୍ୟାଥିଲା ୧୩ । ମାତ୍ର ୧୯୨ ମସିହାରେ ତତକାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଙ୍କ ଉଦ୍ୟମ ଯୋଗୁଁ ଓଡିଶାର ଜିଲ୍ଲାଗୁଡିକ ପୁର୍ନଗଠିତ ହୋଇ ସମୁଦାୟ ଜିଲ୍ଲା ସଂଖ୍ୟା ୩୦କୁ ବୃଦ୍ଧି ପାଇଥିଲା । ଏବେ ଓଡିଶାର ସମୁଦାୟ କ୍ଷେତ୍ରଫଳ ୧ ଲକ୍ଷ ୫୫ ହଜାର ୭୦୭ ବର୍ଗ୍ କିଲୋମିଟର । ଗତ ୨୦୧୧ ଜନଗଣନା ଅନୁଯାୟୀ ଓଡିଶାର ଜନସଂଖ୍ୟା ଥିଲା ୪ କୋଟି ୧୯ ଲକ୍ଷ ୭୪ ହଜାର ୨୧୮ ।

ବିଗତ ୧୯୮୬ ମସିହା ଏପ୍ରିଲ ପହିଲାରୁ ସ୍ୱତନ୍ତ୍ର ଉତ୍କଳ ବା ଓଡିଶା ପ୍ରଦେଶର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସରକାରୀ ସ୍ତରରେ ମହାସମାରୋହରେ ପାଳନ କରାଯାଇଥିଲେ ହେଁ

ISSN NO.
2582-208X

ବେସରକାରୀ କିମ୍ବା ସାଧାରଣ ସ୍ତରରେ ସ୍ୱତଃପ୍ରବୃତ ଭାବେ ଏହା ପାଳନ କରାଯିବାର ଆନନ୍ଦ ଓ ଉଦ୍ଦୀପନା ସେତେବେଳେ ପରିଲକ୍ଷିତ ହୋଇ ନଥିଲା । ପ୍ରବାସରେ ରହୁଥିବା ଲକ୍ଷ ଲକ୍ଷ ଓଡିଆଙ୍କ ମଧ୍ୟରେ ଉତ୍କଳ ପ୍ରଦେଶର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ପ୍ରଭାବ ମଧ୍ୟ ପରିଲକ୍ଷିତ ହୋଇନଥିଲା ସେତେବେଳେ ।


ଆନନ୍ଦର କଥା ଯେ ଗତ ୨୦୧୧ ଅଗଷ୍ଟ ମାସ ରେ ଝାଡଖଣ୍ଡର ତତକାଳୀନ ବିଜେପି ସରକାରର ନେତୃତ ନେଉଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ଅର୍ଜୁନ ମୁଣ୍ଡା । ବିଭିନ୍ନ ଓଡିଆ ସଂଗଠନ ଗୁଡିକର ଉଦ୍ୟମ ଓ ଆନ୍ଦୋଳନ ଫଳରେ ସେହି ରାଜ୍ୟରେ ସେତେବେଳେ ଦ୍ୱିତୀୟ ସରକାରୀ ଭାଷା ଭାବେ ଓଡିଆ ଭାଷାକୁ ସ୍ୱୀକୃତି ମିଳିପାରିଥିଲା । ପଶ୍ଚିମବଙ୍ଗରେ ମଧ୍ୟ ଓଡିଆ ଦ୍ୱିତୀୟ ସରକାରୀ ଭାଷା ଭାବେ ସ୍ୱୀକୃତି ପାଇଥିଲେ ହେଁ ଆନ୍ଧ୍ର ପ୍ରଦେଶ, ଚେନ୍ନାଇ, ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୁର ଓ ଗୁଜୁରାଟ ପ୍ରଭୃତି ରାଜ୍ୟମାନଙ୍କରେ ଅଧିକ ସଂଖ୍ୟାରେ ଓଡିଆମାନେ ବସବାସ କରି ଆସିଥିଲେ ମଧ୍ୟ ସେସବୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ଓଡିଆ ଭାଷା ସ୍ୱୀକୃତି ପାଇ ପାରିନାହିଁ । ସେ ଦିଗରେ ଆମେ ସମସ୍ତେ ଉଦ୍ୟମ ଜାରି ରଖିବା ଉଚିତ । ଓଡିଆ ଅଧ୍ୟୁଷିତ ସେ ସବୁ ରାଜ୍ୟର ବିଭିନ୍ନ ସ୍ଥାନରେ ଓଡିଆମାନେ ଶ୍ରୀ ଜଗନ୍ନାଥଙ୍କର ରଥ ଓ ବାହୁଡା ଯାତ୍ରା ସମେତ ବୋଇତ ବନ୍ଦାଣ, ହୋଲି ଓ ଦିୱାଲି ଆନନ୍ଦ ମନରେ ପାଳନ କରି ଆସୁଥିଲେ ହେଁ ଆମେ ଓଡିଆମାନେ ସେମାନଙ୍କ ସେହି ଆନନ୍ଦମୁଖର ଉତ୍ସବମାନଙ୍କରେ କ୍ୱଚିତ ସାମିଲ ହୋଇଥାଉଁ । ଓଡିଶାର ସମ୍ବାଦପତ୍ର ବା ଗଣଯୋଗାଯୋଗ ମାଧ୍ୟମ ଗୁଡିକ ସେମାନଙ୍କ ସାଂସ୍କୃତିକ ଉତ୍ସବ ସଂକ୍ରାନ୍ତୀୟ ବିବରଣୀକୁ ବହୁ ବିଳମ୍ବରେ ସ୍ଥାନିତ କରିଥାନ୍ତି କିମ୍ବା ଆଦୌ ସ୍ଥାନିତ କରିନଥାନ୍ତି ।

ଏଥିପ୍ରତି ଆମେ ସମସ୍ତେ ଦୃଷ୍ଟି ନଦେଲେ ବିଭିନ୍ନ ସାଂସ୍କୃତିକ ଓ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଆମେମାନେ ସମ୍ଭବତଃ ପଛରେ ରହିଯିବା, ଏଥିରେ ସନ୍ଦେହ ନାହିଁ ।

ଭି.ଏ. ୨୯/୩, ଭୁବନେଶ୍ୱର ୭୫୧୦୦୯
ଫୋନ – ୪୩୭୦୧୨୧୨୩

ISSN NO.
2582-208X

# ନିଜ ଗ୍ରହଟିକୁ ସତ୍ୟାନାଶ କରି



ପ୍ରଫେସର ସୁଶାନ୍ତ କିଶୋର ବଳ

ନିଜ ଗ୍ରହଟିକୁ ସତ୍ୟାନାଶ କରି*
*ଅଣ୍ଡା ଭିଡୁଛେ ଦୂର ଗ୍ରହେ କରି*
*ଅବତରଣ ଆନଂଦ ଲଭିବା*
*ସେଠାରେ ବସତି କରି !*
*ଆରେରେ ମାନବ ! ହୁଅନା ଟିକିଏ*
*ସମବେଦନଶୀଳ,ଦେଖନା ତମ ବସୁଧା*
*କାଂଦୁଛି କିପରି କଇଂକଇଂ କରି !*
*ଗଢ଼ି ଉଠିଛି ଅଗଣ କଳଖାନା  କୋଣେକୋଣେ  ପୋକମାଛି ପରି !*
*କଳାଧୂଆଂ ଛାଡେ ଉଂଗ୍ର ଚମିନି ପେଟରେ*
*ଘେରିଯାଏ ଉର୍ବୀରେ ସଚରାଚରେ, ବାୟୁମଣ୍ଡଳ ଦିଶେ କଳାବାଦଲ ପରି !*
*ଅମ୍ଳଜାନହୀନେ ଶ୍ବାସକ୍ରୀୟା ବାଧିତ  ,*
*ଫୁସୁଫୁସରେ ଜମା ବହଳଆ କାଳିମା*
*ବଂଦ କରିଦିଏ ରକ୍ତଶୋଧନ ପ୍ରକ୍ରୀୟା*
*ଧଇଂସଇଂ ଲାଗେ, ଶ୍ବାସକ୍ରୀୟା କ୍ଷୀଣ*
*ଚଳପ୍ରଚଳେ ଲାଗେ ଭାରି ଅସ୍ବସ୍ଥ !*
*ସୂର୍ଯ୍ୟରଶ୍ମୀର ନୀର୍ଗତ ଯେଉଁ, ବିଷାକ୍ତ ଜଳ୍ଦ୍ରୟ ତେଜସ୍କ୍ରୀୟତାରୁ*
*ରଖ୍ୟାକରିଥାଏ ଯେଉଂ 'ଓଜୋନ୍' ଆବରଣ*
*ଠିକ୍ ଯେପରି କୃଷ୍ଣଂକୁ ଢାଂକଦେଇଥିଲା*
*ଯମୂନାବକ୍ଷ୍ୟେ ପାରହେଲା ବେଳେ*

ISSN NO.
2582-208X

*ସେହି ଘନଘର୍ଘର ବାରିଦ ଆକ୍ରମଣୁ ! ଆଜି କମିକମି ଆସେ ତା' ଘନତା !*
*ରଖ୍ୟକର ସ୍ୱାସ୍ଥ୍ୟଯେବେ ଅବନ୍ନତି ହୁଏ*
*କଯେ ଆମକୁ ଦେବଯେ ସୁରଖ୍ୟା ? ଚର୍ମଶକ୍ତ, ପାଚନକ୍ରୀୟା, ଦୃଷ୍ଟିଶକ୍ତ*
*ହୋଇକ ନଥାଏ ବହୁଳେ ବାଧିତ !*
*କାରଖାନା ବର୍ଜ୍ୟ, ମାନବ ତ୍ୟଜ୍ୟ*
*(effluent & human rejectables)*
*ମୃତଶରୀର, ରାସାୟନିକ ଦ୍ରବ୍ୟ*
*ପଗ୍ଭଶଢା ଦୃର୍ଗଂଧିତ ବସ୍ତୁ ଯଦି*
*ଅହୋରହ ମିଶେ ନଦୀ, ପୁଷ୍କରଣୀ*
*କେନାଲ, ହ୍ରଦ, ସାଗରବଖ୍ୟେ !*
*ତେବେ କହେବ ପରିସ୍ଥିତି ତାହା*
*ଅତି ଅନାୟାସେ ଅନୁମେୟ ?*
*ଜାଳେଣୀ ସଂଧାନେ ବୃଖ୍ୟକାଟ,*
*ଖଣିଜ ସଂଧାନେ ପର୍ବତ କାଟ,*
*ସୌଧ ନର୍ମାଣେ ଜଂଗଲ କାଟ,*
*ଏସବୁ ହେଲା ନିତିଦିନକଥା କଥା !*
*ମରୁଡି, ଅନାହାର, ଜଂଗଲ କାଟ ଆଉ ଅପ୍ରାକୃତିକ ଜମିଚ୍ୱାଷ କରିଥାଏ*
*ଉର୍ବର ଜମିକୁ ମରୁଭୂମି, ଲବଣାକ୍ତ, ଗ୍ଭଷ ଅନୁପଯୋଗୀ- କହିପାର ବଂଧା !
ପୃଥ୍ୱୀ ବସୁଧାର ଏକ ପଂଚମାଂଶ ଆଜି*
*ହୋଇଅଛି ଗ୍ଭଷପାଇଂ ନୀବାରିତ !*
*ଜାଳେଣି କାଠର ଘୋର ଅଭ୍ୱବ,*
*ବୃଷ୍ଟିଜଂଗଲର ସତ୍ୟାନାଶ,*
*(destruction of rain foresst)*
*ଜଂଗଲ ବୁଧ୍ୱର ଅନାଟନ ,*
*ସାମୂଦ୍ରିକ ପରିପାଶ୍ୱର ପରିବର୍ତନ,*
*ପାନୀୟ ଜଳର ଗ୍ଭହିଦା ଏବଂ ମାନ,*
*ମୃତ୍ତିକା ସଂରଖ୍ୟଣରେ ଧ୍ୟାନାଭ୍ୱବ,*

ISSN NO.
2582-208X

*ଜଳଭଣ୍ଡାରୁ ଅତ୍ୟଧିକ ମତ୍ସ୍ୟ ଉତ୍ପାଦନ,*
*ଉତ୍କଟ ଖାଦ୍ୟାଭାବ ଆଜିର ଦିନରେ*
*ସବୁ ଦେଶ, ସବୁ ମାନବଂକ ମୁଖ୍ୟଚନ୍ତନ !*
*ଯଦି ଆଜିର ଅବସ୍ଥା ଅଟେ ଏହିପରି,*
*ତେବେ କ କରିବେ ଆମ ଭବିଷ୍ୟପିଢ଼ି ?*
*ଜାଣିଶୁଣି ଆମେ ଚକ୍ଷୁ ବଂଦକରି,*
*ଠେଲିଦେଉନା କ ତାଂକୁ ଅଂଧଗହ୍ୱରେ*
*ମୃତ୍ୟୁଜନ୍ତାକୁ ଗଳେ ଲଗାଇବାପାଇଁ ?*
*ଉତ୍କଟ ଆଧୂନକତାର ଦ୍ୱାହି ଦେଇ*
*ଗଢ଼ିଉଠେ କୋଟି କୃଷ୍ଣକାୟ ଧୂମ୍ରାୟିତ ଶବ୍ଦାୟମାନ କଳକାରଖାନା,*
*ବହୁତଳ ସୌଧ, ପଳପଳ ବଂଦର,*
*ଭୂତଳ ଆଣବିକ ପ୍ରୟୋଗ, ପରିଖ୍ୟା*
*ରାସାୟନକ ଅସ୍ତ୍ର, ଜୈବିକ ବୋମା* *ଖ୍ୟୁଧାର ଜ୍ୱଳା, ଭିନ୍ନ ପ୍ରଜାତିର ବିରଳ*
*ସାମୂଦ୍ରୀକ ଜନ୍ତୁ ବଧ୍ୱ, ଅସ୍ତ୍ର ପରୀଖ୍ୟା,*
*ଅସ୍ତ୍ର ପ୍ରତିଦ୍ୱନ୍ଦିଂତା ଆଦି ଆଣିଥାଏ*
*ବିଶ୍ୱ ବସୁଧାରେ ଭୂଚଳନ, କମ୍ପନ,*
*ଆଗ୍ନେୟଗିରି,ବନ୍ୟା,ବାତ୍ୟା,ସୁନାମୀ..ମୌସୁମୀବାୟୁ ଆଉ ଋତୁଚକ୍ରର ପରିବର୍ତନ !*
*ଅଦିନଆ ବୃଷ୍ଟି, ଅତ୍ୟଧିକ ବୃଷ୍ଟି ,*
*ଅଭାବୀ ବୃଷ୍ଟି, ନୀଦାଘର ପ୍ରାବଲ୍ୟ,*
*ଉତ୍ତର ମେରୁ,ଦକ୍ଷିଣ ମେରୁର ଉତ୍ତାପ*
*ବୃଦ୍ଧି ତହିରୁ ଜାତ ବରଫ ସ୍ଖଳନ ,*
*ଭୟଂକର ମେରୁବନ୍ୟା ଓ ହିମଝଡ !*
*ପ୍ରକୃତିର ଅବଖ୍ୟୟେ ଆସେ ରୋଗ , ବଇରାଗ, କୋଭିଡ, କର୍କଟ*
*ଅକାଳ ମୃତ୍ୟୁ, ଅପ୍ରାକୃତିକ ଶିଶୁଜନମ !*
*ମହୋଷଧି ଆଜିଆଉ କାର୍ଯ୍ୟ କରେନାହିଂ !*
*ଶକ୍ତରୁ ଶକ୍ତଶାଳୀ ଔଷଧ ମାଗିଥାଏ !ଜୀବନର ମୁଖ୍ୟାଂଶ ଉପଶମେ କଟିଥାଏ !*
*ମାନସିକ ଅଶାନ୍ତ, ଅସ୍ୱସ୍ଥତା, ବିରାଗେ*

ISSN NO.
2582-208X

*ଜନ ଜୀବନ କଟିକ ନଥାଏ ?*
*କାସ୍ ଯଦି ହୋଇଥାନ୍ତ ମୂଳରୁ ସାବଧାନ*
*ପ୍ରକୃତିକୁ ଦେଇଥାନ୍ତ ଯଥୋଚତ ସନମାନ*
*ଶୁଣିପାରିଥାନ୍ତ ତା ହୃଦୟର କମ୍ପନ*
*ଅଂଗେଅଂଗେ କରିଥାନ୍ତ ହୃଦୟଂଗମ*
*ତା ଅସ୍ତବ୍ୟସ୍ତତା, ବେବସତା, ଲ୍ଗ୍ନରପଣ*
*ତେବେ ସେକ ନେଇ ନଥାନ୍ତା  ଆମ ସଭିଂକୁ ସସ୍ନେହେ, ସାଦରେ ତା' କୋଳେ !*
*କେଉଂ ମା' କ କରିପାରେ ତା' ଉଦରୁଜାତ*
*ସନ୍ତାନ, ସନ୍ତତିଂକୁ ହତାଦର, ଅନାଦର ?*
*ସେ ନଜେବି ଆଜି ଚରମ ଆହତ, ମର୍ମାହତ*
*ଦେଖିତା' ନଜଚକ୍ଷ୍ୟୁରେ ନଜର ଅବକ୍ଷ୍ୟୟ !*
*ଆସନ୍ତନା ସଭିଏଂ ମିଳ, ମିଶିକରି*
*ଏକମନେ ଏକପ୍ରାଣେ ଐକାନ୍ତକେ*
*ଅଶ୍ରୁଳ ନୟନେ ଅନୁତପ୍ତେ କରିବା*
*ତା'କୁ ନୀସର୍ତେ କ୍ଷ୍ୟମାଭିକ୍ଷ୍ୟା !*
*ଆଉ ଯତ୍ନବାନ ହେବା ଫେର୍ଇ ଆଣିବାକୁ*
*ତା' ପୁରୁଣା ଐତିହ, ପୁରୁଣା ଗୌରବ*
*ପୁରୁଣା ଅସ୍ମୀତା, ପୁରୁଣା ସାତ୍ୱୀକତା !*

କଟକ

ISSN NO.
2582-208X

# ନାଉରୀ


ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ନାଉରୀ ବାପୁଡ଼ା
ନାଆ ବାହୁଛି ନିରନ୍ତର
ଗଭୀର ସଂସାର ସାଗର
ଖେଳୁଛି ଉତ୍ତାଳ ତରଙ୍ଗ
ବହୁଛି ପ୍ରବଳ ବାଆ
ନାଆ ଟଳ ମଳ
ଏଇ ଯେମିତି ଲୀନ ହେଇଯିବ
ଅଥଳ ଜଳରେ ।

ମାଡ଼ି ଆସୁଛି ଘନ ଅନ୍ଧାର ରାତି
ଭାସୁଛି ଆକାଶ ବକ୍ଷରେ ମାଳ
ମାଳ କଳା ହାଣ୍ଡିଆ  ମେଘ,
ସେ କି ଜାଣେ ନାଆ ତାର କୂଳରେ
ଲାଗିବ କି ନାହିଁ, ପାରି ହବା ତ ତା
ହାତରେ ନାହିଁ ।

ସେ କେବଳ ନାଆ ବାହିବା ଶିଖିଛି,
ନା ଏ କୂଳ ତା' ର
ନା ସେ କୂଳ ତା'ର
କେବଳ ନାଆ ଟି ତା' ର

ISSN NO.
2582-208X

ସେଇ ନାଆ ତା'ର ସମ୍ବଳ
ତା ଜୀବନର  ମୌଳିକ ଆଧାର
ତା ବର୍ତ୍ତମାନର ଚୁନା ଚୁନା ସ୍ୱପ୍ନ
ଆଉ ଭବିଷ୍ୟତ ଆଶାର ସୂର୍ଯ୍ୟ।

ସେ ଛାତିକି ପଥର କରିଛି
ଭରା ସା କରିଛି  ସେଇ ଆଦେଖା ହାତକୁ
ଆଉ ଆଶା ବାନ୍ଧିଛି
ସେଇ ଅଦେଖା ହାତ ନିଶ୍ଚେ ଧରିବେ
ତା ନାଆର ମଙ୍ଗ
ଆଉ ବାହିନେବେ ତା ନାଆକୁ
ଅଥଳ ସାଗର ଛାତିରେ,,
ନାଆ ତା' ର କୂଳରେ ଲାଗିବ
ଅପସରି ଯିବ ଝଡ଼ ବର୍ଷା ରାତି
ସିନ୍ଦୂରା ଫାଟିବ
ସୁରୁଯ ଉଇଁବ
ବୁଣି ଦେବ ଆଶାର କିରଣ।।

ଶିକ୍ଷୟତ୍ରୀ
କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# କେଁ


ଡକ୍ଟର ବିଜ୍ଞାନୀ ଦାସ

"କାହିଁକି କେଜାଣି କେଉଁ ଦୁର୍ଭାଗ୍ୟ ନେଇ ଜନ୍ମ ହେଇଥିଲି । ପୁଣି ଏଥିରେବି କେଁ ବାହାରିଲା।' ମନକୁ ମନ ବଡ ଅସହାୟତାର ସହିତ ବଡବଡେଇଲା ଚପଳା । ଯେତେ କାମ କଲେବି କାମ ସରିବାର ନାହିଁ । ନ ସରିବାର କାରଣ ଚପଳାର ଭୁଲ୍ ପାଇଁ ନୁହେଁ । ଚପଳା ଯେଉଁମାନଙ୍କ ସହିତ କାମ କରୁଛି ସେମାନଙ୍କର ଭୁଲ୍ ପାଇଁ । ସେଦିନ ଓଜୋନ୍‌ଡାଟାରେ ଗୋଟିଏ ସମସ୍ୟା ବାହାରିଥିଲା । ସେଇଟା କାଲିବ୍ରେସନ୍ ଅର୍ଥାତ୍ ମାପାଙ୍କନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ପାଇଁ । ହେଲେ ଚପଳାକୁହିଁ ଅଧିକ କାମ କରିବାକୁ ପଡିବ ।

ହେଲେବି ଚପଳା ସେମାନଙ୍କ ଉପରେ ରାଗିପାରିବ ନାହିଁ, ଆକ୍ରୋଶ ପ୍ରକାଶ କରିପାରିବ ନାହିଁ; କାହିଁକି ଠିକ୍ ସମୟରେ ଠିକ୍ କଥା କଲନିବୋଲି ଅଭିଯୋଗ କରି ଇମେଲ୍ ଲେଖିପାରିବ ନାହିଁ ।

ଏସବୁ ହେଲା ଯୁକ୍ତରାଷ୍ଟ୍ର ଆମେରିକାରେ ବ୍ୟବସାୟିକ ସଂସ୍କାର । ଠିକ୍ ଯେମିତି ଓଡିଶାରେ ସଂସ୍କାର ଶିଖାଯାଇଥାଏ, ବଡମାନଙ୍କୁ ସମ୍ମାନ କରିବ, ସେମାନଙ୍କ କଥା ମାନିବ; ଅଗାଧୁଆ ଠାକୁରଘରେ ପଶିବ ନାହିଁ, ଜୋତା ପିନ୍ଧି ଘର ଭିତରକୁଯିବ ନାହିଁ । ହେଲେ ଭିତରେଭିତରେ ସବୁ ସଂସ୍କାର ସମସ୍ତେ ଭାଙ୍ଗନ୍ତି । ବେଳେବେଳେ ବଡବଡ ଲୋକମାନେ ମୁଣ୍ଡରେ କୁବୁଦ୍ଧି ଭରିଦିଅନ୍ତି । ସାଇପଡିଶାରେ କଳିଝଗଡା ହେଲେ କେତେ ରକମର ବାଦ

ISSN NO.
2582-208X

ସାଧନ୍ତି । ନହେଲେ କଣ ଭୋଟ୍ ବେଳେ ଏମିତି ସବୁ କିଳଙ୍କାରୀ ଘଟୁଥାନ୍ତା ? ଭୋଟ୍ ପାଇଁ ପ୍ରାର୍ଥୀମାନଙ୍କୁ ନୋଟ୍ ସହିତ ଗୁଣ୍ଡାମାନଙ୍କର ସାହାଯ୍ୟ ନେବାକୁ ପଡନ୍ତା ?

ସେମିତି ଏ ଦେଶରେ ବି ଉପର ପାହ୍ୟାରେ ଥିବା ବ୍ୟକ୍ତିମାନେ ସଂସ୍କାର ଗଢନ୍ତି ଓ ସେମାନଙ୍କ ସୁବିଧା ଅନୁଯାୟୀ ସେ ସଂସ୍କାରକୁ ଭାଙ୍ଗନ୍ତି । ସେସବୁ ସେମିତି ନିତିଦିନିଆ ହୋଇଯାଏ, ଧାରା ପାଲଟିଯାଏ । କରୋନା ଆସିବା ପରେ ଆଜିକାଲି ସବୁଠି ଯେମିତି ଛକାପଞ୍ଝା । ସବୁ କଥାରେ ଜାତିଗତ ପାର୍ଥକ୍ୟକୁ ଆଣି ଥୋଇ ଦେଉଛନ୍ତି । କିଏ କଣପାଇଁ ଅଭିଯୁକ୍ତ ହେଲା, ସେକଥା ବିଚାର ନକରି, ସିଏକଳା କି ଗୋରା, ଚାଇନିଜ୍ କି ମେକ୍ସିକାନ୍, ଏସବୁ ଦେଖାଯାଉଛି ଓ ଦଳୀୟ ଚେତନା ସେସବୁ ସ୍ଥାନରେ ଘନୀଭୂତ ହୋଇ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଯାଉଛି । ଅନ୍ୟ ପକ୍ଷରେଲୋକ ଅପେକ୍ଷା କରିବସିଛନ୍ତି, ଟିକେଟିକେ ଭୁଲ୍ ଦେଖିଲେ ଝୁଣିକରି ଖାଇଯିବେ । ଏଇତ ସୁନନ୍ଦାକୁ ଯେମିତି ଖାଇଗଲେ । ନୂଆବର୍ଷ ୨୦୨୨ ପାଇଁ ଯେତେବେଳେ ଜାନୁୟାରୀ ୧୨ ତାରିଖରେ କଂପାନୀ ତରଫରୁ ଭର୍ଚୁଆଲ୍ ପାର୍ଟି ହୋଇଥିଲା, ସେତେବେଳେ ସେମାନଙ୍କର ମ୍ୟାନେଜର୍ ଜେରାଲଡ୍ ସୁନନ୍ଦାର ଅନେକ ପ୍ରଶଂସା କରିଥିଲେ । ହେଲେ ସେଇ ଜେରାଲଡ୍ ଜାନୁୟାରୀ ୨୪ ତାରିଖ ସୋମବାର ଦିନ ୧୧ଟା ବେଳକୁମିଟିଙ୍ଗ୍ ଡାକି ସମସ୍ତଙ୍କୁ ଜଣେଇଦେଲେ, "ଏବେ ଆମ କଂପାନୀରେ ଆଉ ସୁନନ୍ଦାଙ୍କର ଆବଶ୍ୟକତା ନାହିଁ । ତେଣୁ ସିଏ ଆଉ କଂପାନୀରେ କାମ କରିବେନି । ଏବେ ସବୁ ପ୍ରୋଜେକ୍ଟ ମ୍ୟାନେଜ୍ କରିବେ କାରୋଲିନ୍ ।'

ସମସ୍ତେ ସ୍ତବ୍ଧ । ହଠାତ୍ ଏମିତି ଗୋଟିଏ ନିର୍ଣ୍ଣୟ କେମିତି ନେଇପାରିଲେ ସେମାନେ ? ଏଇଟାକୁ କଣ ଜାତିଗତ ଘୃଣାଭାବ କୁହାଯିବ ? କାରଣ ସୁନନ୍ଦା ଭାରତୀୟ ବଂଶୋଦ୍ଭବ। ଏଇତ, ଜାନୁୟାରୀ ୨୦ ତାରିଖରେ ଚପଳା ଓ ସୁନନ୍ଦା ଗୋଟିଏ ରିଭିଉ ମିଟିଙ୍ଗ୍ ରେ ଥିଲେ; ସେମିତି କିଛି ଜଣାପଡୁନଥିଲା ତ ? ତାପରେ ଯାହାହେଲେବି ଏଠି ଦୁଇ ସପ୍ତାହ ନୋଟିସ୍ ଦେବାର ନିୟମ ଅଛି । ସେମିତି ନୋଟିସ୍ ପାଇଥିଲେ ସୁନନ୍ଦା ତ ନିଶ୍ଚୟ ଜଣେଇ ଥାଆନ୍ତା ।

ISSN NO.
2582-208X

ସେଦିନ ସୁନନ୍ଦାର କଂପାନୀରୁ ବିଦାୟ ବାର୍ତ୍ତା ଦେଇସାରି ଯେତେବେଳେ ଜେରାଲ୍ଡ୍ ପଚାରିଲେ, "ଏ ବିଷୟରେ କାହାର କିଛି ପ୍ରଶ୍ନ ଅଛି ତ ପଚାରିପାର', ସମସ୍ତେ ସ୍ତବ୍ଧ ହୋଇଗଲେ । ଏମିତି ଏକ ଆକସ୍ମିକଭାବେ ଘଟୁଥିବା ଘଟଣାରେ କିଏ କେମିତି ମତ ଦେବେ, ହଠାତ୍ ଜାଣିପାରିଲେନି । ଆଉ ଯେଉଁ ତିନି ଚାରିଜଣ ଭାରତୀୟ ସେ ଗୋଷ୍ଠୀରେ ଥିଲେ, ସେମାନେ ତ ପୂରାପୂରି ଚକିତ ହୋଇ ରହିଗଲେ । ଏ ଘଟଣାରେ କଣ କହିବା ଠିକ୍ ହେବ, କେହି କିଛି ବୁଝିପାରିଲେନି । କେବଳ ଗୋଟିଏ ପ୍ରଶ୍ନ ଉଠେଇଲା ରେବେକା, "ସୁନନ୍ଦା ତ ଅନେକ ସବୁ ପ୍ରୋଜେକ୍ଟ୍ର ଦାୟିତ୍ୱରେ ଥିଲା, ଏବେ ସେସବୁ ପ୍ରୋଜେକ୍ଟ କେମିତି ସମ୍ଭାଳିବାକୁ ପଡିବ ?'

ଉତ୍ତରରେ ଜେରାଲ୍ଡ୍ ପରାମର୍ଶ ଦେଲେ, "ସେସବୁ କାରୋଲିନ୍ ଚିନ୍ତା କରି ଅନ୍ୟମାନଙ୍କୁ ଜଣେଇବେ ।'

ସୁନନ୍ଦାର ବ୍ୟକ୍ତିଗତ ଫୋନ୍ ଚପଳା ପାଖରେ ନଥିଲା । ତେଣୁ ସୁନନ୍ଦା ସହିତ ଯୋଗାଯୋଗ କରିବାର ଅନ୍ୟ କେଉଁ ମାଧ୍ୟମ ବି ନଥିଲା । ସୁନନ୍ଦାର ଆଉ ଜଣେ ସାଙ୍ଗ ଥିଲା ଗୀତା । ଉଭୟ କେରଳର ଗୋଟିଏ କଲେଜ୍ ରେ ପଢୁଥିଲେ । ସେମାନେ ପରସ୍ପର ସହିତ ବ୍ୟକ୍ତିଗତ ସଂପର୍କରେ ମଧ୍ୟ ରହିଥାନ୍ତି । ଏମିତି କି ସାତ ବର୍ଷ ତଳେ ଗୀତାର ଯେବେ ଚାକିରି ପାଇଁ ଇଣ୍ଟର୍‌ଭିୟୁ ଥିଲା, ସେ କମିଟିରେ ଚପଳା ଥିଲା । ଗୀତାକୁ ତ ସେମାନେ ନେବାକୁ ସ୍ଥିର କରିଦେଲେ, ହେଲେ କାଳେ ଗୀତା ଚାକିରିକୁ ନାପସନ୍ଦ କରି ଶୀଘ୍ର ଚାକିରି ପରିବର୍ତ୍ତନ କରିପାରେସେଇ ଆଶଙ୍କାରେସେମାନେ ଗୀତାରସବିଶେଷବ୍ୟକ୍ତିତ୍ୱ ବିଷୟରେ ସୁନନ୍ଦାକୁ ପଚାରି ବୁଝିଥିଲେ । ସୁନନ୍ଦାର ସୁପାରିସ୍ ରେ ଗୀତାକୁ ସେମାନେ ଚାକିରି ଅଫର୍ କରିଥିଲେ ।

ଏବେ ସେଇ ଗୀତା ହିଁ ମାଧ୍ୟମ ଥିଲା, ସୁନନ୍ଦାକୁ ହଠାତ୍ ଏ ଚାକିରିରୁ ବାହାର କରିଦେବାର କାରଣ ସମ୍ବନ୍ଧରେ ଜାଣିବା ପାଇଁ ।

ISSN NO.
2582-208X

ଚପଳା ଗୀତାକୁ ଡାକିବା ପୂର୍ବରୁ ଗୀତା ହିଁ ନିଜ ତରଫରୁ ମେସେଜ୍ କରିଥିଲା ଏକ ସମୟ ସ୍ଥିରକରି କଥାବାର୍ତ୍ତା କରିବା ପାଇଁ । ଜାନୁୟାରୀ ୨୫ ତାରିଖ ମଙ୍ଗଳବାର ଦିନ, ରାତି ୯ଟା ବେଳେସେମାନେ କଥା ହେଲେ । ଗୀତା କହିଲା, "ସୁନନ୍ଦାକୁ ଯେମିତି ଚାକିରିରୁ ତଡି ଦିଆଗଲା, ମତେ ତ ବଡ ଭୟ ଲାଗୁଛି । କଣ କରିବି, କାଲିଠାରୁ ମତେ ନିଦ ହୋଇନି।'

ଚପଳା ପଚାରିଲା, "ତମେ ସୁନନ୍ଦା ସହିତ କଥାବାର୍ତ୍ତା କରିଥିଲ କି ? କଣ ପାଇଁ ତାକୁ ହଠାତ୍ ଏମିତି ତଡି ଦିଆଗଲା ? ମୁଁ ଏ କଂପାନୀରେ କାମ କରିବା ଦିନଠାରୁ ଦଶ ବର୍ଷ ଧରି ତାକୁ ଦେଖିଆସୁଛି । ସିଏ ମୋ ଆଗରୁହିଁ ସେ ପ୍ରୋଜେକ୍ଟ ରେ କାମ କରିଆସୁଛି । ଜଣେ ସଚ୍ଚୋଟ କର୍ମୀ । ତେବେ ଏମିତି କଣ ଘଟିଲା ଯେ, ହଠାତ୍ ଗୋଟିଏ ଦିନ ଭିତରେ ତାକୁ ସେମାନେ ବିଦା କରିଦେଲେ ?'

ଗୀତା – ସୁନନ୍ଦା ନିଜେ ବି ଜାଣେନି କାହିଁକି ଏମିତି ହେଲା । ସିଏ ନିଜେ ବି ଏ ଘଟଣାରେ ଚକିତ । ତେବେ କାରୋଲିନ୍ ସହିତ ତାର ମଝିରେ ମଝିରେ ମନୋମାଳିନ୍ୟ ହେଉଥିଲା, କୌଣସି ବ୍ୟକ୍ତିଗତ କାରଣ ପାଇଁ ନୁହେଁ, ବରଂ ସବୁ ପ୍ରୋଜେକ୍ଟ୍ କୁ କେମିତି କଣ ଚଳେଇଲେ ଭଲ ହେବ, ସେସବୁକୁ ନେଇ । ହୁଏତ ସେ କାରୋଲିନ୍ କିଛି ଏପଟସେପଟ କଥା କହି ସୁନନ୍ଦା ନାଁରେ ଫୋଡିଛି ।

ଏଇ କାରୋଲିନ୍ କୁ ଇଣ୍ଟର୍‌ଭିଉ କରିବା ଟିମ୍ ରେ ବି ଚପଳା ଥିଲା । ଠିକ୍ ଛ ବର୍ଷ ତଳେ କାରୋଲିନ୍ ସେମାନଙ୍କ ଟିମ୍ ରେ ଯୋଗଦେଇଥିଲା । ଆଜି କିନ୍ତୁ ସିଏ ଆଉ ଗୋଟିଏ କଂପାନୀକୁ ଯାଇ ମ୍ୟାନେଜର ହୋଇଗଲାଣି ।

ଚପଳା – ଏମିତି ତ ସବୁ ସମୟରେ ଆଲୋଚନା, ସମାଲୋଚନା ରହିବା ଉଚିତ୍ । ତା ବୋଲି ସେମାନେ ଦୁଇ ସପ୍ତାହ ନୋଟିସ୍ ନଦେଇ ଏମିତି କେମିତି କରିପାରିବେ ?

ISSN NO.
2582-208X

ଗୀତା – ସେଇଟା ତ ମତେ ଭୟଭୀତ କରାଉଛି । ଆଜି ସୁନନ୍ଦା ସହିତ ଏମିତି ହେଲା । କାଲି ମୋ ସହିତ ସେମିତି ହବନି ବୋଲି କିଏ କହିପାରିବ ?

ଚପଳା – ତମେ ଆନନ୍ଦକୁ ସୁନନ୍ଦା ବିଷୟରେ ପଚାରିଥିଲକି ?

ଗୀତା – ନା ।

ଅସଲରେ ଦଶବର୍ଷ ପୂର୍ବରୁ ଆନନ୍ଦ ଏ କଣ୍ଟ୍ରାକ୍ଟ ର ମ୍ୟାନେଜର ଥିଲା । ତେବେ ପାଞ୍ଚବର୍ଷ ତଳେ ସରକାର ନିୟମକଲା ଯେ ଏ କଣ୍ଟ୍ରାକ୍ଟ୍‌ଟି ଗୋଟିଏ ଛୋଟ କଂପାନୀକୁ ଦିଆଯିବ । ଆନନ୍ଦର କଂପାନୀ ତେଣୁ ଜେରାଲ୍ଡ଼୍‌ର କଂପାନୀ ସହିତ ବୁଝାମଣା କରି ସେମାନଙ୍କୁ ପ୍ରପୋଜାଲ୍ ଲେଖିବାରେ ସାହାଯ୍ୟକଲା ଓ ସେ କଂପାନୀ ଏ କଣ୍ଟ୍ରାକ୍ଟ୍‌ଟିକୁ ପାଇଲା । ପାଇଲା ପରେ ଆନନ୍ଦର କଂପାନୀକୁ ସବ୍-କଣ୍ଟ୍ରାକ୍ଟର୍ ଭାବେ ରଖିଲା । ତେଣେ ସମସ୍ତେ ଯେଉଁମାନେ ଆନନ୍ଦର କଂପାନୀରେ ଥିଲେ, ଏବେ ଦୁଇଭାଗ ହୋଇ କିଛି ଜେରାଲ୍ଡ଼୍‌ର କଂପାନୀକୁ ଚାଲିଗଲେ ଓ କିଛି ଆନନ୍ଦର କଂପାନୀରେ ରହିଲେ । ସୁନନ୍ଦା ଜେରାଲ୍ଡ଼୍‌ର କଂପାନୀକୁ ଯାଇଥିଲା । ଉଭୟ ଗୀତା ଓ ଚପଳା ଆନନ୍ଦର କଂପାନୀରେ ରହିଥିଲେ ।

ଆନନ୍ଦକୁ ଡାକି ଏ ବିଷୟରେ ପଚାରିବାଟା ଠିକ୍ ହେବ କି ଭୁଲ୍ ହେବ, ଉଭୟ ବହୁତ ସମୟ ତର୍କକରି ମଧ୍ୟ ବୁଝିପାରିଲେନି । ଆନନ୍ଦର ନିଶ୍ଚୟ ଏ କଣ୍ଟ୍ରାକ୍ଟ୍‌ର କାମକରୁଥିବା ସମସ୍ତ କର୍ମଚାରୀଙ୍କୁ ଡାକି ଏ ବିଷୟରେ କିଛି ବାର୍ତ୍ତା ଦେବାର ଥିଲା । ହେଲେ ସିଏ ତ ସେମିତି କିଛି କରୁନି । ଏମାନେ ଉପରେ ପଡି ତାକୁ କାହିଁକି ପଚାରିବେ ?

ଗୀତା ଆଉ ଗୋଟିଏ ଖବରଦେଲା ଯେ, ସୁନନ୍ଦା ଏ ଭିତରେ ସରକାରୀ ଚାକିରି ପାଇଁ ଆପ୍ଲାଏ କରିଥିଲା । ହୁଏତ ସେଥିପାଇଁ କି କଣ ?

ISSN NO.
2582-208X

କାରଣ ଯାହାବି ହେଉ, ହେଲେ ଭୟ ତ ପଶିଲା ଚପଳା ମୁଣ୍ଡରେ । ଏମିତି ବିନା କାରଣରେ ଚାକିରି ହରେଇବାର ଅଭିଜ୍ଞତା ତାର ଆଗରୁ ଅଛି । ସେସବୁ ସମୟ ଯେ କେତେ ଯନ୍ତ୍ରଣା ଦାୟକ, ତାହା କେବଳ ଭୋଗିଥିବା ଲୋକହିଁ ବୁଝିପାରିବ । ସେସମୟରେ ଚପଳା ଅନଭିଜ୍ଞ ଥିଲା । ଅନଭିଜ୍ଞ ଅର୍ଥ ହେଲା, ନିଜକୁ ସଙ୍କୋଚ ଭାବେ ପ୍ରକାଶ କରିଦେବା । ଯିଏ ଯେଉଁଭାବେ ଯେତେବେଳେ ଯେଉଁ ବିଷୟରେ ତାର ମତାମତ ଲୋଡୁଥିଲେ, ସିଏ ସଙ୍କୋଚ ଭାବେ ନିଜର ମତାମତ ଦେଉଥିଲା । ତା ଭିତରେଯେ ବିଭିନ୍ନ କଣ୍ଟ୍ରାକ୍ଟର୍ ମାନଙ୍କର ସବୁଏମିତି ପ୍ରତାରଣାର ପ୍ରଣାଳୀ ଥାଏ, ସେସବୁ ଚପଳାର ମୁଣ୍ଡରେ ପଶିନଥିଲା । ସରକାରୀ ପ୍ରୋଜେକ୍ଟ୍ର ସମୟ ସମୟରେ ଅନେକ ଅଲଗା କଂପାନୀର କର୍ମଚାରୀ ମିଶି କାମ କରନ୍ତି । ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଯାଏ । ବନ୍ଧୁତା ନହେଲେ, ମଣିଷର ଖୁସି ଆଉ କେଉଁଥିରେ ଯେ ? ଚପଳା ସମସ୍ତଙ୍କ ସହିତ ଉତ୍ତମ ବନ୍ଧୁତାର ସଂପର୍କ ରଖେ । ତେଣୁ ତା' ଟିମରେ ରହିଥିବା ସମସ୍ତଙ୍କୁ ସେମାନେ କେଉଁ କଂପାନୀର କର୍ମଚାରୀ ସେ ବିବେଚନା ନକରି ସାହାଯ୍ୟ କରେ । ଏମିତିରେ ଜଣେ ଅଲଗା କଂପାନୀର କର୍ମଚାରୀ ଆସି ଚପଳାର ଅଧସ୍ତନ ଭାବେ କାମକଲା । ସମୟ ସମୟରେ ପ୍ରଶ୍ନ ପଚାରି ଚପଳାଠାରୁ ସବୁ କାମ ବୁଝିଲା । ଏମିତିକି ତାର ହାତ ଧରି ଚପଳା ତାକୁ ସବୁ ଶିଖେଇଲା । ସେଥିରେ ଚପଳା ବହୁତ ଖୁସି; ଅନ୍ତତଃ ଜଣକୁ କାମ ଶିଖାଉଛି, ଜୀବିକା ଶିଖାଉଛି; ଇଏ ତ ବଡ ମହାନତାର କଥା ।

ହେଲେ ସେଇ ମହାନତା ତା' ପାଇଁ କାଳ ହେଲା । ସେମାନେ କାମ କରୁଥିବା କଣ୍ଟ୍ରାକ୍ଟ୍ର ଯେତେବେଳେ ପାଞ୍ଚବର୍ଷ ପରେ ଟେଣ୍ଡର ଆସିଲା, ଚପଳାର କଂପାନୀ ସହିତ ଆହୁରି କେତେକ କଂପାନୀ ପ୍ରତିଦ୍ୱନ୍ଦୀ ଭାବେ ରହିଥିଲେ । ଚପଳାର କଂପାନୀ ସେବର୍ଷ ସେ କଣ୍ଟ୍ରାକ୍ଟ୍ ପାଇପାରିଲାନି । କିନ୍ତୁ ଚପଳା କାମ ଶିଖାଇଥିବା ବ୍ରାୟାନ୍ର କଂପାନୀ ସେ କଣ୍ଟ୍ରାକ୍ଟ୍ ଜିତିଗଲା । ଏବେ ବ୍ରାୟାନ୍ର କଂପାନୀ ଆଉ ଚପଳାକୁ ସେ କଣ୍ଟ୍ରାକ୍ଟ୍ର ରଖିଲାନି । ଏମିତିକି ବ୍ରାୟାନ୍ ବି କୃତଘ୍ନ ପାଲଟିଗଲା । ସିଏ ତା' କଂପାନୀ ତରଫରୁ ଟିମ୍ ଲିଡର ରହିଲା । କିନ୍ତୁ ଚପଳା ବିଷୟରେ କିଛି ବି ଭାବିଲାନି । କାରଣ, ଚପଳାର ସମସ୍ତ

ISSN NO.
2582-208X

ଦକ୍ଷତାର ପ୍ରତିରୂପ ସେମାନଙ୍କ ପାଖରେ ଥିଲା । ଆଉ ଚପଳାର ଆବଶ୍ୟକତା କଣ ? ତା ପାଇଁ ଯେଉଁ ଉପକାର କରିଥିଲା ଚପଳା, ସେସବୁ ସିଏ ଭୁଲିଗଲା ।

ଚପଳା ନିଜ ଚାକିରି ହରେଇଲା । ମନରେ ବହୁତ କ୍ଷୋଭ ଆସିଥିଲା । ତାପରେ ନୂଆ ଚାକିରିର ସନ୍ଧାନରେ ଥିବାବେଳେ ବିଭିନ୍ନ ପରାମର୍ଶ ଓ ଲେଖାସବୁ ପଢ଼ି ସିଏ ଯାହା ବୁଝିଲା, ନିଜେ ଯେଉଁ କାମ ଶିଖିବ କି ସେଥିରେ ତମେ ଦକ୍ଷତା ଲାଭକରିବ, ସେସବୁକୁ ସଂପୂର୍ଣ୍ଣ ରୂପେ ଆଉ କାହାକୁ ଶିଖାଇବ ନାହିଁ । କାରଣ ଆଉ ଅନ୍ୟ ଜଣେ ଯଦି ତମ କାମ କରିଦେବ, ତେବେ ତମର ଆଉ କଣ ଦରକାର ? ତମେ ସେତେବେଳେ ଅଲୋଡା, ଅଦରକାରୀ ହୋଇଯିବ ।

ଏକଥା ତାର ପ୍ରଥମ ଚାକିରିରେ ଯୋଗଦେବା ସମୟରେ ଜଣେ ସହକର୍ମୀ ମାଇକ୍ ମଧ୍ୟ କହିଥିଲା । ସେତେବେଳେ ସିଏ ନୂଆନୂଆ କାମ ଶିଖୁଥିଲା । ମାଇକ୍ ସେତେବେଳେ ଥାଏ ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେଟର୍ । ଅନେକ ସମୟରେ ତା' ସହିତ ନିଜର ଏକାଉଣ୍ଟସ୍ ସମ୍ବନ୍ଧରେ କଥାବାର୍ତ୍ତା କରିବାକୁ ପଡେ ତାକୁ । ଏଇ ଧର କୌଣସି ସଫ୍‌ଟ୍‌ଓୟାର୍ ଯଦି ଦରକାରହୁଏ, ଚପଳା ପଚାରେ, "ମାଇକ୍, ତମେମତେ ଶିଖେଇଦେଉନ କେମିତି ସେଇଟା ଇନ୍‌ଷ୍ଟାଲ୍ କରିବି । ମତେ ସେଥିପାଇଁ ଅଧିକାର ଦଉନ । ମତେ ଟିକେଟିକେ କଥା ପାଇଁ ତମ ପାଖକୁ ଆସିବାକୁ ପଡୁଛି ଓ ତମକୁ ହଇରାଣ କରିବାକୁ ପଡୁଛି । ମୋରବି ତମକୁ ଅପେକ୍ଷା କରି ସମୟ ଯାଉଛି ଆଉ ତମକୁ ବି ମୋ ପାଇଁ ଅଧିକ କାମ କରିବାକୁ ପଡୁଛି ।'

ମାଇକ୍ ଉତ୍ତର ଦେଇଥିଲା, "ସେଇଟା ମୋ କାମ । ତମ କାମ ଗବେଷଣା କରିବା, ତମେ କର । ତମେ ଯଦି ମୋ କାମ ମଧ୍ୟ କରିବ, ତେବେ ମୋର ତ ଚାକିରି ଯିବ ।'

ମାଇକ୍‌ର ସେଇ କଥା ଓ ଚାକିରି ଖୋଜିବା ସମୟରେ ସେଇ ଯେଉଁ ଶିକ୍ଷା ପାଇଥିଲା ଚପଳା ଏବେ ସିଏ ସବୁ କ୍ଷେତ୍ରରେ ତାହାକୁ ପ୍ରୟୋଗ କରେ । ମାଇକ୍‌ର କଥା ସବୁବେଳେ ସିଏ ବେଦର ଗାର ଭଳି ମନରେ ରଖେ । ନିଜେ ସିଏ ଯେଉଁସବୁ ବିଷୟରେ ଦକ୍ଷ,

ସେସବୁ ସିଏ ଅନ୍ୟକୁ ତ ଶିଖାଏ, କାରଣ ଶିଖେଇବାରେ ତାକୁ ଆନନ୍ଦମିଳେ । ତେବେ ଯେଉଁ ଜିନିଷଟି ସିଏ କରିବାକୁ ଚାହେଁ ଓ ବିଶେଷକରି ନିଜ ଦାନାପାଣି ଯେଉଁସବୁ ଦକ୍ଷତା ଉପରେ ନିର୍ଭର କରେ, ସେସବୁ ଦକ୍ଷତା ସିଏ କାହାକୁ ସଂପୂର୍ଣ୍ଣ ଭାବେ ଶତକଡା ଶହେ ଭାଗ ଶିଖାଏନି । ତାହେଲେ ସିଏ କରିବ କଣ ? ତା ପେଟ ପୋଷିବ କେମିତି ?

ଏବେ ସୁନନ୍ଦାରଏ ମିତି ଭାବେ ଚାକିରିରୁ ବହିଷ୍କୃତହେବା ପରେ ଯାହାବି କିଛି ପ୍ରତିବାଦ ମନ ଭିତରେ ରହେ ଚପଳା ସେସବୁ ପ୍ରକାଶ କରେନି । ହେଇ ଦେଖ ତ, ପଲ୍ କଣ କଲା। ପଲ୍‌ର ଟିମ୍‌ସହିତ ଚପଳାର ଟିମ୍ କାମ କରୁଥିଲା । ହେଲେ ପଲ୍‌ର ଟିମ୍ ଯେଉଁ କଳନବିଧି, ଅର୍ଥାତ୍ ଆଲ୍‌ଗୋରିଦ୍‌ମ୍ ଦେଇଥିଲା, ସେସବୁରେ ନୂଆ, ପୁରୁଣା ମିଶିଯାଇଥିଲା। ଅନେକ ଗୁଡିଏ ଭୁଲ୍ ଯାହାସବୁ ପୁରୁଣା ଆଲ୍‌ଗୋରିଦମ୍ ରେ ଥିଲା, ସେସବୁ ଅସଂଶୋଧିତ ଅବସ୍ଥାରେ ଚପଳାର ଟିମ୍ ପାଇଥିଲା । ହେଲେ ପଲ୍‌ର ଟିମ୍ ର ମେମ୍ବରମାନେ ସେସବୁ ସଂଶୋଧିତ କରି ବ୍ୟବହାର କରୁଥିଲେ । ଏବେ ଯେତେବେଳେ ଚପଳାର ଟିମ୍ ମେମ୍ବର ମାନେ ସେମାନଙ୍କର ଫଳାଫଳ ପଲ୍‌ର ଟିମ୍‌ସହିତ ତୁଳନା କରିବାକୁ ଲାଗିଲେ, ସେଥିରେ ଅନେକ ଅସାମଞ୍ଜସ୍ୟ ପରିଲକ୍ଷିତ ହେଲା । ସେହି ଅସାମଞ୍ଜସ୍ୟର କାରଣକୁ ଅନୁଧ୍ୟାନ କରୁକରୁ ବର୍ଷଟିଏ ବିତିଗଲା । ବର୍ଷକ ପରେ ପଲ୍‌ର ଟିମ୍ ମୁଣ୍ଡରେ ପଶିଲାଯେ ସେମାନେ ଆଲ୍‌ଗୋରିଦ୍‌ମ୍‌ର କିଛି ସଂଶୋଧିତ ଅଂଶ ଚପଳାର ଟିମ୍‌କୁ ଦେବାକୁ ଭୁଲିଯାଇଛନ୍ତି । ଏବେ ଚପଳାର ଟିମ୍ କରେ କଣ ? ଏତେ ସମୟ, ଏତେ ମୁଣ୍ଡବିନ୍ଧା, ଏତେ ଆଲୋଚନା, ପର୍ଯ୍ୟାଲୋଚନା ହେଲା ପରେ ସେମାନଙ୍କ ମୁଣ୍ଡର ଏସବୁ ପଶିଲା । ଏ କୋଭିଡ୍ ସମୟରେ କାହାର ମାନସିକ ପରିସ୍ଥିତି ଠିକ୍ ରହୁନାହିଁ । ତେଣୁ ଏ ଅପରାଧ କ୍ଷମଣୀୟ ବୋଲି ବିଚାରକୁ ନେବାକୁ ପଡିବ । କିନ୍ତୁ ଚପଳାକୁ ବଡ ବିରକ୍ତ ଲାଗୁଥିଲା । ସେ କାମରେ ଏତେ ତାର ମୁଣ୍ଡ ରହିଯାଉଥିଲା ଯେ, ଏମିତିକି ସପ୍ତାହ ଶେଷରେ ଶନିବାର, ରବିବାର ଦିନ ମଧ୍ୟ ତା' ମୁଣ୍ଡରୁ ସେ କଥା ଯାଉନଥିଲା । "କାହିଁକି ଆମ ଫଳାଫଳ ପଲ୍ ଟିମ୍ ସହିତ ମିଶୁନି' ବୋଲି ତା' ମୁଣ୍ଡ ଘାବରାଇ ଯାଉଥିଲା । କୋଉଠି ଭୁଲ୍ ରହିଗଲା, ସେକଥା ସହଜେ ଧରିବା କଷ୍ଟ ହୋଇ ପଡିଥିଲା । ଆଉ ଏତେ ସବୁ ନିରାଶା ପରେ ବରଂ ଡେରିରେ ହେଉ, ପଲ୍‌ର ଟିମ୍ କେମିତି ସେକଥା ମନେ

ISSN NO.
2582-208X

ପକେଇଲା । ନହେଲେ ୨୦୨୧ ଡିସେମ୍ବରର କ୍ରିଷ୍ଟମାସ୍ ବି ସେମିତି ନିରାଶା ଭିତରେ କଟିଥାନ୍ତା ।

ଏବେ ବେଳେବେଳେ ସୁନନ୍ଦା ବିଚାର କରୁଛି । ସିଏ ଶିଖିଥିବା ସମସ୍ତ କାମ ଓ ଦାୟିତ୍ୱ ଅନ୍ୟକୁ ଶିଖାଇଦେବ କି ? ଅନ୍ୟକୁ ସେସବୁ ବିଷୟରେ ତାଲିମ୍ ଦେବ କି ? ତାହେଲେ ତା ନିଜ ଉପରେ ରହିଥିବା ସମସ୍ତ ଦାୟିତ୍ୱର ଭାର ଟିକେ କମ୍ ହୋଇଯାଆନ୍ତା । ନହେଲେ ଏ ଦିନରାତି ମିଶିଲେ ବି କାମ ଯେମିତି ସରିବାର ନାହିଁ । ଯଦିଓ ତା' ଭିତରେ ପ୍ରତିଦିନ ରୋଷେଇ ଚାଲିଛି, ଖିଆପିଆ ଚାଲିଛି, ପରିବାର ଲୋକଙ୍କ ସହିତ ମିଳାମିଶା ଚାଲିଛି, ତଥାପି ଯେମିତି କେଉଁଥିରେ ସରସତା ନାହିଁ । ମୁଣ୍ଡ ଯେମିତି ଭାରାକ୍ରାନ୍ତ ହୋଇରହୁଛି । ଶତକଡା ଶହେଭାଗ ଖୁସି ହୋଇପାରୁନି ସିଏ କେଉଁଥିରେ । ହେଲେ ପୁଣି ମନରେ ଭୟ ସଂଚରି ଯାଉଛି । ଇଏ ଦାନାପାଣି କଥା । ଯଦି କିଛି ଅଘଟଣ ଘଟିଯାଏ ? ଯଦି ଚପଳାର ଆବଶ୍ୟକତା ନରହେ ? ତେବେ ତ ଚପଳାର ଦାନାପାଣି ଯିବ ?

ଫେବୃୟାରୀ ୭ ତାରିଖ । ଏ ସମୟରେ ଟ୍ରେଭର୍‌ଠାରୁ ଗୋଟିଏ ଇମେଲ୍ ଆସିଲା । ଆସନ୍ତାକାଲି ଭିତରେ ନୂଆ ସେଟ୍‌ଲାଇଟ୍ ପାଇଁ କିଛି ଡାଟା ଟେବୁଲ୍ ପ୍ରସ୍ତୁତ କରିବାକୁ ପଡିବ । ସେ ସମ୍ବନ୍ଧରେ ଦିନ ୧୨ଟା ବେଳକୁ ଗୋଟିଏ ମିଟିଙ୍ଗ୍ ରଖିଛିସିଏ । ଚପଳାର ଯୋଗଦେବା ନିହାତି ଜରୁରୀ ।
ମୁଣ୍ଡ ଗରମ ହୋଇଗଲା ଚପଳାର । ଆଜି ତାକୁ ଦୁଇଦୁଇଟି ଡୋକୁମେଣ୍ଟରି ଭିଉ କରି ମତାମତ ଦେବାର ଅଛି । ପୁଣି ସେଥିରେ ଏ ଡାଟା ଟେବୁଲ୍‌ର କେଁ ? ଗତସପ୍ତାହରେ ତ ସେମାନେ ନୂଆ ସେଟ୍‌ଲାଇଟ୍ ପାଇଁ ଡାଟା ଟେବୁଲ୍ ପଠାଇଥିଲେ । ପୁଣି କି ଡାଟା ଟେବୁଲ୍ ?

୧୨ଟା ବେଳକୁ ଯେତେବେଳେ ମିଟିଙ୍ଗ୍ ହେଲା, ଟ୍ରେଭର୍ କହିଲା, "ସରି, ସତକଥା ହେଲାମୁଁ ତମକୁ ପୂର୍ବରୁ ଯେଉଁ ଡାଟା ଟେବୁଲ୍ ଦେଇଥିଲି ଓ ତମେ ଗତ ସପ୍ତାହରେ ଟେଷ୍ଟ୍ କରି ପଠାଇଥିଲ, ସେଥିରେ ମୋ ତରଫରୁ ଟିକେ ଭୁଲ୍‌ର ହିଯାଇଥିଲା । ହେଲେ ତାର

ସମୟସୀମା ଆସନ୍ତାକାଲି ପାଇଁ ଧାର୍ଯ୍ୟ ଅଛି । ଏଇଟା ନିହାତି ଜରୁରୀ ।'

ଚପଳା କଣ କହିବ କିଛି ବୁଝିପାରୁନଥିଲା । ଦିନରାତି ମିଶି ଜମା ଚବିଶି ଘଣ୍ଟା । ସେଥିରେ ଏତେ ଗୁଡିଏ କାମ ଯଦି ଚପଳାକରିବ, ସିଏ ଶୋଇବାକୁ ସମୟ ପାଇବ ତ ? ଖାଇବାକୁ ସମୟ ପାଇବତ ? ରକ୍ଷା ପ୍ରମୋଦ ଭାରତ ଯାଇଛନ୍ତି । ନହେଲେ ରୋଷେଇରୁ ନିସ୍ତାର ନଥାନ୍ତା ।

କିଛି ସମୟ ସିଏ ନୀରବ ରହିଲା । ନୀରବରେ ପ୍ରାଣାୟମ କରି ମନ ହାଲୁକାକଲା । ମିଟିଙ୍ଗ୍ ତ ଜୁମ୍ ରେ ଚାଲିଥିଲା । ଚପଳା ଭିଡିଓ ଖୋଲିନଥିଲା । ତେଣୁ ରକ୍ଷା ।

ସେପଟୁ ଟ୍ରେଭର୍ ପଚାରିଲା, "କଣ କିଛି ସମସ୍ୟା ଅଛି ?'

ଚପଳାର ଇଚ୍ଛାହେଲା କହିଦେଇଥାନ୍ତା, "ସମସ୍ୟା ତ ତମେ । ଯିଏ କୌଣସି ସମୟରେବି ଠିକ୍‌ଭାବେ ଯାଞ୍ଚ କରି କିଛି କରେନି । ଆଉ ସେଥିପାଇଁ ଅନ୍ୟକୁ ବି ଠି କ୍‌ସମୟରେ କିଛି ବି କରିବାକୁ ଦିଏନି ।'

ହେଲେ କଣ୍ଠକୁ ଯଥାସାଧ୍ୟ ସଂଯତକରି ସିଏ ଉତ୍ତର ଦେଲା, "ଠିକ୍ ଅଛି । ସମୟସୀମା ଅତିକ୍ରାନ୍ତ ହେବା ପୂର୍ବରୁ ମୁଁ ଏସବୁ ଶେଷ କରିବାକୁ ଚେଷ୍ଟା କରିବି ।'

ଏ "କେଁ' କୁ ବି ନିୟନ୍ତ୍ରଣରେ ରଖି ସମାଧାନ କରିବାକୁ ପଡିବ । ଯାହାହେଲେ ଇଏ ତ ଦାନାପାଣି କଥା ।

ରଦରେ୍ଫାର୍ଡ ୱେ, ଡେଟନ୍, ମେରୀଲ୍ୟାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସୋଽହଂ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯିଏ ମତେ କହୁ ପଛେ
ଅବତାର, ଅବତରୀ
ଅବା ରସିକ ଶେଖର
ବ୍ରହ୍ମ ଆଉ ଦେହର ବାହାରେ
ସେମାନଙ୍କ ଅର୍ଥ ଆଉ ତତ
ସୀମାରୁ ଊର୍ଦ୍ଧ୍ୱରେ
ମୋ ସତ୍ତା, ମୋ ସ୍ୱପ୍ନ
ଭାବ ସବୁ ମୋର
ଦେହ, ମନ, ଆତ୍ମାରୁ ଊର୍ଦ୍ଧ୍ୱରେ
ଯାକିଯୁକି ମୁଁ ଆଙ୍କେ
ମୋ ସ୍ୱପ୍ନର ସହର

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମୃତ୍ୟୁ ଗଲେ ଛୁଇଁ



ପୁଷ୍ପାଞ୍ଜଳି ପଣ୍ଡା

ହଠାତ ଏମିତି ଜୀବନ ସହିତ
ଟିକକର ବ୍ୟବଧାନ
ସୁନ୍ଦର ନଶ୍ୱର କାମ୍ୟ ଯାହାକୁ
ବୁଝିବା ଅବୁଝାପଣ।।
ଧାଇଁବା, ଦେଖିବା, ଭିଡ଼ରୁ
ବାହାରି ଠିଆହୁଏ ଆସ୍ତେ ଆସି
ବ୍ୟସ୍ତ ବିବ୍ରତ ମୃତ୍ୟୁ ପଥରେ
ଚାଲୁ ଥାଏ ହସିହସି।।
ବଞ୍ଚିଛି ବୋଲି ମୁଁ ବୁଝିଲା ବେଳକୁ
ସବୁ ଲାଗୁଥାଏ ଶେଷ
ବାଟ ଅବାଟରେ ଦୁନିଆ ଦେଖାଏ
ଆପଣା ପଣର ବେଶ।।
ଚାରିପାଖେ ବୁଲି କହିବା ପାଇଁ କି
ଆକୁଳ ବିକଳମନ
ଦେଖିବା ପାଇଁକି ଆଉ ଏ ଆଖିରେ
ଲୋଡ଼ା ପଡେନି ସପନ।।
ଏତେ ପାଖଦେଇ ମୃତ୍ୟୁ ଗଲେ ଛୁଇଁ
ବଦଳି ଯାଏ ଜୀବନ
ହଠାତ ଆହୁରି ସୁନ୍ଦର ଦିଶନ୍ତି
ପ୍ରିୟ ଲାଗେ ପର ଜନ।।
କିଛିଟା ଆଶ୍ୱସ୍ତ କିଛି ଟା ବିଶ୍ୱାସ

ISSN NO.
2582-208X

ବିଭୁ ଭରସାକୁ ନେଇ
ଜୀବନମୃତ୍ୟୁ  ଖେଳରେ ଜିତି ବି
ଭୟ ହେବାକୁ  ବିଦେହୀ। ।
ସହଜ ଗତିରେ ପୁଣି ଗଡି ଚାଲେ
ଶରୀର ଶେଷାଙ୍କ ଯାଏ
ସବୁ ଥକ୍କାପଣ ଭୁଲି ଖେଳୁଥାଏ
ମଶାଣିର ଯାତ୍ରାଯାଏ। ।

ଯୋଜନା ଓ ସମନ୍ୱୟ ବିଭାଗ
ଓଡ଼ିଶା ସରକାର

ISSN NO.
2582-208X

# ଜହ୍ନର ଜୋଛନା



ଡଃ ମାଙ୍ଗଳକା ମହାପାତ୍ର

ଜହ୍ନ ରେ ଜହ୍ନ
ନେଲୁ ତୁ ଯେବେ
କଇଁ ର ମନ...
ତା ପାଖେ ଦେଲୁ ସମର୍ପି
ତୋ ସାରା ଜୀବନ...

ରାତି ସାରା ପ୍ରିୟତମା ଲାଗି
ରହିଲୁ ତୁ ଚାହିଁ...
ଦିନରେ ସୂରୁଜ ପଛେ ଦେଲୁ
ମୁଁହ ତୁ ଲୁଚେଇ...

ଜୋଛନାର ସ୍ନିଗ୍ଧତାରେ
ସାରା ବିଶ୍ୱକୁ ଆଲୋକିତ କରି
କଳଙ୍କକୁ ତୋର ଲୁଚାଇଲୁ
ସଭିଙ୍କ ମନକୁ ପ୍ରୀତିରେ ଭରି...

ମିଳନରେ ଆସିଲା ତୋ ଦେହେ
ପୁନେଇଁ ର ପୂର୍ଣ୍ଣତା...
ବିରହରେ ପାଇଲୁ ଆକାଶେ
ଅମାବାସ୍ୟାର ଶୂନ୍ୟତା...

ISSN NO.
2582-208X

ଦେଖିଦେଲେ ତତେ
ମନ ଯାଏ ପୁରି
ହୃଦୟେ କରି ଘର
ରହିଛୁ ସବୁରି...

ଜହ୍ନରେ ଜହ୍ନ
ତତେ ଖୋଜେ ଏ ମନ
କି ରାତି କି ଦିନ
ତୋ ଲାଗି ଦେଖେ ସପନ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# କାଚ କାଞ୍ଚନ



ଡକ୍ଟର ମଧୁସ୍ମିତା ମିଶ୍ର

ମନେ ପଡେ ସେତେବେଳେ ପୁଅ ବାବଲୁ ପାଖକୁ ଯାଇଥିଲା । ସ୍ୱାମୀ ନୀରଜ ବାରମ୍ବାର ବାବଲୁ ର ଦେହ ଖରାପ ହେତୁ ତାକୁ ମାନେ ବର୍ଷା କୁ କିଛି ଦିନ ପାଇଁ ପଠାଇଥିଲେ। ବାବଲୁ ସିଫ୍ଟ ଡିଉଟୀ ରୁ ଫେରି ଶୋଇ ପଡେ। କେତେ ବା ବୟସ ହେବ, ମାତ୍ର ତେଇଶି ବର୍ଷ ରେ ଚାକିରୀ । ସେ ଶୋଇଥିବା ବେଳେ ବାହାରୁ ତାଲା ଦେଇ ସକାଳୁ ସକାଳୁ ଗାଧୋଇ ପଡି ଅନତି ଦୂର ରେ ଥିବା ଜଗନ୍ନାଥ ମନ୍ଦିର ଯିବା ର ଦୁର୍ଲଭ ସୁଯୋଗ କୁ ବର୍ଷା ହାତଛଡା କରିବାକୁ ପଛାଏନି ।

ସେଦିନ ବି ସେମିତି ଜଗନ୍ନାଥ ଦର୍ଶନ ସାରି ଫେରିବା ବାଟ ରେ ମୋବାଇଲ ଟା ବାଜି ଉଠିଥିଲା । ହାଇ ବର୍ଷା, କଣ ଚିହ୍ନି ପାରୁନୁ କି, ମୁଁ ଅଜିତ, ନୀରଜ ର ସାଙ୍ଗ ଅଜୁ ।

ହଁ, ହୁଆଟ ଏ ପ୍ଲେଜାଣ୍ଟ ସରପ୍ରାଇଜ । ହଠାତ୍ ଏତେ ସକାଳୁ ସକାଳୁ । କେମିତି ମନେ ପଡିଲି, ଜାଣି ପାରେ କି ?

ଆରେ ତୁ କହିବୁ ନା ତୋର କଣ ଦେହ ଖରାପ ହେଇଛି, ମୋତେ କାଲି ସନ୍ଧ୍ୟା ରେ ନିର ଫୋନ୍ କରି ଜଣାଇଥିଲା।

ମୋତେ କହିଲୁ ପ୍ରକୃତ ରେ ତୋର ନିର୍ଦ୍ଦିଷ୍ଟ କଣ ଅସୁବିଧା ହେଇଛି ? ମୁଁ ଯଦି କିଛି ସାହାଯ୍ୟ କରିପାରେ, ଅଜୁ ସେପଟୁ କହୁଥିଲା ।

ISSN NO.
2582-208X


ଊଏଟ, ଓଃ ସୋ ମଡେଷ୍ଟ । ବାହାଦୁରି ଦେଖ, ତୁମ ପରି ହାଇ ଡିମାଣ୍ଡ ରେ ଥିବା ଡାକ୍ତର ଯେ ଆମକୁ ମନେ ରଖିଛ ଆଉ ସମୟ କାଢି କଲ କରି ପାରୁଛ, ସେଇଟା ଆମ ସୌଭାଗ୍ୟ ଆଉ ସେଥିପାଇଁ ଅଶେଷ ଧନ୍ୟବାଦ।

ବର୍ଷା କଥା ଶୁଣି ଅଜୁ କହିଲା, ହଉ ଛାଡ ସେ ସବୁ ଥଟ୍ଟା, ମଜା କଥା । ମୋ ପାଖରେ କମ ସମୟ । ତୁ କହିଲୁ ଆଗ, ତୋ ଦେହ କେମିତି ଅଛି ।

ହଁ, ବ୍ଲଡ୍ ପ୍ରେଶର୍ ବେଶ ହାଇ ରହୁଛି ଆଉ ସୁଗାର ମଧ୍ୟ ନିୟନ୍ତ୍ରଣ ରେ ରହୁନି। ସେଥିପାଇଁ କି କଣ ଜାଣିନି, ମୁଣ୍ଡ ଟା ବେଳେବେଳେ ବହୁତ ବୁଲାଉଛି । ମଝିରେ ମଝିରେ ଧଇଁ ପେଲିଲା ଭଳି ଲାଗୁଛି । କହିଲା ବର୍ଷା । ଆଉ ପିଠି ଟା ଅନବରତ ବିନ୍ଧା ହେଉଛି। ଏ ତ ଅତି ସାଧାରଣ କଥା, ଏଥିପାଇଁ ତୁମକୁ କାହିଁକି ଯେ ଇୟେ ମାନେ ନୀରଜ ହଇରାଣ କଲେ ମୁଁ ବୁଝି ପାରୁନି। ନଥିଙ୍ଗ ସିରିୟସ ।

ବର୍ଷା, ସେ ଫାଜିଲାମି କଥା ଛାଡ। ମୁଁ କାଲି ଭିଲାଇ ଯାଉଛି ଗୋଟେ ମେଜର ସର୍ଜରୀ ପାଇଁ ଅନ୍ କଲ୍। ମୁଁ ନିର୍ମଳ ହସ୍ପିଟାଲ ର ଗେଷ୍ଟ ହାଉସ ରେ ରହିବି। ତୁ ଠିକ୍ ଦିନ ଚାରିଟା ବେଳକୁ ଆସି ମୋତେ ଦେଖା କରିବୁ । ହଁ ତୋ ପାଖରେ ଥିବା ସବୁତକ ରିପୋର୍ଟ ଆଣିବୁ । ମୁଁ ଦେଖିବା ପରେ ଯାହା ଦରକାର ଆଉ ପରୀକ୍ଷା ନିରୀକ୍ଷା କଥା କହିବି।

ଫୋନ ରଖିବା ପରେ ବର୍ଷା ମନେ ମନେ ବିରକ୍ତ ହେଲା । ସବୁବେଳେ ତା ସ୍ୱାମୀ ନୀରଜ ତାକୁ ନ ପଚାରି ତା ସମ୍ପର୍କ ରେ ଏପରି ନିଷ୍ପତ୍ତି ନେବା ତାକୁ କେବେ ବି ଭଲ ଲାଗେନି ।

କିନ୍ତୁ ଯଦି ଏ ବିଷୟ ରେ ସେ ନୀରଜ କୁ ପଚାରିବ ତେବେ ସେ ବର୍ଷା କୁ ତା ଅଯୌକ୍ତିକ ଯୁକ୍ତି ରେ ବୁଝାଇବାକୁ ଅଣ୍ଟା ଭିଡି ବାହାରିବ। ଏପରି ଅଯଥା କଥା ରେ ମୁଣ୍ଡ ଓ ସମୟ ବ୍ୟୟ କରିବାକୁ କାହିଁକି କେଜାଣି ବର୍ଷା କୁ ମୋଟ ଉପରେ ଭଲ ଲାଗେନି।

ତାକୁ ଆସି ପଞ୍ଚାବନ ବର୍ଷ ବୟସ ହେଲାଣି । ଯେତେ ଲୋକ ଚିହ୍ନିଲେ ବି ଅନେକ ଚିହ୍ନା ଲୋକ ତାକୁ ବେଳେ ବେଳେ ବଡ ଅଚିହ୍ନା ମନେ ହୁଅନ୍ତି। ତେଣୁ ସେ ଏପରି ଫୁଟାଣିଆ ଲୋକଙ୍କ ଠାରୁ ନିଜ କୁ ଦୁରାଇ ରଖିବାକୁ ଶ୍ରେୟସ୍କର ମନେ କରେ।

କିନ୍ତୁ ନିର ସବୁବେଳେ କୁହନ୍ତି, ଶୁଣ ବର୍ଷା, ଆଜିକାଲି ତୁମେ ଲୋକଙ୍କ ଠାରୁ ନିର୍ଭେଜଲାମି ଆଶା ନ କରି ବାସ୍ତବିକତା କୁ ଆପଣେଇ ନେବା ଉଚିତ। ସେ ସବୁ ଆପେକ୍ଷିକତା କୁ ଗୋଟେ ପଟ କୁ ରଖି ଦେଇ ଯାହା ପାଖରେ କାମ ଅଛି ଆଦାୟ କରିବା କଥା।

ନୀରଜ ଓ ବର୍ଷାଙ୍କର ପିଲା ଦିନ ର ସାଙ୍ଗ ଅଜିତ । ଏକାଠି ପ୍ଲସ ଟୁ ସାଇନ୍ସ ପଢୁଥିଲେ। ତାପରେ ନୀରଜ କମର୍ଷ, ଓ ମ୍ୟାନେଜମେଣ୍ଟ କଲେ ଆଉ ଅଜୁ ଡାକ୍ତରୀ ପଢି ଆଜି ଦିଲ୍ଲୀ ରେ ନାମକରା ହାର୍ଟ ସ୍ପେଶ୍ୟାଲିସ୍ଟ ଡକ୍ଟର ଅଜିତ କୁମାର ମହାପାତ୍ର । ବର୍ଷା ଅଧ୍ୟାପନା ଲାଇନ ରେ ଯିବା ପରେ ନୀରଜ କୁ ବାହା ହୋଇଥିଲା।

ମନେ ପଡେ ନୀରଜ ଟୁର ରେ ଯାଇଥିଲେ, ହଠାତ୍ ସାଙ୍ଗ ସିତେଶ ଙ୍କ ସହ ଅଜୁ ଆସି ତା ଘରେ ପହଞ୍ଚିଥିଲେ । କାରଣ ତାଙ୍କ ଏକମାତ୍ର ପୁଅ ର ବ୍ରତଘର ଥିଲା । ନିମନ୍ତ୍ରଣ କରିବାକୁ ଆସିଥିଲେ।

ହେ ଅଜୁ, ଏତେବଡ ଡାକ୍ତର ହେଇ କଣ ମ ତୁମେ ସିତେଶ ମଟର ସାଇକେଲ ରେ ବୁଲି ବୁଲି ନିମନ୍ତ୍ରଣ କରୁଛ, ଇଆଡେ ଏତେ ଦାମିକିଆ ଫାଇଭ ଷ୍ଟାର ହୋଟେଲ ରେ ବ୍ରତଘର କରୁଛ। ଅନ୍ତତଃ ଟ୍ୟାକ୍ସି ଟିଏ ତ କରି ବୁଲି ପାରନ୍ତ । ତୁମ ଷ୍ଟାଟସ କୁ ସୁନ୍ଦର ଦିଶୁନି, କହିଥିଲା ବର୍ଷା।

ବର୍ଷା, ତୁ ପିଲାଦିନେ ଯେମିତି ଥିଲୁ ସେମିତି ରହିଗଲୁ। ଆରେ ଅଜୁ କୁ ସୁବିଧା ହେବ ବୋଲି ମୁଁ ତାକୁ ମୋ ମଟରସାଇକେଲ ରେ ବୁଲାଉଛି, ସିତେଶ କହିଲା।

ଅଜୁ ହସି ଦେଇ କହିଲା, ଆରେ ବର୍ଷା ର ଏହି ରୋକଠୋକ କଥା ପାଇଁ ପରା ନୀରଜ ତା ପାଇଁ ପ୍ରେମପାଗଳ ହେଇଥିଲା।

ISSN NO.
2582-208X

ସେ ଯାହା ହେଉ, ନିର୍ଦ୍ଧାରିତ ଦିନ ନୀରଜ ଓ ବର୍ଷା ଅଜୁ ପୁଅ ବ୍ରତ ଘର ରେ ଯୋଗ ଦେବା ପାଇଁ ଯାଇଥିଲେ। ଯଦିଓ ସେଠାରେ ପ୍ରମୁଖତଃ ଅଜୁ ଘର ଲୋକ ଥିଲେ ଓ ଅଳ୍ପ କିଛି ଘନିଷ୍ଠ ସାଙ୍ଗମାନେ ଥିଲେ ତଥାପି ବର୍ଷା କୁ କେମିତି କେଜାଣି ଅଜୁ ଆଉ ତା ସ୍ତ୍ରୀ ସିପ୍ରାଙ୍କର ବ୍ୟବହାର ବଡ ବେଖାପିଆ ମନେ ହୋଇଥିଲା ।

ଏହା ଭିତରେ ବହୁତ ଦିନ ବିତି ଯାଇଛି। ସେଦିନ କଲେଜ ରୁ ଫେରିଲା ବେଳକୁ ନୀରଜ ଚଞ୍ଚଳ ଘରକୁ ଫେରି ଆସିଥିଲେ । କାଲି ରାତି ରେ ଘରେ ରନ୍ଧା ରନ୍ଧି ବନ୍ଦ।

ନୀରଜ କଥା ଶୁଣି ବର୍ଷା ପଚାରିଲା, କଣ ଏମିତି ହେଲା କି ? ଆସନ୍ତା କାଲି କୁଆଡେ ରାତ୍ରୀ ଭୋଜନ ଅଛି କି ? ପୁଣି ସମସ୍ତେ ।

ନୀରଜ ହସିଲା, କହିଲା, ଆରେ ଆମ ଅଜୁ ଆଉ ସିପ୍ରା ଆସିଛନ୍ତି ତ । ସେଥିପାଇଁ ଭାବିଲି, ଆମେ ସମସ୍ତେ ବାହାରେ ଡିନର କରିବା।

ଆଚ୍ଛା, ଖାଲି ଅଜୁ ପରିବାର ଆଉ ଆମେ ନା ଆଉ କିଏ ଅଛନ୍ତି ବର୍ଷା, ତୁମର ଏହି ପ୍ରକୃତି ଆଉ ଗଲାନି । ତୁମେ କଥା ଟା ଖୋଳିତାଡି ବାହାର କରିବ ହିଁ କରିବ।

ହଁ, ଆମ କଲେଜ ସାଙ୍ଗ ତରୁଣ ଆଉ ତା ସ୍ତ୍ରୀ ଶିଳ୍ପା ମଧ୍ୟ ଆସିବେ।

ଅଜୁ କଥା ଶୁଣି ବର୍ଷା କହିଲା, କିନ୍ତୁ ମୋର ଯେତେ ଦୂର ମନେ ଅଛି, ତରୁଣ ତ ଅଜୁ ଆଉ ତୁମମାନଙ୍କ ସାଙ୍ଗ ଗୋଷ୍ଠୀ ରେ ନ ଥିଲା । ହଠତ୍ କେମିତି ଉଭା ହେଇଗଲେ ? ଯତିପାତ ଟା ମୋ ମୁଣ୍ଡ ରେ ପଶୁନି । ଟିକିଏ ସରଳ ଭାଷା ରେ ବୁଝାଇଦେବ କି ?

ଆରେ, ଅଜୁ ଯେତେବେଳେ ଲଣ୍ଡନ ରେ ହାର୍ଟ ରେ ସୁପର ସ୍ପେଶିଆଲାଇଜସନ ପାଇଁ ବହୁ ଦିନ ଧରି ଥିଲା ସେତେବେଳେ ତରୁଣ ମଧ୍ୟ ଲଣ୍ଡନ ରେ ପିଏଚଡ଼ି କରୁଥିଲା। ତେଣୁ ସେମାନେ ପରସ୍ପର କୁ ସେତିକିବେଳୁ ଜାଣିଛନ୍ତି।

ISSN NO.
2582-208X

କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି ।

ବର୍ଷ କଥା ଶୁଣି ନୀରଜ ପଚାରିଲା , ମୁଁ ଜାଣିପାରେ କି କଣ ସେ ସର୍ତ୍ତ ଟା ?

ଆସନ୍ତା କାଲି କାର୍ତ୍ତିକ ମାସ ପଞ୍ଚୁକ ସୋମବାର, ତେଣୁ ଘରେ ମୁଁ ରାନ୍ଧିବି । ସେମାନଙ୍କୁ ଡାକିବ ଘରେ ସମସ୍ତେ ଟିକିଏ ଫ୍ରି ଲି ବସିବା ଆଉ ଖିଆ ପିଆ, କଥାବାର୍ତ୍ତା କରିବା। କଣ କହୁଛ ।

ଓଃ ରିଅଲ୍ଲୀ, ନଟ ଏ ବ୍ୟାଡ ଆଇଡିଆ ।

ତା ପର ଦିନ ସନ୍ଧ୍ୟା ବେଳ କୁ ସମସ୍ତେ ବର୍ଷା ଓ ନୀରଜ ଘରେ ଏକାଠି ହୋଇଥିଲେ। ବର୍ଷା ବହୁତ ଭଲ ରାନ୍ଧେ ବୋଲି ସମସ୍ତେ ପ୍ରାୟ ମାସକରେ ଥରେ ଅଧେ ନୀରଜ ଘରେ ଖିଅପିଆ କରନ୍ତି ଆଉ ଭୂରି ଭୂରି ପ୍ରଶଂସା କରନ୍ତି । ସେଦିନ ମଧ୍ୟ ବର୍ଷା ବହୁତ ମନ ଦେଇ ରାନ୍ଧିଥିଲା । ବିନା ପିଆଜ ରସୁଣ, ସମ୍ପୂର୍ଣ ନିରାମିଷ ରେ ରାନ୍ଧିଥିଲା। ପ୍ରଥମେ ଆସିଥିଲେ, ତରୁଣ ଓ ତାଙ୍କ ସ୍ତ୍ରୀ ଶିଲ୍ପା, ସାଙ୍ଗରେ ଥିଲା ତାଙ୍କ ପୁଅ ଟୁବୁନ୍।

ଭାରି ମେଳାପୀ ଦମ୍ପତ୍ତି। ବାବୁଲ ଆଉ ତରୁଣ ଙ୍କ ପୁଅ ଟୁବୁନ ସଙ୍ଗେ ସଙ୍ଗେ ସାଙ୍ଗ ହେଇ ଖେଳ ରେ ମାତି ଗଲେ। ପ୍ରାୟ ନଅ ଟା ବେଳକୁ ଆସିଥିଲେ ଅଜୁ ଆଉ ତାଙ୍କ ଡାକ୍ତରାଣୀ ପତ୍ନୀ ସିପ୍ରା। ଆଜି ମଧ୍ୟ ସ୍ପଷ୍ଟ ମନେ ଅଛି ସେତେବେଳେ ସେମାନଙ୍କର ସାଧାରଣ ଚଳଣି ଥିଲା।

ତୁମର ଡିନର ସେଟ ନାହିଁ ? ପଚାରିଥିଲା ସିପ୍ରା, ବର୍ଷା କୁ ଚାହିଁ । ଏମିତି କଣ ବେଲା, ଗିନା ରେ ଖାଇବା ଥୁଆ ହେଇଛି।

ଏପରି ଅଚାନକ ପ୍ରଶ୍ନ ରେ ଅପ୍ରସ୍ତୁତ ହୋଇ ପଡିଲା ବର୍ଷା। ସଚେତନ ହେଇ ଭାବିଲା, ସତରେ ସେ ତ କେବେ ଏ ଦିଗରେ ଧ୍ୟାନ ଦେଇନି। ଏତେ ଲୋକ ବେଳ ଅବେଳ ରେ ତା

ISSN NO.
2582-208X

ଘର କୁ ଆସି ଖିଆ ପିଆ କରି ଯାଇଛନ୍ତି। କିନ୍ତୁ ଏ ପ୍ରସଙ୍ଗ କେବେ ଉଠିନି । ସେ କଣ କହିବାକୁ ଯାଉଥିଲା।

ଆରେ କୋଉଥିରେ ରେ ରନ୍ଧା ଖାଦ୍ୟ ରଖା  ହେଇଛି, ତା ଠାରୁ ବଡ କଥା ହେଲା, ଖାଦ୍ୟ କେମିତି ହେଇଛି, କହି ଶିଲ୍ପା ଘଟଣା ଟି  କୁ ସମ୍ଭାଳି ନେବାକୁ ଚେଷ୍ଟା କଲା ।

ପ୍ରଥମେ ବାବଲୁ ଆଉ ଟୁବୁନ ଙ୍କୁ ଖାଇବାକୁ ବାଢି  ଦେଇ ବର୍ଷା ଅନ୍ୟମାନଙ୍କୁ ବାଢିବାକୁ ଆରମ୍ଭ କରିବାକୁ ଗଲା ବେଳକୁ  ଅଜୁ ପରିସ୍ଥିତି ର ଗାମ୍ଭୀର୍ଯ୍ୟ ବୁଝିପାରି କହିଲେ, ଆରେ ବର୍ଷା, ତୁ ଏକାଠି ସମସ୍ତ ଙ୍କ ପାଇଁ ବାଢିଦେ, ଯାହା ର ଯାହା ଦରକାର ସେ ନିଜେ ନିଜେ ପରେ ନେଇଯିବେ। ସବୁ ଖାଦ୍ୟ ତ ଏଇଠି ଟେବୁଲ ଉପରେ  ଅଛି।

ଖାଇବାକୁ ଯାଉଯାଉ  ସିପ୍ରା କହିଲା, ଚିକେନ କାହିଁ, ଆଉ ଏଇ ଡିସ ଟା କଣ ?

ବର୍ଷା କିଛି କହିବା ଆଗରୁ ଶିଲ୍ପା କହି ଉଠିଲା, ଆରେ ଏଇଟା  ବେସର। ଆଜି ପରା କାର୍ତ୍ତିକ ସୋମ ବାର ସେଥିପାଇଁ ବୋଧହୁଏ ବର୍ଷା ସବୁ ନିରାମିଷ ରାନ୍ଧିଛନ୍ତି।

ହଁ, ସେଇଆ ନୁହେଁ ତ ଆଉ କଣ, ଆମ ସାଙ୍ଗମାନଙ୍କ ଭିତରେ ବର୍ଷା ରୋଷାଇ ର ଭାରି ଚର୍ଚ୍ଚା । ସମସ୍ତେ ତାରିଫ କରି କୁହନ୍ତି ଯେ ବର୍ଷା ରନ୍ଧା ଯିଏ ଥରେ ଖାଇଛି ସେ କେବେ ବି ଭୁଲି ପାରିବନି, କହିଲେ  ଅଜୁ ।

ହଁ ଠିକ କଥା କହିଛୁ ଅଜୁ, ପ୍ରକୃତ ରେ ସାଧା ରେ ଏତେ ସୁନ୍ଦର ରନ୍ଧା ହେଇଛି, ଖାଦ୍ୟ ସତରେ ଭାରି ସୁସ୍ୱାଦୁ ହେଇଛି, କହିଲା ତରୁଣ ।

ଜୋକ ମୁହଁ ରେ ଲୁଣ ଦେବା ପରି ସିପ୍ରା  ଚୁପ ରହିଲା। ତାକୁ ବୋଧହୁଏ  ସାଧା ଖାଦ୍ୟ ଭଲ ଲାଗୁ ନ ଥିଲା। କିନ୍ତୁ ଅନ୍ୟ ସମସ୍ତେ ହାତ ଚାଟି ଚାଟି ଖାଇଥିଲେ। ରାତି ଏଗାର ଟା ବାଜି ଯାଇଥିଲା । ସେମାନେ ଚାଲି ଯାଇଥିଲେ।

ISSN NO.
2582-208X

ଆଜି ମଧ୍ୟ ପରିଷ୍କାର  ମନେ ଅଛି, ତା  ଆର ଦିନ ସକାଳୁ ଚା ପିଇଲା ବେଳକୁ ନୀରଜ ଏହି ପ୍ରସଙ୍ଗ ଉଠାଇ କହିଲା, ପଇସା ଥିଲେ, ଷ୍ଟାଟସ ଥିଲେ କଣ ହେବ, କାଲି ରାତି ରେ ସିପ୍ରା ର ବ୍ୟବହାର କିନ୍ତୁ ଆଦୌ ଭଲ ଲାଗିଲାନି ।

ଏ ପ୍ରସଙ୍ଗ ରେ ଆଲୋଚନା କରି  ଆମ ଘର ର ପରିବେଶ ଅଶାନ୍ତ ନ କଲେ ଭଲ ହେବ। କାରଣ ସେ ତ ଯାହା କଲା, ଛାଡ, ଆମେ କାହିଁକି ତା ବିଷୟ ରେ କଥା ହେଇ ତାକୁ ଆହୁରି ପ୍ରାଧାନ୍ୟ ଦେବା ? ଆମେ ଆହୁରି ଏ ଘଟଣା ରୁ ଶିକ୍ଷା ଲାଭ କଲେ ଯେ ମଣିଷ ଉଚାରଣ ରେ ବଡ ନ ହୋଇ ଆଚରଣ ରେ ମହାନ୍ ହେବା ଉଚିତ।

ବରଂ ସେ କଥାରେ ପୂର୍ଣଚ୍ଛେଦ ପକାଇଦେଲେ ଭଲ ହେବ। ଏତିକି କହି ବର୍ଷା ଉଠି ଯାଇଥିଲା ।

ପରେ କିନ୍ତୁ ଅଜୁ ଦିଲ୍ଲୀ ଫେରି ଯିବା ପୂର୍ବରୁ ନିଜେ ଆସି ନୀରଜ ଅଫିସ ରେ  ସିପ୍ରା ବ୍ୟବହାର ପାଇଁ କ୍ଷମା ମାଗିଥିଲେ । କିନ୍ତୁ ଏ କଥା ନୀରଜ ବହୁ ଦିନ ପରେ ବର୍ଷା କୁ ଜଣାଇଥିଲା।

ପରେ ଥରେ  ସିତେଶ ଘରକୁ ଆସିଥିଲାବେଳେ ଗପିଥିଲା, ଅଜୁ ସ୍ତ୍ରୀ ସିପ୍ରା ବିଷୟ ରେ। ସେ କେବେ ତା ପରିବାର ନେଇ ଦିଲ୍ଲୀ ଯାଇଥିଲା, ଆଉ ଅଜୁ ଆଗରୁ ଅନେକ ଥର ଅନୁରୋଧ କରିଥିବାରୁ ତାଙ୍କ  ଘରେ ରହିବାକୁ ଯାଇଥିଲା । ସାଙ୍ଗରେ ଥିଲେ ତା ପୁଅ, ଝିଅ ଓ ସ୍ତ୍ରୀ । ସିପ୍ରା କୁଆଡେ ସିଧା ସିଧା କହିଦେଇଥିଲା ଯେ ଆସିଛ ଯେତେବେଳେ ରହିଯାଅ । କିନ୍ତୁ ପୁଅ , ଝିଅ ଆଉ ଆମର  ତିନିଟି ରୁମ୍। ତେଣୁ ତୁମକୁ ଏହି ଲବି ରେ ତଳେ ବିଛଣା ପକାଇ ଶୋଇବାକୁ ପଡିବ। ଆଉ ବାଥ୍ରୁମ୍ ମଇଳା କରିବନି। ତା ପର ଦିନ ସିତେଶ ତା ପିଲାମାନଙ୍କୁ ନେଇ ହୋଟେଲ କୁ ଚାଲି ଯାଇଥିଲା ।

ଏ ଘଟଣା ର ପ୍ରାୟ ପନ୍ଦର, ଷୋହଳ ବର୍ଷ ପରେ ଆଜି ଅଜୁ ଠାରୁ ଫୋନ ପାଇ ବର୍ଷା ଦ୍ୱନ୍ଦ ରେ ପଡିଯାଇଥିଲା ।

ISSN NO.
2582-208X

କିନ୍ତୁ ତା ମନ ବୁଝି ପ୍ରଭୁ ଜଗନ୍ନାଥ ତାକୁ ବଞ୍ଚାଇ ଦେଲେ । ଅଜୁ ର ଭିଲାଇ ଆସିବା କାନ୍ସଲ ହେଇଯାଇଥିଲା । ହେଲେ । ଏହାର କିଛି ଦିନ ପରେ ପୁଅ ବାବୁଲ ର ଦିଲ୍ଲୀ ଟୁର ପଡିବାରୁ ପୁଣି ନୀରଜ ଫୋନ କରି ବାଧ୍ୟ କଲେ ଯାଇ କି ଅଜୁ ପାଖରେ ଥରେ ଚେକ ଅପ କରିବାପାଇଁ ।

ବାବୁଲ ମା ବର୍ଷା କୁ ନେଇ  ଦୁଇ ଦିନ ଛୁଟି ନେଇ ଆଗରୁ ଅଜୁ ଠାରୁ ନୀରଜ ନେଇଥିବା ନିର୍ଧାରିତ ସମୟ ରେ ନିରୋଗ  ହସ୍ପିଟାଲ ରେ ପହଞ୍ଚିଥିଲେ। ସେଠାରେ ପହଞ୍ଚି ପ୍ରାୟ ଅଧ ଘଣ୍ଟା ଅପେକ୍ଷା କଲା ପରେ ଡାକ୍ତର ଅଜିତ  କୁମାର ଆସିଥିଲେ। ସେତେବେଳକୁ ବର୍ଷା ଓ ବାବୁଲ  ବିରାଟ ପ୍ରୋଜେକ୍ଟର ରେ ଦେଖାଯାଉଥିବା ନାଁ ଓ ପଦବୀ ଗୁଡିକ ରୁ ଜାଣି ସାରିଥିଲେ ଯେ ଅଜୁ ଅଙ୍କଲ ଆଉ ଅଜିତ କୁମାର  ମହାପାତ୍ର ନ ରହି ଡାକ୍ତର ଅଜିତ କୁମାର ଭାବରେ ସୁପ୍ରସିଦ୍ଧ ହେଇ ସାରିଛନ୍ତି । ଆହୁରି ମଧ୍ୟ ଜାଣିବାକୁ ପାଇଥିଲେ ଯେ ସେହି ନିରୋଗ  ହସ୍ପିଟାଲ ଟି ହେଉଛି ଡାକ୍ତର ଅଜିତ  କୁମାର ଙ୍କର ।

ଅଜିତ  କିଛି ପ୍ରଶ୍ନ ପ୍ରାଥମିକ ଭାବରେ ପଚାରି ସାରି ଆଉ ଜଣେ  ଡାକ୍ତରଙ୍କ ପାଖକୁ ପଠାଇ ଦେଲେ।

ବର୍ଷା ର ପିଠି ବହୁତ ବିନ୍ଧା ହେଉଥିବାରୁ, ସବୁ ପ୍ରକାର ରକ୍ତ ପରୀକ୍ଷା ନିରୀକ୍ଷା ଆଦି ସାରିବା ପରେ ଉକ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଏମଆରାଇ ଓ ସ୍କାନନିଙ୍ଗ ମଧ୍ୟ କରାହେଲା ।

ସେଦିନ ବହୁତ ରାତି ହେଇ ଯାଇଥିବାରୁ  ତା ପର ଦିନ ମା, ପୁଅ, ବର୍ଷା ଆଉ ବାବୁଲ ସମସ୍ତ ରିପୋର୍ଟ ସଂଗ୍ରହ କରି ଅଜୁ କୁ ଦେଖା କରି ଯିବେ ବୋଲି ଅପେକ୍ଷା କରି ବସି ରହିଲେ। ପ୍ରାୟ ଦିନ ଦୁଇ ଟା ବେଳକୁ ଡାକରା ପାଇ ବର୍ଷା ଓ ବାବୁଲ ଡାକ୍ତର ଅଜିତ କୁମାର ଙ୍କ  କ୍ୟାବିନ ଭିତର କୁ ଗଲେ।

ଅଜୁ କହିବାକୁ ଆରମ୍ଭ କଲେ, ଶୁଣ ବର୍ଷା, ତୋ ଚିପ୍ସା ବିଷୟ ରେ ତ କଥା ହେବା । ହେଲେ ପ୍ରଥମେ କହିଦିଏ ଅସଲ କଥାଟା । ତୁମେ ଦୁହେଁ ତ କାଲି ଫେରୁଛ, ସିପ୍ରା ବହୁତ

ISSN NO.
2582-208X

କରି କହିଛି, ଆଜି ସନ୍ଧ୍ୟା ରେ ଆମ ଘରେ ଡିନର । ବାବଲୁ କୁ ଚାହିଁ କହିଲେ, ମୋ ଭିଜିଟିଙ୍ଗ କାର୍ଡ ରେ ଆମ ଘର ଠିକଣା ଲେଖା ଅଛି । ମା କୁ ନେଇ ରାତି ୭ ଟା ବେଳକୁ ଆସିବୁ। ଏକାଠି ଖାଇବା ଆଉ ଗପିବା। ମୁଁ ଚେଷ୍ଟା କରିବି ଆଜି ଶୀଘ୍ର ଘର କୁ ଫେରିବା ପାଇଁ।

ବର୍ଷା, ତୋର ସବୁ ତ ଟେଷ୍ଟ ହେଲା। କୋଉଠି ବିଶେଷ କିଛି ଅସୁବିଧା ନାହିଁ । କୋଲୋଷ୍ଟ୍ରଲ ଆଉ ସୁଗାର ପାଇଁ ଯାହା ଔଷଧ ଖାଉଥିଲୁ ତାହା ଜାରି ରଖ । ବାବୁଲ କୁ ଦେଖାଇ ପଚାରିଲା, ଆରେ ତୋ ନାଁ କଣ, ତୁ ଏଇଲେ କଣ କରୁଛୁ ? ହଁ ନିର ତୋ ବିଷୟ ରେ ମୋତେ କହିଥିଲା ଯେ ମୋର ଏତେ ମନେ ନାଇଁ ।

ମୋର, ବାବୁଲ କହି ଆସୁଥିଲା, ତାକୁ ଅଟକାଇ ଦେଇ ଅଜୁ କହି ଚାଲିଲା, ମୋର ଚିନ୍ତା ନାହିଁ । ମୋ ପୁଅ ଆମେରିକା ରେ ଡାକ୍ତରୀ ପଢୁଛି ଆଉ ଝିଅ ତ ଲଣ୍ଡନ ରେ ନିଉରୋସର୍ଜନ ଅଛି।

ହଁ ଆରେ ମା ପାଇଁ କେତେ ଟଙ୍କା ଗଣିଲୁ? ବର୍ଷା ଉତ୍ତର ଦେଲା ଆମେ ସବୁ ବିଲ ପେମେଣ୍ଟ କରିଦେଇଛୁ। ତୁମର ବ୍ୟସ୍ତ ହେବା ଦରକାର ନାହିଁ ।

ସଙ୍ଗେ ସଙ୍ଗେ ଅଜୁ କହିଲା, ସେମିତି କେମିତି ହେବ । ତୁମର ଯେଉଁ ପଚାଶ ହଜାର ଖର୍ଚ୍ଚ ହେଲା, ସେଇଟା ତେପନ ହଜାର ହେଇଥିଲା ମୁଁ ଏମଆରାଇ ଖର୍ଚ ତିନିହଜାର ଡିସ୍କାଉଣ୍ଟ କରାଇଦେଇଛି। ଯାହାହେଲେ ବି ତୁ ଆଉ ନିର ମୋ ପିଲାଦିନ ସାଙ୍ଗ । ତୁମାମାନଙ୍କୁ ତ ପୁଣି ରିହାତି ଦେବାକୁ ପଡିବ ।

ସେତେବେଳକୁ ବାବୁଲ ଉଠି ଠିଆ ହେଲାଣି । ବର୍ଷା କହିଲା, ହଉ ତୁମ ସାହାଯ୍ୟ ପାଇଁ ଅଶେଷ ଧନ୍ୟବାଦ।

ପଛ ରୁ ଅଜୁ ପୁଣିଥରେ ଡାକି କହୁଥିଲେ, ଆଜି ରାତିରେ ଆମେ ଅପେକ୍ଷା କରିଥିବୁ ଯେମିତି ହେଉ ଦୁହେଁ ଆସିବ ।

ISSN NO.
2582-208X

ବାବୁଲ ନମସ୍କାର  କରି ଫୋନ ରେ କାହା ସହ କଥା ହେବା ର ବାହାନା କରି ବାହରକୁ ଚାଲିଯାଇଥିଲା । ବର୍ଷା ତା  ପଛେ ପଛେ ଆସି ଟ୍ୟାକ୍ସି ରେ ବସିଲା । ନୀରଜ ର ଆଠଟା ମିସ କଲ ଦେଖି ଫୋନ ଲଗାଇଲା ବର୍ଷା ।

ହଁ, ସବୁ ଚେକ ଅପ ହେଇଗଲା । ବ୍ୟସ୍ତ ହେବାର କିଛି ନାହିଁ। ତିନିହଜାର ଟଙ୍କା ରିହାତି ମିଳିଲା।

ତିନିହଜାର ? ମୁଁ କିଛି ବୁଝି ପାରୁନି। ସେପଟୁ  ନୀରଜ ପଚାରୁଥିଲା  । ବର୍ଷା ଫୋନ କାଟି ଦେଇଥିଲା ।

ବାବଲୁ ବାରମ୍ବାର ମନା କରୁଥିଲା, କିନ୍ତୁ ପାପା ନୀରଜ ରାଗିବେ ଆଉ ମା ବର୍ଷା ର ଅନୁରୋଧ କ୍ରମେ ବାବଲୁ ବାହାରିଥିଲା। ସେ  ଆଉ ବର୍ଷା ରାତି ସାଢେ ସାତ ଟା ବେଳକୁ ଅଜୁ ଘରେ ପହଞ୍ଚିଥିଲେ । ସିକିଉରିଟି ଗାର୍ଡ କହିଥିଲା, ବାବୁ ମା ନାହାନ୍ତି, ଅଧଘଣ୍ଟା ହେଲା ବାହାରିଗଲେ ।

ବର୍ଷା, ବାବୁଲ ମୋବାଇଲ ଟା  ନେଇ ଅଜୁ କୁ ଫୋନ ଲଗାଇଲା ସେପଟୁ ଡାକ୍ତର ଅଜିତ କୁମାର ଓରଫ ଅଜୁ ଙ୍କ ସ୍ୱର ଶୁଣାଯାଉଥିଲା, ହେଲୋ, ଆମି ଆଜ ରୋଗୀ ଦେଖବ ନା। ଆପନି କାଲ ସକାଳ ବେଲା ଦଶ ବଜେ ନିରୋଗ ହସ୍ପିଟାଲେ ଆମାକେ ଦେଖା କରୁନ । ଅଜୁ ବଙ୍ଗଳା ଭାଷା ରେ ଉତ୍ତର ଦେଉଥିଲେ।

ଅଜୁ, ବର୍ଷା ଏପଟୁ କହିଲା, ହ ମୁଁ  ବର୍ଷା କହୁଛି। ଏଇଟା ମୋ ପୁଅ ବାବୁଲ ର ଫୋନ । ହଁ ଆମେ ତୁମ ଘରେ ଠିଆ ହେଇଛୁ । କୋଉ  ସିନେମା ଦେଖିବାକୁ ଯାଇଛ। ଗୀତ ଶୁଭୁଛି। ପରେ ଦେଖା ହେବ ।

ରାତିରେ ହୋଟେଲ କୁ ଫେରି ବର୍ଷା ଆଉ ବାବୁଲ  ମନ ଭରି  ଖାଇବା ଅର୍ଡର କରି ଖାଇଥିଲେ।

ISSN NO.
2582-208X

ବାବୁଲ ଅଫିସ କାମ ରେ ଯାଇଥିଲା । ବର୍ଷା ନୀରଜ ପାଖକୁ ଫେରିବାକୁ ଏୟାରପୋର୍ଟ ଯିବା ଉଦ୍ଦେଶ୍ୟ ରେ କ୍ୟାବ ରେ ବସିଥିଲା। ମୋବାଇଲ ଅନ୍ କରି ଦେଖିଲା ।

କଲେଜ ଗ୍ରୁପ ରେ ନାମକରା ହାର୍ଟ ସ୍ପେଶ୍ୟାଲିସ୍ଟ ଡାକ୍ତର ଅଜିତ କୁମାରଙ୍କର ଗୁଡ ମରନିଙ୍ଗ ମେସେଜ,

"ନିଜ ରକ୍ତ ସମ୍ପର୍କ ଠାରୁ ଅଧିକ ବନ୍ଧୁତ୍ୱ କୁ ଗୁରୁତ୍ୱ ଦେଇଥାଏ ।"

ଏହି ମେସେଜ ପଢି ଅନ୍ୟ ବନ୍ଧୁମାନେ ବାହାବା ଦେଇ ଚାଲିଥିବା ସମୟ ରେ ବର୍ଷା ଦୀର୍ଘ ନିଃଶ୍ୱାସ ଛାଡି ନିଜ ଚଷମା କାଚ ପୋଛୁଥିଲା ।

ମାର୍ଫତ- ପ୍ରଫେସର ଶ୍ରୀନିବାସ ପାଠୀ,
ଲୋକ ପ୍ରଶାସନ ବିଭାଗ,
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାନସିଲ
ଆଇଜଲ, (m) 9437762732

ISSN NO.
2582-208X

# ମୋ ହାତର କିମ୍ବଦନ୍ତୀ



ରଂଜୀତ ପଣ୍ଡା

ଖଡ଼ି ଧରି ଲେଖିଲା ପ୍ରଥମ ଓଁ ଶବ୍ଦ
ମୋର ନିର୍ବୋଧ କୁନି ହାତ ।
ଫର୍ଚ୍ଚା କାଗଜ ଦେହରେ କବିତା ଲେଖିଗଲା
ମୋର କଲମ ଧରା ହାତ ।
ଶତ୍ରୁର ବେକ କାଟିଲା ଏବଂ ଟ୍ରିଗାର ଚାପିଲା
ମୋର ଯବାନ ହାତ ।
ଶକ୍ତ ମୁଠାରେ ତ୍ରିରଙ୍ଗା ଏବଂ
ପାପୁଲି ରେଖାରେ ଦେଶର ଭାଗ୍ୟ,
ନିଜ ଛାତି ଚିରି 'ଭାରତ' ଦର୍ଶାଏ
ମୋର ଭାଗ୍ୟବାନ ଦୁଇ ହାତ ।
ସସ୍ନେହେ ତୋଳିନିଏ ଏବଂ
ଜନନୀକୁ ସଲାମ କରେ
ମୋର ଏଇ ବୀର ହାତ ।

ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର (ଓଡିଶା)
ହ୍ୱାଟ୍ସଅପ: ୯୮୬୧୪୦୪୭୨୭/E-mail:pandaranjeet@gmail.com

ISSN NO.
2582-208X

# ଅବୋଧ ସ୍ପନ୍ଦନ



ଡକ୍ଟର ସଙ୍ଘମିତ୍ରା ଭଞ୍ଜ

ମୋତେ ଦେଖିବାକୁ ଥିଲା
ତମ ପରିପୂର୍ଣ୍ଣ ସଂସାର
ଯେଉଁଠି ବସନ୍ତ ହିଲ୍ଲୋଳ ବି
ପହଞ୍ଚିପାରେନି ଡେଇଁ ସେଇ ଅଭେଦ୍ୟ ପାଚେରୀ ।
କାଶତଣ୍ଡୀର ସେ ଛମ୍ ଛମ୍ ଦୋଳନ ଏଡ଼େଇ
ସମୁଚ୍ଚ ସେ କୋଠା-ବ୍ୟାପ୍ତ ଉପବନ
ଜାତି ଜାତି ଫୁଲ ମନୋରମ !
ତମ ସଂସାରୀ ପ୍ରେମର ପୂର୍ଣ୍ଣ ଇସ୍ତାହାର ନେଇ
ଝୁଲୁଥିଲା ତମ ଯୁଗ୍ମ ଦାମ୍ପତ୍ୟ ଫଳକ
ତାହା ବୋଧେ ଥିଲା ତମ ପ୍ରଗାଢ଼ ସମ୍ପର୍କର
ନିଚ୍ଛକ ସନ୍ତକ !
++++++++
ସେଦିନ ମୋ ଅସହାୟ ଆବେଗ ସାଉଁଟି
ଫେରୁଥିଲି ମୁଁ ମୋ ଭିତରକୁ
ଫେରୁଥିଲି ଲକ୍ଷାଧିକବାର
ମରିଥିବା ସପନର କଙ୍କାଳ ସ୍ତୁପକୁ
ଅଶାନ୍ତି-ଆଶ୍ୱସ୍ତିର ସୀମାନ୍ତ ସେପାଖେ
ଶୂନ୍ୟତାର ଉଦାସୀ ଜଗତ
ଶୁଣୁଥିଲି ହୃଦୟର ନିର୍ବାସିତ ଛନ୍ଦ
ଅସମ୍ଭବ ଭାବେ ମୋର ଯେତେ ସକ୍ରିୟତା

ISSN NO.
2582-208X

ଖୋଜୁଥିଲା ବିରାଗର ଗୁପ୍ତ ଆତ୍ମୀୟତା  !
ତମେ ଦିଶୁଥିଲ ବିଶ୍ୱରୂପ ଦର୍ଶନର ବିରାଟ ତତ୍ତ୍ୱ ଭଳି
ନିସ୍ପୃହ–ନିର୍ମୋହୀ ଅସ୍ପର୍ଶ୍ୟ–ବିଦେହୀ
ତମ ଚେତନାର ଆଲୋକରେ ଝରାଫୁଲ ଭଳି
ଝରୁଥିବା ପଉଷ ସଞ୍ଜର
ନିରବତା ଧରି
ମୁଁ ଫେରୁଥିଲି ତମପାଇଁ
ନିରୁଦ୍ଦିଷ୍ଟ ସାଜିଥିବା
ମୋ ଅବୋଧ ସ୍ପନ୍ଦନକୁ ନେଇ !!!

****

ବିଭାଗମୁଖ୍ୟ
ଓଡ଼ିଆ ଭାଷା–ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ବସନ୍ତ ରାସ



ମୀନାକ୍ଷୀ ପାଢ଼ୀ

ସରିଗଲା ଶୀତ ଆସିଲା ବସନ୍ତ
ଧରା ବୁକୁ ହସେ କିରି କିରି
ବଉଳ ବାସିଲା ତମାଳ ହସିଲା
ମଳୟ ବୋହିଲା ଶିରି ଶିରି
ଆମ୍ବ ତୋଟା ଡାଳେ କୋଇଲି ଗାଇଲା
ବସନ୍ତ ର ରାଗ କୁହୁ କୁହୁ
ବାଉଁଶ ବୁଦାରେ ଡାହୁକ ଡାକିଲେ
ଅଟକିଲା ପାଦ ଯାଉ ଯାଉ
ତରୁ ତୋଟା ମାନେ ଫୁଟିଲା ପଳାସ
ନିଆଁ କି ଜଳିଲା ବନେ ବନେ
ଷୋଡଶୀ ତନୁରେ ଫୁଟିଲା ପଲ୍ଲବ
ଶିହରଣ ଭରି ଆନ ମନେ
କୃଷ୍ଣଚୂଡା ନାଲି ଅଧରେ ଭରିଲା
ରକ୍ତିମ ଆଭାର ରଙ୍ଗଛଟା
ପ୍ରଥମ ପ୍ରେମର ଲାଜୁଆ ପରଶେ
ଆନମନା ହେଲା ଅଙ୍ଗଲତା
ଅମାନିଆ ବାଆ ମଧୂର ପରଷେ

ISSN NO.
2582-208X

ମୁଦି ହେଲା ଆଖି ଶୁଣୁ ଶୁଣୁ
ପ୍ରମତ୍ତ ହୋଇଲା ଫୁଲର ପାଖୁଡା
ମଧୁପ ଗାଇଲା ଗୁଣୁ ଗୁଣୁ
ମଧୁ ବସନ୍ତ ର ପ୍ରଣୟ ଆଳାପ
ରଙ୍ଗ ବରଷଇ ପୁନେଇ ରେ
ହୋଲି ପିଚକାରୀ ଖେଳଇ ଚାଚେରୀ
ଭିଜାଇ ପଣତ ଅଙ୍ଗ ଧାରେ
ହୋଲି ରଙ୍ଗ ସିନା ଫିକା ପଡିଯାଏ
ସମୟ ସୁଅରେ ଭାସି ଭାସି
ପ୍ରେମ ରଙ୍ଗ କିନ୍ତୁ ଗାଢ ହେଇ ଯାଏ
ପୁଲକ ଆବେଗ ସାଥେ ମିଶି....

ଥାନେ, ମହାରାଷ୍ଟ୍ର

ISSN NO.
2582-208X

# ସାହିତ୍ୟ ସାଧକ ଶଶିଭୂଷଣ ରଥ



ବରଦା ପ୍ରସନ୍ନ ଦାସ

ସାହିତ୍ୟ ସାଧକ ଶଶିଭୂଷଣ ରଥ ୧୮୮୫ ମସିହା ଜାନୁଆରୀ ୧ ତାରିଖରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସୋରଢା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୪୩ ମସିହା ମାର୍ଚ୍ଚ ୧୯ ତାରିଖରେ ତାଙ୍କର ଦେହାବସାନ ହୋଇଥିଲ୍ । ଓଡିଆ ଭ୍ଷା, ସାହିତ୍ୟ, ସାରସ୍ୱତ ସଂଗଠନ, ସାମ୍ବାଦିକତା ଓ ସମାଜସେବା କ୍ଷେନ୍ରରେ ତାଙ୍କର ଅବଦାନ ଚରଭ୍ସ୍ୱର । ଆଶା, ନଉ ଓଡିଶା  ଇଷ୍ଟକୋଷ୍ଟ ଆଦି ପନ୍ର-ପନ୍ରିକାର ସୁଯୋଗ୍ୟ ସମ୍ପାଦକ ଭ୍ବରେ ସେ ନଜର ନର୍ଭୀକତା, ସତ୍ୟନଷ୍ଠତା ଓ କର୍ତ୍ତବ୍ୟପରାୟଣତାର ସ୍ୱାକ୍ଷର ରଖିଯାଇଛନ୍ତୁ । ସେ ଥିଲେ ସ୍ୱାଧୀନଚେତା ଓ ସଂସ୍କାରବାଦୀ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଓ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଭାଷା, ସଂସ୍କୃତିର ସରକ୍ଷଣ କଳ୍ପେ ତାଙ୍କର ସାଧୁ ପ୍ରଚେଷ୍ଟା ଅତୀବ ପ୍ରଶଂସନୀୟ । ପତ୍ରିକା ମାଧ୍ୟମରେ ଜନସମାଜରେ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଜାଗରଣ ସୃଷ୍ଟି କରି ଏବଂ ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି ସେ ନିଜ ସଂଗ୍ରାମୀ ଜୀବନର ସୁସ୍ପଷ୍ଟ ପରିଚୟ ଦେଇଛନ୍ତି । ଓଡିଶାରେ ସୁସ୍ଥ ସାମ୍ବାଦିକତା ଓ ସାହିତ୍ୟିକ ପରମ୍ପରା ସୃଷ୍ଟି ଦିଗରେ ତାଙ୍କର ଭୂମିକା ଅତୀବ ମହତ୍ତ୍ୱପୂର୍ଣ୍ଣ । ଉନବିଂଶ ଶତାବ୍ଦୀର ତୃତୀୟ ଦଶକ (୧୯୨୮) ରେ ପ୍ରତିଷ୍ଠିତ “ଆଶା” ସଂବାଦ ପତ୍ରର ସୁଯୋଗ୍ୟ ସଂପାଦକ ଭାବରେ ଶଶିଭୂଷଣ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ବ୍ୟତୀତ ତତକାଳୀନ ସମାଜରୁ ଦାରିଦ୍ର୍ୟ, କୁସଂସ୍କାର, ଅନ୍ଧବିଶ୍ୱାସ ଇତ୍ୟାଦିର ଲୋପ ତଥା ଆମ ଦେଶର ସ୍ୱାଧୀନତା ସଗ୍ରାମ ନିମନ୍ତେ ଉଦବୁଦ୍ଧ କରିବାପାଇଁ ତାଙ୍କର ସୁଖପାଠ୍ୟ ଲେଖା

ISSN NO.
2582-208X

ମାଧ୍ୟମରେ ଜନସାଧାରଣମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ ।

ବିଭିନ୍ନ ସମୟରେ ଗଞ୍ଜାମ ଜିଲ୍ଲା କଂଗ୍ରେସର ସଭାପତି, ମାଦ୍ରାଜ ବିଧାନ ପରିଷଦ ସଭ୍ୟ ଏବଂ ବ୍ରହ୍ମପୁର ନଗରପାଳିକାର ଉପ-ନଗରପାଳ ଭାବରେ ସେ ନିଜର ଦାୟିତ୍ୱ ସୂଚାରୁରୂପେ ସଂପାଦନ କରି ବହୁ ଲୋକପ୍ରିୟତା ଅର୍ଜନ କରିଥିଲେ ।

ଏହି ଓଡିଆପ୍ରେମୀ, ସ୍ୱାଭିମାନୀ, ସମାଜସେବୀ ତଥା ସାରସ୍ୱତ ପୁରୁଷ ଏ ଜାତିର ଚିରନମସ୍ୟ ।

ମହାନ୍ତ ଲେନ୍, କେଶରପୁର
କଟକ, ମୋ: ୯୮୭୧୧୪୫୬୮୭

ISSN NO.
2582-208X

# ସାଲିସ

ତରୁଣ କୁମାର ଦାସ

ସବୁଠି ଅଖୋଜା ଅଲୋଡ଼ା
ଆଜି ମୋର
ଜୀର୍ଣ୍ଣକାୟ ହୋଇଯାଇଛି
ମୋର ସମଗ୍ର ସହର
ଶିକୁଳିରେ ଛନ୍ଦିଛି
ଆଶାର ମାନଚିତ୍ର
ଯିମିତି ହଉ ବଂଚିବା ନିଶାରେ
ମଜଗୁଲ ମଣିଷ
ନିଜକୁ ନିଜ ଠି
ଅସହାୟ ମଣୁଛି
ନା ଅଛି ଭଲପାଇବାର ମୁଲ
ନା ଅଛି ସମ୍ପର୍କର ଶୃଙ୍ଖଳ!
ଘର ଭିତରେ ପୁଙ୍ଗୁଳା ନାରୀର ଦେହ
ସଦ୍ୟକଟା ଛେଳି ପରି ଛଟପଟ
ଜିଅନ୍ତା କୋହ
କାହାକୁ କହିବା ମନା
ପ୍ରତିବାଦ କରିବା ମନା
ଯେଉଁଠି ଦେଖ ଖାଲି
ଅସତ ଲୋକଙ୍କ ଭି ଡ଼
ଭୁରି ଭୁରି ପଚା ମାଛ ର ଗନ୍ଧ
ମିଥ୍ୟାର ହୁଙ୍କାର ଶୁଭୁଚି
ଘରଠୁ ନଗର

ISSN NO.
2582-208X

ଖାଲି ଦେଇଯାଅ
ତୁମ ସବୁ ସୁଖ ସବୁ ଆଶା
ସବୁ ସମ୍ପର୍କ ସବୁ ସ୍ୱପ୍ନ
କେବେବି ନବ ବୋଲି କହିବନି
ସେଇଠୁ ଶୁରୁ ହବ ମହାଭାରତ
ଅସତ୍ୟର ଅନ୍ଧାରରେ ରହିଯିବ
ବିମର୍ଷ ସତ୍ୟ
ବୁଝି ପାରେନି କାହିଁକି କେଜାଣି
ସବୁ ଜାଣି ଚୁପ ଚାପ
କାହିଁକିବା ପ୍ରତିବାଦର ଭାଷା ମିଳେନା
ନିଶ୍ଚଳ ହେଲେବି ହାଡ଼ ମାଂସ ର ଶରୀର
ତଥାପି ଭାଷହୀନ ଓଠ
କିଛି କହିବାକୁ ସଦା ଉଦ୍ୟତ
ତ୍ରିଶଙ୍କୁବତ ପାଲଟିଯାଇଛି
ମୋର ପାଦ ତଳର ମାଟି
ବୁଝିପାରୁନି ଏଇଟା କଣ ସତରେ
ସାଲିସ କରି ନବାର ବେଳ
ନା ଆଉ କିଛି

ମୁକ୍ତାନନ୍ଦ ପାଲୁସିଆ
ବାଲେଶ୍ୱର

ISSN NO.
2582-208X

# ତୁମେ



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

ତୁମର ପ୍ରତିଟି ହସ

ଲାଗେ ଭାରି ମିଠା

ତୁମର ପ୍ରତିଟି କାନ୍ଦ

ଲାଗେ ଭାରି ପିତା

ହସିଦେଲେ ତୁମେ

ହୁଅଇ ମୁଁ ଖୁସି

କାନ୍ଦିଦେଲେ ତୁମେ

ହୁଅଇ ମୁଁ ଦୁଃଖୀ

ଇଚ୍ଛାହୁଏ କହନ୍ତୁ କ

ପାଏ ଭଲ ତୁମକୁ

ରହିଯାଏ ଭାବିକ

ରାଗିବ କାଳେ ଚାହିଁ ମୋ ମୁହଁକୁ

ମଠସାହି, ତୁଳସିପୁର

ଅପ୍ରେଲ - ୨୦୨୨
www.vedantimagazine.com
ISSN NO.
2582-208X

# ଫେବୃଆରୀ ପରେ...



ସ୍ୱାତୀ ବନ୍ଦନା କର

କାଲି ପରି ମନେ ହେଉଥିଲା
ଅନେକ ସାରା ନୂତନ ବର୍ଷର ଶୁଭେଚ୍ଛା
ସବୁ ସୋସିଆଲ୍ ସାଇଟ୍ ରେ
ଅସୁମାରୀ ଅଭିନନ୍ଦନ
ଛୁଟି ଆସୁଥିଲା ।

ତୁମେ କିନ୍ତୁ ଆସିଥିଲ
ହାତରେ ସୁନ୍ଦର ଏକ ଫୁଲତୋଡା ଧରି
କେତେ ସାରା ଉପହାର ସହ
ସେଦିନ ମୋ ଘର ଆଗରେ ଫୁଲ ଫୁଟି
ମହକଉଥିଲା ପୁରା ଅଗଣାକୁ
ମନେ ହେଉଥିଲା ଫିକା ପଡିଥିବା
ବିଗତ ଦିନକୁ ଖୁବ୍ ଶୀଘ୍ର ବିଦାୟ ଦେଇ
ଡେଇଁପଡିବି କି ଆଉ ଏକ
ନୂତନ ସମୟର ସୁଅକୁ
ଝରଝର ହୋଇ ବହିଯିବି
ମନର ଅଙ୍କା ବଙ୍କା  ନିରିମାଖି ନଇଟିଏ ପରି ।

ISSN NO.
2582-208X

ଦେଖୁ ଦେଖୁ ଆଗାମୀ ଦିବସ ସବୁ
ଅତୀତ ହୋଇବସିଲା
ତୁମେ ଦେଇଥିବା ଉପହାରରେ କ୍ୟାଲେଣ୍ଡରଟି
ଆଉ ଏକ ପୃଷ୍ଠା ଅପସରଣ କରି ବସିଲା
ଆଉ ତା ପରେ ପୁଣି ଫେବୃଆରୀ ଆସିଲା

ଜୀବନତ ଏମିତିଥିଲା
କିଛି ପାଇବାର କି କିଛି ହରେଇବାର
ଇଚ୍ଛା ବି ନଥିଲା
କେଜାଣି କାହିଁକି ତୁମ କଥା
ଆଜି ଏତେ ବେଶୀ ମନେ ପଡୁଥିଲା ।

ଦିନ ପରେ ଦିନ ବିତିଲା
ଭାଲେନଟାଇନ୍ ଡେ ସରିଗଲା
ଜହ୍ନ ଆଲୋକରେ ବି
ଏ ରାତି ଯାହା ଖାଲି ଫିକା ପଡିଗଲା

କିନ୍ତୁ ଖାଲି ଶେଷ ହେଲାନି ଯାହା
ମୋ ଆସନ୍ତା ବର୍ଷ କେତେଟାରେ
ଅପରାହ୍ନରେ ଦେଖିଥିବା ଦିବା ସ୍ୱପ୍ନ ॥

ଜଗତସିଂହପୁର

ISSN NO.
2582-208X

# ଅଦିନ ମହକ



ଶାନ୍ତଲତା ମିଶ୍ର

ମନଟା ଆଜି ସୁବ୍ରତ'ଙ୍କର ବହୁତ ଖଟା ହୋଇଗଲ୍ । ଏମିତିରେ ଦେଖିବାକୁ ଗଲେ ମନଟା ତାଙ୍କର କୋଉ ଦିନ ମିଠା ଥିଲ୍ ଯେ, କାଲି ତ ଖଟା ଥିଲ୍, ତା ପୂର୍ବ ଦିନ ବି ଥିଲ୍ । ତା ପୂର୍ବ, ତା ପୂର୍ବ ଦିନ ବି ଥିଲ୍ । କେବେଠୁ ମନଟା ଖଟା ରହିବା ଟା ଏକ ଗତାନୁଗତିକ ଧାରାରେ ପଡି ଗଲାଣି । ଆଜି କନ୍ତୁ ମନଟା ଖଟା ସହିତ ତିକ୍ତ ହେବାର ଅନ୍ୟ ଏକ ବଡ କାରଣ ଥିଲ୍ ।

ଆଜି "ଅରୁଣା'ର ସାନ ଭଉଣୀ ମାନେ ତାଙ୍କ ସାନ ଶାଳୀ ଆସିଥିଲେ ବଡ ଭଉଣୀଙ୍କୁ ଦେଖା କରିବାକୁ । ବିଭିନ୍ନ ପ୍ରକାର ମିଠା ଦଶ ପ୍ୟାକେଜ୍, କଛି ଫଳ, ଅନ୍ୟନ୍ୟ ଖାଦ୍ୟ ସହିତ ଭଉଣୀ ପାଇଁ ଶାଢୀ, ଭିଣେଇଙ୍କ ପାଇଁ ଟି ଶାର୍ଟ, ଝିଆରୀ ପୁତୁରାଙ୍କ ପାଇଁ ଖେଳନା ଇତ୍ୟାଦି ଧରି । ସେ ଭଉଣୀଙ୍କୁ ଦେଖିବାକୁ ଯେତେ ଆସି ନଥିଲେ ନଜର ଗହଣା ଗାଣ୍ଠି, ଦାମୀ ଶାଢୀ, ପର୍ସ, ଚପଲ, ସ୍ୱାମୀଙ୍କ ଦାମୀ ଗାଡିରେ ଚଢି ଆସିଥିଲେ ଭଉଣୀକୁ ନଜର ଭାଗ୍ୟ ଦେଖେଇବାକୁ ବୋଲି ସୁବ୍ରତଙ୍କର ମନେ ହୁଏ । ସେବେଠୁ ମନଟା ବିଷାକ୍ତ ହୋଇ ରହିଛି ଯେ କଛି ବୁଝିବାକୁ ନାରାଜ ।

ଆଜି ଏ ଭଉଣୀ ତ ଆସିଲେ କାଲି ଆଉ କୋଉ ବଡ ଲୋକ ବନ୍ଧୁ ବାନ୍ଧବ ଆସିଯିବେ । ସେମାନଙ୍କର ଆସିବାରେ ନଜର ଦୈନତା ଟା କେବଳ ପରିପ୍ରକାଶ ପାଇଯାଏ ଆଉ କଛି ଲାଭ ହୁଏନା । ନଜର ଦାରିଦ୍ରତା ବାରମ୍ବାର ମନେ ପକେଇ ଦିଏ । ଏମିତିରେ ତେଲ ଲୁଣର ସଂସାର ତାଙ୍କର ବେଶ୍ ହସ ଖୁସିରେ ଚାଲିଥାଏ । ଅରୁଣା ଜଣେ ସୁଗୃହିଣୀ । ଅଳ୍ପକେ ଘର ଚଳେଇବାର କଳା ତାଙ୍କୁ ଖୁବ୍ ଜଣା । କେବେ କଛି ଅଭିଯୋଗ କରନ୍ତନ ବା କରିବାର ସୁଯୋଗ ଦିଅନ୍ତନ । ଅରୁଣାଙ୍କୁ ପାଇ ସେ ବହୁତ ଖୁସି । କନ୍ତୁ ଏମାନେ ମଝିରେ

ISSN NO.
2582-208X

ମଝିରେ ଆସି ଯୋଉ ଅଦିନିଆ ଝଡ ସୃଷ୍ଟି କରି ଦେଇ ଯାଆନ୍ତୁ ପରିବେଶ ବେଶ୍ କଛି ଦିନ ଗମ୍ଭିର ହୋଇଯାଏ । ଅରୁଣା ଗୁମସୁମ ହୋଇ କଛି ଦିନ ରହି ଯାଆନ୍ତୁ ।

ତାଙ୍କ ମୁହଁରୁ ହସର ସୂର୍ଯ୍ୟ ଉଦୟ ଦେଖିବାକୁ ସୁବ୍ରତଙ୍କୁ କଛି ଦିନ ଅପେକ୍ଷା କରିବାକୁ ପଡେ । କନ୍ତୁ ସେ ଜାଣନ୍ତୁ ଏହା ବେଶୀ ଦିନ ରହେ ନାହିଁ । ଯେତିକ ବି ଦିନ ହେଉ ତାଙ୍କୁ ବହୁ ତ କଷ୍ଟ ହୁଏ । ବିବାହ ପୂର୍ବରୁ କଲେଜ୍‌ର ଦେଇଥିବା ପ୍ରତିଶୃତି ସେ କଛି ରକ୍ଷା କରି ପାରିଲେନ । ବହୁତ ବଡ ବଡ କଥା କହି ଅରୁଣାଙ୍କୁ ସେ ବିବାହ କରିଥିଲେ । ଘର, ଗାଡି, ସବୁ ପ୍ରାଚୁର୍ଯ୍ୟ ଭିତରେ ରଖିବେ ବିଶ୍ୱ ଭ୍ରମଣ କରେଇବେ ଏମିତି ଏମିତି ବହୁତ କଥା । କଛି ବି ପୁର୍ଣ କରି ପାରିଲେନ । କଂପିଟେଟିଭ ପରୀକ୍ଷା ଦେଇ ଏକ ବଡ ଅଫିସର ହେବାର ସ୍ୱପ୍ନ ବି ଦେଖେଇଥିଲେ ।

ହଠାତ ବୋଉ ଅସୁସ୍ଥ ହୋଇ ପଡିଲା । କ୍ୟାନସର ବୋଲି ଜଣା ପଡିବା ପରେ ବୋଉର ଯିଦି ସେ ପୁଅର ବାହାଘର ଦେଖି ଏ ସଂସାରରୁ ଯିବ । ତେଣୁ ସ୍ୱପ୍ନର ଅଧାରୁ ତାଙ୍କୁ ଅରୁଣାଙ୍କୁ ବିବାହ କରିବାକୁ ପଡିଲା । ଚକିତ୍ସା ପାଇଁ ଟଙ୍କାର ସୁଅ ଛୁଟଲା । ବାପା ଋଣ ଉପରେ ଋଣ କରି ଗ୍ଲିଲେ । ବାଧ୍ୟ ହୋଇ ଜରୁରୀ କାଳନ ପରିସ୍ଥିତିର ମିକାବିଲା କରିବା ପାଇଁ ସେ ଏକ ବେସରକରୀ କଲେଜରେ ଅଧ୍ୟାପକ ଗ୍କରୀ ଯୋଗାଡ କରି ନେଲେ । ସୁବ୍ରତ ଜଣେ ମେଧାବୀ ଛାତ୍ର ଥିଲେ ଯାହା ଇଚ୍ଛା କରିଥାନ୍ତେ ତାହା ହୋଇ ପାରିଥାନ୍ତେ । ଆଜି ନହେଲେ ବି କାଲି । ଏଇ ଆଶାରେ ବି ଅରୁଣା ବିବାହ ପ୍ରସ୍ତାବରେ ରାଜି ହୋଇ ଯାଇଥିଲେ । ଏ ପରିସ୍ଥିତି ଶିଘ୍ର ବଦଳ ଯିବ ବୋଲି ଆଶା ଥିଲା ।

ବୋଉ ତିନ ବର୍ଷ ପଡି ଗ୍ଲିଗଲା । ତ ପରେ ବପା ହୃଦରୋଗୀ ସେ ବି ଗ୍ରି ବର୍ଷ ପଡି ଗ୍ଲିଗଲେ । ସେତେବେଲକୁ କୁନା ଆଉ ମୁନ ତାଙ୍କ ସଂସାରକୁ ଆସି ସାରିଥିଲେ । ଆଉ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯିବା ବା କମ୍ପିଟେଟିଭ ପରୀକ୍ଷା ଦେବାକୁ ସାହାସ, ଶକ୍ତ, ଅର୍ଥ କଛି ପାଖରେ ନଥିଲା । ବାପାଙ୍କ ଚକିତ୍ସା ପାଇଁ କରିଥିବା ଋଣ ବି ଶୁଝିବାକୁ ପଡଥିଲା । ଏତେ ମାନସିକ ଗ୍ପ ପରେ ପାଠ ପଢାକୁ ଆଉ କଏ ପଗ୍ରେ । ଯେମିତି ସେମିତି ଚଳବାକୁ ତ ହେବ ।

ISSN NO.
2582-208X

କିନ୍ତୁ ଅରୁଣାଙ୍କ ଯୋଗୁ ତାଙ୍କ ହସ ଖୁସିର ସଂସାର ଆରମ୍ଭରେ ଚାଲିଯାଉଥିଲା । କେବେ କିଛିର ଅଭିଯୋଗ କରିବା ବା ଅତ୍ୟଧିକ ଆଶା ଅରୁଣା ତାଙ୍କ ପାଖରୁ ରଖୁ ନଥିଲେ । ସବୁବେଳେ ଦମ୍ଭ ଦେଇ କହୁଥିଲେ ଯେ କିଛି ବ୍ୟସ୍ତ ନାହିଁ ଆମର ଅଧିକ କିଛି ଦରକାର ନାହିଁ ତୁମେ ଥିଲେ ମୋର ସବୁ ଅଛି । ସେଇ ମନରଖା କଥା ପଦକ ତାଙ୍କୁ ବହୁତ ବଳ ଉତ୍ସାହ ଯୋଗେଇଦିଏ ଆଗକୁ ବଢିବାକୁ ।

କିନ୍ତୁ ବେଳେ ବେଳେ ଅରୁଣା ଉଦାସ ରହେ । ସେ ସବୁ ଜାଣିଥିଲେ ବି କେବେ କାରଣ ପଚାରନ୍ତିନି । ମନର ଏକ କୋଣରେ ଅନେକ ଅବଶୋଷର ବସ୍ତା ଗଦା ମଡା ହୋଇ ରହିଛନ୍ତି । ଅକାଳେ ସକାଳେ କିଛି ପରିସ୍ଥିତିରେ ସେ ବସ୍ତା ଗୁଡିକ ଆପେ ଆପେ ଖୋଲି ହୋଇ ଗଡ଼ିଆଡେ ବିଛେଇ ହୋଇ ଯାଆନ୍ତି । ଗୋଟେଇ ପୋଟେଇ ବନ୍ଧା ବାନ୍ଧି କରି ଯଥା ସ୍ଥାନରେ ରଖିବାକୁ ସୁବ୍ରତଙ୍କୁ ବେଶ୍ କିଛି ଦିନ ଲାଗିଯାଏ ।

ଶାଳୀ ଗଲା ପରେ ସେ ଅଶାନ୍ତ ମନର ଉପଶମ ପାଇଁ ଛାତ ଉପରକୁ ଚାଲିଗଲେ । ଏକ ସିଗାରେଟରେ ନିଆଁ ଲଗେଇ ଏପଟ ସେପଟ ଛାତରେ ଟହଲ ମାରିଲେ । ସିଗାରେଟ ପିଇବାର ତାଙ୍କର ଅଭ୍ୟାସ ନଥିଲେ ବି ମନ ହାଲକା କରିବା ପାଇଁ କେବେ କେମିତି ଖଣ୍ଡେ ଟାଣି ଦିଅନ୍ତି । ଏ ବଦଭ୍ୟାସ ଟା ସାଙ୍ଗ "ଆକାଶ' ଠାରୁ ହାଇସ୍କୁଲରୁ ପଢିଲା ବେଳଠୁ ସେ ଶିଖିଛନ୍ତି ।

ଆକାଶର ବାପା ବହୁତ ସିଗାରେଟ ଟାଣନ୍ତି । ସେଥିରୁ ସେ ଲୁଚେଇ ଦି ଚାରିଟା ପକେଟରେ ପୁରେଇ ନେଇ ଆସେ । ସେତେବେଳର ସିନେମା ଷ୍ଟାରଙ୍କ ପରି ପୋଜ୍ କରି ନିଜେ ଟାଣେ ତାକୁ ବି ଖଣ୍ଡେ ଦିଏ । ସେ ବୟସରେ ମନ ଚହଲି ଯିବାଟା କିଛି କଷ୍ଟ ସାଧ ନଥିଲା ।

କିନ୍ତୁ କଲେଜରେ ଅରୁଣା ସହିତ ମିଳାମିଶା ପରେ ତା ଅନୁରୋଧରେ ସେ ଛାଡି ଦେଇଥିଲେ। କିନ୍ତୁ କେବେ କେମିତି ନିରୋଳାରେ ମନ ଛଟପଟ ହେଲେ ସେ ସିଗାରେଟର ଆଶ୍ରୟ ନିଅନ୍ତି । ଆଜି ଯେପରି ନେବାକୁ ପଡିଲା ।

ISSN NO.
2582-208X

ଛାତ ଉପରୁ ତଳ ଘରେ କାମରେ ବ୍ୟସ୍ତ ଥିବା ଅରୁଣା ଆଡେ ବାରମ୍ବାର ଆଖି ଘୁଲି ଯାଉଥାଏ । ଅରୁଣା ଆଖିରେ ଲୁହ ଦେଖି ସେ ଚମକ ପଡିଲେ । ବିନା କାରଣରେ ଲୁହ କାହିଁକ ? ସେ ତାଙ୍କ ଭଉଣୀ ପରି ତାଙ୍କୁ ଏମିତି ଗହଣାରେ ଲଦି ଦେଇ ନାହାଁନ୍ତ ବୋଲି ନା ଗାଡି, ଦାମୀ ଶାଢୀ ଦେଇ ନାହାଁନ୍ତ ବୋଲି । ମନ ଟା ବିଷେଇ ଗଲା ।

ସେ ଭାବନ୍ତ ଅରୁଣା ବହୁତ ଖୁସି ତାଙ୍କୁ ପାଇ । ଏ ଛୋଟ ପରିବାରକୁ ବହୁ ଖୁସିରେ ଚଳେଇ ତାକୁ ସ୍ଵର୍ଗରେ ପରିଣତ କରି ଦେଇଛି ବୋଲି । ଘର ସଜ୍ଜା, ଗ୍ରେଷେଇବାସ, ଘର କାମ, ସ୍ୱାମୀ ସେବା ଠାରୁ ଆରମ୍ଭ କରି ପିଲା ମାନଙ୍କ ଯତ୍ନ, ବନ୍ଧୁ ବାନ୍ଧବ ସାଙ୍ଗ ସାଥୀ ଚର୍ଚ୍ଚା କୋଉଥିରେ ସେ କେବେ ଊଣା କରି ନାହିଁ ।

ଗ୍ତିରେ ଖାଇବା ଟେବୁଲ୍, ଠାରୁ ଆରମ୍ଭ କରି ଶୋଇବାକୁ ଯିବା ପର୍ଯ୍ୟନ୍ତ ଭାବୁଥାନ୍ତ ପଗ୍ଭରିବେ ଅରୁଣାର ଲୁହର କାରଣ କଣ ! କନ୍ତୁ ଜିଭ ପାଖରୁ କଥା ସବୁ ଲେଉଟି ଯାଆନ୍ତ। ଯଦି ଅରୁଣା କଛି ଆଶା ନକରୁଥିବା ଉତ୍ତର ଦେଇଦିଏ ଯେ "ତୁମକୁ ବିବାହ କରି ଜୀବନଟା ମୋର ନଷ୍ଟ ହୋଇ ଯାଇଛି ବୋଲି । ବାପ ମାଙ୍କ ବିରୁଦ୍ଧାଚରଣ କରି ବିବାହ କରିଥିବାରୁ ବେଶ୍ ଶାସ୍ତି ସେ ପାଇ ଯାଇଛି ।' ଏପରି ଉତ୍ତର ଶୁଣିଲେ ସିଧା ଛାତିରେ ଗୁଳ ବିଦ୍ଧ କରିବ । ସେ ଶୁଣି ପାରିବେନ କ ସହି ପାରିବେନ ।

ବିବାହ ପୂର୍ବର କୌଣସି ପ୍ରତିଶୃତି ସେ ରକ୍ଷା କରି ପାରି ନାହାଁନ୍ତ । ଜୀବନରେ ସୁନା ରୂପା ଶାଢୀ ଗହଣା ଗାଡି ମଟର କଣ ସବୁ କଛି । ସ୍ନେହ ଶ୍ରଦ୍ଧାର କଛି ମୁଲ୍ୟନାହିଁ । ହଠାତ ତାଙ୍କ ଭାବନାରେ ବାଧା ସୃଷ୍ଟି କରି ଅରୁଣା ତାଙ୍କ ଭାବନାକୁ କଥାରେ ରୁପାନ୍ତରିତ କରି କହିଉଠିଲା "ଜୀବନରେ କଣ ଘର ଗାଡି, ଶାଢୀ, ସୁନା ଗହଣା ସବୁ କଛି । ସ୍ନେହ ଶ୍ରଦ୍ଧା ସମ୍ମାନର କଛି ମୂଲ୍ୟ ନାହିଁ । ମୁଁ ଏଯାଏ ଏକଥା ବୁଝି ଟିକେ ବି ପାରିନ' ।

ଏ କଅଣ କହୁଛି ଅରୁଣା ! କଛି ନବୁଝି ପାରିଲେ ବି ଅପେକ୍ଷା କଲେ ତାର ସବୁ କଥା ସରିବା ପର୍ଯ୍ୟନ୍ତ । ଆଜି "ଦେବୀ' ଆସିଥିଲା । ହଁ ତା ତ ସେ ଜାଣନ୍ତ । ଉତ୍କଣ୍ଠା ବଢିଗଲା ସୁବ୍ରତଙ୍କର । କଥା ଟା କୋଉ ଦିଗକୁ ଗତି କରୁଛି ସେ ଜାଣି ପାରୁ ନାହଁନ୍ତ । ତାଙ୍କ

ISSN NO.
2582-208X

ଆଡକୁ ତ ଆସୁନ । କାନ ଡେରି ପ୍ରତ୍ୟେକ ଟି ଶବ୍ଦକୁ ବେଶ୍ ଗୁରୁତ୍ୱ ଦେଇ ଶୁଣିବାକୁ ଚେଷ୍ଟା କଲେ ।

ଦେବୀ କହୁଥିଲା ତା ସ୍ୱାମୀ ଆଜି କାଲି ବହୁତ ମଦ ପିଉଛନ୍ତି । ଘରକୁ ଡେରିରେ ଆସୁଛନ୍ତି। ଅତ୍ୟଧିକ ମଦ ପିଇ ବେଳେ ବେଳେ ହୋସ୍ ହରେଇ ବସି ତାକୁ ମାର ପିଟ ବି ଆରମ୍ଭ କରି ଦେଲେଣି । ବିଚାରୀ ବହୁତ କାନ୍ଦି କାନ୍ଦି ଗଲା କେମିତି ବୁଝେଇବି ଭାବି ପାରିଲିନ । ମନକୁ ପରିବର୍ତ୍ତନ କରିବା ପାଇଁ ମଝିରେ ମଝିର ମୋ ପାଖକୁ ଚାଲି ଆସୁଛି ।

ସବୁ କଥା ସମସ୍ତଙ୍କୁ କହି ହୁଏନା । ବାପ ମା ମନ ଦୁଃଖ କରିବେ ବୋଲି ତାଙ୍କୁ କିଛି କହି ପାରୁନ । ଭାଇ ଭାଉଜଙ୍କ ଠାରୁ ସେ ଜାଣେ କୌଣସି ସାନ୍ତ୍ୱନା ପୂର୍ଣ୍ଣ କଥା ଶୁଣିବନ । ସେଇଥି ପାଇଁ ମୋ ପାଖକୁ ଚାଲି ଆସୁଛି । ମଣିଷ ଏପରି ପଶୁ ପାଲଟି ଯାଆନ୍ତି ହାତକୁ ପୁଳାଏ ଟଙ୍କା ଆସିଗଲେ ।

ଅପର୍ଯ୍ୟାପ୍ତ ପୈତୃକ ସଂପତ୍ତି, ବାପ ଚାଲିଗଲା ପରେ ବାପାଙ୍କର ସବୁ କଳା ଧନ ହାତକୁ ଆସିଗଲା ପରେ ମନ ଇଚ୍ଛା କାମ ବର୍ତ୍ତମାନ । କଷ୍ଟାର୍ଜିତ ଧନ ହୋଇଥିଲେ ଏପରି ବେପରୁଆ ବ୍ୟବହାର କିଏ କରୁ ଥାନ୍ତା ! ଏତେ ଗରିବ ଲୋକ ଏ ଦେଶରେ ଅଛନ୍ତି କାହାକୁ ସାହାଯ୍ୟ ତ କରି ପାରନ୍ତା ଭଲ କାମରେ ମନ ନିବେଶ ତ କରି ପାରନ୍ତା । ଟଙ୍କା ବହୁତ ହେଇ ଗଲେ କଣ ଏମିତି ଅବାଟରେ ଯାଇ ମଣିଷ ସବୁ ଉଡାଏ ।

ଛି ଛି । ମଦ ତ ପିଉଛି ଛାଡ । ଆଉ ସବୁ କ କୁ କର୍ମ କରୁଥିବ ସେ ଜାଣେ । କିନ୍ତୁ ଘରକୁ ଆସି ସ୍ତ୍ରୀ ଝିଆ ପିଲା ମାନଙ୍କୁ ମାରିବାର ମାନେ କଅଣ ! ଭଗବାନଙ୍କୁ ଲକ୍ଷେ ନୁହେଁ କୋଟିଏ ପ୍ରଣାମ ଯେ ତୁମ ପାଖରେ ଏତେ ଧନ ନାହିଁ । ମୋର ଧନ ଲୋଡା ନାହିଁ । ତୁମ ପରି ଜଣେ ଦେବତାର ମନ ଦରକାର ଥିଲା ତୁମେ ମତେ ମିଳିଗଲ । ମୋର ଆଉ ଏ ଜୀବନରେ କିଛି ଦରକାର ନାହିଁ ।

ଓଃ କି ଆଶ୍ୱସ୍ତି ଅରୁଣା ଠାରୁ ଏ କଥା ଶୁଣି । ସେ ଅନ୍ୟ କେତେ କଣ ଭାବି ନେଇଥିଲେ । ଦିନ ଯାକ ମନ ଟା କ ଛଟ ମିଟ ଅବସ୍ଥାରେ ଥିଲା କେବଳ ସେ ହି ଜାଣନ୍ତି । ସେ

ISSN NO.
2582-208X

ଅରୁଣାର  ଗାଳ ଗୁଲଜ, ଅଭିଯୋଗ ସବୁ ସହିଯାଇ ପାରନ୍ତ କନ୍ତ ଲୁହ ନୁହେଁ ସେ ଲୁହ ପୁଣି ତାଙ୍କ ଅସଫଳ ଜୀବନକୁ ନେଇ । ମନର ଖଟା ଅବସ୍ଥାରେ ହଠାତ୍ କଲେ ରସଗୋଲ୍ ଖାଇବାର ମିଠା ସେ ଅନୁଭବ କଲେ । ଟାଣି ଓଟାରି ଏକ ପ୍ରଫେସରୀୟ ଠାଣିରେ କଛି ବକ୍ତୃତା ଦେଇ ସେ କ ଶାନ୍ତରେ ଶୋଇଗଲେ ସେଦିନ । ଏବେ ଯେତେ ଥର ଶାଳୀ ଆସିବ ଆସୁ ।

ରଚେଷ୍ଟର, ମିନେସୋଟା

ISSN NO.
2582-208X

# କୃଷ୍ଣ ଚୁଡା



ବାସନ୍ତୀ ଲତା ଜେନା

କୃଷ୍ଣ ଚୁଡା ଦେଉଛି ହସି
ସୁରୁଜ ତାପରେ ଧରା ଜଳୁ ଅଛି
ଝାଞ୍ଜି ବହୁ ଅଛି ନ ଲଗେ ଖୁସି
କୃଷ୍ଣ ଚୁଡା ଦେଉଛି.....(ଘୋଷା)

ଗାଆଁ ସହରରେ ସଡ଼କ ପାଖରେ
କୃଷ୍ଣ ଚୁଡା ହସେ ଥୁଣ୍ଟା ଗଛରେ
ନାଲି ପାଟ ପିନ୍ଧି ସୁନ୍ଦରୀ ସାଜିଛି
ସବୁରି ମନକୁ କିଣି ନେଉଛି
ଐଶ୍ୱର୍ଯ୍ୟ ଶୋଭାର ରୂପ ଅନୁପମା
ପାଖେ ଦୂରେ ଥିଲେ ପ୍ରୀତି ବରଷି
କୃଷ୍ଣ ଚୁଡା ଦେଉଛି........(୧)

ବୃକ୍ଷ ଡ଼ାଳୁ ଝରେ ବସୁଧା କୋଳରେ
ନାଲି ପାଖୁଡ଼ାର ପଣତ ତାରେ
ଖୁସି ଭରି ଦିଏ ସବୁରି ପ୍ରାଣରେ
ସ୍ନେହ ପ୍ରେମ ପ୍ରୀତି ପୁଲକ ଭରେ
ଠାକୁରାଣୀ ଯାତ୍ରା ଦଣ୍ଡ ପରବରେ
ମାଆଙ୍କ ଚରଣେ ହେଉ ତୁ ତୋଷି
କୃଷ୍ଣ ଚୁଡା ଦେଉଛି......(୨)

ISSN NO.
2582-208X

କିଏ କହେ ତୋତେ ପ୍ରେମ ରଙ୍ଗ ପୁଣି
କିଏ କହୁ ଥାଇ ରଙ୍ଗ ଓଢଣୀ
ପ୍ରେମିକ ଆଖିରେ କୃଷ୍ଣ ଚୂଡା ଦିଶ
ପ୍ରେମିକା ଓଠର ନାଲି ପରଶ
କା ଆଖିରେ ଦିଶେ ମାନସୀର ହସ
ପ୍ରାତ ମଳୟରେ ପଡିଛ ବସି
କୃଷ୍ଣ ଚୂଡା ଦେଉଛି...... (୩)

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଛେଳି ଚରାଳିର ସ୍ୱପ୍ନ



କୁଞ୍ଜବିହାରୀ ରାଉତ

ସମୟ ଅତିକ୍ରାନ୍ତ, ଗୋଧୂଳି ଉପନୀତ
ଅନ୍ନ ଚିନ୍ତା ଚମତ୍କାର
ଏକଥା ବୁଝି ପାରିନଥିଲି ସେତେବେଳେ
ଏବେ ବୁଝିଲା ବେଳକୁ
ପେଟରେ ଭୋକ
ନିୟତିର କ୍ରୁର ଉପହାସ
ମୋତେ ଛେଳିଚରାଳିର ପରିଚୟ ଦେଇଛି
ପାଠରେ ଡୋରିବାନ୍ଧି
ଛେଳି ଚରାଉଛି
ଭୋକରେ ଆଉଟୁପାଉଟୁ
ପୁଣି ଆମେ ପାଞ୍ଚ ଭାଇଭଉଣୀ
ଶୁଖିଲା, ବିଷର୍ଣ୍ଣ ମୁଖମଣ୍ଡଳକୁ ଦେଖି
ଛେଳି କ୍ଷୀର ଓ ଛେଳିକୁ ବିକି ଖାଉଛି,
ମୋ ଭାଇଭଉଣୀକୁ ଖୁଆଉଛି
ମା' ମୋର ପରଘରେ ବାସନ ମାଜୁଛି
ଯାହାବି ଆଣୁଛି
ତା' ମୋ ବାପାଙ୍କୁ ନିଅଣ୍ଟ
ବାପା ମୋ ମଦୁଆ ମାତାଲ
ଘରେ ଥିଲେ କେତେ ନଥିଲେ କେତେ
ଯାଏ ଆସେ କେତେ

ISSN NO.
2582-208X

ଅହରହ ସଂଗ୍ରାମ ଚାଲିଛି
ଜୀବନ ସଂଘର୍ଷର
ସେ ସଂଘର୍ଷରୁ ଉତୁରି ଯାଇଛି ମୁଁ
ପରିଚୟ ନିଶ୍ଚିହ୍ନ ହେବା ପୂର୍ବରୁ
ମୁଁ ମୋ ପରିଚୟ ପାଇଛି
ଛେଳି ଚରାଳି ବୋଲି ସମାଜ ଜାଣିଛି.....
ଏବେ ଖୁସି ମୋ ପରିବାର
ପରିବାରରେ ମୋ,
ଖୁସିର କଦମ୍ବ ଫୁଲ ଫୁଟିଛି
ବାପା ମୋ ଟାଙ୍କେ ପିଇଦେଇ
ନିଶରେ ହାତମାରି କହୁଛି
ମୋ ପୁଅ ଛେଳି ଚରାଉଛି
ଏବେ ପାଉଛି
ସରକାରୀ କଣ୍ଟ୍ରୋଲ ଚାଉଳ
ଆଉ କିଛିଦିନ ପରେ
ଆସିବ ବାର୍ଦ୍ଧକ୍ୟ ଭର୍ତ୍ତା
ସବୁ ସୁବିଧା ପାଇବାପରେ
ମୋ ପରିବାରର,
ବିଷର୍ଣ୍ଣ ଆକାଶରୁ ବାଦଲ ହଟିବ
ସରକାରଙ୍କ ଦୟାରୁ ସବୁ ଉପଲବ୍ଧ ହେବ
ଘରେ ବସି ଆନନ୍ଦରେ ଦିନ ମୋ କଟିବ
ସତରେ, ଏ ଛେଳିଚରାଳିର
ସ୍ୱପ୍ନ କଣ ସତ ହେବ ??

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ISSN NO.
2582-208X

# ଦ୍ୱିବିଧ ସଂପର୍କ



ଡ. ଅର୍ଜୁନ ଚରଣ ବାରିକ୍

ସଂପର୍କ ଅଟଇ ବେନି ପରକାର ତିକ୍ତ ଆବର ମଧୁର ।

ତିକ୍ତ କୁ ବରଜ ହେ ସୁଧି ସମାଜ ମଧୁରେ କର ଆଦର ।।

ତିକ୍ତ ସଂପର୍କର ମୂଳରେ ହିଁ ସ୍ୱାର୍ଥ କରି ରହିଥାଇ ଘର ।

ତେଣୁ ସଂପର୍କର ଯଜ୍ଞରେ ସ୍ୱାର୍ଥକୁ ବଳି ଦିଅ ସୁଜ୍ଞ ନର ।।

ସ୍ୱାର୍ଥକୁ ତେଜିଲେ ଗଢି ହୋଇଯିବ ସଂପର୍କ ଆପେ ସୁନ୍ଦର ।

ସୁନ୍ଦର ସଂପର୍କ ଠାରୁ କିଛି ବଡ଼ ନାହିଁ

ଏ ସାରା ସଂସାର ।।

ଅଳୀକ ସଂସାର ସଂପର୍କ ହିଁ ସାର କେ ଅଛି ଏଥି ଅମର ।

ସଂପର୍କକୁ ସଦା କରି ଆପଣାର ତର ଏ ଭବ ସାଗର ।।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# ସଂହଭୂମିରେ ଓଡ଼ିଆ ଲୋକଗୀତର ପ୍ରକାର ଓ ପରିସର: ପ୍ରସଂଗ– କାନ୍ଦଣା ଗୀତ

କବିତା ଖଣ୍ଡାଇତ

ବର୍ତମାନ ଝାଡଖଣ୍ଡର ଭୌଗଳିକ ସୀମାରେ ଦକ୍ଷିଣାଂଚଳର ତିନୋଟି ଜିଲ୍ଲା ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି ଏବଂ ଷଢ଼େଇକଳା- ଖରସୁଆଁ ସାମଗ୍ରିକ ଭାବେ କୋହ୍ଲଣ- ପ୍ରମଣ୍ଡଳ (କମିଶନରି) ରୂପେ ପରିଚିତ । ଏହି ଅଂଚଳରେ କୋହ୍ଲ ଆଦିବାସୀ ମାନଙ୍କର ବହୁଳତା ଦେଖାଯାଉଥିଲେ ମଧ୍ୟ କନ୍ଧ, ସାନ୍ତାଳ, ଓରାଓଁ, ମୁଣ୍ଡା, ବିରହୋର, ଖଡ଼ିଆ ଇତ୍ୟାଦି ବହୁ ପ୍ରକାରର ଆଦିବାସୀ ତଥା ବିହାରୀ, ବଙ୍ଗାଳୀ ଓ ଓଡିଆ ଆଦି ଭାଷା ଭାଷୀ ଗୋଷ୍ଠୀର ବହୁ ଅଣ- ଆଦିବାସୀ ମଧ୍ୟ ଶହ ଶହ ବର୍ଷ ଧରି ବସବାସ କରି ଆସୁଛନ୍ତି ତଥା ଏକ ଅଣଆଦିବାସୀ ସଂସ୍କୃତିକୁ ମଧ୍ୟ ବର୍ଦ୍ଧିଷ୍ଣୁ କରି ରଖିଛନ୍ତି । ତେବେ ଝାଡ଼ଖଣ୍ଡର କୋହ୍ଲଣ ପ୍ରମଣ୍ଡଳରେ ଅଣ-ଆଦିବାସୀଙ୍କ ମଧ୍ୟରେ ଓଡ଼ିଆ ଭାଷୀ ପ୍ରାଚୀନ ଅଧିବାସୀଙ୍କ ସଂଖ୍ୟା ଅନେକ ବେଶି ଏବଂ ଏମାନେ ଏଠାକାର ଆଦିବାସୀ ତଥା ମୁଖ୍ୟ ଓଡ଼ିଶାର ସଂସ୍କୃତିତାରୁ ଭିନ୍ନ ପରିଚୟ ସଂପନ୍ନ ସାଂସ୍କୃତିକ ପରିଚୟ ସୃଷ୍ଟି କରି ପାରିଛନ୍ତି । ସେହି ଦୃଷ୍ଟିରୁ ଦେଖିବାକୁ ଗଲେ 'କୋହ୍ଲଣ' ସିଂହଭୂମି ଅଂଚଳର ଓଡ଼ିଆ ମାନଙ୍କର କେବଳ ଶବ୍ଦ ଭିନ୍ନ ପରିଣାମର ସାଂସ୍କୃତିକ ପରିଚୟ ଅଛି ତା' ନୁହେଁ, ଏଠାକାର ଓଡିଆ ଭାଷାର ଶବ୍ଦଭଣ୍ଡାର ଓ ବ୍ୟାକରଣ ଗତ ଭିନ୍ନତା ମଧ୍ୟ ଲକ୍ଷଣୀୟ । ସେହି କ୍ରମରେ ଦେଖାଯାଇପାରେ ଯେ ଏଠାକାର ଲୋକ ସାହିତ୍ୟ ଅର୍ଥାତ୍ ଲୋକ-କାହାଣୀ, ଲୋକ-ଗୀତ ଓ ଲୋକ-ନାଟକ ଇତ୍ୟାଦି ବହୁ ଭାବରେ ମୁଖ୍ୟ ଓଡ଼ିଶା ଠାରୁ ଭିନ୍ନ ପରିଚୟ ସଂପନ୍ନ । ସିଂହଭୂମି କୋହ୍ଲଣ ଅଂଚଳର ଲୋକଗୀତ ଅନ୍ତର୍ଗତ ଗୀତ ସମୂହର ପ୍ରକାର ଓ ପରିସର ସଂପର୍କରେ ଆଲୋକପାତ କରିବା ଏହି ନିବନ୍ଧର ମୂଳ ଉଦ୍ଦେଶ୍ୟ । କାନ୍ଦଣାଗୀତ ସଂପର୍କରେ ବିଶେଷ ଆଲୋଚନା ଏହି ନିବନ୍ଧର ଅନ୍ୟତମ ଉଦ୍ଦେଶ୍ୟ । କେବଳ ସିଂହଭୂମିରେ ନୁହେଁ, ଏହା ସମଗ୍ର ଭାରତ ବର୍ଷରେ ସମ୍ୟକ ଭିନ୍ନତା ସହ ଦେଖାଯାଏ । ବିବାହ ପ୍ରସଂଗରେ ବିଶେଷ କରି କନ୍ୟା ବିଦାୟ ମୁହୂର୍ତ୍ତରେ ସ୍ୱୟଂ ନବ ବିବାହିତା କନ୍ୟା ଓ ତା'ର ଘନ ସଂପର୍କୀୟ

ପରିବାର ବର୍ଗ କିମ୍ବା ମାନଙ୍କ ଦ୍ୱାରା କ୍ରନ୍ଦନ କରାଯାଉ ଥିବାର ସଚରାଚର ଦେଖାଯାଇଥାଏ। ଏହା ଏକ ହୃଦୟ ବିଦାରକ ଦୃଶ୍ୟ । ମନେ ହୁଏ ସତେ ଯେମିତି ବିବାହ ଆୟୋଜନର ସମସ୍ତ ଉଦ୍ଦୀପନା କାରୁଣ୍ୟରେ ପରିଣତ । ସୁଯୋଗ୍ୟ ପାତ୍ରଟିଏ ଖୋଜି କନ୍ୟାକୁ ଟୋଳି ଦେବାର କୁଚ୍ଛ୍ର ସାଧନା ଅଳୀକ ପ୍ରମାଣିତ ହୁଏ । ସତେ ଯେମିତି ଏହି କ୍ରମରେ କାନ୍ଦଣାଗୀତ ତା'ର ଚରମ ସୀମାରେ ଉପନୀତ ହୁଏ । ଅନ୍ୟାନ୍ୟ ଅଂଚଳ ଭଳି ସିଂହଭୂମିରେ ମଧ୍ୟ ଅଧୁନା ବାଲ୍ୟ ବିବାହ କ୍ରମଶଃ ଲୋପ ପାଉଛି । କମ ଶିକ୍ଷିତ କନ୍ୟା ମାନଙ୍କର ବିବାହ ଜନିତ ଚରମ ଉତ୍ସୁକତା, ଶିକ୍ଷା ଓ ରୋଜଗାରର ଦୁନିଆରେ ସ୍ୱକୀୟ ସ୍ଥିତି ଖୋଜୁଥିବା ଉଚ୍ଚ ଶିକ୍ଷିତା କନ୍ୟା ମାନଙ୍କଠାରେ ଖୁବ୍ କମ ଦେଖାଯାଏ । ସେହି କ୍ରମରେ ବିବାହକୁ ସର୍ବଶ୍ରେଷ୍ଠ ଓ ଏକମାତ୍ର ଉଲ୍ଲେଖନୀୟ ପର୍ଯ୍ୟାୟ ମାନୁଥିବା କନ୍ୟାମାନେ ଯେମିତି କାନ୍ଦଣାଗୀତ କିମ୍ବା ବିଭିନ୍ନ ଘର-କରଣା କ୍ଷେତ୍ରରେ ଯାବତୀୟ ଅନୁଷ୍ଠାନିକତାକୁ ହୃଦୟତାର ସହକାରେ ଶିକ୍ଷା କରୁଥିଲେ, ଉଚ୍ଚଶିକ୍ଷିତା ମାନଙ୍କଠାରେ ତା'ର ମଧ୍ୟ ଘୋର ଅଭାବ ଦେଖା ଯାଉଛି । ସଂପ୍ରତି ଦୁଃଖିତ ହେବା ପରିବର୍ତ୍ତେ ବିବାହ କରୁଥିବା କନ୍ୟାର ଆନନ୍ଦିତ ହେବା କିମ୍ବା କୌଣସି କାନ୍ଦଣାଗୀତ ମୁଖସ୍ଥ ନହେବା ମଧ୍ୟ ଏହାର କାରଣ ହୋଇଥାଇପାରେ ।

ପୌରାଣିକ କାବ୍ୟରେ ଶକୁନ୍ତଳାର ବିଦାୟ ସମୟକୁ କଣ୍ୱଙ୍କ ପରି ଋଷିଙ୍କ ଧୈର୍ଯ୍ୟ ଓ ଏକତ୍ରିତ ଆନନ୍ଦ, ବିଷାଦ, ସ୍ନେହ, ପ୍ରେମ ମଧ୍ୟ ଦେଇ ପ୍ରତି-ପାଳିତ କନ୍ୟାଟିଏର ବିଦାୟ, ପରିପାର୍ଶ୍ୱର ଦୁଇଟି ଧାରାରେ ସମକାଳୀନ ଭାବେ ପ୍ଲାବିତ ହେବାରେ ବାଧ୍ୟ କରିଥାଏ । ଗୋଟିଏ ପଟେ ସ୍ୱକୀୟ ବିଚ୍ଛେଦର ବୋଝ ସହ୍ୟ କରିବାକୁ ହୁଏ ଏବଂ ଅନ୍ୟ ପଟେ ବିଦାୟ ନେଉଥିବା ଅଳିଅଳ କନ୍ୟାଟିକୁ ସାନ୍ତ୍ୱନା ଦେବା ସହ ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ମଧ୍ୟ ଦେବାକୁ ହୁଏ । ଏଠାରେ ଅନ୍ୟଏକ ଲକ୍ଷଣୀୟ ଦିଗନ୍ତ ଏହି ଯେ, ବିଦାୟୀ କନ୍ୟା ଉଚ୍ଚସ୍ୱରରେ କାନ୍ଦୁଥିଲେ ମଧ୍ୟ ଓ ସ୍ୱକୀୟ ଭାବକୁ ଗୀତ ମାଧ୍ୟମରେ ପ୍ରକାଶ କରୁଥିଲେ ମଧ୍ୟ ପରିଜନମାନେ କିନ୍ତୁ କେହି ଚାପି ରହିଯିବାକୁ ବାଧ୍ୟ ହୋଇଥାନ୍ତି। ଅନ୍ତତଃ କାନ୍ଦଣାଗୀତ ଗାଇ ଦୁଃଖବ୍ୟକ୍ତ କରୁଥିବାର ଦେଖାଯାଏ ନାହିଁ । ସିଏ ପୁରୁଷ ହେଉ କିମ୍ବା ନାରୀ ହେଉ, ମିଳନରେ ହେଉ କିମ୍ବା ବିଚ୍ଛେଦରେ ହେଉ, ଜୀବନ ଯାତ୍ରାରେ ବହୁବାର କାନ୍ଦିବାକୁ ପଡ଼ିଥାଏ । କାନ୍ଦିବାର ପ୍ରବୃତି ସମସ୍ତଙ୍କର ରହିଛି । ମାତ୍ର ସମସ୍ତ କାନ୍ଦୁଥିବା ମହିଳାମାନେ ଗାଉଁଲି ନାରୀକବି କି ନା ସେ ଏକ ଅନ୍ୟ ବିତର୍କର

ISSN NO.
2582-208X

ବିଷୟ। ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ କ୍ରନ୍ଦନରତା ନାରୀଟିଏ ସ୍ୱୟଂ ଆଶୁକବି ନ ହୋଇ ବୟୋଜ୍ୟେଷ୍ଠଙ୍କ ଠାରୁ ଶୁଣି ଶିଖିଥିବା ଗୀତ ଗୁଡ଼ିକ ଗାଇଥାଏ । ସେ ଶାବ୍ଦିକ ମର୍ମରେ କାନ୍ଦଣାଗୀତ ଗାଇ ନଥିଲେ ମଧ୍ୟ, ତାଙ୍କ ଗୀତ କୌଣସି ଉଚ୍ଚାରିତ କାନ୍ଦଣା ଗୀତଠାରୁ ଅଧିକ ସୁଦୂର ପ୍ରସାରୀ ଥିଲା । ସଂପ୍ରତି ସାହି ପଡ଼ିଶାଙ୍କ ତାସ୍ଲ୍ୟ ଭାବରୁ ରକ୍ଷା ପାଇବା ପାଇଁ ବୟଜ୍ୟେଷ୍ଠଙ୍କ ଠାରୁ ନାମ ମାତ୍ର ବିଦାୟ କାଳୀନ କାନ୍ଦଣାଗୀତ ପଦେ ଦୁଇପଦ ଶିଖିନେଉଥିବା ଉଚ୍ଚଶିକ୍ଷିତା ମାନଙ୍କଠାରେ ଦେଖାଯାଏ । କିନ୍ତୁ ନିଚ୍ଛକ ଗ୍ରାମାଂଚଳରେ ପରଂପରାବାଦୀ ପ୍ରଥାରେ ଏବେ ମଧ୍ୟ ନିରୂତା କାନ୍ଦଣାଗୀତ ଶୁଣାଯାଇଥାଏ । ଯଦିଓ ଏହାର ପରିମାଣ ଓ ଉଚ୍ଛ୍ୱସିତ ଭାବ କାଳକ୍ରମେ ହ୍ରାସ ପାଇବାରେ ଲାଗିଛି ।

ଲୋକଗୀତର ପରିସୀମା ମଧ୍ୟରେ କାନ୍ଦଣାଗୀତର ସ୍ୱରୂପ ନିର୍ଦ୍ଧାରଣ ଅନେକେ କରିଛନ୍ତି । 'କାନ୍ଦଣାଗୀତ' ସଂପର୍କରେ ଟିପ୍ପଣୀ କରିବାକୁ ଯାଇ ପ୍ରଖ୍ୟାତ ଲୋକ ସାହିତ୍ୟ ଗବେଷକ ଡ଼ଃ କୁଞ୍ଜବିହାରୀ ଦାଶ ଯଥାର୍ଥରେ କହିଛନ୍ତି, "ଗାଉଁଲି କବି ମାନଙ୍କର କୋମଳ ଅନ୍ତରରୁ ଅଶୃବିନ୍ଦୁ ସଙ୍ଗେ ଯେଉଁ ମୁକ୍ତାମାନ ଝଡ଼ି ପଡ଼ିଥାଏ, ସେଇ ହେଉଛି- କାନ୍ଦଣାଗୀତ ।" ॥୧॥ ବାସ୍ତବ 'କାନ୍ଦଣାଗୀତ ମନରେ କରୁଣା ଏବଂ ଆଶୀର୍ବାଦ ଉଭୟ ପ୍ରକାରର ଭାବନାକୁ ପ୍ରକାଶ କରିଥାଏ । ବହୁ ବର୍ଷ ଧରି ମନେ ରଖିଥିବା ପଦ ପଂକ୍ତି ସମୂହ ପୁନରାବୃତି କରିଥାଏ । ଏ ପୁନରାବୃତି ଅବଶ୍ୟ ଦୋଷଯୁକ୍ତ ନୁହେଁ, ବରଂ ପାରଂପରିକତାର ଆବାହନରେ ପୁଣ୍ୟକର୍ମ ସ୍ୱରୂପ ବୋଲା ଯାଇପାରେ । କାରଣ ଏହି କାନ୍ଦିବାର କ୍ରମରେ ବନ୍ଧୁ ସଂପର୍କୀୟ ଇତ୍ୟାଦିଙ୍କ ପ୍ରତି ବିଦାୟୀ କନ୍ୟାର ମନୋଭାବ ମଧ୍ୟ ଯୁକ୍ତ ରୂପରେ ବୁଝିହୁଏ ବିଦାୟର ଭାବାବେଗ ସହ । ମାତ୍ର ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ସମସ୍ତ ପ୍ରକାରର କାନ୍ଦଣାଗୀତ କାଳକ୍ରମେ ପ୍ରଚଳନରୁ ପରିସମାପ୍ତି ଆଡ଼କୁ ଧାବମାନ ।

କାନ୍ଦଣାରେ ଓ କାନ୍ଦଣାଗୀତ ମାଧ୍ୟମରେ ଶ୍ରୋତାମାନଙ୍କ ସମବେଦନା ଲାଭ କରିବାର ପରିମାଣ ଅତ୍ୟନ୍ତ ବେଶି । ସତ, ମିଛ, ଦେଖା-ଅଦେଖା ସମସ୍ତ ପୃଷ୍ଠଭୂମି ଓ ପୃଷ୍ଠଚିତ୍ରର ପିରିପ୍ରକାଶ କାନ୍ଦଣା ମାଧ୍ୟମରେ ପ୍ରକାଶ ହେବାପରେ ଉପଲବ୍ଧ ସମବେଦନାର ହାର ସମଧିକ । ତେବେ ପ୍ରତିଦାନରେ ସାନ୍ତ୍ୱନା ବ୍ୟତୀତ ବିଶେଷ କିଛି ହାସଲ ନହେବା ମଧ୍ୟ ଅନ୍ୟ ଏକ ଲକ୍ଷଣୀୟ ଦିଗନ୍ତ । ଶାଶୁ ଘରକୁ ଯିବା ଆଗରୁ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ ଇତ୍ୟାଦିଙ୍କ ସଂପର୍କିତ ଆପତି ଅଭିଯୋଗ ଷୋହଳଅଣା କପୋଳକଳ୍ପିତ କିମ୍ବା ଅନୁଭବ

ISSN NO.
2582-208X

ସଂପନ୍ନ ବୟୋଜ୍ୟେଷ୍ଠଙ୍କ ଠାରୁ ଅନୁଶୃତି ଆଧାରରେ ନିର୍ଣ୍ଣିତ ହୋଇଥିଲେ ମଧ୍ୟ, କାନ୍ଦଣା ମାଧ୍ୟମରେ ପ୍ରକାଶ ପାଉଥିବା ଯୋଗୁଁ ହଠାତ୍ ସାରଗର୍ଭକ ହୋଇଉଠେ । ନିବିଡ଼ ଅନୁଭୂତିର ସ୍ୱତଃସ୍ଫୁର୍ତ ଅଭିବ୍ୟକ୍ତି ଭଳି ଅତୀବ ହୃଦୟସ୍ପର୍ଶୀ ହୋଇଉଠେ । କ୍ଷଣିକ ପାଇଁ ହେଲେ ମଧ୍ୟ ସମସ୍ତ ଶ୍ରୋତାବର୍ଗ ଏଥିରେ ଭାବ ବ୍ୟାକୁଳ ହୋଇ ଉଠିଥାନ୍ତି ।

ଦଶ ମାସ ଗର୍ଭରେ ଧରି ଜନ୍ମ ଦେଇଥିବା କନ୍ୟାଟିକୁ ବିଦାୟ ଦେଉଥିବା ମା'କୁ ତେଣୁ କନ୍ୟା ମୁହଁରୁ ଶୁଣିବାକୁ ପଡେ –

"ଦୁଆର ଆଗରେ ଦୁଧ ଗିଲାସ, ମା'ଗୋ
ମା' ଗର୍ଭଧାରୀ ନ ଦଶ ମାସ, ମା'ଗୋ
କ୍ଷୀର ଦାନ ଦେଇ ପାଂଚ ବରଷ, ମା'ଗୋ
ଅନ୍ନଦାନ ଦେଇ ଷୋଳ ବରଷ, ମା'ଗୋ
କି ଦୋଷ ଦେଖିଲ ଲନା ମୋହର, ମା'ଗୋ
ମୋକେ ଠେଲିଦେଇ ନଦୀ ସେପାର, ମା'ଗୋ ।" ଇତ୍ୟାଦି
(ଖରସୁଆଁରୁ ସଂଗୃହୀତ)

ଠିକ୍ ସେହିପରି ବାପା, କାକା, ବଡ଼ଭାଇ, ବଡ଼ବାପା ଓ ଅନ୍ୟାନ୍ୟ ସଂପର୍କୀୟ ମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଉପମାନ-ଉପମେୟ ମୂଳକ ସଙ୍କେତ ଦେଇ ଅଭିଯୋଗ ଓ ଅଭିମାନ ମୂଳକ ଗୀତସବୁ ଗାନ କରାଯାଇଥାଏ । ପ୍ରତ୍ୟେକଟି ସମ୍ବୋଧନରେ ଏକ ସାଧାରଣ ସତ୍ୟ ହେଉଛି ଝିଅକୁ ଏକ ବୋଝ ଭାବି ବିଦାୟ କରିଦେଉଥିବାର ଅଭିଯୋଗ । ମାତ୍ର ସେହି ଅଭିଯୋଗ, ଏକ ଅଭିଯୋଗ ମାତ୍ର ହୋଇଥିବାରୁ ବୟୋଜ୍ୟେଷ୍ଠ ଗୁରୁଜନ ମାନେ ମଧ୍ୟ ଏଥିରେ ପ୍ରତିଦାନ ସ୍ୱରୂପ ଆଶୀର୍ବାଦ ହିଁ ଦେଇଥାନ୍ତି ।

ଶାଶୁଘରେ କୋମଳମତି ପଲ୍ଲୀବଧୂ ବିଭିନ୍ନ ଧରଣର ଅତ୍ୟାଚାରର ମଧ୍ୟ ସମ୍ମୁଖୀନ ହୋଇଥାଏ । ସେହି ଦୁଃଖପୂର୍ଣ୍ଣ ଅକଥ୍ୟ ଅତ୍ୟାଚାର ସମୂହର ସୂଚନା ମଧ୍ୟ କାନ୍ଦଣାଗୀତ ଗୁଡ଼ିକରେ ପ୍ରତିଫଳିତ ହୋଇଥାଏ ।

ISSN NO.
2582-208X

ଉଦାହରଣ ସ୍ୱରୂପ କକାଙ୍କୁ ଉଦ୍ଦେଶ୍ୟ କରି ଏକ ବାପଛେଉଣ୍ଡ ଝିଅର ଗୀତ –

"ଅଦିନ ବଉଳା କଢି ଦେଉଛି, କାକା ଗୋ
ମା' ନାଇଁ ଛୁଆ ଭାସି ଯାଉଛି, କାକା ଗୋ
ଗହଣା ପତର କାହିଁ ବୋଲିବେ, କାକା ଗୋ
ଛେଉଣ୍ଡ ଛୁଆଟା ବୋଲି କହିବେ, କାକା ଗୋ
ଆଜ ମୋର ମାଁ ନାଇନି ବୋଲି କାକା ଗୋ
କେଡ଼େ ନିରଖରେ ଯାଉଛି ଚାଲି, କାକା ଗୋ
ମୋକେ ଏକ ମୁହିଁ କରିବ ନାଇଁ, କାକା ଗୋ
ଛ'ମାସରେ ବାରେ ଆଣି ଆସିବ, କାକା ଗୋ ।" ଇତ୍ୟାଦି

(ରାଜନଗର, ଷଢେଇକଳାରୁ ସଂଗୃହୀତ)

ବିଚ୍ଛିନ୍ନାଂଚଳ ସିଂହଭୂମିରେ ଗୋଟିଏ ଝିଅର ବାହାଘର ନିଶ୍ଚିତ ହେବାର ପରଠାରୁ ଓ ବିବାହ ତିଥିର ମାସେ ଦେଢ଼ମାସ ଆଗରୁ ନିର୍ଦ୍ଦିଷ୍ଟ କନ୍ୟାର କାନ୍ଦଣା ଶୃତିଗୋଚର ହୋଇଥାଏ । ସଂପ୍ରତି ଏହି ପରଂପରା ବିଭିନ୍ନ କାରଣରୁ ଲୋପ ପାଇବାକୁ ବସିଲାଣି, ଅନ୍ୟଥା ଝିଅର କାନ୍ଦଣା ଗୀତ ଶ୍ରବଣ କରି ତା'ର ବିଦାୟ ଲଗ୍ନ ବିଷୟରେ ଏକ ସ୍ପଷ୍ଟ ଅବଧାରଣା ସ୍ୱୟଂ ଷୋଷିତ ହେଉଥିଲା । ଗାଁରେ, ପ୍ରତିବେଶୀ ଗାଁରେ ଓ ଏପରିକି ଦୂରନ୍ତ ଘନ ସଂପର୍କୀୟ ମାନଙ୍କ ଘରକୁ ଯାଇ ଉପରଲିଖିତ ସମୟ ମଧ୍ୟରେ କୁମାରୀ ଶେଷ ଦେଖା କରିବା, ବିଦାୟ ନେବା, ସ୍ନେହାଶୀଷର ଚିହ୍ନ ସ୍ୱରୂପ କିଛି ଉପହାର ପାଇବା ତଥା ଅଣ-ଆନୁଷ୍ଠାନିକ ଭାବେ ଗୃହବଧୂର କର୍ତବ୍ୟ ଓ ଶିଷ୍ଟାଚାର ସଂପର୍କିତ ପାଠ ଶିଖିବା ମଧ୍ୟ ସେହି ପରଂପରାର ସୁଗୁଣ ଥିଲା । ଅନ୍ୟ ଭାବରେ ଦେଖିବାକୁ ଗଲେ ଏହି ବହୁ ଆୟାମ ବିଶିଷ୍ଟ ଅଣଆନୁଷ୍ଠାନିକ ଶିକ୍ଷା, ସୁଖମୟ ଓ ଶାନ୍ତିପୂର୍ଣ୍ଣ ଦାମ୍ପତ୍ୟ ଜୀବନ ଯାପନରେ ମଧ୍ୟ ପରୋକ୍ଷରେ ସହାୟକ ସିଦ୍ଧ ହେଉଥିଲା । "କାନ୍ଦଣା ଗୀତର ଆଙ୍ଗୀକରେ କାଳକ୍ରମେ ବିକୃତି ଆସିଥିଲେ ମଧ୍ୟ ଏହି ମର୍ମରେ କୌଣସି ପରିବର୍ତନ ଆସିନାହିଁ ।" ।୨॥ କନ୍ୟା ବିବାହ ଓ ବିବାହିତା କନ୍ୟାର ବିଦାୟ ମୁହୂର୍ତ ବ୍ୟତୀତ, କୌଣସି ବ୍ୟକ୍ତିର ମୃତ୍ୟୁରେ ମଧ୍ୟ

ISSN NO.
2582-208X

ଶୋକପୂର୍ଣ୍ଣ କାନ୍ଦଣା ଓ କାନ୍ଦଣାଗୀତ ଶୁଣାଯାଇଥାଏ । ବିବାହ ପ୍ରସଂଗରେ ବିବାହିତ କନ୍ୟା କିମ୍ବା ତା'ର ଘନିଷ୍ଠ ସମ୍ବନ୍ଧୀୟ ଓ ସମ୍ମାନନୀୟ ବ୍ୟକ୍ତିମାନେ ବସ୍ତୁତଃ କାନ୍ଦିଥାନ୍ତି ।

କାନ୍ଦଣାର ମୂଳଉତ୍ସ, ସମ୍ବେଦନା ଓ ଆବେଗ ଭାଷା ଓ ଅଂଚଳର ସୀମାପାରି ହୋଇ ଏକଧରଣର ହୋଇଥିଲେ ମଧ୍ୟ, ଉପସ୍ଥାପନା, ସମ୍ବୋଧନ ଓ ଶବ୍ଦସଂରଚନାର ବ୍ୟତିକ୍ରମ ତଥା ଶୈଳୀଗତ ବିଭିନ୍ନତା ଓ ଚମତ୍କାରିତା ଏକାନ୍ତ ଭାବେ ଏକ ଲକ୍ଷଣୀୟ ଦିଗନ୍ତ, ବିଚ୍ଛିନ୍ନାଂଚଳର ଲୋକଗୀତ ଗୁଡ଼ିକରେ । ଏହି ଲୋକଗୀତ ଗୁଡ଼ିକରେ ସ୍ଥାନୀୟ ଆଂଚଳିକ ଶବ୍ଦ ସମୂହର ଭାବପୂର୍ଣ୍ଣ ଉପସ୍ଥାପନ ଓ ଉପମା ଓ ଚିତ୍ରକଳ୍ପ ତଥା ପରିବେଶଗତ ଚିତ୍ରମୟ ବର୍ଣ୍ଣନା ବେଶ ଲକ୍ଷଣୀୟ । ଏହା ଏଠାରେ ଉପସ୍ଥାପିତ କିଂଚିତ ପଦପଂକ୍ତିରୁ ମଧ୍ୟ ଲକ୍ଷ୍ୟ କରାଯାଇପାରେ । ବିଚ୍ଛିନ୍ନାଂଚଳ ସିଂହଭୂମିର ଲୋକଗୀତ, ଲୋକକାହାଣୀ କ୍ଷେତ୍ରରେ ମଧ୍ୟ ଏକଥା କୁହାଯାଇପାରେ ।

ଅନ୍ତଃ ଟୀକା –

।।୧।। ପ୍ରଧାନ ଡ଼ଃ ପ୍ରସନ୍ନ କୁମାର, 'ସିଂହଭୂମିର ଓଡ଼ିଆ ଲୋକସାହିତ୍ୟ', ମହୀଶୁର/ଭୁବନେଶ୍ୱର – ୨୦୧୦, ପୃଷ୍ଠା-୨୮୩ ।

।।୨।। ପ୍ରଧାନ ଡ଼ଃ ହରିହର, 'ସିଂହଭୂମିର ଓଡ଼ିଆ ଲୋକକାହାଣୀ', ବିଜୟିନୀ, କଟକ -୨୦୧୫, ପୃ-୮୯ ।

ସହାୟକ ଗ୍ରନ୍ଥସୂଚୀ –

୧– ସାହା, ଚତରଂଜନ, 'ଧଳଭୁମେର ଲୋକଗୀତ', କଲିକତା, ୧୯୯୨ ।
୨– ମାହତୋ ବଙ୍କିମଚନ୍ଦ୍ର, 'ଝାଡଖଣ୍ଡେର ଲୋକସାହିତ୍ୟ', କଲିକତା, ୧୯୭୮ ।
୩– ଦାଶ କୁଞ୍ଜବିହାରୀ, 'ଓଡ଼ିଆ ଲୋକଗୀତ ଓ କାହାଣୀ', ବିଶ୍ୱଭାରତୀ, ୧୯୫୮ ।

(ରିସର୍ଚ୍ଚ ସ୍କଲାର)
କୋଲ୍ହାଣ ବିଶ୍ୱ ବିଦ୍ୟାଳୟ

ISSN NO.
2582-208X

# ବସନ୍ତର ମୃଦୁ ମଧୁର ମଳୟେ



ଅଧ୍ୟାପିକା ଗ୍ରେଜାଲିନ୍ ବାରିକ୍

ବସନ୍ତର ମୃଦୁ ମଧୁର ମଳୟେ ପୀକ କରଇ କୂଜନ ।
ବନ ଉପବନେ ପ୍ରସ୍ଫୁଟିତ ହୋନ୍ତି ନାନା ଜାତିର ପ୍ରସୂନ ।୧।
ବିଭବେ ଭବର ହୋଇ ଆନମନା ଉତଫୁଲିତ ଜନମନ ।
ବିଭିନ୍ନ ଶୋଭା ଶିରୀରେ ବିମଣ୍ଡିତ ପ୍ରକୃତିର ଅପଘନ ।୨।
ବିବିଧ କୋମଳ ପଲ୍ଲବ ଆବୋରି ପାଦପ ଓ ଲତାମାନ ।
ବିକଶିତ ହୋନ୍ତି ନବ ପତ୍ର ଫୁଲେ କବି ମନ ଆକର୍ଷିଣ ।୩।
ବିହରନ୍ତି ନରେ ପ୍ରକୃତି ଉପରେ ଢାଳି ଦେଇ ମନପ୍ରାଣ ।
ବିଧୂ କରନିଶିଥିନୀରେ ପ୍ରକାଶି ଆକର୍ଷେ ବିରହୀମନ ।୪।
ବନାନି ପ୍ରାନ୍ତରେ ସବୁଜିମା ଭରେନାହିଁ ଖରା ଶୀତ ଟାଣ ।
ବିଭୋର ହୁଅନ୍ତି ଭାବୁକ ପ୍ରବର କବି ଦାରଶନୀକ ପୁଣ ।୫।
ବିଧାତାର ବରଦାନ ମଧୁକାଳ ପ୍ରମତ୍ତ ମଧୂପ ଗଣ ।
ବିକଶିତ ନାନା ରଙ୍ଗିନ କୁସୁମେ ଚୁମ୍ବ କରନ୍ତି ପ୍ରଦାନ ।୬।
ବୟ ବୃଦ୍ଧଠାରୁ ଶିଶୁ ପରିଯନ୍ତେ ହରଷେ କଟାନ୍ତି ଦିନ ।
ବାଳ ଶିଶୁ ଗଣ ବିଦ୍ୟା ଅରଜନେ ମନ କରନ୍ତି ପ୍ରସନ୍ନ ।୭।
ବିଧିର ବିଧାନ ଶୀତ ପରେ ବସନ୍ତର ହୁଏ ଆଗମନ ।
ବସିଣ ରସାଳ ଗହଳେ ହଳଦୀ ବସନ୍ତ କରଇ ଗାନ ।
ବନଜ ନୟନ ବଂଶୋରୀ ବଦନ ମଣ୍ଡପରେ ବିମାନେ ଯାନ୍ତି ବହନ ।୯।
ବାହାବାହାରେ କୁସୁମାକର ଋତୁ ସର୍ବ ଋତୁଙ୍କ ପ୍ରଧାନ ।
ବର୍ହି ଜଗତର ଶୋଭା ବିବର୍ଦ୍ଧନେ ତୋଷ ପଶୁ ପକ୍ଷୀମାନ ।୧୦।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ - ୯୯୩୮୫୦୧୧୦୨

ISSN NO.
2582-208X

# ଭୁଲିଯାଇଛି



ଡ. ଜ୍ଞାନେଶ୍ୱର ମିଶ୍ର

ସୂର୍ଯ୍ୟ ଉଦୟ ହେବାର ଥିଲା ଅସ୍ତ ହୋଇଗଲା,
କମାଣ ବୋମାର ଧୂଆଁ ସୂର୍ଯ୍ୟଙ୍କୁ ଢାଙ୍କିଲା
ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ଚକ୍ର
ସୂର୍ଯ୍ୟ ଢାଙ୍କିବା କଥା ଶୁଣାଥିଲା ।

କହନ୍ତୁ ଏ କଣ ?
ପୁଅ ସୈନ୍ୟ ମୃତ କଫିନ୍ ଭିତରେ
ସ୍ୱାମୀ ଶରଣାର୍ଥୀ ପୋଲାଣ୍ଡ ମାଟିରେ
ନାରୀଟିଏ ସଢୁଅଛି ବଙ୍କର ବାମ୍ଫରେ
ମା କ୍ଷୀର ପିଉ ପିଉ ମା ଶିଶୁ ଶୋଇଗଲେ
ଅଉଠା ହଦରେ ।

ଡାକ୍ତରୀ ପାଠପଢି ବଞ୍ଚାଇବେ ଜୀବନ ଅନ୍ୟର
ତା ଆଗରୁ ହରାଇଲେ ଜୀବନ ନଜର
ସୁସଜ୍ଜିତ ସୌଧ ଅଟ୍ଟାଳିକା କେତେ ସୁନ୍ଦର ସତରେ
ନମିଷକେ ବଦଳଲା ପାଉଁଶ ଗଦାରେ

ISSN NO.
2582-208X

ମୃତ୍ୟୁ ଜିଭ ଲହଲହ ବୁଲାଇ ଗ୍ରାସିଛି
ଘାଟ, ବାଟ, ଗଛଲତା ନରନାରୀ ଶିଶୁ
ବିନା ଭେଦଭାବରେ କରୁଅଛି ଗ୍ରାସ
ଗୋଟିଏ ନିଶ୍ୱାସ ପରେ ଅନ୍ୟ ନିଶ୍ୱାସକୁ
ହେଉନି ବିଶ୍ୱାସ

ଯୁଦ୍ଧ ହୁଏ, ଅଶାନ୍ତି ଦମନ କରି ଆଣିବାକୁ ଶାନ୍ତି
ଏ ମଣିଷ ପାଏ ଅତ୍ୟାଚାର ଅନ୍ୟାୟରୁ ମୁକ୍ତି

କିନ୍ତୁ ଏ ଯୁଦ୍ଧ – ବିନା ଦୋଷେ ଖାଲି ଈର୍ଷା ଜର୍ଜରିତ
ମଣିଷପଣିଆ ମଶାଣିରେ ଫିଙ୍ଗି ସେ ସାରିଛି
ଧ୍ୱଂସ ସ୍ତୂପରେ କରିବ ରାଜୁତି
ବିଶ୍ୱରେ ବଢାଇବ ନିଜ ପ୍ରତିପତ୍ତି
ରୁଷ୍ ରୋଷରେ ମାତିଛି
ସେମାନଙ୍କର ବି ମୃତ୍ୟୁ ଅଛି, ଧ୍ୱଂସ ଅଛି
ଆକ୍ରମଣ ଆଗରୁ ଏକଥା ସେ ଭୁଲି ଯାଇଅଛି ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X

# ଫୁଲର ଅଭିଳାଷ



ଅଳକା ମହାନ୍ତ

ଫୁଲ ଟିଏ ମୋତେ କର ମହାବାହୁ
ଧନ୍ୟ ହେବି ବୀର ଗଳେ,
ଦେଶ ମାତୃକାର ସେବା କରେ ଯିଏ
ଭୟ ନାହିଁ ତାର ତିଳେ ।୧।

ଫୁଲ ଟିଏ ମୋତେ କର ମହାପ୍ରଭୁ
ଖେଳିବି କିଷାନ ଖେତେ,
ହାଡ଼ ମାଂସ ତାର ମାଟିରେ ମିଶିଛି
ଯୋଗାଇଛି ଖାଦ୍ୟ କେତେ ।୨।

ଫୁଲ ଟିଏ ମୋତେ କର ମହାପ୍ରଭୁ
କୀଟ ପତଙ୍ଗ ଙ୍କୁ ମଧୁ ମୁଁ ଦେବି,
ମୋର ସୁବାସ ରେ ଦିଗ ଚହଟିବ,
ସୁଧନ୍ୟା ମୁଁ ହିଁ ହୋଇ ବି । ୩।

ଫୁଲ ଟିଏ ମୋତେ କର ମହାପ୍ରଭୁ
ସେବିବି ଗୁରୁ ଚରଣ,
ଆଲୋକିତ ହେଉ ମୋ ଗନ୍ତବ୍ୟ ସ୍ଥଳ
କରି (ତାଙ୍କ) ଆଶିଷ ଧାରଣ ।୪।

ତୁମର ଚରଣ ପାଦୁକା ପରେ ବି
ସ୍ଥାନ ଦିଅ ମହାବାହୁ,
ତୁମ ବିନା କିଏ ମଙ୍ଗଳ ମୟ
ତୁମ ବିନା ମୁକ୍ତି କାହୁଁ ।୫।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଅସାଧାରଣ
# ସୁନ୍ଦରବନ– ୧୯



ଅଶୋକ ବିଶ୍ୱାଳ

“ସେଦିନ ଗୋଟିକ ପରେ ଗୋଟିଏ ହୋଇ ଦଳେ ହରିଣ ପୋଖରୀକୁ ଗଡିଲେ । ଏଠି ଦଳ ଛୋଟା ବେଶିରେ ପାଞ୍ଚ ଛଅଟି ହୋଇପାରନ୍ତୁ । ପୋଖରୀଟା ଟିକଏ ଖୋଲା ଯାଗାରେ ଆଉ ବନ୍ଧ ସାମାନ୍ୟ ଉଚ୍ଚ । ପୋଖରୀର ସେପଟୁ ପାଣିରେ କଏ ଅଛି ଦେଖା ଯିବନ । ଜଙ୍ଗଲପଟୁ ଏକ ପଶୁ ବନ୍ଧର କୁଦ ଚଢି ପୋଖରୀର ପାଣିକୁ ଓହ୍ଲାଏ । ତଳୁ ଜଙ୍ଗଲରୁ କଏ ଆସୁଛି ଜାଣି ହେବନ । ଏକ ଆକ୍ରମଣ ମୁଁ ଆଖିରେ ଦେଖିଲି ।”– ସୁବିମଳ କଥାକୁ ନାଟକୀୟ ଭଙ୍ଗୀରେ କହୁଥିଲା । ସପନବାବୁ, ସୁବିମଳ ଆଉ ପାଓଲି ତନଟା ପ୍ଲାଷ୍ଟିକ ଚେୟାରରେ ବସିଥିଲେ । ସୁବିମଳର ଟର୍ଚ୍ଚଲାଇଟ ମଝିରେ ମଝିରେ ପୋଖରୀ ଉପରେ ବୁଲିଯାଉଥିଲା । କିଛି ଜୀବଜନ୍ତୁ ଦେଖାଗଲେ ସମସ୍ତେ ଖୁସି ହୋଇଯିବେ । କାହିଁ କିଛି ଦିଶୁ ନଥିଲା । ବନ୍ଧଟା ମାଟିଆ ଧଳା ଆଉ ସବୁ କାଳଚଆ । ସୁବିମଳତା’ କଥା କହି ଗଲିଲା ।

“ବାଘଟିଏ ଜଙ୍ଗଲରୁ ଧିରେ ବାହାରିଲା । ସେ ହରିଣମାନଙ୍କ ଉପସ୍ଥିତି ପ୍ରଥମେ ଜାଣି ନଥିଲା । ହରିଣମାନେ ପୋଖରୀରରୁ ଶାନ୍ତରେ ପାଣି ପିଉଥିଲେ । ବାଘକୁ କିଛି ଶବ୍ଦର ଆଭାସ ଆସୁଥିଲା । ଏଣେ ପୋଖରୀ ଭିତରେ ଗୋଟାଏ ହରିଣ କିଛି ବାରିଲା । ତା’ର ମୁହଁ ଆଉ କାନ ଏପଟ ସେପଟ ହେଉଥିଲା । ଗୋଡଗୁଡା ଚଞ୍ଚଳ ହେଉଥିଲା ।ମଝିରେ ମଝିରେ ଖୁରାକୁ ତଳେ ପିଟିଦେଉଥିଲା । ବାଘ କିଛି ଶବ୍ଦ ନକରି ପେଟେଇ ପଡିଥିଲା । ହରିଣମାନେ ଧିରେ ଆଶ୍ୱସ୍ତ ହୋଇ ପାଣି ପିଇବାରେ ଲାଗିଲେ ।

ବାଘ ସେତେବେଳକୁ ଠିକ ବନ୍ଧର ତଳକୁ ଆସିଯାଇଥିଲା । ତା’କୁ ଆଠ ଦଶ ଖୋଜ ଚଢିବାକୁ ପଡିବ । ତାପରେ ପାଣିକୁ ଗଡିବ । ତଳୁ ହରିଣମାନେ ବାଘକୁ ଦେଖିପାରୁ ନଥିଲେ । ବାଘ ବହୁତ ଧିରେ ବନ୍ଧ ଉପରକୁ ଚଢିଲା ।ବାଘର ଆସିବାଟା ମୁଁ ଉପରୁ ଲକ୍ଷ୍ୟ

ISSN NO.
2582-208X


କରିଥାଏ । ମୋତେ ବଡ଼ ଖୁସି ଲାଗୁଥାଏ । ଯାହେଉ ବାଘ ପୋଖରୀ ଧାରରେ ଏକ ଶିକାର ଧରିବ । ବାଘର ମୁଣ୍ଡ ଧିରେ ବନ୍ଧ ଉପରକୁ ଆସିଲା । ସେ ହରିଣାମାନଙ୍କୁ ଲକ୍ଷ୍ୟ କରିଲା । ତାପରେ ବାଘର ଗତି ସୁପର ସ୍ଲୋମୋସନରେ ଚଳଚନ୍ଦ ଦେଖିଲାଭଳ ଥିଲା । ସେ କାନ୍ଧ ଆଉ ଶରୀରକୁ ତଳୁଆ କରିଦେଲା ଆଉ ଏକଦମ ଧିରେ ଆଗାଉଥିଲା । ବାଘ ହରିଣ ଉପରେ ଆକ୍ରମଣ କରିବାର ଶେଷ ଅବସ୍ଥାରେ ଥିଲା । ବାଘର ଆକ୍ରମଣର ଗତି ହେଉଛି କେଇ ଖୋଜ ଧିରେ ପେଟେଇ ଆଗେଇବା ତାପରେ ଠିଆହୋଇ ଜୋରରେ ଦୌଡି ଲମ୍ଫ ଦେବା । ଏବେ ଆକ୍ରମଣର ଅନୁକୂଳ ଅବସ୍ଥା ଅଛି । ହରିଣମାନେ ମଧ ତଳେ ଅଛନ୍ତୁ । କନ୍ତୁ ସବୁ ଆକ୍ରମଣ ସଫଳ ହୁଏନା ।

ଏଣେ ହରିଣ ଦଳ କଛି ଠଉରାଇନେଲେ । ସେମାନେ ମୋଟେ ଶାନ୍ତରେ ପାଣି ପିଉ ନଥିଲେ । ସମସ୍ତେ ପ୍ରାୟ ମୁଣ୍ଡ ଉପରକୁ କରିଥିଲେ ଆଉ ସେମାନଙ୍କ ଗୋଡ ଛଟ୍ ଛଟ୍ ହେଉଥିଲା । ଏଣେ ବାଘ ପେଟେଇ କେଇ ଖୋଜ ଆଗେଇଲା । ତାପରେ ବାଘ ଜୋରରେ ଦୌଡ ଆଉ ଲମ୍ଫଦେଇ ହରିଣଦଳ ଆଡକୁ ଖେଦି ଆସିଲା । ହରିଣମାନେ ତ କଛି ବିପଦର ଆଶଙ୍କା କରୁଥିଲେ । ତେଣୁ ସେମାନେ ଜୋରରେ ଲମ୍ଫଦେଇ ଦୌଡିଲେ । ବାଘ ତ ଖୋଜେ ଦୁଇ ଖୋଜ ପଛରେ ଥିଲା ।”– ସୁବିମଳ କଥାଟା ବନେଇ ଚୁନେଇ କରି କହୁଥିଲା ।ଶ୍ରୋତାଙ୍କୁ ଏମିତି ଶୁଣିବାକୁ ଭଲଲାଗେ ।

“ବାଘ ଧରିଲା ?”– ପାଓଲି ଡେରି ହେଉଥିବା ଦେଖି ପଚାରିଲେ । କଥାର ସ୍ରୋତ ଧୀର ହେଲେ କ୍ଲାଇମାକ୍ସ ବେଳେ ଦେଖାଣାହାରୀ ବା ଶ୍ରୋତା ନଜେ ଯେମିତି ଏକ ଏକ ପାତ୍ର ହୋଇଯାଆନ୍ତୁ । ଅପେକ୍ଷା କରିପାରନ୍ତୁ ନାହିଁ ।

“ନା, ବାଘ ଧରିପାରିଲାନ । ସୁନ୍ଦରବନରେ ଲମ୍ବା ଦୌଡି ଧରିବାପାଇଁ ପ୍ରଶସ୍ତ ସ୍ଥାନ କାହିଁ? ଗୋଟାଏ ଦୁଇଟା ଲମ୍ଫରେ ଯଦି ବାଘ ନଧରି ପାରିଲା ତେବେ ଶିକାର ଘଞ୍ଚ ଜଙ୍ଗଲକୁ ଗ୍ଳଲିଯିବ ଆଉ ସେ ଭିତରୁ ଶିକାରକୁ ଧରିବା ଅସମ୍ଭବ । ଲୁଣା ଜଙ୍ଗଲ ଭିତରେ ଦୌଡିହେବନ ।”– ସୁବିମଳ କହୁଥିଲା । କଥାର ଏକ ପୂର୍ଣଛେଦ ପକାଉଥିଲା ।

ସମସ୍ତଙ୍କ କାନ ବାଘ ହରିଣ ଧରି ମାରିଲା ଶୁଣିବ ବୋଲି ଉତ୍ସୁକତାର ସହ ଅନାଇ ରହିଥିଲା । ଏକ ସାବଲୀଳ ଆଉ ଗତାନୁଗତିକ ଘଟଣା ସମସ୍ତେ ଅନୁମାନ କରିନଅନ୍ତୁ । ସେମିତି ପାଓଲି ଆଉ ସପନବାବୁ ବାଘ ହରିଣ କେମିତି ଧରିଲା, ବାଘ ଆଉ ହରିଣ

ISSN NO.
2582-208X

ଭିତରେ ସଂଘର୍ଷ ଆଉ ଶେଷରେ ବାଘ ହରିଣର ତଣ୍ଟି ଝୁଣି ମାରିବା କଥା ଆଗରୁ ନିଜ ହିସାବରେ ଭାବି ନେଇଥିଲେ । ହରିଣମାନେ ଖସି ପଳାଇବା କେମିତି ଘଟଣାର ଏକ ଭିନ୍ନ ମୋଡ ଥିଲା । ସମସ୍ତେ ନିଜ ହିସାବରେ ଶୁଣିଲେ ମନେ ମନେ ଖୁସି ହୋଇଯାଆନ୍ତୁ । କଥାଟା ମଜା ଲାଗେ ।

ଏକ ଧୀର ନିଃଶ୍ୱାସ ପାଉଲିଙ୍କ ଛାତିରୁ ବାହାରି ଆସିଲା । ତାପରେ ନିଃଶ୍ୱାସ ଟିକଏ ଜୋର ହେଲା । ସେ ହରିଣମାନଙ୍କ ଜୋର ଶ୍ୱାସ ନିଜ ଧମନୀରେ ଅନୁଭବ କରୁଥିଲେ । ହରିଣଟିଏ ନମରିବା ଶୁଣି ତାଙ୍କୁ ଏବେ ଭଲ ଲାଗୁଥିଲା । ଅବଶ୍ୟ ଟିକଏ ପରେ । ବିଚରା ନିରୀହ ପ୍ରାଣୀଟିଏ ବଞ୍ଚିଯାଇଛି ।

"ବାଘ ଖୁବ ଜୋରରେ ଦୌଡି ଜଙ୍ଗଲ ଧାରରେ ଅଟକିଗଲା । ତେଣିକି ବୃଥା ଚେଷ୍ଟା । ବାଘର ଛାତି ଉଠୁଥିଲା ପଡୁଥିଲା । ସେ ଫେରିପଡି ପୋଖରୀ ଆଡକୁ ଆସିଲା । ତା'ର କାନ୍ଧ ତଳୁଆ ହୋଇଯାଇଥିଲା । ହାରିଯିବାର ରୂପ ତା' ଚାଲିରେ ସ୍ପଷ୍ଟ ବାରି ହେଉଥିଲା । ପୋଖରୀ ଚାରିପାଖ ଶୁନଶାନ । କେଉଁଠି କିଛି ଡାକ ନଥିଲା । ବାଘ ପାଣି ଧାରରେ ପେଟେଇ ପଡି ପାଣି ପିଇଲା ।ତା'ର ମୁହଁଟା ପାଣିର ଉପରେ ଆଉ କାନ୍ଧ ତଳୁଆ ହୋଇଯାଇଥାଏ । ଅନେକ ସମୟଯାଏ ସେ ଚାଟୁ ଚାଟୁ କରି ପାଣି ପିଇଲା । ତାପରେ ବନ୍ଧରେ କିଛି ସମୟ ପଡି ରହିଲା । ପରେ ଉଠି ଧୀରେଧୀରେ ନିରୀକ୍ଷଣ ପଟ୍ଟୀର ଧାରରେ ଚାଲିବାକୁ ଲାଗିଲା ଆଉ ଆଖି ଆଗରୁ ଲୁଚିଗଲା ।"- ସୁବିମଳ କଥାଟା ପୂର୍ଣ୍ଣ କରୁଥିଲା ।

"କାହାଣୀଟା ବଡ଼ ଚମତ୍କାର ।"- ପାଓଲି କହିଲେ। ଥଣ୍ଡା ପାଗରେ ଏମିତିଆ ବାଘର କାହାଣୀ ତା' ପୁଣି ଅନ୍ଧାରରେ ଶୁଣିବାକୁ ଭଲ ଲାଗୁଥିଲା । ସେମାନେ କିଛି ସମୟ ଏମିତି ବସି ରହିଲେ । ମଝିରେ ମଝିରେ ସୁବିମଳର ଟର୍ଚ୍ଚ ପୋଖରୀ ଉପରେ ବୁଲି ଆସୁଥାଏ । କାହିଁ କେଉଁଠି କିଛି ଜୀବନର ଲକ୍ଷଣ ଦେଖାଯାଉ ନଥିଲା ।

"ଆଉ ଏଇଠି କେତେଥର ବାଘ ଦେଖିଛ ?" – ସପନାବୁ ପଚାରିଲେ ।

"ପୋଖରୀ ଧାରରେ ଅନେକ ଥର ।"-

"କେତେବେଳେ ?"

ISSN NO.
2582-208X

"ବହୁତ ସମୟ ସକାଳ ବେଳାରେ । ବାଘ ସୂର୍ଯ୍ୟୋଦୟ ପୂର୍ବରୁ ଆସେ । ପାଣି ପିଇ ପୋଖରୀ କୂଳରେ ଘଣ୍ଟେ ଦୁଇଘଣ୍ଟା ଶୋଇରହେ ।"– ସୁବିମଳର ସହଜ ଉତ୍ତର ଥିଲା ।

"ବାଘଗୁଡା ତାହେଲେ ଏଠି ବେଶି ସକାଳ ସମୟରେ ଦେଖା ଦିଅନ୍ତି ।"– ପାଓଲି କହିଲେ।

ସପନବାବୁ ସୁବିମଳଠାରୁ ଟର୍ଚ୍ଚ ମାଗି ଆଣିଲେ । ତାଙ୍କର ହାତ ଏପଟ ସେପଟ ହେଉଥିଲା। ସେ ନିଜ ହିସାବରେ ଟର୍ଚ୍ଚ ଆଲୁଅ ପୋଖରୀ ଆଉ ଆଖପାଖର ଯାଗା ଉପରେ ପକାଉଥିଲେ । ନାଃ କିଛି ଦେଖାଯାଉନି । ତାଙ୍କର ମୁହଁରେ ଟିକେ ହତାଶ ଭାବଥିଲା । ଲୁଣା ଜଙ୍ଗଲରେ ଜୀବଜନ୍ତୁ ତାହେଲେ ଟିକିଏ ଅଧିକ ରାତିରେ ବିଶ୍ରାମ ନିଅନ୍ତି । ରାତି ଏମିତି ବେଶି ହୋଇ ନଥିଲା । ସାଢେ ଆଠଟା ବେଶି ରାତି ନୁହେଁ । କିନ୍ତୁ ଜଙ୍ଗଲ ନିଃଶୂନ ଥିଲା । ଖଣ୍ଡି ଜହ୍ନର ଆଲୁଅ ଜଙ୍ଗଲକୁ ଉଦ୍‌ଭାସିତ କରିପାରୁନି । ତାଙ୍କ ହାତର ଆଲୁଅ କୋଠରି ଭିତରେ ବୁଲିଗଲା । ଏକ କଳାଧଳା ପାରା ଭିତରେ ବସା ବାନ୍ଧିଥିଲା । ଆଲୁଅ ପଡିବାରୁ ପାରାଟି ଆଖି ମିଟିମିଟି କରୁଥିଲା । କିନ୍ତୁ ଉଡି ଯିବାକୁ ଚେଷ୍ଟା କରୁ ନଥିଲା । ପାରାଗୁଡିକ ଜଙ୍ଗଲରେ ଏକ ନିକାଞ୍ଚନ ସ୍ଥାନରେ ବସା ବାନ୍ଧନ୍ତି ।

"ଏଠି ମଣିଷ ଥିବା ଯାଗାଠାରୁ ଅଧିକ ନିରାପଦ କଣ ହୋଇପାରେ?"– ପାଓଲି କହିଲେ ।

"ୱାଚ ଟାୱାର ଉପରେ ଲୋକଙ୍କର ଯିବା ଆସିବା ଲାଗିଥିବ । ପାରା ମନରେ ଅସ୍ଥା ଜମିଥିବ । ଏଠାକୁ ଜଙ୍ଗଲ ବିଲେଇ ଆସିବନି । ସାପ ମଧ୍ୟ ଚଢିବନି ।"– ସପନବାବୁ କହିଲେ । ସେ ପାଓଲିଙ୍କ ବକ୍ତବ୍ୟକୁ ସମର୍ଥନ କରୁଥିଲେ ।

"ଏ ପାରା ଏଠି ବହୁତ ଦିନ ଧରି ରହିଲାଣି । ଷ୍ଟାଫମାନେ ଏ ପାରାକୁ ଉଡାନ୍ତିନି । ଥାଉ।"– ସୁବିମଳ କହୁଥିଲା । ତଳେ ପାରାର ଅନେକ ପୁରୁଣା ମଳ ପଡିଥିଲା ।

"କିଛି ଆକ୍ରମଣ ଷ୍ଟାଫମାନଙ୍କ ଉପରେ ହୋଇଛି?"– ସପନବାବୁ ପଚାରିଲେ ।

ସୁବିମଳର ଆଖି ଦୁଆର ମୁହଁରେ ଠିଆ ହୋଇଥିବା ମାଇତିବାବୁଙ୍କ ଆଡକୁ ବୁଲିଗଲା ।

"ଏଇ ତ ମାଇତିବାବୁଙ୍କ ଉପରେ ଆକ୍ରମଣ ହୋଇଛି । ଆଉ ସେ ଆପଣଙ୍କ ପାଖରେ ଅକ୍ଷତ ଠିଆ ହୋଇଛନ୍ତି ।"–ସୁବିମଳ କହିଲା ।

ISSN NO.
2582-208X

ମାଇତିବାବୁ ସେମାନଙ୍କ ସହ ଗ୍ଭରି ଦିନ ରହିଲେ । କେତେ ବାଘ ଆକ୍ରମଣ କଥା କହିଲେ। କିନ୍ତୁ ନିଜ ଉପରେ ହୋଇଥିବା ଆକ୍ରମଣ କଥା କହିଲେ ନାହିଁ । ମାଇତିବାବୁ ଖାଲି ମୁଣ୍ଡ ହଲାଇଲେ । ଲୋକେ କୁହନ୍ତି ତାଙ୍କଠାରୁ ଆଉ ସାହାସୀ ଏଠି ଆଜିକାଲି କେହି ନାହାନ୍ତି ।

"ବାଘ ତାଙ୍କୁ ଆକ୍ରମଣ କଲା ।"– ସୁବିମଳ କହିଲା । ମାଇତିବାବୁ ମୁଣ୍ଡ ହଲାଇଲେ ।

"ବାଘ ଆକ୍ରମଣ ତାହେଲେ ସାଧାରଣ ଥିବ ଆଉ ବାଘ ପଳାଇ ଯାଇଥିବ ।"– ପାଓଲି କହିଲେ । ପାଓଲି ଭାବି କହୁଥିଲେ । ମାଇତିବାବୁଙ୍କ ଦେହରେ ବାଘର କିଛି ଆଘାତର ଚିହ୍ନ ନଥିଲା । ଅନ୍ୟଥା ବାଘ ଆକ୍ରମଣରେ ଲୋକେ ଭୟଙ୍କର ଭାବେ କ୍ଷତ ବିକ୍ଷତ ହୁଅନ୍ତି। ନିଶ୍ଚିତ ଭାବରେ କିଛି ଚମତ୍କାର ହୋଇଛି ।

"କେଉଁଠି ଆକ୍ରମଣ ହେଲା ?"– ସପନବାବୁ ପଗ୍ଭରିଲେ ।

"ଏଇ ଆମ କ୍ୟାମ୍ପ ପଛରେ । ବାଘ ଆକ୍ରମଣଟା ଆକସ୍ମିକ ହୁଏ ।"–ସୁବିମଳ କହିଲା । ତା'ର ଆଖି ପାଖର ଜଙ୍ଗଲ ଉପରେ ବୁଲି ଆସୁଥିଲା । ପାଓଲି ଆଉ ସପନବାବୁ ଚମକି ପଡିଲେ । ଏକଦମ କ୍ୟାମ୍ପ ପାଖରେ । ବାଘ ତାହେଲେ ଛପିରହି ମଣିଷକୁ ଲକ୍ଷ୍ୟ କରୁଥିବ। କ୍ୟାମ୍ପର ଗ୍ଭରିପାଖରେ ଆଠଫୁଟରୁ ଅଧିକ ଉଚ୍ଚର ତାରଜାଲି ପାଚେରୀ । କ୍ୟାମ୍ପରେ ସବୁବେଳେ ଲୋକେ ରୁହନ୍ତି । ଜେଟିକୁ ବୋଟ ମଝିରେ ମଝିରେ ଆସେ । ଫେନସିଙ୍ଗ ଆଉ ତା' ଉପରେ ମଧ୍ୟ ବାଘ ଆକ୍ରମଣ କରୁଛି ।

"ଏତେ ବଡ଼ ଆଉ ଶକ୍ତ ରେଲିଙ୍ଗ । ତଥାପି ବାଘ ଆକ୍ରମଣ କରୁଛି ?"– ପାଓଲିଙ୍କ ମନ ସ୍ଥିର ହେଉ ନଥିଲା ।

"ବାଘ ପରା ଏଇ ରେଲିଙ୍ଗ ଉପରେ ଝାମ୍ପି ପଡିଥିଲା । ତା' ମାଡରେ ରେଲିଙ୍ଗ ଫୁଟେ ଭିତରକୁ ପଶି ଆସିଥିଲା ।"– ମାଇତିବାବୁ କହିଲେ । ସବୁ ଅଙ୍ଗେନିଭା କଥା ।

"ଆରେ ବାପରେ । ଏତେ ଶକ୍ତ ବାଘର ।"– ପାଓଲି କହିଲେ । ଏ ରେଲିଙ୍ଗକୁ ହଲେଇଲେ ହଲେଇ ହେଉନି । ତା' ଉପରେ ବାଘ ଥାବା ମାରି ରେଲିଙ୍ଗକୁ ଫୁଟେ ଭିତରକୁ ଠେଲି ଦେଇଥିଲା । କେତେ ବଳ ଅଛି ବାଘ ଦେହରେ ?

ସୁବିମଳ ମାଇତିବାବୁଙ୍କ କାହାଣୀ କହିବାକୁ ଲାଗିଲା ।

ISSN NO.
2582-208X


ମାଇତିବାବୁ ଡଙ୍ଗାରେ କ୍ୟାମ୍ପ ପଛପଟ ନାଳକୁ ପେଟ୍ରୋଲିଙ୍ଗ କରିବାକୁ ଯାଇଥିଲେ । ଡଙ୍ଗାରେ ଇଞ୍ଜିନ ଲାଗିଛି । ପତଳା ନାଳରେ ବେଶ ଜୋରରେ ଯାଇପାରେ । ନାଳ ଭିତରକୁ ବୋଟ ଯାଇପାରେନ । ସେ ଜୋରରେ ଯାଉଥିଲେ । ସେଇଥିପାଇଁ ବଞ୍ଚିଗଲେ ।- ସୁବିମଳ ମାଇତିବାବୁଙ୍କ ଆଡକୁ ଅନାଇ କହିଲା । ମାଇତିବାବୁ ମୁଣ୍ଡ ହଲାଇଲେ । ତାଙ୍କର କଳା ବଳଷ୍ଠ ଶରୀର । ଚମରେ ଆଲୋକ ପଡିଲେ ଦେହ ଚମକୁଛି । ସମସ୍ତଙ୍କ ଆଖି ତାଙ୍କ ଆଡକୁ ବୁଲିଗଲା ।

"ସ୍ପିଡପାଇଁ ବଞ୍ଚିଗଲେ । ନା କଣ କହୁଛନ୍ତ ?"- ସୁବିମଳ ପଗ୍ଚରିଲା ।

"ଧିରେ ଯାଇଥିଲେ ବାଘ ତ ମୋ ଉପରେ ପଡିଥାନ୍ତା । ବାଘ ମୁହଁରେ ମୁଣ୍ଡ ଆସିଥିଲେ କଣ ବଞ୍ଚିଥାନ୍ତ ?"- ଏତିକ କହି ମାଇତିବାବୁ ହାତ ଯୋଡି ଇଷ୍ଟ ସୁମରଣା କଲେ ।

"ସେଦିନ ମାଇତିବାବୁ ଡଙ୍ଗାରେ ଯାଉଥାନ୍ତ । ନାଳରେ ପାଣି କମ ଥାଏ । କାଦୁଅ ଆଉ ତାପରେ ଜଙ୍ଗଲ । କୂଳଟା ଉପରକୁ ଉଠି ଯାଇଛି । କୂଳରୁ ପାଖକୁ ଆସିଲେ ଦେଖିହେବ। ପାଖରେ ଗଛ ଥିଲା । କିଛି ଡରିବାର କାରଣ ନଥିଲା । ସେ ଡଙ୍ଗାର ପଛରେ ବସି ହାତ ଇଞ୍ଜିନକୁ ଧରିଥାନ୍ତ । ବାଘ କୂଳରୁ ଡଙ୍ଗା ଉପରେ ଆଖିପିଛୁଳାକେ ଡେଇଁ ପଡିଲା ।"- ସୁବିମଳ କହିଲା । ସେ ମାଇତିବାବୁଙ୍କୁ ଅନାଇ ଟିକେ ଟିକେ ହସୁଥିଲା । କିଛି ମଜାଦାର ଘଟଣା ଆଗକୁ ଅଛି ।

"ହଁ ଆଜ୍ଞା । କିଛି ଜାଣିବା ଆଗରୁ ସବୁ କିଛି ଘଟିଗଲା । ବାଘର ଆଗ ଦୁଇଗୋଡ ଡଙ୍ଗା ଉପରେ ଥାଏ । ଶରୀର ଆଉ ପଛ ଦୁଇଗୋଡ ପାଣିରେ ଥାଏ । ବାଘ ପୁରା ଡଙ୍ଗା ଉପରେ ପଡିଲାନ । ସାଧାରଣ ଡଙ୍ଗା ହୋଇଥିଲେ ବାଘ ମଝି ଡଙ୍ଗାରେ ପଡିଥାନ୍ତା । ସ୍ପିଡ ଯୋଗୁ ବାଘର ଡେଇଁବାର ହିସାବ ଟିକେ ଭୁଲ ହୋଇଗଲା ।"- ମାଇତିବାବୁ ଏତିକ କହି ଆଖି ବନ୍ଦ କରିଦେଲେ । ମନେମନେ ଗୁରୁ ନାମ ନେଉଥିବେ ।

"ବାଘ ପଛରେ ଡଙ୍ଗା ଉପରକୁ ଚଢିବାକୁ ଚେଷ୍ଟା କରୁଥାଏ । ମୋ ପାଖରେ ବନ୍ଧୁକ ଡେରି ହୋଇଥାଏ । ମୁଁ ଉପାୟ ନପାଇ ବାଘକୁ ବନ୍ଧୁକର ବଟ୍‌ରେ ବାଘକୁ ପିଟିବାକୁ ଲାଗିଲି । ବ୍ଲାଙ୍କ ଫାୟାର କଥା ମୋତେ ମନେ ପଡିଲାନ । ନଳୀଟା ମୋ ହାତରେ । ସେଇଟା ବନ୍ଧୁକବୋଲି ମୋତେ ମୋଟେ ଲାଗୁନଥିଲା । ଗ୍ଚରିପାଞ୍ଚଟା ବଟ ଖୁନ୍ଦାଖାଇ ବାଘର

ISSN NO.
2582-208X

ଆଗଗୋଡ ବୋଟରୁ ଛାଡିଗଲା ଆଉ ମୁଁ ବଞ୍ଚିଚଗଲି ।”- ଏତିକ କହି ମାଇତିବାବୁ ଯେମିତି ଧଇଁସଇଁ ହୋଇଯାଉଥିଲେ ।

“ଆଉ ଏମିତି ପିଟାରେ ବନ୍ଧୁକଟା ଦୁଇଖଣ୍ଡ ହୋଇ ଭାଙ୍ଗିଗଲା । ମାଇତିବାବୁ ଯେତେ ଶକ୍ତଥାଏ ସେତେ ଶକ୍ତରେ ବାଘକୁ କେଇଖୁନ୍ଦା ଦେଲେ ।”- ସୁବିମଳ ଏତିକ କହି ହସି ଉଠିଲା । ମାଇତିବାବୁଙ୍କ ଧଇଁସଇଁ ହୋଇ କହିବାଟା ତା’କୁ ମଜା ଲାଗୁଥିଲା । ମାଇତିବାବୁ ମଧ ଟିକଏ ପରେ ହସି ଉଠିଲେ । କ୍ୟାମ୍ପମାନଙ୍କରେ ହସିବା ପାଇଁ ଖୋରାକ ବହୁତ କମ ଥାଏ । ଏମିତିଆ କଥା ମନକୁ ଖୁସି ନେଇଆସେ ।

“କହିଛନ୍ତ ପରା ବିପଦ ସମୟରେ ବୁଦ୍ଧି ଦିଶେନ । ଯାହାତାହା ହିସାବରେ ଜୀବନ ବଞ୍ଚାଇବାକୁ ପଡେ । ସବୁ ମନକୁ ମନ ହୋଇଯାଏ ।”– ମାଇତିବାବୁ ନିଜର ସଫେଇ ଦେଉଥିଲେ ।

“ଦେଶୀ ଡଙ୍ଗା ହୋଇଥିଲେ ଜଣକୁ ଧରି ବାଘ ଚମ୍ପଟ ମାରିଥାନ୍ତା । କିଛି କରି ହୋଇନଥାନ୍ତା ।”– ମାଇତିବାବୁ ନିଜର ସାହାସ ଆଉ ଅନ୍ୟର ହସରୁ ବଞ୍ଚିବାପାଇଁ କିଛି ଉତ୍ତର ଆଗରୁ ତିଆରି କରିଥିଲେ ।

“ବାଘ ଏ ନାଳକୁ ଡେଇଁଯିବ ?”- ପାଓଲି ପଚାରିଲେ । କ୍ୟାମ୍ପରୁ ୩୦ ହାତ ଦୂରରେ ନାଳ। ନାଳଟା ଚଉଡା । ଏ କୂଳରୁ ସେ କୂଳର ଦୂରତା ପ୍ରାୟ ୭୦-୮୦ ଫୁଟ । ତେଣୁ ବାଘକୁ ମଝିରେ ପହଞ୍ଚିବାକୁ ହେଲେ ପ୍ରାୟ ୪୦ ଫୁଟ ଅତିକମରେ ଡେଇଁବାକୁ ପଡିଥିବ ।

“ସହଜରେ କାଦୁଅରେ ଦୁଇ କ୍ଷେପାମାରି ବାଘ ଆର କୂଳରେ ପାଣି ଡେଇଁ ପହଞ୍ଚି ଯିବ । ବାଘ ପାଇଁ ୨୦-୩୦ ଫୁଟ ଲମ୍ବାରେ କିଛି ନୁହେଁ ।”– ସୁବିମଳ କହିଲା ।

“ଆଉ ଏ ପୋଲ ?”- ପାଓଲି ପଚାରିଲେ । କ୍ୟାମ୍ପରୁ ଏକ ସିମେଣ୍ଟ ରାସ୍ତା ଜେଟିଙ୍କ ଯାଇଛି । ଏକ ଛୋଟ ନାଳ ଉପରେ ସିମେଣ୍ଟ ପୋଲ ତିଆରି କରାଯାଇଛି । ପୋଲର ଦୁଇପଟେ ରେଲିଙ୍ଗ । ପୋଲଟା ତଳୁ ପ୍ରାୟ ୨୦ ଫୁଟ ଉଚ୍ଚରେ ।

ISSN NO.
2582-208X

"ବାଘ ଡେଇଁ ପାରିବନି । ବାଘ ଲଙ୍ଗଜମ୍ପରେ ଓସ୍ତାଦ । ଏତେ ଉଚ୍ଚ ହାଇଜମ୍ପ କରିପାରିବନି ।" - ସୁବିମଳ କହି ହସୁଥିଲା । ବାଘ କଛି ମଜାଳଆ କଥା ଆଲୋଚନା ଭିତରକୁ ନେଇଆସେ ।

"ବାଘ ସବୁବେଳେ ଅନାଇଥାଏ କେତେବେଳେ ଶିକାର ପାଖେଇ ଆସିବ । ଏ ଜଙ୍ଗଲରେ ଦୌଡି ଶିକାର କରି ହେବନି । ଏଣୁ ବାଘ ସେମାନଙ୍କ ଡଙ୍ଗା ଉପରକୁ କୂଳରୁ ଡେଇଁଥିଲା ।"- ସୁବିମଳ କହିଲା ।

"ଏ କ୍ୟାମ୍ପ ଘୁରିପଟେ ଅନେକ ବାଘ ଅଛନ୍ତି । ଷ୍ଟାଫଙ୍କ ଉପରେ ଅନେକ ଆକ୍ରମଣ ଘଟିଛି ।"- ସୁବିମଳ କହି ଟିକଏ ଅଟକଗଲା ତା'ର ଦୃଷ୍ଟି ଅନ୍ଧାରରେ ହାଲୁକା ଦେଖାଯାଉଥିବା ଲୋକମାନଙ୍କ ଉପରେ ପହଁରିଗଲା ।

"ଏବେକାର ପୋଖରୀଟା ସେ ସମୟରେ କ୍ୟାମ୍ପର ବାହାରେ ଥିଲା ।"- ସୁବିମଳର ଟର୍ଚ୍ଚ ଏତିକ କଥା ସହ କ୍ୟାମ୍ପ ଭିତରେ ଥିବା ପୋଖରୀ ଉପରେ ବୁଲି ଆସୁଥିଲା । ଏ ପୋଖରୀଟା ଜଙ୍ଗଲ ବାହାରେ ଥିବା ମିଠାପାଣି ପୋଖରୀଠାରୁ ଭିନ୍ନ ।

"କ୍ୟାମ୍ପର ଆକାରଟା ସେତେବେଳକୁ ଅନେକ ଛୋଟ । ଦୁଇ ତିନୋଟି ଛୋଟ ଘର । ସେ ସମୟରେ ପୋଖରୀ ଖୋଳା ଆଉ ଅନ୍ୟ କାମ ଗ୍ଭଲିଥାଏ । ପୋଖରୀରେ ପାଣି ଥାଏ । ସୁମନବାବୁ ଆଉ ଅନ୍ୟମାନେ କାମର ତଦାରଖ କରୁ ଥାଆନ୍ତୁ । ଦିନ ସମୟ । କେହି କଛି ଦେଖିବା ଆଗରୁ ବାଘଟାଏ କ୍ଷେପାମାରି ସୁମନବାବୁଙ୍କ ଉପରେ ଡେଇଁପଡିଲା । ବାଘ ଜୋରରେ ଥାବା ମାରିଥାଏ ।"- ସୁବିମଳ କହିଲା ।

କ୍ରମଶଃ-

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# "ଟିକ୍ ଟକ୍' ବ୍ୟାନ୍ ହେବା ପରେ



ଶଶଧର ମହାପାତ୍ର

(ଏ' ଏକ ବ୍ୟଙ୍ଗ କବିତା । କେହି ଧୃଅକୁ ନେବେନ ।)

"ଟିକ୍ ଟକ୍' ଏବେ ବ୍ୟାନ୍ ହେଲା ବୋଲି
ଝିଅ ମାନେ ବେଶୀ ଦୁଃଖୀ
"ଫେସ୍‌ବୁକ୍', "ୟୁଟ୍ୟୁବ୍'ରେ ଭିଡିଓ
ଛାଡୁଥିଲେ ମନଲାଖି
ରାତାରାତି ଯିଏ "ଷ୍ଟାର' ବନଥିଲେ
କାନ୍ଧକୁ ଓଳରେ ବସି
ଫୁଲେଇ ଝିଅ ଓ ଛତରା ଟୋକାଙ୍କ
ଫୁଟାଣି ଚମତକାର
ଷ୍ଟାଇଲ୍ ମାରିକ ଗୀତ ଓ ନାଚରେ
ମାତୁଥିଲେ ଏ' ବେକାର
ତାଙ୍କ ବାପା, ଭାଇ ଖୁସି ହେଉଥିଲେ
ଏବେ ମାନ୍ଦା ପଡିଗଲା ବେପାର
ଗ୍ଣଇନା ଜିନଷ ବର୍ଜ୍ଜନ କର
ଦେଶ ସାରା ପଡେ ହୁରି
କଏ ପୋଡୁଅଛି "ଜିନ୍‌ପିଙ୍' ଫଟୋ
ରାସ୍ତାରେ ଲାଇନ୍ କରି
ସମୟ ଲାଗିଲା "ଚେପା ନାକଆ'ଙ୍କୁ

ISSN NO.
2582-208X


ବୁଝିବାକୁ ହେଲା ଡେରି
ମିଡିଆ ଦେଖାଏ ଲୋକେ ଭାଙ୍ଗୁଛନ୍ତି
ଚାଇନା ଜିନିଷ ବୋଲି
"ମେଡ୍ ଇନ୍ ଚାଇନା' ହଜମ ହେଉନି
ତଣ୍ଟିରେ ଯାଉନି ଗଳି
ଏବେ ଡାକ ଛାଡେ ବନମାଳି
କଏ ଦିଅ ହଜମୁଲା ଗୁଳି
ସବୁ ମନ୍ଦ ବୁଦ୍ଧି ଚାଇନା ଭାଇଙ୍କ
ବିଶ୍ୱ କରେ ଅଭିଯୋଗ
ଶସ୍ତାରେ ଚାଇନା ଜିନିଷ ମିଳୁଛି
ପାଇ ଖୁସି ମହାଭାଗ
ଏତେ ଦିନ ଯାହା ଜାଣି ନପାରିଲ
ଶସ୍ତାରୁ ଅବସ୍ଥା ଭୋଗ
କଳା ମାରିଛନ୍ତି ଚାଇନାଜ୍ ଭାଇ
କରୋନା ବିଶ୍ୱକୁ ଛାଡି
ମୁଚୁକୁନ୍ଦି ହସ ସିଏ ହସୁଛନ୍ତି
ବିଶ୍ୱ ପଡେ ଆଣ୍ଠୁ ମାଡି
ଯେତେ ଚାପ ପକା କେବେ ମାନିବେନି
ଯେତେ ଦେଲେ କାନ ମୋଡ

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X


# ଯୁଦ୍ଧ ବିଭୀଷିକା



ଡ. ପ୍ରସନ୍ନ କୁମାର ବଳ

ଦୁଇ ଅକ୍ଷରରେ ନାମିତ ସିଏ ତ ଏକ ଶବ୍ଦ,
ବିଭୀଷିକା ରଚଥାଏ ତ କରେ ପ୍ରଚଣ୍ଡ ଶବ୍ଦ ।୧।
ବ ମିଜାଇଲ୍ ମାଡରେ ପ୍ରକମ୍ପିତ ହୁଅଇ
ଧର୍‌ ଧମେ ମିଶି ଯାଏ ତ ଅଟ୍ଟାଳକା ସବୁହି ।୨।
ଜୀବନର ମୂଲ୍ୟ ରହେନା କଛି ସେ ସମୟରେ
ସବୁ ଛାରଖାର ହୁଅଇ ଅବା ଅସମୟରେ ।୩।
ସୁନ୍ଦର ସୃଷ୍ଟିର କର୍‌ଳ ରୂପ ଆଗେଇ ଆସେ
କେତେ ଶହ ବର୍ଷ ତଳକୁ ଦେଶ ପଛେଇ ଯାଏ ।୪।
ମିଛ ଗର୍ବ ଗାରୀମାରେ ତ ହୋଇଥାଏ ବିଧ୍ୱଂସ
କ ଲ୍‌ଭ ମିଳଇ ଜାଣେନା ପୁଣି ହୋଇକ ହିଂସ୍ର ।୫।
"ଚର୍‌ଚରୀତ" ସେ ଅସ୍ତ୍ର ରେ ପୁଣି କଛି ତ ରକ୍ଷା
"ଜୈବିକ" ଅସ୍ତ୍ରର ପ୍ରୟୋଗ କରେ ଜୀବନ ବ୍ୟଥା ।୬।
ଅଣୁ ଅସ୍ତ୍ର ଯେବେ ପ୍ରୟୋଗ କରଇ ଶତୃପକ୍ଷ,
କ୍ଷଣିକ ମାତ୍ରେ ହିଁ ରଚଇ ପୁଣି ଅନେକ ଧ୍ୱଂସ ।୭।
ଏହାର ପ୍ରଭ୍‌ବ ସରେନ ମାତ୍ରଏହି ଜନ୍ମରେ
ଜନ୍ମ ଜନ୍ମାନ୍ତରେ ପ୍ରଭ୍‌ବ ଥାଏ ଅକାରଣରେ ।୮।
ଜାପାନ ଉପରେ ପ୍ରୟୋଗ ହୋଇଥିଲ୍ ତ ଇଏ,
ଏ ଯାଏ ଭୋଗୁଛି ମାନବ ଯିଏ ଜନ୍ମେ ସେଠାରେ ।୯।
କ କର୍‌ଳ ରୂପ ସତରେ କେହି ଚନ୍ତା କରେନା,
ଭ୍‌ବିଲେ ଲେ୍‌ମ ତ ଟାଙ୍କୁରୀ ଉଠେ ସବୁରୀ ସିନା ।୧୦।

ISSN NO.
2582-208X


ମିଛ ମାୟା ଏ ଦୁନିଆଁରେ ପୁଣି ଇଏ କ ଗର୍ବ,
ଆଜି ଯିଏ ଅଛି କାଲିକି ପୁଣି ସିଏ ନଥିବ ।୧୧।
ଯୁଦ୍ଧ ନାମେ ସିଏ ନାମିତ ପୁଣି ସାରା ବିଶ୍ୱରେ,
ସବୁ ଦେଶ ତାଙ୍କୁ ପାଶୋରୀ ଯିବା ବିଶ୍ୱ ହିତରେ ।୧୨।
ଅହିଂସା ଆଦରୀ ନେବାରେ ପୁଣି ସାରା ବିଶ୍ୱରେ,
ବାପୁଙ୍କୁ ସ୍ମରଣ କରିକି ଯିବା ତାଙ୍କ ପଥରେ ।୧୩।
ସୁନ୍ଦର ସୃଷ୍ଟିର ନିର୍ମାଣ ଲାଗେ ଅନେକ ବର୍ଷ,
ଛାରଖାର ହୁଏ ଏ ସୃଷ୍ଟି ପୁଣି ନିମିଷ ମାତ୍ର ।୧୪।
କରୋନା କାଳରେ ସଭିଏଁ ପୁଣି କେତେ ଭୋଗିଛେ,
ବିଶ୍ୱ ଅର୍ଥନୀତି ଯାଇଛି କେତେ ତଳକୁ ସତେ ।୧୫।
କାହା ହିତେ ଆମେ ଲଢୁଛେ ପୁଣି ଆମ ମଧ୍ୟରେ,
ତାଣ୍ଡବଲୀଳା ହିଁ ରଚୁଛେ ପୁଣି ଅନାୟାସରେ ।୧୬।
ନିଜ ଗାତ ନିଜେ ଖୋଳୁଛେ ଯିବା ରସା ତଳକୁ
ଆଗ ପିଢ଼ୀ ଯେବେ ଶୁଣିବେ ଦୋଷ ଦେବେ ଆମକୁ ।୧୭।
ସମ୍ରାଟ ଅଶୋକ ପରି ତ ଲୋକ ତରଳ ଗଲେ,
"ଚଣ୍ଡାଶୋକ" "ଧର୍ମାଶୋକ କୁ ପୁଣି ବଦଳ ଗଲେ ।୧୮।
ଯୁଦ୍ଧ ହିଁ କେବଳ ଦେଖାଏ କରାଳ ବିଭୀଷିକା,
ରକ୍ତ ରଞ୍ଜିତ ହିଁ ହୁଅଇ ଏହି ଧରତୀ ମାତା ।୧୯।
କାହାର ହିତରେ ନୁହଁଇ ଏ ଯୁଦ୍ଧ ବିଭୀଷିକା,
ଗୁହାରୀ କରୁଛି ସବୁଙ୍କୁ ଭୁଲନ୍ତୁ ଏହି ନିଶା ।୨୦।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X



# ଉପହାସ



ଅମ୍ବିକା ସ୍ୱାଇଁ

ଅରୁଣ ବାବୁଙ୍କ ର ବିଲକୁଲ ଅଭ୍ୟାସ ନାହିଁ, ଘରକୁ ମାସିକଆ ସଉଦା ଆଣିବା, କ ଏକାଥରେ ହାଟରୁ କଛି ପରିବା ଧରି ଘରକୁ ଆସିବା ....!!

ସ୍ତ୍ରୀ ଅମିତା ଯେତେ କହିଲେ ବି ସେ କେବେ ଶୁଣନ୍ତନ । ଯେତେବଳେ ଯାହା ଦରକାର କେବଳ ସେତିକ ଜିନଷ ହିଁ ଆଣନ୍ତୁ । ଏମିତିକ ଘରେ ପୂଜା ପର୍ବ ବା ପିଲ୍ଙ୍କ ଜନ୍ମ ଦିନରେ ସତ୍ୟ ନାର୍ୟଣ ପୂଜା ଟିଏ ପାଇଁ ପୂଜକ ଦେଇ ଥିବା ବର୍ଦ ଅନୁଯାୟୀ ଜିନଷ କୁ ବଜାର କୁ ଥରକୁ ଥର ଯାଇ ଦଶ ଥର ରେ ବି ପୁରଣ ହୁଏନ, କଛି ଗୋଟେ ଜିନଷ ର ଅଭାବ ନଷ୍ଟୟ ଥାଏ । ଏମିତି କ ଦିନେ ଦିନେ ଘରେ ଅଲଣା ଖାଇବାକୁ ପଡେ, ବିନା ପିଆଜ, ରସୁଣ ରେ ବି ମାଛ ତରକାରୀ ହୁଏ...ଅରୁଣ ବାବୁ ବଜାର ଯାଇଥିବେ ଗଲ୍ ବେଳେ ଅମିତା ବର୍ଦ କରି ଥିବେ ହଁ ଶୁଣ ଯଦି ମାଛ ଆଣିବ ପିଆଜ ଘରେ ନାହିଁ ଆଣି କ ଆସିବ ଭୁଲି ବନ... କନ୍ତୁ, ଅରୁଣ ବାବୁ ଖାଲି ମାଛ ଆଣି ଆସି ଥିବେ, ଅମିତା ବ୍ୟାଗ୍ ଅଣ୍ଡାଳ ଦେଖିଲ୍ ବେଳକୁ ପିଆଜ ନଥିବ, ପଗ୍ଚରିଲେ କହିବେ ଆରେ ଭୁଲି ଗଲି ସେମିତି ରାନ୍ଧି ଦିଅ ମ ..ଅମିତା ଆଉ କଣ କହିବେ, ମୁଣ୍ଡରେ ହାତ ଦେଇ ନୀରବ ଗୃହାଣୀ ରେ ଗୃହିଁ ଦିଅନ୍ତୁ...କାମରେ ଲ୍ଗି ପଡନ୍ତୁ ।ଏମିତି ଏମିତିରେ ସମୟ ଗଡି ଗ୍ଲେ.......ଏବେ ବି ସେ ପୁରୁଣା କଥା ଅନେକ ସ୍ମୃତି ପଟ୍ଟ ରେ ଉଜ୍ଜୀବିତ ହୋଇ ରହିଛି ଅମିତାଙ୍କର। ମନେ ପଡି ଯାଉଚ ଗୋଟି ଗୋଟି କରି... ଦିନକର କଥା ଅରୁଣ ବାବୁ ସକାଳ ୧୦ ଟା ରେ ଘରୁ ସବୁ ଦିନ ପରି ଜଳ ଖିଆ ଖାଇ ବାହାରି ପଡିଲେ ଅଫିସ୍, ଗଲ୍ ବେଳେ ଅମିତା କହିଲେ,ହଁ ଶୁଣ, ତୁମକୁ ଦୁଇ ଦିନ ହେଲ୍ କହୁଚ ଲୁଣ ସରି ଆସିଲ୍ଣି ଆଣିବ, ତୁମେ ତ ଅଣୁନ କନ୍ତୁ ଏବେ ଖାଇବାକୁ ଆସିଲ୍ ବେଳେ ଲୁଣ ପ୍ୟାକେଟ ଟେ ଧରି ଆସିବ । ମୁଁ ସବୁ ସିଝା ସିଝି କରି ରଖିଥିବି ଆସିଲ୍ ପରେ ତରକାରୀ ଡାଲି ରେ ଲୁଣପକାଇ ଛୁଙ୍କ କରି ଖାଇବା ।

ISSN NO.
2582-208X

ହଉ ଏଇ କଥା ଠିକ୍ ଅଛି, ମୁଁ ଖାଇବାକୁ ଆସିଲ୍ ବେଳେ ନେଇ ଆସିବି । ଅମିତା ସବୁ ରେଡି କରି ବସି ଥାନ୍ତୁ ସ୍ୱାମୀ ଆସିଲ୍ ପରେ ଲୁଣ ପକାଇ ଗରମ କରି ଖାଇବେ । ଅରୁଣ ବାବୁ ଅଫିସ ରେ ମିଟିଂ ସାରି ୨ ଟା ପରେ ସିଧା ସଳଖ ଘରେ ଆସି ପହଂଚ ଗଲେ। ଅମିତା ଦରଜା ଖୋଲି ଦେଖନ୍ତୁ ସ୍ୱାମୀ ଙ୍କ ହାତରେ କଛି ପ୍ୟାକେଟ ନାହିଁ। ପଗ୍ଧରିଲେ ଲୁଣ କାହିଁ? ଆରେ ହେ ଭୁଲି ଗଲି, କହି ଘର ଭିତରକୁ ଆସିଲେ। ଧୁ ଧୁ ଖଗ୍‌ବେଳେ ଅମିତା ପାଣି ଗ୍ଲାସ୍ ଟିଏ ହାତକୁ ବଢେଇ ଦେଲେ, ଅରୁଣ ବାବୁ ପାଣି ପିଇ ସାରି ଦୀର୍ଘ ନଶ୍ୱାସ ଟିଏ ମାରି କହିଲେ ଅମିତା ଏବେ ସବୁ ଦୋକାନ ତ ବନ୍ଦ ହୋଇ ଯିବଣି ଆଉ କଣ ଲୁଣ ମିଳବ, ଗ୍ଧଲ ସେମିତି ଖାଇ ଦେବା । ହଁ ମ ବିନା ଲୁଣରେ କଣ ଖାଇ ହେବନ!! ! ମହାତ୍ମା ଗାନ୍ଧୀ ତ ପୁଣି ଲବଣ ସତ୍ୟାଗ୍ରହ କରି ଲୁଣ ଖାଉ ନଥିଲେ ଓ ତାଙ୍କ ସହ କସ୍ତୁର୍‌ବା ମଧ୍ୟ ଲୁଣ ଛାଡ଼ି ଦେଇ ଥିଲେ... ଆସ ଆଜି ବି ଆମେ ବିନା ଲୁଣ ରେ ଖାଦ୍ୟ ଖାଇ ଦିନକ ପାଇଁ ପଛେ ହେଉ ମହାତ୍ମା ଗାନ୍ଧୀ ଙ୍କ ଆଦର୍ଶ କୁ ମାନ ନେବା ।

ଅମିତା ବା ଆଉ ଉତ୍ତର କଣ ଦେବେ !!! କେବେ କଛି ଉତ୍ତର ଦେଇ ଯୁକ୍ତତର୍କ କରି ଝଗଡ଼ା କରିବାକୁ ପସନ୍ଦ କରନ୍ତୁନ ସେ । ସେଥି ପାଇଁ ଚୁପ୍ ରୁହନ୍ତୁ । କନ୍ତୁ ଅରୁଣ ବାବୁଙ୍କ ର ଏହି କାର୍ଯ୍ୟ ଧାର୍ କୁ ସ୍ତ୍ରୀ ଅମିତା ପସନ୍ଦ କରନ୍ତୁନ ସତ, ସେ ନଜେ ଆଣିବା ପାଇଁ ଚେଷ୍ଟା କଲେ ବି ସ୍ୱାମୀ ତାଙ୍କୁ ସେତିକ ସୁଯୋଗ ଦିଅନ୍ତୁନ । ନା, ନା, ତୁମେ କଣ ବଜାର ଯିବ? କଛି ଦରକାର ନାହିଁ ମୁଁ ନେଇ ଆଣିବି ....

ଘରେ ଯାହା ଯେତେବଳେ ସରି ଯାଏ, ସ୍ତ୍ରୀ ଅମିତା ବଗ୍‌ଦ କରି ଲିଷ୍ଟ ଟିଏ ଥୋଇ ଦିଅନ୍ତୁ ଟେବୁଲ୍ ଉପରେ । ଅରୁଣ ବାବୁ ହଉ ଠିକ୍ ଅଛି କହି, ଆଣିବା ପାଇଁ ବାହାରି ଯା"ନ୍ତୁ ବ୍ୟାଗ୍ ଟି ଧରି ବଜାର କୁ । ସଉଦା ଧରି ଘରକୁ ଆସନ୍ତୁ, ବ୍ୟାଗ୍ ଟି ଥୋଇ ଗ୍ଧଲି ଯାନ୍ତୁ ପାର୍କ କୁ ଗ୍ଧଲିବା ପାଇଁ ।

ଅମିତା ଘର ର ଅନ୍ୟାନ୍ୟ କାମ ସାରି ଯେତେବଳେ ବ୍ୟାଗ ରୁ ସଉଦା କାଢ଼ନ୍ତୁ। ସେ କହି ଥିବା ସଉଦା ପ୍ରାୟତଃ ସେଥିରେ ଅନେକ ନଥାଏ । ମନେ ମନେ କେବେ ଟିକେ ବିରକ୍ତ ହୁଅନ୍ତୁ। ପୁଣି ଚୁପ୍ ରହନ୍ତୁ। ଅରୁଣ ବାବୁ ଘର କୁ ଆସି ପଗ୍ଧରନ୍ତୁ ଅମିତା ଦେଖିଲ ତୁମେ କହିଥିବା ସବୁ ଜିନଷ ଅଛି ନା ନାହିଁ ? କାହିଁକ ନା ଲିଷ୍ଟ ନେବାକୁ ଭୁଲି ଯାଇଥିଲି ତ!!! ସ୍ତ୍ରୀ କୁହନ୍ତୁ ଏ କଥା କଣ ଆଜି ନୂଆ !! ଏହି କଥା ମୁଁ ଦୀର୍ଘ ତିରିଶ ବର୍ଷହେଲ୍ ଦେଖି

ISSN NO.
2582-208X

ଆସୁଛି । ସେ ଯାହା ବି ହେଉ ଅରୁଣ ବାବୁ ଙ୍କ ର ଏପରି କାର୍ଯ୍ୟକଳାପ ର ବେଖାତିର ଢଙ୍ଗ ଯଦି ବା ଅମିତା ଙ୍କ ର ମନରେ ଟିକେ ଦୁଃଖ ଦିଏ, ଆଘାତ ଦିଏ ତଥାପି ସେ ଏଥିରେ ଆଦତରେ ପଡି ଯାଇଛନ୍ତି। କାରଣ ସେ ଅରୁଣ ବାବୁ ଙ୍କ ର ହାତ ଧରିବା ଦିନ ଠାରୁ ହିଁ ତାଙ୍କର ଏହି ସ୍ୱଭାବ କୁ ଠିକ୍ ଭାବରେ ପରଖି ନେଇଛନ୍ତି। ଯଦି କେବେ ବି କିଛି କହିଛନ୍ତି, ସ୍ୱାମୀ ଙ୍କ ଉପରେ କୈାଣସୀ ପରିବର୍ତ୍ତନ ର ପ୍ରଭାବ ପଡିନି । ବରଂ ତାଙ୍କ ଭିତରେ ଥିବା କ୍ରୋଧ କୁ ଉପଲବ୍ଧି କରିଛନ୍ତି । କହି କି ମଧ୍ୟ ତାଙ୍କ ଅଭ୍ୟାସ କୁ ବଦଳେଇ ପାରି ନାହାଁନ୍ତି । ତେଣୁ ସମୟ ସହ ଖାପ ଖୁଆଇ ଆଜି ଯାଏ ଚୁପ୍ ରହିଛନ୍ତି ସେ । ଦିନ ଗଡି ଚାଲିଛି, ତାଙ୍କ ଚଳଣୀ ରେ କିଛି ବି ଫରକ ପଡେନି କି କେବେ ଏହି ବିଷୟ କୁ ନେଇ ସ୍ୱାମୀ ସ୍ତ୍ରୀ ଙ୍କ ର ଝଗଡ଼ା ବି ହୁଏନି । ତେଣୁ ଦୁଃଖ, ସୁଖ ର ସମତାଳ ରେ ନୀରବ ମନ୍ତ୍ର କୁ ଆପଣାଇ ସଂସାର ଡଙ୍ଗା କୁ ସୁରୁଖୁରରେ ଚଳାଇ ନେଇଛନ୍ତି ଅମିତା । ଅରୁଣ ବାବୁ ଙ୍କ ର ସିନା ଭୁଲା ମନ, କିନ୍ତୁ ପିଲା ମାନଙ୍କ ପାଠ ପଢ଼ା ପାଇଁ ବେଶ ଯତ୍ନବାନ । ନିଜେ ପିଲାମାନଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିଛନ୍ତି। ଝିଅ, ପୁଅ ଏବେ ବିଦେଶ ରେ ପ୍ରତିଷ୍ଠିତ କମ୍ପାନୀ ରେ ଚାକରି କରୁଛନ୍ତି ...!!! ଅରୁଣ ବାବୁ ଙ୍କ ପାଖରେ ପଇସା ର ମଧ୍ୟ ସେମିତି ଅଭାବ ନାହିଁ, ଚାକରି ରୁ ଅବସର ପରେ ଯାହା ପେନସନ ପାଉଛନ୍ତି, ଘର ଭଡ଼ା ରୁ ଯାହା ମିଳୁଛି, ଚଳବା ପାଇଁ ଯଥେଷ୍ଟ । କିନ୍ତୁ କାହିଁକି କେଜାଣି, ସେ ସବୁ କାର୍ଯ୍ୟ ରେ ଟିକେ ଢିଲା । ସହଜ ଢଙ୍ଗ ରେ ଯେଉଁ କାର୍ଯ୍ୟ ଟି ସୁନ୍ଦର ଭାବ ରେ ସୁରୁ ଖୁରୁ ରେ କରି ହେବ ସେ ସବୁକୁ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ । ସ୍ତ୍ରୀ ଅମିତା ଙ୍କ ର କୌଣସି କଥା କୁ ସେ ଠିକ୍ ରେ ଧ୍ୟାନ ଦିଅନ୍ତି ନାହିଁ ସେଥି ପାଇଁ ସେ ଅନେକ ସମୟ ରେ ଅସୁବିଧା ରେ ପଡନ୍ତି ।। ଅମିତା ଯେତେ କହିଲେ ବି ସେ ଶୁଣ ନ୍ତିନି । ତେଣୁ ଆଜି ବା କିପରି ଶୁଣିବେ !!!!!

ଆଜି ଏହି ମହାମାରୀ କୋରନା ର ଭୟାବହତା ର ଦୁର୍ଦ୍ଦିନ ରେ ଅମିତା ଆଜି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏଣେ ପିଲାଙ୍କର ଚିନ୍ତା, ତେଣେ ଘରେ ନା ଅଛି ରେସନ୍ ନା ପରିବା। ଭାବୁଛନ୍ତି ସେହି ପୁରୁଣା କଥା କେତେ ଥର କହିଲି ସ୍ୱାମୀ ଙ୍କୁ ଟିକେ ରେସନ୍ ଆଉ ପରିବା ଆଣି ଘରେ ରଖ । ବର୍ତମାନ ହୁରି ପଡ଼ିଛି କୋରନା ର ପାର୍ଦୁଭାବ ରୁ ଚାରିଆଡ଼େ ଲକ୍ ଡାଉନ୍ ହେବା ର ସୂଚନା । ଲୋକମାନେ ଘରେ ଜମା କରି ରଖିଲେଣି ଅତ୍ୟାଶ୍ୟକୀୟ ସାମଗ୍ରୀ । କିନ୍ତୁ ସେ ଶୁଣିଲେନି......ବେଶି ନ ହେଲେ ନାହିଁ ଅଳ୍ପ ତ ଆଣି ରଖି ପାରିଥାନ୍ତେ । ତାହା ବି କଲେ ନାହିଁ ।

ISSN NO.
2582-208X


ବର୍ତ୍ତମାନ ସମାଜ ର ପୃଷ୍ଠଭୂମି ରେ ମହାମାରୀ କୋରୋନା ର ମହା ବିଭୀଷିକା,.. ସମସ୍ତେ ଏବେ ଗୃହବନ୍ଦୀ। ଝିଅ, ପୁଅଙ୍କ ର ବାରବାର ତାଗିତ ମାମା "ତୁମେ ବାବାଙ୍କୁ ବିଲକୁଲ ବାହାରକୁ ଛାଡିବନ...ପିଲା ବା କାହୁଁ ଜାଣିବେ ଘରେ ଖାଇବା ଜିନଷ କଛି ଅଛି କ ନାହିଁ।

ଅରୁଣ ବାବୁ ମନେ ମନେ ବିରକ୍ତ ହୋଇ କୋରୋନା ଭୁତାଣୁ କୁ ଗାଳ ଦେଉଛନ୍ତ କେଉଁଠୁ ଗୋଟେ ଆସି ଏଠି ଫାର୍ସ ଲଗେଇଛି ..ମଣିଷ କେମିତି ଚଳବ ଯେ ଘରୁ ବାହାରକୁ ବାହାରି ପାରୁନ। ଶଟ୍ ଡାଉନ୍, ଲକ୍ ଡାଉନ୍ ରେ ଦିନ କଟୁଛି। ଏମିତି ଦୁର୍ଦ୍ଦିନ ପରିସ୍ଥିତି ଆସିଲା ଯେ ଜୀବନ କାଳ ଭିତରେ ନା ଦେଖିଥିଲା ନା ଶୁଣିଥିଲା ମଣିଷ। ଏମିତି ମନେ ମନେ ଗୁଣୁଗୁଣେଇ ହେଉ ଥାନ୍ତ ସେ। ଓ ଟିଭି ଟି ଖୋଲି ଦିନରାତି କେବଳ ନଉଜ ଶୁଣିବାରେ ସମୟ ବିତାଉଥାନ୍ତ । କଣ ବା ଆଉ କରିବେ । କୁଆଡେ ତ ଯିବାର ନାହିଁ। କୋରନା ଭୁତାଣୁ ର ଭୟ ଗ୍ରାସ କରିଛି ସାରା ପୃଥିବୀ କୁ । ମଣିଷ ସମାଜ ଆଜି ଦୋଦୂଲ୍ୟମାନ ଅବସ୍ଥାରେ .....ଜୀବନ ଯିବାର ସନ୍ଧିକ୍ଷଣ ରେ ମଣିଷ ବର୍ତ୍ତମାନ ସମୟ ସହ ପ୍ରକୃତି ର କରାଳ ରେ କବଳତ..!! କଣ ବା କରାଯିବ ? ଏମିତି ଅନେକ ଅସମହିତ ପ୍ରଶ୍ନ ବାଟୀ ଭିତରେ ବୁଡ଼ି ରହିଥାନ୍ତ ଅରୁଣ ବାବୁ । ଅମିତା ବି ଭାବାକ୍ରାନ୍ତ ମନରେ ଥାନ୍ତ....!!

!! ଏତିକ ବେଳେ ଝିଅ ସିଙ୍ଗାପୁର ରୁ ଭିଡିଓ କଲ୍ କରିଛି। ମା"ର ଶୁଖିଲା ମୁହଁକୁ ଦେଖି ପଚାରୁଛି, ମାମା ତୁମେ ଖାଇନ କ ମୁହଁ କାହିଁ ଏମିତି ଶୁଖି ଯାଇଛି । ମାମା ଟିକେ ମୁରୁକ ହସା ଦେଇ କହିଲେ ହଁ ହଁ ଖାଇଛି.... ଝିଅ କହିଲା ମାମା ଗଲ କଚନ୍ କୁ କଣ ରୋଷେଇ କରିଛ ମୋତେ ଟିକେ ଦେଖେଇଲ ?

ଅମିତା ରୋଷେଇ ଘର ପରିବର୍ତ୍ତେ ବେଡ଼ରୁମ୍ କୁ ଯାଇ ନଜେ ଆଙ୍କିଥିବା ଏକ ଜଗନ୍ନାଥ ଙ୍କ ର ଚନ୍ଦ କୁ ତାକୁ ଦେଖେଇ ଭୁଲାଇ ବାକୁ ଚେଷ୍ଟା କଲେ। ଝିଅ ଚନ୍ଦ ଟିକୁ ଦେଖି ଖୁବ୍ ଖୁସି ହେଲା ସତ କନ୍ତ ବେଶ୍ ବୁଝି ନେଲା ପରିସ୍ଥିତିକୁ, ପଢି ପାରିଲା ମା "ର ମନ ର ଭାଷାକୁ । ଏବଂ ଜାଣିଚ ମଧ ତା"ବାବା ଙ୍କ ର କାର୍ଯ୍ୟକଳାପକୁ ଭଲ ଭାବରେ...,.!!

ତା"ପରଦିନ ହଠାତ୍ କଲିଂ ବେଲ୍ ର ଶବ୍ଦ ଶୁଣି ଅମିତା ଗେଟ୍ ଖୋଲି ଦେଖନ୍ତ ତ ଗେଟ୍ ସାମ୍ନାରେ ଠିଆ ହୋଇ ଥିବା ସେଲସ୍ ବୟ ଏକ ବଡ଼ ପ୍ୟାକେଟ ଧରି ଠିଆ ହୋଇଛି। ଆପଣ ଅମିତା ମାଡମ ତ? ହଁ, କଣ ହେଲା କ !...ଆପଣଙ୍କ ର ଅନଲାଇନ ଅର୍ଡର ଆସିଛି ନଅନ୍ତ। ଠିକ୍ ଏହି ସମୟ ରେ ଝିଅ ଫୋନ କରି କହିଲା ମାମା ତୁମକୁ ମିଳଗଲା

ISSN NO.
2582-208X

ଜିନଷ ? ହଁ ରେ  ମା ଏଇ ତ ନେଉଛି, ଆରେ ମା ତୁ କାହିଁ ଏସବୁ କରୁଥିଲୁ ଯେ !! ଅମିତା ଦେବୀ କହିଲେ ସିନା... କନ୍ତୁ ମନରେ ଏକ ଆଶ୍ୱସ୍ତି ଅନୁଭବ କଲେ ! ପ୍ୟାକେଟ ଧରି ଘର ଭିତରକୁ ଗଲେ । ଅରୁଣ ବାବୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଏ ସବୁ କଣ ? ଆମ ସାନୁ ଅନଲାଇନ ରୁ  ପଠା  ଅର୍ଡର କରି ପଠାଇଛି । ଓହୋ ! ଆଚ୍ଛା ବେଶ୍ ଭଲ କଥା, ଅରୁଣ ବାବୁ ଙ୍କ ର ମୁହଁରେ ତୃପ୍ତି ଭରା ହସ ଟିଏ..., ....!!

ଅମିତା ସ୍ୱାମୀ ଙ୍କ ଉଦ୍ଦେଶ୍ୟ ରେ କହୁଛନ୍ତି କଣ୍ ଭାରି ଖୁସି ତ...!! ସାନୁ କାହିଁକ ଦେଲା କେଜାଣି !! ତୁମେ ଆଉ କେତେଦିନ ଛତୁଆ ଖାଇ ରହିଥାନ୍ତ ଦେଖି ଥାନ୍ତୁ....ଆଜି କୁ ଆଠ ଦିନ ହେଲା କେବଳ ଛତୁଆ ଖାଇଖାଇ ମୋତେ ବି ବିରକ୍ତ ଲାଗି ଲାଣି..

ଅରୁଣ ବାବୁଙ୍କ ଭିତରେ ବି ଆଉ ଏକ  ସରଳ ସୁନ୍ଦର ହୃଦୟଟିଏ ଅଛି। ସେ ସାଙ୍ଗେ ସାଙ୍ଗେ କହି ପକାଇଲେ, ଦେଖୁଚ ତ ଟିଭି ରେ କୋରନା କେମିତି ଗରିବ ଙ୍କ ପେଟରେ ଲାତ ମାରୁଛି। ବିଲକୁଲ ଖାଇବାକୁ  ନ ପାଇ କେମିତି  ହାଁ ଖାଁ ହେଉଛନ୍ତୁ। ଲୋକମାନେ କେତେ କଷ୍ଟରେ ରହିଛନ୍ତୁ । ଆମେ ତ ତାଙ୍କ ଠାରୁ ବହୁତ ଭଲ ରେ ଅଛେ..ଆଠ ଦିନ ହେଲା ଅନ୍ତତଃ ଛତୁଆ ଚୁନା ଖାଇ ରହିଛେ । ସ୍ୱାମୀ ଙ୍କ ଠାରୁ ଏକଥା ଶୁଣି ଅମିତା ବାକ୍ୟ ହିନ ଗୃହାଣି ରେ ସ୍ୱାମୀ ଙ୍କ ମୁହଁକୁ ଛଳ ଛଳ ନୟନ ରେ ଚାହିଁ  ରହିଛନ୍ତୁ ଓ ଭାବୁଛନ୍ତୁ ପ୍ରକୃତରେ  ଅରୁଣ ବାବୁ ଙ୍କ ର ମନମୁଖୀ ଖାମ୍ ଖିଆଲି ଢଙ୍ଗ ର କାର୍ଯ୍ୟ ଧାରା ତାଙ୍କୁ ଏପରି ବିପତ୍ତି ସମୟ ରେ ଉପହାସ କରୁନ ତ ? !!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୭୯୫

ISSN NO.
2582-208X

# ଜେଜେଙ୍କର ଦୋଷ କୋଉଟା



ଶିଶିର ପଣ୍ଡା

ଜେଜେ ମୋ ରୁହନ୍ତୁ ଜଗ୍ ନବାସରେ
ଅଛି ଯା' ମଲ୍ଲିକା ପୁରରେ
ଆମ ଘରଠାରୁ ତିନ କୋଶ ବାଟ
ନୁହେଁ ଜମା ବେଶୀ ଦୂରରେ ।
ବୋଉକୁ ଲୁଚକ ଯାଏ ସିନା, ହେଲେ
ମନେମନେ ରୁହେ ଡରିକ
ଜାଣିଲେ ଏକଥା କୋଉଠୁ କେମିତି
ମାରିବ ମତେ ସେ ଧରିକ ।
ଜେଜେ ଥିଲାବେଳେ ନଇତି ଝଗଡ଼ା
ବାପା ବୋଉଙ୍କର ହୁଅନ୍ତୁ
କଥା ନ ବଢ଼େଇ କଛି କ୍ଷଣପରେ
ବାପା ବି ନରବ ରୁହନ୍ତୁ ।
ଆଜିଯାଏ ମୁଉଁ ଜାଣିପାରି ନାହିଁ
ଜେଜେଙ୍କର ଦୋଷ କୋଉଟା
ତଥାପି ଦେଖେଇ ସବୁବେଳେ କୁହେ
ତାଙ୍କୁ ଯେ ମୋହରି ବୋଉଟା ।

ISSN NO.
2582-208X

କାହିଁକି କେଜାଣି ଜେଜେ ମୋ କାନ୍ଦନ୍ତୁ
ମତେ ସବୁବେଳେ ଦେଖିକ
ଜରା ନବାସର ଭିତରେ ବୁଲାନ୍ତୁ
ସିଏ ବି କାନ୍ଧରେ ଟେକକ ।
ଭାବୁଛି ସତରେ ବୟସ ହେଲେ ମୋ
କାହାଣୀ ଗୋଟିଏ ଲେଖିବି
ବୁଢ଼ା ବୟସରେ ବାପା ବୋଉଙ୍କୁ ମୋ
ମଲ୍ଲିକା ପୁରରେ ଦେଖିବି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ସୁ ସଂପର୍କ



ଜୟନ୍ତୀ ଦେବୀ

ସଂପର୍କ ପ୍ରିୟା ପ୍ରିୟର ଅଟେ ବଡ଼ ସୁମଧୁର ।

ସଂପର୍କର ଡୋରେ ବନ୍ଧା ଦେଖ ଏ ସାରା ସଂସାର ।।

ବଳୀୟାର ଭୁଜ ହରି ବସିଛି ନୀଳ କନ୍ଦର ।

ବାହୁ ମେଲାଇ ଡାକୁଛି ଆସ ଭକ୍ତେ କୋଳ କର ।।

ମହା ବାହୁ ବାହୁ ମେଲି ଡାକଇ ଭକ୍ତଙ୍କୁ ତାର ।

ସଂପର୍କର ଭାବ ଡୋରୀ ଲଗାଇଛି ଶ୍ରୀୟା ବର ।।

ବସି ହରି ଶ୍ରୀମନ୍ଦିରେ ଭାଇ ଭଉଣୀ ସଙ୍ଗର ।

ପାରିକରେ ସାଧବଙ୍କୁ ବସାଇ ଭାବ ନାବର ।।

ଭଗବାନ ଭକ୍ତ ମଧ୍ୟେ ନଥାଇ ତିଳେ ଅନ୍ତର ।

ସଂପର୍କ ଏଠି ଭାବର ଆନେ ନାହିଁ କାରବାର

ମାର୍ଫତ୍ - ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ବୟସ



ସଂଯୁକ୍ତା ସାହୁ

ବୟସଟା ବଢୁଛି ନା କମୁଛି ବୁଝିହୁଏନି
ସମୟ ତା ପାଇଁ କେବେ ଅଟକେ ନାହିଁ
ଜନ୍ମ ମୃତ୍ୟୁର ଛକାପଞ୍ଝାରେ ଚିତ୍ରଗୁପ୍ତ
ପାଞ୍ଜି ଧରି ବସିଥାଏ ମୃତ୍ୟୁର ଅପେକ୍ଷାରେ
ସିଏ କଣ ବୁଝିପାରେ କାହା ବୟସ ନେଇ
ଧର୍ମର ନିକିତି ତଉଲୁଥାଏ ପ୍ରତି ମୁହୂର୍ତ୍ତ
ସମୟ ଅସମୟର ନିଘା ନ ଥାଏ ତା'ର
ସୃଷ୍ଟିରେ ଜନ୍ମ ଅଛି ମୃତ୍ୟୁ ତ ଧ୍ରୁବ ସତ୍ୟ
ମାଟିରେ ପଡି କୁଆଁ କୁଆଁ ରାବଦେଲେ
ସେଇଦିନ ହିଁ ବୟସର ହାଜିରା ପଡେ
ଆରମ୍ଭ ହୁଏ ଗଣନା ପ୍ରତିଦିନ, ମାସ, ବର୍ଷ
ବାଲ୍ୟକାଳୁ ବୟସଟା କଅଁଳ ଅବସ୍ଥା
ତା'ପରେ ଟିକିଏ ଟାଣ କିଶୋର ସମୟ
ସେଇବେଳେ ବୟସ କଥା ମନେ ପଡେନି
ତା'ପର ଅବସ୍ଥାରେ ଏତେ ଜଞ୍ଜାଳ ଆଉ
ଲୋଭ, ମାୟା, ମୋହ, ଆଶାରେ ବୁଡିରହୁ
ଚିନ୍ତା କରିବାକୁ ସମୟ ନ ଥାଏ ବୟସର

ISSN NO.
2582-208X

ମାପକାଠି କେତେ ଗଲା କି ରହିଲା
ତା'ପରେ ଦାୟିତ୍ୱ ସରିଗଲାପରେ
ଚେତନା ପଶେ ବୟସର ଅପରାହ୍ନରେ
ସମୟ ଆଉ ବୟସର ଜିତାପଟ୍ ହୁଏ
ସେମାନେ କେବେ କେହି ପଛକୁ
ଫେରିବେନି ତୁମେ ଯେତେ ଡାକିଲେ ବି
ଏମିତି ବୟସର ଅଙ୍କକଷା ଚାଲିଥାଏ ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମା, ଜଗତସିଂହପୁର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୭ )

- ମାଆ ଗୋ, ଏ ମାଆ, ଉଠ୍ ନା । କବୁତା ଡାକଲାନି ଯେ । ମହାପାତ୍ର ଘର ଭୁଜା ଭାଜତେ ଯିବୁ ପରା ।

ମାଆର ନିଦ ଯୋର୍ ଲାଗି ଯାଇଥାଏ । ବିଗୁରୀ ଦିନ ସାରା ଖଟଣିରେ ବେହାଲ୍ ହେଇ ଯାଉଥାଏ । ତାର ନିରୀହ ମୁହଁଟା କେମିତି ଦୟନୀୟ ଲାଗୁଥାଏ । ଅଣି ହେଇ ଆଣ୍ଠୁକୁ ପେଟ ପାଖରେ ଲଗେଇ ଜାକଜୁକ ହେଇ ନିଝାଲ୍ ଶୋଇଥାଏ ମୋତେ ସମ୍ପୂର୍ଣ୍ଣ କନ୍ଥାଟା ଘୋଡ଼ାଇ ଦେଇ ଆଉ ନିଜେ ଗୋଟେ କୋଣ ନେଇ ଘୋଡ଼େଇ ହେଇଥାଏ । ଗୋଡ଼ ବୋଧେ ବଥା ହେଉଥାଏ ଯେ ପାଦ ଆଙ୍ଗୁଳି ହଲୁଥାଏ । ରହି ରହି ହଲଚଲ କରୁଥାଏ । ଅତ୍ୟଧିକ ପରିଶ୍ରମରୁ ବାଧା ହେଇ ତା ପାଟି ମେଲା ହେଇ ଯାଇଥାଏ । ଘଡର୍ ଘଡର୍ ଶବ୍ଦ ବାହାରି ମୋ ଛାତିକୁ ଦୋହଲେଇ ଦେଉଥାଏ । ମୋତେ ବହୁତ କାନ୍ଦ ଲାଗେ । ମୁଁ ଗୋଡ଼ ଘଷିବା ଆରମ୍ଭ କରେ । ମୋର ମନେ ପଡ଼ି ଯାଏ ନରିର କୋକେଇରେ ବନ୍ଧା ମଲା ମାଆ, ମନେ ପଡ଼ିଯାଏ ମୋ ମାଆର ମେଲା ପାଟିରୁ ତା ବାଧକା ବେଳର ଘଡର୍ ଘଡର୍ ଶବ୍ଦ । ମୋ ମାଆ ମରି ଯିବ କି ? ତାକୁ ନେଇ ଯିବେ କି କୋକେଇରେ ବାନ୍ଧି ।

ମୁଁ ଚର୍କାଳି ଉଠେ, - ଏ ମାଆ, ମାଆ ଗୋ

ମୋ ମାଆର ଜ୍ୱର ଆସିଲେ ତ ମୁଁ ହରଦମ୍ ତା ମୁଣ୍ଡ ପାଖରେ ବସି ରୁହେ । ସ୍କୁଲ୍ ନାଗା କରେ । ମୋତେ ଡର ଲାଗେ କାଳେ ମୋ ମାଆ ମରିଯିବ କି ?

ISSN NO.
2582-208X

ନରିର ମାଆଟା କେମିତି ଦୁଇଟା ଦିନର ଜ୍ୱରରେ ମରିଗଲା ? ମୁଁ ଦେଖିବାକୁ ଯାଇଥିଲି ମାଆ ସାଙ୍ଗରେ । ମାଆର ହାତଟାକୁ ଏତେ ଯୋରରେ ମୁଠେଇ ଧରିଥିଲି ଯେ, ସତେ ଯେମିତି ତାକୁ ମୋଠାରୁ କଏ ଛଡେଇ ନେଇ ଯିବ । ନରିର କାନ୍ଦ ଦେଖି ମୁଁ ବି ଭେ ଭେ କାନ୍ଦିଥିଲି । ନରି ମାଟି ରାଉଣ୍ଡୁଥାଏ । ଗଡୁଥାଏ ଭୂଇଁରେ । ତାକୁ କଣୁଥାନ୍ତି ସମସ୍ତେ । କୋକେଇରେ ଶୋଇଥିବା ତା ମାଆର ନିର୍ଜୀବ, ନିଷ୍ପନ୍ଦ ଦେହଟାକୁ ବାରମ୍ବାର କୁଣ୍ଢେଇ ଧରୁଥାଏ । ବହୁତ କଷ୍ଟରେ ତାଠୁ ଛଡେଇ ତା ମାଆକୁ ବଡ଼ପୁଲ (ମଶାଣି ନାମ) କୁ ନିଅନ୍ତି । ବାପ ଛେଉଣ୍ଡ ନରିଟା ପୁଣିଥରେ ମାଆ ଛେଉଣ୍ଡ ହେଇଯାଏ । ତା ମାମୁଁ ତାକୁ ନେଇ ଯାଆନ୍ତି ତାଙ୍କ ସହିତ । ସେଇ ଯାହା ଶେଷ ଦେଖା ତା ସହିତ । କେଡ଼େ ବିକଳ ହେଇ ସେ ପଛକୁ ଅନଉଥାଏ ? ଆଉ ସେ ଛେଉଣ୍ଡ ଛୁଆ ନରି ସହିତ କେବେ ଭେଟ ହେବ କ ନାହିଁ କଏ କହିବ ।

ଛେଉଣ୍ଡ, ବାପ ଛେଉଣ୍ଡ, ମାଆ ଛେଉଣ୍ଡ ! ଶୁଣିଲା ମାନେ କଣଟାଏ ଧସ୍ କନା ଖସିପଡେ ଛାତିରୁ ।

ମାଆର ଥରେ ଜ୍ୱର ହେଇଥିଲା, ସେ କଣ ସବୁ ଇଆଡୁ ସିଆଡୁ ବାଉଳ ଗୃଉଳ ହେଲା ଯେ ଖାଲି ତା ଆଖିରେ ମରଣ ନାଚୁଛି, ଯମ ଆଉ ଯମଦୂତ ମାନେ ଆଇଲେଣି ତାକୁ ନେବାକୁ । ମୁଁ ତ ଖାଲି ଭେ ଭେ ଡକା ପାରିଲି ।

ପଡ଼ିଶା ଘର ରଙ୍ଗୀ ଖୁଡ଼ୀ ଧାଇଁ ଆସିଲେ ।

– ନାଇଁ କାନ୍ଦ୍ ବାପା, କାନ୍ଦ୍ ନାଇଁ । ତୋର୍ ମାଆ ଏଇନାଗି ଭଲ୍ ହେଇଯିବ ।

ତା ବାଦ୍ ମାଆକୁ ହଲେଇ ଦିଅନ୍ତୁ ।

– ଏମତି କପେଇଁ ହେଉଛ ଗୋ ନାନୀ ? ଛୁଆଟା କାନ୍ଦି କାନ୍ଦି ତାଟକି ଗଲାନି ଯେ ।

ଖୁଡ଼ୀ ତା ଦିହ ଦେଖନ୍ତୁ । ତା ନାଡୀ ଚପି ଦେଖନ୍ତୁ ।

ISSN NO.
2582-208X


ନାଡୀ ଦେଖି ସମସ୍ତଙ୍କୁ ଆସୁଥିଲା ଅଳ୍ପ ଅଧିକେ ।

– ଟିକେ ଚଞ୍ଚଳ୍ ଅଛି ନାଡୀଟା । ଦେହେରେ ଜର ଭି ଖଇ ଫୁଟୁଛି । ଦେ ଟିକେ ପାଣିପଟି ପକେଇ ଦେବା ।

ପାଣିପଟି ପକେଇଲାରୁ ମାଆ ଟିକେ ସୁସ୍ଥ ଅନୁଭବ କରେ । ମୁଁ ତାର ମୁଣ୍ଡ ଶାଳରେ ବସିଥାଏ । ମୁହଁ ବୁଲେଇ ମୋତେ ଦେଖେ ଆଉ ଶୁଖିଲା କରୁଣ ହସଟାଏ ହସେ । ତାର ମ୍ଳାନ ହସଟି ମୋ ଚେହେରାକୁ ସଞ୍ଚରି ଆସେ । ମୋ ଆଖିରେ ଲୁହ ଥିଲେ ବି ତୃପ୍ତ ହସଟିଏ ଫୁଟେ । ଲୁହର ଧାର ଗାଲରେ ଶୁଖିଲା ଗାରଟିଏ ହେଇଯାଏ ।

ଖୁଡ଼ୀ ମୋ ମୁଣ୍ଡରେ ହାତ ବୁଲାନ୍ତୁ ।

ଖୁଡ଼ୀ ତାଙ୍କ ଘରୁ ଭାତ ତୁଣ ଆଣି ମୋତେ ଖୁଆନ୍ତୁ । ମାଆକୁ ବି କଣ ଚୂଡ଼ା ଗୁଣ୍ଡ ଟିକେ ଖୁଆନ୍ତୁ ବଳେଇ ବଳେଇ ।

ମୁଁ ତା ପାଖ ଛାଡ଼ି ଯାଏ ନାହିଁ । ମନରେ ଆସୁଥାଏ, ଏମିତି କ ଉପାୟ କରନ୍ତୁ ଯେ ମାଆ ମୋର ଶଟ୍ କନା ଭଲ ହେଇ ଯାଆନ୍ତା । ଝାଡ଼ିଝୁଡ଼ି ହେଇ ଉଠି ବସନ୍ତା । ଶୀଘ୍ର ଶୀଘ୍ର ଭାତ ରାନ୍ଧି ସାରି ତିଆଡ଼ି ଘରେ ଯାଇ ବିରି ବାଟନ୍ତା । କନ୍ଥା ଟିପନ୍ତା । ସାଇଁ ମଉସାଙ୍କ କୂଅରୁ ପାଣି ଆଣନ୍ତା । ମୋତେ କହନ୍ତା ,

– ଦେ ଧନ, ଲାଣ୍ଟିନ୍ କାଚଟା କାଳଛିଆ ହେଇ ଗଲାନା । ପୁଛି ପକା ଟିକେ ।

– ଆଏ ଆଏ ଧନ, ଭାତଗା ଶୁଖି ଗଲାନ । ଖାଇଦେ । ତାରପରେ ପଢ଼ିବୁ ।

– ଯା ଧନ, ନୁଣ ଦଶପଇସାର ଘିନ ଆଣ ସିଭୁ ଦୋକନରୁ ।

କିନ୍ତୁ ମାଆର ଦେହ ଆହୁରି ଆହୁରି ଅସୁସ୍ଥ ହେଇଯାଏ । ମାଆ ଉଠି ବସି ପାରେ ନାହିଁ । ଘର ଦ୍ୱାରର ଅବସ୍ଥା ରହେ ନାହିଁ । ଗୁରିଆଡ଼େ ରଣଭଣ ହେଇ ପଡେ ।

ତୁଟୁକା ମୁଟୁକା, ଟୁଣୁକା ଟୁଣୁକ କିଛି କାମ ଦେଲା ନାହିଁ । ବାପା ଶେଷକୁ ଛୁତପାଣି ନେଇ ବୈଦ୍ୟ ପାଖକୁ ଗଲେ । ବୈଦ୍ୟ ଅବସ୍ଥା ଦେଖି ବ୍ୟବସ୍ଥା କଲେ । ଜ୍ୱର ବଟିକା ଦେଲେ । ପାନରସ, ମଞ୍ଜୁଆତି ରସ ସହିତ ଦିନକୁ ଦିପାନ ଲେଖା ଖାଇବାକୁ ଦେଲେ ।

ବାପା କାମକୁ ଯାଇ ପାରିଲେ ନାହିଁ । କିନ୍ତୁ ବାପାଙ୍କର ଅଲଗା କିଛି ରୂପ ଦେଖିବାକୁ ପାଇଲି ସେ ସମୟରେ । ବାପାଙ୍କ ଠାରେ ମାତୃତ୍ୱର ସନ୍ଧାନ ପାଇଲି । ସ୍ୱାମୀ ଠାରେ ସ୍ତ୍ରୀତ୍ୱର ସନ୍ଧାନ ପାଇଲି । ମୋ ମୁଣ୍ଡ ଆହୁରି ନଇଁ ଗଲା ।

ଏତେ ଦିନ ଧରି ଦେଖୁଥିଲି ମାଆ ସେବା କରୁଥିଲା ବାପାଙ୍କର । ବାପାଙ୍କୁ କେବେ ପାଣି ଢାଳଟାଏ ଆଣି ପିଇବାର ଦେଖି ନଥିଲି । ବର୍ତ୍ତମାନ ବାପା ଏକାଧାରରେ ହେଇଥିଲେ, ମୋ ମାଆ, ମାଆର ଧାଇ, ସେବିକା । ଜ୍ୱରାଧିକ୍ୟ ଯୋଗୁଁ ମାଆର ପେଟ ମୋଡ଼ି ନାଳ ପଡୁଥିଲା ଦିନକୁ ଶହେଥର। ବାପା ଟିକେ ହେଲେ ବିରକ୍ତ ହେଉ ନଥିଲେ । ସାରୁପତ୍ରରେ ସେହି ଘର ଭିତରେ ଝାଡ଼ା ବସାଉଥିଲେ । ତାର ଅସନା ଲୁଗାପଟା ସଫା କରୁଥିଲେ ପୋଖରୀକୁ ନେଇ। ପଥି ପାଚନ ଯୋଗାଡ଼ କଲେ ଧାର କରଜ କରି । ଦୋରନ୍ଧା ପୁରୁଣା ଗୁଉଳ, ଭାତ ମଣ୍ଡି, ଚୁଡ଼ା ମଣ୍ଡି, ଖଇ ମଣ୍ଡି, ବାର୍ଲି ପାଣି - କୋଉଥିରେ ଊଣା ନାହିଁ । ଆମର ଖାଇବା ଅବଶ୍ୟ ପାଖ ପଡୋଶୀ ବୁଝି ଦେଉଥିଲେ ।

ଗାଁରେ କେହି ତ ପର ନଥିଲେ ନା । ଆ ଘରେ ଫୁଲଟିଏ ଫୁଟିଲେ ତା ଘର ମହକୁଥିଲା । ଆଙ୍କର ଗାଇ କଅଁଳେଇଲେ ତାଙ୍କ ପିଲେ କ୍ଷୀର ପିଉଥିଲେ ।

ଏତିକି ସେବା ଯତ୍ନ ଓ ତପସ୍ୟାର ଫଳ ମିଳିଲା । ଦୀର୍ଘ ମାସେକାଳ କତରରେ ପଡ଼ି ମାଆ ପୁଣି ଉଠି ବସିଲା । ସୁସ୍ଥ ହେଲା ।

ସମସ୍ତେ ବାପାଙ୍କୁ ଧନ୍ୟ ଧନ୍ୟ କଲେ ।

ISSN NO. 2582-208X


- ଅଭିବାପ ଯମ୍ ଦୁଆରୁ ତାର୍ ଭାର୍ଯ୍ୟାକୁ ଟାଣି ଆଣଲ୍ ଯାହା ହେଉ । କଏ ଭାବିଥିଲ୍ ନା ଅଭି ମାଆ ପୁଣି ବର୍ତ୍ତିବ, ଗୁଲବୁଲ୍ କରବ ବୋଲି ?

ମୁଁ ଶିବ ମନ୍ଦିର ଯାଇ ଲୋଟା ଲୋଟା କରି ଶହେଆଠ ଲୋଟା ପାଣି ଢାଳଥିଲି ଶିବଲିଙ୍ଗ ଉପରେ, ସମସ୍ତଙ୍କ ଅଗୋଚରରେ । ଆଖି ଲୁହରେ ଅଭିଷେକ କରି ଦେଇଥିଲି ମୋର ଅଜାଣତରେ । ଠାକୁରେ, ଅଶେଷ ଅନୁଗ୍ରହ, ମୋ ମାଆ ମଲ୍ ନାହିଁ ମାସେ ଜରରେ ମଧ। ମୁଁ ଛେଉଣ୍ଡ ହେଲି ନାହିଁ । ମୋତେ ଛେଉଣ୍ଡ ଛୁଆ ନରିର ପଛଆଡକୁ ବୁଲି ବୁଲି ଅନଉଥିବା କାନ୍ଦୁରା ମୁହଁଟା ଦିଶୁଥିଲା ।

ମୋ ମାଆର ମେଲ୍ ମୁହଁରୁ ଘଡର୍ ଘଡର୍ ଶବ୍ଦ । ମୁଁ ଚକ୍ରାର କରି ଉଠି ମାଆକୁ ହଲେଇ ଦିଏ ।

- ଏ ମାଆ, ମାଆ ଗୋ

ମାଆ ଧଡ଼ପଡ଼ିଆ ଉଠି ପଡେ ।

- ଆରେ ତୁ ଉଠଲୁନ ? ଦେରି ହେଇଗଲାନ କ ରେ ଧନ ?

ମୋର କଲିଜାରେ ଜୀବନ ପଶେ । ମୋ ମାଆ ମରିନାହିଁ ତେବେ ।

ବାହାରକୁ ଦେଖି ଦେଇ ମାଆ କୁହେ,

- ଏହେ ! ଏତେ ଦେରି ହେଇଗଲା ? ଦେ ଦେ ମୁଇଁ ଯାଏଁ । ବେଳସୁଁ ଯାଇତେ କହିଥିଲେ । ଆଉ ତୁ କପେଇଁ ଏତେ ହର୍ ବର୍ ହେଇକରି ଅନ୍ଧାରଟାରୁ ଉଠି ପଡ଼ଲୁ ?

- ମୋତେ ବିବେକା ମାଷ୍ଟର ଡାକଛନ୍ । କଛି ଗୁଟେଇ ନୂଆ ବିଦ୍ୟା ଦେବେ ବୋଲି କହିଛନ୍। ମାଆ ଗୋ, ମୁଇଁ ଗାଧିକରି ଯିବି, ସାଫା ସୁତରା ହେଇକରି ।

ISSN NO.
2582-208X

ମାଆର ମୂର୍ଖ ମୁଣ୍ଡ । ଯାହା ବୁଝିଲା । ମୁଁ ପ୍ରଥମ ଥର ପାଇଁ ମାଆର ଉଠା ପାଇଖାନାକୁ ଗଲି ମାଆ ବାଧ କଲାରୁ । ସାପଖପ ଥିବେ ବୋଲି ମାଆ ତଳ ବାଡ଼ିକୁ ଯାଇତେ ଦେଲା ନାଇଁ । କୁଜି ଗାଡ଼ିଆରୁ ପାଣି ଆଣି ଦେଲା । ମୁଁ ମଝି ବାହାରେ ଗାଧିଲି ।

ମାଆ ଗଲା ଭୁଜା ଭାଜତେ । ମୁଁ ଗଲି ସରସ୍ୱତୀ ସାଧନା କରତେ ।

ସାରଙ୍କ କୋଠରୀରେ ଲଣ୍ଠନ ଜଳୁଥିଲା ମିଞ୍ଜି ମିଞ୍ଜି ହେଇ । ମୁଁ ଜାଲଣା ଫାଙ୍କରୁ ଦେଖୁଥିଲି। ସାର୍ ଆଖି ବୁଜି ବସିଥିଲେ ଧ୍ୟାନମଗ୍ନ ହେଇ । ସମ୍ମୁଖରେ ଗୋଟାଏ କାଳଆ ଡେସ୍କ ଥୁଆ ହେଇଛି । ସେଥିରେ ଉଚା ହେଇ କଣ ଗୋଟାଏ ଘୋଡ଼ା ହେଇଛି ଧଳା ଲୁଗାରେ । ଭାରି ରହସ୍ୟମୟ ମନେ ହେଉଥିଲା ପରିବେଶଟା । ମୋର ଛାତି ଖୁବ ଯୋରସେ ଧକ୍ ଧକ୍ କରୁଥିଲା । ହାତ ପାଦ ଝାଳେଇ ଯାଉଥିଲା । ସର୍ବାଙ୍ଗ କମ୍ପି ଉଠୁଥିଲା। ନାକ ପୁଡ଼ାରୁ ଅଣଗ୍ଳଷ ଖର ପବନ ବୋହି ଯାଉଥିଲା ।

ମୋତେ ଲାଗୁଥିଲା, ଏଇ ପଡ଼ି ଯିବି କ ଆଉ ?

ମୁଣ୍ଡ ବୁଲେଇ ଦେଉଥିଲା । ମୁଁ ଧରି ପକାଇଲି ତାଙ୍କ ପିଣ୍ଡା ଉପରକୁ ଟାଟର୍ ଟେକଥିବା ମଝି ଖୁଣ୍ଟଟାକୁ । ଟିଣଟା ଯୋରରେ ଦୋହଲି ଯିବାରୁ ଢଣ୍ ଢଣ୍ କନା ଶବ୍ଦ ହେଲା ।

ଚଇନୁ ତେବେ ଠିକ୍ କଥା କହୁଥିଲା ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମାଟି ଆମର
# ମାଆ



ରଘୁନାଥ ତ୍ରିପାଠୀ

ମାଟି ଆମର ମାଆଟା ପରା ମାଟି ଆମର ମାଆ
ସାରା ଦୁନିଆ ଖୋଜି ପାଇବ ତାପରି କେହି ସାହା ।

ଜନମ ଲଭି ଜନନୀ କୋଳୁ ପଡୁ ତାହାରି ଦେହେ
ସହି ଆମର ଅଳ ଅର୍ଦ୍ଦଳ ବଢାଏ ଅତି ସ୍ନେହେ ।

ଖାଦ୍ୟ ପାନୀୟ ବାସ ବସନ ଯୋଗାଏ ଅନୁକ୍ଷଣେ
ଆମ ଜୀବନ ଗଢ଼ା ଟି ପରା ତାହାର ମହାଦାନେ ।

ନାଚ କୁଦିକ ଖେଳ ଖେଳଲୁ ତାହାର ଛାତିପରେ
ଧାଆଁ ଦଉଡ଼ କଲେ ବି ଯେତେ ସହେ ସେ ସ୍ନେହଭରେ ।

ତାହାରି ଦେହ ଖୋଳକ ପରା ଗଢୁ ଟି ଆମେ ଇଟା
ସେଥିରେ ପରା ଗଢ଼ା ହେଉଛି କେତେ ଯେ ଘର କୋଠା ।

ନାନାରକମ ଧାତୁର ଖଣି ତା ଛାତି ହୋଇ ତଡା
କେତେ ଯେ କଳ କାରଖାନା ତ ତା ଦେହେ ହୁଏ ଗଢ଼ା ।

ତା ଦେହ ତାଡି କର୍ଷଣ କରି ଦାନା ଫଳାଏ ଗୃଷୀ
ଆମରି ପେଟ ପୁରାଏ ସିନା ଖଟି ସେ ବାରମାସୀ ।

ISSN NO.
2582-208X

ବଣ ପାହାଡ଼ ଜଙ୍ଗଲ ଖଣି କୃଷି ତାହାରି ଦାନ
ଜୀବନ ଦେଇ ରଖିବା ଆମେ ସେ ମାଆ ସନମାନ ।

ତା ପାଇଁ ଦେହେ ପ୍ରାଣ ରହିଛି ଦେବା ଜୀବନ ଦାନ
ମାଟି ମାଆର ସୁରକ୍ଷା ପାଇଁ ସେନା ଦିଅଇ ପ୍ରାଣ ।

ଯବାନ ଆଉ କିଷାନ ପର୍ ଆମ ଜୀବନ ଦାତା
ଜନନୀ ଆମ ଦେବକୀ ମାଆ ମାଟି ଯଶୋଦା ମାତା ।

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ବିବାହ ବନ୍ଧନ



ବୀରକିଶୋର ନାୟକ

ସୃଷ୍ଟିର ନିୟମ ଅଟେ ଚିରନ୍ତନ
ସୃଷ୍ଟିର ସ୍ଥାୟିତ୍ୱ ପାଇଁ,
ନାରୀ ଓ ପୁରୁଷ ମୁଦ୍ରା ଦୁଇପାର୍ଶ୍ୱ
ଏକାତ୍ମା ହୁଅଇ ଯହିଁ ।
ଯୌବନ ଆସିଲେ ସ୍ୱାଭାବିକତାରେ
ମନେ ପ୍ରୀତିରଙ୍ଗ ଭରେ,
ଦେହ ଖୋଜେ ଦେହ ମନ ଖୋଜେ ମନ
ଉଛୁଳା ପ୍ରେମ ଜୁଆରେ ।
ସେଥିପାଇଁ ଗଢି ଦେଇଛି ସମାଜ
ବିବାହ ବନ୍ଧନ ରୀତି,
ବ୍ୟଭିଚାର ପରି କଳଙ୍କ ନରହୁ
ଅବାଟେ ନହେଉ ଗତି ।
ବିବାହ ବନ୍ଧନେ ଉଭୟଙ୍କୁ ମିଳେ
ଦୃଢ଼ ସମାଜ ସ୍ୱୀକୃତି,
ରହେନାହିଁ କିଛି ବାଧା ଅବା ନିନ୍ଦା
ଥାଏ ସ୍ୱାଧୀନତା ସେଠି ।
ଗୁରୁ ଗୁରୁଜନେ ଆଶୀଷ ଢାଳନ୍ତି
ନବ ଦମ୍ପତିଙ୍କ ପାଇଁ,
ଦାମ୍ପତ୍ୟ ଜୀବନ ହୁଏ ସୁଖମୟ
ପରସ୍ପରେ ପ୍ରୀତି ଦେଇ ।

ISSN NO.
2582-208X

ବିବାହ ବନ୍ଧନ ଈଶ୍ୱରଙ୍କ ଦାନ
ପ୍ରକୃତିରାଣୀର ଶୋଭା,
ଦୁଇ ଆତ୍ମା ହୋଇ ଏକାତ୍ମା ହୁଅଇ
ସୃଷ୍ଟିହୁଏ ନୂଆ ଆଭା ।
ଜୀବନ ପଥରେ ବିବାହ ବନ୍ଧନ
ଏକ ପୂତ ଅନୁଷ୍ଠାନ,
ଅଙ୍ଗୀକାର ଥାଏ ସଂସ୍କାର ବି ଥାଏ
ଆଣିଥାଏ ସନମାନ ।

ଫୋନ-8847842297
ଖଣ୍ଡବନ୍ଧ, ଢେଙ୍କାନାଳ

ISSN NO.
2582-208X

# ସଂପର୍କ



ଡଃ ଅଭିମନ୍ୟୁ କାନୁନଗୋ

ସଂପର୍କ କ୍ଷୀର ନୀରର ପାର୍ଥ ଦାମୋଦର ।
ଯହିଁ ପାର୍ଥ ତହିଁ ପାର୍ଥସାରଥି ସୁନ୍ଦର ।।
ନିବିଡ ସଂପର୍କ ଜୀବ ପରମ ବେନିର ।
ଏକ ଆତ୍ମା ହେଲେ ଆନ ଅଟଇ ଶରୀର ।।
ଦ୍ୱିତୀ କୃଷ୍ଣ କୃଷ୍ଣ ମଧ୍ୟେ ନଥାଇ ଅନ୍ତର ।
ଦ୍ୱିତୀୟ ନାସ୍ତି ଏକଇ ବ୍ରହ୍ମର ବିଚାର ।।
ତେଣୁ ପାର୍ଥ ଅର୍ଦ୍ଧାଙ୍ଗିନୀ ବେନି ଭାଇଙ୍କର ।
ମଧ୍ୟରେ ଆସୀନ ହୋଇ ବଡ଼ ମନୋହର ।।
ଅଭେଦ ପିରତି ଭାଇ ଭଗ୍ନିଙ୍କ ମଧ୍ୟର ।
ଯଥା ହରି ହର ମଧ୍ୟେ ପାର୍ଥକ୍ୟ ନକର ।।
ହରି ହର ଏକ ଆତ୍ମା ଜାଣଇ ସଂସାର ।
ଯିଏ ରାମ ସେ ଇଶ୍ୱର ଭବେ ଏକା ସାର ।।
ରାମ ଓ ଇଶ୍ୱର ନାମ ବେନି ଦେବଙ୍କର ।
ନାମ ସିନା ବେନି ଏକ ଦେବ ହରି ହର ।।
ରାମଙ୍କ ଇଶ୍ୱର ବୋଲି ନାମ ରାମେଶ୍ୱର ।
ରାମ ଇଶ୍ୱର ଙ୍କ ମଧ୍ୟେ ନାହିଁ ପରାପ୍ତର ।।
ହଳୀ ବନମାଳୀ ବେନି ଭାଇ ଏକାକାର ।
ଏକ ଆତ୍ମା କଳା ଧଳା ରୂପ ବେନି ଙ୍କର ।।
ଭକ୍ତ ଭଗବାନ ମଧ୍ୟେ ନାହିଁ ନା ଅନ୍ତର ।

ISSN NO.
2582-208X

ଭକ୍ତସୁଖ କଳାମୁଖ ଭକ୍ତ ପ୍ରାଣ ଯାର ।।
ଭକ୍ତ ପାଇଁ ନାରାୟଣ ସଖା ସହୋଦର ।
ଭକତ ପରାଣ ଧନ ମାଧବ ଶ୍ରୀଧର ।।
ଭକତ ନିମନ୍ତେ ହରି ଶଙ୍ଖ ଚକ୍ର କର ।
ଭକତ ହୀତରେ ହୁଏ ଦଶ ଅବତାର ।।
ଏଇତ ସଂପର୍କ ଭକ୍ତ ଭଗବାନଙ୍କର ।
ଯତ୍ର ଭକ୍ତ ତତ୍ର ଦଇତାରୀ ବିଶ୍ୱମ୍ଭର ।।
ଭକତ ତାହାର ପିତା ମାତା ଯେ ଆବର ।
ଭକ୍ତାଧିନ ଭଗବାନ ଜଗତେ ପ୍ରଚାର ।।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ନରବୀ ଗଲେ ସ୍ୱର ସାମ୍ରାଜ୍ଞୀ



ସୁଷମା ପରିଜା

ସାରା ଭାରତରେ ବସନ୍ତ ପଞ୍ଚମୀର ଆନନ୍ଦ କୋଳାହଳ ନଥମୁଣ୍ଣ ଆଉ ଗୋଟିଏ କାରୁଣ୍ୟ ର କୋଳାହଳ ଖେଳି ଗଲା ସାରା ବିଶ୍ୱରେ । ସେ ଥିଲା ଏକ ଦାରୁଣ ଦୁଃସମ୍ବାଦ.....

"ହଜିଗଲେ ଭାରତ ର ବୁଲବୁଲ୍ । ଆଉ ସଶରୀରେ ଦିଶିବେ ନାହିଁ ସେ କୌଣସି ମଞ୍ଚ ଉପରେ କି ତାଙ୍କ କଣ୍ଠସ୍ୱର ରୁ ଗୀତଟି ସିଧା ପ୍ରସାରିତ ହେବ ନାହିଁ । ଭାରତୀୟ ସଙ୍ଗୀତ ଜଗତର ସାମ୍ରାଜ୍ଞୀ କୋକିଳକଣ୍ଠୀ ସୁଶ୍ରୀ ଲତା ମଙ୍ଗେସକର୍ ଜୀ ଚାଲିଗଲେ ଇଶ୍ୱର ଙ୍କ ନିକଟକୁ" ।

ସାରା ଜଗତ ର କୋଟି କୋଟି ମଣିଷ ଙ୍କ ଆଖି ଲୋତକାପ୍ଲୁତ, ଛାତିରେ ଛାତିଏ କୋହରେ ଉବୁଟୁବୁ ସମସ୍ତେ। ଅବସାନ ହୋଇଗଲା ଗୋଟିଏ ସଙ୍ଗୀତମୟ ଯୁଗ ର। ସୃଷ୍ଟି ହୋଇଗଲା ଏକ ବିରାଟ ଶୂନସ୍ଥାନ, ଆଉ ସେ ଶୂନ୍ୟ ସ୍ଥାନ କେବେ ବି ପୂରଣ ହେବନାହିଁ । ଯାବତ୍ ଚନ୍ଦ୍ରାର୍କେ ଲତା ଜୀ ସ୍ୱର ସାମ୍ରାଜ୍ଞୀ ଥିଲେ, ଆଉ ରହିବେ ମଧ୍ୟ ।

ସତରେ, ଲତାଜୀ ଥିଲେ ଅଦ୍ୱିତୀୟା । ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକର ମଧ୍ୟପ୍ରଦେଶ ର ଇନ୍ଦୋର ୧୯୨୯ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଏକ ସଙ୍ଗୀତଜ୍ଞ ପରିବାରରେ। ତାଙ୍କର ଜେଜେବାପା ଓ ଜେଜେମା' ଉଭୟ ସଙ୍ଗୀତଜ୍ଞ ଥିଲେ ଏବଂ ସେମାନେ ଜୀବନ ଜୀବିକା ସନ୍ଧାନରେ ଗୋଆ ର ମଙ୍ଗେଶୀ ସହର ରୁ ଆସି ମଧ୍ୟପ୍ରଦେଶ ର ଇନ୍ଦୋର ସହରରେ ବସବାସ କରୁଥିଲେ । ତାଙ୍କର ପିତା ଦିନାନାଥ ଜଣେ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ଓ ମଞ୍ଚ କଳାକାର ଥିଲେ । ନିଜ ପୈତୃକ ଗ୍ରାମ କୁ ସ୍ମରଣୀୟ କରି ରଖିବା ପାଇଁ ସେ ଦୀନାନାଥ ମଙ୍ଗେସକର ନାମ ରେ ପରିଚିତ ହୋଇ

ISSN NO.
2582-208X

ଇନ୍ଦୋର ରେ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ପ୍ରସିଦ୍ଧ ଲାଭ କରିଥିଲେ। ଲତା ୫ବର୍ଷ ବୟସରୁ ତାଙ୍କ ପିତାଙ୍କ ଠାରୁ ସଙ୍ଗୀତ ଶିକ୍ଷା କରିଥିଲେ । ତାଙ୍କ ସହ ତାଙ୍କ ସାନ ଭଉଣୀ ଆଶା, ଉଷା, ମୀନା ଓ ଭାଇ ହୃଦୟନାଥ ମଧ୍ୟ ସଙ୍ଗୀତ ଶିକ୍ଷା କରୁଥିଲେ । ଲତାଜୀ ମାତ୍ର ୧୩ ବର୍ଷର ହୋଇଥିବା ବେଳେ ତାଙ୍କ ପିତାଙ୍କର ହୃଦ୍ ରୋଗ ରେ ଦେହାନ୍ତ ହୋଇଥିଲା । ପରିବାର ବଡ ଝିଅ ଭାବରେ ସାରା ପରିବାର ର ଦାୟିତ୍ୱ ପଡିଲା ଲତାଜୀ ଙ୍କ ଉପରେ। ସେଇ କୋମଳ ବୟସରୁ ପରିବାର ଭରଣପୋଷଣ ନିମନ୍ତେ ସେ ୧୯୪୨ରୁ ସଙ୍ଗୀତ ଜୀବନ ଆରମ୍ଭ କଲେ । ପ୍ରଥମ ରୁ କେତୋଟି ଚଳଚ୍ଚିତ୍ର ରେ ଅଭିନୟ କରିଥିଲେ ମଧ୍ୟ ତାଙ୍କର ଆଗ୍ରହ ନଥିଲା ସେଥିରେ । ପରବର୍ତ୍ତୀ ସମୟରେ ସେ ସଙ୍ଗୀତ କୁ ଜୀବିକା ଭାବରେ ଗ୍ରହଣ କରିଥିଲେ

ସେ ୧୯୪୨ ରୁ ୧୯୪୮ ମଧ୍ୟରେ ପାଖାପାଖି ଆଠୋଟି ହିନ୍ଦୀ ଓ ମରାଠୀ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । ୧୯୪୨ ମସିହାରେ ମରାଠୀ ଚଳଚ୍ଚିତ୍ର 'କିଟି ହାସଲ'ରୁ ସେ ଗାୟିକା ଭାବେ କ୍ୟାରିୟର ଆରମ୍ଭ କରିଥିଲେ । ପରେ ତାଙ୍କୁ ମଜବୁର୍ ଓ ବେଦର୍ଦ ନାମକ ଦୁଇଟି ଚଳଚ୍ଚିତ୍ରରେ ଗୀତ ଗାଇବାର ସୁଯୋଗ ମିଳିଲା । ଏହି ଦୁଇଟି ଚଳଚ୍ଚିତ୍ର ଦ୍ୱାରା ସେ ସଙ୍ଗୀତ ଜଗତରେ କିଛି ମାତ୍ରାରେ ପରିଚିତ ହେଲେ । କିନ୍ତୁ ପରେ ଅନ୍ଦାଜ୍, ବରସାତ୍ ଓ ମହଲ୍ ଚଳଚ୍ଚିତ୍ର ଦ୍ୱାରା ସେ ସଙ୍ଗୀତ ମହଲରେ ପୁରାପୁରି ଚର୍ଚ୍ଚିତ ହୋଇଗଲେ । ୧୯୬୩ ମସିହାରେ ରେ ଭାରତ– ଚୀନ୍ ଯୁଦ୍ଧ ସମୟରେ ଲତାଙ୍କର ଦେଶାତ୍ମବୋଧକ ଗୀତ 'ଏ ମେରେ ୱତନ୍ କେ ଲୋଗୋଁ' ଶୁଣି ସେତେବେଳର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ ତାଙ୍କୁ ଏହି ଗୀତ ପାଇଁ ପଦ୍ମଭୂଷଣ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଲତାଜୀ ଛତିଶିଟି ଭାରତୀୟ ଭାଷାରେ ପ୍ରାୟ ପଚିଶି ହଜାର ରୁ ଊର୍ଦ୍ଧ୍ୱ ସଙ୍ଗୀତ ଗାଇଛନ୍ତି । ଏବଂ ସେସବୁର ଅନେକ ଗୀତ ଗୋଟିଏ ଗୋଟିଏ ମାଇଲ୍ ଖୁଣ୍ଟ ହୋଇ ରହିଛି ଏଯାବତ୍ ।

ତାଙ୍କର ସଙ୍ଗୀତ ପାଇଁ ଅଗଣିତ ପୁରସ୍କାର ପ୍ରାପ୍ତ ହୋଇଥିଲେ ମଧ୍ୟ ତାଙ୍କ ମନ କୁ କେବେବି ଅହଂକାର ସ୍ପର୍ଶ କରି ପାରିନଥିଲା। ତାଙ୍କର ସଙ୍ଗୀତ ଯେତିକି ମଧ୍ୟମ ଥିଲା, ତାଙ୍କର ଶିଶୁ ସୁଲଭ କଣ୍ଠସ୍ୱର ସେତିକି ସୁକୋମଳ ଥିଲା, ତାହା ତାଙ୍କୁ ଦେବୀପ୍ରତିମ କରି ରଖିଥିଲା। ସମଗ୍ର ମାନବ ଜାତି ପାଇଁ ତାଙ୍କର ହୃଦୟ ରେ ଭରି ରହିଥିଲା କରୁଣା। ସମସ୍ତଙ୍କୁ ସେ" ବସୁଧୈବ କୁଟୁମ୍ବକମ୍" ଭଳି ଦେଖୁଥିଲେ। ନିଜ ଜୀବନର ଦୁଃଖ କଷ୍ଟ ସବୁ

ISSN NO.
2582-208X

ନିଜ ଭିତରେ ଚାପି ରଖି ସଦା ହସ ହସ ମୁହଁ ରେ ମିଠା କଥା କହୁଥିଲେ। ଥରେ ଜଣେ ସାମ୍ବାଦିକ ତାଙ୍କର ସାକ୍ଷାତକାର ନେବା ଅବସରରେ ପଚାରିଥିଲେ ...

-ଲତାଜୀ ! ଯଦି ଆପଣଙ୍କୁ କେବେ ପୁନର୍ଜନ୍ମ ପାଆନ୍ତି ତେବେ ଆପଣ କ'ଣ ପୁଣି ଥରେ ଲତା ମଙ୍ଗେସକର  ହୋଇ ଜନ୍ମ ନେବାକୁ ଚାହିଁବେ ?

ମୃଦୁ ହସି ହାତ ଯୋଡି  କହିଥିଲେ ଲତା ଜୀ ... "ନା' । ମୁଁ ପୁନର୍ଜନ୍ମ ନେବାକୁ ଚାହେଁ ନା'। ଯଦି କେବେ ଈଶ୍ୱର ମୋତେ ପୁନର୍ଜନ୍ମ ଦେବାକୁ ଚାହାଁନ୍ତି, ତେବେ ଲତା ମଙ୍ଗେସକର ହୋଇ ମୋଟେ ଜନ୍ମ ନେବାକୁ ଚାହିଁବିନି କାରଣ ଲତା ମଙ୍ଗେସକର ହେବା ଖୁବ୍ କଷ୍ଟସାଧ୍ୟ"।

ସାରା ଜୀବନ ଅବିବାହିତ ରହିଥିବା ଲତାଜୀ ନିଜ ପରିବାର କୁ ଶେଷଜୀବନ ପର୍ଯ୍ୟନ୍ତ ମଧ୍ୟ ଭଲ ପାଉଥିଲେ। ସେଇମାନଙ୍କ ଗହଣରେ ନିଜର ଦିନ କାଟିଥିଲେ । ଲତାଙ୍କର ସାନ ଭଉଣୀ, ଆଶା ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣେ ପ୍ରଖ୍ୟାତ କଣ୍ଠଶିଳ୍ପୀ । ଲତାଙ୍କର ଅନ୍ୟ ଦୁଇ ଭଉଣୀ, ଉଷା ଏବଂ ମୀନା ମଧ୍ୟ ଜଣେ ଜଣେ  ପ୍ରସିଦ୍ଧ  ଗାୟିକା । ଲତାଙ୍କ ଭାଇ ହୃଦୟନାଥ ମଙ୍ଗେସକର ଜଣେ ସଙ୍ଗୀତ ନିର୍ଦ୍ଦେଶକ । ସେମାନେ ହିନ୍ଦୀ,  ମରାଠୀ ସମେତ ଅନ୍ୟ ଭାଷାରେ ମଧ୍ୟ ସଙ୍ଗୀତ ଜଗତରେ ପ୍ରସିଦ୍ଧି ଲାଭ କରିଛନ୍ତି ।

ଲତାଜୀ ଙ୍କୁ ମିଳିଥିବା ବିଶିଷ୍ଟ ପୁରସ୍କାର ମଧ୍ୟରେ ରହିଛି.....

- ୧୯୫୮ - ପ୍ରଥମ ଫିଲ୍ମ ଫେୟାର୍ ଆୱାର୍ଡ

- ୧୯୬୯ - ପଦ୍ମ ଭୂଷଣ

- ୧୯୬୯ - ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା

- ୧୯୮୯ - ଦାଦା ସାହେବ୍ ଫାଲକେ ପୁରସ୍କାର

- ୧୯୯୩ - ଜୀବନ ବ୍ୟାପି ସାଧନା ପୁରସ୍କାର

- ୧୯୯୭ - ମହାରାଷ୍ଟ୍ର ଭୂଷଣ ପୁରସ୍କାର

ISSN NO.
2582-208X

- ୧୯୯୯ - ପଦ୍ମ ବିଭୂଷଣ

- ୨୦୦୧ - ଭାରତ ରତ୍ନ

- ୨୦୦୯ - ୩ଟି ଜାତୀୟ ଚଳଚ୍ଚିତ୍ର ସମ୍ମାନ

- ୨୦୧୧ - ଗିନିଜ୍ ବୁକ୍ ଅଫ୍ ୱାଲର୍ଡ୍ ରେକର୍ଡରେ ସ୍ଥାନିତ

ଲତା ଜୀ ଙ୍କର ସ୍ଥୂଳ ଶରୀର ସିନା ପଞ୍ଚଭୂତ ରେ ଲୀନ ହୋଇଛି ସେ କିନ୍ତୁ ସେମିତି ବିଶ୍ୱ ସଙ୍ଗୀତ ସାମ୍ରାଜ୍ୟ ର ସାମ୍ରାଜ୍ଞୀ ହୋଇ ରାଜ୍ କରୁଥିବେ ଅନନ୍ତକାଳ ଯାଏଁ । ସେମିତି ଅଦ୍ୱିତୀୟା ହୋଇ ରହିଥିବେ ସକଳ ସଙ୍ଗୀତପ୍ରେମୀ ଙ୍କ ହୃଦୟ ରେ ଚିରକାଳ। ଆସନ୍ତୁ ନା'ଶେଷ ପ୍ରଣାମ ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ଭାରତ ର ବୁଲ୍ ବୁଲ୍ ଙ୍କୁ। ଲତାଜୀ ଅମର ରହେ.....।

ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

ISSN NO.
2582-208X

# କ୍ରିଷ୍ଣ



ଆଦ୍ୟରଶ୍ମି କର

ତୁମେ ଥିଲ, ତୁମେ ଅଛ, ଆଉ ତୁମେ ରହିବ,
ତୁମେଇ ତ ସୃଜିଲ ପାଣ୍ଡବ ଆଉ କୌରବ,
ହେ "କ୍ରିଷ୍ଣ" ।
ତୁମେ ତ ସଜେଇଲ କୁରୁସଭା,
ତୁମରି ସୃଷ୍ଟିର ସର୍ଜ୍ଜନା "କ୍ରିଷ୍ଣା", ବାନ୍ଧିଦେଲ ସଖିର ଡୋରିରେ
ଯୁଦ୍ଧକୁ ତ ତୁମେ ଡାକିଥିଲ କ୍ରିଷ୍ଣ, "ପଞ୍ଚଜନ୍ୟ" ଶଙ୍ଖର ନାଦରେ
ତୁମେ ତ ପୃଥିବୀକୁ ପ୍ରକମ୍ପିତ କରିଥିଲ ସେଦିନ, "କ୍ରିଷ୍ଣ"!
ସବୁର ସୃଷ୍ଟିକର୍ତ୍ତା ଯଦି ତୁମେ, କାହିଁକି ଚାହିଁଲନି
ନ ହେଉ ମହାଭାରତ, ନ ହେଉ ରକ୍ତପାତ
କୌରବ କାହିଁକି ଯୁଗେ ଯୁଗେ ହେଲେ ନିନ୍ଦିତ ???

ମହାଭାରତର ନାୟକ ବି ତୁମେ ଖଳନାୟକ ବି ତୁମେ,
ପ୍ରଶ୍ନ ବି ତୁମେ ପ୍ରଶ୍ନବାଚୀ ବି ତୁମେ,
ଅଭିମାନ ବି ତୁମେ ଅହଙ୍କାର ବି ତୁମେ,
ତୁମେ କଣ ଅସ୍ୱିକାର କରିବ "କ୍ରିଷ୍ଣ" ।

"ଗୀତା" ର ପ୍ରତ୍ୟେକ ଶବ୍ଦରେ ତୁମେଇ ତ ଲେଖିଲ,
ସବୁର ସୃଷ୍ଟିକର୍ତ୍ତା ତୁମେ ଆଉ ତୁମେ
ତମେ ଯଦି ସବୁର ସୃଷ୍ଟିକର୍ତ୍ତା, ତେବେ କାହିଁକି କର୍ଣ୍ଣଙ୍କ ଚରିତ୍ରକୁ କଲ କଳଙ୍କିତ ?
କାହିଁକି ତୁମେ ଦୁନିଆକୁ ଶକୁନି ଦେଲ, ଦେଲ ଦୁର୍ଯୋଧନ

ISSN NO.
2582-208X

ରଚନା କାହିଁକି ତୁମେ କଲ ଦ୍ରୌପଦୀର ବସ୍ତ୍ରହରଣ...
କୌରବଙ୍କୁ ନଷ୍ଟ ଚରିତ୍ର ବନେଇ ଦୁନିଆକୁ
ତୁମେ କି ଆଦର୍ଶ ଦେଲ ହେ "କ୍ରିଷ୍ଣ"?
ସବୁଯାଗାରେ କେବଳ ନିଜର ଅହଙ୍କାର ହିଁ ଦେଖେଇଲ,
ମାନବର ଯୁଗକୁ କଳିଯୁଗ ନାମରେ ନାମିତ କରି ଦ୍ୱାପରରେ
ମହାଭାରତ ବନେଇ ସିନେମା ପରି କଳିଯୁଗକୁ କେବଳ ଛାଡିଦେଲ,
ଇଏ କଣ ତୁମର ଅଧିକାର ନୁହେଁ "କ୍ରିଷ୍ଣ"...!...!...!

ସୁନ୍ଦରପଦା, ଭୁବନେଶ୍ୱର, ଓଡିଶା

ISSN NO.
2582-208X

# ପ୍ରତିଧ୍ୱନି କହେ

ଅଜୟ କୁମାର ପଣ୍ଡା

ସ୍ୱପ୍ନ ଦେଖିବାକୁ ରାତିସବୁ ହୁଡ଼ିଛନ୍ତୁ, ଗୀତ ଗାଇବାକୁ ରୁତୁସବୁ,
ଲୋମକୂପ ରକ୍ତନଦୀଙ୍କ ବନ୍ୟାରେ ଆଖିଯୁଗଳ ହୁଅନ୍ତୁ ଉବୁଟୁବୁ ।
ବାବୁ ମା'ଙ୍କ ନାଲିଆଖି ତାଗିଦ୍ ହରଣ କରିଛି ଯେତେ ସବୁ ଇଚ୍ଛା,
ନଅଣ୍ଟିଆ, ବୋଉର ପଣତ କାନି ଓ ବାପାଙ୍କର ଝାଳଗନ୍ଧ ଗାମୁଛା ॥

ଅନୁମତି ମାଗେ ନିରୀହ ଆତ୍ମା ଛୋଟଛୋଟ ହସ ବକଟକ ପାଇଁ,
ମିନତି କରନ୍ତୁ କୁନିକୁନି ଓଠ ପ୍ରଗଳଭତା ପାଇଁ, ବେଳ ଜୁଟେନାହିଁ ।
ଟଳମଳ ପାଦ ମାଗନ୍ତୁ ଗୋଧୂଳି ବନ୍ୟାରେ ଖେଳିବାକୁ ବାଜିଟିଏ,
ମଥାନିରେ ନ'ଥାଏ ଆକଟ ପ୍ରେମର କେଉଁ ଓଦାଳିଆ ପାପୁଲିଟିଏ ॥

ସବୁଦିନ ଈଶ୍ୱର ପଠାନ୍ତୁ ସୂର୍ଯ୍ୟଙ୍କୁ ଦିନଟିଏ ଗଢ଼ିବାକୁ ତା' ପାଇଁ,
ଦିନଟିଏ ଧାର ଦିଅନ୍ତୁନି କାହାରିକୁ, କେହିକେବେ ସୁଝି ପାରିବେନି ।
ଦୃଶ୍ୟ ଅଦୃଶ୍ୟ ଅସ୍ତ୍ରାଘାତରେ ଲହୁଲୁହାଣ ଓ ରକ୍ତାକ୍ତ ହୁଏ ଆତ୍ମା,
ଦିନଟିଏର କତାକତା ହିସାବ ବାତିଲ୍ କରେ ପାପଢଙ୍କା ପୁଣ୍ୟାତ୍ମା ॥

ବନ୍ଧ୍ୟା ପାହାଡ଼ର ଶୀର୍ଷ ଦିଏ ଅହମିକା ଭର୍ ଅଳକର ପ୍ରତାରଣା,
ଈଶ୍ୱରଙ୍କ ଦିନଟି ସମସ୍ତଙ୍କର, ବାଦ ନୁହେଁ ଶିଶୁ ଶ୍ରମିକର ଯନ୍ତ୍ରଣା ।
ଅଦୃଶ୍ୟ ଆକୁଳ କ୍ରନ୍ଦନ ତା'ର ପ୍ରତିଧ୍ୱନି କରେ ଶୂନ୍ୟ ମନ୍ଦିରରେ,
କ' ଷ୍ଟେସନର ସବାଶେଷ ଅନ୍ଧାରୁଆ ସିମେଣ୍ଟ ବେଞ୍ଚ ଶଯ୍ୟାରେ ॥

ଉପ ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, କଟକ

ISSN NO.
2582-208X

# ଓଡିଶା



ଦଣ୍ଡାସି ପ୍ରଧାନ

ଓଡିଶା ମୋ ରାଜ୍ୟ ଓଡିଆ ବଢିଆ
ଭାଷା ସମ୍ଭାରେ ପୂର୍ଣ୍ଣ
ଅକ୍ଷର ବନାନ ଶବ୍ଦ ଶୈଳୀ
ଧ୍ୱନି ତରଙ୍ଗରେ ବର୍ଣ୍ଣ
ସ୍ୱାତନ୍ତ୍ର୍ୟ ସ୍ୱାଦୁର ବ୍ୟାକରଣ ନେଇ
ଶୁଦ୍ଧ ସାହିତ୍ୟରେ ଭିନ୍ନ
ଛନ୍ଦ, ଚଉପଦୀ, ଚମ୍ପୂ, ଏକପଦୀ
ଅଳଙ୍କାରେ ଆନୁଆନ ।୧।

ଭାଷା ଭିତ୍ତିରେ ଓଡିଶା ରାଜ୍ୟ
ମୌଳିକ ତାର ରୀତି
ନାଟ୍ୟ କଳାରେ ସ୍ୱୟଂ ସମ୍ପୂର୍ଣ୍ଣା
କୌଶଳୀ ଛନ୍ଦିଳ କୀର୍ତ୍ତି
ପଥର ଛନ୍ଦରେ ମନ୍ଦିର ମାଳା
ମନେ ଭରିଦିଏ ସ୍ଫୁର୍ତ୍ତି
କହୁଅଛି କଥା ଶିଳ୍ପୀ ଲେଖା ଚିତ୍ର
ଭାସ୍କର୍ଯ୍ୟ ସଂସ୍କୃତି ଖ୍ୟାତି ।୨।

ଓଡିଆ ଘରର ଚଳନ ଗୁଳି
ଚହଟଇ ଦୂର ଦେଶେ
ବେଶ ଭୂଷଣରୁ ଗହଣା ଗାଣ୍ଠି

ISSN NO.
2582-208X

ତାରକସିରେ ହସେ
ପାଟ ମଠାର ଅଙ୍ଗ ଆଭୂଷଣେ
ଓଡିଆ ବଢିଆ ଦିଶେ
ବିଦେଶ ବଜାରେ ବାଣିଜ୍ୟ ବ୍ୟାପାରେ
ଏବେ ବି ସୁବାସ ବାସେ ।୩ ।

ପୋଡ ପିଠାରୁ ଏଣ୍ଡୁରି, ଆରିସା
ଛେନାଗଜା ରସଗୋଲ୍
ମୁମ୍ବାଇ ଦିଲ୍ଲୀରୁ ବେଙ୍ଗାଲୁର ଯାଏଁ
ଓଡିଆର ଭରି ପଲ୍ଲା
ଗୁଣ ରଙ୍ଗାକାର ବିଚନ୍ଦ ପ୍ରକାର
ସ୍ୱାଦିଷ୍ଟ ଲବଣୀ ବୋଳା
ବିଜ୍ଞାଣି ସ୍ୱର୍ଶରେ ଭିନ୍ନ ରୁଚରେ
କଏ ସରି ହେବ ଭଲ୍ ? ।୪ ।

ଉଡ୍ର କଳଙ୍ଗ ଉତ୍କଳ ଓଡିଶା
ଉତ୍ତରୀ ପଶ୍ଚିମୀ ଦକ୍ଷିଣେ
କୋଶଳ ଭେଦରେ ମୋ ଭ୍ଷା ଜନନୀ
ବେଳେବେଳେ ଦୁଃଖ ବଖାଣେ
ହେଲେବି ଓଡିଆ ଠାକୁର "କାଳଆ"
ଶରଣ ଦେଇଛି ଚରଣେ
ଦିନୁଦିନ ନବ ଚନ୍ତା ଚେତନାରେ
ଜାଗରିତ ଭ୍ବ ବନ୍ଧନେ ।୫ ।

ଅତୀତର ଇତି ଗୌରବ ଗାଥା
ବିଶ୍ୱେ ବଢାଇ ଖ୍ୟାତି
ଧଣ୍ଡ ସାପ ହୋଇ ମରି ନାହିଁ କେବେ
ନାଗର୍ଜ ଏହି ଜାତି

ISSN NO.
2582-208X


ଜାତୀୟ ଅସ୍ମିତା ଜାତି ପ୍ରବଣତା
ସୁସ୍ୱାତନ୍ତ୍ର୍ୟ ରୀତି ନୀତି
ନବ ଲକ୍ଷଣରେ କୁସୁମିତ ସଦା
ବିଶ୍ୱରେ ସୁଧୀର ମତି ।୬।

ଚଣ୍ଡାଶୋକରୁ କଳା ପାହାଡ
ମୋଗଲ ଫିରିଙ୍ଗି ଫରାସୀ
ପାଇକ ପୁଅର ରକ୍ତମୁଖା ରଣ
ଯୁଦ୍ଧ କୌଶଳ ଅଶୀ
ମାରିଚ ତାରିଚ ନାହିଁ ମୃତ୍ୟୁଶଙ୍କା
ଧୂରିଣ ଧୂର୍ତ୍ତ ସାହାସି
ଇତିହାସ ପୃଷ୍ଠା ସ୍ତବ୍ଧ ଏଠି
ଖଣ୍ଡା ଖର୍ପ ଅଶ୍ୱେ ବର୍ଷି ।୭।

ଗୋଟି ପୁଅ ଛଉ ଆଖଡା ସାହାଣା
ରହିଅଛି ମୁକ ସାକ୍ଷୀ
ଏବେ ବି କହୁଛି ଗତ ଗୌରବ
ଅତୀତର ବାରବାଟୀ
ସାହିତ୍ୟ ସଂସ୍କୃତି ରୀତି ରାଜନୀତି
ସୁମଣ୍ଡିତ ମାଆ ମାଟି
ସ୍ୱତନ୍ତ୍ର ଓଡିଆ ଉତ୍କଳ ଓଡିଶା
ସ୍ୱାତନ୍ତ୍ର୍ୟ ତାର ପରିପାଟୀ ।୮।

"ବନ୍ଦେ ଉତ୍କଳ ଜନନୀ"

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ବାଦପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ISSN NO.
2582-208X

# ପ୍ରେମ ବିନା ସାହିତ୍ୟ



ଜୟଶ୍ରୀ ପଟ୍ଟନାୟକ

ପ୍ରେମ ଦୁଇଟି ଛୋଟିଆ ଶବ୍ଦ । ତାର ଅର୍ଥ ଖୁବ ବ୍ୟାପକ । ମନର ଏକ ଆବେଗ । ହୃଦୟର ଅବ୍ୟକ୍ତ ଅନୁଭବ । ପ୍ରେମ ନ ଥିଲେ ପୃଥିବୀରେ ସୃଷ୍ଟି ଅସମ୍ଭବ । ପ୍ରେମ ହେଉଛି ହୃଦୟର ଏକ ମୂଲ୍ୟବାନ ସଂପତି । ନିଃସ୍ୱାର୍ଥଭାବେ ଭଲପାଇବା ଓ ପରସ୍ପରର ହୃଦୟ ପ୍ରତି ବିଶ୍ୱାସଭାଜନ ହେବା ହିଁ ପ୍ରେମ ପଦବାଚ୍ୟ । ପ୍ରେମ ହେଉଛି ହୃଦୟର ଏକ ଅନିର୍ବଚନୀୟ ସ୍ୱର୍ଗୀୟ ଅନୁଭବ । ମଣିଷ ମନର ଏକ ବଳିଷ୍ଠ ଉପାଦନ । ପ୍ରେମ ଶାଶ୍ୱତ ଓ ଚିରନ୍ତନ । ପ୍ରେମ ନ ଥିଲେ ଜୀବନ ଲାଗେ ମରୁଭୂମି ତୁଲ୍ୟ । ପ୍ରେମ ହିଁ ଜୀବନକୁ ବଂଚିବା ଶିଖାଏ ସୃଜନ ଶକ୍ତି ବଢ଼ାଏ । ସାହିତ୍ୟରେ ଜୀବନ ଗଢ଼େ କଳ୍ପନା ରାଇଜକୁ ବ୍ୟାପକ କରାଏ । ସାହିତ୍ୟରେ ଜୀବନ ଭରେ । ଶବ୍ଦର କୋଣାର୍କ ଗଢ଼େ । ସୌନ୍ଦର୍ଯ୍ୟରେ ଜୀବନ ଜୀଇଁବା ଶିଖାଏ । ଜଣେ କବି ବା ସାହିତ୍ୟିକକୁ ମାତୃଭାଷା ପ୍ରତି ପ୍ରେମ ରହିବା ଦରକାର । ମାତୃଭାଷା ଗୋଟିଏ ମାଧ୍ୟମ ଯୋଉଥିରେ ସେ ତା ମନର ଅବ୍ୟକ୍ତ କଥାଗୁଡିକୁ କହିବାର ଭରପୁର ସୁଯୋଗ ପାଏ । ଭାଷାର ଅଭିବୃଦ୍ଧି ଘଟେ ପ୍ରେମରେ । ପ୍ରେମର ଅଭିବୃଦ୍ଧି ଘଟେ ସାହିତ୍ୟରେ । ପ୍ରେମରେ ପଡିଲେ କବିତା ଲେଖିହୁଏ । ଲେଖିହୁଏ ସାହିତ୍ୟ। କବିକୁ ସବୁ ସୁନ୍ଦର ମନେହୁଏ । ଘାସ ଲାଗେ କାଶତଣ୍ଡୀ ପରି । ମୋତିପରି ମନହୁଅନ୍ତି ଶବ୍ଦମାନେ । ମନରେ ଶତ କଦମ୍ବର ରୋମାଂଚ ଆଣେ । ମରୁଭୂମି ଲାଗେ ଶ୍ୟାମଳ ବନାନୀ ପରି । ଭଙ୍ଗା କୁଟୀର ଲାଗେ ମହଲ ପରି । ପ୍ରେମରେ ପଡିଲେ ଅସୁମାରୀ ସ୍ୱପ୍ନ ତା ଆଖିରେ ଲହଡ଼ୀ ଖେଳେ । ସେ ପ୍ରତି କଥାର କାରଣ ଖୋଜିବସେ ନିଜେ ନିଜେ ଦାର୍ଶନିକଟେ ପରି କାହିଁକି ମୟୂର ନାଚେ କଳାମେଘ ଦେଖିଲେ? କାହିଁକି ସୂର୍ଯ୍ୟକୁ ଦେଖି ବିକଶିତ ହୁଏ ପଦ୍ମ ? କଇଁ କାହିଁକି ଝୁରେ ଚନ୍ଦ୍ରକୁ? କାହିଁକି ପ୍ରିୟାର ସ୍ପର୍ଶ ପାଇଁ ମନ ବ୍ୟାକୁଳ ହୋଇଉଠେ? କିଛି ପ୍ରଶ୍ନର ଉତର ପାଏ, କିଛି ଅକୁହା ରହିଯାଏ ଆଉ

ISSN NO.
2582-208X

କଛି ନୀରବରେ କବିତା ହୋଇ ଝରେ । ନଜ କାହାଣୀକୁ ପରୋକ୍ଷ ଭାବରେ ବଖାଣିବାକୁ ମନେହୁଏ । କଛି ଅମୀମାଂସିତ ରହିଯାଏ ମୃତ୍ୟୁଯାଏଁ ଅଛିଣ୍ଡା ଗଣିତ ପରି । ଜୀବନରେ ଯେଉଁ ବିଷୟ ଲାଗେ ନମନୀୟ କମନୀୟ, କାନ୍ତ, କୋମଳ ତାହା ହିଁ ପ୍ରେମ । ମନ ଧାଇଁଯାଏ ଗୋଟିଏ ମୃଗତୃଷ୍ଣା ପଛରେ । ସଫଳ ହେଉ କ ବିଫଳ ହେଉ । ରାତି ଦିନ ର ପାର୍ଥକ୍ୟ ବି ଫିକା ପଡିଯାଏ ସେଇଠି । ପ୍ରତୀକ୍ଷା ଦେଉଥାଏ କୋମଳ ସ୍ପର୍ଶ । ଆଖିରେ ଦାଉ ଦାଉ ଜଳୁଥାଏ ପ୍ରେମ । ଫୁଲ ଫଗୁଣର ନୀରବ ଗୁଞ୍ଜନ ଭିତରେ ଜଣେ ଶୁଣିପାରେ ଅନ୍ୟ ଜଣକର ମଧୁବୋଳା ଡାକ । ଭଲ ପାଇବାର ଆକାଶକୁ ପ୍ରଜାପତି ହୋଇ ଛୁଇଁବାକୁ ମନ କରେ । ଅନ୍ତରଙ୍ଗ ମଣିଷଟିର କଥା ଶୁଭୁଥାଏ ବଂଶୀ ସ୍ୱନ ପରି । ମନଟିଏ ଆଉ ଗୋଟିଏ ମନ ସହ ଯୋଡି ହୋଇଯାଏ । ହୃଦୟ  ଅଜାଣତରେ ଆଉ କାହାର ହୋଇଯାଏ। ସେତେବେଳେ ହିସାବ ହୁଏନା ଲାଭକ୍ଷତିର  ପାଇବା ହଜେଇବାର କ  ମିଳନ ବିଚ୍ଛେଦର । ବାସ । ମନ ହଜିଥାଏ ଆଉ କାହା ପାଖରେ ଯାହାକୁ ଖୋଜିବାକୁ ଯାଇ କବିଟିଏ ବା ଲେଖକଟିଏ ସଜାଡ଼ି ଦେଇଥାଏ ଅସୁମାରୀ ଗପ ଓ କବିତା । କବିଟିଏ ତାର ଅନୁଭବକୁ ସାଇତି ରଖେ ଆବେଗର କୋଠରୀ ଭିତରେ । ପ୍ରେମ କବିତା ହୋଇ ଝରିପଡେ କାଗଜର ଅଗଣାରେ । ପ୍ରେମ ସରେନାହିଁ କ ମନ ମରେନାହିଁ ।  ପ୍ରେମିକାର ରୂପ ବର୍ଣ୍ଣନାରେ ମୁଗ୍ଧ ହୋଇପଡେ ତା ଲେଖନୀ । ଉଷୁମ ଲାଗେ ରକ୍ତ । ଉତେଜିତ ହୁଏ ମନ । ଭାବପ୍ରବଣ ହୋଇପଡେ ମନ । ଶବ୍ଦର ମୀନକୁ ଅର୍ଜୁନ ପରି ଲକ୍ଷ ବିନ୍ଧିବାକୁ ହୁଏ । ତେବେ ଯାଇ ସାହିତ୍ୟର ହୁଏ ଉତରଣ । ସେହି ପ୍ରେମରୁ ସୃଷ୍ଟି ସେକ୍ସପିଅରଙ୍କ ରୋମିଓ ଜୁଲିଏଟ । ରାଧାନାଥଙ୍କ କେଦାର ଗୌରୀ ଯୋଉଥିରେ  ଦୁହେଁ ଦୁହିଁଙ୍କୁ ନପାଇ ମୃତ୍ୟୁକୁ ଶ୍ରେୟ ମଣିଛନ୍ତି । କବିଙ୍କ ଭାଷାରେ –'ଧନ୍ୟ ସେ ପ୍ରୀତିକି, ମରଣ ଭିତିକି ପ୍ରୀତି ଯେ ପାରଇ ଜିଣି ଶିରିଷ ମୃଦୁଳା ଲବଣୀ ପିତୁଳା ପ୍ରୀତିକଲ୍ ସାହସିନୀ ।' ଅମର– ବିଳାସ, ସୁଶୀଳ– ମାଳତୀ, ଉଷା –ଅନରୁଦ୍ଧ, ନଳ–ଦମୟନ୍ତୀ, ହିର୍–ରାନ୍‌ଝା ଆହୁରି ଗୋଟିଏ ଗୋଟିଏ ପ୍ରେମର ସୁନ୍ଦର ନଖୁଣ  ବିଷୟବସ୍ତୁ । ପ୍ରେମ ସବୁ ଅସମ୍ଭବକୁ ସମ୍ଭବ କରିପାରେ । ମୃତ୍ୟୁ ଡ଼ରେଇପାରେନ ପ୍ରେମକୁ । ଆତ୍ମାର ମିଳନରେ ପ୍ରେମର ଜୟ । ବିରହ ନଆଁରେ ବି ସେ ମହମ ପରି ତୋଳେ । ପ୍ରଥମ ପ୍ରେମକୁ କେବେ ଭୁଲି ହୁଏନ । ସତ ପ୍ରେମ କେବେ ବଦଳଯାଏ ନାହିଁ ଋତୁପରି । ପ୍ରେମିକ କବି ମାୟାଧର ମାନସିଂହ ଠାରୁ ଫନୀ ମହାନ୍ତି, ଗାଳ୍ପିକ ବିଭୁତି ପଟ୍ଟନାୟକଙ୍କ ଠାରୁ ନୂଆ ପିଢ଼ୀର ସାହିତ୍ୟ ସାଧକ ମଧ୍ୟ ପ୍ରେମକୁ ନେଇ ସୁନ୍ଦର ଅନୁପମ ସାହିତ୍ୟ ରଚନା କରିଛନ୍ତି । ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଭାଷାରେ–

ISSN NO.
2582-208X

'ଅନଳ ନୁହଁଇ ଦେହ ଦହଇ, ଅସ୍ତ୍ର ନୁହଁଇ ମରମେ ଭେଦ, ନୁହଁଇ ତ ଜଳ ବୁଡାଏ କୂଳ ।
ନୁହଁଇ ମାଦକ କରେ ବିହ୍ୱଳ, ନୁହଁଇ ବଡ଼ଶୀ ଗୋ, ବଳେ ମନ ମୀନ ନଏ ଆକର୍ଷି ।'

କବି ମାୟାଧର ମାନସିଂହଙ୍କୁ କୁହାଯାଏ ପ୍ରେମର କବି । ଅନେକ ପ୍ରେମ କବିତାତାଙ୍କର ବଳଷ୍ଠ କରିଛି ସାହିତ୍ୟ ଜଗତକୁ –'ଏଇ ସହକାର ତଳେ ସେଦିନ ପ୍ରିୟାର କର-କଙ୍କଣ ଭିଡ଼ିଥିଲା ମୋର ଗଳେ ।' 'ସକଳେ ଡ଼ାକନ୍ତୁ ତମେ ତମେ ବୋଲି ସେ ତମେର ମୂଲ ନାହିଁ, ତମେ ଯେବେ ମତେ ତମେ ବୋଲି କହ ଏତେ ମିଠା କାହିଁପାଇଁ ?' କବି ରମାକାନ୍ତ ରଥଙ୍କ ଶ୍ରୀରାଧା ଜୀବନ ଓ ଜଗତକୁ ଭଲ ପାଇବାର ଏକ ମୁଗ୍ଧ ପ୍ରତିଶ୍ରୁତି । ପ୍ରେମ ହିଁ ସବୁ ବନ୍ଧନରେ ଆଣିଦିଏ ସଫଳତା । ମାଳନୀ ର ପ୍ରେମ ବିଶୁ ମହାରଣାଙ୍କ କୋଣାର୍କ ନିର୍ମାଣର ସୁନ୍ଦର ଉଦାହରଣ ପାଲଟିଛି । ମୋଗଲ ବାଦ୍ ଶାହା ଶାହାଜାହାନଙ୍କ ପତ୍ନୀ ମମତାଜଙ୍କ ପ୍ରତି ଥିବା ଗଭୀର ପ୍ରେମ ରୁ ସୃଷ୍ଟି ପୃଥିବୀ ପ୍ରସିଦ୍ଧ ତାଜମହଲ । ବିଲ୍ୱମଙ୍ଗଳ ଚନ୍ତାମଣିଙ୍କ ପ୍ରେମରେ ବିଲ୍ୱମଙ୍ଗଳକୁ ବୃନ୍ଦାବନରେ ପହଁଚ୍ଛାଇପାରିଲା ।

ପ୍ରେମ ଏକ ଛୋଟିଆ ଶବ୍ଦ ହୋଇପାରେ କିନ୍ତୁ କୋଉ ଆଦିମ କାଳରୁ ପ୍ରବାହିତ ତାର ମନ୍ଦାକିନୀ ଧାରା ଯାହା ଫଳରେ ଅନେକ ସୃଷ୍ଟି ସାହିତ୍ୟରେ କାଳଜୟୀ ହୋଇପାରିଛି । ଅନେକ କୃତି ବିଶ୍ୱରେ ସ୍ଥାନ ପାଇଛି । ବାଲ୍ମିକୀଙ୍କ କ୍ରୌଂଚ ଦମ୍ପତିଙ୍କ ଦୁଃଖରେ ମ୍ରିୟମାଣଭାବ ଯୋଗୁ ହିଁ ରାମାୟଣର ସୃଷ୍ଟି । ପ୍ରେମ ହିଁ ଯୋଡିଥାଏ ହୃଦୟକୁ । ହୃଦୟ ଭାଙ୍ଗିଗଲେ ବିରହରେ ସମୟ କଟିଯାଏ । ମନ ଗାଇଉଠେ– ବହୁରୂପୀ ପ୍ରେମ ତୋତେ ମୋ ଜୁହାର କେବେ ତୁ ପୁନେଇ ଜହ୍ନ କେବେ ଘନ ଅନ୍ଧାର (କବି ନନ୍ଦକିଶୋର) । 'ସହକାର ନୁହେଁ ପଳାଶ ବି ନୁହେଁ ସେ ପରା ଚନ୍ଦନ ଛାଇ, ପ୍ରେମର ମହୁଟା ଗୁଣ୍ଡିଲା ଦିନରୁ କରିଦିଏ ମନ ବାଇ ।' (ତୁମେ) ଜୟଶ୍ରୀ ପଟ୍ଟନାୟକ । 'ପ୍ରେମ ଜାଣେନା ସେ ସେନେହ ଛଳନା ହେଉ ହେଉ ହୋଇଯାଏ, ବିଷ କି ପୀୟୂଷ ଭାବିବାର ବେଳେ ପାଦ ଖସି ଯାଇଥାଏ।' (ତୁମେ)ଜୟଶ୍ରୀ ପଟ୍ଟନାୟକ । ପ୍ରେମ କେତେବେଳେ ଦୁଃଖ ଦିଏ ବିରହର ଗୀତ ଲେଖିବାକୁ ତ କେତେବେଳେ ମିଳନରେ ଶବ୍ଦର ଶୃଙ୍ଗାର ଭରିଦିଏ କବିତା ଗୀତରେ ଯାହାର ମିଠାପଣରେ ଆକର୍ଷି ଯାଏ ଦୁଇଟି ହୃଦୟ । ମନେହୁଏ ଆଉ ଥରେ ଶୁଣିବାକୁ ସେ ଗୀତ ଯାହା ହୃଦୟକୁ ଦେଇଥାଏ ମଧୁ ଆସ୍ୱାଦନ । ପ୍ରେମର ଆୟୁଷ ନାହିଁ କି ମନର ବୟସ ନାହିଁ । କବିର ରୋମାଂଟିସିଜିମ୍ ସରିଯାଏ ନାହିଁ । କବି ଉପେନ୍ଦ୍ରଭଞ୍ଜଙ୍କ ଭାଷାରେ

ISSN NO.
2582-208X

କେତେଦୂରେ ଚନ୍ଦ୍ର କେତେଦୂରେ କୁମୁଦିନୀ ପ୍ରୀତି ଅଭେଦ୍ୟ ତାଙ୍କର ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର । କବି ନନ୍ଦକଶେରରଙ୍କ ଭାଷାରେ ସବୁ ଭୁଲ୍ ପାଇଁ ମିଳଗଲା ମୋତେ କ୍ଷମା ପ୍ରେମ ପାଇଁ ମୋତେ ପ୍ରେମିକା ଦେଲାନ କ୍ଷମା । ପ୍ରେମକରି ଯଦି ଭୋଗିବାକୁ ହେବ ପାପ ଅବା ମହାପାପ, ସେହି ପାପ ମୋ ଧରମଠୁ ବଡ଼, ସେଇ ମୋ ପବିତ୍ର ପାପ । ବାସ୍ତବିକ ପ୍ରେମ ପାଇଁ ଫିଟିପଡେ ବନ୍ଦ କୋଠରୀ, ଗୋଲାପ ଶେଯରେ ତୋଳହୁଏ ଜହ୍ନରାତି। ଅସରା ଅନୁରାଗରେ ଭରିଯାଏ ସାହିତ୍ୟର କଳେବର । ମରୁଭୂମିରେ ଫୁଟାଇହୁଏ ପଦ୍ମ । ଯୋଉଠି ପ୍ରେମ ନାହିଁ ସେଇଠି ବ୍ୟର୍ଥତା ଓ ହତାଶ ମୁଣ୍ଡ ପିଟେ । ପ୍ରତୀକ୍ଷାରେ ସମୟ ବିତିଯାଏ । କେବଳ କଲମକୁ ସାହାରା କରି ଦୁଃଖ ଲହୁର କବିତା ଲେଖିବାକୁ ହୁଏ। ତେଣୁ ଯଥାର୍ଥରେ କୁହାଯାଇଛି ପ୍ରେମ ହିଁ ସାହିତ୍ୟର, ସବୁ କୃତିର ମୂଳପିଣ୍ଡ । ଯାହା ଉପରେ ଅନେକ କବି, କଳାକାର, ନାଟ୍ୟକାର, ଚିତ୍ରକର, କଥାକାର ଓ କଳା ଭାସ୍କର୍ଯ୍ୟ ସବୁକଛି କୃତି ବଂଚଛି କାଳଜୟୀ ହୋଇ ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

ISSN NO.
2582-208X

# ଦଳେ ତୁ ଦୋଳଗୋବିନ୍ଦ

(ରାଗ-- କୌଶିକ)



ସୁଲୋଚନା ବେହେରା

ଦେବକୀ ନନ୍ଦନ' ବସୁଦେବ ଧନ'
ସେ ଯଶୋଦାର ଗଳାମାଳ,
ନନ୍ଦ ରାଜା କୋଳେ' ବ୍ରଜ ବାଳ ଖେଳେ'
ଗୋପଦାଣ୍ଡ ପଡେ ଉଚ୍ଛୁଳ,
   ସର୍ବେ ଚକିତ,
ଆନନ୍ଦ ରେ ଫଗୁ ବିଞ୍ଚିଣ,
ଗୋପ ଆକାଶରେ, ପୁନେଇଁ ଜହ୍ନ ରେ,
କି ସୁନ୍ଦର ଛନଛନ।

କଦମ୍ବ ତନୁଟି, ମଞ୍ଜରୀ ଲା ଉଠି,
ବଇଁଶୀ ହୋଇଲା ଅଧିର,
ବତ୍ସା ସହ ଧେନୁ, ଆଗଭରେ ବେଣୁ,
ଯମୁନା ଟି ଚଳଚଞ୍ଚଳ,
   ପରମାନନ୍ଦ,
ଦ୍ୱାପରେ ହୋଇ ଅବତାରୀ,
ବୃଷଭାନୁ ଜେମା, ହେଲା ଆନମନା,
ଶାଶ୍ୱତ ପ୍ରେମରେ ପାଗଳ।

ISSN NO.
2582-208X

ପିଚକାରୀ ମାରି, ରାଧା କାନ ଧରି,
ରଙ୍ଗରେ ରଙ୍ଗାଏ ଶ୍ରୀହରି,
ସବୁ ରଙ୍ଗ ଛାଡେ, କଳଙ୍କ ନ ଛାଡେ,
ରାଧିକା ଅପବାଦେ ଘାରି,
ଝୁଲେ ଗୋବିନ୍ଦ,
କୁଞ୍ଜବନେ କୁଞ୍ଜବିହାରୀ,
ପଞ୍ଚବାଣେ ବିଦ୍ଧ, ତନୁ ପ୍ରେମ ସିକ୍ତ,
ରସ ରସିଆ ଗିରିଧାରୀ।

ବସନ୍ତେ ମଳୟ, ଡୋଳଇ ବଳୟ,
କେଳ କୁଞ୍ଜବନେ କୋକଳ,
କୁହୁ କୁହୁ ସ୍ୱର, ଚହଟେ ବକୁଳ,
ରାଧା କୃଷ୍ଣ ପ୍ରେମେ ବିଭୋର,
ମଧୁ ଲଗନେ,
ଦୋଳେ ତୁ ଦୋଳ ଗୋବିନ୍ଦ,
କାହ୍ନୁ ରାଧା କୋଳେ, ଝୁଲଣାରେ ଝୁଲେ,
ଝରଇ ପ୍ରେମ ମକରନ୍ଦ।

ବଇଁଚୁଆ, ବାଳକାଟି, ଖୋର୍ଦ୍ଧା

ISSN NO.
2582-208X

# ମୋତେ ଯେତେ ମାଠିବୁ ମାଠେ


ଛବି ରାଣୀ ପତି

ବଡ ବିଚିତ୍ର ଏ ମଣିଷ ପ୍ରକୃତି
ଜାଣି ଜାଣି ଦୁଃଖକୁ ପୋଷଣ କରେ
ଅତୀତ ସ୍ମୃତି କୁ ଉଖାରି ଉଖାରି
ସେ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ବରେ ।

ବଞ୍ଚିରୁହେ ସିନା ଲୋକ ଦେଖାଣିଆ
ନିଜେ ନିଜର ଶବ କାନ୍ଧରେ ବହି
ଭୁଲିବାକୁ ଯାଇ ବେଶି ଖିନ୍ନହୁଏ
ଉଜାଗରେ ତାର ଯାଏ ରାତି ପାହି ।

ଖାଲିହାତେ ଜାଣେ ଫେରିବାକୁ ହେବ
ଆଖିବୁଜା ଧାଏଁ ତଥାପି ସିଏ
ମରୁ ମରୀଚିକା ଆଖିପିଛୁଳାକେ
ଦୂରେଇ ଦୂରେଇ ପୁଣି ଉଭେଇଯାଏ ।

ବ୍ୟର୍ଥ ସପନକୁ ନିଅଣ୍ଟିଆ ରାତି
ବନ୍ଧା ପକାଇ ଦେଇ ମାନ ସମ୍ମାନ
ଭଙ୍ଗା ଆଇନାକୁ ଯୋଡ଼ିବସେ ଲକ୍ଷେ
ବୁଝାଇ ନିଜ ଅବୁଝା ମନ ।

ISSN NO.
2582-208X

ସତ ଧିକ୍କାରକୁ ନକରି ଭ୍ରୂକ୍ଷେପ
ଗ୍ରାମ ସୁକରିକୁ ମଣି ଗାଇ
ନଜ ହାତେ ପିନ୍ଧେ ଅପବାଦ ମାଳ
ମାଥେ କଳଙ୍କର ନନ୍ଦା ନାଇ ।

ତଥାପି ଠିକେନା କାନ୍ଦି କାନ୍ଦି ମରେ
ନିଜ ଗୋଡ଼ରେ କୁରାଢି ମାରି
ଯେତେ କୋଡୁଥାଏ ସେତେ ମାଡୁଥାଏ
ଦୁର୍ବୁଦ୍ଧିରେ ଭାଗ୍ୟର ଦୋଷକୁ ଧରି ।

ମଧୁ ଶାସନ
ବିରିଡ଼ି, ଜଗତସିଂହପୁର

ISSN NO.
2582-208X



# ଆମ ସଂକଳ୍ପ



ଅରୁଣ କୁମାର ମହାପାତ୍ର

ଆଜି ଆମେ ଶିଶୁ ଗଢ଼ିବୁ ଭବିଷ୍ୟ
ଉଜ୍ଜ୍ୱଳ ଆଶାର ଜ୍ୟୋତି
ଧ୍ରୁବ ଏ ସଂକଳ୍ପ କରିବୁ ଶକତ
ସଂସ୍କାର ଆଉ ସଂସ୍କୃତି ।
ଶିକ୍ଷାର ପ୍ରସାର କରି ଅଗ୍ରସର
ହେବ ଏ ମାନବ ଜାତି
ବିଜ୍ଞାନର ସୂତ୍ର ବାନ୍ଧିବ ଏକତ୍ର
ଉଜ୍ଜ୍ୱଳ ଜାତିର ପ୍ରୀତି ।
ଚାଷର ଉନ୍ନତି ନୂଆ କୃଷି ନୀତି
ପୁରାଇବ ଶସ୍ୟାଗାର
କଳ କାରଖାନା କରିବ ଲାଘବ
ଶ୍ରମ ଆମ ଶ୍ରମିକର ।
ନୂଆ ନୂଆ ସୂତ୍ର କରି ଆବିଷ୍କାର
ଜୀବନ ଧାରଣ ଶୈଳୀ
ସୂକ୍ଷ୍ମ ସରଳ ଓ ଶାନ୍ତ ଅବୟବ
ଆଣିବୁ ନୂଆ ପ୍ରଣାଳୀ ।
ସୁସ୍ଥ ସମାଜ ହୋଇବ ପ୍ରକଟ
ସବୁଜ ବନାନୀ ନେଇ
ବଞ୍ଚିବେ ମାନବ ପଶୁ ତରୁଲତା

ISSN NO.
2582-208X

ଶୁଦ୍ଧ ଅମ୍ଳଜାନ ପାଇ।
ଜଳ ହିଁ ଜୀବନ କରି ସଂରକ୍ଷଣ
କରିବୁ ସଦୁପଯୋଗ
ଆଣି ନ ପାରିବେ ଆସନ୍ତାକାଲିର
ଜନେ ତିଳେ ଅଭିଯୋଗ।
ଶକ୍ତିର ସଞ୍ଚୟ କରି ଅଭ୍ୟୁଦୟ
ନୂତନ ଶକ୍ତିର ଉତ୍ସ
ଶକ୍ତି ଅପଚୟ ହୋଇବ ବିଲୟ
ଅବା ହୋଇଯିବ ତୁଚ୍ଛ।
ପୂର୍ବ ପୁରୁଷଙ୍କ ରହିବ ଗାରିମା
ଉନ୍ନତ ଆଗାମୀ ପିଢ଼ି
ଏ ଆମ ସଂକଳ୍ପ ଆଣିବୁ ବିକଳ୍ପ
ଏକତ୍ରିତ ଅଣ୍ଟା ଭିଡ଼ି।

ଡି୯–୨/୬,
ଗୌତମୀ ନଗର କଲୋନୀ
ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X

# ଜୀବନ ଯମୁନାରେ ଜୁଆର ଉଠେରେ



କୁଞ୍ଜବିହାରୀ ସାହୁ

ଗାଁର ସମସ୍ତେ ସେବତୀକୁ ସେବି ଡାକନ୍ତି । ଛୋଟରୁ ବଡ଼ ହେଇଛି ଗାଁରେ । ଗରିବୀ ପଣ ତା ପାଖରେ ନାହିଁ । ବେଶି ପାଠ ସିନା ପଢ଼ିପାରିଲାନ, ହେଲେ ଗାଁ ଲୋକଙ୍କ ସହ ମିଳାମିଶାରେ କେହି ତାକୁ ଟପିଯାଇପାରୁ ନଥିଲେ । ନଈକୁ ଗାଧେଇ ଯାଉଥିଲାବେଳେ ବାଟ ସାରା ଲୋକଙ୍କ ସହ ଗପିବା ସଉକଥିଲା ଯେମିତି । ନଈବାଲିରେ ଥିରିଥିରି ପାଦ ପକେଇ ଚାଲିଲାବେଳେ ଦି' ଗୋଡ଼ର ବୁଢ଼ା ଆଙ୍ଗୁଠି ଫାଙ୍କରେ ବାଲି ଜାକଜୁକ ରହିଯାଉଥିଲା । ଛୋଟ ଲୁଗାଟିଏ ପିନ୍ଧିଲେ ବି ଦେହ ଉପରେ କଛି ନଜର ରଖୁନଥିଲା । ସେଇଥିପାଇଁ ତ ପୋଷେ ଚାଉଳ ଧରିଲାଭଳି ପେଟର ନାହିଟା ବଢ଼ିଆ ସୁନ୍ଦର ଦିଶୁଥିଲା । କେତେବେଳେ ଯେ ନଈ କୂଳରେ ପହଞ୍ଚିଯାଉଥିଲା, ସେ ଜାଣିପାରୁ ନଥିଲା ।

କେବଳ ଯେ ନଈକୂଳକୁ ଯାଉଥିଲା ତା ନୁହେଁ, ଚାଉଳସାହିର ସେଣବନ୍ଧ ପୋଖରୀକୁ ପଦ୍ମଫୁଲ ତୋଳବାକୁ ଗଲାବେଳେ ବି ସାଙ୍ଗମାନଙ୍କ ସହ ଥଟ୍ଟା କରିବା ଆରମ୍ଭ କରିଦେଉଥିଲା । କଏ କହୁଥିଲା ତାକୁ ଗପୁଡ଼ି ତ କଏ କହୁଥିଲା ଅଧା ବାୟାଣୀଟେ । କଏ କଏ କହିପକଉଥିଲା ଅନ୍ୟର ସେବା କରିଥିଲା ବୋଲି ତା ନାଁ ସେବି ।

ଚଷା ଘରର ଝିଅ ସେବି । ପାଠ ପଢ଼ି କ'ଣ କରିବ । ବାହା ହେବ । ଶାଶୁ ଘରକୁ ଯିବ । ପିଲା କାଖେଇବ । ଏମିତି କାମ ସବୁ କରିବାକୁ ହେବ । ଏବେ ସିନା ତା ବାପକୁ ସାହାଯ୍ୟ କରୁଛି । ତା ବୋଉର ରନ୍ଧାରନ୍ଧିରେ ହାତ ଦେଉଛି । ମାଟି ପିଣ୍ଡାକୁ ପୋଛି ଦେଉଛି। ଦାଣ୍ଡ ଅଗଣାକୁ ଗୋବର ପାଣିରେ ଲିପିଦେଉଛି । ଝୋଟି ପକଉଛି । ବୋଉର

ISSN NO.
2582-208X

ବୋଲ ମାନୁଛି । ସାନ ଭଉଣୀଟା ପୋଲିଓ ବୋଲି ତାକୁ କାଖେଇ ବୁଲୁଛି । ଗେଲ କରିଦେଉଛି ।

ଘରେ ରହୁ ରହୁ ସେବିକୁ କୋଡ଼ିଏ ବର୍ଷ ହେଇଗଲାଣି, ସେ ବି ଜାଣିପାରୁ ନଥିଲା । ପିଲାଳିଆ ଢଙ୍ଗ ଏବେ ବି ତା ଦେହସାରା ଚରିବୁଲୁଛି ଯେମିତି ! ଗ୍ରହଣ ଖଣ୍ଡିଆ ଓଠରେ ତା ହସଟା ମଲ୍ଲୀଫୁଲ ପରି ବାସୁଛି । ସୁନ୍ଦର ନାକଟିକୁ ଗେଲ କରିଦେବାକୁ ଇଛା ହେଉଛି। ଆଖି ଦିଇଟା ବି ଆହୁରି ସୁନ୍ଦର । ମୋର ଡାହାଣ ହାତର ବିଶି ଆଙ୍ଗୁଠି ଆଜି ମଝି ଆଙ୍ଗୁଠି ଭିତରେ ତା ସରୁ ନାକଟିକୁ ଆଉଁସିବାକୁ ଇଛା ହେଉଛି । ଗାଧେଇ ପାଧେଇ ଫେରିଲାବେଳେ ଓଦା ଓଦା ଆଖିପତାରେ ମୋର ନଜର ଲାଗିଯାଇଛି ଅନେକ ଥର । ଆଉ ଛାତି ଉପରେ ଫୁଟିବାକୁ ଉଚ୍ଛନ୍ନ ହେଉଥିବା ଦିଇଟା ଫୁଲକଢ଼ ଉପରେ ବି ମୋ ଆଖିର ଗୁହାଁଣି ନେସି ହେଇଯାଉଛି ଅଜଣାତରେ ।

ସେବି ଘରକୁ ମୁଁ ଯେବେ ଯାଏ ସେ ସିନା ପଦୁଟିଏ କହିବ କହିବ ବୋଲି ଯାଉଁଳା କବାଟ ପାଖରେ ଏପଟେ ସେପଟ ହୁଏ, ହେଲେ ତା ବାପ ନାଲି ଆଖିରେ ମୋତେ ଗୁହୁଁଥାଏ । ଦାଣ୍ଡ ଅଗଣାରେ ମୋ ପାଦ ଥାପିଦେଲେ ସତେ ଅବା ତା ବାପର ନାହି ଡିଏଁ । ଟାହି ଟାପର୍ କରି ଏଣୁତେଣୁ ବକ ଦେଇଯାଏ ।

କେଉଟ ଘରେ ରହି ମାଛ ଧରିବା ଯାହାର କାମ, ସେ କ'ଣ ବୁଝିବ ବିଲ ବାଡିରେ ହେଉଥିବା ଗୃଷର ମୂଲ୍ୟ । ଖଟିଖିଆ ମଣିଷର ଜୀବନକୁ । ବୁଲିବାଲି ଆମ ଘର ଆଡ଼େ ପଳେଇଆସିଛି । ମୋ ବଢ଼ିଲା ଝିଅ ଉପରେ ଆଖି ପକଉଛି ।" ଏମିତି କେତେ କଅଣ ! ପାଟିକୁ ଯାହା ଆସିଲା କହିପକାଏ ଅନର୍ଗଳ ।

ମୋର ସତେ ଅବା ପିଳେହିପାଣି । ଇଛା ଟିକକ ମରିଯାଏଁ ଆପଣାଛାଏଁ । କହିବାକୁ ଭାବିଲାବେଳକୁ ଠପ୍ ହେଇଯାଏ ମୋ ଭାବନା ।

ଛୋଟ ଜାତି ବୋଲି ମୋତେ ନ କହିପାରିଲେ ବି ମୁଁ ବୁଝିପାରୁଥିଲି ସେବି ବାପର ମୋ ପ୍ରତି କେତେ ଘୃଣା, ଅସୂୟା ଭାବ । କେଉଟ ଜାତି କ'ଣ ଏତେ ତଳେ ଅଛି ଏ ସମାଜରେ ! ଠାକୁର ତ ଆମକୁ ଗୋଟିଏ ଜାତି ଦେଇଛନ୍ତି । ମାଛ ବେଉଷା କରିବାକୁ କହିଛନ୍ତି । ଗାଁ ପୋଖରୀରେ ମାଛ ଧରାହେଲେ ତ ପୁଣି ଚଷା ଘରକୁ ଆସୁଛି । ମାଛ କିଣିଲାବେଳେ/

ISSN NO.
2582-208X

ଖାଇଲାବେଳେ ଜାତି କଥା ମନେ ପଡୁନ ? ଆଉ ମୁଁ ଟିକଏ ସେବିକୁ ଦେଖିବାକୁ ଆସିଲି ବୋଲି ତା ବାପ କେତେ କଅଣ କହିଯାଉଛନ୍ତୁ । ନା, କଥାକୁ ଧରିବିନ । ବାପ ତୁଲ୍ୟ ସେବି ବାପ । କହୁ କହୁ କ'ଣ ଗୁଡାଏ କହିଦେଲେ ! କହିଯାଆନ୍ତୁ । ମୋର କ ଯାଏ ଆସେ । ମୁଣ୍ଡ ଥଣ୍ଡା ହେଲେ ଆପେଆପେ ବୁଝିଯିବେ ଯେ ।

ଅଧା ଫାଙ୍କରେ ସେବିକୁ ଟିକେ ଚାହିଁଦେଲେ ମୋ ପେଟ ପୁରିଯାଏ । ଉଛୁର ହେଲେ ବି ମନଖୁସିରେ ନାଚକୁଦି ଘରକୁ ବାହୁଡ଼ିଯାଏ ।

ମୁଁ ଭଲଭାବରେ ଜାଣିଥିଲି ମୋର ଘରେ ପହଞ୍ଚିବା ଉଛୁର ହେଲେ ମୋ ବୋଉ ଛୋଟ ପିଲା ପରି ଭେଁ ଭେଁ କାନ୍ଦିପକାଏ । ମୋ ବାପ ବୋଉକୁ ରାଗରେ କହିଦିଏ - ସୁମି, ଆମ ମନୁଆ ଏତେ ବଡ ହେଇଗଲାଣି ! ନାରେ ନା, ସେ ପରା ପିଲାଟା । ବୁଲାବୁଲି କରୁ । ମୋର କ'ଣ ବଳ ବୟସ ଗଲାଣି ଯେ ଏଡେ ବକଟେ ପିଲାଟା ମୋ କାମରେ ହାତ ଦେବ । ଆଉ କଛି ଦିନ ଯାଉ । କେଉଟପିଲା ଆପେ ଆପେ କାମ ଶିଖିଯିବନ !'

ମୁଁ ଫିକ୍ କରି ହସିଦିଏ ।

ମୋ ମନ କନ୍ତୁ ବୁଝେନ । ବେଳ ଉଣ୍ଡି ବାପ ସହ ପୋଖରୀକୁ ଯାଏ । ଜାଲ ପକାଏ । ମାଛ ଧରେ । ପଞ୍ଚାୟତ ପୋଖରୀ । ଯୋଉ ଦିନ ପଞ୍ଚାୟତ ବସେ, ଗାଁ ର ଲୋକମାନଙ୍କୁ ମାଛ ଦିଆଯାଏ ।

ମୁଁ ଦିନେ ପୋଖରୀକୁ ଯାଇଥିଲି ଅଧା ଫୁଙ୍ଗୁଳା ଦେହରେ । ସାଙ୍ଗମାନେ ଡାକଦେଲେ ଶୀତୁଆ ଖରାବେଳେ । ସେବି ବି ଯାଇଥିଲା ତା ଖୁଡ଼ୀ ସାଙ୍ଗରେ ପୋଖରୀ କୂଳକୁ । ହଠାତ୍ ମୋତେ ଦେଖିଦେଲା । ମୋ ଓସାର ମାଉଁସିଆ ଛାତିକୁ ଆଖି ପକେଇଲା । ଅଣ୍ଟାରେ ଗୁଡେଇଥିବା ନାଲି ଗାମୁଛାକୁ ଦେହରେ ପକେଇଦେଲି ମୁଁ ତରବରରେ । ମୁଁ ଜାଣି ନଥିଲି କୁଆଁରୀ ଝିଅଙ୍କ ନଜର କାହିଁକି ପଡ଼େ ପୁଅଙ୍କ ଓସାରିଆ ମାଉଁସିଆ ଛାତି ଉପରେ । ସେବି ମୋ ମୁହଁକୁ ଅନେଇ କ'ଣ ଗୁଡାଏ ଗପିବ ବୋଲି ଭାବୁଥିଲା, କହିପାରିଲାନ । ତା ଖୁଡ଼ୀର କାମ ସରିଲାପରେ ଫେରିଗଲା ଘରକୁ । ମୁଁ କନ୍ତୁ ଚାହୁଁଥିଲି ତା ପିଠିକୁ । ତେଲିଆ ତେଲିଆ ଦିଶୁଥିଲା । ମନଟା ଛଟପଟ ହେଉଥିଲା ପଛରୁ ଡାକବାକୁ । ସାଙ୍ଗମାନେ ମଜାରେ

ISSN NO.
2582-208X

କହିଲେ- "କ"ଣ ମନୁଆ, ଟିକେ ଅଲଗା ଅଲଗା ଲାଗୁଛୁ । ଚଷା ଘର ଝିଅ ସେବି କମିଆ କରିଦେଲା କ ?"

ହଁ ରେ ସାଙ୍ଗ ହଁ....ସେବିକୁ ଦେଖିଲେ ମୋର ଦେହ ଶିହରି ଯାଉଛି । ତା ସହ ମିଶି ଗପିବାକୁ ଇଛା ହଉଛି । ସେ ଯଦି ମୋ ପାଖରେ ସବୁଦିନ ରହନ୍ତା, ବଢିଆ ହୁଅନ୍ତା । ଗେଲ କରିକରି ଖୁସି ହୁଅନ୍ତ !

ଓହୋ...ଏଇ କଥା । ମନୁଆ, ତାକୁ ବାହାହେଲେ ସତରେ ବଢିଆ ହେବ । ଗୋଟିଏ ଗୁଳରେ ଦିଇଟା ଶିକାର... କେତେ ମଜା !

ମୁଁ ବୁଝିପାରିଲିନ ସାଙ୍ଗମାନଙ୍କର ଏ ଦୋ ଫାଙ୍କିଆ କଥାକୁ ।

ସାଙ୍ଗମାନେ ମୋ ଆଖି ଆଗରେ ହାତ ହଲେଇ କହିପକେଇଲେ – ଆରେ ବୋକା ମନୁଆ, ଏତିକ ବୁଝିପାରୁନୁ ! ତୁ ବାହାହେଲେ ମଜା କରିବୁ। ସଂସାର କରିବୁ । ଆମେମାନେ ସେବିକୁ ଦେଖିବା ବାହାନାରେ ତୋ ଘରକୁ ଯାଇ ଥଟ୍ଟାରେ ଗପିବୁ । ସେ ମଜାରେ ମଜାରେ କହିଦେବ- ଏଇ ଶୁଣୁଛ ତୁମ ସାଙ୍ଗମାନେ ଭରି ଇଏ.....।

ହେଲେ କେମିତି ହବ ଯେ ? ମୁଁ କହୁ କହୁ ସାଙ୍ଗମାନେ ବୁଝେଇ କହିଦେଲେ –' ମନୁଆ, ଏଇ କଥା ତା ବାପ ଆଉ ସେବିର ବାପକୁ ବୁଝେଇଦେବା । ଆବଶ୍ୟକ ପଡିଲେ ଜାତି ବିଷୟରେ ପଞ୍ଚାୟତରେ ପକାଇବା । ଦୁନଆ ଯାଇ କୋଉଠି ପହଞ୍ଚିଲାଣି । ଆଉ ଗାଁ ରେ ଜାତି ଫାତି ? ଆମେମାନେ ତୋ ପଛରେ ଅଛୁ । ତୁ ମୋଟେ ଡରିଯାଆନା । ଆଗକୁ ମାଡିଗ୍ଲଲ । ସେବି ଭଳଆ ସୁନ୍ଦରୀ ଝିଅଟିକୁ ହାତେଇ ନେ । ଥରେ ସେବି ତୋ ପାଖକୁ ଆସିଗଲେ ସବୁ ଚୁପଚ୍ଛପ୍ ହେଇଯିବେ ।'

ଟିକଏ ଡେରିରେ ବୁଝି ହସିଲି ....ହସିଲି ।

ମୋର ଆଉ ସେବି ଲୁଚ ଲୁଚ ବୁଲିବା, କଥାହେବା ହାଟରେ ଗଡିଲା । ପୋଖରୀ ତୁଠ ହେଉ କ ନଈକୂଳ ସବୁଠି ଲୋକେ କୁହାକୁହି ହେଲେ- କ ବେଳ ଆସିଲା ଯେ ନଜ ଜାତିକୁ ଭୁଲିଯାଇ ମନୁଆ ଆଉ ସେବି ଲୁଚ ଲୁଚ ପ୍ରେମ କରୁଛନ୍ତ । ସମ୍ପର୍କ ବାନ୍ଧୁଛନ୍ତ । ତାଙ୍କ ଜୀବନ ଯମୁନାରେ ଏବେ ଜୁଆର ଆସିଛି । ସମ୍ପର୍କ ବଢିଯାଇଛି । ଆମ ବେଳକୁ ପ୍ରେମ

ISSN NO.
2582-208X

ପ୍ରେମ ନଥିଲା । ଏବେ ତ ପୁଅ ଝିଅଙ୍କ ଦେହସାରା ପ୍ରେମ ଗୁଡେଇ ତୁଡେଇ ହେଇଯାଉଛି। ଏଇଟା କ'ଣ ଭଲ କଥା ?

ହଁ ଆମର ବା ଯାଏ ଆସେ କେତେ । ଚକୁଳ ଖାଇବା ଲୋକ ଆମେ, ବିନ୍ଧ କଆଁ ଗଣିବା ?

କଥାଟା ସେୟା ହିଁ ହେଲା । ସେବିର ବାପ ଆଉ ମୋ ବାପ ମନକୁ ବୁଝେଇ ପଞ୍ଚାୟତରେ କଥାଟିକୁ ପକେଇଲେ । ଗାଁ ଲୋକେ ନିଜ ଇଚ୍ଛାରେ ଯାହା ଆସିଲା କହିପକେଇଲେ । କିନ୍ତୁ ଗାଁ ପଞ୍ଚାୟତ । ସରପଞ୍ଚଙ୍କ ନିଷ୍ପତ୍ତିକୁ ମାନିବାକୁ ପଡିବ । ନିଶାପରେ ଜଣାପଡ଼ିଲା – ଜାତିଆଣ ଭେଦଭାବକୁ ଉଠେଇ ମନୋଭାବକୁ ଏକାଠି କରିପାରିଲେ ଦୁଇ କୁଳ ବଞ୍ଚିବ । ଆନ୍ତରିକତା ତଥା ସୌହାର୍ଦ୍ଦପୂର୍ଣ୍ଣ ବାତାବରଣକୁ ଆଦରିନେବା ହିଁ ଏ ପଞ୍ଚାୟତର ଲକ୍ଷ୍ୟ । ଯୁଗ ତ ବଦଳିଗଲାଣି । ଆମ ପିଲାମାନେ ପରା ବଡ଼ ହେଇଗଲେଣି । କିନ୍ତୁ ଦୁଇ ବନ୍ଧୁ କଥାଟିଏ ରଖିବାକୁ ପଡିବ । ଯାନ ଯଉତୁକ ବାବଦରେ ଭବିଷ୍ୟତରେ ଯେମିତି ଗଣ୍ଡଗୋଳ ନ ହୁଏ । ଦୁଇ ପରିବାର ମିଳମିଶି ଚଳିଲେ ଗାଁ ର ଶୁଭ ।'

ଦୁଇ ପକ୍ଷର ମୁରବି ରାଜି ହୋଇଗଲେ ଏ ନିଶାପରେ ।

ପାଞ୍ଜି ଅନୁସାରେ ଦିନ ଧାର୍ଯ୍ୟ ହେଲା ।

ମୁଁ ଖୁସି ହେଇଗଲି । ହାତମୁଠାରେ ଆକାଶର ଜହ୍ନଟିଏ ପାଇଗଲି । ନିବିଡ ଆତ୍ମୀୟତା, ଭଲପାଇବା ଯେ ସବୁଠୁ ଊର୍ଦ୍ଧ୍ବରେ ମୁଁ ଅନୁଭବ କଲି ।

ସ୍ଥିରୀକୃତ ଦିନ –ଲଗ୍ନରେ ବିବାହ ବେଦିରେ ହୋମ ନିଆଁ ଜଳିଲା । ହାତଗଣ୍ଠିର ମାଙ୍ଗଳିକ ମୁହୂର୍ତ୍ତରେ ମୁଁ ସେବିର ମୁହଁକୁ ଚାହିଁବାକୁ ଚେଷ୍ଟା କରୁଥିଲି । ସେବି ମଧ୍ୟ ମୋ ହାତକୁ ଜାବୁଡ଼ି ଧରି ଦେହର ଅପାସୋରା ଶିହରଣକୁ ମାପୁଥିଲା ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ ବ୍ରୀଟ୍ କଲୋନୀ
ଭୁବନେଶ୍ୱର .......୭୦୦୮୧୪୨୦୪୦

ISSN NO.
2582-208X

# ମୋ ପ୍ରିୟା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ପ୍ରଜାପତିଙ୍କର ବିଧାନେ ମୋ ପ୍ରିୟା
ମୋ ଜୀବନ-ସାଥି ହୋଇ;
ମୋ ହୃଦୟ ଜିଣି ଶପଥ ନେଇଛି
ସଂସାର ଗଢିବା ପାଇଁ ।
ପିତା, ମାତା, ବନ୍ଧୁ, ଆତ୍ମୀୟ-ସ୍ୱଜନ,
ପ୍ରିୟା ମୋ ଆସିଛି ମୂର୍ତ୍ତି;
ଦୁଃଖ ଯନ୍ତ୍ରଣାର-କଷଣ ଭୁଲିଛି
ନୟନୁଁ ଲୋତକ ପୋଛି ।
କେତେବେଳେ ଯଦି ଦ୍ୱନ୍ଦ୍ୱ ଲାଗିଛି
ତେଲ-ଲୁଣ ଦୁନଆଁରେ,
ସାନ୍ତ୍ୱନା ଦେଇ ମୋ ପ୍ରିୟା କହିଛି,
"ଲାଭ ସିନା ସାହିବାରେ" ।
ଅଜାଣତେ ମୋତେ କରିଛି ଶାସନ
ନିର୍ବୋଧ ଶିଶୁ ପରି;
ଦାମ୍ପତ୍ୟ କଳହେ ସଦା ବିଜୟିନୀ
ଯାଇନ ସେ କେବେ ହାରି ।
କ୍ରୋଧେ ଜର୍ଜରିତ, କର୍ମେ ଭାରାକ୍ରାନ୍ତ
ଅବୁଝା-ମନକୁ ନେଇ;
କର୍ମ-କ୍ଷେତ୍ରକୁ ଯାଇଛି ମୁଁ ଧାଇଁ
ବହୁବାର ଭକ୍ଷୀ ନାହିଁ ।

ISSN NO.
2582-208X

ଗୃହ-କାର୍ଯ୍ୟ ସାରି ମୋ ପ୍ରାଣ-ବାନ୍ଧବୀ
ବାତାୟନେ ଥିବ ଚ୍ହିଁ;
ଦୂରୁଁ ଦେଖି ମୋତେ କରିବ ଛଳନା
ଯମା କ୍ରୋଧ କମି ନାହିଁ ।
ଅନୁରାଗଭରା କଣ୍ଠେ କହିବ
ଭଲପାଏ ନାହିଁ ତାକୁ;
ତା ମରଣ ଖୋଜି ଗୃହି ବସିଛି ମୁଁ
ସଉତୁଣୀ ଆଣିବାକୁ ।
କଅଁଳ-କଥା ମୋ ମୁଖରୁ ଶୁଣିଲେ
ମୁଖତା ଦିଶିବ ତୋର୍;
ରୁସିଲା ମୁହଁରୁ ହସ ଝରିପଡି
ପ୍ରିୟା ମୋ ପଡିବ ଧରା ।
ତାପ ଥିଲେ ଦେହେ କହିବ ମୋ ପ୍ରିୟା,
ଦେହରେ ଫୁଟୁଛି ଖଇ;
ରାତି ଏବେ ଆସି ଅନେକ ହେଲାଣି
ପଡ ଆଗୋ! ତୁମେ ଶୋଇ ।
ଜନନୀ, ଭଗିନୀ, ଜାୟା ରୂପେ ପ୍ରିୟା
ସେବା କରୁଥାଏ ମୋର;
ନରକୀ-ରୂପ ମୁଁ ଦେଖିନାହିଁ ତାର,
ମୋ ପାଇଁ ସେ ସୁଧା-ଝର ।
ନିଜକୁ ମୁଁ କେତେ ହଜେଇ ଦେଇଛି
ତା ପଣତକାନି ତଳେ,
ଗପର ଆସର ଜମେଇ ଦେଇଛି
ଝାଞ୍ଜିପିଟା-ଖରାବେଳେ ।
ସାଗରୁ ଗଭୀର ମୋ ପ୍ରିୟ-ପ୍ରଣୟ,
ମୃତ୍ୟୁ-ଜିଣା ତାର ସ୍ପର୍ଶ;
ସେହି ମୋ କବିତା ଆଉ ତାର ଛନ୍ଦ,

ISSN NO.
2582-208X

ସର୍ବ ପ୍ରେରଣାର ଉତ୍ସ ।
କଏ କହେ ନାରୀ ନରକର ଦ୍ୱାର,
ବାରି ନୁହେଁ ନାରୀ ମନ;
ଚହ୍ନିନ ସେ କେବେ ନାରୀ ହୃଦୟକୁ
ଯହିଁ ଭରିଏ ପ୍ରୀତି ଜହ୍ନ ।
ଯେଉଁ ଜଳଧୀର ଉତ୍ତାଳ-ତରଙ୍ଗ,
ଶତ ପ୍ରୋତ ଗ୍ରାସିଦିଏ,
ସେହି ଜଳଧୀର ନୀଳ-ଲହରୀରେ,
ଶତ ପ୍ରୋତ ଭସୁଥାଏ ।
କହୁଥାନ୍ତି ମୋତେ ଜଗତେ ସମସ୍ତେ
ପ୍ରିୟାର ଗୋଲାମ ବୋଲି,
ଯେଉଁ ତଥ୍ୟ ସତ୍ୟ ସେ ସତ୍ୟ ପ୍ରକାଶି
କବିତା ମୁଁ ଲେଖି ଦେଲି ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ରାଉରକେଲା

ISSN NO.
2582-208X

# ସ୍ୱାଭିମାନ ର ହତ୍ୟା !



ରାଧାମୋହନ ପୂଜାହାରୀ

ଆଜିର ଏଇ ଲୋଭୀ ସମାଜରେ
ସ୍ୱାଭିମାନକୁ ମୁଁ ମରୁଥିବାର ଦେଖିଛି,
ସ୍ୱାର୍ଥାନ୍ଧ ବଜାରର ଭିଡ଼ ଭିତରେ
ମୁଁ ଲୋକଙ୍କୁ ବିକ୍ରି ହେଉଥିବାର ଦେଖିଛି ।
ରକ୍ତ ଆଜି ଗରମ ହେଉନ କାହାର
ଅନ୍ୟାୟୀ, ଆତତାୟୀ ର ଆଘାତରେ,
ସ୍ୱାଭିମାନୀ ହେବାର ଦ୍ୱାହି ଦେଇ
ସମସ୍ତେ ବ୍ୟସ୍ତତା ଭିତରେ ରହୁଛନ୍ତି
ନିଜ ମନକୁ ବୁଝାଇବାରେ ।

ସ୍ୱାଭିମାନକୁ ମୁଁ ଅହଙ୍କାର ରେ
ପରିବର୍ତ୍ତନ ହେଉଥିବାର ଦେଖିଛି,
ସମ୍ମାନର ପ୍ରତିଷ୍ଠିତ ମଞ୍ଚରେ ସ୍ୱାଭିମାନକୁ
ମୁଁ ବିକ୍ରି ହେଉଥିବାର ଦେଖିଛି ।
ନିଜକୁ ପ୍ରତିଷ୍ଠିତ କରିବାର ଲାଳସା
ଆଜି ଅହଙ୍କାରୀ ର ମୂଳମନ୍ତ୍ର ସାଜିଛି,
କୁଟିଳ ଚକ୍ରାନ୍ତକୁ ପାଥେୟ କରି ସେ
ସତ୍ୟକୁ ବିସ୍ଥାପିତ କରିଛି ।

ISSN NO.
2582-208X

ସାମାଜିକ କର୍ତ୍ତବ୍ୟକୁ ସ୍ୱାର୍ଥର ଗଳରେ
ସୀମିତ ହେଉଥିବାର ଦେଖୁଛି,
ସ୍ୱାର୍ଥାନ୍ଧ ଜୀବନର କାଳମା ଭିତରେ
ମୁଁ ରାଷ୍ଟ୍ରୀୟ ଭାବନାକୁ ମରୁଥିବାର ଦେଖୁଛି ।
ସ୍ୱାଭିମାନର ପରିଭାଷା ଆଜି
ମାତ୍ର କେଇଟା ଶବ୍ଦ ମଧ୍ୟରେ ସୀମିତ,
ଓ ସ୍ୱାଭିମାନର ଜୀବନ-ଦର୍ଶନ
କେବଳ କାଗଜକଲମରେ ଜୀବିତ ।

ସ୍ୱାଭିମାନକୁ ମୁଁ ଧୀରେ ଧୀରେ
ନଖୋଜ ହେଉଥିବାର ଦେଖୁଛି,
ସ୍ୱାର୍ଥାନ୍ୱେଷୀ ମଣିଷଙ୍କ ହୃଦୟରେ
ସ୍ୱାଭିମାନକୁ ବଳି ପଡୁଥିବାର ଦେଖୁଛି ।
ସ୍ୱାଭିମାନ ବିନା ମଣିଷକୁ ମୁଁ
ଆତ୍ମସମ୍ମାନ ସହ ବଞ୍ଚୁଥିବାର ଦେଖୁଛି ।
ସେହି ଆତ୍ମସମ୍ମାନ କୁ ନେଇ ନିଜକୁ
ଗର୍ବିତ ଅନୁଭବ କରୁଥିବା କାପୁରୁଷକୁ ମୁଁ
ପଶୁଠାରୁ ବି ହୀନ ପାଲଟୁଥିବାର ଦେଖୁଛି ।

ହଁ, ଆଜି ସ୍ୱାଭିମାନର ମର୍ଯ୍ୟାଦାହାନୀ ହୋଇଛି,
ହଁ, ଆଜି ସ୍ୱାଭିମାନର ହତ୍ୟା ହୋଇଛି,
ସ୍ୱାଭିମାନ ଆଜି ସମାଜରୁ ନିରୁଦ୍ଦିଷ୍ଟ ହୋଇଛି,
ଏବଂ ସେହି ନିରୁଦ୍ଦିଷ୍ଟ ସ୍ୱାଭିମାନକୁ

ISSN NO.
2582-208X

ଖୋଜିବାର ଏକମାତ୍ର ପଥ
ସତ୍ୟ ଓ ସଂକଳ୍ପ ର ପଥ,
ମନୁଷ୍ୟ ଜୀବନର ମୁକ୍ତିର ପଥ ।

କାହିଁକି ନା…
ସ୍ୱାଭିମାନ ର ନା କୌଣସି ବିକଳ୍ପ ଅଛି
ଆଉ ନା ସ୍ୱାଭିମାନ ବିନା
ଆତ୍ମସମ୍ମାନର କୌଣସି ଅସ୍ତିତ୍ୱ ଅଛି !

ଅଧ୍ୟାପକ,
ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ତାଳଚେର)

ISSN NO.
2582-208X

# ନିଜ ପାଇଁ



ଆଶୁତୋଷ ମେହେର

ଦୁନିଆଁର କଥା କାନଭସେ ଢାଳି
ଆଙ୍କୁଛି ନିତି ମୁଁ ଛବି,
ଦୁଃଖ ବିଷାଦର ହସ କାନ୍ଦ ଲୁହ
ସତ ମିଛ ଅନୁଭବି.....।।୦।।

ଖୋଜିଛି ପାଇଛି ହାରିଛି କାନ୍ଦିଛି
ଏଇ ତ ଜୀବନ ଖେଳ
ପର ଉପକାର କରିଛି, ରଖିଛି
ନିଜ ପାଇଁ କିଛି ବେଳ
ଫେଷ୍ଟାଫେଣ୍ଟି ଏଇ ମହକ ଯାତ୍ରାର
କଥା ଲେଖେ ହୋଇ କବି ......।।୧।।

ନିଜ ପାଇଁ ବଞ୍ଚି ପର ପାଇଁ ବଞ୍ଚେ
ଏକେଲା ଦରଦୀ ମନ,
ଦୁଃଖ ପାଇ ସୁଖ ବାଣ୍ଟିବା ଧରମ
ରଖନ୍ତି ମହତ ଜନ
ପର ହୃଦୟରେ ନିଜ ରୂପ-ଛାପ
ଅମର ହେବାର ଗୁବି .....।।୨।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

ISSN NO.
2582-208X

# ପୁରୁଣା ଗୋଆ, ଅତୀତ ତଥାପି ବଞ୍ଚିଛି

ପ୍ରିୟବ୍ରତ ପାତ୍ର

ପର୍ତ୍ତୁଗାଲରୁ ବାହାରିଥିବା ପ୍ରାଚୀନ ସ୍ପେନ ଦେଶୀୟ ରାଜକୀୟ ପୋତ ସବୁ ବେଲୁନ୍ ପରି ଭାସି ଭାସି ଆସି ପହଞ୍ଚିଲା ଗୋଆ ପୋତାଶ୍ରୟରେ । ନୂଆଁ ଗଭର୍ଣ୍ଣର ଜେନେରାଲଙ୍କୁ ଉପକୂଳରେ ଅପେକ୍ଷା କରିଥିବା ଭବ୍ୟ ଆଡମ୍ବରପୂର୍ଣ୍ଣ ବହୁଭଙ୍ଗୀ ଜନତା ସାଦରେ ପାଛୋଟି ନେଲେ । ରଣଭେରୀ ସବୁ ଗର୍ଜି ଉଠି ପ୍ରତିଧ୍ୱନ ରୂପେ ଫେରି ଆସିଲା, ଏକ ଅଭାବନୀୟ ଭବ୍ୟ ସମ୍ବର୍ଦ୍ଧନାରେ ତମାମ୍ ବେଳାଭୂମି ଉଲ୍ଲସିତ ହୋଇ ଉଠୁଥିଲା । ପୁରୁଷ ଓ ନାରୀମାନଙ୍କ ଉତ୍ସବକାଳୀନ ଝଲମଲ କରୁଥିବା ପରିପାଟୀ ଭିତରେ ରାଜକୀୟ ଉଦ୍ଧାମତା ଲହଡି ପିଟୁଥିଲା । ଶୋଭିତ ପରଖୁଞ୍ଚା ଜାଜଲ୍ୟମାନ ଶିରପା ପିନ୍ଧା ସ୍ଥାନୀୟ ସମ୍ଭ୍ରାନ୍ତକ ସହ ଲହଡି ପରି ତଳେ ଘୋଷାରୀ ହୋଇ ଚାଲିଥିବା ସିଲ୍କ ଗାଉନ୍ ପିନ୍ଧା ମନ୍ତ୍ରୀମଣ୍ଡଳ ସାଦରେ ନେଇଗଲେ ଗଭର୍ଣ୍ଣରଙ୍କୁ । କଳା ଚମଡାର ଲେଙ୍ଗୁଟି ପିନ୍ଧା ଆଦିମ ଅଧିବାସୀମାନେ ପ୍ରଥମେ ରୁଣ୍ଡ ହୋଇ ଦେଖୁଥିଲେ ଏବଂ ପରେ ପରେ ଭିଡ ମହମ ପରି ତରଳିବାକୁ ଲାଗିଲେ । ସ୍ୱର୍ଗରୁ ଓହ୍ଲେଇ ଆସିଥିବା ବିଚିତ୍ରବେଶି ବିଦେଶୀଙ୍କୁ ରାସ୍ତା ଛାଡିଦେଇ ଦୂର ବୁଦା ମୂଳରୁ, ଗଛ ପଛ ପଟୁ ତଟସ୍ଥ ହୋଇ ସ୍ଥାନୀୟ ଲୋକେ ଦେଖିଥିଲେ । ଏହି ରାଜକୀୟ ଶୋଭାଯାତ୍ରା ରାଜରାସ୍ତାରେ ମାର୍ଚ୍ଚ କରି ଚାଲିଲା ଏବଂ ତତ୍କାଳୀନ ଭାଇସରାୟଙ୍କ ପ୍ରାଙ୍ଗଣ ଆଗଅରେ ଅଟକି ଗଲା । ସେଠାରେ ସମୁଦ୍ରକୁ ଚାହିଁଥିବା ଭାସ୍କୋଡାଗାମାଙ୍କ ବିଶାଳ ମୂର୍ତ୍ତି ଆଗରେ ସମବେତ ଜନତା ଭବ୍ୟ ଅତିଥିଙ୍କ ସହ କିଛି ସମୟ ଅଟକିଯାଉଥିଲେ । ତାପରେ ଗଭର୍ଣ୍ଣର ଜେନେରାଲ୍ ଆଗକୁ ଚାଲିଲେ – ବାସଲିକା ଅଫ୍ ବନ୍ ଜେସସକୁ ଯାହାକି ଥିଲା ପ୍ରାଚୀନ ପର୍ତ୍ତୁଗୀଜ୍ ଶାସନର ରାଜଧାନୀ । ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣରେ ସହସ୍ରାଧିକ ବିଶ୍ୱସ୍ତ ଅଧସ୍ତନ କର୍ମଚାରୀ ତଥା ପ୍ରଜା ମୁଖିଆଙ୍କ ଘହଣରେ, ଏକ ଝଲମଲ କରୁଥିବା ଶ୍ୱେତ ସିଲ୍କ ବସ୍ତ୍ର ପରିଧାନ କରି ନବ ଶାସକ ଜଣକ ଏକ କଫିନ୍ ଆଗରେ ରାଜ୍ୟଭାର ଗ୍ରହଣର ଶପଥ ନେଉଥିଲେ । ସେଇ କଫିନ୍ ଟି ଥିଲା ସନ୍ଥ ଫ୍ରାନସିସ୍ ଜାଭିଏରଙ୍କ ମୃତ ଶରୀରର ବହନକାରୀ କଫିନ୍, ଯାହାର ଉପରିଭାଗରେ ଥିବା କାଚ ଦେଇ ସଂରକ୍ଷିତ ଶରୀର

ISSN NO.
2582-208X

ଦୃଶ୍ୟମାନ ହେଉଥିଲା । ଶପଥପାଠରେ ସାକ୍ଷୀ ରହୁଥିଲେ ଚର୍ଚ୍ଚ କାନ୍ଥରେ ଜୀବନ ପରି ଅଟକ ରହିଥିବା ରାଜା ଓ ମନ୍ତ୍ରୀଙ୍କ ତୈଳଚତ୍ର ।

ଏବର ଗୋଆର ରାଜଧାନୀ ପାନାଜି ବା ପାନଜିମ୍ ଠାରୁ ୯ କ.ମି. ପୂର୍ବଦିଗରେ ଗଲାବେଳେ ଯେଉଁ ପୁରୁଣା ଗୋଆ ପଡେ ତାହାର ପ୍ରାଚୀନ ନାମ ଥିଲା ବାସିଲିକା ଅଫ୍ ବନ୍ ଜେସସ୍ । ବିଶାଳ ବିଶାଳ ଚର୍ଚ୍ଚ ହତାରେ ଥିବା ସଯତ୍ନ ବର୍ଦ୍ଧିତ ଲନ୍ ସବୁ ଅତିକ୍ରମ କରି ଆଗକୁ ଗଲାବେଳେ ଅତୀତର ଅନେକ କାହାଣୀ, ରାଜ୍, ସେନା ନାୟକ, ଏପରିକ ପ୍ରେତାତ୍ମା ସବୁ ଯେଉଁମାନେ କ ଏକଦା ଏହି ପ୍ରାଚୀନ ପର୍ତ୍ତୁଗୀଜ୍ ରାଜଧାନୀକୁ ଚଳଚଞ୍ଚଳ କରି ତୋଳୁଥିଲେ, ସେମାନେ ସମସ୍ତେ ମନେ ପଡିଯାନ୍ତୁ ।

ଏକଦା ଏହି ପ୍ରାଚୀନ ଗୋଆ ବର୍ତ୍ତମାନଠାରୁ ଖୁବ୍ ଅଲଗା ଥିଲା । ଆଜିର ଏହି ବିଶାଳ ବିଶାଳ ଚର୍ଚ୍ଚ ଓ ତତ୍ ସଂଲଗ୍ନ ପାର୍କ ଓ ଘାସପଡିଆ ଏକଦା ଏକ ମହିମାମୟ ରାଜଧାନୀର ଅଂଶବିଶେଷ ଥିଲେ । ସହର ଭିତରେ ପର୍ତ୍ତୁଗୀଜ୍ ଡିଜାଇନର ଧାଡିଧାଡି ଘର ଓ ତା ମଧରେ ସରୁଆ ରାସ୍ତା ସବୁ ଏବେ ଅଦୃଶ୍ୟପ୍ରାୟ । ଅତୀତର ସେହି ରାସ୍ତା ସବୁ ଘାସ ପଡିଆ ଦେଇ ସେହି ଚର୍ଚ୍ଚ ଦିଗରେ ଛୁଟିଗ୍ଲୁଥିଲା, କାରଣେ ସେଗୁଡିକ ହିଁ ପର୍ତ୍ତୁଗୀଜ୍ ସାମ୍ରାଜ୍ୟର ସଲ ରକ୍ତଯୋଗାଣକାରୀ ହୃତପିଣ୍ଡ ଥିଲା । ଶିରା ପ୍ରଶିରା ପରି ସାରା ସହରର ରାସ୍ତା ସମୂହ ଏହି ହୃତପିଣ୍ଡ ସବୁକୁ ଅବଶ୍ୟ ସଂଲଗ୍ନ ହୋଇ ରହୁଥିଲେ । ଅଧୁନା ପୁରୁଣା ଗୋଆ ଡଜନେ ସରିକ ପ୍ରାଚୀନ ଚର୍ଚ୍ଚ, କଛି ଖ୍ରୀଷ୍ଟିଆନ୍ ମଠ, କଛି ସନ୍ନ୍ୟାସିନୀଙ୍କ ମଠକୁ ନେଇ ତଥା ସେସବୁକୁ ଦେଖିବା ପାଇଁ ଆସୁଥିବା ଦର୍ଶକଙ୍କୁ ନେଇ ଚଳଚଞ୍ଚଳ । ସେଠାରେ ପହଞ୍ଚିଥିବା ସବୁ ଭ୍ରମଣାର୍ଥିଙ୍କୁ ପ୍ରଥମେ ବୁଲା ବିକାଳୀ, ଉଠା ଦୋକାନୀମାନେ ହିଁ ସମ୍ବୋଧନ କରି ଶୁଭାଗମନ ଜଣାନ୍ତୁ । ମହମରେ ତିଆରି ଜୀବନ୍ତ ପରି ଦିଶୁଥିବା ଖ୍ରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ, ତଥା ଖେଳନା ସବୁ ଧରି ବୁଲାବିକାଳୀମାନେ ଧସେଇ ପଶନ୍ତୁ, ଦାର୍ଶନାର୍ଥିଙ୍କ ଚକ୍ରବ୍ୟୂହ ଭେଦ କରି ମଝିକୁ ଗ୍ଲଲି ଆସନ୍ତୁ । ଦଳ ଦଳ ଦର୍ଶନାର୍ଥିଙ୍କୁ ଗାଇଡ୍ ମାନେ ନଜର ସବୁ ଜ୍ଞାନ ଓ ଉଚ୍ଚତାନର ଭାଷଣବାଜି ଦ୍ୱାରା ଦୃଷ୍ଟି ଆକର୍ଷଣ କରନ୍ତୁ । ବିଶ୍ୱ ଐତିହ ସବୁକୁ ସାମାନ୍ୟତମ ଆଗ୍ରହହୀନ ଭାବେ ଦେଖି ନଜ ଭିତରେ ଗପସପ କରୁଥିବା ତଥା ଗାଇପଲ ପରି ଇତସ୍ତତଃ ହୁରୁଡି ପଳାଉଥିବା ଦର୍ଶନାର୍ଥୀଙ୍କୁ ନଜ ଆଡକୁ ଆକର୍ଷଣ କରିବାପାଇଁ ସେଇ ଘୋଷାଧାଡି ଗୁଡିକୁ ଅଧିକ ଉତ୍ତେଜିତ ହୋଇ କହୁଥାନ୍ତୁ । ଧୂମାଚ୍ଛନ ଅତୀତର

ISSN NO.
2582-208X

ଆସ୍ତର ପରେ ଆସ୍ତର ଭେଦ କରି ସେମାନେ ଉତ୍କଣ୍ଠିତ ଟ୍ୟୁରିଷ୍ଟମାନଙ୍କୁ ସୁଦୂର ଅତୀତକୁ ନେଇ ଚାଲନ୍ତି । ଅଜଣା ଶିଳ୍ପ ଚାତୁର୍ଯ୍ୟ ରେ ଝଟକୁଥିବା ସୁବର୍ଣ୍ଣ ପାତରେ ଘେରଦିଆ ପୂଜାର୍ଚ୍ଚନାର ମଞ୍ଚ ଓ ବେଦି ସବୁକୁ ଟ୍ୟୁରିଷ୍ଟମାନେ ଭୟ ମିଶ୍ରିତ ସମ୍ମାନରେ, ଅଥଚ କେମିତି ଏକ ଅବାଗିଆ ଢଙ୍ଗରେ ହାଁ କରି ଅନେଇଥାନ୍ତି । ଏକଦା ଏ ସମସ୍ତ କଳାକୃତି ସୁଦୂର ବିଦେଶରୁ କୌଣସି ଏକ ଅଦୃଶ୍ୟଶକ୍ତି ଦ୍ୱାରା ପରିବେଷ୍ଟିତ ହୋଇ ଏ ଦେଶକୁ ଆସିଥିଲା ଏକ ନିୟତି ନିର୍ଦ୍ଦେଶ ଭଳି । ପର୍ତ୍ତୁଗୀଜ ମାନେ ଅପାଙ୍କ୍ତେୟ କରି ଏ ସହରକୁ ଛାଡି ପାନଜିମ୍ ପଳେଇଥିବା ପରଠୁ ପାଖାପାଖି ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଦୀର୍ଘ କେତେ ଶହ ବର୍ଷ ଧରି ଏହା ଏଭଳି ପରିତ୍ୟକ୍ତ ହୋଇ ରହିଥିଲା ଯେ ଏହାକୁ ପ୍ରେତାତ୍ମାମାନଙ୍କ ସହର କୁହାଯାଉଥିଲା । ଅନେକ ମନଗଢା ଭୟାବହ କାହାଣୀ କମ୍ବଦନ୍ତୀ ତାହାର ସତ୍ୟତାକୁ ଜନମୁଖରେ ପ୍ରକାଶ କରୁଥିଲା । ଏହି ପ୍ରେତାତ୍ମା ସହରର ସର୍ବପ୍ରଥମ ବାସିନ୍ଦା ସବୁଥିଲେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର କର୍ମଚାରୀବୃନ୍ଦ ବା ସଂକ୍ଷେପ୍ରେ ASI କର୍ମଚାରୀମାନେ, ଏବଂ ଖ୍ରୀଷ୍ଟିଆନ ଧର୍ମଯାଜକ ମାନେ । ଜଣେ ପୁରୁଣା ସୌଧ ଓ କୀର୍ତ୍ତିରାଜିର ବାହ୍ୟ ସଂରକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ କରନ୍ତି, ଅନ୍ୟ ଜଣେ ଧାର୍ମିକ ମୌଳିକତା ଓ ଆଧିଭୌତିକ ଧାର୍ମିକ ଚମତ୍କାରିତା ସବୁକୁ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରନ୍ତି । ଏହି ଦୁଇଗୋଷ୍ଠୀ ମିଶି ଖାଲି ଯେ କ୍ରମଶଃ ଅପସରି ଯାଉଥିବା ଧ୍ୱଂସାଭିମୁଖୀ କଳାକୃତି ଓ ଚଳଣିକୁ ରକ୍ଷା କରନ୍ତି, ଖାଲି ଯେ ଗୋଟିଏ ସଂପ୍ରଦାୟର, ରାଜ୍ୟର ବା ଦେଶର ସଂପତ୍ତିର ରକ୍ଷଣାବେକ୍ଷଣ କରନ୍ତି ତାହା ନୁହେଁ, ବରଂ ମଣିଷ ସଭ୍ୟତାର ଶ୍ରେଷ୍ଠତମ ସିଦ୍ଧି ଓ ସାଧନାର ପରାକାଷ୍ଠାକୁ ସାଇତି ରଖନ୍ତି । ଦେଶଦେଶାନ୍ତର ଡେଇଁ ଏହି କାଳଜୟୀ କୀର୍ତ୍ତି ଅବୁ ମଣିଷର ସାମୂହିକ ଗର୍ବ ଓ ଗୌରବ । ସେଇ ଦୁଇଗୋଷ୍ଠୀଙ୍କ ନିଷ୍ଠାପରତା ଯୋଗୁଁ ସାରା ବିଶ୍ୱ ର ସଂସ୍କୃତିକ ବିଭବ ରୂପେ ପରିଗଣିତ ଭାରତର ୧୪ଟି କୀର୍ତ୍ତି ଭିତରେ ପ୍ରାଚୀନ୍ ଗୋଆ ଅନ୍ୟତମ ହୋଇପାରିଛି ।

କ୍ରମଶଃ...

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଆର୍ତ୍ତନାଦ



ତ୍ରିପତି ପ୍ରଧାନ

ବିଜ୍ଞାନର ଜୟଘୋଷ
      ବିଚ୍ଛୁରିତ
ବିଶ୍ୱର କୋଣେ ଅନୁକୋଣେ
          ତଥାପି
ଶୁଣାଯାଏ ଅଶ୍ରାବ୍ୟ ଆର୍ତ୍ତନାଦ

ବଳୀଙ୍କ ଦାନ
ଶୁକ୍ରଚାର୍ଯ୍ୟଙ୍କ ସଂଜୀବନୀ
ବିଶ୍ୱାମିତ୍ରଙ୍କ ଦ୍ୱିତୀୟ ସ୍ୱର୍ଗ
ଦଶରଥଙ୍କ ଶବ୍ଦଭେଦି
ରାବଣଙ୍କ ପୁଷ୍ପକ
ଶ୍ରୀରାମଙ୍କ ସେତୁବନ୍ଧ
ସୀତାଙ୍କ ଅଗ୍ନିପରୀକ୍ଷା
ଦୁର୍ଯ୍ୟୋଧନଙ୍କ ବଜ୍ର ଅବୟବ
ସୁବଳଙ୍କ ଅସ୍ଥି
ଶକୁନିଙ୍କ ପଶା
ଅଙ୍ଗରାଜଙ୍କ କବଚ, କୁଣ୍ଡଳ
ବିଜ୍ଞାନର ନୁହଁ ଜୟଘୋଷ
ଦେଇଥିଲା କଣ ?
ସୁଖ,ଶାନ୍ତି ନା ଆନନ୍ଦ

ISSN NO.
2582-208X

କେବଳ
ଯୁଦ୍ଧର ବିଭୀଷିକା

ସର୍ବଂସହା ଅଶୋକା ଧରିତ୍ରୀ
ଖଣ୍ଡବିଖଣ୍ଡିତା, ଶୋକେ ଜର୍ଜରିତା
ଚଣ୍ଡୀଚାମଣ୍ଡାଙ୍କ କଲରବ
ରକ୍ତଂ ଦେହି ରକ୍ତଂ ଦେହି
ଜିହ୍ୱା
ଅଣୁ, ପରମାଣୁ ଘୁରିବୁଲେ
ସନ୍ତ୍ରାସବାଦୀ, ଉଗ୍ରବାଦୀ, ଆତଙ୍କବାଦୀ
ସାମ୍ରାଜ୍ୟବାଦୀ, ବିସ୍ତାରବାଦୀ
ଅଜୟ, ଅପରାଜେୟ, ପ୍ରାଚୁର୍ଯ୍ୟମୟ
ଚିନ୍ତା
ବିଜ୍ଞାନର କଲେବର ...
ସମୟର ଚକ ଘୁରିବୁଲେ ଅବିରତ
କଳଙ୍କିତ, ନିସ୍ତେଜିତ, ନିନ୍ଦିତ ଭରିଦିଏ
ଇତିହାସରେ
କଥା,ଗାଥା, ଉପନିଷଦ, ବାଇବେଲ,
କୋରାନ୍
ପୁରାଣ ପୃଷ୍ଠାକୁ
ଭୂଗୋଳରେ ଭରିଦିଏ
ପ୍ରଶ୍ନ

ସଂସ୍କୃ ତଶିକ୍ଷକ, ଚିକିଟି

ISSN NO.
2582-208X

# ମୋର ଈଶ୍ୱର



ସମ୍ବିତ ଦାଶ

ତୁମରି ହାତ ଧରି ସିଖିଅଛି ମୁଁ
ଠୁକୁରୁ ଠୁକୁରୁ ଚାଲି,
ଜୀବନ ନାଟକରେ ତୁମେ ନାୟକ
ମୋର ଅସଲି ।।

ବାଟେ ଚାଲୁ ଚାଲୁ ଝୁଣ୍ଟି ପଡିଗଲେ
କୋଳେଇ ନିଅନ୍ତି ଧାଇଁ,
ଏ ସାରା ଜଗତରେ ତୁମ ଭଳି ଲୋକ
ଆଉ କେହି ନାହିଁ ।।

ତୁମେ ଥିଲେ ମୋର ପାଖରେ ଭୟ
ଚାଲିଯାଏ ଦୂରେଇ,
ଜୀବନର ବାଟ ତୁମେ ଦେଖାଇଦେଲ
କେତେ ମୋଟା ବହି ଦେଇ ।।

ISSN NO.
2582-208X

ମନ ଯେବେ ମୋର ହୋଇଯାଏ ଦୁଃଖ
        ଖୁସି କରାଇଛ ହିତ,
ତୁମରି ହାତ ଧରି ଚାଲୁଅଛି ଆଜି ମୁଁ
        ଏହି ଜୀବନର ବାଟ   ।।

ଏ ସାରା ଜଗତେ ତୁମେ ମୋ ପାଇଁ
        ଗୁରୁ ମଧ୍ୟେ ସର୍ବଶ୍ରେଷ୍ଠ,
ହାତ ଧରି ମୋର ଲେଖା ଶିଖେଇଛ
        ପଢ଼ାଇଛ କେତେ ପାଠ   ।।

ଆଜି ଯାଏ ମୁଁ ମଗିଅଛି ଯାହା ଥୋଇ
        ଦେଇଛ ମୋ ପାଖେ,
ତୁମେ ପରା ମୋର ଜୀବନ୍ତ ଈଶ୍ୱର
        ହଉଥାଅ ସର୍ବମୁଖେ   ।।

ପଲ୍ଲିକଣ୍ଡା,ଏରସମା,ଜଗତସିଂହପୁର
ମୋ -୯୧୭୮୮୦୪୬୪୫

ISSN NO.
2582-208X

# ମଙ୍ଗଳମୟ ଶିବ



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ଶିବ ସଦାଶିବ ଶିବ ମହେଶ୍ୱର
ଶିବ ହିଁ ପରମେଶ୍ୱର
ଆଶୁତୋଷ ନାମ ବହିଛନ୍ତି ଯେଣୁ
କୋପେ ତପେ ଦେଇ ବର ।
ଫାଲଗୁନ ମାସର କୃଷ୍ଣ ଚତୁର୍ଦ୍ଦଶୀ
ତିଥି ଆବିର୍ଭାବ ହେଲେ
ବ୍ରହ୍ମା ବିଷ୍ଣୁ ଶିବ ତିନି ରୂପ ଧରି
ସୃଷ୍ଟି ପାଳନ କରିଲେ ।
ସର୍ଜ୍ଜନା କରିଲେ ବ୍ରହ୍ମା ଦେବ ସୃଷ୍ଟି
ପାଳିଲେ ବିଷ୍ଣୁ ମୁରାରୀ
ମହାଦେବ ମହେଶ୍ୱର ମଙ୍ଗଳରେ
ଦୁଷ୍ଟଙ୍କୁ ଦେଲେ ସଂହାରି ।
ପାପ ତାପ ଅବା ଅଜ୍ଞାନ ଅନ୍ଧାର
ନାଶିଥାନ୍ତି ମହେଶ୍ୱର
ଜୀବନେ ଭରନ୍ତି ଚେତନା ଆଲୋକ
କୁକର୍ମ ନାଶି ଜୀବର ।
ପ୍ରତିଗ୍ରାମେ ପ୍ରତି ଜନପଦେ ଅଛି
ମହାଦେବଙ୍କ ମନ୍ଦିର
ଅଳ୍ପରେ ସନ୍ତୁଷ୍ଟ ହୋଇଥାନ୍ତି ସିଏ
ଦୁଃଖ ଶୁଣନ୍ତି ଦୁଃଖିର ।
ଦ୍ୱାଦଶ ପ୍ରକାର ଜ୍ୟୋତିର୍ଲିଙ୍ଗ ଅଛି
ସାରା ଭାରତ ଭୂମିରେ

ISSN NO.
2582-208X

ସୋମନାଥ ମଲ୍ଲିକାଅର୍ଜୁନ ପୁଣି
ମହାକାଳେଶ୍ୱର ଉଜ୍ଜୟିନୀରେ ।
ରାମ ଓ ରାବଣ ଉଭୟ ପୂଜିଲେ
ଅତ୍ୟନ୍ତ ଭକ୍ତି ଭାବରେ
ରାମେଶ୍ୱର ଠାରେ ସ୍ଥାପିତ ହୋଇଲେ
ପ୍ରସନ୍ନ ହେଲେ ଇଶ୍ୱରେ ।
ବାରାଣାସୀ ଠାରେ ବିଶ୍ୱେଶ୍ୱର ଆଉ
ଘୃଷ୍ଣେଶ୍ୱର ମହାରାଷ୍ଟ୍ରେ
ତ୍ରୈମ୍ବକେଶ୍ୱର ସ୍ଥାପିତ ଅଛନ୍ତି
ନାସିକ ସହର ଠାରେ ।
ମଧ୍ୟ ପ୍ରଦେଶରେ ଓମକାରେଶ୍ୱର
ହିମାଳୟରେ କେଦାର
ଭୀମଶଙ୍କର ରହିଛନ୍ତି ପୁଣି
ମହାରାଷ୍ଟ୍ରର ମଧ୍ୟର ।
ନାଗେଶ୍ୱର ଆଉ ବିହାରେ ଅଛନ୍ତି
ବୈଦ୍ୟନାଥ ମହେଶ୍ୱର
ଏହିପରି ଭାବେ ଘେରି ରହିଛନ୍ତି
ଜ୍ୟୋତିର୍ଲିଙ୍ଗ ଶିବ ବାର ।
ଉଜାଗର କରିବାକୁ ଚେତନାକୁ
ନାଶିବାକୁ ଅଜ୍ଞାନତା
ମଙ୍ଗଳ କରଣେ ବିଶ୍ୱ କଲ୍ୟାଣେ
ଲାଗି ରହିଛନ୍ତି ସଦା ।
ଦୁଗ୍ଧ, ମଧୁ, ଆଉ ବିଲ୍ୱପତ୍ର ଦେଇ
ମାଗୁଣି ହେ ବରାଭୟ
ରକ୍ଷାକର ଶିବ ଏ ସାରାସଂସାର
ବିଶ୍ୱ ହେଉ ମଧୁମୟ ।

ପ୍ଲଟ ନ.-୪୬୧୯/୨୧, ପୋଖରୀପୁଟ ବିଲେଜ,
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର

ISSN NO.
2582-208X

# ପାଣି



ଅଧର ବିଶ୍ୱାଳ

ବୋଉ କହୁଥିଲା ଶାବି ମାଉସୀର ପିଲାପିଲି ହଉନଥିଲା, ବହୁତ ବ୍ରତ ଉପବାସ କରିକରି ଏକାବେଳେକେ ଦୁଇଟା ପୁଅ ହେଲା, ଯାଆଁଳା । ଯାଆଁଳା ବୋଲି ମଉସା ନାଁ ଦେଇଥିଲେ ଲବ ଓ କୁଶ । ମାଉସୀ କିନ୍ତୁ ଡାକେ ନବା, କୁଶା । ଗାଁରେ ମଧ୍ୟ ସେହି ନାଁରେ ଡାକନ୍ତି । ମଉସା ପ୍ରାଇମେରୀ ସ୍କୁଲର ଶିକ୍ଷକ ଥିଲେ, ତେଣୁ ଲବ କୁଶକୁ ନିଜେ ପଢ଼ାନ୍ତି । ଦୁଇଜଣ ଯାକ ଭଲ ପଢ଼ନ୍ତି । ଗାଁରେ ସ୍କୁଲ ପଢ଼ାସାରି ଦୁଇଜଣଯାଙ୍କ ସହରରେ ପଢ଼ିଲେ ।

ମଉସାଙ୍କର ଦରମା ବହୁତ କମ । ଲବ କୁଶ ଗାଁରେ ପଢୁଥିଲା ବେଳେ ଚଳିଯାଉଥିଲା କିନ୍ତୁ ଏ ସହରୀ ପଢ଼ାକୁ ପଇସା ଅଣ୍ଟିଲାନି । ମଉସାଙ୍କୁ ଜମି ଦୁଇ ମାଣ ବିକ୍ରି କରିବାକୁ ପଡ଼ିଲା । ମଉସା ଅବସର ନେବାର ପନ୍ଦର ବର୍ଷ ପରେ ଚାଲିଗଲେ । ସେତେବେଳକୁ ଲବ କୁଶଙ୍କର ବାହାଘର ସରିଯାଇଥାଏ, ଚାକିରୀ ବି କରିସାରିଥାନ୍ତି । ଦୁଇ ବୋହୁ ମଧ୍ୟ ଚାକିରିଆ । ଲବର ଗୋଟିଏ ପୁଅ, କୁଶର ଦୁଇଟି ଝିଅ । ପୁଅ-ବୋହୂ ନାତିନାତୁଣୀମାନଙ୍କ ଗହଣରେ ମାଉସୀକୁ କିଛି ଅସୁବିଧା ହୁଏ ନାହିଁ । ଚାକିରିଆ ହେତୁ ସମସ୍ତେ ବାହାରେ ରୁହନ୍ତି । ମାଉସୀ କିନ୍ତୁ ଗାଁ ଛାଡ଼ିବାକୁ ଅମଙ୍ଗ । ପିଲାମାନେ ମଝିରେ ମଝିରେ ଆସନ୍ତି । ମାଉସୀର ଶ୍ୱାସ ରୋଗ ଥିଲା ।

ବୟସ ଥିଲାବେଳେ ଏତେଟା ଜଣାପଡୁନଥିଲା, ବୟସ ବଢ଼ିବା ସଂଗେ ସଂଗେ ରୋଗଟା ମଧ୍ୟ ବଢ଼ିଚାଲିଲା । ମାଉସିକୁ ଏକା ଚଳିବାକୁ ଭାରି ଅସୁବିଧା ହେଲା । ସାଇପଡ଼ିଶା ବି କେତେ କରିବେ । ବର୍ଷା ଓ ଶୀତ ଦିନରେତ ମାଉସୀ କତରାଲଗା ହୋଇଯାଏ । ସ୍ଥିରକଲା ପୁଅମାନଙ୍କ ପାଖକୁ ପଳେଇବ । ପୁଅମାନଙ୍କ ପାଖକୁ ଖବର ଦେଲା । ବହୁ ଦିନପରେ ଦୁଇ ପୁଅଯାଙ୍କ ପହଁଚିଲେ । ଘରେ ଯାହା ଥିଲା ବିକିରିବଟା କରି ପଡୋଶୀକୁ ଚାବି ଧରାଇ

ISSN NO.
2582-208X

ମାଉସୀଙ୍କୁ ସହରକୁ ନେଇଆସିଲେ । ମାଉସୀ ବଡପୁଅ ପାଖରେ ରହିଲା । ବଡ଼ପୁଅର ସରକାରୀ ବଙ୍ଗଳା । ସାନପୁଅ ଭଡ଼ାଘରେ ରୁହେ । ଛୋଟ ବଙ୍ଗଳା ହେଲେ ମଧ୍ୟ ବହୁତ ସୁନ୍ଦର । ବଙ୍ଗଳା ପାଖକୁ ଲାଗି ଛୋଟ ବଗିଚାଟିଏ ମଧ୍ୟ । କଲମୀ ଆମ୍ବ ଗଛ ସାଙ୍ଗକୁ ବିଭିର୍ନ ଫୁଲଗଛମାନ ବଗିଚାରେ ଲାଗିଛି । ବଙ୍ଗଳା ଓ ବଗିଚାକୁ ଲାଗି ସରଭ୍ୟାଣ୍ଟ କ୍ୱାର୍ଟର ଟିଏ ଅଛି । ମାଉସୀର ବଗିଛଟା ଭାରି ମନକୁ ପାଇଲା, ପଚାରିଲା ଆରେ ନବା ଏ ଘରଟାରେ କିଏ ରହୁଛି କି ? ଲବ କହିଲା ସେଇଟା ଆଳିମାଳିକା ଘର । ମାଉସୀ ଜିଦି ଧରିଲା ସେହି ଘରେ ରହିବା ପାଇଁ ।

ତାହାହିଁ ହେଲା, ସେ ଘର ସଫା ହେଲା, ମାଉସୀ ସେଇଠି ରହିଲା । ମାଉସୀ ଘରର ଟୁକୁରା ମୁକୁରା କାମ କରେ, ନାତି ସାଙ୍ଗରେ ଖେଳେ । ମାଉସୀ ଜାଣିଛି ଏଠି ଶ୍ରେଣୀ ନାହିଁ, ଏଠି ସମସ୍ତେ କେଜିରେ ପଢନ୍ତି । ନାତି କେଜିରେ ପଢିବାକୁ ଯାଏ । ସକାଳୁ ପୁଅ ନେଇକି ଯାଏ ଛାଡିବାକୁ, ଉପରବେଳା ବହୁ ନେଇକି ଆସେ । ମାଉସୀ ବୁଝିନେଇଛି ଦୁଇ ଜଣଙ୍କ ଭିତରେ ପାଳି ହେଇଛି ବୋଲି । କେଉଁ କେଉଁ ଦିନ ଚାକରାଣୀ ମଲ୍ଲୀ ମଧ୍ୟ ନବାଆଣିବା କରେ । ମଲ୍ଲୀ ରୋଷେଇବାସ ସାରିଲେ ମାଉସୀ ତାକୁ ଗପିବାକୁ ଡାକେ । ପାନ ଡାଲାଟା ଓ ଗପର ପସରା ବହୁତ ସମୟ ପର୍ଯ୍ୟନ୍ତ ମେଲା ରୁହେ । ଅନ୍ୟବେଳେ ମାଉସୀ ସେ ଝରକା ପାଖରେ ବସି କଲିମି ଆମ୍ବ ଗଛରେ ବସା ବାନ୍ଧିଥିବା ଚଢେଇ ମାନଙ୍କୁ ଦେଖେ । ବାହାର ରାସ୍ତା ଘାଟ ତାକୁ ଜଣା ନାହିଁ, ତେଣୁ ବାହାରକୁ ଯାଏନା । ମାଉସୀ ଖୁସିରେ ଥାଏ ।

ଦିନେ ରାତିରେ ପୁଅ ବହୁ ଦୁଇଜଣ ଆସି ମାଉସୀର ଜିନିଷପତ୍ର ସଜାଡିବାରେ ଲାଗିଲେ, ମାଉସୀ ଭାବିଲା ମୋତେ ଘର ଭିତରେ ରହିବାକୁ କହିବେ । ତେଣୁ ମାଉସୀ କହିଲା ନବାରେ, ମୋ ଧନଟା, ମୁଁ ଏଇଠି ଠିକ ଅଛି, ମତେ ଆଉ ଭିତରକୁ ଯିବା ପାଇଁ କହନା । ଲବ କହିଲା ନାଇଁ ବୋଉ, କାଲିଠାରୁ ତୁ କୁଶ ଘରକୁ ଯିବୁ, ମାଉସୀ ନିରବ ରହିଲା, ତାର ଆଉ ବୁଝିବାକୁ ବାକି ରହିଲାନି ଯେ, ନବାର ପାଳି ସରିଗଲା ଏବେ କୁଶାର ପାଳି । ସକାଳୁ ସକାଳୁ ଲବ କହିଲା ବୋଉ ବାହାରି ପଡ କୁଶ ଘରକୁ ଯିବା । କାଲି ରାତି ଠାରୁ ଏବେ ପର୍ଯ୍ୟନ୍ତ ମାଉସୀର ପାଟିରୁ ପଦିଏ ହେଲେ କଥା ବାହାରି ନାହିଁ । ଚୁପ ଚାପ ଯାଇ ଗାଡ଼ିରେ ବସିଲା । ଗଲା ବେଳକୁ ନାତି ଟୋକାଟା ଭାରି ଅଳି କଲା । କହିଲା ଆଉ ପାଞ୍ଚ ଦିନ ପରେ ମୋର ଜନ୍ମ ଦିନ ହବ, ଜେଜୀମା ତୁମେ ଗାଁକୁ କାହିଁକି ଯାଉଛ । ତା ନିଷ୍କାପ ହୃଦୟରେ ସେ

ISSN NO.
2582-208X

କଣ ଜାଣିଛି ଯେ ଏଠି ଜେଜୀମାର ପାଳି ସରିଗଲା ବୋଲି । ମାଉସୀ ଏହିଭଳି ପାଳିକରି ଦୁଇ ପୁଅଙ୍କ ପାଖରେ ରୁହେ । କିନ୍ତୁ ଆଗ ଭଳି ଆଉ ସରାଗ ନଥାଏ । କୌଣସି ନାତି ନାତୁଣୀଙ୍କର ଜନ୍ମ ଦିନରେ ସାମିଲ ହୋଇ ପାରେନା, କାରଣ ଠିକ ବେଳକୁ ପାଳି ସରିଯାଇଥାଏ ।

ମାଉସୀ ଲବ ଘରେ ଯେତେ ଦିନ ରୁହେ, କଲମୀ ଆମ୍ବ ଗଛରେ ବସା ବାନ୍ଧିଥିବା ଚଢେଇ ମାନଙ୍କୁ ଖୁବ ନିରେଖି ଦେଖେ । ଚଢେଇମାନେ କାଠିକୁଟା ଆଣି ବସା ବାନ୍ଧନ୍ତି, ଅଣ୍ଡା ଦିଅନ୍ତି। ମାଉସୀର ଭାରି ଇଛା ହୁଏ ଚଢେଇ ଛୁଆ ମାନଙ୍କୁ ଦେଖିବାକୁ । କିନ୍ତୁ ଦେଖି ପାରେନା, କାରଣ ପାଳି ସରିଯାଇଥାଏ । ମାଉସୀର ବସା ବଦଳେ, କିନ୍ତୁ ଚଢେଇ ମାନଙ୍କର ସେଇ କଲମୀ ଆମ୍ବ ଗଛ ଡାଳରେ ଥାଏ । ଦ୍ଵିତୀୟ ପାଳିକୁ ଆସିଲାବେଳକୁ, ଚଢେଇ ଛୁଆମାନେ ବଡହୋଇ ଉଡିଯାଇଥାନ୍ତି । ମନେ ମନେ ମଉସାଙ୍କୁ କୁହେ, ଦେଖ, ତମେ ପାଳିରେ ମରିନଥିଲ, ମୁଁ କିନ୍ତୁ ପାଳିରେ ମରିବି । ତମ ଦୁଇ ପୁଅ, ମୋତେ ପାଳିକରି ପାଳିବେ ।

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ବାନ୍ଧି ରଖ ନା ମତେ



ଗଜାନନ ମିଶ୍ର

ବାନ୍ଧି ରଖ ନା ମତେ
କୌଣସି ମାଟିରେ
କି ଆକାଶରେ
କି ଆଶାରେ
କି ଭାଷାରେ
କି ଜାତିରେ
କି ଧର୍ମରେ
କି ରଙ୍ଗରେ
କି ରସରେ ।

କୌଣସି ଆକାରରେ
ନାଇଁ ମୁଁ, ନାଇଁ
କୌଣସି ନିଆଁରେ
କୌଣସି ଧୂଆଁରେ
କୌଣସି କିମିଆଁରେ ।

ମୋ ସହ
ନାଇଁ କେହି କୋଉଠି,
ଆଉ ମୁଁ ଏଠି
ମୋର ଖୁସିରେ
ମୋର ହସିରେ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ବଣମଲ୍ଲୀ



ପ୍ରଶାନ୍ତ କୁମାର ପାଢୀ

ବଣରେ ଫୁଟି ମୁଁ ଅଦୃଶ୍ୟରେ ଝଡେ
ଅଟେ ସେହି ବଣମଲ୍ଲୀ
ଅଲୋଡା ଅଖୋଜା ଜୀବନ କାହାଣୀ
ଲେଖୁ ଲେଖୁ ଲେଖିଦେଲି ।୧।
ବିତରି ନପାରି ବାସନା ମୋହର
ଅବେଳାରେ ଝଡିଗଲି
ଭାଗ୍ୟକୁ ଆଦରି ଭଗ୍ନ ହୃଦୟରେ
ମନେ ମନେ କାନ୍ଦୁଥିଲି ।୨।
ଦୁଃଖର ହିସାବ ସୁଖର ଖାତାରେ
ଲେଖିବାକୁ ଭୁଲିଗଲି
ସାଇତା ଅତୀତ କେଉଁଠି ହଜିଛି
ସପନକୁ ପଗ୍ଭରିଲି ।୩।
ହଜାଇ ଠିକଣା ବଣରେ ମୋହର
ଘରଟିଏ ଡୋଳଥିଲି
ସୁଗନ୍ଧ ବାସ୍ନାର ପରିଚୟ ମୋର
ହସୁଥିଲି ଖିଲିଖିଲି ।୪।

ସିଆରସିସି,
ନୀଳକଣ୍ଠପୁର କ୍ଲଷ୍ଟର, ଯାଜପୁର

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

|| ୧୮ ଦୃଶ୍ୟ ||

(ଭାରତ ମଦମସ୍ତ ଭାବେ ଟଳ ଟଳ କହୁଥାଏ)

ଭାରତ- ୟୁ ଓଲଡ୍ ମେନ ମୋ ନିଜସ୍ୱ ଅଧିକାରକୁ ଛଡ଼େଇନେଇ ରମଣ ନାମରେ ସିଂହ ପରିବାରର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଉଇଲ କରିବ! ନୋ ନେଭର, ମୁଁ ତାହା କେବେ କରିବାକୁ ଦେବିନାହିଁ। ଭଲରେ ନେଦେଲେ ଜୋର ଜବରଦସ୍ତ ମୁଁ ମୋ ଅଧିକାରକୁ ଛଡେଇ ଆଣିବି। ଇୟେସ ଇଟ ଇଜ ମାଇଁ ପ୍ରମିଶ।

ରମଣ- କଣହେଲା ଭାରତ ତୁ ଏମିତି ଏକା ଏକା କାହା ସହିତ ବକ ବକ ହେଉଛୁ? ଆରେ ତୁ ମଦ ପିଇଛୁ?

ଭାରତ- ତ କଣ ହୋଇଗଲା ସେଉଠୁ? ମଦ ପିଇବା କଣ ମହାପାପ? ହଁ ମୁଁ ମଦ ପିଇଛି। ଆଉ ପିଇବି ମଧ....(ଟଳ ଟଳ ପଡିଯିବା ସମୟରେ ରମଣ ଧରିନିଏ)

ଭାରତ- ଖବରଦାର! ଡୋଣ୍ଟ ଟଚ ମି। ଆଇ ଆମ ଓକେ।

ରମଣ- ଭାରତ! ମୋ ଭାଇଟା ପରା କାହିଁକି ତୁ ଏମିତି ଅମାନିଆ ହେଉଛୁ କହିଲୁ? ଏ ବଂଶର ପରମ୍ପରା ମାନ ମର୍ଯ୍ୟାଦାକୁ କଣାପାଇଁ ଲୋକହସା କରାଉଛୁ? ମଦ ପିଇବା,

ISSN NO.
2582-208X

ହୋଟେଲ, ଲଜ ଏଟେଣ୍ଡ କରିବା ତୋ ପକ୍ଷେ କଣ ଶୋଭା ପାଉଛି? ମୋ ସୁନା ଭାଇଟା ପରା ମୋ କଥା ମାନ ଏସବୁ କୁ-ଅଭ୍ୟାସ ଛାଡ଼ିଦେ।

ଭାରତ- ନଦୀ ଯାଇ ସମୁଦ୍ରରେ ମିଶିଗଲା ପରେ ଆଉଥରେ ନଦୀ ହୋଇପାରେନା ଭାଇ। ଭାରତ ସିଂହ ପିଇବ।ପିଇ ପିଇ ମାତାଲ ହେବ। ସେଥିରେ ତୁ ମୁଣ୍ଡ ପୂରେଇବା ଆବଶ୍ୟକ ନାହିଁ।

ରମଣ- କାହିଁକି କଣାପାଇଁ? କୁ-ଅଭ୍ୟାସରେ ଲିପ୍ତ ରହି କେତେଜଣ ଏ ଦୁନିଆରେ ଭଲ ମଣିଷ ହୋଇଛନ୍ତି? କଏ କହିବ ମଦ ପିଉଥିବା ଲୋକର ମାନ ସମ୍ମାନ ଅଛି।

ଭାରତ- ତୁ ମନ୍ଦିର ତୋଳ ନାଁ କର।ମୁଁ ଚୁଲିରେ ମଳ ତ୍ୟାଗ କରି ନାଁ କରିବି। ତୋ କାମ ଅଲଗା ମୋ କାମ ଅଲଗା । ତୁ ଜନାଦୃତ ହେବୁ ମୁଁ ଅମଣିଷ ହେବି।

ରମଣ- ଅବୁଝା ହୁଅନାରେ । ମୋ ସୁନା ଭାଇ ମୋ କଥା ମାନବ। ଦେଖ ମଣିଷ ହେବା ଅମଣିଷ ହେବା ନିଜ ଉପରେ ନିର୍ଭର କରେ। ତୁ ଯଦି ଚାହିଁବୁ ଏ କୁଅଭ୍ୟାସ ଛାଡି ଭଲ ମଣିଷ ହୋଇଯିବୁ।

ଭାରତ- ଦରକାର ନାହିଁ ଭଲ ମଣିଷଟେ ହେବା। ଆଦୌ ନୁହେଁ। ଦୂର ହୋଇଯାଅ ମୋଠାରୁ...

କୈକେୟୀ- (ପ୍ରବେଶି) ତୁ ମଦ ପିଇ ଘରକୁ ଫେରିବୁ ତୋତେ ସେ ଭଲ କଥା କହି ବୁଝାଇଲେ ତାକୁ ଦୂର ହେଇଯିବାକୁ କହିବୁ? ଜାଣୁ ତୋର ଏଭଳି କାର୍ଯ୍ୟ ପାଇଁ ତୋ ବାପା ସମସ୍ତ ସମ୍ପତ୍ତି ରମଣ ନାଁରେ କରିଦେଉଛନ୍ତି।

ଭାରତ- ସେଇଥିପାଇଁ ତ ମୁଁ ଆଜି ପେଟେ ମଦ ପିଇ ଆସିଛି। ଆଜି ଗୋଟେ ଫଇସଲା ହେବ। ରମଣ ଏକା ଏକା ମାରିନେବ ଅଥଚ ମୁଁ ଜଳକା ହୋଇ ଚାହିଁଥିବି।

ISSN NO.
2582-208X

ରମଣ- ନା ନା ମୋର ସେସବୁ କିଛି ଦରକାର ନାହିଁରେ। ତୁ ଜଣେ ଭଲ ମଣିଷ ହୋଇଯା ଦେଖିବୁ ଡାଡି ତୋହରି ନାଁରେ ସବୁ ସମ୍ପତ୍ତି ଉଇଲ କରିଦେବେ।

କୈକେୟୀ- ରମଣ ଏଇ ତୋ ଡାଡି ଏଇପଟକୁ ଆସୁଛନ୍ତି। ତୁ ଭରତକୁ ନେଇ ଏଠାରୁ ପଳେଇ ଯା।

ରମଣ- ଚାଲ ଭରତ ପଳେଇଚାଲ। ଡାଡି ଏଠିକୁ ଆସିବା ପୂର୍ବରୁ ଶୀଘ୍ର ପଳାଇଚାଲ। (ଭରତକୁ ଧରି ପ୍ରସ୍ଥାନ ସମୟରେ)

ଦଶ-(ପ୍ରବେଶି)- ତାକୁ ଏକା ଏକା ଯିବାକୁ ଦେ ରମଣ।

ରମଣ- ଡା...ଡା..ଡାଡି ଆପଣ...?

ଦଶ- ପାପକୁ ଯେତେ ଲୁଚେଇବାକୁ ଚେଷ୍ଟା କଲେ ମଧ ଭୂମିକମ୍ପର ଲାଭା ଭଳି ପଦାକୁ ବାହାରିଆସେ।

କୈକେୟୀ- ତୁମେ କଣ ଏମିତି କହୁଛ! ଆରେ ବାପା! ତୋର ପରା ଦେହ ଭଲ ନାହିଁ, ଯା ତୋ ବେଡ଼ରେ ଶୋଇବୁ ଯାଆ।

ଦଶ- ନିଆଁକୁ କେତେଦିନ ତମ ପଣତ କାନି ତଳେ ଘୋଡାଇ ରଖିବ କୈକେୟୀ?

କୈକେୟୀ- ନିଆଁ...?

ଦଶ- ହଁ ନିଆଁ। ନିଆଁ ଲାଗିଯାଇଛି ଏ ଘର ବଂଶ ପରମ୍ପରାରେ। ତୁମେ ତାକୁ ଛାଡିଦିଅ କୈକେୟୀ ମୁଁ ଆଜି ଦେଖିବାକୁ ଚାହେଁ ମୋ ରକ୍ତରେ ଗଢ଼ା ମୋ ପ୍ରତିକୃତି ଆଜି ନିଜ ଗୋଡ଼ରେ ଛିଡା ହୋଇ ପାରୁଛି କି ନା।

କୈକେୟୀ- ମୋ କଥା ମାନ ଯାହା କହିବା କଥା ଆସନ୍ତା କାଲି ସକାଳେ କହିଲେ ହେବନାହିଁ।

ISSN NO.
2582-208X


ଦଶ- ତୁମେ ଜାଣ କୈକେୟୀ କେବଳ ତୁମରି ପାଇଁ ଏ ବଂଶରେ ଆଜି ଜଣେ ରାକ୍ଷସ ସୃଷ୍ଟି ହୋଇଛି। ତୁମରି ଅଯାଚତ ସ୍ନେହ ଶ୍ରଦ୍ଧା ପାଇ ସେ ନିଜ ବାପ ଆଗରେ କେମିତି ଛିଡା ହୁଅନ୍ତି ସେତକ ମଧ୍ୟ ଭୁଲି ଯାଇଛି।ଏ ରାକ୍ଷସ ମୋ ବଂଶର ଅମର୍ଯ୍ୟାଦା କରିଛି। ମନ୍ଦିର ଭଳି ଘରକୁ ଅପବିତ୍ର କରିଛି।ମୁଁ ତାକୁ କେବେବି କ୍ଷମା ଦେବିନାହିଁ।

(ଧରିଥିବା ନିଜସ୍ୱ ଷ୍ଟିକଦ୍ୱାରା ଭରତକୁ ପିଟନ୍ତି।) କହ କହ ଭରତ ମୁଁ ତୋର କୋଉ କଥାରେ ଅଭାବ ରଖିଛି ତୁ ଏଭଳି ମଦ ପିଉଛୁ? କହ କୁଳାଙ୍ଗାର କହ (ପିଟନ୍ତି)

ରମଣ- ପ୍ଲିଜ ଡାଡି ମୁଁ ଆପଣଙ୍କ ଗୋଡ଼ ଧରି ନେହୁରା ହେଉଛି ଭରତର ଏ ଭୁଲ ପାଇଁ ତାକୁ କ୍ଷମା କରି ଦିଅନ୍ତୁ।

ଦଶ- ହଟିଯା ହଟିଯା ରମଣ ତା ସମ୍ନାରୁ ହଟିଯା ମୁଁ ଆଜି ଏଇଟାକୁପିଟି ପିଟି ମାରିଦେବି। (ଷ୍ଟିକ ଉଠାନ୍ତୁ ପିଟିବାପାଇଁ। କୈକେୟୀ ଧରି ନିଏ)

କୈକେୟୀ- ହଁ ମାରିଦିଅ ତାକୁ ଜୀବନରୁ ମାରିଦିଅ। ତା ସହିତ ମୋତେ ବି ମାରିଦିଅ। ମୁଁ ମରିଗଲେ ନିଜ ପୁଅ ଉପରେ ହେଉଥିବା ମାଡ଼ ତ ଦେଖି ପାରିବିନି।

ଦଶ- କୈକେୟୀ....(ଷ୍ଟିକ ଫିଙ୍ଗି ପିଲାଙ୍କ ଭଳି କାନ୍ଦି ଉଠନ୍ତୁ)

ରମଣ- (ଧରିନେଇ) ଡା..ଡି!

ଦଶ- ତୁ ଜାଣୁ ରମଣ ଏ ହତଭାଗା ଆଜି ମଦମସ୍ତ ଭାବେ ରାସ୍ତା ରେ ଜଣେ ଝିଅକୁ ଟଣା ଓଟରା କରୁଥିବା ସମୟରେ ପୋଲିସ ଧରି ଥାନାକୁ ନେଇ ଯାଇଥିଲା। ଯେଉଁ ବଂଶର ବୁନିୟାଦ ପୋଲିସ ଥାନା କୋଉଠି ଜାଣିନଥିଲା। ସେଇ ବଂଶରେ ଆଜି ମୋହରି ପ୍ରତିକୃତି ପୋଲିସର ହାତକଡ଼ା ପିନ୍ଧିଥିଲା।(କାନ୍ଦନ୍ତୁ)

ରମଣ- ବହିଯାଇଥିବା ପାଣିକୁ ଆଉ ଫେରାଇ ହେବନାହିଁ ଡାଡି। ଯାହା ହେବାର ଥିଲା ହୋଇଗଲା। ଆପଣଙ୍କୁ ଭଗବାନଙ୍କ ନିୟମ ଭରତକୁ ଏଇଥର କ୍ଷମା କରିଦିଅନ୍ତୁ।

ISSN NO.
2582-208X

ଦଶ– ହଁ ବାପ ହୋଇ ପୁଅର କୁକର୍ମ ପାଇଁ ଧୃତରାଷ୍ଟ୍ର ଭଳି କ୍ଷମା ଦେବି ନାହିଁତ ଆଉକଣ କରିପାରିବି ମୁଁ। ତିନ ତୁଣ୍ଡରେ ଛେଳି କୁକୁର ହୋଇ ଫେରବାକୁ ହେବ, ହଁ ହଁ ଫେରିବାକୁ ହେବ(ପ୍ରସ୍ଥାନ)

ରମଣ– ଡା..ଡି...!

ଭରତ– ଓଲଡ଼ ମେନ ନିଜକୁ ନିଜେ ଭାରି ଶକ୍ତିଶାଳୀ ଭାବିଛି ନୁହେଁ । ଓକେ, ତଳ ବରଡା ଖସୁଛି ଉପର ବରଡା ସହୁଛି। ସହିବାର ଗୋଟେ ସୀମା ବି ଥାଏ। ସୀମା କ୍ରସ କଲେ ଭରତ ସିଂହ କଣ କରିପାରେ ତାହା ମୁଁ ଦିନେ ଦେଖାଇଦେବି।

କୈକେୟୀ– ଆରେ ବାପା ତୋର କିଛି ହୋଇନାହିଁ ତ?

ଭରତ– ହେବାପାଇଁ ଆଉ କଣ ବାକି ରହିଲା? ସେ ଓଲଡ଼ ମେନର ଏଭଳି ହରକତ ପାଇଁ ମୁଁ ଆଜି ନିରବରେ ସବୁ ସହିଗଲି କିନ୍ତୁ...

ରମଣ– ଭରତ ତୁ ଡାଡିଙ୍କ ପ୍ରତି ଏଭଳି ଅସମ୍ମାନ ଭାଷା କଣପାଇଁ ପ୍ରୟୋଗ କରୁଛୁ?

ଭରତ– ତୋ ପାଇଁ ଖାସ ତୋହରି ପାଇଁ ସେ ବୁଢା ଡାଡି ହୋଇ ପାରେ ହେଲେ ମୋ ପାଇଁ ସେ ଓଲଡ଼ ମେନ।

ରମଣ– (ଭରତକୁ ଥପଡ଼ ମାରେ) ଶାଳୀନତାର ସୀମା ଟପିବାକୁ ପ୍ରୟାସ କରନା ଭରତ। ଯାହାକୁ ଯେମିତି ସମ୍ମାନ ଦେବା କଥା ଆପାତତଃ ତାହା ତୋତେ କରିବାକୁ ହେବ। ହଁ ମୁଁ ମାନୁଛି ଡାଡି ବୃଦ୍ଧ ହେଲେଣି ତାମାନେ ନୁହେଁ ଆମେ ତାଙ୍କୁ ଅସମ୍ମାନ କରିବା।

ଭରତ– ମୁଁ ଦେଖୁଛି ତୁମେ ସମସ୍ତେ ଗୋଟିଏ ଭାଡ଼ିର ପାଲ୍। ଯିଏ ପାରିଲା ଭରତକୁ ଶାସନ ଚାବୁକରେ ପିଟିବାକୁ ତୟାର। ହେଲେ ଆଉ ନୁହେଁ ଭାଇ ତୁମେ ସମସ୍ତେ ମୋର ଶତ୍ରୁ ପରମ ଶତ୍ରୁ। ଆଉ ଶତ୍ରୁମାନଙ୍କୁ କେମିତି ଶାସନ କରିବାକୁ ହୁଏ ସମୟ ଆସିଲେ ତାହା ମୁଁ ଦେଖାଇଦେବି।

ISSN NO.
2582-208X

ରମଣ– ଆରେ ଏ ଦୁନିଆର ରୀତି ନୀତି ବଦଳିବା ସହିତ ତୁ ବି ବହୁତ ବଦଳି ଯାଇଛୁ। ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କର। ଦେଖିବୁ ତୁ ହସିଲେ ଆମେ ସମସ୍ତେ ତୋ ହସରେ ତାଳ ଦେଇ ହସି ଉଠିବା।

ଭରତ– ବନ୍ଦକର, ବନ୍ଦକର ସେସବୁ ତାଳପକା କଥା। ମୋର ହସ ଦରକାର ନାହିଁ। ମୋର ଦରକାର ମୋ ସମ୍ପତ୍ତିର ଉତ୍ତରାଧିକାର। ତା ନହେଲେ ମୁଁ କାହାରି ହେବିନାହିଁ। ଏପରିକି ନିଜ ଜନ୍ମକରା ମା'ର ମଧ୍ୟ।

କୈକେୟୀ –ଭ–ର–ତ!

ରମଣ– –ଭ–ର–ତ!

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି–୭୪, ସେକ୍ଟର–୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X


# ଅନ୍ୟାୟ ସହିତ ଲଢ଼ିବା



ହରେଗ୍ରମ ପଣ୍ଡା

ଏ ଦେଶକୁ ରାମରାଜ୍ୟ କରିବାକୁ
ଗାନ୍ଧିଜୀ ସପନ ଦେଖିଥିଲେ,
ସେଥିପାଇଁ ସତ୍ୟ ଶାନ୍ତିର ବାରତା
ଆମରି ଦେଶକୁ ଦେଇଥିଲେ ।
ସ୍ୱାଧିନ ହୋଇଛି ଆମ ଦେଶ ଆଜି
ଗଡ଼ିଚାଲେ ପ୍ରଗତିର ରଥ,
ସାରା ଜଗତରେ ଆଦର୍ଶ ବୋଲାଏ
ଆମ ଗଢ଼ା ନବୀନ ଭାରତ ।
ଦିନକୁ ଦିନ ଯେ ଯୁଗ ବଦଳୁଛି
ବଦଳି ଯାଇଛି ଆମ ଦେଶ,
ହେଲେ ହେଁ ଆଦର୍ଶ ନୀତି, ନୈତିକତା
ଭୁଲି ଯାଇଅଛି ଏ ମଣିଷ ।
ଅନ୍ୟାୟ, ଅନୀତି, ଶୋଷଣ, ଦୁର୍ନୀତି,
ଲୁଣ୍ଠନ, ଧର୍ଷଣ ବଢ଼ିଚାଲେ,
ରକ୍ଷକ ସାଜିଛି ଭକ୍ଷକ ଏଠି
ଗରୀବ ଦୁଃଖରେ କାନ୍ଦି ମରେ ।
ଆସ ଆଜି ଆମେ ଆମ ଦେଶପାଇଁ
ଭଲକାମ କିଛି କରିବା,
ଜୀବନରେ କେବେ ଡରିବାନି କାରେ
ଅନ୍ୟାୟ ସହିତ ଲଢ଼ିବା ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

ଅପ୍ରେଲ - ୨୦୨୨
www.vedantimagazine.com
ISSN NO. 2582-208X

# ମାନସିକ ଯନ୍ତ୍ରଣା



ଭ୍ସ୍କର ଚନ୍ଦ୍ର ଖଣ୍ଡା

ଜ୍ଞାତ ଆଉ ଅଜ୍ଞାତ ସାରର ଲୁଚକାଳି ଭିତରେ
ବୁଝାଇବ କେତେ ଆଉ ମନକୁ
ଦିଏ ଚୁମ୍ବନ ପ୍ରଶ୍ନ ବାଣ ସବୁ
ମଧୁର ସ୍ମୃତି କୁ
ପାପ ପୂଣ୍ୟର ପରିଧି ଭିତରେ
ପାରିଛିକି ଥୋଇ ସିଏ ସବୁ ବେଳେ
ନିଜର ପାଦ ଚିହ୍ନକୁ ।୧।

ଘାରିଯାଏ ଅସହ୍ୟ ଯନ୍ତ୍ରଣା
ଚାଲିଥାଏ ସିନା ମାଗୁଣିର ଶଗଡ
ନ କରି ଭୃକ୍ଷେପ ବର୍ଷା ଶୀତକୁ
ହେଲେ ଅକୁହା ଦରଦ
ଚାଲିଥାଏ ସିଏବି
ନ ଥାଏ ତା'ର ଶବ୍ଦ
ସଦ୍ୟ ବର୍ଷା ପରେ
ସତେ ଯେମିତି କୁନି ଛୁଆଟି
ଚାଲିଛି ପାଦ ଚିପି ଚିପି
ନ ଯିବା ପାଇଁ ଖସରି
ଚିକିଟା ମାଟିରେ ।୨।

ଯାଇଛି ଜଡି ପାଦରେ ତା'ର
ସାଲୁ ବାଲୁ
ନୁହଁ ସହଜ ଏତେ
ଛଡାଇବା ପାଇଁ ତାକୁ ।୩।

ISSN NO.
2582-208X

ସାଂସାରିକ ମୋହ ଭିତରେ
ଭୁଲ ଆଉ ଠିକ୍ ର ପରିଭାଷା
ସୁହାଇଲା ଭଳି ନିଜକୁ
କରିଛି ବ୍ୟାଖ୍ୟା କେତେ
ପାରିଛିକି ରଖି ତା'ର ହିସାବ ?
ଅନୁତାପର ବହ୍ନି
ଏମିତି ଜଳି ଚାଲିଥିବ
କରୁ ପାଣି ସିଞ୍ଚନ
ଅବା ବୋଲି ହେଉ
ରେଫ୍ରିଜରେଟର ରୁ ବାହାରିଥିବା
ସଦ୍ୟ ବରଫ
ପାରିବକି କରି ଉଣା ?
ତା'ର ମାନସିକ ଯନ୍ତ୍ରଣାକୁ ।।

ହଁ ସେଇ....
ମାନସିକ ଯନ୍ତ୍ରଣା
ଜଡିତ ସଭିଏଁ ସେ ବ୍ୟାଧିରେ
କେବଳ ସମୟ ହିଁ
ବୋଲି ପାରିବ ଲେପ
କରୁ ପ୍ରତୀକ୍ଷା
ଆଦରି ସତ୍ କର୍ମକୁ
କରୁ ଧ୍ୟାନ ଈଶ୍ୱରଙ୍କୁ
ପାଇବ ତେବେ ଯାଇଁ
ଦିନେ ସିଏ ମୁକ୍ତି
ମାନସିକ ଯନ୍ତ୍ରଣାରୁ ।।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡେନ୍ସ, କେଶୁରା
ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଗ୍ରାମପଥ

ବେଣୁଧର ସୂତାର

ତାଳ ନାରିକେଳ ବଉଳ ତମାଳ
ସହକାର କୁଞ୍ଜ କି ମନଲୋଭା
ମଞ୍ଜୁଳ ସକାଳ ଚାରୁ ସାଂୟକାଳ
ତାଉଷା ଗୋଧୂଳି ଅପୂର୍ବ ଶୋଭା ।

ମୋଗାଆଁର ଏଇ ସଂକୀର୍ଣ୍ଣପଥଟି
ଦୂର ଦିଗନ୍ତ କୁ ଯାଉଛି ଚୁମି
ଜନ୍ମରୁ ମରଣ  ମଧୁ ଆକର୍ଷଣ
ଚିର ଅପାଶୋରା ମୋ ପଲ୍ଲୀଭୂମି ।

ଏଇପଥ ଜୀବ  ଜୀବିକାର ରାହା
ଜନ ଜୀବନର ସୁଖ ସରଣୀ
ଭରା ଅନୁରାଗେ ମମତା ପରାଗେ
ଯୋଗେଶ୍ୱରୀ ସେତ ଜନକଲ୍ୟାଣୀ।

ଏଇପଥେ ଧୀରେ ଗ୍ରାମ ସୀମନ୍ତିନୀ
ପ୍ରାତସ୍ନାନେ ନଦୀ ତୁଠେ ଗମଇ
ଗ୍ରାମର ତରୁଣ ଏହିପଥେ ଯାଏ
ବିଦେଶେ ଜୀବିକା ଅର୍ଜନ ପାଇଁ ।

ଏହି ପଥେ ଯାଏ ଗ୍ରାମ ଶ୍ରମଜିବୀ
ଜୀବନ କର୍ତ୍ତବ୍ୟ ଗୀତିକା ଗାଇ
ଗୋଧୂଳି ସଞ୍ଜରେଏଇପଥେ ଫେରେ
କ୍ଷେତକାମ ସାରି କୃଷକ ଭାଇ   ।

ISSN NO.
2582-208X

ଧୂଳିଘର କରି ସୁଖେଖେଳେ ଶିଶୁ
ଏଇଗ୍ରାମପଥ ଧୂସର ଦେହେ
ପିଲା ଖେଳର ସେ ଅସରା କାହାଣୀ
ଆଗାମୀ ଜୀବନ କର୍ତ୍ତବ୍ୟ ମୋହେ ।

ଏଇ ପଥେ ଆସେ ନବବଧୂ ପିନ୍ଧି
ବାହାମୁକୁଟ କୁ ବଉଳ ପାଟ
ଏଇ ଗାଆଁ ବର ବାହାହୋଇ ଯାଏ
ଏପଥେ ସଜାଇ ରୋଷଣି ଥାଟ ।

ଏଇପଥ ସିନା ନବ ଜାତକର
ଆଗାମୀ ଦିନର ସପନ ସାଥି
ଏଇପଥ ପୁଣି ବିଦାୟୀ ଜନର
କେତେ ଅପାଶୋରା ଲୁହର ସ୍ମୃତି ।

ଏଇପଥ ଅଟେ ମମତାର ପଥ
ଫେରିବା ଜନର ପରମ ବନ୍ଧୁ
ଆସିବାଜନର ପ୍ରାଣେଭରେ ସତେ
ମୁଗ୍ଧ ଆବେଗ ଅମୃତ ବିନ୍ଦୁ ।

ତା ଆଶିଷ ଝରା ମମତା ପସରା
ଜୀବନକୁ କରେ ମଧୁରମୟ
ଜୀବନ ନାଟକ ଅନ୍ତିମ ପର୍ଯ୍ୟାୟେ
ଏଇ ପଥ ହୁଏ ଶେଷ ପାଥେୟ ।

କେଶଦୁର୍ଗପାଳ, କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଲଳତ ନବନ୍ଧ-
# ସୀମାରେଖା



ବଦ୍ରୀ ମହାନ୍ତ

ମୁକ୍ତିରେ ଥାଏ ଆନନ୍ଦ। ବିସ୍ତୃ ତଭୂଇଁରେ ବିଚରଣ କରି ସନ୍ତୋଷ ର ଇମାରତ ଗଢ଼ାଯାଇ ପରେ ବୋଲି ମଣିଷ ଚିରକାଳ ଖୋଜି ଆସିଛି ଉର୍ବର ଓ ସମୃଦ୍ଧ ଭୂଇଁ। ନିର୍ଦ୍ଧାରିତ ବନ୍ଧନ ଓ ଶଗଡ଼ ଗୁଳାରେ ଚାଲିବା ଦ୍ଵାରା ନିଜର ସୃଜନୀରେ ପର ଲଗାଇ ଉଡ଼ିପାରନ୍ତି ବୋଲି କୌଣସି କାଳେ ବିଶ୍ୱାସ କରି ପାରେନା ମଣିଷ। ଭାଙ୍ଗିବା ଓ ଗଢିବାର କ୍ରମରେ ନିଜକୁ ସମାହିତ କରି ଖୋଜି ବୁଲୁଥାଏ ପ୍ରତିଟି ସ୍ୱପ୍ନ ଓ ସମ୍ଭାବନାକୁ। ଖଞ୍ଜା ହୋଇଥିବା ଚାରିପାଖର ବ୍ୟବସ୍ଥା ଓ ସାଧନକୁ ବ୍ୟବହାର କରି ରୂପାନ୍ତରିତ କରିଥାଏ ପ୍ରତିଟି ସୁଯୋଗ। ବୁଦ୍ଧିମାନ ମଣିଷ ଅନନ୍ତ କାଳରୁ ଯୁଗ ପରେ ଯୁଗ ଶକ୍ତି ସାମର୍ଥ୍ୟ ବଳରେ ସବୁ ସ୍ତରକୁ ଜୟ କରିବାକୁ ଉଦ୍ୟମ କରିଆସିଛି ଏବଂ ସଫଳ ହୋଇଛି ମଧ୍ୟ। ମାତ୍ର ଏହାର ଅନ୍ୟ ଦିଗଟିକୁ କେବେ ସୁଦ୍ଧା ଲକ୍ଷ୍ୟ କରିପାରିନାହିଁ, ଯେଉଁଠି ରହିଛି ତାର ଲେଖାଯୋଖା।

ନିଜକୁ ସମାଜରେ ପ୍ରତିଷ୍ଠା କରିବା ପାଇଁ ଲୋଡା ହୁଏ ପ୍ରଚୁର ସମ୍ପତ୍ତି। କେଉଁ ଧାରାରେ ଓ ଉପାୟରେ ଏହାକୁ ଆୟତ୍ତ କରାଯାଇ ସଂରକ୍ଷିତ ରଖାଯାଇ ପାରିବ ତାର ଏକ ନିର୍ଦ୍ଦିଷ୍ଟ ଖସଡ଼ା ପ୍ରସ୍ତୁତ ନକରି ବ୍ୟକ୍ତି ଦିନରାତି ଏକାକାର କରିଦିଏ। ତଳ ଉପର ପାଖପଡିଶା ଧାରା ଉପଧାରା ସବୁ କିଛି ଅଣଦେଖା କରି ଆଗକୁ ଆଗକୁ ମାଡ଼ି ଚାଲିଥାଏ ଧନ ସଂଗହ ପାଇଁ। ସେତେବେଳେ ଆଖି ସାମ୍ନାରେ କିଛି ଇ ଦେଖା ଯାଇନଥାଏ। ବେଳେ ବେଳେ ନିଜ ସାମର୍ଥ୍ୟ ଓ ଶକ୍ତି ବାହାରକୁ ଡେଇଁପଡ଼ି କେବଳ ବିତ୍ତ ବହୁଗୁଣିତ କରିବା ପାଇଁ ସ୍ୱୀକାର କରେ ସର୍ବୋଚ୍ଚ ତ୍ୟାଗ। କୌଣସି ସୀମା ଲଂଘନ କରିବାକୁ କସ୍ମିନ କାଳେ ପଶ୍ଚାଦପଦ ହୁଏନାହିଁ। ଏବଂ ତାକୁ ମଧ୍ୟ ଦିଶେ ନାହିଁ ପରିସୀମା କେଉଁଠି କେତେଦୂର ରେ ଅବସ୍ଥାନ

ISSN NO.
2582-208X

କରିଛି! ଉର୍ଦ୍ଧମୁଖୀ ଚିନ୍ତା ଓ ଅହେତୁକ ଭାବନାର ବଶବର୍ତ୍ତୀ ହୋଇ ସୀମାକୁ ଅତିକ୍ରମ କରୁଥିବା ଯୋଗୁଁ ମୁଣ୍ଡ ଉପରେ ତଲୱାରଟିଏ ଝୁଲି ପଡ଼ିଥାଏ ନିଜ ଅଜାଣତରେ !

ଶବ୍ଦ ଓ ଭାଷାକୁ ନେଇ ଆମର ଅଭିମାନ ଓ ସ୍ପର୍ଦ୍ଧା ପ୍ରତିଷ୍ଠିତ। ସଂସାରରେ ବଞ୍ଚିବା, ନାନାଦି ଲୀଳାଖେଳା ଓ ଚଲାପଥକୁ ମଞ୍ଜୁଳ କରିବା ନିମନ୍ତେ ଶବ୍ଦ ଓ ଭାଷା ର ଆତସବାଜି ଏକ ସାଧାରଣ କଥା। ବଙ୍କେଇ ବୁଲେଇ ରଙ୍ଗ ରସରେ ରଞ୍ଜିତ କରି ବଜାରକୁ ଛାଡ଼ିଦେଲେ ଏହାଦ୍ୱାରା ଅନେକ ସ୍ୱାର୍ଥ ସାଧନ ସହ ପ୍ରତିଷ୍ଠା ମିଳେ ବୋଲି ଅନେକଙ୍କ ଧାରଣା ଓ ଏହା କେତେକାଂଶରେ ସତ୍ୟ ମଧ୍ୟ। ବାଣିଜ୍ୟ ବ୍ୟବସାୟ ସହିତ ସମାଜରେ ଅନନ୍ୟତା ପ୍ରଦର୍ଶନ ପାଇଁ ଭାଷା ଓ ଶବ୍ଦଙ୍କର ପ୍ରୟୋଜନୀୟତା ଓ ବ୍ୟବହାର ଅପରିହାର୍ଯ୍ୟ। ଏହା ବ୍ୟତୀରେକ ଗୋଟାଏ ଇଞ୍ଚ ସୁଦ୍ଧା ସଫଳତା ପାଇବା ଅସମ୍ଭବ। ଶିକ୍ଷା ଓ ଜ୍ଞାନର ଅଭାବ ଯୋଗୁଁ ଠିକଣା ଢଙ୍ଗରେ ଠିକଣା ଭାଷା ବ୍ୟବହାର ଅନେକ ସମୟରେ ସମ୍ଭବ ହୁଏନାହିଁ। ବାହାରୁ ଆମଦାନୀ କରାଯାଉଥିବା ଶବ୍ଦ ଓ ବାକ୍ୟ ମାନଙ୍କୁ ଆପଣା ଭାଷା ସହିତ ମିଶେଇ ସଜେଇ ପୁଟ ଦେଇ ବ୍ୟବହାର କଲାବେଳେ ଦିଶେନାହିଁ କେଉଁଠି ରେଖାଟିଏ ଅଙ୍କିତ ହୋଇଛି ! ଅଜ୍ଞାନତା ବଶତଃ ଅଭାଷାଙ୍କୁ ଆପଣେଇ ନେଇ ଅଜଯାଗାରେ ଛାଡିଦିଏ ଆଗ ପଛ ବିଚାର ନକରି। ଫଳତଃ ପାପ୍ତି ସ୍ଥାନରେ ନିରାଶା, ଆଲୋକ ପରିବର୍ତ୍ତେ ଅନ୍ଧାରର ସାମ୍ନା କରିବାକୁ ପଡ଼ିଥାଏ।

ଜୀବନର ପରିଭାଷା ଲଳିତ କଳା ଓ ଚିତ୍ରକଳା। ଏହାର ଅନୁପସ୍ଥିତରେ ଅନେକ ନିଜକୁ ଅସହାୟ ମନେକରନ୍ତି। ବିବିଧ ରଙ୍ଗ ଓ ରସରେ ଆତ୍ମ ପ୍ରକାଶ କରୁଥିବା ଚାରୁକଳା ସମାଜର ପ୍ରତିଟି ଅଂଶ ଓ ପ୍ରତିଟି ବର୍ଗକୁ ନିଜର ଆତ୍ମା ରୂପେ ଗ୍ରହଣ କରିଥାଏ। କେବଳ ନିରୁତା ମନୋରଞ୍ଜନ ନକରି ବୌଦ୍ଧିକ ବିକାଶକୁ ଅଗ୍ରାଧିକାର ଦେଇଥାଏ କଳା ଓ ସଙ୍ଗୀତ। ଅବସର ବିନୋଦନ ଓ ସମାଜ ସଂସ୍କାର ନିମନ୍ତେ ଅଭିପ୍ରେତ କଳାର ବିଭିନ୍ନ ସ୍ୱରୂପ କେଉଁ ଅନାଦି କାଳରୁ ନିଜର କାୟା ବିସ୍ତାର କରିଛି ତାର ଇୟତ୍ତା ନାହିଁ। ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ବହୁ ଦୁର୍ଦ୍ଦିନ, ଦୁଃସମୟ ଓ ବିଡ଼ମ୍ବିତ ମୁହୂର୍ତ୍ତରେ ଏହା ଆମର ସାଥୀ ସାଜିଛି। ନିରାଶ ପ୍ରାଣରେ ଭରିଛି ଅଫୁରନ୍ତ ପ୍ରାଣ ପ୍ରବାହ। ସମସ୍ତ ଯନ୍ତ୍ରଣା ଦୁଃଖ ଦୟନୀୟତା ଓ ଅବସାଦରୁ ମୁକ୍ତ କରି ଖେଳାଇ ଦେଇଛି ଆନନ୍ଦର ଲହରୀ। ମାତ୍ର ଏହାର

ISSN NO.
2582-208X

ଅଫୁରନ୍ତ ଉତ୍ସାହ ଓ ପ୍ରବର୍ତ୍ତିତ ଶୈଳୀ ସମାଜ ସାମ୍ନାରେ କଣ୍ଟା ହୋଇ ଛିଡ଼ା ହୁଏ ଅନେକ ସମୟରେ। କାଣ୍ଡ ଜ୍ଞାନ ଶୂନ୍ୟ ମୂର୍ଖତା ଓ ନାଗ୍ନତା ସୀମା ଲଂଘନ କରି ପ୍ରଭୂତ କ୍ଷତି କରିଚାଲେ ସାଧାରଣ ଜୀବନଯାତ୍ରାକୁ। ସଙ୍ଗୀତରେ ଅଶ୍ଳୀଳତା, ଚିତ୍ରରେ ଉଦ୍ଭଟ ଆସୌଜନ୍ୟତା, ନାଟକରେ ଅଶବ୍ଦ, ଚଳଚ୍ଚିତ୍ରରେ ଅସାମାଜିକତା ଓ ନୃତ୍ୟରେ ଅସଙ୍ଗତି ସୀମା ଲଙ୍ଘନ କଲାବେଳେ ଲକ୍ଷ୍ୟ କରିନାହିଁ ସମ୍ମୁଖରେ ବସି ଦେଖୁଥିବା ବିଚରା ଦର୍ଶକଟିକୁ। ରୁଚି ଆବଶ୍ୟକତା ଓ ବର୍ତ୍ତମାନର ସ୍ରୋତରେ ଉତ୍ସାହିତ ହୋଇ କୂଳ ଲଂଘି ପିଲାଠୁ ବୃଦ୍ଧ ସଭିଙ୍କ ମନରାଜ୍ୟରେ ପ୍ରବେଶ କରି ଅସଭ୍ୟ ଓ କୁସଂସ୍କାରର ଅଙ୍କୁରଣକୁ ମହାଦ୍ରୁମରେ ପରିଣତ କରିଦେଉଛି। ବୁଦ୍ଧିଜିବୀ ସଂସ୍କାରକ ପ୍ରବର୍ତ୍ତକ ବ୍ୟବସ୍ଥାପକ ଓ ଶାସନକଳ ଏ ଅଲୌକିକ ଦୃଶ୍ୟଟିକୁ ନିତି ପ୍ରତିଦିନ ଅନୁଭବ କରୁଛନ୍ତି ସାମ୍ନା କରୁଛନ୍ତି ସତ ମାତ୍ର ସୀମା ଲଂଘନକାରୀଙ୍କୁ ଠିକଣା ବାଟକୁ ଆଣିବା ସମ୍ଭବ ହୋଇପାରୁନାହିଁ।

ପରିବାର ଆନନ୍ଦର ଏକ ମନ୍ଦିର। ପ୍ରତି ସଦସ୍ୟଙ୍କ ଆତଯାତ ଦ୍ୱାରା ସକାଳଠୁ ରାତ୍ରି ପର୍ଯ୍ୟନ୍ତ ପିଲାଠୁ ବୁଢ଼ା ସଭିଏଁ ନିଜ ଜୀବନ ଧାରାକୁ ସଂଚାଳିତ କରିଥାନ୍ତି ନିଜ କା' ଅନୁସାରେ। ପିତା ମାତା ଭାଇ ଭଉଣୀ ଜେଜେ ଜେଜେମା ପୁତ୍ର କନ୍ୟା ଆଦି ସଭିଏଁ ବନ୍ଧା ପଡିଥାନ୍ତି ସମ୍ପର୍କ ସୂତାରେ। ସେହି ଅନୁସାରେ ଦାୟିତ୍ୱ ଓ କର୍ତ୍ତବ୍ୟ ସୁଦ୍ଧା ଖଞ୍ଜା ହୋଇଛି ସଭିଙ୍କ ପାଇଁ। ଆତ୍ମୀୟତା ସଂସ୍କାର ଭାବ ପରମ୍ପରା ସୌଜନ୍ୟ ଇ ପରିବାରର ମୂଳ ଭିତ୍ତି। ସମୟ ସହିତ ବଦଳିଯାଉଥିବା ଜୀବନ ଶୈଳୀ ବହୁ ଭାବରେ ପ୍ରଭାବିତ କରିଛି ଆମର ପାରିବାରିକ ଜୀବନକୁ। ଯୌଥ ପରିବାର ସଂଖ୍ୟା କମିଯିବା ଫଳରେ ଶିଥିଳ ହୋଇପଡୁଛି ବନ୍ଧନ। କେହିହେଲେ ଦେଖି ପାରୁନାହାନ୍ତି ନିଜର ପରିସୀମା। ଖାଦ୍ୟ ପୋଷାକ ଆଚାର ବ୍ୟବହାର କୌଣସି ଠାରେ ପ୍ରକାଶିତ ହେଉ ନାହିଁ ବର୍ଷ ବର୍ଷ ବ୍ୟାପି ପ୍ରଚଳିତ ସଂସ୍କାର। ପ୍ରତି ସଦସ୍ୟ ସ୍ୱାବଲମ୍ବୀ ଓ ଆର୍ଥିକ ସ୍ୱଚ୍ଛଳତା ହାସଲ କରିବା କାରଣରୁ ନିଜର ନିର୍ଦ୍ଧାରିତ ସୀମାକୁ ଦେଖିବା ଅସମ୍ଭବ ହୋଇ ପଡୁଛି। ବାପା ପୁଅକୁ, ଝିଅ ମା'କୁ, ସ୍ୱାମୀ ସ୍ତ୍ରୀ କୁ ବା ଭାଇ ଭଉଣୀକୁ କେଉଁ ଭାବରେ କେଉଁ ଶବ୍ଦରେ ଓ କେଉଁ ରୂପରେ ପ୍ରକାଶ କରିବ ଜାଣି ପାରୁନଥିବାରୁ ନିର୍ଦ୍ଦିଷ୍ଟ ସୀମା ଭିତରେ ନରହି ବରଣ କରୁଛି ବିପଦ। ଭାଙ୍ଗି ପଡୁଛି ପାରିବାରିକ ଜୀବନ। ଗୋଟିଏ ପରିବାରରେ ବ୍ୟକ୍ତି ଜଣେ, ମାତ୍ର ସମ୍ପର୍କ ଅନେକ। ପ୍ରତି

ISSN NO.
2582-208X

ସମ୍ପର୍କ ସହିତ ଅଲିଖିତ ରେଖାଟିଏ ଅଙ୍କିତ ହୋଇ ରହିଥାଏ। ସେ ଲକ୍ଷ୍ମଣ ରେଖାକୁ ଦେଖି ନପାରି ନିଷ୍ପତ୍ତି ନେଲେ ନଷ୍ଟ ହୋଇଯାଏ ସମ୍ପର୍କ, ଧ୍ୱସ୍ତ ହୁଏ ପାରିବାରିକ ଜୀବନ।

କାର୍ଯ୍ୟାଳୟ ବିଶୃଙ୍ଖଳିତ ବାତାବରଣ ଭିତରେ ଚାଲେ ଯେତେବେଳେ ନିଜ ଜ୍ଞାନ ଗାରିମା ପଦ ପଦବୀ ଓ ମର୍ଯ୍ୟାଦାକୁ ଅଣଦେଖା କରି ସୀମା ଉଲ୍ଲଙ୍ଘନ କରନ୍ତି କର୍ମଚାରୀ ଓ ଅନୁଷ୍ଠାନ ମୁଖ୍ୟ। ସବୁ ଥାଇବି ନଥିବା, ପ୍ରଗାଢ଼ ଉଦ୍ୟମ ସତ୍ତ୍ୱେ ଉଦ୍ୟୋଗର ଭାଗ୍ୟାକାଶରେ ଲେଖା ହୋଇଯାଏ ଦୁର୍ଦ୍ଦିନ। ଦୁର୍ବଳ ହୋଇ ଅନୁଷ୍ଠାନ ମୃତ୍ୟୁର ସମ୍ମୁଖରେ। ଶିକ୍ଷକ ଓ ଛାତ୍ର, ରାଜା ଓ ପ୍ରଜା ଉଦ୍ୟୋଗୀ ପରି ଯେଉଁମାନେ ଅନୁଷ୍ଠାନ ସହିତ ଜଡିତ ରହି ନିଜ ସୀମାକୁ ପତ୍ୟକ୍ଷ କରି ନପାରନ୍ତି, ସେମାନଙ୍କୁ  ଭୋଗ କରିବାକୁ ହୁଏ ଭୟାବହ ପରିଣତି।

ଦରିଦ୍ର ପାଇଁ ଚିରକାଳ ଚିନ୍ତିତ ଥାଏ ଆମ ସମାଜ ଓ ସମାଜ ରକ୍ଷକ ଏବଂ ଏହାର ଦୂରୀକରଣ ପାଇଁ ପ୍ରତି କାଳଖଣ୍ଡରେ ହୋଇ ଆସିଛି ନାନା ପ୍ରୟାସ । କିଛି ମାତ୍ରାରେ ଏହା ମଧ୍ୟ ସୁଧୁରିଛି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ। ସମ୍ପ୍ରତି ଦାରିଦ୍ର୍ୟର ସୀମାରେଖା ନିର୍ଣ୍ଣୟ ଓ ଯୋଜନା ସବୁ ଉତ୍ପନ୍ନ କରିଛି ନାନା ବିବଦମାନ ସ୍ଥିତି। ଉଚ୍ଚବର୍ଗର କିଛି ଲୋକ ମନେକରନ୍ତି ସୀମାରେଖା ଅତିକ୍ରମ ଦ୍ୱାରା ନିଜ ସ୍ୱାର୍ଥ ସାଧନ ସହଜଲଭ୍ୟ ନୁହେଁ। ଅନ୍ୟ ଦିଗରୁ ବିଚାର କଲେ ଜଣାଯାଏ ସରକାରଙ୍କ ବହୁବିଧ ଯୋଜନାର ସୁଯୋଗ ନେବାକୁ ହେଲେ ସୀମାରେଖା ତଳେ ରହିବା ଉଚିତ୍। ଆଉ ଏଥିପାଇଁ ଶ୍ରମ ବା କଳା କୌଶଳର ଆବଶ୍ୟକତା ନାହିଁ। ବିନା କାମରେ ଘରେ ବସି ସମସ୍ତ ସୁବିଧା ସୁଯୋଗ ଉପଭୋଗ କରିହେବ। କିନ୍ତୁ ବାଇ ମହାନ୍ତିଙ୍କ ମତରେ - ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କତିପୟଙ୍କର ଧାରଣା ତାହା ହୋଇ ଥାଇପାରେ, ମାତ୍ର ସୀମାରେଖାରୁ ଉପରକୁ ଆସୁଥିବା ଜନତାଙ୍କ ସଂଖ୍ୟା ମଧ୍ୟ କିଛି କମ ନୁହେଁ। ଏହା ବି ସତ୍ୟ ଯେ ରାଜନୈତିକ ଦୂରଭିସନ୍ଧି ଓ ଖରାପ ଯୋଜନା ସୀମାରେଖା କୁ ବିବଦମାନ କରି ରଖିଛି।

ଆଧୁନିକତା ଓ ବର୍ତ୍ତମାନର ଆବଶ୍ୟକତା ନାଆଁରେ କୂଳ ଲଂଘନ କରି ଆମର ହଜାର ହଜାର ବର୍ଷର ପ୍ରତିଷ୍ଠିତ ବିଶ୍ୱାସ ପରମ୍ପରା ଓ ସଂସ୍କୃତିର କଙ୍କାଳ ଉପରେ ନିତି ପ୍ରତିଦିନ

ISSN NO.
2582-208X

ନୃତ୍ୟ ହେଉଛି। ନିର୍ଦ୍ଦିଷ୍ଟ ଧାରା ଓ ବ୍ୟବସ୍ଥାକୁ ପଛ କରି ରୂପ ନେଉଛି ନାନା ପରିଯୋଜନା। ପ୍ରଗତି ଓ ସମୃଦ୍ଧି ନିମନ୍ତେ ପ୍ରକୃତିକୁ ଧ୍ୱଂସ କରିବାକୁ କୌଣସି ସୀମାକୁ ସହଜରେ ଲଙ୍ଘି ଯିବା ସମ୍ଭବ ହେଉଛି। ଯୁଦ୍ଧ କୌଣସି କାଳେ ଶାନ୍ତିର ଦ୍ୟୋତକ ନୁହେଁ । ଅତୀତରେ ଶାସକଗଣ ନିଜ ରାଜ୍ୟର ସୀମା ବଢ଼ାଇବାକୁ ଯାଇ ଯେଉଁ ଲୋମହର୍ଷଣକାରୀ ଘଟଣାରେ ସୂତ୍ରପାତ କରିଛନ୍ତି ସେ କଳଙ୍କ ସବୁ ଭୂଲିହେବ ନାହିଁ। ବାଇ ମହାନ୍ତି ଅବସ୍ଥା ବ୍ୟବସ୍ଥା ଓ ମଣିଷର ଚିତ୍ର ଚରିତ୍ରକୁ ଆଖି ପୁରେଇ ଦେଖିଥିବା ଯୋଗୁଁ କହି ବୁଲନ୍ତି, "ଭୋ ପଣ୍ଡିତେ! ନିଜ ଶକ୍ତି ସାମର୍ଥ୍ୟ ଖଟେଇ ଦୁନିଆର ତମାମ ସୁଖ ଆନନ୍ଦ ସନ୍ତୋଷ ଅର୍ଜନ କର। ଖୁବ୍ ଖର୍ଚ୍ଚ କର। ହରେକ୍ କାମରେ ହାତ ପାଦ ଲଗାଇ ସଫଳତା ଓ ଐଶର୍ଯ୍ୟର ଚୂଡାକୁ ସ୍ପର୍ଶ କର। ମାତ୍ର ଭୁଲି ଯାଅନାହିଁ ନିଜ ଚାରିପାଖର ପରୀସୀମା। ଭାବ ନାହିଁ ଅନନ୍ତ ଆକାଶ ଆଉ ଅଥଳ ସମୁଦ୍ର ତୁମର ପରିସୀମା। ସବୁ ନାଚ ଓ ସବୁ ଯୁଦ୍ଧ ସୀମା ଭିତରେ ରହିଲେ ସିନା ତୁମ ଅଗଣା ଆକାଶରେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ସମୃଦ୍ଧ ଓ ସନ୍ତୋଷର ସୂର୍ଯ୍ୟଟିଏ ଉଇଁ ଆସୁଥିବ,ନହେଲେ କେଉଁଠି ରହିବ ତୁମ ଜନ୍ମର ସାର୍ଥକତା!"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଭାଗବତ ଅମୃତ ଧାର



ବିଜୟ କୁମାର ସାହୁ

## ଏକାଦଶ ସ୍କନ୍ଧର ଅବଶିଷ୍ଟ ଅଂଶ

ହିଂସା ବହିବେ ଏକେ ଏକେ । ସର୍ବେ ମଜ୍ଜିବେ ଦୁଃଖ ସୁଖେ ॥
ଅଗମ୍ୟେ କରିବେ ଗମନ । ନିନ୍ଦିବେ ନିଗମ ବଚନ ॥
ଏଣୁ ହୋଇବେ ଅଳ୍ପାୟୁଷ । ପାପେ ସକଳ ଯିବେ ନାଶ ॥
ଅଗ୍ନି ଯେସନେ ସର୍ବ ଖାଇ । ବିଚାରେ ଗୁଣ ଦୋଷ ନାହିଁ ।
ଯେବେ କଳ୍ପିବ ମୋହ ପାଶ । କପୋତ ପ୍ରାୟ ଯିବ ନାଶ ॥
ବିଷ୍ଣୁର ମାୟା ମୋହେ କଳ୍ପ । କପଟେ ହୋଇ ନାରୀ ରୂପ ॥
ସୃଷ୍ଟି ମୋହିନୀ ଦେବୀ ମାୟା । ଘନେ ଯେସତେ ବିଦ୍ୟୁଚ୍ଛାୟା ॥
ସେ ରୂପେ ନ କରିବ ସଙ୍ଗେ । ଅନଳେ ଯେସନେ ପତଙ୍ଗ ॥
ସଂଯୋଗ କଲେ ପ୍ରାଣ ନାଶ । ଏଣୁ ନୋହିବ ତ ବିଶ୍ୱାସ ॥
ପତଙ୍ଗ ତହୁଁ ଏହା ଜାଣି । ଗୁରୁ ବଚନେ ପରିମାଣି ॥
ଧନେ ମୋ ନାହିଁ ପ୍ରୟୋଜନ । ଏଣୁ ଦରିଦ୍ର ମୋ ଜୀବନ ॥
ଧନ ଅର୍ଜ୍ଜନେ ଯାର ଆଶ । ନିରତେ ଦୁଃଖ ସୁଖ ପ୍ରାସ ॥
ଏ କାୟା ଘରେ ବାସ ମୋର । ନିରତେ ରହି ନବ ଦ୍ୱାର ॥
ଏହାର ମଧ୍ୟେ ମଳ ମୂତ୍ର । ସଂପୂର୍ଣ୍ଣ କଫ ବାତ ପିତ୍ତ ॥
ଦୁର୍ଗନ୍ଧ କୃମି ନାଳ ନାଡି । ଅଶେଷ ରୋଗେ ଛନ୍ତି ବେଢି ॥
ଅସ୍ଥି ପିଞ୍ଜରା ଚାରି ପାଶେ । ଛାଉଣି ନଖ ଲୋମ କେଶେ ॥
ଶିରା ଶଙ୍କୋଳି ଗଣ୍ଠି କ୍ଷେପି । ଚର୍ମ ରୁଧିର ମାଂସ ଲେପି ॥
ଏମନ୍ତ ଘରେ ମୋତେ ଥୋଇ । ଯେ ଗୁରୁ ଗଲା ଶିକ୍ଷା ଦେଇ ॥
ସେ ଗୁରୁ ବାକ୍ୟ ପରିମାଣି । ଏ ଘରେ ମୁହିଁ ଦୋଚାରୁଣୀ ॥

ISSN NO.
2582-208X

ମୋ ପ୍ରାଣନାଥ ଅଛି ପାଶେ । ମୁହିଁ ନ ଦେଖେ ମୋହ ବଶେ ॥
ସେ ନାଥ ସର୍ବ ଜୀବ ଆତ୍ମା । ନିର୍ଲେପ ନିର୍ଗୁଣ ମହାତ୍ମା ॥
ପ୍ରିୟ ଆନନ୍ଦ ସୁଖ ଦାତା । ମୁଁ କିମ୍ପା ଛାଡି ନିଜ ଭର୍ତ୍ତା ॥
ତୁଚ୍ଛ ପୁରୁଷ ସଙ୍ଗେ ରମି । ମୁହିଂ ହୋଇଲି ପଥଶ୍ରମୀ ॥
ନିଷ୍ଫଳ ମୋହର ଜୀବନ । ଅଜ୍ଞାନେ ଗଲା ଏତେଦିନ ॥
ଏ ଦେହେ ବସେ ନାରାୟଣ । ସେ ହରି ଛାଡି ମୂଢପଣ ॥
ଯେ ଦେହେ ଅଛି ନାନା ରୋଗ । ତା ସଙ୍ଗେ କଲି ରତିରଙ୍ଗ ॥
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି । ଦେବତା ହୋଇଲେ ମରଇ ॥
ଯାବତ ଗୋବିନ୍ଦ ଚରଣ । ଏ ଜୀବ ନ ପଶେ ଶରଣ ॥
ତାବତ ନୋହେ ଆତ୍ମା ସୁଖୀ । ନିରତେ ତାପତ୍ରୟେ ଦୁଃଖି ॥
କୁମାରୀ ମନେ ବିଚାରଇ । ସଙ୍ଗ ଗହଳେ ନାଶ ଯାଏ ॥
ଯହିଁ ଅନେକ ସଙ୍ଗେ ମିଳି । ଅବଶ୍ୟ ଉପୁଜଇ କଳି ॥
ପୁତ୍ର କଳତ୍ର ଦାସୀ ଦାସେ । ଏହାଙ୍କୁ ପୋଷି ଦେହ ଆଶେ ॥
ଦେହର ସଙ୍ଗେ ଏ ରହନ୍ତି । ମରଣେ କେହି ନ ଗମନ୍ତି ॥
ଅମୃତ ପ୍ରାୟ ଯୋନି ଦିଶେ । ଏଣୁ ଭ୍ରମଇ କାମବଶେ ॥
ବହୁତ ସପତଣୀ ଯେହ୍ନେ । ସ୍ୱାମୀ ମାରନ୍ତି ଅପମାନେ ॥
ଜୀବର ଅଳପ ଶକତି । ଶତେ ଯୁବତୀ ଏକ ପତି ॥
ଆତ୍ମା କ୍ରିଡନେ ନରହରି । ପୂର୍ବେ ଅନେକ ସୃଷ୍ଟି କରି ॥
ସଂସାରେ ଖେଳି ନାନାମତେ । ସନ୍ତୋଷ ନ ପାଇଲା ଚିତ୍ତେ ।
ଏଣୁ ମାନବ ସୃଷ୍ଟି କଲା । ଯହିଁ ବିଶ୍ରାମ ସର୍ବଲୀଳା ॥
ବ୍ରହ୍ମାଦି ସକଳ ଶରୀରେ । ବିଜ୍ଞାନୀ ବିଷୟ ଗୋଚରେ ॥
ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥
କର୍ମଟି ନାନା ଦୁଃଖ ଦେଇ । କିଞ୍ଚିତ ସୁଖ ନାହିଁ ତହିଁ ॥
ଜୀବର ବନ୍ଧ ମୋକ୍ଷ ବେନି । ବିଚାର ଯେତେ ଶାସ୍ତ୍ର ଘେନି ॥
କେବେହେଁ ନ ପାଇ ତା ଅନ୍ତ । ଏଣୁ ସେ ବୋଲାଇ ଅନନ୍ତ ॥
ସାଧୁଙ୍କ ସଙ୍ଗ କର ନିତି । ଲଭିବୁ ନିର୍ମଳ ଭକତି ॥
ଭକତି କରି ଶୁଦ୍ଧ ଚିତ୍ତେ । ଜ୍ଞାନ ଲଭିବୁ ତୁ ସାକ୍ଷାତେ ॥

ISSN NO.
2582-208X

ସକଳ ଭୂତେ ମୁଁ ବସଇ । ଅନ୍ତରେ ଅନ୍ତର୍ଯ୍ୟାମୀ ହୋଇ ॥
ଏଣୁ ଅନନ୍ତ ରୂପେ ମୋତେ । ଧ୍ୟାନେ ପୂଜିବ ସର୍ବଭୂତେ ॥
ନାରୀ ସେବନ ମାଂସ ମଦ୍ୟ । ଲୋକ ବେଭାରେ ଏ ପ୍ରସିଦ୍ଧ ॥
ପ୍ରାଣୀ ତା କରେ ଆତ୍ମସୁଖେ । ବେଦ ନ କହେ ଏହା ମୁଖେ ॥
ଏ ବେଦ ପଥ ଛାଡି ଥୋକେ । କର୍ମ କରିବେ ଆତ୍ମସୁଖେ ॥
ବୋଲଇ ସର୍ବ ଧର୍ମ ତେଜ । ନିରତେ ମୋର ପାଦେ ଭଜ ॥
ଏହିଟି ସର୍ବ ମୁଖ ଧର୍ମ । ଏଣେ ଖଣ୍ଡଇ ଭବ ଭ୍ରମ ॥
ମଦ୍ୟ ବା ମାଂସ ଯଜ୍ଞ ଲେଖେ । ପଶୁ ମାରଣେ ପିତୃପକ୍ଷେ ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ISSN NO.
2582-208X

# ଆସିଲା ହୋଲି


ଦୀନବନ୍ଧୁ ପୋଇ

ଆସିଲା ହୋଲି ଯିବାରେ ଭୁଲି
ରାଗ ରୁଷା ଓ ଗାଳି
ସରବେ ମିଳି ଖେଳିବା ହୋଲି
ନ ହୋଇ ଆମେ କଳି ॥
ଯାଦବ ଭାଇ ଓଗାଳ ଗାଇ
ଖୋଳିବ ବାଡି ଖେଳ
ଖୁସିରେ ସିଏ ନାଚି ଗାଇବ
ଆସିଛି ବୋଲି ଦୋଳ ॥
ଦୋଳବିମାନ ସଜେଇ ଦେଇ
ବସାଇ ରାଧାକୃଷ୍ଣ
ବୁଲିବାଯାଇ ଗାଆଁକୁ ଗାଆଁ
ତୁଣ୍ଡରେ ବୋଲି କୃଷ୍ଣ ॥
ଦେଖିଲେ ନେତ୍ର ହେବପବିତ୍ର
ଫଗୁ ପୁନେଇଁ ମେଳ
ଯୁଗଳ ମୂର୍ତ୍ତି ଦାଣ୍ଡରେ ବୁଲି
ଖେଳିବେ ଫଗୁ ଖେଳ ॥

ISSN NO.
2582-208X

ଏ ଦୋଳ ପର୍ବ ଆମର ଗର୍ବ
ବୁଲନ୍ତି ପ୍ରଭୁ ନିଜେ
ଦର୍ଶନ ପାଇ ଗୋପର ନାରୀ
ଭାବ ଅଶ୍ରୁରେ ଭିଜେ ॥
ଆମ ସଂସ୍କୃତି ଭାବର ପ୍ରୀତି
ପର୍ବର ହେଉ ମେଳି
ଭେଦ ଭାବକୁ ଦୂରେଇ ଦେଇ
ରହିବା ଆମେ ମିଳି ॥

ତୋରଡାପାଳ
ଢେଙ୍କାନାଳ
ଦୂରଭାଷ ୯୯୩୮୦୨୪୧୨

ISSN NO.
2582-208X

# ଅଲୋଡ଼ା ଜୀବନ

ନିରଞ୍ଜନ ସାହୁ

ଏମିତି ଜୀବନ କାହିଁକି ଦେଇଛ
କି ଲାଭ ଏଥିରେ ଅଛି
ବଞ୍ଚିବାରୁ ଭଲ ଲାଗୁଛି ମରଣ
ସବୁକିଛି ଦେଇ ମୂର୍ଚ୍ଛି ।

ଜୀବନ ଚାଲଇ ତାହାରି ଇଚ୍ଛାରେ
ନ ମାନି ମୋହରି ବୋଲ
ଶୂନ୍ୟତାରେ ଭରା ମୋହରି ଜୀବନ
ଜଳେ ଭାସେ ଯଥା ସୋଲ
କୁହୁଳି କୁହୁଳି ଜଳୁଥାଏ ମୁହିଁ
ନ ପାଇ ଉପାୟ କିଛି ।

ଲକ୍ଷ୍ୟହୀନ ହୋଇ ଜୀବନ ଚାଲଇ
ସୁଅ ମୁହେଁ ଯଥା ପତ୍ର
ଭାଗ୍ୟ ଟାଣିନିଏ ତା ଇଚ୍ଛାରେ ମୋତେ
ହୁଏ ମୁହିଁ ଅତ୍ରତତ୍ର
ଉପରକୁ ସିନା ହସିଥାଏ ମୁହିଁ
ସେହି ହସ ମିଛିମିଛି ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଶାଶୁ ଘରର ଅନେକ ବ୍ୟସ୍ତତା ଭିତରେ ନିଜର ପ୍ରତୀକ୍ଷାର ଅସୁମାରି ଦୁଃଖକୁ ଗୁପ୍ତିଧରି ଦୁଇ ଭଉଣୀଙ୍କ ବିବାହ ପାଇଁ ସବୁ ଯୋଗାଡି କରିଦେଇଛି ପୂଜା। ବିକାଶବାବୁ ବି ଅନେକ ସାହାଯ୍ୟ କରିଥାନ୍ତି। ବାପା ମା ଙ୍କର ଦୁଃଖକୁ ହାଲକା କରିବାକୁ ନିଜେ ଅଣ୍ଟାଭିଡି ଜିନା ଓ ସିନାର ବାହାଘର ଏକ ଦିନରେ ବ୍ୟବସ୍ଥା ହୋଇଛି। ମାଲ୍ଲିକାଶପୁରୁ ଗାଆଁର ରଶ୍ମିକାନ୍ତ ପଣ୍ଡା ସହିତ ସିନାର ବାହାଘର ଏବଂ ଜିନା ସହିତ ନୟାଗଡ ଜିଲ୍ଲାର ଅମୀର ମହାପାତ୍ରଙ୍କ ସହିତ ବିବାହ ସମ୍ପୂର୍ଣ୍ଣ କରି ଟିକଏ ଆଶ୍ୱସ୍ତି ଲାଗୁଥାଏ ପୂଜାକୁ। ବାପା ମା ବି ବହୁତ ଆନନ୍ଦ ଅନୁଭବ କରୁଥାନ୍ତି। ହେଲେ ପୂଜା ପାଇଁ ସବୁବେଳେ ଯେମିତି ଅନେକ ପ୍ରଶ୍ନ ସୃଷ୍ଟି ହୋଇଯାଏ। ପୂଜା ଏତେ ଖୁସିରେ ଥାଇ ଦୁଃଖୀ ପରି ଲାଗୁଛି କାହିଁକି ଅନେକ ଥର ଇନ୍ଦୁମତୀ ପୂଜାର ବାପାଙ୍କୁ କହିଛନ୍ତି, ହେଲେ ତାର ଉତ୍ତର କିଛି ପାଇପାରନ୍ତି ନାହିଁ। ପୂଜା ବି କିଛି ନା କିଛି ବାହାନା କରି ପ୍ରଶ୍ନ ପାଖରୁ ଦୂରେଇ ଯାଇଥାଏ। ବିକାଶ ପରି ଜ୍ୱାଇଁ ଭାଗ୍ୟରେ ଥିଲେ ମିଳେ। ଏମିତି ମହାନ୍ ବ୍ୟକ୍ତିତ୍ୱର ମଣିଷ ସେ। ତାଙ୍କର ଅବଦାନ ଆମ ଘରପାଇଁ ଅନେକ।

ବିକାଶ ନିଜ ପୁଅଠାରୁ ଅଧିକ ହୋଇ ସବୁ ବୁଝାବୁଝି କରୁଥାନ୍ତି। ସବୁ କଥାରେ ନିଜେ କଣାକଣି କରିବାଠାରୁ ନୂଆ ବନ୍ଧୁମାନଙ୍କର ଗୋଡ ଧୋଇଦେବା ଯାଏ। କିଛିରେ ବି ଘୃଣା ନାହିଁ। ଆଗଭର ହୋଇ ହସି ହସି ସବୁ କରିଦେଉଥାନ୍ତି, କିନ୍ତୁ ପୂଜା ମା ଅନେକ ଥର ମନେମନେ ପ୍ରଶ୍ନ କରିଛନ୍ତି, ପୂଜା କେବେ ବିକାଶ ସହିତ ମନଖୋଲି ହସିବାର ସେ ଦେଖିନାହାନ୍ତି। ହେଲେ ଦୁଇଜଣ ଯାକ ନିଜ କାମକୁ ହସି ହସି କରିପକାନ୍ତି। ଜିନା, ସିନା ଘରକୁ ଆସିଲେ ନିଜ ସ୍ୱାମୀଙ୍କ ସହିତ ଶୋଇଥାନ୍ତି। ହେଲେ ପୂଜା ସବୁବେଳେ ଆସି କୁହେ ମୁଁ ତୋ ପାଖରେ ଶୋଇବି। ଅନେକ ପ୍ରଶ୍ନ ସୃଷ୍ଟି ହୁଏ ଇନ୍ଦୁମତୀଙ୍କ ମନରେ, ପଗ୍ଭରିଲେ

ISSN NO.
2582-208X

ପୂଜା କହେ - ନାଇଁ ମୋ ମାଆ କିଛି ନାହିଁ । ତୋ ପାଖରେ ଶୋଇବାକୁ ବହୁତ ଇଚ୍ଛା ହେଉଛି । ବାସ କଥା କାଟି ଦେଇ ଏଇଟା କର ସେଇଟା କର । ଜିନାର ପିଲ୍ ହେବ । ତା ପାଇଁ କଣ ଦେଲେ ଭଲ ହେବ । ସିନାକୁ ସୁନ୍ଦର ଶାଢିଟେ ଦେଲେ ଭଲ ହୁଅନ୍ତା ବାସ୍ ଅନେକ କଥା । ହେଲେ ସେ କେବେ ତା କଥା କହେନା । ଦିନେ ଖରାବେଳ ସମୟରେ ସମସ୍ତେ ଶୋଇଯାଇଥାନ୍ତି । ଇନ୍ଦୁମତୀଙ୍କ ଗୋଡ ଉପରେ ମୁଣ୍ଡ ରଖି ପୂଜା ଶୋଇଥାଏ । ମୁଣ୍ଡ ଆଉଁସୁ ଆଉଁସୁ ଇନ୍ଦୁମତୀ କହିଲେ, ଆରେ ପୂଜା, ତୁ ପିଲ୍‌ପିଲି କଥା କଣ ଭାବୁଛୁ । ତୋ ପଛରେ ଜିନା ସିନା ମାଆ ହେବାକୁ ଗଲେଣି । ତୋର କିଛି ଅସୁବିଧା ଅଛି କ? ଡାକ୍ତର ଦେଖାଉନୁ କାହିଁକି ?

ନାଇଁ ଲୋ ମାଆ... ପୂଜା କହେ । ଭାଇ ନାନୀଙ୍କର ଦୁଇଟି ପିଲାଙ୍କୁ ଗୋଟେ ସୁନ୍ଦର ମଣିଷ କରିବି ବୋଲି ମୋର ଇଚ୍ଛା । ଆଉ ମୋର ପିଲ୍ କଣ ହେବ ?

କଣ ବିକାଶ କିଛି କହନ୍ତିନ କ ? ଇନ୍ଦୁମତୀ ପଚାରିଲେ ।

ହଁ,.. ହଁ, ସେ ଅନେକ ଥର କହିଛନ୍ତି ମା ! ମୁଁ କିନ୍ତୁ ତାଙ୍କର କଥା ମାନେ ନାହିଁ । ତୁ କହୁଲୁ ମା ବାପ ଛେଉଣ୍ଡ ପିଲ୍ ଦୁଇଟିକୁ ଅନାଥ କରିଦେଲେ କଣ ଭଲ ଲାଗିବ । ମୋର ପିଲ୍ ହେଲେ ସେମାନଙ୍କ ପ୍ରତି ଆଦର କମିଯିବ ମାଆ । ତୁ ଦେଖ ଜଗନ ଭାଇକୁ ତୁ କେତେ ଶ୍ରଦ୍ଧା ବିଶ୍ୱାସରେ ଜନ୍ମ ଦେଇ ବଡ କରିଥିଲୁ, ସେ କଣ ତୋତେ ମନେ ପକଉଛି ନା ତୋ ଦୁଃଖ ଦୂର କରିବାକୁ ପଇସା ପଠଉଛି । ନା ତା ସ୍ତ୍ରୀ ର ହାତଘସା ତୋ ଗୋଡରେ ବାଜୁଛି । ଲୁହ ଜକେଇ ଆସିଲା ପୂଜା ଆଖିରେ ମୁଁ ବି ଜୀବନଉ ଏଇମାନଙ୍କ ସୁଖ ତୋଳବାରେ ସାରିଦେବି ମାଆ । ଆଉ କୌଣସି ସୁଖ ଦରକାର ନାହିଁ । ମୋ ମନ ବୁଝେନ । ବାରମ୍ବାର ଅନେକ ପ୍ରଶ୍ନ ବାଢିବସେ ପୂଜା ପାଖରେ । ପୂଜା ନ ଶୁଣିଲା ପରି ଘାଲେଇ ଶୋଇପଡେ । ଜଳ ଜଳ କରି ଭାସିଉଠେ କହ୍ନେଇର କଥା । ହୃଦୟରେ କୋହର ଜୁଆର ସୃଷ୍ଟି ହୁଏ । କାହାକୁ କହିପାରେନାହିଁ । ଉଠିଯାଏ ବାଡିପଟ ଫୁଲ ବଗିଚାର ମଧୁମାଳତୀ ଗଛ ପାଖକୁ । ଯେଉଁଠାରେ କହ୍ନେଇ ଜଡେଇ ଧରିଥିଲେ ତାକୁ । କଇଁ କଇଁ କାନ୍ଦିଉଠେ ବିକଳ ମନଟି । ସେବେଠାରୁ ତାଙ୍କ କଥା କାହାକୁ ପଚାରିନି କି କେହି କି କହି ନାହାନ୍ତି । ସେହି ସମୟରେ ମନ୍ଥର ଯାଇଥାଏ । ସେଠିକାର ନନା ମନ୍ଦିର ପଛକୁ ଡାକିନେଇ କହିଲେ, ଆ ପୂଜା, ମୁଁ ଜାଣିଛି ବହୁତ ଦୁଃଖରେ ଅଛୁ । ଜାଣିଛୁ କହ୍ନେଇ ଗୀତାକୁ ନେଇ କଲିକତା

ISSN NO.
2582-208X

ଗ୍ଲିଯାଇଛି । ତୋ ସାଙ୍ଗ ତ ବହୁତ ଦୁଃଖରେ ଥିଲ୍ାରେ । କହ୍ନେଇ ତାକୁ ନର୍କରୁ ଉଦ୍ଧାର କରିନେଇଛି ।

ହଁ କ ନନା? ହେଲେ ମତେ ନର୍କକୁ ଠେଲି ଦେଇ ଯାଇଛନ୍ତୁ ।

ଫୁସଫୁସ୍ କହୁଥାଏ ।

କଣ କହୁଛୁ କ ପୂଜା?

ନାଇଁ ମୋ ନନା ଏ କଛି ନୁହେଁ । କହ୍ନେଇ ଭଲ କାମ କଲେ । ଗୀତାର ଗୋଟେ ଝିଅ ହୋଇଛି । ହେଲେ ଗୀତା ଝିଅର ବାପା କଣ କହ୍ନେଇ, ବିଶ୍ୱାସ କରିପାରିଲ୍ାନ ପୂଜା । ନନାଙ୍କୁ ବାରମ୍ବାର ବୁଲେଇ ପଗ୍ୱରୁଥାଏ । ହେଲେ ନନା ଠିକ୍ ଜାଣିଥିଲେ ପୂଜା ଯଦି ଜାଣିବ ଜଗନର ପିଲ୍ାବୋଲି ସେ ସହିପାରିବ ନାହିଁ । ଗାଁରେ ହାଲ୍ଲା ହୋଇଗଲେ, ସିଦ୍ଧେଶ୍ୱରବାବୁ ମୁଣ୍ଡ ଟେକ ବାଟ ଗ୍ଲି ପାରିବେ ନାହିଁ ।

ତୋର ଗୀତା ସହିତ କଥା ନାହିଁକ? ପଗ୍ୱରିଲେ ନନା ।

ନା, ନା, ମୁଁ ଗ୍ୱହେଁନା, ଅଭିମାନରେ କହିଲ୍ା ପୂଜା ।

ତୁମେ କଣ କଥା ହେଉଛ?

ହଁ, ଏମିତି ମାସର ଥରେ ଦୁଇଥର ଫୋନ କରେ । ଦୁଃଖ ସୁଖ ହୁଏ । ତା ବାପା ଭଗିଆ ମଧ୍ୟ ଆସି ମନ୍ଦିର ଫୋନରେ କଥା ହୋଇଯାଏ । ତୋ କଥା ସେ ସବୁବେଳେ ପଚାରେ । ତାର ଗୋଟିଏ ଝିଅ ହୋଇଛି ତ, ସେଥିପାଇଁ ଏବେ ବେଶୀ ବ୍ୟସ୍ତ ରହୁଛି ।

ହଉ ନନା ମୁଁ ଆସୁଛି । ବେଳ ବହୁତ ହେଲାଣି । ମା ଖୋଜୁଥିବ । ବାପା ଗାଳି କରିବେଣି, କହିଦେଇ ପଳାଇ ଆସେ ପୂଜା । ମନ ତ ବୁଝେନା । ବାରମ୍ବାର କ୍ଷତାକ୍ତ ହୋଇଉଠେ । ଯେତେବେଳେ ଝରକା ଖୋଲି ପଦାକୁ ଚାହେଁ ବହୁତ ଡର ଲାଗେ । ଦୀର୍ଘନିଶ୍ୱାସ ଛାଡି ଅତୀତକୁ ନେଇ ମର୍ମାହତ ହୋଇପଡୁଥାଏ । ବହୁତ କାନ୍ଦିବାକୁ ଇଚ୍ଛା ମଧ୍ୟ ହେଉଥାଏ । ପରିବେଶ ପରିସ୍ଥିତି ଦୃଷ୍ଟିରୁ ନିଜକୁ ସମ୍ଭାଳି ଚୁପଚାପ୍ ରହିଯାଏ ପୂଜା । ନିର୍ବାକ, ନିଃସ୍ପନ୍ଦ ଭାବରେ ଆକାଶର ଥିବା ମେଘମାନଙ୍କର ଲୁଚକାଳିକୁ ଦେଖୁଥାଏ । ମନରେ ଭରି

ISSN NO.
2582-208X

ଯାଇଥିବା ଅଭିମାନ ଓ ହତାଶା କ୍ରୋଧକୁ ରୂପାନ୍ତରିତ ହୋଇଥାଏ । ନଜକୁ ଯଥା ସମ୍ଭବ ନେଇ କହିଗ୍ଲେ ତୁମେ ଥରଟୁଏ କହିଯାଅ କହ୍ନେଇ, ଶେଷଥର ପାଇଁ ଶୁଣିବାକୁ ଗ୍ଲହେଁ ।

ଅନ୍ୟ କାହାରି ମୁହଁରୁ ନୁହେଁ । ତୁମେ ମତେ ଭଲପାଅ ନାହିଁ ବୋଲି । ବାସ୍ ତାପରେ କଇଁ କଇଁ କାନ୍ଦିଉଠେ । ନଶୁଣିଲା ପରି ବିକାଶ ବାବୁ ରୁମାଲଟି ହାତକୁ ବଢାଇ ଦେଇ କୁହନ୍ତି, ଦେଖ ପୂଜା ସମୟ ସହିତ ବଞ୍ଚିବା ଶିଖ । ଯାହା ଯାଇଛି ତାକୁ ନେଇ କାନ୍ଦୁଚ କାହିଁକି? ବର୍ତ୍ତମାନ ସହିତ ଖୁସି ବାଛିନିଅ ଦେଖିବ ବହୁତ ଆନନ୍ଦ ମିଳିବ । ଚମକିପଡେ ପୂଜା । କଣ ବିକାଶବାବୁ ମୋ ଅତୀତକୁ ଜାଣିଛନ୍ତି କି? ବିକଳରେ ବିକାଶବାବୁଙ୍କୁ ଚାହିଁଲା ପୂଜା । ବିକାଶବାବୁ ବି ତାଙ୍କୁ ନଜାଣିଲା ପରି କହନ୍ତି, ଆରେ ଆଜିକାଲିର ପିଲା ସେ ଯେବେ ବୁଝିବ ଦେଖିବ ଘରକୁ ପଳାଇ ଆସିବ । ଜଗନ ସେମିତି ପିଲା ନୁହଁ । କାହିଁକି ଏମିତି ଭାବିକି ଦୁଃଖ କରୁଛ ।

ଓଃ ..... ଜୀବନ ପଶିଲା ଯେମିତି ପୂଜା ଦେହରେ । ମୁଁ ଭାବିଥିଲି କହ୍ନେଇ କଥା ଜାଣି ନେଇଛନ୍ତି କି? ଠିକ୍ ଅଛି, ବଞ୍ଚିଗଲ୍ ମଣିଷ ।

କାଲି ଅମନ ଫୋନ୍ କରିଥିଲ୍ । ତୁମେ କଥା ହୋଇଗଲଣି । ବହୁତ ମନେପଡୁଛି କହୁଥିଲ୍ । ହେଲେ ନୂଆ ଗ୍ଲକରି ବେଶୀ କାମ ଯୋଗୁଁ ଆସିପାରୁ ନାହିଁ । ବୀଣା ବି ବେଶୀ ମନ କଷ୍ଟ କରୁଛି । କେବେ ଦୁଇଜଣ ଅଲଗା ରହିନଥିଲେ ତ ।

ହଉ ଠିକ୍ ଅଛି, ମୁଁ ସନ୍ଧ୍ୟାରେ ତା ସହିତ କଥା ହେବି । ତୁମେ ଖାଇନଅ । ବିକାଶ କହି ଗାଡି ଧରି ଗ୍ଲିଗଲ୍ । କେତେ ଦରଦ ମନଟେ ବିକାଶଙ୍କର । କଛି ବି ଅଭିମାନ ନାହିଁ କ ଅଭିଯୋଗ ନାହିଁ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

ISSN NO.
2582-208X

# ଭାଲେଣ୍ଟାଇନ୍ ଡେ



ସେବାକାନ୍ତ ନନ୍ଦ

ମିଳନର ଅପୂର୍ବ ବାସ୍ନା ନେଇ
ଗୁହିଁଥାଏ ପ୍ରେମିକ
ଭ୍ଲେନଟାଇନ୍ ଦିନକୁ
ପ୍ରେମର ବାରତା ଜଣାଇବା ପାଇଁ
ଅପେକ୍ଷା କରିଛି ଆଜି
ତା ପ୍ରିୟା ଆସିବା ବାଟକୁ
ଏହି ଯେ ଅପୂର୍ବ ସୁଯୋଗ
ପ୍ରେମିକ, ପ୍ରେମିକାର
ଭଲ ପାଇବାର ପ୍ରତିଶ୍ରୁତି ନେଇ
ପ୍ରେମିକ ଦିଏ ଆଲିଙ୍ଗନ ସହ ଉପହାର
ସ୍ନେହ, ଶ୍ରଦ୍ଧା, ପ୍ରୀତି ହୃଦୟେ
ମନର କୋହଟିକୁ
ପ୍ରକାଶ କରି କହିଥାଏ
ଭଲ ପାଉଛି ତୁମକୁ ପ୍ରିୟେ !
ଆସ ମୋ ସାଥିରେ
ପ୍ରେମର ଉଲ୍ଲାସ ଜନ୍ମାଇ
ତୁମ ଶାନ୍ତ ହୃଦୟରେ
ଭେଲେନଟାଇନ୍ ଦିନରେ
କହିଦିଅ ମୋତେ
ଆଇ ଲଭ୍ ୟୁ ଥରେ ।

ସଂସ୍କୃତ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ମଲ୍ଲାଡ, ଗଞ୍ଜାମ

ISSN NO.
2582-208X

# ମହାବାହୁ



ଭଗିରଥୀ ଯାନୀ

ଏ ଜୀବନ ଦୁଃଖେ ଭସେ ମହାବାହୁ
ଏ ଜୀବନ ଦୁଃଖେ ଭସେ,
ତୁମରି ଚରଣେ ସେବା ପାଇଁ ମନ
ରହିଥାଉ ତବ ପାଶେ।। ଘୋଷା ।।

ତବ ଶ୍ରୀମନ୍ଦିରେ ମନା ହେଉ ପଛେ
ଦୂରେଥାଇ ଡାକୁଥିବି,
କଷ୍ଟ ପାଇ ପାଇ ଅଥୟ ହେଉଛି
ତଥାପି ମୁଁ ସ୍ମରୁଥିବି।। ୧।।

ଦୁଃଖୀଟିଏ ହୋଇ ଦୁଃଖ ତ' ଜଣାଏ
ହରିବାକୁ ଦୁଃଖ ମୋର,
ତୁମକୁ ଡାକୁଛି ସଦା ଡାକୁଥିବି
ଗ୍ଲିଯାଉ ପ୍ରାଣ ମୋର।। ୨।।

ସୁନ୍ଦର ସଂସାରେ ବଞ୍ଚିବାର ସୁଖ
ଲୋଡା ନାହିଁ ଲୋଡା ନାହିଁ,
ତୁମ ନାମ ଧରି ଗ୍ରହିଁ ରହିଥିବି
ଶେଷ ଦରଶନ ପାଇଁ।। ୩।।

ISSN NO.
2582-208X

ସବୁ ପୁଣ୍ୟ ଫଳ ତୁମକୁ ସମର୍ପି
ଯିବି ମୁଁ କରୁଣା ନେଇ,
ଯାନୀ ଭଗିରଥୀ କରୁଛି ବିନତି
ଦୋଷ ମୋ' ଧରିବ ନାହିଁ।। ୪।।

ଦଳପଡା, ଖଜୁରୀପଡା,ଫୁଲବାଣୀ।
ପିନ୍-୭୬୨୦୧୨, ଓଡ଼ିଶା, ଭାରତ।

ISSN NO.
2582-208X

# ସନ୍ଦେହ ନୁହେଁ ସମାଧାନ


ଝରଣା ବାରିକ

ଫେବୃଆରୀ ମାସ ସକାଳର କଅଁଳ ଖରା ଭାରି ସୁନ୍ଦର ଲାଗୁଥାଏ। ସକାଳୁ ସକାଳୁ ଖରାରେ ବସିଲେ ମନଟା ଖୁବ୍ ଶାନ୍ତି ଲାଗେ। ଆଲୁର ବାଲୁର ମୁଣ୍ଡରେ ଖରା ପୋଉଥାଏ ସିପ୍ରା।

ଆଗକୁ ଥାଏ ମାଟ୍ରିକ ପରୀକ୍ଷା। ପାଠ ପଢ଼ାରେ ତା'ର ଖୁବ୍ ଆଗ୍ରହ ଥିଲେ ବି କେମିତି ଗୋଟାଏ ଡର ଡର ଲାଗୁଥାଏ । ପାଠ ପଢ଼ାରେ ମନ ଦେବାପାଇଁ ବାପା ଙ୍କର ତାଗିଦ। ଟିଭି ପାଖରେ ବସିଲେ ବୋଉ ର ଗାଳି ଶୁଣିବାକୁ ପଡେ।

କିଛିଦିନ ପରେ ଠିକ ସମୟ ଆସିଗଲା। ପରୀକ୍ଷା ହେଲା।ଭଲ ନମ୍ବର ରଖି ସିପ୍ରା ପାଶ ବି କଲା। ମନରେ ତାର କେତେ ଆଶା, ନୂଆ ନୂଆ କଲେଜ ଯିବ । କେତେ ନୂଆ ନୂଆ ସାଙ୍ଗ ମାନଙ୍କ ସହ ମିଶିବ। ଖୁବ୍ ମଜା ଲାଗିବ।

ଦୂର କଲେଜରେ ଆଡ଼ମିଶନ କରିଦେଲେ ବାପା। ଘରେ ରହିଲେ ପଢିବାରେ କାଳେ ଅସୁବିଧା ହେବ, ସେଥିପାଇଁ ହଷ୍ଟେଲ ରେ ରହିବାର ବ୍ୟବସ୍ଥା ମଧ୍ୟ କରିଦେଲେ। ଘରଛାଡି ଯିବାକୁ ସିପ୍ରାର ଯମା ବି ଇଚ୍ଛା ନଥାଏ। ହେଲେ କଣ ବା କରିପାରିବ ସିଏ? ବାପା ଙ୍କ କଥା ମାନିବାକୁ ବାଧ୍ୟ। ନହେଲେ ପାଠ ପଢ଼ାରେ ଡୋରି ବାନ୍ଧି ବାକୁ ପଡିବ ।

ISSN NO.
2582-208X

ଆଷାଢ଼ ମାସ ବର୍ଷା ର ପହିଲି ସ୍ପର୍ଶରେ ପୃଥିବୀ ଟା ଯେମିତି ଖିଲି ଖିଲି ହୋଇ ହସି ଉଠୁଥିଲା। କଲେଜ ଖୋଲିବା ସମୟ ହେଇଯାଇଥିଲା। ସକାଳୁ ସକାଳୁ ସିପ୍ରା କୁ ହଷ୍ଟେଲ ଛାଡ଼ିବାପାଇଁ ବାପା ପ୍ରସ୍ତୁତ ହେଉଥାନ୍ତି। ସବୁ ଜିନିଷ ପତ୍ର ଠିକ ଠାକ୍ ମନେ ପକେଇ ରଖ ଭୁଲିଗଲେ ହଇରାଣ ହବୁ ବଡ଼ ପାଟିରେ ସିପ୍ରା କୁ କହୁଥାନ୍ତି ବାପା। ସିପ୍ରା ର ମନ କିନ୍ତୁ ଆଉ କୁଆଡେ, ଘର ଛାଡ଼ି ଯିବା କଥା ଭାବିଲେ ଆଖିରେ ତାର ଲୁହ ଜକେଇ ଆସୁଥାଏ।

ଏତିକି ବେଳକୁ ବୋଉ ଆସି ତା ପାଖରେ ପହଞ୍ଚିଲା। ବୋଉ ର ଚିନ୍ତା ଧାରା ବାପାଙ୍କ ଠୁ ନିଆରା। ସିଏ କହିବା ଆରମ୍ଭ କଲା। ଠିକ ସମୟ ରେ ଖାଇବୁ, ଦେହର ଯତ୍ନ ନେବୁ, ବାହାରେ ବେଶୀ ବୁଲାବୁଲି କରିବୁନି। କଲେଜ ଛୁଟି ହେଲେ ବାପାଙ୍କୁ କହିବି ତତେ ଘରକୁ ନେଇଆସିବେ। ଏତିକି କଥା ଶୁଣିଲା ପରେ ସିପ୍ରା ବୋଉକୁ କୁଣ୍ଢେଇ କାନ୍ଦି ବାକୁ ଲାଗିଲା। ବୋଉ ବି ନିଜକୁ ସମ୍ଭାଳି ପାରିଲାନି ।

ମାଆ ଝିଅଙ୍କର କାନ୍ଦ ଶୁଣି ବାପା ତେଣେ ଡାକ ଛାଡିଲେ ''''''କଣ କରୁଛ ସରିଲା ନା ନାହିଁ।

ବାପାଙ୍କ ଡାକ ଶୁଣି ବୋଉ ଜବାବ ଦେଲା ହଁ ହଁ ସରିଲାଣି। ବାପାଙ୍କ ସହିତ ଘରୁ ବାହାରି ଗଲା ସିପ୍ରା। ଘର ଠାରୁ ଅଳ୍ପ ଦୂରରେ ବସ ଷ୍ଟାଣ୍ଡ। ଖୁବ୍ ଶୀଘ୍ର ଷ୍ଟାଣ୍ଡ ରେ ପହଞ୍ଚି ଗଲେ ସିପ୍ରା ଆଉ ତା ବାପା। କିଛି ସମୟ ପରେ ବସ ଆସିବାର ଶବ୍ଦ ଶୁଭିଲା। ବାପା ସିପ୍ରା କୁ କହିଲେ ବସ ଆସିଲାଣି ତୋ ବ୍ୟାଗ ଟା କାନ୍ଧରେ ପକେଇ ଦେ । ବାକି ଜିନିଷ ତକ ମୁଁ ନେଇ ରଖି ଦଉଛି ।

ତର ତର ହେଇ ବସକୁ ଚଢିଗଲେ ବାପା। ତାଙ୍କ ପଛେ ପଛେ ସିପ୍ରା ବି ବସ ଉପରକୁ ଉଠିଗଲା । ବସଟି ବହୁତ ଭିଡ଼ ଥିଲା ।ଠିଆ ହେଇକି ଯିବା ବି କଷ୍ଟକର। କିଛି ବାଟ ଯିବାପରେ, ପାଖ ସିଟ ରେ ବସିଥିବା ପିଲାଟିଏ ନିଜେ ଉଠିଯାଇ ତା ସିଟ ରେ ସିପ୍ରା କୁ

ISSN NO.
2582-208X

ବସିବା ପାଇଁ କହିଲା । ସିପ୍ରା ବାପାଙ୍କୁ ଟିକେ ଚାହିଁଲା । ବାପା ଇସାରା ଦେଇ ବସିବା ପାଇଁ କହିଲେ । ସୁନା ଝିଅ ଟିଏ ପରି ସିପ୍ରା ଯାଇ ସିଟ ରେ ବସିପଡ଼ିଲା

ବାପାଙ୍କ ପାଖରେ ଠିଆ ହୋଇଥିଲା ପିଲାଟି । ବାପା ପଚାରିଲେ ତମ ନାଁ କ'ଣ ? ପିଲାଟି ଉତ୍ତର ଦେଲା ସୋମୁ । ସୋମୁ ବା ବଢ଼ିଆ ନାଁ ଟିଏ ତ ବାପା କହିଲେ । କିଛି ସମୟ କଥା ହେଲା ପରେ ବାପା ଜାଣିଲେ, ସିପ୍ରା ର ଆଡ଼ମିଶନ ହେଇଥିବା କଲେଜ ରେ ସୋମୁ ପଢୁଛି । ସିପ୍ରା କୁ ଡାକି ବାପା କହିଲେ ଦେଖ ଇଏ ହେଲେ ସୋମୁ, ତୁ ଯୋଉ କଲେଜ ରେ ପଢିବା ପାଇଁ ଯାଉଛୁ ଇଏ ବି ସେଇଠି ପଢୁଛନ୍ତି ।

ସିପ୍ରା ସୋମୁ ଆଡ଼କୁ ଟିକେ ଚାହିଁଲା, ସୋମୁ ବି ସିପ୍ରା କୁ ଚାହିଁ ଟିକେ ହସି ଦେଲା ।

ୟା ଭିତରେ ବସ୍ ଟି ଆସି ଠିକ ଜାଗାରେ ପହଞ୍ଚି ସାରିଥାଏ । ବସ ରହିବା ମାତ୍ରେ ତର ତର ହୋଇ ଓହ୍ଲାଇ ପଡ଼ିଲେ ସିପ୍ରା ଆଉ ତାର ବାପା ସୋମୁ ମଧ୍ୟ ସେଇଠି ଓହ୍ଲାଇଲା । ବାପାଙ୍କ ଠାରୁ କିଛି ବ୍ୟାଗ୍ ସୋମୁ ଧରି ନେଲା।ତିନି ଜଣ ଯାକ ହଷ୍ଟେଲ ଆଡ଼କୁ ମୁହାଁଇଲା

କଲେଜ ରେ ପହଞ୍ଚିଲା ପରେ ସୋମୁ ତା ହଷ୍ଟେଲ ଆଡ଼କୁ ଯିବାପାଇଁ ବାହାରିଲା । ବାପାଙ୍କ ହାତକୁ ବ୍ୟାଗ ତକ ବଢେଇ ଦେଇ କହିଲା ମଉସା ଆଗକୁ ଯାଇ ବାମ ଆଡ଼କୁ ଗଲେ ଝିଅ ମାନଂକ ହଷ୍ଟେଲ ପଡିବ । ମୁଁ ଏଥର ଆସୁଛି । ସୋମୁ ତା ହଷ୍ଟେଲ ଆଡ଼କୁ ମୁହାଁଇଲା ।

ବାପା ସିପ୍ରା କୁ ସାଙ୍ଗରେ ଧରି ଆଗକୁ ପାଦ ବଢାଇଲେ । ହଷ୍ଟେଲର ନିୟମ ଅନୁସାରେ ପରିଚୟପତ୍ର ଦେଇସାରିବା ପରେ ସିପ୍ରା କୁ ନେଇ ତା ରୁମରେ ଛାଡି ଦେଲେ ବାପା । କିଛି ସମୟ ରହିବା ପରେ ବାପା ଘରକୁ ଯିବା ପାଇଁ ବାହାରିଲେ । ବାପା ଙ୍କ ଯିବା କଥା ଶୁଣି ସିପ୍ରା କାନ୍ଦି ପକାଇଲା । ବାପା ସିପ୍ରା ଆଖିରୁ ଲୁହ ପୋଛି ଦେଇ ବୁଝାଇଦେଲେ ମାଆରେ

ISSN NO. 2582-208X


ତୁ ଯମା ବ୍ୟସ୍ତ ହଅନି । ସୁବିଧା ଅସୁବିଧା ରେ ଘରକୁ ଫୋନ କରିବୁ । ଛୁଟି ହେଲେ ମୁଁ ଆସି ତତେ ନେଇ ଯିବି । ତାପରେ ବାପା ଚାଲିଯାଇଥିଲେ ।

ୟା ଭିତରେ କିଛି ଦିନ ବିତି ଯାଇଥିଲା । ସେଇ ପରିବେଶ ରେ ନିଜ କୁ ସଜାଡି ନେଇ ଥିଲା ସିପ୍ରା । କିଛି ଦିନ ପରେ ପଡ଼ିଲା ରାକ୍ଷୀପୂର୍ଣ୍ଣିମା । ପ୍ରାୟ ସମସ୍ତେ ଘରକୁ ଯିବା ପାଇଁ ବାହାରିଲେ । ସିପ୍ରା ସାଙ୍ଗ ମିକି  ଆସି ପଚାରିଲା ସିପ୍ରା ତୁ ଘରକୁ ଯିବୁ ନାହିଁ କି? ସିପ୍ରା ମୁଣ୍ଡ ହଲେଇ ନାଇଁ କଲା। ମିକି ପଚାରିଲା ତୁ କ'ଣ ତୋ ଭାଇ ହାତରେ ରାକ୍ଷୀ ବାନ୍ଧିବୁ ନାହିଁ କି? ସିପ୍ରା ଟିକେ ମିକି କୁ ଚାହିଁ କହିଲା ସେ ଭାଗ୍ୟ ମୋର ନାହିଁ । ମାନେ ! ମିକି ପଚାରିଲା । ସିପ୍ରା କହିଲା ମୋର ଭାଇ ନାହିଁ । ଓଓଓଓଓ । ତାପରେ ମିକି ତା ବାଟରେ ଚାଲିଗଲା ।

ଏପଟେ ସୋମୁ ର ବି ସେଇ ଅବସ୍ଥା  ତା ସାଙ୍ଗ ମାନେ ବି ସୁନ୍ଦର ସୁନ୍ଦର ଉପହାର କିଣି ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ସୋମୁ କିନ୍ତୁ ମନ ମାରି  ବେଡ଼ ଉପରେ ବସି ଥାଏ। ମନେ ମନେ ଭାବୁଥାଏ ଭଗବାନ ମତେ ଗୋଟେ ଭଉଣୀ ଦେଇଥାନ୍ତେ କି ।

କିଛି ସମୟପରେ ହଷ୍ଟେଲ ଟା ପ୍ରାୟ ଫାଙ୍କା ହେଇଗଲା ।  ଖାଇବା ସମୟ ଘଣ୍ଟା ବାଜିବାରୁ ସମସ୍ତେ ନିଜ ନିଜର ଖାଇବା ଆଣିବା ପାଇଁ ବାହାରିଲେ । ସେଇଠି ସିପ୍ରା ଆଉ ସୋମୁଙ୍କର ଦେଖା ହୁଏ । ସିପ୍ରା ସୋମୁକୁ ପଚାରେ ଭାଇ ତମେ କଣ ଘରକୁ  ଯାଇ ନାହଁ କି ? ସୋମୁ ନାଁ କହେ । ସିପ୍ରା ପୁଣି ପଚାରିଲା, ତମେ ନ ଗଲେ ତମ ଭଉଣୀ ମନ ଦୁଃଖ କରିବନି। ସୋମୁ କହେ ନାଁ ମନ ଦୁଃଖ କରିବାପାଇଁ ମୋ ଭଉଣୀ ହିଁ ନାହିଁ । ସେଥିପାଇଁ ଏହି ଦିନ ଟି ମତେ ବହୁତ କଷ୍ଟ ହୁଏ ।

ଏକଥା ଶୁଣି ସିପ୍ରା କୁ ବି ବହୁତ କଷ୍ଟ  ହେଲା । ସେ ସୋମୁକୁ କହିଲା ଭାଇ ମୁଁ ତୁମର ଭଉଣୀ ହେଇପାରିବି ।

ISSN NO.
2582-208X

ଏକଥା ଶୁଣି ସୋମୁ ଆଖି ଛଳଛଳ ହେଇଗଲା । ତା ପାଟିରୁ କଥା ବାହାରୁ ନ ଥାଏ । ତା ନିରବତା ହିଁ ସିପ୍ରା ପ୍ରଶ୍ନ ର ଉତ୍ତର ଥିଲା । ସିପ୍ରା ତା ରୁମକୁ ଦୌଡ଼ି ଚାଲିଗଲା । କିଛି ସମୟ ପରେ ରାକ୍ଷୀ ଟିଏ ନେଇ ସୋମୁ ପାଖରେ ପହଞ୍ଚିଲା । ସୋମୁ ହାତରେ ରାକ୍ଷୀ ଟି ବାନ୍ଧି ଦେଇ ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲା । ସତରେ ଯେମିତି ତାର  ବହୁତ ଦିନ ର ଆଶା ସଫଳ ହେଇଛି ।

ରାକ୍ଷୀ ବାନ୍ଧି ଥିବାରୁ ସୋମୁ ତାକୁ ଗୋଟେ ସୁନ୍ଦର ଉପହାର ଟିଏ ଦିଏ । ସିପ୍ରା ବହୁତ ଖୁସି ହୁଏ ।

ଯା ଭିତରେ ବହୁତ ଦିନ ବିତି ଯାଇଥାଏ । ସିପ୍ରା ଓ ସୋମୁର ମିଳାମିଶା ବହୁତ ବଢିଯାଇଥାଏ । ସମସ୍ତ ଙ୍କୁ କିନ୍ତୁ ଏ ସବୁ ଭଲ ଲାଗେନାହିଁ ।କିଏ କେତେ ପ୍ରକାର କଥା କୁହନ୍ତି । ସେ ସବୁ କଥା ଶୁଣିଲେ ବି ଦୁହେଁ କାନକୁ ନିଅନ୍ତି ନାହିଁ ।

ସଜମାଛ ରେ ପୋକ ପକେଇବା ଆଜି କାଲି ଲୋକ ମାନଙ୍କର କାମ । କାନକୁ ଦୁଇ କାନ ହେଇ ଦିନେ ଏ କଥା କଲେଜ ସାରା ପ୍ରଘଟ ହୋଇଗଲା । ସିପ୍ରା ର ବାପା ମାଆ ମଧ୍ୟ ଏକଥା ଜାଣିଲେ । ସିପ୍ରା ସୋମୁକୁ ଭାଇ କରିଥିବା କଥା କେହି ବି ବିଶ୍ୱାସ କଲେନାହିଁ ।

ସିପ୍ରା ବହୁତ ଭାଙ୍ଗି ପଡ଼ିଲା । ସନ୍ଦେହ ରାକ୍ଷସ ଟା ଯେମିତି ସମସ୍ତ ଙ୍କ ମନରେ ବସା ବାନ୍ଧି ସାରିଥିଲା । ସବୁ ଆଡ଼େ ତାକୁ ଅନ୍ଧାର ଦେଖାଯାଉଥିଲା ।  କ'ଣ କରିବ ସେ କିଛି ଭାବି ପାରୁନଥିଲା ।

ଏଥର ତାର କଲେଜରେ ଦିତୀୟ ବର୍ଷ  ।

ISSN NO.
2582-208X

କିଛି ଦିନ ପରେ ଫାଇନାଲ ପରୀକ୍ଷା । ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଚେଷ୍ଟା କରୁଥାଏ ସିପ୍ରା । କିନ୍ତୁ ପାରୁନଥାଏ, ସାଙ୍ଗ ସାଥିଙ୍କ ଟାହିଟାପରା ବାପା ବୋଉ ଙ୍କ ସନ୍ଦେହ ତା ମନଟାକୁ ଦୋହଲାଇ ଦେଉଥାଏ । ତଥାପି  ପଢିବାରେ ଲାଗି ପଡ଼ିଥାଏ ସିପ୍ରା ।

ପରୀକ୍ଷା ସମୟ ଆସିଗଲା । ସିପ୍ରା ମନ ଦେଇ ପରୀକ୍ଷା ଦେଲା । ପରୀକ୍ଷା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଗଲେ। ସିପ୍ରା ବି ଗଲା । କିନ୍ତୁ ଆଗ ଭଳି ବୋଉ ବାପାଙ୍କୁ  ସେଠି ପାଇଲା ନାହିଁ । ବୋଉ ସବୁ କଥା ରେ ତାକୁ ଗାଳି କରୁଥାଏ । ପାଠ ପଢି ପାଇଁ ଦୂରକୁ ଛାଡ଼ିବା ଆମର ସବୁଠାରୁ ବଡ଼ ଭୁଲ ବୋଲି ବୋଉ କହୁଥାଏ । ବାପାଙ୍କ ଠାରେ ବି ବହୁତ ପରିବର୍ତ୍ତନ ଲକ୍ଷ୍ୟ କରୁଥିଲା ସିପ୍ରା । ନିଜ ଲୋକଙ୍କ ର ଏପରି ବ୍ୟବହାର ସିପ୍ରା କୁ ବହୁତ ଦୁଃଖ ଦେଉଥାଏ ।

ତଥାପି ମନ କୁ ଦୃଢ କରି ସବୁ ସହିଯାଉଥାଏ । ଆଖିର ଲୁହ କୁ  ଆଖିରେ ଚାପି ହସିବା ପାଇଁ ଚେଷ୍ଟା କରୁଥାଏ । ତଥାପି ନିଜ ଘରେ  ପରଲୋକ ଭଳି ବ୍ୟବହାର ତା ପାଇଁ ଅସହ୍ୟ ହେଇ ପଡୁଥାଏ ।

ଏ ସବୁ ଭିତରେ ତାକୁ  ଆଉ ବଞ୍ଚି ରହିବାକୁ ଇଚ୍ଛା ହେଉନଥାଏ । ବାହାର ଲୋକଙ୍କ କଥା ଅଲଗା, ନିଜ ଲୋକ ଯଦି ପର ଭାବନ୍ତି ସେଠି କିଏ ବା ସହିପାରିବ ।

ୟା ପରେ ସିପ୍ରା ର ଦେହ ବହୁତ ଖରାପ  ହେବାରେ ଲାଗିଲା । ଯେତେ ଔଷଧ ଖାଇଲେ ବି କାମ କଲାନାହିଁ ।ଯେତେ ଯାହା ହେଲେ ବାପା ମାଆଙ୍କ ମନ ପିଲା ପାଇଁ ବ୍ୟାକୁଳ। ବାପା ନେଇ ମେଡିକାଲ ରେ ଆଡ଼ମିଶନ କରିଦେଲେ । ଡକ୍ଟର ଆସି ସିପ୍ରା କୁ ଦେଖିଲେ । ସେତେବେଳେ କୁ ସିପ୍ରା ଜାଣି ସାରିଥିଲା ଯେ ମୁଁ ଆଉ ବଞ୍ଚିବି ନାହିଁ ।  ଡକ୍ଟର ବି ଜଣେଇ ଦେଲେ । ଏକ ପ୍ରକାର ପଏଜନ ତା ଦେହ ସାରା ଚରିଗଲାଣି ।କୁ ବଞ୍ଚେଇବା ଆମ ପକ୍ଷେ ଅସମ୍ଭବ ।

ISSN NO.
2582-208X


ଏ କଥା ଶୁଣି ସିପ୍ରା ବାପା ବୋଉ ଙ୍କ ଗୋଡ଼ ତଳୁ ମାଟି ଖସିଗଲା ପରି ଲାଗିଲା । ଦୁହେଁ କୁଣ୍ଢାକୁଣ୍ଢି ହୋଇ କାନ୍ଦି ବାକୁ ଲାଗିଲେ । ଏହି ସମୟରେ ସିପ୍ରା ବୋଉକୁ ପାଖକୁ ଡାକି କହିଲା ବୋଉ ମୋର ଗୋଟିଏ ଶେଷ କଥା ରଖିବୁ । ମୁଁ ଟିକେ ସୋମୁକୁ ଭାଇ ଙ୍କୁ ଦେଖିବାକୁ ଚାହେଁ ।ସୋମୁ କୁ ଖବର ଦେଲାପରେ ସୋମୁ ଆସି ପହଞ୍ଚିଲା । ସୋମୁକୁ ଦେଖି ସିପ୍ରା ବହୁତ ଖୁସି ହେଲା ।

ସୋମୁ ର ହାତ ଧରି ବହୁତ କାନ୍ଦିଲା ସିପ୍ରା । ତାର କାନ୍ଦ ଦେଖି ବାପା, ବୋଉ, ସୋମୁ ସମସ୍ତେ କାନ୍ଦି ପକାଇଲେ । ସୋମୁ ହାତଧରି ସିପ୍ରା କହିଲା ଭାଇ ତମ ଭଉଣୀ ତମକୁ ଛାଡି ବହୁତ ଦୁରକୁ ଚାଲିଯାଉଛି ।ତମର ମୋର ସମ୍ପର୍କ ରେ କଳଙ୍କ ନଲାଗୁ ସେଥିପାଇଁ ତମକୁ ମୁଁ ଏଇଠିକି ଡାକିଛି । ବାପା ବୋଉ ତାଙ୍କ ଭୁଲ ବୁଝିପାରିଥିଲେ ।

କିଛି ଦିନ ହେଲା ମୁଁ ପଏଜନ ଅଳ୍ପ ଅଳ୍ପ ଖାଉଥିଲି । ଯୋଉଥି ପାଇଁ ଆଜି ମୋର ଏ ଅବସ୍ଥା । ସିପ୍ରା କହିଲା ।
ନିଜ ଲୋକମାନେ ଯେତେବେଳେ ମୁହଁ ଫେରାଇ ନିଅନ୍ତି। ସେତେବେଳେ ସବୁ ବାଟ ବନ୍ଦ ହେଇଯାଏ । ସବୁ ଭୁଲ ବୁଝିପାରିଲେ ବାପା ଆଉ ବୋଉ ।ସେତେବେଳକୁ ସିପ୍ରା ଆଉ ତାଙ୍କ ପାଖରେ ନଥିଲା ।

ପ୍ରକୃତ ସତ୍ୟ ନ ଜାଣି କାହାକୁ ଦୋଷୀ ଭାବିବା ଉଚିତ ନୁହେଁ ।

ସମଲ, ତାଳଚେର, ଅନୁଗୋଳ

ଅପ୍ରେଲ – ୨୦୨୨

www.vedantimagazine.com

ISSN NO.
2582-208X

# ବୁଦ୍ଧି ଅସଲ ବଳ



ଅଲେଖ ମେହେର

ସରୀ କୂଳେ ବଗ ବସିଥିଲା ଦିନେ ପାଳନାର୍ଥେ  କୁକ୍ଷି କୂପ,
ମୀନ ହଜିଗଲେ ବିଲୋକି ସମନ କରେ ବସି ମନସ୍ତାପ।
ଏ କି ହେଉଛି ଆଜ,
ଭଟ୍ଟା ପଡିଯାଉଛି ମଉଜ।
ଦଇବକୁ ଆସି ଜୁଟିଲା କଙ୍କଡା ଖିପ୍ର ବେଗେ ନେଲା ଝାମ୍ପି,
ଭାବିଲା ଖୁସିରେ କଟିଯିବ ଦିନ  ଭୁଞ୍ଜିବଇଁ ଖୁମ୍ପି ଖୁମ୍ପି ।
ପ୍ରତି ଆକ୍ରମଣରେ, କଣ୍ଠ ପ୍ରଦେଶ  ବିଚ୍ଛିନ୍ନ କରେ ।
ସାହସ ଧୈର୍ଯ୍ୟର ଶକ୍ତିଥିଲେ ବନ୍ଧ ଦୁର୍ଜନ ପଇଡ ଭାଜି,
ଅଜା ସମ ବେକ ଦେଖାଇଲେ ମୃତ୍ୟୁ କେସନେ ହେବ ଅରାଜି।
କରି ନେବ ଆହାର, ବୁଡିଯିବ ବାନା ଆପଣାର ।
ଦେଖି ଯଦି ଝଡ ଉଚ୍ଚକଲେ ମଥା କଚାଡିବ ମହୀପରେ,
ଧରଣୀ ବୁକୁରେ ଶୋଇଗଲେ ବାତ୍ୟା କାୟାର କ୍ଷତି କି କରେ ?
ବୁଦ୍ଧି  ଅସଲ ବଳ, ଛକାପଞ୍ଝାର ଜୀବନ ଖେଳ।
ବିଶାଳ ସଇନ ଦର୍ଶନରେ ମାନୀ ଭାବିଥିଲେ ହେବ ଜୟ,
କେଶବ କଥନେ ପଞ୍ଚଭାଇ ମିଳି କରିଦେଲେ ପରାଜୟ।
ଧର୍ମ  ଶକତି ମୂଳେ, ତରଣୀ ଲାଗିବ ସିନ୍ଧୁକୂଳେ।

ସୋହେଲା, ବରଗଡ
ମୋ–୭୩୭୦୨୨୦୫୫୯

ISSN NO.
2582-208X

# ଭୟ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ସିଦ୍ଧତପା ଋଷି
ଆଶ୍ରମ ବାହାରେ
ବିଚରଣ କରୁଥିଲେ
ମୁହଁ ଅନ୍ଧାରିଆ
ହୋଇ ଯାଇଥିଲା
କାଳଟାକୁ ଦେଖିଥିଲେ ।

ପଚାରିଲେ ତାକୁ,
"କଏ ତୁମେ ଆଉ
କାହିଁକି ଆସିଛ କୁହ
କାଳ କହିଥିଲା,
"କାଳ ପୁରୁଷ ମୁଁ
ନମସ୍କାର ମୋର ନଅ ।

ପଠାଗଲା ମୋତେ
ପଚାଶଟି ପ୍ରାଣ
ନେବାକୁ ଆସିଛି ମୁହିଁ"
ତର ତର ହୋଇ
ଆଗକୁ ଗଲିଲା
ଏତିକି ମାତର କହି ।

ଅଦୂର ଗ୍ରାମରୁ
ବିକଟାଳ ଶବ୍ଦ
ଶୁଣିଥିଲେ ସିଦ୍ଧତପା
"ମରିଗଲି ମୁହିଁ
ରକ୍ଷା କର ମୋତେ
ଆହେ ଜଟାଧାରୀ ବାବା ।"

ଗ୍ରାମକୁ ଯାଇ ସେ
ଅବସ୍ଥାକୁ ଦେଖି
ଆଚମ୍ବିତ ହୋଇଗଲେ
ଶତାଧିକ ଲୋକ
ମରି ପଡ଼ିଛନ୍ତି
କାଳକୁ ସେ ପ୍ରଶ୍ନ କଲେ ।

ISSN NO.
2582-208X

"ତୁମେ କହିଥିଲ
ପଗ୍ୱଶଂକୁ ନେବ
ମୁଁ ଦେଖୁଛି ଶତାଧିକ
ତୁମରି ମୁଖରୁ
ମିଛ କଥା ଶୁଣି
ଲ୍‌ଗୁ ଅଛି ମୋତେ ଦୁଃଖ।"


କାଳ କହିଥିଲ୍‌
"ପଗ୍ୱଶ ନେବାକୁ
ଆସିଥିଲି ମୁହିଁ ଜାଣ
ଭୟ କାତରରେ
ପଗ୍ୱଶରୁ ଊର୍ଦ୍ଧ୍ୱ
ହର୍‌ଇ ଅଛନ୍ତୁ ପ୍ରାଣ।

ଆହେ ସିଦ୍ଧତପା
ଭୟ ମୃତ୍ୟୁ ଲ୍‌ଗି
ମୋର ନାହିଁ ଭ୍‌ଗିଦାରୀ
ଆସକ୍ତିରେ ସିଏ
ମରୁଛନ୍ତୁ ସିନା
କ ପାରିବି ମୁହିଁ କରି???"

ମୋ ନଂ 9937462507

ISSN NO.
2582-208X

# ପ୍ରେମିକା........



ବିନୟ ମିଶ୍ର

ସ୍ମୃତି କେବେ କେବେ କବିତା କେବେ ପ୍ରେମିକା ହୁଏ,
ଅନ୍ତରଦାହଟି ପ୍ରେମିକ ପ୍ରାୟ ଜଳାଉ ଥାଏ।

ସ୍ମୃତି ଅନ୍ତରଦାହ ମିଶିଲେ କବିତାକୁ ଡକାଇ,
ଶବ୍ଦ ଫୁଲବନେ ମନକୁ ପାରିଥାଏ ସଜାଇ,।

ଶବ୍ଦ ସବୁ ନାନା ସୁଗନ୍ଧେ ଭଳ ଭଳ ରଙ୍ଗରେ,
ଗୁନ୍ଥା ହୋଇ ଶୋଭ୍ ଦିଶନ୍ତ ପାଠକଙ୍କ ଗଳାରେ।

କଏ ଗଳା ହାର କରଇ କଏ ଗଭ୍ ଗଜର୍,
କଏ ବିଞ୍ଛିଦିଏ ମିଳନ ଶେଜେ ପୁଜେ କେ ପର୍।

କଏ ସେ ଛିଣ୍ଡାଇ ଫିଙ୍ଗଇ କଏ ଗୋଟାଏ ପୁଣି,
କଏ ସେ ସାଇତି ଲୁଗୃଇ ଶୁଂଘେ ନଭୁତେ ଜାଣି।

କାର ବହି ଖାତାରେ କଏ ତକଆ ତଳେ,
କଏ ସେ ହସଇ କଏ ବା କାନ୍ଦେ ମନ ବିକଳେ।

ସତେ ଏ କବିତା ରୂପକୁ କଏ କଳବ କହ,
କବି ହୋଇଥିଲେ ଭଙ୍ଗିବ ସିନା ତା ପ୍ରିତୀ ମୋହ,

ISSN NO.
2582-208X

କବିତା ଘରଣୀ ଯାହାର  ତାର ଘରଣୀ ପର,
ବଢ଼ା ଅନ୍ନ ହେବ କାକର ଗୃହା ହେବ ଶୀତଳ ।

ଯା ସ୍ମୃତି ଅନ୍ତରଦାହ ରେ
କେବେ ନ ଆସ ପାଶ,
କବିତା ନୋହୁ ମୋ ପ୍ରେମିକା ସେ ଭାରି ବଦମାସ ।

କଆଳ, ଖୋର୍ଦ୍ଧା

ISSN NO.
2582-208X



# ଯୁଦ୍ଧର ନକାରାତ୍ମକ ପ୍ରଭାବ



ଅସିତ ମହାନ୍ତ

୨୪ ଫେବୃଆରୀ ୨୦୨୨ ସକାଳେ, ଋଷର  ସାନ୍ୟାମାନେ ପଡୋଶୀ ୟୁକ୍ରେନ ଉପରେ ସାମରିକ ଆକ୍ରମଣ କରିଥିଲେ, ଏହାର ସୀମା ପାର କରି ବଡ ସହର ନିକଟରେ ଏବଂ ଭିତରେ ସାମରିକ ଲକ୍ଷ୍ୟ ଉପରେ ବିସ୍ଫୋରଣ କରିଥିଲେ । ୟୁକ୍ରେନରେ ଋଷର ସାମରିକ ଆକ୍ରୋଶ ଏବଂ ହସ୍ତକ୍ଷେପକୁ ବିଶ୍ୱର ସମସ୍ତ ଶାନ୍ତିପ୍ରେମୀ ଲୋକ ନିନ୍ଦା କରିଛନ୍ତି। ପୃଥିବୀର ଚ଼ାରିପାର୍ଶ୍ୱରେ ଭୟର ପରିବେଶ ଦୃଷ୍ଟିଗୋଚର ହେଉଛି  । ଭୟାଭୟ କରୋନା ର ସମ୍ମୁଖୀନ ହେବାପରେ, ବର୍ତ୍ତମାନ ପୃଥିବୀରେ ଆଉ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଯେଉଁଠାରେ ନିଷ୍ଠୁରତା ଏବଂ ହିଂସା ର ଏପରି ଦୃଶ୍ୟ ଦୃଶ୍ୟମାନ ହେଉଛି, ଯାହାକୁ ଆମେ ସ୍ୱପ୍ନରେ କଳ୍ପନା କରିନଥିଲେ । ଦୁଇ ଦେଶ ମଧ୍ୟରେ ଲଢେଇ  ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛି  । ଋଷ-ୟୁକ୍ରେନ ଯୁଦ୍ଧ ଏତେ ଗମ୍ଭୀର ହୋଇଛି ଯେ ଯଦି ଏହାର ସମାଧାନ ନହୁଏ, ତେବେ ବୋଧହୁଏ ତୃତୀୟ ବିଶ୍ୱଯୁଦ୍ଧ ନିଶ୍ଚିତ। ୟୁକ୍ରେନରେ ରୁଷିଆର, ଏକପାଖିଆ ସାମରିକ ହସ୍ତକ୍ଷେପକୁ ବିଶ୍ୱର ଗଣତନ୍ତ୍ର ପ୍ରେମୀ ସାଧାରଣ ଜନତା କଡା ସମାଲୋଚନା କରିଛନ୍ତି  । ଏକ ସ୍ୱତନ୍ତ୍ର ସାମରିକ ଅପରେସନ୍ ନାମରେ ୟୁକ୍ରେନ ଉପରେ ସାମ୍ରାଜ୍ୟବାଦୀ ଋଷର ସାମରିକ ଆକ୍ରମଣ ପୁରା ବିଶ୍ୱକୁ ନିଜର ଦାଦାଗିରି ପ୍ରଦର୍ଶିତ କରିବା ଛଡ଼ା  ଆଉକିଛି ନୁହେଁ । ଆମେରିକାର ସାମ୍ରାଜ୍ୟବାଦୀଙ୍କ ନେତୃତ୍ୱରେ ନାଟୋ, ପୂର୍ବ ୟୁରୋପୀୟ ଦେଶମାନଙ୍କ ଉପରେ ଏହାର ନିୟନ୍ତ୍ରଣ ବିସ୍ତାର କରିଥିବାରୁ ଋଷ ଏହି ଆକ୍ରମଣକୁ ୟୁକ୍ରେନକୁ ନିଜ ଅଧୀନରେ ଆଣିବା ପାଇଁ ଏକ ପ୍ରତିଯୋଗୀ ଶକ୍ତି ଭାବରେ ଆରମ୍ଭ କରିଛି। ଆମେରିକୀୟ ସାମ୍ରାଜ୍ୟବାଦ ଏବଂ ଋଷ  ସାମ୍ରାଜ୍ୟବାଦ ମଧ୍ୟରେ

ISSN NO.
2582-208X

ସର୍ବୋଚ୍ଚତା ପାଇଁ ଏହା ଏକ ସଂଘର୍ଷ, ଯାହା ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିଛି ଏବଂ ବିଶ୍ୱ ଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଛି । ଏଥିସହ ପୁରା ବିଶ୍ୱ ବର୍ତ୍ତମାନ ବେକାରି, ଦାରିଦ୍ରତା ଭଳି ଏକ ଅଦୃଶ୍ୟ ସଙ୍କଟ ଦେଇ ଗତି କରୁଛି ଏବଂ ଲୋକମାନେ ଏହା ବିରୋଧର ଆନ୍ଦୋଳନର ରାସ୍ତା ବାଛିଛନ୍ତି । ଯାହାଫଳରେ ସାମ୍ରାଜ୍ୟବାଦୀ ଦେଶମାନେ ଚନ୍ତାରେ ପଡିଛନ୍ତି । ଏହି ପ୍ରକୋପରୁ ରକ୍ଷା ପାଇବାପାଇଁ ସାମ୍ରାଜ୍ୟବାଦୀ ଶକ୍ତିମାନେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଯୁଦ୍ଧ ଉତ୍ତେଜନା ଏବଂ ଜାତୀୟ ଉଗ୍ରବାଦ ର ପରିବେଶ ବୃଦ୍ଧି କରୁଛନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଋଷ ମିଳତ ଜାତିସଂଘର ଯୁଦ୍ଧ ନକରିବା ପାଇଁ ଆଦେଶକୁ ପ୍ରତ୍ୟାଖ୍ୟାନ କରି ଏହି ଯୁଦ୍ଧକୁ ଆରମ୍ଭ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବରୁ ମାନବ ସମାଜ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ପୁନରୁଦ୍ଧାର ହୋଇନାହିଁ । ତେବେ ଯଦି ଏହି ବିଶ୍ୱଯୁଦ୍ଧ ଆରମ୍ଭ ହୁଏ ବୋଧହୁଏ ଏହା ପୃଥିବୀର ଶେଷ ମାନବ ଯୁଦ୍ଧ ହେବ । ଯୁଦ୍ଧର ନକାରାତ୍ମକ ପ୍ରଭାବ ଅସୀମିତ ଯାହା ପୂର୍ବରେ ହୋଇଥବା ଯୁଦ୍ଧରୁ ଜଣାପଡେ। ଆସନ୍ତୁ ସେ ବିଷୟରେ ଚର୍ଚ୍ଚା କରିବା ଏବଂ ଜାଣିବା ଯେ ବର୍ତ୍ତମାନ ଯୁଦ୍ଧରେ କେଉଁପ୍ରକାର ପ୍ରଭାବ ୟୁକ୍ରେନ ସହିତ ପୁରା ବିଶ୍ୱ ଉପରେ ପଡିବ ।

ଯୁଦ୍ଧରେ କୌଣସି ଗୋଟିଏ ଦେଶ ପ୍ରକୃତ ବିଜେତା ହୁଅନ୍ତି ନାହିଁ, କାରଣ ଏଥିରେ ସମ୍ପୃକ୍ତ ସମସ୍ତ ଦେଶ ଏହାର ପରିଣାମ ଭୋଗିବାକୁ ପଡେ, ଏବଂ ଉଭୟ ପକ୍ଷରେ ବହୁ ସଂଖ୍ୟାରେ ଆହତ ଏବଂ ମୃତ୍ୟୁ ବରଣ କରିଥାନ୍ତି । ଯୁଦ୍ଧ ଏବଂ ଏହା ପରିଣାମ ଅତ୍ୟନ୍ତ ଭୟଙ୍କର । ଏହାର ପ୍ରଭାବ ରାଜନୀତି, ଅର୍ଥନୀତି ଏବଂ ପରିବେଶ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବକୁ ଦେଖିବାକୁ ମିଳେ । ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪ –୧୯୧୮ ) ରେ ୧୭ ରୁ ୨୦ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପୀଡିତଙ୍କ ସଂଖ୍ୟା (୧୯୩୯ –୧୯୪୫) ପ୍ରାୟ ୫୦ ରୁ ୫୬ ନିୟୁତ ମଧ୍ୟରେ ହୋଇଥିଲା (କେତେକ ଉତ୍ସ ୮୦ ନିୟୁତ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି) । ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ଏପରି ପରିମାଣର ହତ୍ୟାକାଣ୍ଡର ସମାପ୍ତିକୁ ଚିହ୍ନିତ କରେ, ଏବଂ ସେହି ଦିନଠାରୁ ଅନ୍ୟ କୌଣସି ଯୁଦ୍ଧ ଏତେ ଧ୍ୱଂସ ଘଟାଇ ନଥିଲା, ତଥାପି ୧୯୮୯ ରୁ ୨୦୧୦ ମଧ୍ୟରେ, ଅର୍ଥାତ ଶୀତଳ ଯୁଦ୍ଧ ସମାପ୍ତି ପରଠାରୁ ହିଂସାତ୍ମକ ସଂଘର୍ଷରେ ପ୍ରାୟ ୮୦୦,୦୦୦ ଲୋକ ପ୍ରାଣ ହରାଇଛନ୍ତି।

ISSN NO.
2582-208X

ଭିଏତନାମ ଏବଂ କାମ୍ବୋଡିଆରେ ଆମେରିକାର ହସ୍ତକ୍ଷେପର ପରିଣାମ ଉପରେ ଗୋଟିଏ ଦୃଷ୍ଟି (୧୯୬୫ -୧୯୭୫) ଏହି ସମସ୍ୟାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରେ । ଭିଏତନାମ ଯୁଦ୍ଧରେ ମୃତ୍ୟୁ ସଂଖ୍ୟା ତିନି ଲକ୍ଷ ବୋଲି ଆକଳନ କରାଯାଇଛି। ଏହାର ଶେଷ ପରଠାରୁ ଭିଏତନାମ ସରକାର ଦାବି କରିଛନ୍ତି ଯେ ପୁରାତନ ଗୁଳିଗୋଳା ବର୍ଷଣରେ ୪୨,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଉତ୍ତର ଭିଏତନାମ ସୈନ୍ୟ ବିରୁଦ୍ଧରେ ଯୁଦ୍ଧରେ ଆମେରିକାର ସଶସ୍ତ୍ର ବାହିନୀ ୧୫ ମିଲିୟନ୍ ଟନ୍ ବୋମା ଏବଂ ବିସ୍ଫୋରକ ବ୍ୟବହାର କରିଥିଲା ଯେଉଁଥିରୁ ୮୦୦,୦୦୦ ଟନ୍ ଦେଶର ୨୦% ପ୍ରଦୂଷିତ କରିଥାଏ। କାମ୍ବୋଡିଆରେ ମଧ୍ୟ ସମାନ ଦୃଶ୍ୟ ବିଦ୍ୟମାନ । ୟୁନିସେଫ ଅନୁଯାୟୀ, ଚାରିରୁ ଛଅ ନିୟୁତ ଲ୍ୟାଣ୍ଡମାଇନ୍ ରାସ୍ତା, କ୍ଷେତ ଏବଂ ବିଦ୍ୟାଳୟ କିମ୍ବା ଗ୍ରାମ ନିକଟରେ କୂଅ ନିକଟରେ ବର୍ତ୍ତମାନ ମଧ୍ୟ ଲୁଚି ରହିଛି। ଏଥିରେ ସାଧାରଣତଃ ସାଧାରଣ ନାଗରିକ ମାନେ ପୀଡିତ ହୋଇଛନ୍ତି - ପ୍ରତ୍ୟେକ ତୃତୀୟ ଲ୍ୟାଣ୍ଡମାଇନ୍ ପୀଡିତା ଏକ ଶିଶୁ । ଲ୍ୟାଣ୍ଡମାଇନ୍ ମନିଟର ୨୦୦୯ ଅନୁଯାୟୀ, ୧୯୭୯ ରୁ ୨୦୦୯ ଶେଷ ମଧ୍ୟରେ ଅତି କମରେ ୧୯,୫୦୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୪,୦୨୪ ଜଣ ଆହତ ହୋଇଥିଲେ।

ସାହିତ୍ୟ ପାଇଁ ଜର୍ମାନ ନୋବେଲ ପୁରସ୍କାର ବିଜେତା ହେନ୍ରିଚ୍ ବୋଲ୍ ଯୁଦ୍ଧର ଦୀର୍ଘମିଆଦି ପ୍ରଭାବକୁ ବର୍ଣ୍ଣନା କରି କହିଛନ୍ତି ଯେ, ଯୁଦ୍ଧ କେବେ ବି ଶେଷ ହେବ ନାହିଁ, ଯେପର୍ଯ୍ୟନ୍ତ ଏହା ଏକ କ୍ଷତରେ ରକ୍ତସ୍ରାବ ହୋଇଥିବ। ଯୁଦ୍ଧରେ ଆହତମାନେ - ସେମାନେ ସୈନିକ ହୁଅନ୍ତୁ କିମ୍ବା ସାଧାରଣ ନାଗରିକ ହୁଅନ୍ତୁ - ଅନେକ ଦଶନ୍ଧି ଧରି ଶାରୀରିକ ଆଘାତରେ ପୀଡିତ । ପ୍ରାୟତଃ, ସେମାନଙ୍କୁ ଅନ୍ଧ କିମ୍ବା ବଧିର ହୋଇ ମ୍ୟୁଟିଲେସନ୍ ସହିତ ବଞ୍ଚିବାକୁ ଶିଖିବାକୁ ପଡେ । ମାନସିକ ପ୍ରଭାବ ମଧ୍ୟ ବଞ୍ଚିଥିବା ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପକାଇଥାଏ । ଯୁଦ୍ଧର ଦୈନନ୍ଦିନ ଅନୁଭୂତିରୁ ଭୟ ଏବଂ ଅସୁରକ୍ଷିତତା - ଅପରାଧୀ କିମ୍ବା ଶିକାର ହେଉ - ଚିହ୍ନ ଛାଡିଦିଏ । ବିଳମ୍ବିତ ଲକ୍ଷଣଗୁଡ଼ିକ ପରବର୍ତ୍ତୀ ଆଘାତ ଜନିତ ଚାପ, ଉଦାସୀନତା ଏବଂ ଚିନ୍ତା ହୋଇପାରେ । ଏହି ପରିଣାମ ସାଧାରଣ ନାଗରିକ ଏବଂ ସୈନିକମାନଙ୍କୁ ପ୍ରଭାବିତ କରିଥାଏ ।ଯୁଦ୍ଧର ଅନ୍ୟ ଏକ ପରିଣାମ ହେଉଛି ଜାତୀୟ ନାଗରିକମାନଙ୍କୁ ଶରଣାର୍ଥୀ ରୂପେ ପରିଣତ କରିବା । ମିଳିତ ଜାତିସଂଘ

ISSN NO.
2582-208X

ଅନୁଯାୟୀ, ଲେଖିବା ସମୟରେ ବିଶ୍ୱରେ ୧୫ ନିୟୁତ ଶରଣାର୍ଥୀ ଅଛନ୍ତି ଯେଉଁମାନେ ବିବାଦ କିମ୍ବା ନିର୍ଯ୍ୟାତନା ହେତୁ ନିଜ ଘର ଛାଡିବାକୁ ପଡିଛି। ବିକାଶଶୀଳ ଦେଶମାନଙ୍କରେ ତିନି ଚତୁର୍ଥାଂଶ ବାସ କରନ୍ତି । ଯୁଦ୍ଧ ସେମାନଙ୍କ ଘର ଏବଂ ଜୀବିକା ଛଡ଼ାଇ ନେଇଥାଏ, ପ୍ରାୟତଃ ଦୀର୍ଘସ୍ଥାୟୀ । କ୍ଷୁଧା, ପୁଷ୍ଟିହୀନତା, ଅଶୁସ୍ଥତା ଏବଂ ରୋଗ ଶରଣାର୍ଥୀ ଏବଂ ସେମାନଙ୍କ ପିଲାମାନଙ୍କୁ ସିଧାସଳଖ ବିପଦରେ ପକାଇଥାଏ । ଆନ୍ତର୍ଜାତୀୟ ଧ୍ୟାନ ଏବଂ ସମର୍ଥନ ହ୍ରାସ ପାଇବାବେଳେ ଶରଣାର୍ଥୀଙ୍କ ଅବସ୍ଥା ଅଧିକ କଷ୍ଟସାଧ୍ୟ ହୋଇଯାଏ ଯେତେବେଳେ ସେମାନଙ୍କର ଆଇନଗତ, ଅର୍ଥ ନୈତିକ ଏବଂ ସାମାଜିକ ଅବସ୍ଥାର କୌଣସି ଅନ୍ତ ନାହିଁ ଏବଂ ଦୃଷ୍ଟିରେ ସ୍ଥାୟୀ ସମାଧାନ ନାହିଁ । ଉଲ୍ଲେଖଯୋଗ୍ୟ, ଯେତେବେଳେ ଶରଣାର୍ଥୀଙ୍କୁ ବୃହତ "ଶିବିର" ରେ ରହିବାକୁ ପଡେ, ଉଭୟ ଶରଣାର୍ଥୀ ଏବଂ ସେମାନଙ୍କ ପରିବେଶ ପାଇଁ ବିଭିନ୍ନ ସୁରକ୍ଷା ବିପଦ ସୃଷ୍ଟି ହୁଏ ଯାହା ଦ୍ୱାରା ନୂତନ ହିଂସାତ୍ମକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ଯୁଦ୍ଧର ସବୁଠାରୁ ସୁଦୂରପ୍ରସାରୀ ରାଜନୈତିକ ପ୍ରଭାବ ହେଉଛି ଏହା ରାଜ୍ୟ ତଥା ସମ୍ପ୍ରଦାୟକୁ ବିନଷ୍ଟ କରିପାରେ । ଏକ ଯୁଦ୍ଧ ସମୟରେ ନାଗରିକଙ୍କ ସ୍ୱାଧୀନତା ହ୍ରାସ ପାଇଥାଏ । ଜରୁରୀକାଳୀନ କିମ୍ବା ସାମରିକ ଆଇନ ଅନୁଯାୟୀ, ବକ୍ତବ୍ୟର ସ୍ୱାଧୀନତା ଏବଂ ପସନ୍ଦର ସ୍ୱାଧୀନତା ତଥା ରାଜନୈତିକ ତଥା ଅନ୍ୟାନ୍ୟ ସାମାଜିକ ଗୋଷ୍ଠୀ ଦ୍ୱାରା କାର୍ଯ୍ୟକଳାପ ପ୍ରାୟତଃ ସୀମିତ ରହିଥାଏ । ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟରେ ଶତ୍ରୁର ଚିତ୍ର ସୃଷ୍ଟି ହୁଏ । ବିଭିନ୍ନ ମତ ଥିବା ନାଗରିକଙ୍କ ମଧ୍ୟରେ ଅବିଶ୍ୱାସ ବଢୁଥିବା ବେଳେ ବିରୋଧୀ କିମ୍ବା 'ଶତ୍ରୁ' ରାଜ୍ୟଗୁଡ଼ିକ ସହିତ ସମ୍ପର୍କ ବର୍ଷ ବର୍ଷ ଧରି ନଷ୍ଟ ହୋଇ ବିଷାକ୍ତ ହୋଇଯାଏ । ଅସ୍ତ୍ରଶସ୍ତ୍ରରେ ଥିବା ଏହି ଦୁନିଆ କେବଳ ଟଙ୍କା ଖର୍ଚ୍ଚ କରୁନାହିଁ। ଏହା ଏହାର ଶ୍ରମିକମାନଙ୍କର ଶ୍ରମ, ଏହାର ବୈଜ୍ଞାନିକମାନଙ୍କ ପ୍ରତିଭା, ପିଲାମାନଙ୍କର ଆଶା ବ୍ୟୟ କରୁଛି ବୋଲି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ୩୪ ତମ ରାଷ୍ଟ୍ରପତି ତଥା ମିଳିତ ବାହିନୀର ସର୍ବୋଚ୍ଚ କମାଣ୍ଡର ଡ୍ୱାଇଟ୍ ଡି.ଇଜେନହାୱାର ଦୁଃଖ ପ୍ରକାଶ କରିଥିଲେ । ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତନାମା ଏନଜିଓ ଅକ୍ସଫାମ ଇଣ୍ଟରନ୍ୟାସନାଲ, ସେଫରୱାର୍ଲ୍ଡ ଏବଂ ଛୋଟ ଆର୍ମସ ଇଣ୍ଟରନ୍ୟାସନାଲ ଆକ୍ସନ ନେଟୱାର୍କ (IANSA) ଅନୁଯାୟୀ, ଯୁଦ୍ଧ ଖର୍ଚ୍ଚ ମଧ୍ୟରେ ନିମ୍ନଲିଖିତଗୁଡ଼ିକ ମଧ୍ୟ ରହିଛି:

ISSN NO.
2582-208X

-ସାମରିକ ଖର୍ଚ୍ଚ ବୃଦ୍ଧି କାରଣରୁ,ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରର ଅଭାବର ସ୍ଥିତି;

-ଜୀବିକା ଏବଂ ଭିତ୍ତିଭୂମି ନଷ୍ଟ କରିବା (ଯଥା ଜଳ ଯୋଗାଣ ଏବଂ ପରିବହନ ବ୍ୟବସ୍ଥା);

-ଅସୁରକ୍ଷିତତା, ସୀମିତ ଗତିଶୀଳତା ଏବଂ ସୈନ୍ୟବାହିନୀକୁ ବେସାମରିକ ଶ୍ରମ ବଣ୍ଟନ ତଥା ପୁଞ୍ଜି ଉଡ଼ାଣ ମାଧ୍ୟମରେ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ସୀମିତତା ।

-ମାକ୍ରୋ-ଇକୋନୋମିକ୍ ପ୍ରଭାବ ଯେପରିକି ମୁଦ୍ରାସ୍ଫୀତି, ସଞ୍ଚୟ, ବିନିଯୋଗ ଏବଂ ରପ୍ତାନି ସମ୍ବନ୍ଧୀୟ ସୀମିତତା ଏବଂ ଋଣ ବୃଦ୍ଧି ।

-ବିକାଶ ସହାୟତାର କ୍ଷତି;

-ବିଦେଶୀ ଅଞ୍ଚଳଗୁଡ଼ିକର ଜବରଦଖଲ ଏବଂ ଜମିର ବାଧ୍ୟତାମୂଳକ ପୁନଃ ବଣ୍ଟନ, ଉତ୍ପାଦନ ଏବଂ ପରିଶ୍ରମର ମାଧ୍ୟମ ମଧ୍ୟ ଏହାର ଆର୍ଥିକ ପରିଣାମ ଦେଇଥାଏ ।

୨୦୦୧ ରେ ମିଳିତ ଜାତିସଂଘ ପ୍ରତିବର୍ଷ ୬ ନଭେମ୍ବରକୁ "ଯୁଦ୍ଧ ଏବଂ ସଶସ୍ତ୍ର ଦ୍ୱନ୍ଦ୍ୱରେ ପରିବେଶର ଶୋଷଣକୁ ରୋକିବା ପାଇଁ ଆନ୍ତର୍ଜାତୀୟ ଦିବସ" ଭାବରେ ଘୋଷଣା କରିଥିଲା। ତତ୍କାଳୀନ ଜାତିସଂଘର ସେକ୍ରେଟେରୀ ଜେନେରାଲ୍ କୋଫି ଆନନ୍ ଯୁଦ୍ଧର ବିନାଶକାରୀ ପରିବେଶ ତଥା ଦୀର୍ଘସ୍ଥାୟୀ ପରିବେଶ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନତା ସୃଷ୍ଟି କରିବାକୁ ଚାହୁଁଥିଲେ ଯାହା ପ୍ରତ୍ୟକ୍ଷ ହିଂସା ପରି ମାନବଜାତି ପାଇଁ କ୍ଷତିକାରକ ଅଟେ। ତେଲ, ରାସାୟନିକ ପଦାର୍ଥ, ଲ୍ୟାଣ୍ଡମାଇନ୍ କିମ୍ବା ବିସ୍ଫୋରଣ ହୋଇନଥିବା ଅର୍ଡାନାନ୍ସ ଦ୍ୱାରା ହୋଇଥିବା କ୍ଷତି ଏହାର ମରାମତି ପୂର୍ବରୁ ଅନେକ ସମୟ ନେଇଥାଏ । ଜଳ, ବାୟୁ ଏବଂ ମାଟିର ପ୍ରଦୂଷଣ ଅନେକ ଲୋକଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି କରେ ଏବଂ ସମଗ୍ର ଜନସଂଖ୍ୟା ପଳାୟନ କରନ୍ତି । ନୂତନ ଟେକ୍ନୋଲୋଜି ମଧ୍ୟ ନଷ୍ଟ ହୋଇଯାଇଥିବା ୟୁରାନିୟମ୍ ଗୁଳି ପରି ପରିବେଶ ପ୍ରତି ବିପଦ ସୃଷ୍ଟି କରେ । ଅଳ୍ପ ପରିମାଣର ରେଡିଓଆକ୍ଟିଭ୍ ୟୁରାନିୟମ୍ କର୍କଟ ରୋଗ ସୃଷ୍ଟି କରିପାରେ କିମ୍ବା କିଡନୀ ଏବଂ ଅନ୍ୟାନ୍ୟ ଅଙ୍ଗକୁ ନଷ୍ଟ କରିପାରେ । ଏହା ଆମକୁ ପରିବେଶ ଉପରେ ଯୁଦ୍ଧର ପ୍ରଭାବର ଦ୍ୱିତୀୟ ଦିଗକୁ ଆଣିଥାଏ । "ତତକ୍ଷଣାତ୍" ପାର୍ଶ୍ୱ ପ୍ରତିକ୍ରିୟା ବ୍ୟତୀତ, ପ୍ରାକୃତିକ ସମ୍ପଦ

ISSN NO.
2582-208X

ବେଳେବେଳେ କୌଶଳିକ କାରଣରୁ ନଷ୍ଟ ହୋଇଯାଏ । ଜଣାଶୁଣା ଉଦାହରଣ ହେଉଛି ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ପାଇଁ ଗଲ୍ଫ ଯୁଦ୍ଧରେ ତୈଳ ଉତ୍ପାଦନ ସୁବିଧାଗୁଡ଼ିକର ବିସ୍ଫୋରଣ, ଶତ୍ରୁମାନଙ୍କୁ ଏହାର ମୌଳିକ ଖାଦ୍ୟ ଯୋଗାଣରୁ ଲୁଟିବା ପାଇଁ ଚାରଣଭୂମିର ଖଣି ଖନନ କିମ୍ବା 'ଏଜେଣ୍ଟ ଅରେଞ୍ଜ' ଭଳି ରାସାୟନିକ ଯୁଦ୍ଧ ଏଜେଣ୍ଟ ବ୍ୟବହାର ଯାହା ଆମେରିକା ଦ୍ୱାରା ଭିଏତନାମ ଯୁଦ୍ଧରେ ଏକ ଡିଫୋଲିଅଣ୍ଟ ଏବଂ ଫସଲ ଉଦ୍ଭିଦକୁ ନଷ୍ଟ କରିବାପାଇଁ ବ୍ୟବହୃତ ହୋଇଥିଲା । ବେଳେବେଳେ, ପ୍ରାକୃତିକ ସମ୍ପଦ ଏକ କୌଶଳ ଭାବରେ ଜାଣିଶୁଣି ନଷ୍ଟ ହୋଇଯାଏ । କିନ୍ତୁ ନିରୀହ ପରିବେଶ ଯୁଦ୍ଧର ପ୍ରଭାବକୁ ଶାନ୍ତ ଭାବରେ ସହୁ ଥାଏ, ଯାହାର ଦୂରଗାମୀ ପ୍ରଭାବ ମାନବ ସଭ୍ୟତା ପାଇଁ ଅତ୍ୟନ୍ତ ଦୁଃଖଦାୟୀ । ଯୁଦ୍ଧର ପରିବେଶ ପ୍ରଭାବ ବିଷୟରେ କୋଫି ଆନ୍ନାଙ୍କ ଚେତାବନୀ ଦେଇଥିଲେ ଯେ, ଗରିବମାନେ ପୂର୍ବପରି ଅନୌପଚାରିକ ଭାବରେ ଯନ୍ତ୍ରଣା ଭୋଗୁଛନ୍ତି, କାରଣ ସେମାନେ କେବଳ ଖାଦ୍ୟ ପାଇଁ ନୁହେଁ, ଔଷଧ, ଜୀବିକା ଏବଂ ଆଶ୍ରୟସ୍ଥଳୀ ତଥା ଘର ପାଇଁ ପରିବେଶ ଉପରେ ଅଧିକ ନିର୍ଭର କରନ୍ତି ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ନୀରବ



ବୈଷ୍ଣବ ମେହେର

ନାହିଁ ସାମର୍ଥ୍ୟ ମୋ ପାଖେ...
ସେଦିନ ବି ନୀରବ ଥିଲି,
ଆଜି ବି ନୀରବ ଅଛି !!
ମୋ ଆଖି ଆଗେ...
ନରୀହର ଜୁଇ ଜଳୁଛି,
ପୁଣି....
ହୁଏ ପରକାନ୍ତା ହରଣ,
ନାବାଳକାର ଗଣ ଧର୍ଷଣ।

ପ୍ରଶାସନ ନୀରବ...
ନେତା ବି ନୀରବ...
ତୁମେ ବି ନୀରବ...
ତେଣୁ...
ମୁଁ ବି ନୀରବ ।

ମୁଁ ଦେଖେ ପଡିଶା ଘର...
ବିଦ୍ୟୁତ୍ ନାହିଁ ତ ଚନ୍ଦ୍ରା ନାହିଁ...
ଯେବେ ଆଲୁଅ ଆସିବ,
ମୋର ବି ଆସିଯିବ,
ଆଉ...

ISSN NO.
2582-208X

ସେଦିନ ନୀରବ ଥିଲି,
ଆଜି ବି ନୀରବ ଅଛି !!

ନେଇଯାଅ ଜୀବନର ଜମା ପୁଞ୍ଜି,
ମୋ ପରିବାରକୁ ଦିଅ ନର୍ଯାତନା,
ମୁଁ ଅସନ୍ତୋଷ ହେବିନ,
ଆଜି ବି ନୀରବ ରହିବି,
କାହିଁକି...
ସେଦିନ ବି ନୀରବ ଥିଲି !!!

ଗଣ୍ଡାବାହାଲି, ନୂଆପଡା
6264305003

ISSN NO.
2582-208X

# ବନ୍ଦେ ଗୋ ମାତରମ୍



ଖଗେଶ୍ୱର ବାଗ

ଜନନୀ ଗୋ ତୁମ ଚରଣ ଯୁଗଳେ
କୋଟି କୋଟି ପ୍ରଣିପାତ
ତୁମ ଦରଶନେ କୋଟି ଦେବାଦେବୀ
ଦର୍ଶନ ମିଳଇ ମାତ।।
ତୁମରି ପାଦର ଖୁର୍‌ରେ ନିବାସ
କରନ୍ତୁ ନାଗ ଦେବତା
ବିଛା ଭୂଜଙ୍ଗ ସେ ସ୍ଥାନ ନ ମାଡନ୍ତୁ
ଯହିଁ ବିଚରଣ ମାତା।।
ନେତ୍ରେ ରବି ଶଶୀ ପୁଚ୍ଛେ ହନୁମନ୍ତ
ସର୍ବାଙ୍ଗେ ସରବ ଦେବ
ତୁମରି ଗୋ ସେବା କରିଲେ ସର୍ବଦା
ଦୂର ବାଧାବିଘ୍ନ ସର୍ବ।।
ବର ଜୀବ ତୁମେ ପୀୟୂଷର ଧାର୍
ଦେଇ ଦାନ କର ପ୍ରାଣ
ତୁମରି କାରଣେ ସଞ୍ଚାରିତ ହୁଏ
ଜଡ ତନେ ଏ ଜୀବନ।।
ତୁମେ ଦେଇଯାଅ ଶୁଷ୍କ ଓଠେ ଧାରେ
ସ୍ମିତହାସ୍ୟ ଚଷା ମୁଖେ
କ୍ଷୁଧା ନିବାରଣେ ଭରି ଦିଅ ଅନ୍ନ
ମହୀ ଅପଲକେ ଦେଖେ।।

ISSN NO.
2582-208X

ନବନୀତା କ୍ଷୀର ଗୋରୋଚନା ଚର
ଗୋମୟ ପବିତ୍ର କରେ
ଗୋମୂତ୍ର ଗୋବର ଜୈବଖାତ କ୍ଷେତେ
ଜଳେ ଚୁଲି ଘରେ ଘରେ । ।
ତୁମ ଠାରୁ ସିନା ବାତ୍ସଲ୍ୟ ମମତା
ଜନନୀ ହୃଦୟେ ଜାତ
ସାଗ୍ର ମହନୀୟ ଗୁଣ ନରଦେହୀ
ମାଅ ତୁମ ରୂପ ମାତ । ।
କଳ୍ପ ବୃକ୍ଷ ସମ ଅଭିଳାଷ ପୂର୍ଣ୍ଣ
କରିଥାଅ ସଭିଙ୍କର
ସେଥିପାଇଁ ସିନା ଆଦିମାତା ତୁମ
ନାହିଁ ତ୍ୟାଗ ପଟାନ୍ତର । ।
ଚର ବନ୍ଦନୀୟ ହେ କରୁଣାମୟୀ
ଜଗତ ଜନନୀ ତୁମେ
ବନ୍ଦେ ଗୋ ମାତରମ୍ ତୁମରି ସୁରକ୍ଷା
କରିବୁ ସରବେ ଆମେ । ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ମୋ' ପ୍ରିୟ ସାର୍



ଦେବଯାନୀ ସ୍ୱାଇଁ

ନାଁ ଟି ତାଙ୍କର ଶଙ୍କର୍ଷଣ। ସମସ୍ତଙ୍କର ଅତି ପ୍ରିୟ ଶଙ୍କର ସାର୍ !!

ସେ ଲାଗନ୍ତି ସତରେ ଯେମିତି ଶଙ୍କର-ମହାଦେବଙ୍କ ରୂପ, ସ୍କୁଲ ର ସବୁ ମେଧାବୀ ଓ ଆଦର୍ଶ ଛାତ୍ର ଛାତ୍ରୀଙ୍କ ସୃଷ୍ଟିକର୍ତା। ଶାନ୍ତ, ଗାମ୍ଭୀର୍ଯ୍ୟ ମୁଖ ମଣ୍ଡଳ ସହିତ ଏକ ନିଷ୍କପଟ, ଆତ୍ମଜ୍ଞାନ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ। ମହାଦେବଙ୍କ ମସ୍ତକରେ ଗଂଗା ଯେପରି ଶୋଭା ବର୍ଦ୍ଧନ କରେ, ସାର୍ ଙ୍କ ମୁହଁରେ ସେମିତି ସବୁବେଳେ ସ୍ମିତହାସ୍ୟର ରେଖା। ପାନ ଚୋବାଇବା ଶୈଳୀ ତାଙ୍କର ସେଇ ସ୍ମିତହାସ୍ୟର ଶୋଭାକୁ ଦ୍ୱିଗୁଣିତ କରେ। ସୃଷ୍ଟିର ହିତ ଲାଗି ମହାଦେବ ଥରେ ବିଷ ପାନ କରିଥିଲେ, ହେଲେ ଛାତ୍ରଛାତ୍ରୀ ଙ୍କ ଉନ୍ନତି ଲାଗି ସାର୍ କେତେ ଯେ ବିଷ ପାନ କରିଛନ୍ତି ତାହା ସଠିକ୍ କଳନା କରିହେବନି।

ନୀଳ ରଂଗର ସାଇକଲ୍ ଖଣ୍ଡେ ଧରି ସ୍କୁଲ୍ କୁ ଆସନ୍ତି ସେ। ମୁଁ ସବୁବେଳେ ସ୍କୁଲ୍ ଗେଟ୍ ଭିତରେ ପଶୁ ପଶୁ ଅଫିସ୍ ର ପଛ କାନ୍ଥକୁ ଦେଖେ। ସେଠି ସବୁ ସାର୍ ଙ୍କ ସାଇକେଲ ଡେରା ହେଇଥାଏ। ତା ଭିତରୁ ଶଙ୍କର ସାର୍ ଙ୍କ ନୀଳ ରଂଗର ରାଲି ସାଇକେଲ୍ କୁ ଚିହ୍ନିବାକୁ ଚେଷ୍ଟା କରେ। ସାଇକେଲ୍ କୁ ଦେଖୁ ଦେଖୁ ପୂର୍ବ ଦିନ ଦିଆ ଯାଇଥିବା ଗଣିତ ପାଠ ବିଷୟରେ ମନେ ପକାଏ।

ମୁଁ ଜାଣେ, ମୁଁ ପାଠ ନ କରି ଆସିଲେ ବି ମତେ କେବେ ମାଡ ଖାଇବାକୁ ପଡିବନି ତଥାପି ଭି ମୁଁ ମୋର ପାଠ ସବୁବେଳେ ପୂରା କରି ରଖିଥାଏ। କାରଣ ଶଙ୍କର ସାର୍ ମୋତେ ଆମ ଘରକୁ ପଢେଇବାକୁ ଆସନ୍ତି। ସେଥିଲାଗି ଶ୍ରେଣୀରେ ସମସ୍ତେ ମୋ ପ୍ରତି ଟିକେ ଇର୍ଷା

ISSN NO.
2582-208X

ପରାୟଣ ଥିଲେ। ପ୍ରାୟତଃ ସାର୍ କାହା ଘରକୁ ଆସନ୍ତିନି ଟ୍ୟୁସନ୍ କରିବାକୁ କିନ୍ତୁ ବଡ ଭାଇ ଦେବାଶୀଷ ଯେତେବେଳେ ଦଶମ ଶ୍ରେଣୀରେ ଥିଲେ ବାପା ବହୁତ ଅନୁରୋଧ କଲେ ସାର୍ ଙ୍କୁ। ଦେବାଶୀଷ ଭାଇ ଜଣେ ମେଧାବୀ ଛାତ୍ର ଥୀଲେ। ଜଣେ ଭଲ ଛାତ୍ର ର ଭବିଷ୍ୟତ ଉଜ୍ଜ୍ୱଳ କରିବା ସହିତ ସ୍କୁଲ୍ ର ଭଲ result ଆଶା କରି ସାର୍ ଆଉ ବାପା ଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିପାରି ନଥିଲେ।

ମୁଁ ସେତେବେଳେ ନବମ ରେ ପଢୁଥିଲି। ବଡ ଭାଇ ଙ୍କ ସହିତ ମୁଁ ବି ପଢିବାକୁ ବସୁଥିଲି। ଦଶମ ଶ୍ରେଣୀ ଯୋଗୁଁ ସାର୍ ଙ୍କ ପୁରା ଧ୍ୟାନ ଭାଇଙ୍କ ଉପରେ ଥାଏ। ମଝିରେ ମଝିରେ ଭାଇ ଙ୍କୁ କିଛି ଏକ ଅଙ୍କ କଷିବାକୁ ଦେଇ ସାର୍ ଯେତେବେଳେ ମୋ ଆଡକୁ ଦେଖନ୍ତି ମୁଁ ସେମିତି ବହି ଖାତା ଟେବୁଲ୍ ଉପରେ ରଖି ସେମାନଙ୍କୁ ବସି ଦେଖୁଥାଏ। ସାର୍ ଙ୍କ ଗମ୍ଭୀର ଆଖି ଦୁଇଟି ମୋ ଉପରେ ପଡିବା କ୍ଷଣି ହାତ ଦୁଇଟି ଚଞ୍ଚଳ ହୋଇ ଉଠେ। ବହିର ପୃଷ୍ଠା ଗୁଡିକ ତୀବ୍ର ଗତିରେ ପଲଟି ଯାଆନ୍ତି। ଜଣେ ଦକ୍ଷ ଶିକ୍ଷକ ହିସାବରେ ସାର୍ ଙ୍କୁ ଜଣାଥାଏ କେଉଁ ଛାତ୍ର ଛାତ୍ରୀର ଦୁର୍ବଳତା କେଉଁଠି। ଏକ ନିର୍ଦ୍ଦିଷ୍ଟ ପୃଷ୍ଠା ଖୋଲି ସେଥିରେ ଥିବା ଅଙ୍କକୁ ସମାଧାନ କରିବାକୁ କୁହନ୍ତି। ମୁଁ ଯେତେବେଳେ ସେହି ପୃଷ୍ଠା ଖୋଲି ଅଙ୍କଟିକୁ ଦେଖେ ମଥାରେ ବିନ୍ଦୁ ବିନ୍ଦୁ ଝାଳ ଉଭା ହୁଏ। ତାକୁ ଦେଖି ସାର୍ ଧୀରେ କି ମୋ ହାତରୁ ଖାତା କଲମ ନେଇ ଅଙ୍କ ଟିକୁ ବୁଝେଇ ଦିଅନ୍ତି।

ତାଙ୍କ ବୁଝେଇବାର ଶୈଳୀ ସବୁଠୁ ନିଆରା। ଏତେ ସୁନ୍ଦର, ସହଜ ଓ ସରଳ ଭାବରେ ବୁଝେଇ ଦିଅନ୍ତି, ଯିଏ ତାଙ୍କ ପାଖରୁ ବୁଝିଚି ସିଏ ଜାଣିଚି। ସେଇଥି ଲାଗି ତ ସେ ସମସ୍ତଙ୍କର ଅତି ପ୍ରିୟ ଗଣିତ ସାର୍ । ତାଙ୍କ ପାଖରୁ ଶିକ୍ଷା ନେବା ଲାଗି କେବଳ ଆମ ସ୍କୁଲ୍ ନୁହେଁ ସେ ଅଂଚଳରେ ଥିବା ଆହୁରି ଦୁଇଟି ସ୍କୁଲ୍ ର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଲାଗିରହେ।

ଗଣିତ ସହିତ ଇଂରାଜୀ ରେ ମଧ୍ୟ ତାଙ୍କର ଖୁବ୍ ପାରଦର୍ଶୀତା ରହିଥିଲା। ସମସ୍ତଙ୍କର ଏକ ଧାରଣା, ଗଣିତରେ ଦକ୍ଷତା ଥିବା ବ୍ୟକ୍ତିର literature ରେ କମ ଜ୍ଞାନ ଥାଏ ବୋଲି, ହେଲେ ସେ ଏହାକୁ ଭୁଲ୍ ବୋଲି ପ୍ରମାଣିତ କରିଥିଲେ। ତାଙ୍କର ଦମ୍ଭ ଆଉ ସ୍ୱଷ୍ଟ ସ୍ୱରରେ ଇଂରାଜୀର ପ୍ରତିଟି ଶବ୍ଦ ଅନାୟସରେ କାନର ଗହ୍ୱର ଦେଇ ମନ ଭିତରେ ରହି

ISSN NO.
2582-208X

ଯାଉଥିଲେ। ତାଙ୍କର ଗାଳି ଭି ମନ ଛୁଆଁ ଥୀଲା। ଗାଳି ଆରମ୍ଭ ହେଉଥିଲା 'devils' ଶବ୍ଦ ରୁ ... 'you bloody devils....You will never listen to the soft bell ...every time you need to be nailed !!" ତାଙ୍କର ଏହି ଗାଳି ଆଜି ପର୍ଯ୍ୟନ୍ତ ମୋ କାନରେ ଏକ ଗୁଂଜନ ସୃଷ୍ଟି କରେ। ପୁଅ ମାନଙ୍କୁ ସେ ଏକ ଚମତ୍କାର ଭାବେ ଗାଳି ଦିଅନ୍ତି। ଗାଳି ନୁହେଁତ ଶବ୍ଦର ଏକ ଲହରୀ। ସେ ଲହରୀ ଆରମ୍ଭ ହୁଏ.....ବେଲଜ୍ୟା, ବେସରମ, ବର୍ବର, ବର୍ବାଚୀନ, ଆର୍ଯ୍ୟ, ଅନାର୍ଯ୍ୟ .....ଯାହାକୁ ଆମେ ସବୁ ଘୋଷି ଘୋଷି ମନେ ରଖୁ।

ସେଦିନ ବର୍ଷା ଦିନ ଥିଲା। ସକାଳୁ ବର୍ଷା ହେଇ ଛାଡି ଯାଇଥିଲା। ସ୍କୁଲ୍ କୁ ଆସିବା ସମୟ ଦିନ ଦଶଟା। ସେତେବେଳକୁ ସୂରଜ ଦାଦା ତାଙ୍କ କାମ କରିବାରେ ତତ୍ପର ହେଇ ପଡିଲେଣି। ସକାଳୁ ବର୍ଷା ଯୋଗୁ, ବାଦଲ ଛତା ତଳେ ରହି ଯାଇ ସବୁ କାମ ତାଙ୍କର ବାକି ରହିଯାଇଚି। ନିଜର ସୁନେଲି କିରଣରେ ରାସ୍ତା ଗୁଡିକୁ ଚକ୍ ମକ୍ କରିବାରେ ଲାଗିଥିଲେ ସେ। ବର୍ଷା ମାଡରେ ଡରି ଯାଇଥିବା ଫୁଲ ଗୁଡିକୁ ହସାଇବା ଲାଗି ଉଷ୍ମତାର ସ୍ପର୍ଶ ଛୁଆଁଇ ଦେଉଥିଲେ। ନୁଆଁଣିଆଁ ଚାଳ ମୁଣ୍ଡରେ, ଝରକାର ତାଜା ଉପରେ, ତାଳ ପତ୍ରର ଗହଳିରେ ଜମାଟ ବାନ୍ଧି ଶୋଇ ପଡିଥିବା ବର୍ଷା ରାଶିକୁ ଜଗଉଥିଲେ। ଅଳସ ଭାଂଗି ଭାଂଗି, ବର୍ଷା ବିନ୍ଦୁ ସବୁ ତଳକୁ ଖସୁଥିଲେ ଟିପ୍ ଟିପ୍ ହେଇ।

ବର୍ଷାଦିନେ ସ୍କୁଲ ଆସିବାକୁ ଜମା ଇଚ୍ଛା ହୁଏନି ମୋର। କେମିତି ଗୋଟେ ଅଳସପଣ ଦେହ ମନକୁ ଆବୋରି ବସିଥାଏ। ଘରୁ ମଧ୍ୟ ଅନ୍ୟ ଦିନ ଅପେକ୍ଷା ଟିକେ ସଅଳ ବାହାରିବାକୁ ପଡେ। ରାସ୍ତାରେ ଖସଡା ଆଉ କାଦୁଅ ମାନଙ୍କଠୁ ଜଗି ରଖି ସାବଧାନିରେ ଚାଲିବାକୁ ହୁଏ ଯୋଉ !! ପାଦ ଚାପି ଚାପି ରାସ୍ତାରେ ଚାଲିବାକୁ ବିରକ୍ତ ଲାଗୁଥିଲା। ସ୍କୁଲ୍ ଗେଟ୍ ରେ ପଶି ସିଧା ନିଜ ଶ୍ରେଣୀ ଗୃହକୁ ଯାଇ ମୋର ପ୍ରଥମ ଧାଡି ବଞ୍ଚରେ ବସିପଡିଲି। ମୁଁ ସବୁବେଳେ ବେଞ୍ଚର ବାହାର ପାଖକୁ ବସେ। ସେଦିନ କିନ୍ତୁ ବେଞ୍ଚର କାନ୍ଥ ପାଖରେ ଯାଇ ବସିଲି। ବର୍ଷା ଦିନ ଯୋଗୁଁ ପ୍ରଥମ ପିରିୟଡ ଡ୍ରିଲ୍ ରେ ସ୍କୁଲ୍ ପଡିଆକୁ ଯିବାର ଝାମେଲା ନ ଥିଲା। ତେଣୁ ମନକୁ ଟିକେ ସହଜ ଆଉ ହାଲୁକା କରିବାକୁ ଯାଇ ଡେସ୍କ ଉପରେ ଚିବୁକକୁ ଭରା ଦେଇ ଝରକା ବାଟେ ବାହାରକୁ ଅନେଇଲି। ଝରକା ସେପଟେ ନାଲିଆ ମାଟି ଭୂଇଁ ଉପରେ ଏଠି ସେଠି ହେଇ ବୁଦା ବୁଦା ଘାସ ଓ ଛୋଟ କଣ୍ଟା ଗଛ ସବୁ, ଆଉ ସେଥିରେ ଏକ ବିଶାଳ ଓଉ ଗଛ ଟିଏ। ସବୁଜ ରଂଗର କଅଁଳିଆ ପତ୍ରରେ ଭରି ଯାଇଚି। ପତ୍ର ଅଗରେ

ISSN NO.
2582-208X

ଧଳା ରଂଗର ଫୁଲ ସବୁ ଖୁବ୍ ସୁନ୍ଦର ଦିଶୁଛନ୍ତି। ସତେ ଯେମିତି ଏବେ ଏବେ ବର୍ଷା ପାଣିରେ ଗାଧୋଇ ହେଇ ନିଜକୁ ସଜେଇ ସାଜେଇ ବସିଛନ୍ତି। ଭାବୁକ ହୋଇ ଉଠିଲି ମୁଁ। ମନରେ ମୋର ଅନେକ ପ୍ରଶ୍ନ ଉଙ୍କି ମାରିବାକୁ ଲାଗିଲା। ଏତେ ସୁନ୍ଦର ଫୁଲ ହେଇଚି ହେଲେ ଗୋଟେ ବି ଭଁଅର ତ କାହିଁ କୋଉଠି ଦେଖା ଯାଉ ନାହାନ୍ତି!! ଏତେ ଉଚ୍ଚାରେ ଫୁଲ ଗୁଡିକ ଫୁଟିଛନ୍ତି ବୋଲି ନା କଣ!! ତାହେଲେ ଉଚ୍ଚତାରେ ରହିଲେ ଏ ଭଁଅର ଗୁଡା ଆସିପାରିବେନି!! ସେମାନଙ୍କ ଭଁ ଭଁ ଗୀତ ଶୁଣି ମନ ବିଚ୍‌ଳିତ ହେବନି। ମନେ ମନେ ହସୁଥିଲି ମୁଁ।

ପ୍ରଥମ ପିରିୟଡ୍ ସରି କେତେବେଳୁ ଦ୍ୱିତୀୟ ପିରିୟଡ ଆରମ୍ଭ ହେଇଯାଇଥିଲା ଆଉ ସେ ପିରିୟଡ୍ ଶଙ୍କର ସାର୍ ଙ୍କ ଗଣିତ ପିରିୟଡ୍ ହିଁ ଥିଲା। ସାର୍ ଆସି କଳାପଟାରେ ଲେଖିବା ଆରମ୍ଭ କରି ଦେଇଥିଲେ ହେଲେ ମୋର ଧ୍ୟାନ ସେଇ ଓଉ ଗଛ ଫୁଲ ଉପରେ ନିବଦ୍ଧ ଥିଲା। ମୋର ଅନ୍ୟ ମନସ୍କତା ଦେଖି ସାର୍ ଠିକ୍ ମୋ ମଝି ପିଠିରେ ଶକ୍ତ ବିଧା ଟିଏ କଷି ଦେଲେ। ସିଧା ଛିଡା ହେଇ ପଡିଲି ମୁଁ। ମୋ ଜଣାତରେ ସ୍କୁଲ୍ ଜୀବନରେ ସେଇଟା ମୋର ପ୍ରଥମ ଆଉ ଶେଷ ମାଡ ଖାଇବା ଥିଲା। କେବେ କେବେ ସ୍କୁଲ୍ କୁ ଡେରିରେ ଆସିଲେ ପି.ଟି ସାର୍ ଙ୍କ ବେତ ପାହାର ମିଳେ। ମାଡ ଖାଇବାକୁ ମୁଁ ଯେତେବେଳେ ଦୁଇ ହାତ ବଢାଏ, ପି. ଟି ସାର୍ ବେତକୁ ଯୋର୍ ରେ ଉଠାଇ ଧୀରେ କି ହାତ ପାପୁଲିରେ ଛୁଆଁଇ ଦେଇ ମୋତେ ଛାଡି ଦିଅନ୍ତି। ଆଉ କେବେ ପାଟିତୁଣ୍ଡ କୋଳାହଳ ଯୋଗୁଁ ସାମୁହିକ ଶ୍ରେଣୀ ବେତ ମାଡ ଖାଇବା ଛଡା ମୁଁ କୌଣସି ସାର୍ କିମ୍ବା ଦିଦିଙ୍କ ଠୁ କେବେ ମାଡ ଖାଇନି। ସେଦିନ ଶଙ୍କର ସାର୍ ଙ୍କ ସେଇ ଶକ୍ତ ବିଧା, ମେରୁଦଣ୍ଡ ସହିତ ମସ୍ତିଷ୍କ କୁ ମୋର ପୁରା ସିଧା କରି ଦେଇଥିଲା। ତା ପରେ କେବଳ ଗଣିତ ପିରିୟଡ୍ ନୁହେଁ କୌଣସି ଭି ପିରିୟଡ୍ ରେ କେବେ ଅନ୍ୟମନସ୍କ ହେଇନି। ଆଉ ଫ୍ରୀ ପିରିୟଡ୍ ମିଳିଲେ ସେ ଓଉ ଗଛକୁ ବସି ଦେଖେ। ଉଚ୍ଚାରେ ଫୁଟୁଥିବା ତାର ଫୁଲ ଗୁଡିକ ଭଳି ନିଜକୁ ବି ସବୁବେଳେ ଉଚ୍ଚତାରେ ରଖିବାକୁ ଚେଷ୍ଟା କରେ। ସେଥିଲାଗି ମୋ ଶ୍ରେଣୀର ପରୀକ୍ଷା ଫଳ ବାହାରୁଥୀବା କାଠପଟା ତାଲିକାରେ ସବୁଠୁ ଉଚ୍ଚରେ ମୋ ନାଁ ଦେଖିବାକୁ ଅବିରତ ପରିଶ୍ରମ କରୁଥିଲି।

ସ୍କୁଲ୍ ର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଚାଲିଥାଏ। ମୋର କୌଣସି ଖେଳ ପ୍ରତିଯୋଗିତାରେ ଭାଗ ନେବାକୁ କେବେ ଆଗ୍ରହ ନଥାଏ। ସେଥର ଶଙ୍କର ସାର୍ ଙ୍କୁ ଗଣିତ ଖେଳ ଦୌଡ

ISSN NO.
2582-208X

ପରିଚାଳନା କରିବାକୁ ଦିଆଯାଇଥିଲା। ଆମ ଶ୍ରେଣୀର ଦୌଡ ପ୍ରତିଯୋଗିତା ଯେତେବେଳେ ଆରମ୍ଭ ହେଲା ପ୍ରତିଦ୍ୱନ୍ଦୀ ତାଲିକାରେ ସାର୍ ଜବରଦସ୍ତି ମୋ ନାଁ ଲେଖିଦେଲେ। ସାର୍ ଙ୍କ କଥାକୁ ତ ଅବମାନନା କରି ହେବନି। ଅନିଚ୍ଛା ସତ୍ତ୍ୱେ ଚୁପ୍ ଚାପ୍ ଆସି ଦୌଡ ଲାଇନ୍ ରେ ଛିଡା ହେଲି। ଗଣିତ ଖେଳ ଦୌଡରେ ପ୍ରାରମ୍ଭ ସ୍ଥାନରୁ ୫୦ ମିଟର ଦୂରତାରେ ଏକ ଛୋଟ ଖଣ୍ଡ କାଗଜ ଓ କଲମ ରଖା ଯାଇଥାଏ। କାଗଜରେ ଏକ ସରଳ ଅଙ୍କ ସମାଧାନ କରିବାକୁ ଥାଏ। ଯିଏ ଆଗ ଦୌଡି ଆସି ସେ ଅଙ୍କର ସଠିକ୍ ସମାଧାନ କରି ପୁଣି ଥରେ ପ୍ରାରମ୍ଭ ସ୍ଥାନରେ ଯାଇ ପହଂଚି ଯିବ ସେ ଜିତିଯିବ।

ଦୌଡ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯେତେବେଳେ ଆମେ ସବୁ ପ୍ରତିଯୋଗୀ ମାନେ ପ୍ରାରମ୍ଭ ସ୍ଥାନରେ ଏକ ସରଳ ରେଖାରେ ଛିଡା ହେଇଥିଲୁ ସେଠି ଥିବା ଆମ senior volunteer ମାନେ ଫୁସ୍ ଫୁସ୍ ହେଇ କହୁଥିଲେ, "ଶୁଣ ପିଲାମାନେ ଉତ୍ତର ହେଉଚି 'ଶୂନ'। ତେଣୁ ପ୍ରଶ୍ନକୁ ନ ଦେଖି ଯଥା ଶୀଘ୍ର ଶୂନ ଲେଖି କାଗଜଟିକୁ ଧରି ଦୌଡି ଆସିବ।"

ରେଡି, ଷ୍ଟେଡି, ଗୋ ର ହ୍ୱିସିଲ୍ ବାଜିବା ମାତ୍ରେ ସମସ୍ତଙ୍କ ସହିତ ମୁଁ ବି ପ୍ରଶ୍ନ ଟେବୁଲ୍ ଆଡକୁ ଦୌଡିଲି। କାଗଜ ରେ ଥିବା ଅଙ୍କ ଟିକୁ ବିନା ପଢି ଉତ୍ତର ଯାଗାରେ ଶୂନ ଲେଖିଦେଲି। ତଳେ ନିଜ ନାମ ଲେଖିଲା ବେଳେ ଅଙ୍କ ଉପରେ ମୋ ଆଖି ପଡିଗଲା। ଯେତେବେଳେ ଦେଖିଲି, ତାର ଉତ୍ତର ଶୂନ ବଦଳରେ ଏକ ହେଉଥିଲା। ମୁଁ ଟିକେ ଦ୍ୱନ୍ଦରେ ପଡିଗଲି। ପୁଣି ଥରେ ଅଙ୍କ ଟିକୁ ଦେଖିଲି। ସେତେବେଳକୁ ସବୁ ପିଲା ମାନେ ପ୍ରାୟ ସେମାନଙ୍କ ଉତ୍ତର କାଗଜ ଧରି ଦୌଡିବା ଆରମ୍ଭ କରି ସାରିଲେଣି। ମନକୁ ଦମ୍ଭ କଲି ଆଉ ଲେଖିଥିବା ଶୂନରେ ଲାଂଜ ଟାଣି ତାକୁ 'ଏକ' କଲି। ସମସ୍ତେ ମୋ ଆଗରୁ ପହଂଚି ଯାଇଥିଲେ ସତ କିନ୍ତୁ ସମସ୍ତଙ୍କର ଉତ୍ତର ଭୁଲ୍ ହେଇଥିଲା ଆଉ ମୋର ସଠିକ ଉତ୍ତର ଯୋଗୁଁ ପ୍ରତିଯୋଗିତାରେ ଜିତି ଗଲି। ସେହି ଦିନ ଏକ ବଡ ଶିକ୍ଷା ପାଇଲି। ନିଜର ବୁଦ୍ଧି ଓ ଆତ୍ମ ବଳ ଉପରେ ବିଶ୍ୱାସ ରଖିବା। ସଫଳତା ପାଇବାକୁ ହେଲେ ନିଜର କଳା କୌଶଳ ତଥା ନିଜର ସଜାଗତା ନିହାତି ଆବଶ୍ୟକ। ସଫଳତାର ମାର୍ଗ ସବୁବେଳେ କଠିନ ଓ ସୁଦୀର୍ଘ। ଅନ୍ୟର ବୁଦ୍ଧି, ସହଜ ପଦ୍ଧତି ଓ ଶୀଘ୍ର ପହଂଚିବାର ମାର୍ଗ କେବେହେଲେ ସହି ସଫଳତା ଆଣି ପାରେନା।

ISSN NO.
2582-208X

ଆଉ ସେଦିନର ସେଇ ଛୋଟ ଏକ ଦୌଡ ପ୍ରତିଯୋଗିତାରେ ଜିତିବାର ଆନନ୍ଦ, ମୋର ଖେଳକୁଦ ପ୍ରତି ଆଗ୍ରହ ସୃଷ୍ଟି କରିଥିଲା। ପର ବର୍ଷ ମୁଁ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲି। ବହୁତ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲି ମଧ୍ୟ। ମୋର ଏ ସଫଳତା କେବଳ ଶଙ୍କର ସାର୍ ଙ୍କ ଯୋଗୁ ହିଁ ସମ୍ଭବ ହୋଇ ପାରିଥିଲା। ତାଙ୍କ ଯୋଗୁଁ ମୁଁ ପାଠ ସହିତ ଖେଳ କୁଦରେ ଭି କିଛି ମାତ୍ରାରେ ଦକ୍ଷତା ହାସଲ କରି ପାରିଥିଲି। ଏକ ଲାଜକୁଳା, ଭୟାସିକ୍ତ, ଡରକୁଳାପଣ ମନରେ ମୋର ସାହସ ଓ ଦମ୍ଭ ଭରି ଦେଇଥିଲେ ସେ।

ଦେଖୁ ଦେଖୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆସିଗଲା। farewell ଦିନ ସମସ୍ତଙ୍କର ହୃଦୟ ଭାରି ଆଉ ଓଦା ଆଖି। ସେ ବର୍ଷ ସ୍କୁଲ୍ ର ଗର୍ବ ଗୌରବକୁ ବଜାୟ ରଖିବାର ଭାର ମୋ ଉପରେ ଥିଲା। ସେ ଦାୟିତ୍ୱକୁ କିପରି ସଫଳତାର ସହ ସଂପାଦନା କରିବି ସେଇ ଆଶା ଆଉ ଆଶଙ୍କା ରେ ମୁଁ ଖୁବ୍ ଉଦବେଗ ଥିଲି। ସବୁ ସାର, ଦିଦି ମାନ ଙ୍କ ଠାରୁ ଆଶୀର୍ବାଦ ନେଲାବେଳେ କିଛି କହି ପାରିଲିନି ସେଦିନ। ସଫଳତାର ଉପହାର ନେଇ ପୁଣି ସମସ୍ତ ଙ୍କୁ ଦେଖା କରିବାକୁ ଆସିବି ବୋଲି ମନରେ ସିଦ୍ଧ କଲି।

ବୋର୍ଡ ପରୀକ୍ଷା ସରିଗଲା, ସଫଳତାର ସହ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେଲି। ରେଭେନ୍ସା କଲେଜ୍ ରେ ନାମ ଲେଖା ହେଲା। ନୂଆ ପରିବେଶ, ନୂଆ ସାଂଗ, ନୂଆ ସାର୍ ଓ ମ୍ୟାଡାମ୍ ମାନଙ୍କୁ ନେଇ ଆଗକୁ ଆଗକୁ ଚାଲିଲି ଆଉ ପଛରେ ରହିଗଲେ ମୋର ପ୍ରିୟ ସ୍କୁଲ୍, ମୋ ପ୍ରିୟ ସାର୍।

ଦେବଯାନୀ ସ୍ୱାଇଁ
ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅନୁତାପ



ପ୍ରକାଶ ଚନ୍ଦ୍ର ପଣ୍ଡା

ଅନୁତାପ ଭର୍ ବହ୍ନି ଜଳବ
ହୃଦୟରେ ବନ୍ଧୁ ତୁମ,
ପଶ୍ଚାତାପ ଦିନେ ଆସିବ ହେ ନଷ୍ଟେ
ଭାବିବ କରିବା କର୍ମ ।
କ୍ଷଣିକ କୋପରେ ଉତ୍ତେଜିତ ହୋଇ
ଭିଆଇଲ ଯେଉଁ କାଣ୍ଡ,
କେହି ନହେଲେ ବି ଜଗତର କର୍ତ୍ତା
ଦେବେ ନଷ୍ଟେ ତାର ଦଣ୍ଡ ।
ମୁଁ ଆଉ ମୋର ନତି ରେ କ ବନ୍ଧୁ
ଚାଲିବ ଜଗତ ଡଙ୍ଗା,
ଘଟିବାର ଥିବ ଯାହା ଘଟୁଥିବ
ସବୁ ତ ତାଙ୍କରି ଇଚ୍ଛା ।
ଦେଖୁନାହଁ ବନ୍ଧୁ ତ୍ରେତୟା ଯୁଗରେ
ରାମଙ୍କର ଅବତାର,
ନଜ ହସ୍ତେ ପ୍ରଭୁ ନଜ କଲେ ହତ
ରାବଣ ପରି ଅସୁର ।

ISSN NO.
2582-208X

ଦ୍ୱାପର ଯୁଗରେ କଂସାସୁର ବଦ୍ଧ
ଥିଲେ ପ୍ରଭୁ ଶାନ୍ତ ପାଇଁ,
ତାଙ୍କରି ନିର୍ଦ୍ଦେଶେ ହୁଏ ଆତଯାତ
ସବୁରି ମୂଳରେ ସେଇ ।
ଭୁଲିଯାଅ ହିଂସା ପୋଛିଦିଅ ମନୁ
କାମ କ୍ରୋଧ ମୋହ ମାୟା,
ହାତ ପାହାନ୍ତାରେ ଥିବା ଖୁସି ତୁମ
ପ୍ରଭୁଙ୍କର ମଧ୍ୟ ଦୟା ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଧନ୍ୟ କର ମୋତେ
# ନଜର କରି



ରାଜକିଶୋର ସାଇଁ

ଆହେ ରାଜୀବ ଲୋଚନ ଶ୍ରୀରାମ
ଚରଣରେ ଶତ କୋଟି ପ୍ରଣାମ
କଣ୍ଠେ ଦିଅ ଭାଷା ହେ ରଘୁନାଥ
ଗାଇବାକୁ ତୁମ ଭକ୍ତି ସଙ୍ଗୀତ ॥

ଅଯୋଧ୍ୟାର ନରେଶ ଦଶରଥ
ଜନମିଥିଲ ହୋଇ ତାଙ୍କ ସୂତ
ଚଇତ ମାସ ଶୁକ୍ଳ ନବମୀରେ
ଉଭା ହୋଇଥିଲ ଏ ମରତରେ ॥

ପାଳନ କରି ତୁମେ ପିତୃସତ୍ୟ
ସଭିଁଙ୍କ ପାଇଁ ସାଜିଲ ଦୃଷ୍ଟାନ୍ତ
ଲଙ୍କାର ରାଜା ରାବଣକୁ ନାଶି
ସବୁରି ମନେ ଭରିଥିଲ ଖୁସି ॥

ରାମ ନାମକୁ ଘୋଷି ଦିବାନିଶି
ଦସ୍ୟୁ ରତ୍ନାକର ହୋଇଲେ ଋଷି
ତୁମ ଚରିତ ରାମାୟଣ ଲେଖି
ନାଆଁ ହୋଇଲା ତାଙ୍କର ବାଲ୍ମିକୀ ॥

ISSN NO.
2582-208X

ରଚଲେ ରାମ ଚରିତ ମାନସ
ତୁମ କୃପା ଲଭି ତୁଳସୀ ଦାସ
ସବୁଠାରଏ ଏ ପାଇଲା ଆଦର
ଯଶ ମୁନଙ୍କୁ କରିଲା ଅମର ॥

ରାମ ତାରକା ମନ୍ତ୍ରକରି ଜପ
କବି ସମ୍ରାଟ ବୋଲାଇଲେ ଉପ
ତାଙ୍କ ବୈଦେହୀଶ ବିଳାସ କାବ୍ୟ
ଆମ ଭାଷା ସାହିତ୍ୟର ବିଭବ ॥

ରାମ ରାଜ୍ୟ କରିବାକୁ ପ୍ରତିଷ୍ଠା
ସ୍ୱପ୍ନ ଦେଖୁଥିଲେ ଜାତିର ପିତା
ନିତି କରୁଥିଲେ ତୁମ ପ୍ରାର୍ଥନା
ବାଣ୍ଟୁଥିଲେ ତୁମ ଚିନ୍ତା ଚେତନା ॥

ତୁମ ମହିମା କେ ପାରିବ କଳ
ଶଙ୍କଟୁ କରିଥାଅ ତୁମେ ପାରି
ଏ ଜୀବନ ସଫଳ ହେବାପାଇଁ
ଆସରା କରିଛି ତୁମକୁ ମୁହିଁ ॥

ଭରିଦିଅ ମନେ ତୁମ ଭାବନା
ଦୂର ହେଉ ସବୁ ବ୍ୟଥା ବେଦନା
ଏତିକ କରୁଛି ପାଦେ ମୁଁ ଅଳ
ଧନ୍ୟ କର ମୋତେ ନଜର କରି ॥

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ନିଲୁର ଇଲୁ



ସସ୍ମିତା ପଟ୍ଟନାୟକ

ନୂଆ ଜାଗା ନୂଆ ଲୋକ। ଖୁବ କମ ଜଣକୁ ଜାଣି ପାରିଥିଲା ନିଲୁ। ବୟସ ବି ଏମିତି ଯାଉଥିରେ ଭଲ ପାଇବାର ମୃଦୁ ଆଗମନ ହଉଥିଲା। ହୁଏ, ଏମିତି ଅଜାଣତରେ କିଏ ଟିକେ ଅଧିକା ଭଲ ଲାଗେ, ଇଛା ହୁଏ ଘଡି ଘଡି ଧରି ଭାବିବାକୁ ତାକୁ ଦେଖିବାକୁ। ସିଏ କିଛି ଗଜ ଦୂରରେ ଥିଲେ ବି ଶିହରଣ ଖେଳି ଯାଏ। କି ସୁନ୍ଦର ଅନୁଭୂତି। ନିଲୁର ବି ସେମିତି କିଛି ହେଇଯାଇଥିଲା ସାଗର ପାଇଁ।

ନିଲୁ ଭାବି ନେଇଥିଲା ସିଏ କେବେ ବି ସାଗରକୁ ମନ କଥା କହି ପାରିବନି। ଏକ ତ ତା ବାପା ମା ଭାରି ପରିଶ୍ରମ କରି ତାକୁ ପାଠ ପଢ଼ଉଥିଲେ ଆଉ ସିଏ ବି econominally ସ୍ୱାଧୀନ ହେବାକୁ ଚାହୁଁଥିଲା ଯେତେ ଶୀଘ୍ର ହେବ, ତେଣୁ ଏକାଗ୍ରତାର ସହ ପଢିବାକୁ ଚାହୁଁଥିଲା। ହେଲେ ଯେବେ ବି ସାଗର କୁ ଦେଖୁଥିଲା ଭାରି ଖୁସି ହଉଥିଲା ଆଉ ମଧ୍ୟ ତାକୁ ନ କହି ହରାଇବାର ଦୁଃଖ ବି ଭିତରୁ ଭିତରୁ ଭାଙ୍ଗି ଦଉଥିଲା ତାକୁ। ନିଲୁର ପ୍ରିୟ ସାଙ୍ଗ ନୀତୁ କିନ୍ତୁ ଭାରି ଖୋଲା ଖୋଲା ଝିଅଟି। ନିଲୁକୁ ସିଏ ଲକ୍ଷ କଲା କେତେବେଳେ ମନେ ମନେ ହସୁଛି ତ କେତେବେଳେ ଦୁଃଖି ହେଇ ଯାଉଛି। ନିଜ ପ୍ରିୟ ସାଙ୍ଗର ଏଇ ଅବସ୍ଥା ଦେଖି କହିଲା ମୁଁ ଯାଉଛି ସାଗରକୁ ତୋ ମନ କଥା କହି ଦେବି। ନିଲୁ ଟିକେ ଅପ୍ରସ୍ତୁତ ହେଇ କହିଲା ଯଦି ସାଗର ଆଉ କାହାକୁ ଭଲ ପାଉଥିବା, ଏଇଟା ଜାଣିଲେ ମତେ ଆଉରି ଦୁଃଖ ହେବ, ଥାଉ ମୋ ମନ କଥା ମୋ ପାଖେ ଥାଉ। କିଛି ଦିନ ପୁଣି ବିତିଗଲା। ହେଲେ ନିଲୁର ମନରେ ସେଇ କଥା ସବୁବେଳେ ଖେଳୁଥିଲା।

ଏମିତିରେ ହିଁ କିଛି ମାସ ବିତି ଯାଇଥିଲେ। କିନ୍ତୁ ନିଲୁର ଭାବନାରେ କିଛି ପରିବର୍ତ୍ତନ ଆସି ନ ଥିଲା। ଶେଷରେ ନୀତୁ ଦିନେ ସାଗରକୁ ଏକା ପାଇ ତା ସହ ବହୁତ କଥା ହେଲା, କିଛି

ISSN NO.
2582-208X


ଗୋଟେ ଭାବି କହି ଦେଲା ଯେ ଜାଣିଚୁ ତତେ ନିଲୁ ଭାରି ଭଲ ପାଏ। ଏଇଟା ଶୁଣିକି ସାଗରର ମୁହଁ ପୁରା ଉଜ୍ଜ୍ୱଳିତ ହେଇଗଲା। ଖୁସିରେ କହିଲା ମୁଁ ବି ତାକୁ ଭଲ ପାଏ ହେଲେ କେବେ କହିନି। ସତରେ କଣ ସମସ୍ତଙ୍କୁ ମନର ମଣିଷଟା ମିଳିଯାଏ। ନିଲୁ ଜାଣିଲା ପରେ ଖୁସି ଯେତିକି ଅବିଶ୍ୱାସ ସେତିକି କରିଥିଲା। କିନ୍ତୁ ଏବେ ଏଇ କଥା ଜାଣିଲା ପରେ କେମିତି ସିଏ ସାଗର ସହ କଥା ହେବ ଭାବି ପାରୁ ନ ଥିଲା।

ତା ପର ଦିନ କଲେଜରେ ନିଲୁ ପଶିଲା ବେଳେ ସାଗରକୁ ଗେଟ୍ ପାଖରେ ଦେଖିକି ସିଏ ଯେମିତି ନିଃଶ୍ୱାସ ରହିଯିବ ଲାଗୁଥିଲା। ମନ ଭିତରେ ବହୁତ କିଛିର ଆନ୍ଦୋଳନ ଚାଲିଥିଲା।

ଯାହା ହଉ ଧୀରେ ଧୀରେ ନିଜକୁ ସମ୍ଭାଳି ନେଲା। ସାଗର ବି ଆଡ଼ ଆଖିରେ ଦେଖି ଚୁପ ରହିଥିଲା। ପୁଣି କଣ ତା ପରେ ସେମାନଙ୍କ ପ୍ରେମର ଗାଡି ଗଡି ଚାଲିଲା ବିନା ଶବ୍ଦ ଆଉ ବିନା ଧୂଆଁରେ । କେବେ କେହି ଇଲୁ କହି ନାହାନ୍ତି ହେଲେ ଦୁଇ ଜଣଙ୍କ ଘନିଷ୍ଠ ଆନ୍ତରିକତା ଆଉ ପ୍ରେମ ଏବେ ବି ଜ୍ୱଳନ୍ତ ରହିଚି।

ଭୁବନେଶ୍ୱର

ISSN NO.
2582-208X

# ସମ୍ପର୍କ ସୂତା



କୃଷ୍ଣ ଚନ୍ଦ୍ର ବାରିକ

ଅଗଣାରେ ଆଜି କିଏ କାଟି ଅଛି
ସୁବାସ ସୁମନେ ଝୋଟି
ଝଟକୁଛି କିଏ ଧୂମ କେତୁ ପରି
ତାରା ପୁଞ୍ଜ ଗ୍ରହ ଗଣ୍ଠି

ତା ମଧ୍ୟେ ତୁଳସୀ ବିଷ୍ଣୁ ହୃଦ ଶଶି
ରଜନୀ ରମଣ ପ୍ରଭା
କୃତ୍ରିମ ଝରଣା ଝର ଝର ହୋଇ
ଦିଶେ କେଡେ ମନଲୋଭା

ଅସ୍ତଗାମୀ ଅଂଶୁ ରକ୍ତିମା କିରଣ
ବୁଣି ଦେଇ ଅଛି ଯେଣୁ
କିଲାଳ ବର୍ଣ୍ଣା ଏ ଧରଣୀ ହୋଲିରେ
ହୋଇ ଯାଇ ଅଛି ତେଣୁ

କାମ ସାରି ନିଜ ନୀଡେ ବାହୁଡ଼ନ୍ତି
ଦଳ ଦଳ ପକ୍ଷୀ ପଳ
ପୁତ୍ର ପତ୍ନୀ କନ୍ୟା ସହ ବିଳପନ୍ତି
ପ୍ରେମେ ହୋଇ ସର୍ବେ ଭୋଳ

ସମ୍ପର୍କ ସୂତାରେ ବାନ୍ଧି ହୋଇଅଛି
ଏକକୁ ଆରେକ ଜନ
ଯିଏ ବାନ୍ଧି ଅଛି ଭାବର ବନ୍ଧନେ
ସିଏ ପରା ଭଗବାନ

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଏ କି ବିଶ୍ୱ ଭାତୃତ୍ୱ



ପ୍ରିୟରଞ୍ଜନ ଭାରତୀ

ତ୍ରାହି ତ୍ରାହି ଡାକ ଶୁଭୁନି ତୁମକୁ
ଦିଶୁନି ଗୋଳି ବନ୍ଧୁକ
ଶହ ଶହ ଲୋକ ଓହଳ ବିକଳ
ଦେଖୁଛ ସବୁ ନାଟକ
ଏ କି ବିଶ୍ୱ ଭାତୃତ୍ୱ ?

ପ୍ରତି କ୍ଷଣ ଏଠି ବୋମା ବିସ୍ଫୋରଣ
ନିରିହ ଜନତା ମରେ
ଦୁର୍ବଳ ରାଷ୍ଟ୍ରକୁ ସବଳ ରାଷ୍ଟ୍ରଟା
ନିତି ଆକ୍ରମଣ କରେ
ଏ କି ବିଶ୍ୱ ଭାତୃତ୍ୱ ?

ଦେଶେ ଦେଶେ ଏଠି ଭାତୃତ୍ୱ ବନ୍ଧନ
ବାଣିଜ୍ୟ ବେପାର ହୁଏ
ସୁଯୋଗ ଦେଖିଣ ନିଜ ସ୍ୱାର୍ଥ ପାଇଁ
ଅନ୍ୟ ଗଳା କଟା ହୁଏ
ଏ କି ବିଶ୍ୱ ଭାତୃତ୍ୱ ?

ବୋମା ବାରୁଦରେ ଆକ୍ରମଣ ଚାଲେ
ରାଷ୍ଟ୍ର ଏଠି ଜଳୁ ଥାଏ

ISSN NO.
2582-208X

ସମାଚାର ଦେଖି ଅନ୍ୟ ରାଷ୍ଟ୍ର ଏଠି
ଅନ୍ଧ ପରି ଚାହିଁ ଥାଏ
ଏ କି ବିଶ୍ୱ ଭାତୃତ୍ୱ?

ସାପକୁ ମାରୁନ ବାଡି ବି ଭାଙ୍ଗୁନ
ନିରପେକ୍ଷ ବୋଲି କୁହ
ତୁମରି ଆଗରେ ରକ୍ତ ଭିଜା ଶବ
ଗଡୁ ଅଛି ଅହରହ
ଏ କି ବିଶ୍ୱ ଭାତୃତ୍ୱ?

ବାରୁଦ ଗନ୍ଧକୁ ବୋମା ବିସ୍ଫୋରଣ
ବାପା ଆଗେ ପୁଅ ମରେ
ନିଜ ରାଷ୍ଟ୍ର ପାଇଁ ବୁଢ଼ା ବାପା ଏଠି
ସୈନିକର ବେଶ ଧରେ
ଏ କି ବିଶ୍ୱ ଭାତୃତ୍ୱ?

ଶହ ଶହ ରାଷ୍ଟ୍ର ଧୃତରାଷ୍ଟ୍ର ପରି
ନିରବ ଦ୍ରଷ୍ଟା ସାଜିଛି
କେତେ ଯେ କଅଁଳ ଫୁଲ କଢି ଏଠି
ଅକାଳେ ଝଡି ପଡୁଛି
ଏ କି ବିଶ୍ୱ ଭାତୃତ୍ୱ?

ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର, ରାୟଗଡ଼ା

ISSN NO.
2582-208X

# ଅଭିମାନ



ନମିତା ଦାଶ

ଶାନ୍ତି, ମୈତ୍ରୀ, ପ୍ରୀତି, ଜୀବନର ମୂଳମନ୍ତ୍ର । ମଣିଷ ଜୀବନ ନୁହଇ ସହଜ, ଝଡ଼-ଝଞ୍ଜା, ଘାତ-ପ୍ରତିଘାତ, ମାନ-ଅଭିମାନ ରେ ଭରା । ସବୁବେଳେ ସୁଖ ସୁବିଧା ନ ଥାଏ । ଅସୁବିଧାରେ ସୁଖ ପାଇଁ ଗତି କରୁଥାଏ । ଜୀବନ ରେ ମାନ-ଅଭିମାନ ଦୁହେଁ ପରିପୂରକ । ମାନକୁ ମହତ ଦେବାରେ ଅଭିମାନ ଅଦୃଶ୍ୟ ରୂପେ ଲୁଚି ରହିଥାଏ । ଜୀବନରେ ସମ୍ପର୍କ ମୂଲ୍ୟବାନ । ମାନ-ଅଭିମାନ ସେଠାରେ ମାପଦଣ୍ଡି । ରକ୍ତେ ଗଢ଼ାନୁହେଁ ସବୁରି ସମ୍ପର୍କ ଗଢ଼ାହୁଏ ହୃଦୟରୁ· ବିଶ୍ୱାସ ଓ ସ୍ନେହ ଟିକେଏ ଲୋଡ଼ା ମନରୁ । ଅଭିମାନକୁ ବିନା ଶବ୍ଦ ଦ୍ୱାରା ଯିଏ ନ କହିବି ବୁଝିଯାଏ । ପ୍ରକୃତ ସମ୍ପର୍କ ନାମେ ପରିଚିତ ରହିବ ମାରିବାଯାଏ । ଲିଭିଯାଏ ସିନା କାଚ ଆଇନାରେ ଦାଗ ପଡ଼ିଯାଏ ଯଦି, ଲିଭେନାହିଁ କେବେ ମନ ଆଇନାରୁ । ଭୁଲ ବୁଝାମଣା, ଅଭିମାନ, ସନ୍ଦେହ ଭିତରେ ମଣିଷ ହୁଅଇ ଛନ୍ଦି । ନିମିତ ମାତ୍ରକେ ସେହି ଭୁଲପାଇଁ ସମ୍ପର୍କ ହୁଅଇ ଛନ୍ଦି । ସଂସାର ଏକ ସୁନେଲି ପରଦା । ମାନ-ଅଭିମାନ ସ୍ରୋତ ରେ ଭରା । ଜୀବନରେ ଅଭିମାନକୁ ଦୁରେଇ ସୁଦୃଢ ସମ୍ପର୍କ ରେ ଗଢିଉଠୁ ଏ ଧରା ।

ଖାରଘର, ନଭି ମୁମ୍ବାଇ

ISSN NO.
2582-208X

# ନନା(ବାପା) ତୁମେ ସାକ୍ଷାତ ଈଶ୍ୱର



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ହେତୁ ପରେ ଜାଣିଥିଲି ନନା ତୁମେ
ନୁହଁ କେବେ ଈଶ୍ୱରଙ୍କ ପ୍ରତିନିଧି
ତୁମେ ଥିଲ ସାକ୍ଷାତ ଈଶ୍ୱର
ତୁମ ପାଖେ ଥିଲା ସେ ଲକ୍ଷଣ
ସେ ପାଇଁକି ହସୁଥିଲ
ପିଇଲେ ବି ଦୁଃଖର ଜହର ।।

ବୁଝିବା ବାକି ନଥିଲା ତୁମ ମଥା ଚିତା
ଚିତା ନୁହେଁ ସେତ କେବେ
ଆଙ୍କୁଥିଲ ନିତି ତୁମେ କପାଳରେ
ସମସ୍ୟାର ଯେତେ ସବୁ ଚିଠା ।।

ଜଣାଥିଲା ତୁମକୁ କୌଶଳ
କେମିତି ଲୁଚାଇ ହେବ ଆଖିର ସେ ଲୁହ
ଆଉ ମନର କୋହକୁ
ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟ ପାଇଁ
ପାଣି କରି ହେବ ନିଜ ଦେହର ଲହୁକୁ ।।

ପଢୁଥିଲି ପାପୁଲିରେ ଲେଖାଥିବା ଦାଗ ରୂପୀ
ହିସାବର ଗୋଟି ଗୋଟି ପୃଷ୍ଠା

ISSN NO.
2582-208X

କେତେ ଯେ କଷଣ ସହି
ବାହୁଥିଲ ସଂସାର ରଥକୁ
ତୁମ ମନେ ଥିଲା କେତେ ଆମ ପାଖେ
ହାରି ହାରି ଜିତିବାର ନିଷ୍ଠା ।।

ଶୁଣିଥିଲି ତୁମ ସେହି ଆଶ୍ୱାସନା
ବଇଁଶୀର ସ୍ୱର
ଯେତେବେଳେ ଝୁଣ୍ଟୁଥିଲି ମୋ ଚଲା ପଥରେ
କହୁଥିଲ ବାବୁରେ ଦେଖିକି,
ଆଜି ତାହା ଅନୁଭବ କରେ
ଯେତେବେଳେ ବିଶ୍ୱାସ ମୋ ଭରଷା କୁ ଭାଙ୍ଗେ
ଛାଇ ପରି ଆସି କୁହ ତୁ ପରା ମୋ ସାହସୀ ପୁଅ
ନଇଁ ଯାଉ ଏତେ ତୁ କାହିଁକି ।।

ବିଶ୍ୱାସ କେ କରୁ କି ନ କରୁ
ମୁଁ ଜାଣେ ତୁମେ ଥିଲ ଅଛ ଏବେ
ଛାଇ ପରି ହୋଇ ମୋ ନିଜର
କାହିଁକି ନା.....
ତୁମେ ନୁହଁ ଇଶ୍ୱରଙ୍କ ପ୍ରତିନିଧି
ତୁମେ ଥିଲ ସାକ୍ଷାତ ଇଶ୍ୱର ।।

ଚକାପଦା, ଖୋର୍ଦ୍ଧା
୯୧୭୮୪୭୫୪୩୭

ISSN NO.
2582-208X

# ରେ ବନ ସୁମନ



ପ୍ରଦୀପ କୁମାର ଜିଲିକାର୍

ରେ ବନ ସୁମନ
ଫୁଟିଅଛୁ କାହିଁ ନିର୍ଜନରେ
ଲାଗୁନାହିଁ ତୋତେ ଏକାଏକା ?
କାହିଁ ଥରୁଟିଏ ମୁହଁ ତ ଦେଖା।

ରେ ବନ ସୁମନ
କଅଁଳ ଚିକ୍କଣ ମୁହଁ ତୋର
କରୁ ବନରେ ଗନ୍ଧ ପ୍ରଚାର
ତୁ ତ ବାଡ଼ିଫୁଲ ଠାରୁ ସୁନ୍ଦର!

ରେ ବନ ସୁମନ
ମନ୍ଦ ସମୀର ଯାଇଛି ବହି
କମ୍ର କମନୀୟ ଦେହଛୁଇଁ
ରସିକ ଭ୍ରମର ତୋ ପାଇଁ ବାଇ।

ରେ ବନ ସୁମନ
ଗହନ ବନେ କାହିଁ ଲୁଚିଛୁ
ନିସଙ୍ଗରେ ଜୀବନ ବଞ୍ଚୁଛୁ
ବନେ କେଉଁ କାମରେ ତୁ ଲାଗୁଛୁ ?

ରେ ବନ ସୁମନ
ଗାଆଁ ଫୁଲଠୁ ସୁନ୍ଦର ଭାରି

ISSN NO.
2582-208X

ସୁଧା ମଧୁ ଦେହୁ ଯାଏ ଝରି
ଯୋଗ୍ୟ ତୁ ସ୍ୱର୍ଗ ରାମା ଶିରଶିରୀ ।

ରେ ବନ ସୁମନ
କାହିଁରେ ତୋ ମନ କହକହ
ବହି ଯାଇ ଥିବ ଗନ୍ଧବହ
ସ୍ୱଚ୍ଛ ସରିତ ସଂଗୀତ ପ୍ରବାହ ?

ରେ ବନ ସୁମନ
ବିହଙ୍ଗ ସଂଗୀତ ଶୁଣୁଥିବୁ
ଖୋଲା ଉପବନେ ଶୋଉଥିବୁ
ପ୍ରଭାତ ରବି ଦେଖି ଉଠୁଥିବୁ ?

ରେ ବନ ସୁମନ
ବନ ଗହନରେ ତୁହି ରାଣୀ
ପୂଜୁଥିବେ ତୋତେ ବନ୍ୟ ପ୍ରାଣୀ
ତୋର ପ୍ରହରୀ ତରୁଲତା ଶ୍ରେଣୀ ।

ରେ ବନ ସୁମନ
ବନେ ବିତା ସୁନ୍ଦର ଜୀବନ
ନିଜ ପ୍ରେମେ ହୋଇଣ ମଗନ
ସ୍ୱାର୍ଥ, ଗର୍ବ, ଭୋଗ ଛାଡ଼ି ସୁମନ ।

ହାଡ଼ଶିଙ୍କୁଳା, ଗୃଟିକୋଣା,
ବିଷମକଟକ, ରାୟଗଡ଼ା
୮୨୪୯୪୩୯୯୩୯

ISSN NO.
2582-208X



# ସଂଗୀତର ଏକ ଯୁଗର ଅବସାନ



ଦୀନବନ୍ଧୁ ବେଜ

#ସ୍ୱର ସାମ୍ରାଜ୍ଞୀ, ଭାରତରତ୍ନ# ଲତା ମଙ୍ଗେସକର ଏବେ ପରଲୋକରେ । ଲତା ଦିଦୀ ସିନା ଆଉ ନାହାଁନ୍ତି କିନ୍ତୁ ଭାରତ ପୂର୍ଣ୍ଣ ହୃଦୟରେ ମନେ ରଖିବ ।ମହାରାଷ୍ଟ୍ରର ଇନ୍ଦୋର ଠାରେ ୧୯୨୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ଦିନାନାଥ ମଙ୍ଗେସକର ମାତା ସେଭନ୍ତି ମଙ୍ଗେସକରଙ୍କ କୋଳ ମଣ୍ଡନ କରିଥିଲେ ସେ । ପିତା ଜଣେ କଳାକାର ଓ ସଂଗୀତଜ୍ଞ ଥିଲେ । ପରିବାର ଅଧିକାଂଶ ସଦସ୍ୟ ସଂଗୀତ ଅନୁରାଗୀ ଥିଲେ । ଭାରତର ଜଣାଶୁଣା ସଙ୍ଗୀତଜ୍ଞ ଥିଲେ । ଭଉଣୀ ମୀନା ମଙ୍ଗେସକର, ଉଷା ମଙ୍ଗେସକର, ଆଶା ଭୋଷଲେ ଭାଇ ହୃଦୟ ନାଥ ମଙ୍ଗେସକର ସମସ୍ତେ ଜଣେ ଜଣେ ଶ୍ରେଷ୍ଠ ଓ ସଂଗୀତରେ ଦକ୍ଷ ଭାବରେ ନିଜର ପରିଚୟ ସୃଷ୍ଟି କରି ପାରିଥିଲେ ।

ମାତ୍ର ତେର ବର୍ଷରେ ଦିଦି ସଂଗୀତ ଜୀବନ ଆରମ୍ଭ କରିଥିଲେ ପିତାଙ୍କ ଠାରୁ । ଥରେ ତାଙ୍କ ପିତା ପିଲା ମାନଙ୍କୁ ଯେଉଁ ସଂଗୀତ ଶିକ୍ଷା ଦେଉଥିଲେ ତାକୁ ଲତା ଦିଦି ବାହାରେ ଗୁଣୁ ଗୁଣୁ ହେବାର ଶୁଣି ପାରିଲେ । ସାଙ୍ଗେସାଙ୍ଗେ ବାପା କହି ପକାଇଥିଲେ ପ୍ରକୃତ ଶିଷ୍ୟ ମୋ ଘରେ ମୁଁ ବାହାର ପିଲାଙ୍କୁ ଶିକ୍ଷା ଦେଉଛି, ପରେ ବିଶିଷ୍ଟ ସଂଗୀତ ଗୁରୁ ଉସ୍ତାଦ ଅମାନତ ଅଲ୍ଲୀ ଖାନଙ୍କ ଠାରୁ ସେ ସଂଗୀତ ଶିକ୍ଷା କରିଥିଲେ । ନବେ ଦଶକରେ ଯେତେ ବେଳେ ସଂଗୀତ ମୋଡ ବଦଳୁ ଥିଲା ସେହି ସନ୍ଧିହାନ ସମୟରେ କିନ୍ତୁ ଲତା ଦିଦିଙ୍କ କଣ୍ଠ ଚମକ ଆହୁରି ବଢିଗଲା ଫଳରେ ସେ ୨୦୦୧ ମସିହାରେ ଜାତୀୟ ପୁରସ୍କାର ପାଇଲେ । ସମୟ ଏପରି ହୋଇଥିଲା ଯେ ତାଙ୍କୁ ସ୍ଲୋ ପଏଜନର ଶିକାର ହେବାକୁ ପଡ଼ିଥିଲା । ଏଥିପାଇଁ ତାଙ୍କୁ ଦୀର୍ଘ ତିନମାସ ଶଯ୍ୟାସାୟୀ ହେବାକୁ ପଡ଼ିଥିଲା ଥିଲେ । ସୁସ୍ଥ ହୋଇ ଉଠିଲାପରେ ତାଙ୍କ କାଳଜୟୀ ଗୀତଥିଲା କଭି ଦିୟା ଜଲେ, କଭି ଦିଲ.......।

ISSN NO.
2582-208X


ପ୍ରକୃତରେ ସଙ୍ଗୀତଜ୍ଞ ଉଦିତ ନାରାୟଣଙ୍କ ଦ୍ୱାରା ତାଙ୍କୁ ସଂଗୀତର ପ୍ରଛଦପଟ୍ଟ ରାଣୀ ବୋଲି ସମ୍ବୋଧିତ କରା ଯାଇଥିଲା । ସଦାବେଳେ ଝଙ୍କୃତ ହେଉଥିବ ତାଙ୍କର ଅମ୍ଳାନ କଣ୍ଠସ୍ୱର । ଦୀର୍ଘ ଅଶୀ ବର୍ଷର ସଙ୍ଗୀତ ସେବା ଭିତରେ ସିଏ ସର୍ବାଧିକ ଗୀତ ଗାନ କରିଥିବାରୁ ଗିନିଜ ବୁକରେ ନାଆଁ ସ୍ଥାନିତ ହୋଇଥିଲା ତାଙ୍କ ନାମ । ସାରା ଭାରତରେ କୋକିଳ କଣ୍ଠି ଭାବରେ ଖ୍ୟାତିଥିଲେ ସେ । କେତେ ଗାୟକ / ଗାୟିକା ଆସିଛନ୍ତି ଯାଇଛନ୍ତି କିନ୍ତୁ ତାଙ୍କ କଣ୍ଠ ତାଙ୍କ ସ୍ୱର ହିଁ ତାଙ୍କ ନିଆରା ପରିଚୟ ଥିଲା । ବିଭିନ୍ନ ସଂଗୀତ ନିର୍ଦ୍ଦେଶକଙ୍କ ସହ ସେ କାର୍ଯ୍ୟ କରିଛନ୍ତି । ପ୍ରାୟ ୩୬ଟି ଭାଷାରେ ୩୦୦୦୦ ଗୀତ ଗାୟନ କରିଥିଲେ ସେ । ସଂଗୀତରେ ଏମିତି କେହି ଲତା ମଙ୍ଗେସକର ହୋଇ ପାରିବେ ନାହିଁ ହଁ ମୋ ସ୍ୱର ହିଁ ମୋ ପରିଚୟ ତାଙ୍କ ପାଇଁ ହେଉଛି ଯଥାର୍ଥ ଉଦାହରଣ । ଏହି ସ୍ୱର ଅନନ୍ତ ଅନନ୍ତ କାଳ ପର୍ଯ୍ୟନ୍ତ କର୍ଣ୍ଣ ପାଖରେ ଗୁଞ୍ଜରିତ ହେଉଥିବ ।

ଆଜି ଭାରତ ଆଖିରେ ପାଣି । ଭାରତ କାନ୍ଦୁଛି । ଗୋଟିଏ ସଂପର୍କ ଯାହା ସମସ୍ତଙ୍କୁ ଗୀତହିଁ ଦେଇଥିଲା । ସେହି ଗୀତର ସୂତ୍ରଧର ସୁରିଲା କଣ୍ଠଶିଳ୍ପୀ ଥିଲେ ଲତା ଦିଦୀ । ତ୍ୟାଗ ସମର୍ପଣ ଓ ସଙ୍ଘର୍ଷ ମୂକ ସାକ୍ଷୀ ଥିଲେ ଲତା ଦିଦୀ । ଜାତୀୟ ପୁରସ୍କାର, ଫିଲ୍ମଫେୟାର, ଦାଦାସାହେବ ଫାଲ କେ ଆବାଡ଼, ପଦ୍ମଭୂଷଣ, ପଦ୍ମ ବିଭୂଷଣ, ଜୀବନ ତମାମ ଉନ୍ନତି ଆବାଡ ପରି ପୁରସ୍କାର ପ୍ରାପ୍ତ, ବିଦେଶର ସର୍ବଶ୍ରେଷ୍ଠ ପୁରସ୍କାର ଓ ଆମ ଦେଶର ଶ୍ରେଷ୍ଠ ପୁରସ୍କାର ଭାରତ ରତ୍ନ ପାଇଥିବା ଲତା ଦିଦୀଙ୍କର ଆଜି ଅନ୍ତିମ ଯାତ୍ରାରେ ସାରା ଭାରତ କାନ୍ଦୁଛି । ବାସ୍ତବରେ ସଂଗୀତର ଏକ ଯୁଗ ଅବସାନ ଘଟିଛି ଲତା ଦିଦୀଙ୍କ ପାଇଁ ।

ମୁମ୍ବାଇର ଶିବାଜୀ ପାର୍କଠାରେ ରାଜକୀୟ ସମ୍ମାନ, ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଅନ୍ତିମ ସଂସ୍କାର ହୋଇ ଯାଇଛି । ପଞ୍ଚତତ୍ତ୍ୱରେ ବିଲିନ ହୋଇ ଯାଇଛନ୍ତି ଦିଦୀଙ୍କ ମର ଶରୀର ଓ ଅମର ଆତ୍ମା ବ୍ରହ୍ମଲୀନ ହୋଇ ଯାଇଛି । ତାଙ୍କର ନିଧନରେ ଭାରତ ସରକାର ଦୁଇ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରିବାକୁ ଘୋଷଣା କରି ତାଙ୍କ ପ୍ରତି ଶ୍ରଦ୍ଧା ଓ ଭଲ ପାଇବାର ପ୍ରମାଣ ଦେଇଛନ୍ତି ।

ISSN NO.
2582-208X

ପଣ୍ଡିତ ଜବାହର ଲାଲଙ୍କ ଠାରୁ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଏପିଜେ ଅବଦୁଲ କାଲାମଙ୍କ ଠାରୁ ରାମନାଥ କୋବିନ୍ଦଙ୍କ ପରି ରାଷ୍ଟ୍ରପତି, ସଚନ ତେନ୍ଦୁଲ କର, ଶରଦ ପାବାର, ବାଲ ଠାକରେ ଜାକର ହୁସେନ ପରି ମହାନ ବ୍ୟକ୍ତିଙ୍କ ଅତି ପ୍ରିୟ ଥିଲେ ଦିଦି ।

ବାସ୍ତବରେ ବିଶିଷ୍ଟ ସଂଗୀତଜ୍ଞ କୈଲାଶ ଖେରଙ୍କ ଭାଷାରେ ସେ ମନୁଷ୍ୟ ନଥିଲେ ମନୁଷ୍ୟ ରୂପରେ ଜଣେ ସନ୍ୟାସିନୀ ଥିଲେ । ଯିଏ କ ଗାନ କରିଥିବା ଗୀତ ଆମ ଜେଜେ ଜେଜେମା ଆଗ୍ରହର ଶୁଣୁଥିଲେ ଆମ ପିତା ମାତା ଶୁଣୁଥିଲେ ଆମେ ଶୁଣୁଛୁ ଆମ ପିଲାମାନେ ମଧ୍ଯ ସେହି ଆଗ୍ରହ ସହିତ ଶୁଣୁ ଥିବେ ।

ଅମର ଆତ୍ମାର ସଦଗତି କାମନା ପାଇଁ ଭାବପୂର୍ଣ୍ଣ ଆବେଗ ଭରା ଶ୍ରଦ୍ଧାଞ୍ଜଳ ଜ୍ଞାପନ କରୁଛି।

ଏମଭି :-୧୯,ମାଲକାନଗିରି
ବାସୁଦେବପୁର, ଭଦ୍ରକ
email:-dinabandhubej@gmail.com
Cell:-7683920221

ISSN NO.
2582-208X

# ଯୌତୁକ ପ୍ରଥା



ନନ୍ଦିନୀ ରାଉତ

କେତେ ଆଦର ରେ ପିତା ମାତା ଦୁହେଁ
ଝିଅ କୁ ଜନମ ଦେଲେ
ଶିକ୍ଷା ସଂସ୍କାର କୁ ଦେଇକରି ତାକୁ
ଉତ୍ତମ ରୂପେ ଗଢିଲେ... 1

ଦୟା, କ୍ଷମା, ସ୍ନେହ ମମତା କୁ ନେଇ
ହସାଇଲା ପରିବାର
ସଭିଙ୍କ ସେବାରେ ବ୍ରତୀ ହୋଇ ଝିଅ
କର୍ମରେ ସଦା ତତ୍ପର.... 2

ବାପା ଙ୍କର ସେତ ଅଲିଅଳ ଜେମା
ମାଆ ଙ୍କ ଗଳା ର ହାର
ଭାଇ ଭାଉଜଙ୍କ ନୟନ ପିତୁଳା
ପାଏ ସ୍ନେହ ସଭିଙ୍କର.... 3

ବିବାହ ବୟସ ଆସିଗଲା ଯେବେ
ବଢେ କନ୍ୟା ପାଇଁ ଚନ୍ତା
ଲକ୍ଷ ଲକ୍ଷ ଟଙ୍କା ବର ତଉଲା ରେ
କନ୍ୟା ଟି ହୁଏ ସଳତା... 4

ISSN NO.
2582-208X

କେତେ ସ୍ୱପ୍ନ ଆଉ ସମ୍ଭାବନା ନେଇ
ଶାଶୂଘର ଯାଏ ଝିଅ
ଯୌତୁକ ରାକ୍ଷସ ଶାଶୂଘରେ ଥାଇ
ଝରାଏ ଝିଅ ର ଲୁହ... 5

ଶାଶୁ ଓ ଶ୍ୱଶୁର ଭୁଲି ଯାନ୍ତି ତା, ର
ସିଏ ବି ଝିଅ ର ପିତା
ମାଡ଼ ଗାଳି ଖାଲି ଝିଅ ର ଭାଗ୍ୟରେ
ସ୍ୱାମୀ କରନ୍ତି ଅହନ୍ତା... 6

ଲୁହ ଲହୁ ପିଇ ପଡ଼ି ରହିଥାଏ
ସଭିଙ୍କୁ ଦେବାକୁ ସୁଖ
ଯୌତୁକ ପ୍ରଥା କୁ ଦୂର କର ଭାଇ
ମାଗେ ମୁଁ ତୁମଙ୍କୁ ଭିକ... 7

ବାଲିପଟ୍ଟା, ଅନୁଗୁଳ

ISSN NO.
2582-208X

# ବଣମଲ୍ଲୀ



ଅମରନାଥ ବାରିକ

କରିଦିଅ ପ୍ରଭୁ ଦୁବ ଘାସଟିଏ
ତୁମ ଶ୍ରୀଅଙ୍ଗକୁ ସାଉଁଳେଇବି
ପଡିଗଲେ ଧୂଳ ଝାଡ଼ିଦେବି ସବୁ
ପାଖେ ପାଖେ ତୁମ ସେବା କରିବି ।
କୋମଳ ପାଦକୁ ରହିବି ଆବୋରି
ଦେବିନାହିଁ କେବେ ମଇଳା କରି
ନୀତି ଚୁମିବି ମୁଁ ସେ ରଙ୍ଗ ପୟର
ରଖିଥିବି ସଦା ଆଦର କରି ।
ଲୋଡା ନାହିଁ ମୋର ଏ ହୀନ ଜନମ
ଶିରିକ୍ଷେତ୍ର ଯଦି ନପାରେ ଦେଖି
ବଣ ମଲ୍ଲୀ ହୋଇ ବଣରେ ରହିଲି
କେହି ଜଣେ ମାଳ ପାରୁନ ଦେଖି ।
ନାହିଁ ପ୍ରୟୋଜନ ଏମିତି ଜନମ
ଯଦି ନ ଲାଗିଲି ତୁମରି ପାଇଁ
ଫୁଟିବିନ ଆଉ ନୀତି ମୁଁ ସଞ୍ଜରେ
ବାସି ହେବି ନାହିଁ ତୁମକୁ ଗୁହିଁ ।
କ ଦୋଷ କରିଛି କାଳଆ ସାଆନ୍ତେ
ତୁମ ମନ୍ଦିରକୁ ପାରେନ ଯାଇ
ବଣରେ ଫୁଟି ମୁଁ ବଣରେ ମଉଳେ
ତୁମ ଦରଶନ ଭାଗ୍ୟରେ ନାହିଁ ।
ବଣ ମଲ୍ଲୀ କରି ବଣରେ ରଖିଲ

ISSN NO.
2582-208X

ପାରିଲିନ ତୁମ ପାଦକୁ ଛୁଇଁ
ଦେହରେ ଭରିଲ ସୁବାସ ଚହଟ
ତୁମ ପୂଜା ପାଇଁ ଲାଗିଲି ନାହିଁ ।
ଇଚ୍ଛା ମୋ ଅନେକ ଦେଖିଲେ ତୁମକୁ
ସାର୍ଥକ ଫୁଲଟେ ହୋଇବି ବୋଲି
ରହୁଁଛି ତୁମର ପୂଜାରେ ଲାଗିବି
ସଭିଏଁ କହିବେ ଶ୍ରୀକ୍ଷେତ୍ର ମଲ୍ଲୀ ।
ବଣ ମଲ୍ଲୀ କହି ଅନେକ କବିତା
ଲେଖି ରହୁଛନ୍ତି କଲମେ କବି
ପାର ପାଇଯିବି ଏହି ଜନମରୁ
ତୁମରି କରୁଣା ଯଦି ପାଇବି ।

ଯାଜପୁର, ମଙ୍ଗଳପୁର, କୟାଁ

ISSN NO.
2582-208X

# ସପନ ନାୟିକା



ଲକ୍ଷ୍ମେନ୍ଦୁ ବାରିକ

ସପନ ନାୟିକା ପ୍ରିୟା ଅନାମିକା
ନିର୍ଜନ ରେ ଆସଇ ଏକା
ମାନସ ପଟରେ ନାଚି ଗୀତ ଗାଇ
ନିଦ ମୋ କରଇ ସେ ଚୁନା
ନିଦ ଆଉଆଳେ ମୁଁ ଖୋଜେ ନିତି
ନାୟିକା ର ପ୍ରତି ଛବି
ଦିଏ ନାହିଁ ଧରା ସପନ ନାୟିକା
ଅଟେ ପରା ମାୟା ମରୀଚିକା
ରୂପ ପ୍ରତି ରୂପ ଦର୍ଶନ ପାଇଁ ମୋ
ମନ ମୋ ବ୍ୟାକୁଳ ଭାରି
ସପନ ରେ ତୁମେ ଅଟ ହେ ନାୟିକା
ଦିଅ ସପନ ରେ ଖାଲି ଦେଖା
ରୂପ ବଡିମା ରେ ତୁମେ ତ ସୁନ୍ଦର
ସପନ ରେ ଯେବେ ଖାଲି ଦେଖେ
ସପନ ଭାଙ୍ଗି ଲେ ଆଉ ନ ଆସ
ଶୂନ୍ୟ ତା ଲାଗଇ ଏ ମନ
ସପନେ ଆସୁଛ ସପନେ ଯାଉଛ
ସପନ ଅଟଇ ତୁମ ଆଧାର
ବାସ୍ତବରେ ଆସି ପୂରଣ କର
ହୃଦୟ ର ଏହି ଶୂନ୍ୟ ଘର
ସପନ ନାୟିକା ସପନେ ନ ଆସି
ସତ ରେ ଆସ ହେ ଏକା
ଦେଖିବାକୁ ଇଚ୍ଛା ଏ ପ୍ରିୟା ନାୟିକା
ବ୍ୟାକୁଳ ମୋ ହୃଦୟ ମନ

ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ଆଲିଶାନ୍ ଘର

ମା' ଚାଲିଗଲା ପିଲାଟି ଦିନରୁ ଶୁଣି ଶୁଣି ମୋ' ମନରେ ଗଣି ବାନ୍ଧି ହୋଇଯାଇଥିଲା ଯେ ସ୍ୱର୍ଗବାସୀମାନେ ଖୁବ୍ ଆଡ଼ମ୍ବରରେ ରହିଥାନ୍ତି, ଆଉ ନର୍କବାସୀମାନଙ୍କୁ ବହୁ ଦୁଃଖ କଷ୍ଟ ଭୋଗିବାକୁ ପଡ଼ିଥାଏ । ଟିକିଏ ବଡ଼ ହେବାପରେ ଜାଣିଲି ଯେ ମଣିଷ ନିଜ କର୍ମ ଅନୁସାରେ ମୃତ୍ୟୁ ପରେ ଇନ୍ଦ୍ରଦେବଙ୍କ ସଭାରେ ସ୍ଥାନ ପାଇବ କିମ୍ବା ନର୍କ କୁଣ୍ଡ ଭିତରେ ସଢ଼ିବ ତାହା ଚିତ୍ରଗୁପ୍ତଙ୍କ ଠାରୁ ଶୁଣି ସ୍ୱୟଂ ଯମରାଜ ସ୍ଥିର କରିଥାନ୍ତି । ତେବେ କାହାର ସ୍ୱର୍ଗବାସ ହେଲେ ଜ୍ଞାତି ପରିଜନ ମାନେ ଏତେ କନ୍ଦାକଟା କାହିଁକି କରନ୍ତି! କାହାର ସ୍ୱର୍ଗବାସ ମୁହୂର୍ତ୍ତରେ ମୁଁ କେବେ ବି ଉପସ୍ଥିତ ନ ଥିଲି । ତେଣୁ ଅସଲ କାରଣଟା ଜାଣିବା ମୋ' ପାଇଁ ସମ୍ଭବ ନ ଥିଲା ।

୧୯୬୫ ମସିହା ଫାଲ୍‌ଗୁନ ମାସ, ମୁଁ ସେତେବେଳେ ବିଜେବି କଲେଜରେ ପ୍ରି-ପ୍ରଫେସନାଲ ପଢୁଥାଏ । ମା(ବଡ଼ନନାଙ୍କର ଦାଈ ମା) ଦେହ ଅସୁସ୍ଥ ଥିଲା ବୋଲି ବାପା ତାକୁ ଗାଁରୁ ଆଣି ବଡ଼ନନାଙ୍କ ଘରେ ଛାଡ଼ିଥିଲେ । ମା'କୁ ଦେଖି ମୋ'ର ବିଶ୍ୱାସ ହେଲାନି ଯେ ସେ ଅସୁସ୍ଥ । ଜର ତ ସମସ୍ତଙ୍କୁ ହୋଇଥାଏ, ମା'ର ପ୍ରକୃତ ଅସୁସ୍ଥତା ମୁଁ ଭଲ କରି ଦେଖିଛି । ସେତେବେଳେ ମୁଁ ଖୁବ୍ ଛୋଟ ଥିଲି । ଆମେ ସମସ୍ତେ ଗାଁରେ ରହୁଥିଲୁ । ମା' ଆମମାନଙ୍କୁ ଖୁବ୍ ସ୍ନେହ କରେ । ରାତିରେ ମତେ ଖୁଆଇ ପିଆଇ ନେଇ ଖଟରେ ଶୁଆଇଥିଲା । ସକାଳୁ ଉଠିବା ପରେ ଦେଖିଲି ତା'ର ଦୁଇଗୋଡ଼ ପଡ଼ି ଯାଇଥିଲା । ଭଲ ମଣିଷଟାର ରାତାରାତି ଏ କ'ଣ ହେଲା! ନାନୀ ଖୁବ୍ ଆସ୍ତିକ । ଭଗବାନଙ୍କ ପ୍ରତି ଅଶେଷ ଆସ୍ଥା । ମୁହଁଟାକୁ ଛିଗୁଲେଇଲା ଭଳି କହିଲା, "ଯମ ଦୁଆର ଆଉ କୋଉଠିକି! ସବୁ ଅଧର୍ମର ଶାସ୍ତି ଏଇ ଜନ୍ମରେ ହିଁ ମିଳିଥାଏ । ଯମର ଗରମ ତେଲ କରେଇ ଆଉ ବିଷ୍ଠା କୁଣ୍ଡ ସବୁ ଏଇ ଜନ୍ମରେ

ISSN NO.
2582-208X

ଦେଖିବ ନୀରାମା (ମା'କୁ ଆମେ ପିଲାମାନେ କେବଳ ମା' ଡାକିଥାଉ) । ପାପର ଘଡ଼ା ପୁରିଗଲେ ପାପୀ ଯିବ କୁଆଡ଼େ!! ନାନୀ କଥାର ମୂଳ ଚୂଳ ମୋ' ମନ ଭିତରକୁ ପଶି ପାରିଲାନି, ମାତ୍ର ଏତିକି ବୁଝିଲି ମା' ବହୁତ କଷ୍ଟ ପାଇବ ।

ଦିନ ପରେ ଦିନ ବିତିଲା । ଦେଖିଲି ମା' ସତକୁ ସତ ବହୁ କଷ୍ଟ ପାଉଥିଲା । ହାତ ଭରା ଦେଇ ପିଚା ସାହାଯ୍ୟରେ ଚାଲୁ ତ ନଥିଲା ଘୁଷୁଡ଼ୁ ଥିଲା । ଝାଡ଼ା, ପରିଶ୍ରା ପାଇଁ ଗୋଟିଏ ମାଟି ହାଣ୍ଡି ରଖା ଯାଇଥାଏ । କେମିତି ଶୌଚ ହୁଏ, କେମିତି ଖାଏ କହିବା ଖୁବ୍ କଷ୍ଟ ସାପେକ୍ଷ । ତା' ଦୁଃଖ ଦେଖି ମୋ' ଆଖିରୁ ଲୁହ ଝରିଥାଏ । ବାପା ବୁଝାନ୍ତି, "ଏ ରୋଗଟା ସେମିତି । ଜୀବନ ନେବନି, ମାତ୍ର ଅସୁମାରୀ ଯନ୍ତ୍ରଣା ଦେବ ।" ବାପାଙ୍କ କଥା ଶୁଣି ମୁଁ ଟିକିଏ ଚକିତ ହୋଇଗଲି । ବାପା କହୁଛନ୍ତି ଜୀବନ ନେବନି ।

ସେଦିନ ତ ମା' ଦୁରିଆ ନାନୀ ବୋଉ ଜେଠେଇକୁ କହୁଥିଲା, ମତେ ଟିପାଏ ବିଷ ଆଣି ଦେ। ଏ ଜୀବଟା ବାହାରି ଯିବ । ବାପାଙ୍କ ପାଖରେ ସେଇ କଥା ଦୋହରାଇ ଟିକିଏ ଜୋର୍‌ରେ କାନ୍ଦିବା ଆରମ୍ଭ କଲି । ଧୀର ସ୍ୱରରେ ବାପା କହିଥିଲେ ତୁ ତ ଭଗବାନଙ୍କୁ ଏତେ ବିଶ୍ୱାସ କରୁ । ଦେଖ୍, ପ୍ରଭୁ ଲକ୍ଷ୍ମୀନାରାୟଣ ଚାହିଁଲେ କ୍ରମେ କ୍ରମେ ତା'ର ଚାଲିବା ଶକ୍ତି ଫେରି ଆସିବ । ସେଇଆ ହୋଇଥିଲା । ବର୍ଷକ ଭିତରେ ମା' ପୂର୍ବଭଳି ଚାଲିବା ଆରମ୍ଭ କରି ଦେଇଥିଲା । ସତ କହିବାକୁ ଗଲେ ତାକୁ ହିଁ କୁହାଯାଏ ରୋଗ! ଜର, ମୁଣ୍ଡବ୍ୟଥା କାହାକୁ ନ ହୁଏ! ଘାରେ!

ସେଦିନ କଲେଜକୁ ଶୈଳ ଯାଇ ନ ଥିଲା । ଆମ ଘରଟା ମଝିରେ । ଡାହାଣରେ ଶୈଳ ଏବଂ ବାଁରେ ଶିବାନୀ ଘର । ରେଲ୍ ଲାଇନ୍ ଡେ଼ଇଁ ଆସିଲେ ପ୍ରଥମେ ଶିବାନୀ ଘର । ସେ ତା' ଘରକୁ ଚାଲିଗଲା । ମୁଁ ଘରକୁ ଗଲେ ଆଉ ଥରେ ଶୈଳ ଘରକୁ ଯିବାପାଇଁ ଅନୁମତି ମିଳି ନ ପାରେ, ତେଣୁ ତା' ଘର ଆଡ଼କୁ ମୁହାଁଇଲି । କଲେଜ ନ ଯାଇଥିବାର କାରଣ ପଚାରିବାରୁ ଜବାବ୍ ଦେଲା, ଆର୍ଟସ ବିଷୟ କ'ଣ ତୁମ ବିଜ୍ଞାନ ଭଳି । ବହୁତ ଛୁଟୀ ମିଳେ। ମାତ୍ର ତୁ ତ ଜମା ଆସିଲୁନି । ଘରେ ସବୁ ଭଲ ତ!

ଆମ ଘରେ ଆଉ ଭଲ ଖରାପ କ'ଣ । ଯଥା ପୂର୍ବଂ ତଥା ପରଂ । ହେଲେ ମା' ଚାଲିଗଲା।

ISSN NO.
2582-208X

ମା’ ଚାଲିଗଲା । କୁଆଡ଼େ ଗାଁକୁ ? ଦେହ ଖରାପ ଅଛି ବୋଲି ତ ବାପା ଏଇ ସାତଦିନ ତଳେ ତାକୁ ଗାଁରୁ ଆଣି ଛାଡ଼ି ଦେଇଯାଇ ଥିଲେ । ମୋ' କଥା କେହି ମାନୁ ନ ଥିଲେ । ମୁଁ କହୁଥିଲି ତା' ଦେହ ପୁରାପୁରି ଠିକ୍ ଅଛି ।

ତୁ ଭୁଲ୍ ଥିଲୁ । ମା’ର ସ୍ୱର୍ଗବାସ ହୋଇଗଲା । ସଂସ୍କାର ପାଇଁ ବଡ଼ନନା ବ୍ୟବସ୍ଥା କରୁଥିଲେ । ବାପା ଏବେ ବି ତୁମ ଘରେ ଅଛନ୍ତି ।

ପରଦିନ ମୋ'ର ମାଥ୍ମାଟିକ୍ସ (ଫୋର୍ଥ ଅପସନାଲ୍) ପରୀକ୍ଷା ଥିଲା । ଦୁଃଖରେ ଭାଙ୍ଗି ପଡ଼ିଥିଲି । ଶିବାନୀର ଫୋର୍ଥ ଅପ୍ସନାଲ୍ ନ ଥିଲା । ଶୈଳ ତ କଳାଛାତ୍ରୀ । ଏତେଟା ମର୍ମାହତା ଥିଲି ଯେ ପରୀକ୍ଷା ହଲ୍ ପହଞ୍ଚିଲା ବେଳକୁ ମାତ୍ର ପଇଁଚାଳିଶ ମିନିଟ୍ ବାକୀ ଥିଲା। ମନ୍ମଥ ସାର୍ ନିରୀକ୍ଷକ ଥିଲେ । ସେ ମତେ ଭଲ କରି ଜାଣିଥିଲେ । ସେମିତି କିଛି ଗୁରୁତର ଅସୁବିଧା ନ ଥିଲେ ମୋ'ର କ୍ଲାସ୍ ପହଞ୍ଚିବାରେ ବିଳମ୍ବ ହୁଏ ନା । ପରୀକ୍ଷା ଶେଷ ହେଲେ ତାଙ୍କ ସହ ସାକ୍ଷାତ କରିବାକୁ କହି ମତେ ପରୀକ୍ଷା ହଲ୍ ଭିତରକୁ ଯିବାର ଅନୁମତି ଦେଇଥିଲେ ।

ବିଳମ୍ବରେ ପରୀକ୍ଷା ହଲ୍‌ରେ ପ୍ରବେଶ କରିଥିବା ସମ୍ବାଦଟି ପ୍ରିନ୍ସିପାଲ୍‌ଙ୍କ ଗୋଚରକୁ ଆସିଥିଲା । ମୋ' ପାଇଁ ଡାକରା ଆସିବା ପୂର୍ବରୁ ଯାଇ ମୁଁ ଭଙ୍ଗା କଣ୍ଠରେ ସମସ୍ତ କଥା ବଖାଣି ଦେଇଥିଲି । ଘଟଣାଟି ଉପରେ ବିଶେଷ ଗୁରୁତ୍ୱ ନ ଦେଇଥିଲେ ମଧ୍ୟ ସାନ୍ତ୍ୱନା ଦେବା ସ୍ୱରରେ କହିଲେ, “ବିଶେଷ କିଛି ଚିନ୍ତା କରିବାର ନାହିଁ । କେତେ ଖଣ୍ଡର ଉତ୍ତର ତ ଲେଖିଥିବୁ । ତ୍ରୟ ଏବଂ ଷଡ଼ମାସିକ ପରୀକ୍ଷାରେ ତ ଖୁବ୍ ଭଲ କରିଥିଲୁ । ପାସ୍ ମାର୍କ ଆସିଯିବ ନିଶ୍ଚୟ । ତା’ଛଡ଼ା ଯଦି ବି ଫେଲ୍ ମାର୍କ ଆସେ ଏହା ତ ତୋର ଫୋର୍ଥ ଅପ୍ସନାଲ୍ । କିଛି ଫରକ ପଡ଼ିବନି ।

ପରୀକ୍ଷା ରେଜଲ୍ଟ ଆସିବା ପରେ ମାର୍କ ସିଟ୍ ହସ୍ତଗତ ହୋଇଥିଲା । ଭଲ ଡିଭିଜନ୍ ପାଇବା ଆଶାରେ ଫୋର୍ଥ ଅପ୍ସନାଲ୍ ନିଆଯାଇଥାଏ । ଆଶା ଆଶାରେ ହିଁ ରହିଗଲା ଫୋର୍ଥ ଅପସ୍‌ନାଲ୍‌ରେ କେବଳ ପାସ୍ ମାର୍କ...

ISSN NO.
2582-208X

## ଛୁଆନାନୀ ଆଉ ନାହିଁ ।

ପାଥୋଲୋଜି ପ୍ରକ୍ଟିକାଲ କ୍ଲାସ୍‌ରେ ଥିଲି । ଅଫିସ୍ ପିଅନ ଗୋଟିଏ ଟେଲିଗ୍ରାମ୍ ମୋ' ହାତରେ ଦେଇ ବାହାରକୁ ଚାଲିଗଲା । ବଡ଼ନନାଙ୍କ ପାଖରୁ ଆସିଛି । ସବୁ ଠିକ୍‌ଠାକ୍ ତ! ଗତ ସପ୍ତାହରେ ତ ସମସ୍ତେ ଆସିଥିଲେ । ପୁଣି କ'ଣ ପାଇଁ ଟେଲିଗ୍ରାମ ।

ଫଲୋଇଙ୍ଗ୍ ପୋଷ୍ଟ ପାଟମ୍ ହାମୋରେଜ "ସୁଶୀ ହ୍ୟାଡ୍ ଲେଫ୍ଟ ଅସ୍ ଫର୍ ଏଭର । ବେବି ବୟ ଅଲ୍‌ସୋ ଡାଇଡ୍ ।"

ଠିଆ ହୋଇଥିବା ସ୍ଥାନରେ ଜଡ଼ ପାଲଟି ଯାଇଥିଲି ଯେମିତି । ଦୀର୍ଘ ପାଞ୍ଚ ବର୍ଷ ତଳର ଘଟଣା । ଖୁବ୍ ସରଳା ଥିଲା ଛୁଆ ନାନୀ । ଭଦ୍ରକରେ ଥିବା ସମୟରେ ତା'ର ବାହାଘର ହୋଇଥିଲା । ସ୍ୱାମୀ ତା'ର କନ୍ଦର୍ପ ଭଳି ସୁନ୍ଦର । ଅଫିସ୍ ଚାକିରୀ । ଚରମ୍ପାରେ ନିଜ ଘର । ମତେ ଖୁବ୍ ସ୍ନେହ କରନ୍ତି । ମଝିରେ ମଝିରେ ଆମ ଘରକୁ ଅଳ୍ପ ସମୟ ପାଇଁ ଆସିଥାନ୍ତି । ଯେତିକି ସମୟ ରହନ୍ତି, ବେଶୀ ଭାଗ ମୋ' ସଂଗେ ବିତାନ୍ତି । କହନ୍ତି ତୁମ ନାନୀ କହନ୍ତି ତୁମେ ତାଙ୍କୁ ବହୁତ ଝୁରୁଥିବ । ତେଣୁ ସେ ମତେ ବାରଂବାର ଏଠାକୁ ଆସିବାକୁ କହନ୍ତି । ଉପନନା(ଉପେନ୍ଦ୍ର ପଣ୍ଡା) ବଡ଼ନନାଙ୍କୁ ବହୁ ସମ୍ମାନ ଦିଅନ୍ତି । ତାଙ୍କ କଥା ତଳେ ପକାନ୍ତି ନାହିଁ ।

ସେଦିନ ଛୁଆନାନୀ ଅନ୍ତଃସତ୍ତ୍ୱା ଖୁସି ଖବରଟି ଦେବାକୁ ଆସିଥିଲେ । ଦିନ ଗଡ଼ିଲା । ଛୁଆନାନୀର ଡ଼େଲିଭେରୀ ସମୟ ପାଖେଇ ଆସିଲା । ବହୁ ସମୟରେ ବଡ଼ନନା, ନୂଆବୋଉଙ୍କ ଭିତରେ ସେଇ କଥାର ଆଲୋଚନା ହୁଏ । ହେଲେ ମୁଁ ଭରସି ପଚାରି ପାରେନା । ମୋ' ସାଂଗମାନଙ୍କ ଘରେ ଦେଖିଛି, ତାଙ୍କ ଭଉଣୀ ମାନେ ପ୍ରଥମ ଡ଼େଲିଭେରୀ ପାଇଁ ବାପଘର ଆସିଥାନ୍ତି, ଭାଉଜମାନେ ମଧ୍ୟ ନିଜ ନିଜ ବାପଘର ଯାଇଥାନ୍ତି ।

ତେବେ ଏତେ ଅଳ୍ପଦିନ ରହିଗଲା, ଛୁଆନାନୀ ଆସୁନି କାହିଁକି!

ISSN NO.
2582-208X

ଦିନେ ଖାଇବା ବେଳେ ଖୁବ୍ ସାହସ କରି ନିଜକୁ ନିଜେ କହିଲି, ଛୁଆନାନୀ ପାଇଁ ଗଲନି ଟେବୁଲ ପାଖରେ ଆଉ ଗୋଟାଏ ଚେୟାର ପକାଇବାକୁ ହେବ । ସଂକ୍ଷିପ୍ତ ଉତ୍ତର ଥିଲା ତା' ଶାଶୁଘର ପଠାଇବାକୁ ଚାହୁଁ ନାହାନ୍ତି ।

ରାତିଯାକ ଶୋଇ ପାରିଲିନି । କ'ଣ ଖେଳଘର ପଡ଼ିଛି! ଯାହା ନିୟମ ନା – ସେମାନଙ୍କ ପାଇଁ କ'ଣ ନୂଆ ନିୟମ? କ'ଣ କରାଯାଇ ପାରେ! ରାତିଯାକ ଛଟପଟ ହେଲି । ତହିଁ ଆରଦିନ କଲେଜରୁ ସିଧା ଷ୍ଟେସନ୍ ଯାଇ ଭଦ୍ରକ ପାଇଁ ଗୋଟିଏ ଥାର୍ଡ଼ କ୍ଲାସ୍ ଟ୍ରେନ୍ ଟିକେଟ୍ କିଣି ନେଲି । ଉପନନାଙ୍କ ପାଖକୁ ଖବର ପଠାଇ ଦେବାକୁ କହିଲି । ଉପନନା ମତେ ଆସି ଷ୍ଟେସନ୍‌ରୁ ନେଇଗଲେ । ତାଙ୍କ ଘରେ ପହଞ୍ଚି ତାଙ୍କ ମା'ଙ୍କୁ କହିଲି ମୁଁ ଛୁଆନାନୀକୁ ନେବାକୁ ଆସିଛି ମାଉସୀ ।

ସେସବୁ କଥା ପରେ, ଏତେ ବାଟରୁ ଖରାରେ ଆସିଛୁ । ଥକି ଯାଇଥିବୁ । ଚାଲ୍ ହାତ ମୁହଁ ଧୋଇ ଆଗ କ'ଣ ଗଣ୍ଡେ ଖାଇଦେ ।

ସେମାନଙ୍କ ଭିତରେ ରାତିରେ କ'ଣ ଆଲୋଚନା ହେଲା ଜାଣେନା । ତହିଁ ଆରଦିନ ଉପନନା ଆମ ଦୁଇ ଭଉଣୀଙ୍କୁ ନେଇ ଭୁବନେଶ୍ୱରରେ ପହଞ୍ଚିଲେ । ମୋ'ର ଗୋଡ଼ ତଳେ ଲାଗୁ ନ ଥାଏ । ପ୍ରଥମତଃ ଏତେଦିନ ପରେ ଛୁଆନାନୀ ଆସିଛି, ଦ୍ୱିତୀୟ ହେଲା ସତେ ଯେମିତି ମୁଁ ଗୋଟିଏ ଗଡ଼ ଜିତିଛି । ଛୁଆନାନୀ ବହୁତ ପତଳା ଏବଂ ଉଚ୍ଚତାରେ ଖୁବ୍ କମ୍। ତା' ଶରୀର ଅନୁସାରେ ପେଟର ଆକୃତି ଖୁବ୍ ବଡ଼ ଲାଗୁଥାଏ । ଚେକ୍ ଅପ୍ ପରେ ଜଣା ପଡ଼ିଲା ତା'ର ସବୁ କିଛି ଠିକ୍ ଅଛି । ତଥାପି ତାକୁ ଟିକିଏ ଶୀଘ୍ର ହସ୍‌ପିଟାଲ୍‌ରେ ଭର୍ତ୍ତୀ କରିବାକୁ କହିଲେ । ସୁଶୀନାନୀ କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ଭର୍ତ୍ତୀ ହେଲା । ଦୁଇଦିନ ପରେ ତା' କୋଳରେ ଗୋଟିଏ ସୁନ୍ଦର ଝିଅ ।

ଏଥର ଯଦି ନିଜ ସ୍ୱାର୍ଥ ଭୁଲି ସେଇମିତି କିଛି କରିଥାନ୍ତି ଆଜି ଆମେ ଛଅରୁ ତ ପାଞ୍ଚ ହୋଇ ନ ଥାନ୍ତୁ । ତା'ଛଡ଼ା ଇଶ୍ୱରଙ୍କ ପ୍ରେରିତ କୁନି ଅତିଥିଟି ମଧ୍ୟ ଦୁନିଆରେ ତିଷ୍ଠି ପାରି ଥାଆନ୍ତା । ଏହାକୁ ତିପାର ନିଜ ସ୍ୱାର୍ଥ କୁହାଯିବନି ତ ଆଉ କ'ଣ କୁହାଯାଇ ପାରେ!

ISSN NO.
2582-208X

## ବାପାଙ୍କ ସ୍ୱାସ୍ଥ୍ୟ –

ପିଲାଟି ଦିନୁ ଦେଖି ଆସିଛି, ବାପାଙ୍କ ଦେହ କେବେ ଖରାପ ହୁଏନି । ତାଙ୍କ ଠାରୁ ବୟସରେ ସାନ କକା ପିଉସା ମାନେ କେତେବେଳେ ଜର ତ କେତେବେଳେ ପେଟ ଖରାପ ଆଉ କେବେ ଦେହ ଘୋଳେଇ ବିନ୍ଧି ହେଉଛି କହି ବିଛଣାରେ ପଡ଼ି ରହନ୍ତି । ଏମିତିକି ପିଲାଠାରୁ ବଡ଼ ପର୍ଯ୍ୟନ୍ତ କହିଥାନ୍ତି ଆଜି ମୁଣ୍ଡ ବିନ୍ଧୁଛି ତ କାଲି ଦାନ୍ତ ବିନ୍ଧୁଛି । ପେଟ ବିନ୍ଧିବା ଯେମିତି ବସା ବାନ୍ଧି ରହିଥାଏ । ହେଲେ ବାପା! କେବେ ବିଛଣାରେ ପଡ଼ି ରହିବା ତ ଦୂର କଥା ଥରଟେ ସେମିତି କିଛି ମୁହଁରେ ଉଚ୍ଚାରଣ ମଧ୍ୟ କରି ନାହାନ୍ତି । ନାନା ମୁନିଙ୍କର ନାନା ମତ । କିଏ କହେ ନିଜେ ଏଲ୍.ଏମ୍.ପି ଥିଲେ ତ, ତେଣୁ ରୋଗ ଆସିବା ପୂର୍ବରୁ ସତର୍କ ହୋଇ ଯାଆନ୍ତି ।

କିଏ କହେ ଜୀବନର ସଶୃଙ୍ଖଳ ପଦ୍ଧତି ତାଙ୍କୁ ନୀରୋଗ ରଖିଛି, କିଏ କହିଥାଏ ବଡ଼ଘରର ପୁଅ, ସଦା ସର୍ବଦା ପୁଷ୍ଟିକର ଖାଦ୍ୟ ଖାଇଆସିଛନ୍ତି, ତେଣୁ ରୋଗ ଭିତରକୁ ପଶି ପାରେନା ଅଥବା କିଏ କହେ ସେ ବହୁ ଧର୍ମ ପରାୟଣ ତ । ତେଣୁ ଈଶ୍ୱର ତାଙ୍କର ସହାୟତା କରିଥାନ୍ତି । ମୁଁ ନିଜ ଆଖିରେ ତାଙ୍କର ପରିଶ୍ରମ ଦେଖିଛି। ସଂଗେ ସଂଗେ ନୀରୋଗ ଶରୀର ମଧ୍ୟ, ତେବେ କ'ଣ ଶୃଙ୍ଖଳିତ ଅକ୍ଳାନ୍ତ ପରିଶ୍ରମ ତାଙ୍କ ନୀରୋଗ ରହିବାର ମୂଳମନ୍ତ୍ର । ନିଜ ଅଜାଣତରେ ମୋ' ମନ ଭିତରେ ଉଙ୍କି ମାରେ, ମୁଁ ମଧ୍ୟ ଏଇ ମୂଳମନ୍ତ୍ରର ପୂଜାରୀ ହେବାର ପ୍ରୟାସ କରିବି ।

ସି.ଏମ୍.ସି ଭେଲୋରରେ କାମ କରିବାର ମାତ୍ର ଦୁଇଟି ମାସ ପୂର୍ଣ୍ଣ ହୋଇ ନ ଥାଏ । ନନାମାନଙ୍କ ଠାରୁ ଚିଠି, ଟେଲିଗ୍ରାମ ଆସିଲା, "ବାପା ସିରିଅସ୍ । ଭୁବନେଶ୍ୱର କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ଭର୍ତ୍ତୀ ହୋଇଛନ୍ତି । ମାତ୍ର ଦିନକୁ ଦିନ ଅବସ୍ଥା ଆହୁରି ଖରାପ ହେଉଛି । ଖବର ପାଇ ମୁଁ ଆଉ ଦଣ୍ଡେ ବି ରହି ପାରିଲିନି । ଭୁବନେଶ୍ୱର ଚାଲି ଗଲି । ହସ୍‌ପିଟାଲ୍ ବେଡ୍‌ରେ ନିସ୍ତେଜ ହୋଇ ବାପା ପଡ଼ିରହଥିଲେ । ହାତ, ଗୋଡ଼ ଚଳୁଛି ସିନା, ହଲାଇବାର କ୍ଷମତା ନାହିଁ । ଶରୀରରେ କେବଳ ହାଡ଼ ଦି'ଖଣ୍ଡ ମାତ୍ର ରହିଛି । ବଡ଼ନନା, ନୂଆବୋଉ ଏବଂ ଛୁଆନନା (ତାଙ୍କର ବାହାଘର ହୋଇ ନ ଥାଏ) ମତେ ବୁଝାଉ ଥିଲେ, କିଛି ନ

ISSN NO.
2582-208X


ଥିଲା, ଖୁବ୍ ଭଲ ଥିଲେ । ଦିନେ କହିଲେ ଅଜାଗାରେ ଗୋଟାଏ ଘା ହୋଇଛି (ସ୍କୋଟାଲ୍ ଆବସେସ୍) ।

ଡାକ୍ତରଙ୍କୁ ଦେଖାଇବା ପରେ ସେ ତାଙ୍କୁ ଭର୍ତ୍ତୀ କରି ଅପରେସନ୍ କଲେ । ତା'ପରେ ତ ଏଇ ଅବସ୍ଥା ।

ମୁଁ ଜିଦି ଧରି ବସିଲି, ମୁଁ ବାପାଙ୍କ ଚିକିତ୍ସା ସି.ଏମ୍.ସି, ଭେଲୋରରେ କରାଇବି । ଭାରତର ପ୍ରଖ୍ୟାତ ହସ୍ପିଟାଲ୍ ଯେ କେହି ସେଠାରୁ ଭଲ ହୋଇ ଯାଉଛନ୍ତି । ବାପାଙ୍କର ତ ଖାଲି ଘା'ଟାଏ ତ ହୋଇଥିଲା । ଉପରେ ସିନା ଏହା କହୁଥିଲି । ଭିତରେ ଭିତରେ ମନରେ ଚାଲୁଥାଏ କ୍ୟାନସର୍ ତ ନୁହେଁ । ଭୁଲ୍‌ରେ ଟ୍ୟୁମର୍ ମାସ୍‌ଟିର ଡ୍ରେନେଜ୍ ଚେଷ୍ଟା କରି ନାହାନ୍ତି ତ!!!

ବଡ଼ନନା ଜମା ରାଜି ହେଉ ନ ଥିଲେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏଇ ଅବସ୍ଥାରେ ନେବୁ କେମିତି ?

ଚିକିତ୍ସା ପାଇଁ ରୋଗୀଙ୍କୁ ହିଁ ତ ନିଆଯାଇଥାଏ । ତା'ଛଡ଼ା ଟ୍ରେନ୍‌ରେ ଯଦି କିଛି ଦୁର୍ଘଟଣା ହୋଇଯାଏ, ମୁଁ ନିଜକୁ ଦୋଷୀ ମନେ କରିବିନି । ଭଲ ଚିନ୍ତା କରି ତ ନେଉଛି, ଭଗବାନ ଯଦି ତାଙ୍କୁ ନେଇଯାଆନ୍ତି ଅନ୍ତତଃ ଏ ଅସୀମ ଜ୍ୱାଳାରୁ ତ ମୁକ୍ତି ପାଇଯିବେ ।

ବାପାଙ୍କୁ ଷ୍ଟ୍ରେଚର୍‌ରେ ନେଇ ଗୋଟିଏ ଲୋୟର ବର୍ଥରେ ଶୁଆଇ ଦିଆଯାଇଥିଲା । ବିପରୀତ ସିଟ୍‌ରେ ମୁଁ ବସିଥାଏ । ମାଡ୍ରାସ୍ (ବର୍ତ୍ତମାନ ଚେନାଇ) ଷ୍ଟେସନ୍‌ରୁ ଷ୍ଟ୍ରେଚର୍‌ରେ ନେଇ ହରେକୃଷ୍ଣ ଦାଦା (ସୁରୁ ଦାଦା) ତାଙ୍କର ଦୁଇଜଣ ବନ୍ଧୁଙ୍କ ସହ ଭେଲୋର ଷ୍ଟେସନ୍‌ରେ ଅପେକ୍ଷା କରିଥିଲେ । ସିଧା ସର୍ଜିକାଲ୍ ୱାର୍ଡ଼ରେ ଭର୍ତ୍ତୀ କରାଇଦେଲୁ । ରୀତିମତ ଚିକିତ୍ସା ଚାଲିଲା । ମୋ' ଧାରଣା ଠିକ୍ ଥିଲା । ସେଠାର ଡାକ୍ତର ମଧ୍ୟ କ୍ୟାନସର୍ ସସ୍‌ପେକ୍ଟ କରି ବାୟୋପ୍‌ସି କଲେ । ରିପୋର୍ଟ ଆସିଲା, "ସେମିନୋମା ଟେଷ୍ଟିକୁଲାର କ୍ୟାନସର" ।

ISSN NO.
2582-208X

କ୍ୟାନସର୍! ଅର୍ଥାତ୍ ବାପାଙ୍କୁ ହରାଇବି!! ଦୁଃଖରେ ଭାଙ୍ଗି ପଡ଼ିଲି । ଡାକ୍ତରଙ୍କ ଠାରୁ ଆରମ୍ଭ କରି ସିଷ୍ଟର ଏବଂ ୱାର୍ଡର ପ୍ରତିଟି ବ୍ୟକ୍ତି ମତେ ସାନ୍ତ୍ୱନା ଦେଇଥିଲେ ଯେ ବାପା ଭଲ ହୋଇଯିବେ । ମାତ୍ର ମୋ' ମନ ମାନୁ ନ ଥିଲା । କହନ୍ତି ଟେଷ୍ଟିକୁଲାର ଟ୍ୟୁମର୍ ଖୁବ୍ କମ୍ ବୟସ୍କ ଲୋକମାନଙ୍କୁ ଗ୍ରାସି ଥାଏ । ବୟସ୍କ ମାନଙ୍କ ପାଇଁ ଏହା ଖୁବ୍ ବିରଳ । ଏଇ ବିରଳ ରୋଗଟି ମୋରି ବାପାଙ୍କ ପାଇଁ ଥିଲା । ଏଇ ବିରଳତା ପାଇଁ ଭୁବନେଶ୍ୱରର ଡାକ୍ତର ଭୁଲ୍ କରି ବସିଥିଲେ । ଟେଷ୍ଟିକୁଲାର ଟ୍ୟୁମର୍‌ର ସମସ୍ତ ସାଇନ୍ ସିମ୍ପଟମ୍ ଥିବା କ୍ଷେତ୍ରେ ବି ସ୍କ୍ରୋଟାଲ୍ ଆବସେସ୍ ମନେ କରି ଡ୍ରେନେଜ୍ ଚେଷ୍ଟା କରିଥିଲେ ।

ରେଡ଼ିଓ ଥେରାପି, ପରେ ପରେ କେମୋ ଥେରାପି ଅଢ଼େଇ ମାସ ୱାର୍ଡ଼ରେ ରହିଲେ । ସଂପୂର୍ଣ୍ଣ ଭଲ ହୋଇଯିବା ପରେ ମୁଁ ବାପାଙ୍କୁ ହସ୍‌ପିଟାଲ୍‌ରୁ ଡିସ୍‌ଚାର୍ଯ କରାଇ ଗୋଟିଏ ଭଡ଼ାଘରେ ରଖାଇଥିଲି । ମାତ୍ର ବାପା ଜିଦି ଧରି ବସିଲେ । ମୁଁ ବଡ଼ ପୁଅ ପାଖକୁ ଯିବି । ଶୁଣି ନ ଶୁଣିଲା ଭଳି ହେଉଥିଲି । ହେଲେ ବାପା ସମସ୍ତଙ୍କ ଆଗରେ ବଖାଣି ବସିଲେ, ଏ ଝିଅଟାକୁ ତୁମେ ସମସ୍ତେ ବୁଝାଅ କାଲି ମୋ'ର ଯଦି କିଛି ହୋଇଗଲା, ମୋ' ମୁହଁରେ ନିଆଁ କିଏ ଦେବ? ମୁଁ ବି କିଛି କମ୍ ଜିଦି ନ ଥିଲି ।

କହିଲି, ଆପଣ ତ ସବୁବେଳେ ଅଷ୍ଟମ ଗର୍ଭରେ କୃଷ୍ଣ ଆସିଛି କହୁଥିଲେ । ଏବେ ସେ କୃଷ୍ଣ କୃଷ୍ଣା ପାଲଟି ଗଲା । ଆପଣ କୁଆଡ଼େ ଯିବେନି । ମୋ' ଆଖି ଆଗରେ ରହିବେ ।" ହଠାତ୍ ବାପାଙ୍କର ପରିବର୍ତ୍ତନ । ସେଇ ଦିନଠାରୁ ଥରେ ବି ଭୁବନେଶ୍ୱର ଯିବା ନାଁ ଧରି ନ ଥିଲେ । କେତେଦିନ ପରେ ବଡ଼ନନାଙ୍କ ଠାରୁ ଭୁବନେଶ୍ୱରରୁ ଚିଠି ଆସିଥିଲା । ତୋ କର୍ତ୍ତବ୍ୟ ଠାରୁ ତୁ ବହୁତ ବେଶୀ କରି ଆମମାନଙ୍କୁ ତୁ ଚିର ଋଣୀ କରି ଦେଇଛୁ । ବାପା ଏବେ ପୁରାପୁରି ଭଲ ହୋଇଗଲେଣି । ତୁ ଭଲକରି ତୋ କାମରେ ମନ ଦେ । ହରେକୃଷ୍ଣ ଭେଲୋର୍‌ରେ ଥିଲା । ତୋ ପାଇଁ ସାହସ ଥିଲା । ଏବେ ସିଏ ବି ଓଡ଼ିଶା ଫେରି ଆସିଲାଣି। ବାପା ତତେ ଜମା ବାଧ୍ୟ କରିବେନି । ଏଠାରେ ସମସ୍ତେ ଅଛନ୍ତି । ତା'ଛଡ଼ା ତାଙ୍କର ଜନ୍ମ ମାଟି ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ତୁ ତାଙ୍କୁ ମୋ' ପାଖରେ ଛାଡ଼ି ଦେଇଯା ।

ଚିଠିଟା ପଢ଼ି ମୁଁ ସ୍ତମ୍ଭ ହୋଇଗଲି । ବଡ଼ନନାଙ୍କୁ ଏ କଥା ସବୁ କେମିତି ଜଣା ପଡ଼ିଲା! ବାପା ନିଶ୍ଚୟ ଚିଠି ଲେଖିଛନ୍ତି । ସତ କଥା, ନିଜ ଯାଗାରେ ତାଙ୍କର ସ୍ୱାଧିନତା ରହିବ ।

ISSN NO.
2582-208X

ତା'ଛଡ଼ା ନାତି ନାତୁଣୀ ମାନଙ୍କ ସଂଗରେ ଖୁବ୍ ଭଲରେ ସମୟ ବିତିବ । ଏଠି ତ ଯାହାହେଲେ ପୁରାଦିନ ଏକା ରହୁଛନ୍ତି । ଏବେ ସିନା ଚକ୍ଷୁ ବିଭାଗରେ ଡିଉଟି ଅଛି ବୋଲି ନାଇଟ୍ ଡିଉଟି ନାହିଁ । ଆସନ୍ତା ମାସରୁ ଅନ୍ୟ କେଉଁ ବିଭାଗରେ ହେଲେ ତ ନାଇଟ୍ ଡିଉଟି ମଧ୍ୟ ରହିବ ।

ଭୁବନେଶ୍ୱର ପାଇଁ ଦୁଇଟି ଟ୍ରେନ୍ ଟିକେଟ୍ ବୁକ୍ କଲି । ବୃନ୍ଦାବନ ଏକ୍ସପ୍ରେସ୍‌ରୁ ଓହ୍ଲାଇ ଭୁବନେଶ୍ୱର ଟ୍ରେନ୍ ନେବା ପାଇଁ ଗୋଟିଏ ଓଭରବ୍ରିଜ୍ କ୍ରସ୍ କରିବାକୁ ହୁଏ । ଏଇଟା ସେଇ ଓଭରବ୍ରିଜ୍, ଯାହା ଉପରେ ତିନିମାସ ପୂର୍ବରୁ ବାପାଙ୍କୁ ଦୁଇଜଣ ଷ୍ଟ୍ରେଚର୍‌ରେ ବୁହାଇ ନେଉଥିଲେ । ତା'ରି ଉପରେ ବାପା ଆଗେ ଆଗେ ଚାଲିଥାନ୍ତି । ବ୍ୟାଗ୍ ଖଣ୍ଡକ ହାତରେ ଧରି ମୁଁ ପଛେ ପଛେ । ଇଚ୍ଛା ହେଲା, କ୍ୟାମେରା ଥାଆନ୍ତା ଯଦି ଏ ଦୃଶ୍ୟର ଫଟୋ ଖଣ୍ଡିଏ ଉଠାଇଥାନ୍ତି । ଭୁବନେଶ୍ୱରରେ ବାପାଙ୍କୁ ଛାଡ଼ି ମୁଁ ପୁଣି ମୋ' କର୍ମସ୍ଥଳୀକୁ ଫେରି ଆସିଥିଲି। ହେଲେ କେତେଦିନ ଧରି ନିଜକୁ ସ୍ଥିର କରି ପାରୁ ନ ଥିଲି । ବାପା ସତରେ ଭଲରେ ରହିବେ ତ! ପୁଣି କିଛି ସମସ୍ୟା ଦେଖା ଦେବନି ତ!! ଗତଥର ଭଳି ବଡ଼ନନାଙ୍କୁ ତାଙ୍କର ସବୁକାମ କରିବାକୁ ପଡ଼ିବନି ତ!

ଏଇମିତି କେତେଦିନ ବିତି ଯାଇଥିଲା । ବାପାଙ୍କୁ ଛାଡ଼ି ଆସିବା ପରେ ମୁଁ ଭଡ଼ାଘର ଛାଡ଼ି ପୁଣି ଏଲ୍.ଆଇ.କ୍ୟୁ (ସି.ଏମ୍.ସି ଭେଲୋର୍‌ର ଲେଡ଼ିଜ୍ ହଷ୍ଟେଲ୍) କୁ ଆସି ଯାଇଥିଲି । ଖୁବ୍ ଶୀଘ୍ର ବିଛଣାରୁ ଉଠି ନିଜର ନତ୍ୟିକର୍ମ ଶେଷ କରି ୭ଟାରେ ୱାର୍ଡ଼ରେ ପହଞ୍ଚିବା ମୋ'ର ଅଭ୍ୟାସ । ସେଦିନ ଟିକିଏ ବ୍ୟତିକ୍ରମ ଦେଖା ଦେଇଥିଲା । ମୁଣ୍ଡ ଭୀଷଣ ବିନ୍ଧୁଥିଲା। ଡାହାଣ କପାଳ ଉପରେ ଦୁଇଟା ତିନିଟା ଫୋଟକା (ବ୍ଲିଷ୍ଟର) । ବହୁ କଷ୍ଟ ଲାଗୁଥିଲେ ମଧ୍ୟ ୱାର୍ଡ଼ରେ ପହଞ୍ଚିଲି । ସେତେବେଳକୁ ଡାଃ ମାଳତୀ ଯାଦବ ରାଉଣ୍ଡ ଆରମ୍ଭ କରି ସାରିଥିଲେ । ମତେ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହେଲାଭଳି ମନେ ହେଲେ ମଧ୍ୟ କୌଣସି ଟିପ୍ପଣୀ ନଦେଇ ଆଗେଇ ଚାଲିଥିଲେ । ମୋ'ର ଦରଜ ଅସମ୍ଭବ ଧରଣରେ ବଢ଼ିଯାଇଥିଲା । ହଠାତ୍ ଡାଃ ଯାଦବଙ୍କର କଣ୍ଠସ୍ୱର ଶୁଣାଗଲା । "ୟା'କୁ ନେଇ ବର୍ତ୍ତମାନ ପ୍ରାଇଭେଟ୍ ୱାର୍ଡ଼ରେ ଭର୍ତ୍ତୀ କରିଦିଅ ମ । ୟା'ର ହରପିସ ହୋଇଛି ।

ISSN NO.
2582-208X

ଚାରିଦିନ ପରେ । ଏପ୍ରିଲ୍ ୧ ତାରିଖ । ବଡ଼ି ଭୋର । ସକାଳ ଚାରିଟା ହେବ ବୋଧେ । ଚାଉଁ କରି ନିଦଟା ଭାଙ୍ଗିଗଲା । ହଠାତ୍ ମୁଁ ଠିକ୍ କରି ଜାଣି ପାରିଲିନି ଯେ ମୁଁ କେଉଁଠି ? ସଠିକ୍ ସ୍ଥାନଟି ହୃଦୟଙ୍ଗମ କରିବା ପୂର୍ବରୁ ଅନୁଭବ କଲି ମୋ'ର ବାଁ ଆଖିରୁ ଧାର ଧାର ଲୁହ ଝରୁଛି । ମୁଁ ଗତ ଚାରିଦିନ ହେବ ସି.ଏମ୍.ସି ମେଡ଼ିକାଲ୍ କଲେଜ ପ୍ରାଇଭେଟ୍ ୱାର୍ଡ଼ରେ ଡାହାଣ ଆଖିର କଷ୍ଟଦାୟକ ହରପିସ୍ ପାଇଁ ଭର୍ତ୍ତୀ ହୋଇଛି । ବାଁ ଆଖିର ଲୁହ ବନ୍ଦ ହେଉ ନଥିଲା । ଡାହାଣ ଆଖି ପାଖରେ ହାତ ବୁଲାଇଲି । ପୂର୍ବ ଅପେକ୍ଷା ଟିକିଏ ଭଲ ଲାଗୁଥିଲା ।

ଏଇମିତି ବିଛଣାରେ ପଡ଼ି ରହି ବାଁ କଡ଼ ବୁଲାଇ ଚିତ୍ ହୋଇ ଛାତ ଆଡ଼କୁ ଅନିର୍ଦ୍ଦିଷ୍ଟ ଭାବେ ଚାହିଁ ରହିଲି । ଗୋଡ଼ ଦୁଇଟା କବାଟ ଆଡ଼କୁ ଥିଲା । କବାଟ ଖୋଲିବା ଶବ୍ଦରେ ଦୁଆର ଆଡ଼କୁ ଚାହିଁଲି । ପ୍ରଫେସର ମାଳତୀ ଯାଦବ ତାଙ୍କର ପୁରା ଟୀମ୍ ସହ । ସକାଳ ମାତ୍ର ସାତଟା ବାଜି କୋଡ଼ିଏ ମିନିଟ୍ । ପେଡ଼ିଆଟ୍ରିକ୍ ୱାର୍ଡ଼ ନ ଯାଇ ପ୍ରଥମେ ମୋ' ପାଖକୁ ଆସିଛନ୍ତି । ଗତ କାଲି ତ ତାଙ୍କର ଜଣେ ସହକର୍ମ୍ମୀଙ୍କୁ ମୋ'ର ଭଲ ମନ୍ଦ ବୁଝିବା ପାଇଁ ପଠାଇଥିଲେ । ତେବେ ଆଜି! ଧଡ଼୍ କରି ଉଠି ବସିବାର ଚେଷ୍ଟା କରୁଥିଲି, ବାରଣ କଲେ, ତା'ପରେ ଆରମ୍ଭ ହେଲା ତାଙ୍କର ଭାଷଣ । ଆମେ ସମସ୍ତେ ଦୁନିଆ ଆସିଛୁ । କେହି ରହିବେନି । ଦିନେ ନା ଦିନେ ସମସ୍ତେ ଯିବେ । ଜନ୍ମ ଅର୍ଥାତ୍ ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ଦୁଃଖ କରିବା ଅର୍ଥାତ୍ ପ୍ରଭୁଙ୍କର ଅପମାନ । ଇହ ସଂସାରରେ ଆମେ ସମସ୍ତେ ତାଙ୍କର ସନ୍ତାନ ସନ୍ତତି । ଜାଣି ଶୁଣି ତାଙ୍କର ଅପମାନ କରିବା ଉଚିତ୍ କି ? ତେଣୁ ବିପଦ ସମୟରେ ଧୈର୍ଯ୍ୟ ଧରିବା ଆମର କର୍ତ୍ତବ୍ୟ, ଯଦି କେହି ଆତ୍ମାରେ ବିଶ୍ୱାସ ରଖିଥାଏ ଆତ୍ମା ଅଶାନ୍ତ । ଆହୁରି କେତେ କ'ଣ କହି ଅନର୍ଗଳ ଭାବେ ଯାଉଥିଲେ । ଯାହା ଶୁଣି ପାରୁଥିଲେ ମଧ୍ୟ ବୁଝିବା ସମ୍ଭବପର ହେଉ ନ ଥିଲା । କାହିଁକି ନା ମୁଁ ସେତେବେଳେ ମୋ' ଆୟତ୍ତରେ ନ ଥିଲି । ହରପିସ୍‌ରେ ତ କାହାର ମୃତ୍ୟୁ ହେବା ନା ମୁଁ ଶୁଣିଛି ନାଁ ପାଠରେ ପଢ଼ିଛି । ତେବେ ମ୍ୟାଡ଼ାମ୍ କାହିଁକି ଏତେଟା ଭାବୁକା ହୋଇ ଉଠୁଛନ୍ତି ।

ବିନା ବାକ୍ୟ ବ୍ୟୟ କରି ଉଠି ବିଛଣା ଉପରେ ତକିଆକୁ ଆଉଜି ବସିଲି । ମତେ ସାଧାରଣ ଭାବେ ଉତ୍‌ଫୁଲ୍ଲତା ଲକ୍ଷ୍ୟ କରି ପୁଣି ଆରମ୍ଭ କଲେ, ତୁମେ ତୁମର କର୍ତ୍ତବ୍ୟ ସଂପନ୍ନ କରିଛ । ତାଙ୍କୁ ଯଦି ତୁମେ ସେ ସମୟରେ ନ ଆଣି ଯଥୋଚିତ ଚିକିତ୍ସା ନ କରାଇଥାନ୍ତ

ISSN NO.
2582-208X

ଗତବର୍ଷରୁ ସେ ଇହଧାମ ଛାଡ଼ି ସାରିଥାନ୍ତେ । ଦୁଃଖ କରନା । ଆଜି ବି ଆମ ସମାଜରେ ପିତା ମାତା ମାନେ ପୁଅ, ଝିଅ ମଧ୍ୟରେ ପାର୍ଥକ୍ୟ ରଖିଥାନ୍ତି । ବାପ, ମା' ପୁଅ ପାଖରେ ରହି ଆଖି ବୁଜିଲେ ପୁଅ ହିଁ ସମସ୍ତ କ୍ରିୟା କ୍ରମ ପାଇଁ ଉପଯୁକ୍ତ । ଝିଅ ନୁହେଁ, ଆମେ ସମସ୍ତେ ମିଶି ତାଙ୍କର ଆତ୍ମା ଶାନ୍ତି ପାଇଁ ପ୍ରାର୍ଥନା କରିବା । ଦୁଇ ମିନିଟ୍ ନୀରବତା ପରେ ଡାଃ ଯାଦବ ତାଙ୍କ ସହକାରୀଙ୍କ ହାତରୁ ଟେଲିଗ୍ରାମ୍‌ଟି ନେଇ ମୋ' ହାତରୁ ଦେଲେ । ଟେଲିଗ୍ରାମ୍‌ଟି ଉପରେ ଆଖି ବୁଲାଇ ନେଲି "ଫାଦର୍ ହ୍ୟାଡ୍ ଲାଷ୍ଟ ବ୍ରେଥ୍ ଦିସ୍ ମର୍ଣ୍ଣିଙ୍ଗ୍" । ହେ ଭଗବାନ୍, ଏପର୍ଯ୍ୟନ୍ତ ମାତୃ ହରା କରି ରଖିଥିଲ, ଆଜିଠାରୁ ଅର୍ଫାନ୍ ।

ଦୁଇହାତରେ ଜୋର୍ କରି ମୁହଁଟାକୁ ଚାପି ଧରି ମୋ' ଅପାରଗତା ବିଷୟରେ ଚିନ୍ତା କରି ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କରୁଥିଲି । ଅପମାନ ଏବଂ ତାଙ୍କର ବହୁ ସମୟ ବ୍ୟାପୀ ଏଇ ବକ୍ତୃତା ଶୁଣି ମନେ ହେଲା "ହରପିସ୍"ରେ ଆକ୍ରାନ୍ତ ହୋଇ ମଣିଷ କ'ଣ ମୃତ୍ୟୁ ବରଣ କରିଥାଏ ? ମାତ୍ର କିଛି ନ କହି ନମ୍ର ଭାବେ ତାଙ୍କ ମୁହଁକୁ ଚାହିଁ ରହିଥାଏ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# କୋଣାରକ କହେ



ନୀଳମଣି ଗୁନ୍ଦ

କୋଣାରକ କହେ ମୁଁ କଳାପାଗୋଡା
ଆଜି ବି ରହିଛି ଗୁହିଁ
ନରସିଂହ ଦେବ ଗଢ଼ିଥିଲେ ମୋତେ
ସୂରୁଯଦେବତା ପାଇଁ
ନାହାନ୍ତ ଆଜି ସେ ରାଜା
କାନ ଡେରି ଶୁଣ ଚଉଦିଗେ ବାଜେ
ତାଙ୍କରି କୀରତି ବାଜା।

କୁଆଡେ ଗଲା ସେ ବାଳୁତ ଧରମା
ମୁଣ୍ଡି ଯିଏ ମାରିଥିଲା
ମୁଁ ଦେଖିବା ବେଳେ ହୋଇଥିଲା ସିଏ
ବାର ବରଷର ପିଲା
ବଢେଇ କୁଳରପାଇଁ
ସିନ୍ଧୁ ଗରଭକୁ ଡେଇଁ ପଡ଼ିଲା ସେ
ଏ ଯାଏଁରେ ଭୁଲିନାଇଁ।

ଆସିଲେ ମୋ ପାଶେ ବଛା ବଛା ବଛା
ଓଡ଼ିଆ ବଢେଇ ପୁଅ
ଗଣିଲି ସଂଖ୍ୟାଟି ହେଲା ବାରଶହ

ISSN NO.
2582-208X

ଏ କଥା ତ ମିଛ ନୁହଁ
କଲେ କେତେ କୁଟିକମ
ପାଷାଣେ ଲେଖିଲେ ଗୁରୁକଳା ଭାଷା
ଦିଶିଲି ମୁଁ ମନୋରମ।

ବିଶୁ ମହାରଣା, ଶିବେଇ ସାମନ୍ତ
ଆଉ ଥିଲେ ପଣ୍ଡ କେତେ
କମ୍ ହେବ ସିନା ତାଙ୍କରି ପ୍ରଶଂସା
ବଖାଣି ବସିଲେ ଯେତେ
ଗଢା ହେଲି ରଥପରି
ସଜେଇଲେ ନଟ,ନଟୀ,ଅଶ୍ୱ ଗଜ
ଆହୁରି ସୁନ୍ଦର କରି।

ସୂରୁଯ ଉଇଁଲେ ଆଗ ପଡୁଥିଲା
ପହିଲି କରଣ ସିନା
ମୁଁ ଗଢା ହେବାରୁ ଅର୍କକ୍ଷେତ୍ର ହେଲା
ସମଗ୍ର ବିଶ୍ୱରେ ଚହ୍ଲା
ଆଜି ଦିଶେ ଶିରିହୀନ
ମୋତେ ସଜାଡିଲେ ମୁଁ ଫେରି ପାଇବି
ମୋ'ର ସଉଭାଗ୍ୟ ଦିନ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ମୁଁ ସରପଞ୍ଚ ହେବି



ସିଦ୍ଧେଶ୍ୱର ତ୍ରିପାଠୀ

ପଞ୍ଚାୟତ ଇଲେକ୍ସନ ଆସିଗଲା
କୁଲୁକୁଲୁ ମୋର ମନ
ଭାବୁଛି ଏଥର ସରପଞ୍ଚ ହେବି
ବଢ଼ିବ ମୋ ସନମାନ ।

ମଦ ମୁଁ ବାଣ୍ଟିବି ଭୋଜି ଭାତ ଦେବି
ବାଣ୍ଟିବି ନୋଓଟ ବିଡା
ପଞ୍ଚାୟତ ବୁଲି ଜଣେଇ ଦେବି ମୁଁ
ସରପଞ୍ଚେ ହେଲି ଛିଡା ।

ଘରେ ଘରେ ପସି ମୁଣ୍ଡିଆ ମାରିବି
ମାଉସି ମଉସା ଡାକ
ହେ ଭାଇ ଭଉଣୀ  ମୋତେ ଭୋଟ ଦିଅ
ମୋ ଚହ୍ନକୁ ମନେରଖି ।

ପୁଳାଏ ଟଙ୍କାକୁ ଖରଚ କରିମୁଁ
ହେବି ଯେବେ ସରପଞ୍ଚ
ଲାଞ୍ଚ ନେଇ ସବୁ ଟଙ୍କା ଉଠେଇବି
କହି କେତେ ସତ ମିଛ ।

ପାଞ୍ଚ ବରଷରେ ପଚଶି କୋଟି ମୁଁ
ସହଜେ ଉଠେଇ ଦେବି
କଲେକ୍ଟର ବୋଲି ନିଜକୁ ଭାବିବି
ସରପଞ୍ଚ ଯେବେ ହେବି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

## ଦ୍ୱିତୀୟ ଅଧ୍ୟାୟ

ବିଭାବସୁ ଅସ୍ତେ ବାରୁଣୀ ଆଳରେ ସନ୍ଧ୍ୟାମଣି ଆସେ ହରଷେ
ମହୀପାଳ ଶକ୍ତି ମନ୍ତର ଫେରିଲେ କ୍ଷୁଧା ତୃଷା ମନ ବିରଷେ
ବିଫଳ ମନୋକାମ ନେଇ
ବିହାୟସେ ଯେବେ ତାରାଳି ସଂଗତେ ବିଜେ ହିମାଂଶୁ ଜ୍ୟୋତ୍ସ୍ନା ଦେଇ ।୧।

ଅଟବୀରେ ଭ୍ରମି ଅବଶ ରାଜନ ବଡଭିକୁ ଆସିଲେ ଫେରି
ପଥଶ୍ରମ ଭାରେ ମଥାରୁ ତାଙ୍କର ସ୍ୱେଦ କଣିକା ପଡେ ଝରି
ଶିରରୁ ଓହ୍ଲାଇ କୀରିଟି
ବାଚିଲେ ବ୍ୟଥିତେ ବିସ୍ମିତେ ରାଜନ ଏହା ଉଚିତ ନୁହଁଇଟି ।୨।

କି କି ହେଲା ବୋଲି ପୁଚ୍ଛିଲେ ରାଣୀମା କାହାପାଇଁ ମନ ବିରଷ
କେଉଁ ପାଇଁ ଭୀତେ କ୍ଷୋଭିତ ପରାଣ ଲପନଶ୍ରୀ ଦିଶେ ନିରସ
କି କହିବି ପଟ୍ଟମହିଷୀ
ଘୃଣ୍ୟ ବିଡମ୍ବଣ କୁ-କର୍ମକୁ ଆଜ କରିଛି ସ୍ୱ-ହସ୍ତରେ ହସି ।୩।

ଧର୍ମ ବିରୋଧୋକ୍ତି ଆଚରଣ କରି ଲଗାଇଛି କୁଳରେ କାଳି
ଶମୀକ ମହର୍ଷି ଗଳାରେ ଦେଇଛି କ୍ରୋଧରେ ମୃତ ଅହିମାଳି
କଳିର ପ୍ରଥମ ପ୍ରହାରେ
କରି ମହାପାପ ବରିଛି ବିନାଶ ସଂପୂର୍ଣ୍ଣ ମୋ ଜ୍ଞାତ ସାରରେ ।୪।
ବଳଗିଲେ ସିଂହଦ୍ୱାର ଠାରେ ମୁନି କର ନୃପତିଙ୍କୁ ଖବର

ISSN NO.
2582-208X

ମିଳିବୁ ସତ୍ୱରେ ସନ୍ନିକଟେ ତାଙ୍କ ଯାଇଣ ବିଭ୍ରାଜିତ କର
କର ବ୍ୟଗ୍ରବନ୍ତ ଗମନ
ଏହି ବିଭାବରୀ ନୁହଇ ନିଦ୍ରାର ଉରୁତ୍ୱ କରଇ ବହନ ।୫ ।

-:ଟୀକା:-

ବିଭାବସୁ -ସୂର୍ଯ୍ୟ
ସନ୍ଧ୍ୟାମଣି - ରାତ୍ରିଚରୀ
ବିହାୟସେ - ଆକାଶରେ
ହିମାଂଶୁ - ଜହ୍ନ
ବିଦଭି - ପ୍ରାସାଦ
କିରୀଟ - ମୁକୁଟ
କ୍ଷୋଭିତ - ତ୍ରସ୍ତ
ବିଡମ୍ବତା - ଅଘଟଣ
ବିଭ୍ରାଜିତ - ପ୍ରକାଶିତ
ବିଭାବରୀ - ରାତ୍ରୀ

ବାରୁଣୀ ଆଳେ - ପଶ୍ଚିମ ଦିଗେ
ତାରାଳି - ତାରାଗଣ
ଅଟବୀରେ - ଜଙ୍ଗଲରେ
ସ୍ୱେଦ - ଝାଳ
ବାଚିଲେ - କହିଲେ,
ଲପନଶ୍ରୀ - ମୁଖଶ୍ରୀ
ବିରୋଧୋକ୍ତି - ବିପରୀତ କଥା
ବ୍ୟଗ୍ରବନ୍ତ - ଶୀଘ୍ର

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ଇନ୍ତଜାର



ପ୍ରମୋଦିନୀ ପଣ୍ଡା

ଟି.ଭି.ଟା ଅନ୍ କଲାକ୍ଷଣି ଚମକି ପଡିଲା ଜାହିରା । ଭାରତୀୟ ବାୟୁସେନା ପାକ୍ ଅଧିକୃତ କାଶ୍ମୀର ଉପରେ ବମବାରୀ କରି ଆତଙ୍କବାଦୀ ଶିବିର ଧ୍ୱଂସ କରି ଦେଇଛନ୍ତି । ପ୍ରାୟ ତିନିଶହ ଆତଙ୍କବାଦୀ ନିହତ ହୋଇଛନ୍ତି । "ହେ ଆଲ୍ଲା! ମୋ ଧନ, ମୋ ଆଫଜଲ୍ ବଞ୍ଚିଥାଉ । ସେ ଆଜି କ୍ୟାମ୍ପରେ ନ ଥାଉ ।" ଦୁଆ ମାଗୁ ମାଗୁ ଥମିଗଲା ଜାହିରା । ତା ଜୀବନ ବି କେମିତି ପରସ୍ପର ବିରୋଧୀ ଜୀବନ । ଗୋଟାଏ ପୁଅ ପାଇଁ ଦୁଆ ମାଇଲେ ଅନ୍ୟଟି ବିପଦରେ ପଡିବ ।

ବଡପୁଅ ଫୈଜଲ ବୁଦ୍ଧିମାନ, ଶାନ୍ତ, ଭଦ୍ର । ପାଠ ବି ଖୁବ୍ ଭଲ ପଢେ । କିନ୍ତୁ ସାନ ପୁଅ ଆଫଜଲ ଚଗଲା । ପାଠ ପଢାରେ ଜମା ମନ ଦିଏନାହିଁ । ମୁସଲିମ୍ ହେଲେ ବି ଭାରତ ତଥା ଓଡିଶାରେ ତାଙ୍କର କେଉଁ ଯୁଗରୁ ଘର; ସେଇଠି ଜନ୍ମ, ଶିକ୍ଷା, ସେଠିକାର ପାଣି ପବନ୍ରେ ତା ଜିନ୍ଦଗୀ । ତା ପିଲାଦିନ ଭଲ ଥିଲା । ଘରେ ତାଉ, ତାଇ, (ଦଦେଇ-ଦେଠେଇ), ଅବୁ ଅମ୍ମି (ବାପା-ମା ଆଉ ତାଉଙ୍କ ପୁଅ ତାହିର । ତାଇ ପୁଣି ତାର ଖାଲା (ମାଉସୀ) ବି । ଖୁସିବାସିଆ ନିମ୍ନ ମଧ୍ୟବିତ୍ତ ପରିବାର । ଅଳ୍ପ ଜମିଥିଲା, ଆଉ କାହା କାହା ପାଖରୁ ଭାଗନେଇ ତାଉ-ଅବୁ ନିଜେ ପରିଶ୍ରମ କରି ପରିବାର ଚଳାଉଥିଲେ । ମୂଲିଆ ମାନଙ୍କ ସହ ଘରର ସ୍ତ୍ରୀ-ପୁରୁଷ ସମସ୍ତେ ମିଶି କାମ କରନ୍ତି । ଏମିତି ଦିନେ ବର୍ଷା ଋତୁରେ ତାଉ-ତାଇ ଦିପହର ଖାଇବା ପାଇଁ ଆସିଥିଲେ । କାଇସାରି ଅବୁ-ଅମ୍ମି ପାଇଁ ଖାଇବା ନେଇଯିବେ । ଅବୁ ଅମ୍ମି ବିଲରେ ଥିଲେ, ହଠାତ୍ ଘଡଘଡି ଚଡଚଡି ସହ ବର୍ଷା ହେଲା । ବ୍ଲରେ ବିଜୁଳି ପଡି ଅବୁ ଅମ୍ମିଙ୍କ ସହ ଆଉ ଦି ଜଣ ସେଇଠି ଟଳି ପଡିଲେ ।

ISSN NO.
2582-208X

ଜାହିରା ଏକା ଦିନକେ ବାପା ମାଆ ଉଭୟଙ୍କୁ ହରାଇଲା । କିନ୍ତୁ ଅନାଥ ହେଲାନାହିଁ । ତାଙ୍କ ସମାଜର ନିୟମ ଅନୁସାରେ ସେ ପିଲାଦିନୁ ତାହିରର ବାକଦତ୍ତା ଥିଲା ।  ଅବ୍ବୁ, ଅମ୍ମିଙ୍କ ପରେ ଦୁହିଁଙ୍କର ସାଦି ହୋଇଗଲା ।

ତାହିର କିନ୍ତୁ ବିଲରେ ଖଟିବା ଅପେକ୍ଷା ପାଠ ପଢିବା ପାଇଁ ବେଶି ପସନ୍ଦ କରୁଥିଲା । ମନଦେଇ ପଢି ଗାଁ ହାଇସ୍କୁଲରେ ଚାକିରୀ କଲା । ପଢିବା ସୌକ ବେଶି ତାହିରର । ଜାହିରାକୁ ବି ଅନେକ ଭଲ୍ ବହି ପଢାଉଥିଲା । ଜାହିରା କଲେଜରେ ନ ପଢିଥିଲେ ବି ଅନେକ ବିଷୟ ତାହିର ଠାରୁ ଜାଣୁଥିଲା । ସୁଖରେ ସମୟ କଟୁଥିଲା ।

ଫୈଜଲ ଓ ଆଫଜଲ ଙ୍କ ଜନ୍ମ ପରେ ତାଉ, ତାଇ ଅପେକ୍ଷା କଲେ, ଚାହୁଁଥିଲେ ଲଡକୀ ଟିଏ ହେଉ । ତାଙ୍କର ଝିଅ ବା ଭଉଣୀ ନଥିଲେ । ତେଣୁ ସେମାନେ ଝିଅଟିଏ ଚାହୁଁଥିଲେ । କିନ୍ତୁ ତାହିର ତାକୁ ବୁଝାଇ ଦେଇଥିଲା ଓ ଜାହିରା ବି ନିଜ ସଂପ୍ରଦାୟର ଲୋକଙ୍କ ପରି ଅଧିକ ସନ୍ତାନ ଚାହୁଁ ନଥିଲା । ତେଣୁ ପୁଅ ଦୁହିଁଙ୍କ ପରେ ସେମାନେ ଆଉ ସନ୍ତାନ ଇଚ୍ଛା କଲେନାହିଁ । ସେଥିପାଇଁ ତାଇ ବା ଖାଲା, କେତେଥର ଜାହିରା ଦେହରେ କିଛି ଗଡବଡ ହେଇଛି ଭାବି ତାକୁ ଡାକ୍ତର ଦେଖାଇବା ପାଇଁ ଚେଷ୍ଟା କରିଥିଲେ । ମିଆଁ ବିବି କେତେ କୌଶଳରେ ତାଙ୍କ ଚେଷ୍ଟା ବେକାର କରୁଥିଲେ ।

ଆଫଜଲ୍ ର କଥା ଶୁଣି ଥରେ ଥରେ ବହୁତ ଡରିଯାଏ ସେ । ଦୁଇ ପୁଅଙ୍କୁ ଏକା ପରି ପାଳିଥିଲେ ବି ଦୁହିଁଙ୍କ ସ୍ୱଭାବ ଚରିତ୍ର ପୂରା ଭିନ୍ନ ଥିଲା । ଜାହିରା ବୁଝିପାରେ ନାହିଁ ତାର ଲୋ ଗଲତି ରହିଗଲା । ବଡପୁଅ ପ୍ରତିରକ୍ଷା ବାହିନୀରେ ଯୋଗ ଦେଲା, କେତେ ସମ୍ମାନ, କେତେ ଗୌରବ, ଅଥଚ ସାନ ଯାଇ ମିଶିଲା ଆତଙ୍କବାଦୀଙ୍କ ସହ ।

ଦିନେ ଆହଜଲ ଜାହିରାକୁ ପଚାରିଲା, "ଅମ୍ମି ! ଆମେ ଆମ ଦେଶକୁ ନଯାଇ ଏଇଠି କାହିଁକି ରହିଲେ?" ତାର ସେ ପ୍ରଶ୍ନ ଜାହିରାକୁ ହତବାକ କରିଦେଲା । ସେ ନିଜକୁ ସମ୍ଭାଳି କହିଲା, "ଆମ ଦେଶ ମାନେ? ଏଇଟା ତ ଆମ ଦେଶ, ଆମ ଗାଆଁ, ଆଉ ଏଇଠି ଆମର ଘର ।" କାହିଁ କେତେ କାଳୁ ଆମର ପୂର୍ବପୁରୁଷ ଏଇଠି ରହି ଆସିଛନ୍ତି । ଏଠାର ପାଣି ପବନରେ ଆମେ ମଣିଷ...."

ISSN NO.
2582-208X

ତା କଥା କାଟି ଆଫଜଲ୍ ଫଁ ଫଁ ହୋଇ କହିଲା, "ନା, ଏଇଟା ଆମ ଦେଶ ନୁହେଁ, ଏଇଟା ହିନ୍ଦୁସ୍ଥାନ, କାଫେର ହିନ୍ଦୁଙ୍କ ଦେଶ,ଆମ ଦେଶ ପାକିସ୍ଥାନ ।"

ତାହିର ବି ଶୁଣିଲା ତା କଥା, ବୁଝାଇଲା, "ନାଇଁ ବେଟା, ତୁ ଭୁଲ ବୁଝୁଚୁ । ଧର୍ମକୁ ନେଇ ଦେଶ ନୁହେଁ, ଜନ୍ମକୁ ନେଇ ଦେଶ । ଭାରତ କହ କି ଇଣ୍ଡିଆ କହ, ଇଏ ଆମ ମାଆ ଆମ ବତନ । ଧର୍ମକୁ ନେଇ ଦେଶ ବୋଲି ଭାବିଲେ ଖାଲି ପାକିସ୍ଥାନ କାହିଁକି, ଇରାକ, ଇରାନ, ଆରବକୁ ମଧ୍ୟ "ଆମ ଦେଶ" କହିବାକୁ ପଡିବ । ଆହୁରି ଅନେକ ମୁସଲିମ ଦେଶ ଅଛି, ତା ବୋଲି ସେ ସବୁ ଦେଶକୁ ଆମ ଦେଶ କହିବା କ?

ଆଫଜଲ କେତେ ବୁଝିଲା ନବୁଝିଲା ଜାହିର୍ ଜାଣିପାରିଲାନ । ତେବେ ତାର ଏମିତି ଓଲଟା ସିଧା କଥା ଶୁଣିଲେ ଜାହିର୍ ଭୟପାଏ । ପିଲାଟା ଏମିତି କାହିଁକ ହେଉଛି ??

ଟିଭି ବନ୍ଦ କଲା ଜାହିର୍ । ହାୟ, ଜାହିର ତାକୁ ଏମିତି ଏକୁଟିଆ କରି ଅସମୟରେ ଗ୍ଲଲିଯିବ ବୋଲି ସେ ଜାଣି ନଥିଲା । ଜାହିର ଥିଲେ ନିଶ୍ଚୟ ଆଫଜଲକୁ ସହୀ ଗ୍ସ୍ତା ଦେଖାଇଥାଆନ୍ତା । ତାର ବଦ୍ କିସମତି ଯୋଗୁଁ ଅଳ୍ପ ବୟସରେ ମାଆ ବାପାଙ୍କୁ ହଗ୍ଇଲା, ଯୁବା ବୟସରେ ସୋହର (ସ୍ୱାମୀ) ଗ୍ଲଲିଗଲା ।

ଜାହିର୍ ଫେଜଲର ନମ୍ବର ଲଗାଇଲା । ସ୍ୱୀଚ ଅଫ, ସ୍ୱୀଚ ଅଫ୍ । ତା ଅବସ୍ଥା ଗ୍ଭେର ମାଆ ପରି । ଫେବୃୟାରୀ ଚଉଦ ତାରିଖ ଦିନ ଆତଙ୍କବାଦୀଙ୍କ କାରନାମା ଯୋଗୁଁ କେତେ ଫୌଜି ଶହୀଦ ହେଇଗଲେ । ତାର ବଦଲା ନେଲା ଭ୍ରରତ ଠିକ୍ ବାରଦିନ ପରେ । ଠିକ୍ କରିଛି । ହେଲେ ସେ ଆତଙ୍କବାଦୀଙ୍କ ଭିତରେ ଯଦି ତା ପୁଅ ଥାଏ ତା ଅବସ୍ଥା କଣ ହେବ? ସହଜେ ତ ତା ସହ ଯୋଗାଯୋଗ ନାହିଁ; ନିଜ ତଅରଫରୁ କେବେ ବି ପଦେ କଥା ହେଇ ପାରୁନ ଜାହିର୍ । ଆଫଜଲ ବି କଥା ହୁଏ ନାହିଁ, କଦବା କ୍ୱଚତ ମେସେଜ୍ ହିଁ ପଠାଏ ଆଉ କଡାକଡି କରି ନିର୍ଦ୍ଦେଶ ଦିଏ ଯେ ପଢି ସାରି ସଙ୍ଗେ ସଙ୍ଗେ ଯେପରି ଡିଲିଟ କରିଦିଏ ଯାହିର୍ ସେ ମେସେଜ । କେହି ଜାଣିଗଲେ ପୁଲିସ ଆଉ ଆର୍ମିବାଲାଙ୍କ ଆଗରୁ ସାଥୀମାନେ ହିଁ ଗୁଳ କରିଦେବେ ଆଉ ଜାହିର୍ ବା ଫେଜଲ ଜାଣି ବି ପାରିବେନ ସେମାନଙ୍କ ଆଦରର ଆଫଜଲ ଏ ଦୁନିଆରେ ଆଉ ନାହିଁ ବୋଲି । ଏଠିତ ଆହୁରି ଅନେକ ମୁସଲିମ ଅଛନ୍ତି । ହିନ୍ଦୁ, ଖ୍ରୀଷ୍ଟାନ ବି ଅଛନ୍ତି । ସମସ୍ତେ ମିଳମିଶି ରହୁଛନ୍ତି । ଆଜିର ଘଟଣାରେ ତ ସମସ୍ତେ ଭ୍ରରତୀୟ ବାୟୁସେନାକୁ ବଧେଇ ଜଣାଉଛନ୍ତି । ଜାହିର୍ ମନ ଆଶଙ୍କାରଏ ଭର୍ । ଗଳା

ISSN NO.
2582-208X

ପାଖରେ କୋହ ଅଟକ ଯାଉଛି, ଆଖି ପଲକରେ ଲୁହ ଖୁନ୍ଦି ହୋଇ ଯାଉଛି । ସେ ସହିପାରୁନ କ କହି ପାରୁନ । ସ୍ନେର ମାଆ ସେ ।

ମେସିନ୍ ପରି କାମ କରି ଗ୍ଲଲିଲ୍ ଜାହିର୍ । ତାହିର ର ଅସମୟ ମୌତ ଯୋଗୁଁ ସଂସାର ଅଚଳ ହୋଇଗଲ୍ ମୋଟେ ପ୍ରକାର । ଶାଶୁ ଶ୍ୱଶୁରଙ୍କ ବୟସ ହେଲ୍‌ଣି, ପିଲ୍ ଦୁହେଁ ଛୋଟ, ନଜେ ଜାହିର୍ ଜଓ୍ୱାନ ଔରତ । ତେବେ ତାହିରର ସ୍ୱଭ୍ୱବ ଲ୍‌ଗି ସମସ୍ତେ ତାକୁ ଭଲ ପାଉଥିଲେ । ସ୍କୁଲର ଅନ୍ୟ ସହକର୍ମୀ ମାନେ ବି ସଲ୍‌ହ ଦେଲେ, ଜାହିର୍ ଗ୍ଲକରୀ କରୁ ବୋଲି । ଜାହିର୍ ଡରିଗଲ୍, ସେ ତ ତାହିର ପରି ପଢିନାହିଁ, କେମିତି ପଢାଇବ? ସମସ୍ତେ ବୁଝାଇଲେ, ସେ ତଳ କ୍ଲାସରେ ପଢେଇବ । ଅନଚ୍ଛା ସତ୍ତ୍ୱେ ଶାଶୁ ଶ୍ୱଶୁର ବି ରାଜି ହେଲେ । ଜାହିର୍ ଗ୍ଲକରୀ କଲ୍ । ତା ସହ ପାଖ ପଡିଶା ଝିଅ ମାନଙ୍କ ଡ୍ରେସ୍, ବ୍ଲାଉଜ ସିଲେଇ ଶାଢୀରେ ଫଲ୍ ଲଗାଇବା ପ୍ରଭୃତି କରି କଛି ରୋଜଗାର କଲ୍ । ଜମି ସବୁ ଭ୍ୱଗରେ ଦେଇ ଦେଲେ ଶ୍ୱଶୁର । ଖାଇବା ପାଇଁ କଛି ଅସୁବିଧା ନଥିଲ୍ ସିନା ଖାଲି ଭ୍ୱତ ଗଣ୍ଡେ ମିଳଲେ ତ ହେବନାହିଁ । ହଜାର ଜରୁରତ୍ ଅଛି । ବଡପୁଅ ବୃତ୍ତି ପାଇ ପଢୁଥିଲ୍, ସାନପୁଅ ଫେଲ ହେଇ ହେଇ ସ୍କୁଲ ଶିକ୍ଷା ସାରିଲ୍ ।

ସ୍କୁଲ ଯିବାକୁ ବାହାରିଲ୍ ଜାହିର୍ । ସବୁଠି ତ ସେଇ ଚର୍ଚ୍ଚା ଗ୍ଲଲିଥିବ । ମନକୁ ଯେତେ ବୁଝେଇଲେ ବି ଅମଙ୍ଗଳ ଆଶଙ୍କା ଦୂର ହେଉନାହିଁ । ହେ ଆଲ୍ଲା, ରହମ କର ।

ସ୍କୁଲ ରେ ପହଞ୍ଚି ଦେଖିଲ୍ ତା ଭ୍ୱବନା ପୂର୍ ଠିକ୍ । ବେଲ୍ ବାଜିଲ୍ ପରେ ସମସ୍ତେ କ୍ଲାସ ନେବାକୁ ଗଲେ, କନ୍ତୁ ପାଠପଢା ହେଲ୍‌ନାହିଁ । ଇତିହାସ ସାର ଜାହିର୍ ର ପାଖଶ୍ରେଣୀରେ କ୍ଲାସ ନେଉଥିଲେ, କନ୍ତୁ ପୁରୁଣା କଥା ମାନେ ଇତିହାସ ନ ପଢାଇ ବିଭିନ୍ନ ସମୟରେ ଦେଶର ବୀରତାର କାଃଆଣୀ ବଖାଣୁଥିଲେ । ତା ସହ ଧର୍ମନରପେକ୍ଷତାର ଗୁଣଗାନ କରୁଥିଲେ । ତାଙ୍କର ବଡପାଟି ଯୋଗୁଁ ଜାହିର୍ ବେଳେ ବେଳେ ନଜ କ୍ଲାସରେ ପଢାଇ ପାରେନାହିଁ । ଆଜିତ ସହଜେ ଏତେ ବଡ ଘଟଣା ଘଟିଛି । ଦେଖିଲ୍ ତା କ୍ଲାସର ପିଲ୍‌ଏ ବି ତା କଥା ନ ଶୁଣି ଇତିହାସ ସାରଙ୍କ କଥା ଆଡେ କାନେଇଛନ୍ତୁ । ଜାହିର୍ ପଢାଇବା ବନ୍ଦ କରି ଶୁଣିଲ୍:

"ଜାଣ ପିଲ୍‌ମାନେ, ଯେଉଁଠି ଜନ୍ମ ହେଲେ, ବଢିଲେ, ଆଲୁଅ, ପାଣି, ପବନ ଫସଲ ପାଇଲେ ସେ ହେଉଛି ମାତୃଭୂମି, ମାଆଠାରୁ ବି ବଡ, ଧର୍ମ ବା ଭ୍ୱଷା ଭିନ୍ନ ହେଲେ ବି

ISSN NO.
2582-208X

ଦେଶ ଏକ "ସାରେ ଜହାଁ ସେ ଅଛା ହିନ୍ଦୁସ୍ଥାଁ ହମାର୍", କବିତା ଲେଖିଛନ୍ତି ସାର ମହମ୍ମଦ ଇକବାଲ । ଆଉ ବାଂଲା ଦେଶର ଜାତୀୟ ସଂଗୀତର ରଚୟିତା ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁର ଏଠି ଭାଷା କ ଧର୍ମର କଣ କିଛି ପ୍ରତିବନ୍ଧକ ଅଛି କ?

ବାପରେ ବାପ୍ । ସାର ତ ତାହିର ପରି କଥାଗୁଡାକ କହୁଛନ୍ତି ।" ଜାହିର ଭାବିଲା ।

ଘଣ୍ଟା ଛୁଟିରେ କମନ ରୁମ୍ ରେ ଯାଇ ବସିଲା ଜାହିରା । ଏଥି ଶିକ୍ଷୟିତ୍ରୀ ଆଉ ଛାତ୍ରୀ ସମସ୍ତେ ବସନ୍ତି । ଶିକ୍ଷୟିତ୍ରୀ ଦୁଇଜଣ । ସେ ଆଉ ଲିଲି ମହାନ୍ତି । ଲିଲି କହିଲା, "ଦିଦି! ଏଇଟା ତ ଜନାନାଙ୍କ ଆଡ୍ଡା ଏଠି ବି ପରଦା କାହିଁକି?"

ଯୋଉଦିନ ବି ମୁହଁ ନ ଖୋଲି ବସେ ଜାହିରା, ଲିଲି ଏମିତି କହେ । ସେ ହସିଦେଇ କହେ, "ଆଦତ ବହନ", କହି ମୁହଁ ଖୋଲି ଦିଏ ।

ଆଜି କିନ୍ତୁ ସେମିତି ହଠାତ ମୁହଁ ଖୋଲିଲାନି ଜାହିରା । ତା ମନର ଝଡ କାଳେ କିଏ ଜାଣି ପକାଇବ, ସେ ଭୟ ଯୋଗୁଁ ପ୍ରଥମେ ନିଜକୁ ଟିକିଏ ସଂଯତ ଅଲା, ତା ପରେ ମୁହଁରୁ ବୁର୍ଖା ହଟେଇଲା, ତଥାପି ତାର ଶୁଖିଲା ରକ୍ତହୀନ ମୁହଁ ଦେଖି ସମସ୍ତେ ପଚାରିଲେ, "କଣ ହେଲା ଦିଦି? ଦେହ ଭଲ ନାହିଁ କି?"

ଜାହିରା କିଛି ଚିନ୍ତା କରିବା ପୂର୍ବରୁ କହି ପକାଇଲା, "ନାଇଁ, ଦେହ ଠିକ୍ ଅଛି ଯେ ମନଟା ବ୍ୟସ୍ତ ହେଉଛି ।"

"କାହିଁକି? ଆଜି ତ ଖୁସି ମନାଇବା ଦିନ । ଆମ ଏୟାର୍ ଫୋର୍ସ ଯାହା କରିଛି ନା ଦିଦି!" ବଡ କ୍ଲାସର ଝିଅଟିଏ ପଟର ପଟର କହି ଉଠିଲା, "ବାଃ! ମୋର ତ ଇଛା ହେଉଛି ଏଇକ୍ଷଣି ଯାଇ ଏୟାର ଫୋର୍ସରେ ମିଶି ଯାଆନ୍ତି ଆଉ କହନ୍ତି, ଭାରତ ମାତା କୀ ..."

"ଜୟ" ବାକି ସବୁ ଝିଅ ଚିଲ୍ଲେଇ ଉଠିଲେ । ଆଶା ପୁଣି ସ୍ଲୋଗାନ ଦେଲା, "ବନ୍ଦେ---"

"ମାତାରମ୍" । ଝିଅମାନେ ପୁଣି ପାଟିକରି ନାରା ଦେଲେ ।

ISSN NO.
2582-208X

ଓଃ! ତାର ବୁକୁ ଭିତରେ ଯେଉଁ ବେଦନା ତାହା କିଏ ଜାଣି ପାରିବ ?? ଜାହିରା ଶୁଖିଲା ହସ ଟିକିଏ ହସି କହିଲା, "ନା, ରେ, ଯୁଦ୍ଧ କାଳେ ହେଇଯିବ ବୋଲି ଡର ଲାଗୁଛି। ପୁଅଟା ଆର୍ମିରେ ଅଛି ତ ।"

"ଦିଦି!" ଲିଲି ସାନ୍ତ୍ୱନା ଦେଲା, "କାଲିକି କଣ ହେବ ସେ ଚିନ୍ତା ନକରି ଆଜିର ଜଶ୍ନ (ଉତ୍ସବ) ପାଳନ କର। ତମର ବେଟା ବିବର୍ତ୍ତମାନ ଖୁସିରେ ନାଚୁଥିବ ।"

ବଡ ବେଟା ନାଚୁଥିବ, ଜାଣେ ଜାହିରା, କିନ୍ତୁ ତାର ଛୋଟୁ? ସେ ଅଛି କି ନାହିଁ ଆଲ୍ଲା ହିଁ ଜାଣନ୍ତି।

ଲିଲି ପୁଣି କହିଲା, "ତା ଛଡା ଗୀତାରେ ଭଗବାନ କହିଛନ୍ତି, "ଜିତିଲେ ରାଜ୍ୟପ୍ରାପ୍ତି ମୃତ୍ୟୁ ହେଲେ ସ୍ୱର୍ଗ ପ୍ରାପ୍ତି, ଜନ୍ନତ, ସ୍ୱର୍ଗ, ବେହସ୍ତ ଯାହା ବି କହ, ସ୍ୱର୍ଗ ତ ନାମକୁ ନେଇ ବଦଳି ବନି ।"

ଲିଲି ମହାନ୍ତି ଖ୍ରୀଷ୍ଟିଆନ। ଆଜି କାଲି ଶୁଣାଯାଉଛି ସୁରେନ ସାର କାଳେ ତାକୁ ବାହା ହେବାକୁ ଚାହୁଁଛନ୍ତି। ଉଚ୍ଚବର୍ଗର ନେହେଲେ ବି ସୁରେନ ସାର ହିନ୍ଦୁ। ତେଣୁ ତାଙ୍କ ମାଆ କାଳେ ଚାହୁଁଛନ୍ତି, ତାଙ୍କ ପୁଅକୁ ଯିଏ ବି ବାହା ହେଉ ତାଙ୍କର ଆପତ୍ତି ନାହିଁ, ତେବେ ତାଙ୍କ ଘରର ପୂଜା, ପରମ୍ପରା ପାଳିବ, ତାଙ୍କ ପୁରାଣ, ସଂସ୍କୃତି ଜାଣିଥିବ। ସେଇଥିପାଇଁ ଅନାଥାଶ୍ରମରେ ବଢିଥିବା ଲିଲି ଆଜିକାଲି ରାମାୟଣ କଥା, ମହାଭାରତ କଥା ପଢୁଛି।

ନିଜ ଚିନ୍ତା ଛାଡି ଲିଲି କଥା ଚିନ୍ତା କଲା ଜାହିରା। ଆଲ୍ଲା ତାକୁ ସୁଖୀ କରନ୍ତୁ। ପରିବାର ପାଇଁ ତରସୁଥିବା ଲିଲିକୁ ଭରାପୂରା ପରିବାର ମିଳୁ। ଆଖି ବନ୍ଦ କଲା ଜାହିରା।

ଲିଲି ପଚାରିଲା, "କଣ ହେଲା ଦିଦି?"

"ତୋ ପାଇଁ ଆଲ୍ଲାଙ୍କୁ ଦୁଆ ମାଗୁଥିଲି ଲିଲୁ।"

"ଧନ୍ୟବାଦ ଦିଦି"।

ISSN NO.
2582-208X

ରିସେସ ପରେ ଆଉ ରହିବାକୁ ଇଛା ହେଲ୍‌ନାହିଁ ଜାହିର୍‌ର । ହେଡମାଷ୍ଟରଙ୍କୁ ଅନୁରୋଧ କରି ଘରକୁ ଚାଲି ଆସିଲ୍ ।ପୁଣି ଚେଷ୍ଟା କଲ୍ ଫୈଜଲ ସହ କଥା ହେବାପାଇଁ। ଏଥର ଫୈଜଲର ଗଳା ଶୁଣିଲ୍ ଜାହିର୍, "ଆଦାବ୍ ଅମ୍ମି? କଣ କରୁଛି?"

ବାବା! ତୁ ଠିକ୍ ଅଛୁ ତ?"

ଫୈଜଲର କଣ୍ଠ ରୁଦ୍ଧ ହୋଇ ଯାଉଛି, "ମୁଁ ଠିକ ଅଛି ଅମ୍ମି! ତେବେ ଛୋଟୁର କଣ ହେଇଛି ଜାଣେନାହିଁ?"

"ତା କଥା ଥାଉ ବେଟା" । ଜାହିର୍ କଠିନ ହେବା ପାଇଁ ଚେଷ୍ଟା କଲ୍ ।

"ସତର ସାମନା କରିବାକୁ ପଡିବ ଅମ୍ମି। ଯେତେଦୂର ସମ୍ଭବ ସେ ନଥିବ} ତେବେ "ଥାଉ" ବୋଲି ଦୁଆ ମାଗ । ଆଉ..... । ଫୈଜଲ ଗଳା ସଫା କରି ପୁଣି କହିଲ୍ "ଆଉ ଏଇ ଦୁଆ ବି ମାଗିବୁ ଯେପରି ମୋ ଦ୍ୱାର୍ ତାର ଅନ୍ତ ନ ହୁଏ", ଫୈଜଲ ଫୋନ କାଟିଦେଲ୍ ।

ଫୈଜଲ ଚାକରୀ କରିବା ପରେ କଛିଦିନ ଚୁପଚାପ ରହିଲ୍ ଆଫଜଲ। ଚାକରୀ ହେବା ଖବରରେ ଖୁସି ହୋଇ ଜାହିର୍ ପୁରି, କ୍ଷୀରି ଓ ମାଂସ ତରକାରୀ ବନେଇଥିଲ୍ । ଆଫଜଲ କନ୍ତୁ ସେ ଦିନ କଛି ନଖାଇ ଶୋଇପଡିଲ୍ । ଫୈଜଲ କହିଥିଲ୍ ସେ ଦ୍ରମା ପାଇଲେ ଟଙ୍କା ପଠାଇବ । ଆପଜଲ ବେପାର କରିବ କ ଦୁକାନ କରିବା ଠିକ୍ କରୁ । ତାର ସବୁ ଦାୟିତ୍ୱ ନେଇ ତାକୁ ଆତ୍ମନର୍ଭର କରିବ ଫୈଜଲ। ଦାଦାଜୀ ଆଉ ଦାଦିମାଙ୍କ ପାଇଁ ଦବା ବି ପଠାଇବ ।

କହିଲ୍ ପରି ସବୁ କରୁଥିଲ୍ ଫୈଜଲ। ତେବେ ତାର ସବୁ ଯୋଜନା ବେକାର ହୋଇଗଲ୍ । ତା ପାଇଁ ଲଡକୀ ଦେଖିବା ପାଇଁ ତା ଦାଦାଜୀ ଚାହୁଁଥିଲେ, ସେ ମନା କଲ୍ । ଆଫଜଲ ର କଛି ଗୋଟାଏ ବ୍ୟବସ୍ଥା ନ ହେବାଯାଏ ସେ ସାଦି କରିବନ। ଅଳ୍ପ ଦିନ ବେମାର ପଡି ମାସେ ଦେଢମାସ ଭିତରେ ଦାଦା, ଦାଦୀ ବି ଖୁଦାଙ୍କ ପ୍ୟାର୍ ହୋଇଗଲେ । ଏଇ ସମୟ୍ରେ ଫୈଜଲ ଆସିଥିଲ୍ । ଭାଇକୁ ହିମ୍ମତ ଦେଇଥିଲ୍, ସଲାହ ଦେଇଥିଲ୍ । ସେ ଗଲ୍‌ପରେ ଦିନେ ଆଫଜଲ କହିଲ୍, ସେ ଗୋଲଫ୍ ପଳେଇଯିବ ।

ISSN NO.
2582-208X

ଜାହିର୍ ବହୁତ ବୁଝାଇଲା, କିନ୍ତୁ ଆଫଜଲ୍ ମୋଟେ ଶୁଣିଲାନି । ଆଫଜଲ ଚାଲିଗଲା । ଜାହିର୍ ଜାଣି ନଥିଲା ଯେ ଆଫଜଲ ତାକୁ ମିଛ କହିଛି । ସେ କେବେ ଭିସା କଲା, ପାସପୋର୍ଟ କଲା ଜାଣେନାହିଁ ଜାହିର୍ । ଫୈଜଲକୁ ସବୁ କହିଲା । ଫୈଜଲ ଯାହା କହିଲା, ତା ପାଦତଳୁ ମାଟି ଖସିଗଲା । ଆଫଜଲ କୋଉ ଗୋଲଫ୍ କଣ୍ଟ୍ରିକୁ ଯାଇନାହିଁ, ସେ "ଜେହାଦୀ" ହୋଇ ଯାଇଛି । ଜେହାଦୀ ମାନେ ତ ଏଇ ସମୟରେ ଆତଙ୍କବାଦୀ ହିଁ ।

ବିକଳ ହୋଇ ପଚାରିଲା, "ମୁଁ କଣ କରିବି ଫୈଜୁ ?"

"ଏବେ କରିବା ପାଇଁ ଆଉ କିଛି ନାହିଁ ଅମ୍ମି । ଖାଲି ଦୁଆ କର ମୋ ସହ ତାର କେବେ ମୁହାଁମୁହିଁ ନ ହେଉ ।" ଏ କଥା ଯେମିତି କେହି ନଜାଣେ । ଫୈଜଲ ସ୍ୱର ଶୁଣି କାନ୍ଦି ପକାଇଲା ଜାହିରା । ସେ ଦିନୁ ଦେଢ ବର୍ଷ ହେଲା ଦୁଆ କରି ଆସୁଛି ସେ । ତା ଦୁଆରେ କେବଳ ଦୁଇଟି ମାଗୁଣି, "ଆଫଜଲ କେମିତି ଫେରିଆସୁ, ଆସିବା ଆଗରୁ ତାର ଫୈଜୁ ସହ ଆମନା-ସାମନା ନହେଉ ।" ଥରେ ଆତଙ୍କବାଦୀଙ୍କ ଶିବିର ଧ୍ୱଂସ ହେଲେ ତାର ତନାବ ଆଉ ପରେଶାନୀ ବଢିଯାଏ । ଆଫଜଲ ର ମେସେଜ୍ ପାଇଲେ ମନ ଶାନ୍ତ ହୁଏ । ମେସେଜ ପାଇବା ଯାଏ ତାର ଭୋକ କି ନିଦ ନଥାଏ ।

ସଂଧ୍ୟା ହେଲା ପରେ ଜାହିରା ଆଲୁଅ ଜଳାଇଲା । ଅନିଚ୍ଛା ସତ୍ତ୍ୱେ । ଆଜି ଦିନରେ ଆଲୁଅ ନଜଳାଇଲେ ହଜାର କଥା ପଚାରିବେ ପଡୋଶି । ସମସ୍ତେ ଖୁସିରେ ଟଗବଗ ହେଉଛନ୍ତି ଏକା ଜାହିରାକୁ ଛାଡି ।

ରାତିସାରା ନ ଶୋଇ ଆଲ୍ଲାଙ୍କୁ ଦୁଆ ମାଗିଲା ଜାହିରା । ଥରେ ଆତଙ୍କବାଦୀ ଗୋଷ୍ଠୀରେ ମିଶିଲେ ଫେରି ପାରିବ ନାହିଁ । ଏତିକି ଧାରଣା ତ ଅଛି ଜାହିରାର । "ଫେରିଆସୁ" ବୋଲି ଦୁଆ ମାଗିଲେ ବି ବିଶ୍ୱାସ ଆସେନାହିଁ । ଖାଲି "ବଞ୍ଚିରହୁ" ବୋଲି ଦୁଆ ମାଗିଲା ଜାହିରା । ଆଜିର ଦୁଆରେ ନୂଆ ମାଗୁଣିଟିଏ ଯୋଡିଲା ଜାହିରା, "ହେ ଆଲ୍ଲା! ଦୁନିଆରୁ ଯୁଦ୍ଧ, ଅସ୍ତ୍ରଶସ୍ତ୍ର ଆଉ ନଫରତ୍ (ଘୃଣା) ଦୂର ହେଉ । ଶାନ୍ତି ରାଜତ୍ୱ କରୁ ।" ଏହାପରେ ତା ମନରେ ଶାନ୍ତି ଆସିଲା । "ସେ ଇନ୍ତଜାର କରିବ ସେ ସୁଦିନର ।" ଭାବୁଭାବୁ ତାକୁ ନିଦ ଆସିଗଲା ।

ବ୍ରହ୍ମପୁର, ଓଡିଶା

ISSN NO.
2582-208X

# ମନେପଡେ ଧାନବିଲ



ଅଧ୍ୟାପକ ବିପ୍ଳବ କିଶୋର ରଥ

ସତରେ ଆଜି ଭାରି ମନେପଡେ ସେହି ଧାନବିଲ କଥା
ସାଗୁଆ ସାଗୁଆ ଧାନବିଲ ରେ କେତେ ଯେ ସ୍ୱପ୍ନ ଆସି ଆଖିରେ ମିଳେଇଯାଏ।
କେତେ ଆଶା ଓ ଭରସାର ସ୍ୱପ୍ନସବୁ ଲହଡି ଭାଙ୍ଗି ଚାଲିଯାଏ।
ଆଉ ବାକିରହେ ବାସ୍ତବତାର କରୁଣ ଚିତ୍ର।
ମନେହୁଏ ଧାନଚଲା ରାସ୍ତା ଉପରେ
ଯେମିତି ପୋତିହୋଇ ପଡିଛି ପିଲାଦିନ ।
ହିଡରେ ହିଡରେ ବାପାଙ୍କ ସହିତ ଚାଲିବା ବେଳେ
ରଙ୍ଗିନ୍ ସ୍ୱପ୍ନସବୁ ଆଖି ଆଗରେ ଖେଳିଯାଏ।
ହିଡବନ୍ଧ ଉପରେ ମତେ ଠିଆ କରିଦେଇ
ଚେନାଏ ଖୁସିକୁ ସାଥିରେ ନେଇ
ବାପା ରୋଇ ଦେଇ ଚାଲିଆସନ୍ତି ଧାନ ତଳି।
ଆକାଶରେ ମେଘ ଆଶିବା ବିଳମ୍ବ ହେଲେ
ବାପାଙ୍କ ଆଖିରୁ ଝରିପଡେ ଅଦିନିଆ ବର୍ଷା ।
ସେହି ଅଦିନିଆ ବର୍ଷା ରେ ପହଁରା ଶିଖିନଥିବା
ବାଡୁଅ ଝିଅ ପରି ବୁଡି ମରିଯାଏ ଧାନବିଲ।

ISSN NO.
2582-208X

ବୋଉ ଚାହିଁ ବସିଥାଏ,
ବିଲରୁ ଧାନଗଲେ ସଜାଇ ବସାଇଦେବ ଲକ୍ଷ୍ମୀମାଣ।
ବାପାଙ୍କ ଆଖି ଦିଶେ ଲୁହ ଛଳଛଳ ତା ମଧ୍ୟରେ
ଲୁଚିବସେ ଅସୁମାରି ଦୁଃଖର କରୁଣ ଚିତ୍ର ।

ଆଜି ଧାନବିଲ ମୁହଁମାଡି ପଡିଛି
ସେହି ଧାନବିଲ ଆଡେଗଲେ
ପିଲାଦିନର ସ୍ମୃତିସବୁ ମନରେ ଉତୁରିପଡେ
ସତରେ ଆଜି ଭାରି ମନେପଡେ ଧାନବିଲ କଥା।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ନୀରବରେ ଏକା ଏକା



ଡା. ମଧୁମିତା ଷଡଙ୍ଗୀ

ଗବାକ୍ଷ ପୁଡା ବି ଯେମିତି
କଡା ଲେଉଟାଇ ଦେଉଥିଲା
ଖେଳିବାକୁ ଚାହୁଁଥିଲା ମୋ ସହ
ଛାଇ ଆଲୁଅର ଖେଳ....
କ୍ଷତାକ୍ତ ବି ସତ ମୁଁ ତୁମ ନୀରବ ପ୍ରହାରେ
ଉଦୁଉଦିଆ ଖରାବେଳେ
ତୁମର ସେ ନୀରବ ଝାଞ୍ଜି
କିଛି କମ କ୍ଷତାକ୍ତ କରିନଥିଲା ମତେ
ସ୍ୱେଦାକ୍ତ ତ ଦୂରର କଥା!!

ସେ ଦିନର ସେ ମନ ମିଶା ସ୍ମୃତି
ମନରେ ସେ ବସନ୍ତର ରାଗ
ତୁମେ ବୁଣିଥିବା ସେ ମହ ମହ ବାସ୍ନା
ଆଉ ରାଗ ରାମକେରି କଥା କୁହନା
କେବଳ ଆଉ କେବଳ ମଧୁରାଗ ।

ଅପହୃତ ଅପରାହ୍ନ ଆଜି ବି କଥା କୁହେ
ସେ ମନ ମିଶା ସ୍ମୃତି ଆଜି ବି ବାଧକ ସାଜେ
ତୁମ ଚିରା ଚଇତର ଅନ୍ତରାଳେ
ମୋ ଚିରା ହୃଦୟ ବି ମୂଳମାଗେ....

ISSN NO.
2582-208X

ସେଦିନର ସେ ନୀରବ ନିର୍ଜନ ରାତି
ଆଉ ଯେତେସବୁ ଛୋଟ ବଡ କଥା
ଆଉ ଭାଙ୍ଗି ଯାଇଥିବା ମୋ ହୃଦୟର
ଟିକିଟିକି ଟୁକୁଡା
ଯୋଡିବାର ଆଶା ବି ନାହିଁ
ମରୀଚିକା ତ ଦୂରର କଥା !!

ନୀରବରେ ଏକା ଏକା
ମୁଁ ବି ନିଜକୁ ପାଇଛି
ଏକ ଅଣଲେଉଟା ରାସ୍ତାରେ
ସ୍ମୃତିର ପାଖୁଡା ନେଇ ମୁଁ ମୋ ସାଥିରେ.....

ମାଣିକଗୋଡା
ଖୋର୍ଦ୍ଧା

ISSN NO.
2582-208X

# ପ୍ରକୃତି ଓ ମଣିଷ



ଉମେଶ କୁମାର ବିଶ୍ୱାଳ

ଜଗତର ବିଷମୟ ଚେହେରା
ତତେ ଅନେଇ ରହିଛି
ତୋର କ୍ଷତି କରିବାକୁ
ଆଧୁନିକତାର ପର୍ଦ୍ଦ ଦେଇ
ଧ୍ୱଂସ ଚଖେଇବାକୁ
ଏ ସବୁଜଭରା ପୃଥିବୀକୁ
ପ୍ରକୃତିହରା କରିବାକୁ ।

ହୁ ହୁ ବଢୁଛି
ମଣିଷ ତିଆରି କାରଖାନା
କେଉଁଠି ନିର୍ମିତ ହୁଏ
ଅହଂ-ହିଂସା ଭାବର ମଣିଷ ତ
ଆଉ କେଉଁଠି
କେବଳ ଧୂଆଁ ଉଠେ
ପରିବେଶକୁ ଦୂଷିତ କରିବାକୁ ।

ଚତୁଷ୍ପଦ ପ୍ରାଣୀକୁ ଖାତିର୍ ନକରି
ପ୍ରାଣଭରା ସଂକଳ୍ପ କରିଛି

ISSN NO.
2582-208X

ବାସହରା କରିବାକୁ
ଆଉ ସେ ବାସରେ
ନିଜ ସାମ୍ରାଜ୍ୟ ବନେଇବାକୁ ।

ବାନ୍ଧିଛି ସେ ସଂପର୍କର ସେତୁ
ଆତ୍ମ ପରିଜନ ସଙ୍ଗେ
ଯାହାର ସେ ହାତଧରି ଠିଆ ହେଇଥିଲା
ସବୁ ଦୁଃଖକଷ୍ଟରୁ ବଞ୍ଚିତ ଥିଲା
ଆଜି ସେ ପୂରଣ କରିଛି
ଛୋଟ ଛୋଟ ଶୂନ୍ୟସ୍ଥାନ
ଅଟ୍ଟାଳିକା ଠିଆ କରେଇଛି
ନିଜଲୋକ ପାଇଁ
ନିଜର ଅତି ପରିଚିତ
ପ୍ରକୃତିକୁ ମାରି ।

ଧନ-ସଂପତ୍ତି ଉହାଡରେ ଆସି
ହୀରା-ଖଚିତ ସପନ ଦେଖୁଛି
ପାଦପକୁ ଶୋଷି
ସମୟ ଗତିରେ ନିଜକୁ ଭୁଲି
ଲକ୍ଷ ଲକ୍ଷ ଜୀବନ ନେଇଛି
ବିପର୍ଯ୍ୟୟର ଆଶ୍ରୟ ନେଇ ।

ସାନଟୀକା, ଲୋଇସିଂହା, ବଲାଙ୍ଗୀର

ISSN NO.
2582-208X

# ବଂଚିବାର ରାହା



ବିନୟ କୁମାର ଦାସ

ମୂଳହିନ୍ଦୀ- ଅର୍ଚ୍ଚିନା ଗହଲତ
ଅନୁବାଦ- ବିନୟ କୁମାର ଦାସ

ସକାଳୁ ସକାଳୁ ବୃଦ୍ଧାଶ୍ରମରେ ପହଂଚି ସେଠାକାର ସମସ୍ତ ଆଇନଗତ କାଗଜପତ୍ର କାମ ସରିବା ପରେ ପୁଅ ବୋହୂ ଫେରିବା ପାଇଁ ପ୍ରସ୍ତୁତ ହେଲେ । ଏତିକି ବେଳେ ନାତି କହିଲା, "ଆମେ କଣ ତିନିଜଣ ଫେରିଯିବା ? ଜେଜେ ଆମ ସହିତ ଯିବେନି ? ତାଙ୍କୁବି ଆମ ସହିତ ନେଇଚାଲ ନା ।"

ନାତିକୁ କଟମଟ କରି ଚାହିଁଲା ବୋହୂ । ତାପରେ ତାକୁ ଏକପ୍ରକାର ଘୋଷାରି ଘୋଷାରି ନେଇ ଯିବା ସମୟରେ ସେ ବିକଳ ହୋଇ ଜେଜେଙ୍କୁ ଅନାଇ କାନ୍ଦି ପକାଇଲ।। ତା ଆଖିର ଲୁହ ଆଉ ତା ବିକଳ ଅବସ୍ଥା ଦେଖି ସେ ଏକ ଅଜଣା ଦୁଃଖରେ ଭାଙ୍ଗି ପଡିଲେ । କିନ୍ତୁ ତାଙ୍କର କିଛି କରିବାର ନଥିଲା । ପୁଅ ବି ତାଙ୍କୁ କିଛି ନକହି ବିଦେଶ ଯାତ୍ରା ପାଇଁ ତରତର ହୋଇ ଏୟାରପୋର୍ଟ ଅଭିମୁଖେ ଚାଲିଗଲା । ନିଜର ପୁଅ ଯେତେବେଳେ ପର କରି ଦେଉଛି, ସେତେବେଳେ ସେ ବା କହିବେ କାହାକୁ ? ମନକୁ ଶାନ୍ତ ରଖିବାକୁ ଚେଷ୍ଟାକରି କିଛିସମୟ ଚୁପଚାପ ବସିରହିଲେ ସେଇଠି । ସାରା ଜୀବନ ତାଙ୍କୁ ଏଇଠି ଏଣିକି ରହିବାକୁ ପଡିବ ।

ସେମାନଙ୍କର ଯିବାର ଏଇ ମାତ୍ର କେଇଟାଘଂଟା ବିତିଲା..ହେଲେ ତାଙ୍କୁ ଜଣା ଯାଉଥିଲା ସତେଯେମିତି ଇତି ମଧ୍ୟରେ ଗୋଟିଏ ଯୁଗ ବିତିଗଲାଣି । ସେ ଆଉ ଏଠାରୁ ନିଜ ଘରକୁ

ISSN NO.
2582-208X

ଫେରି ଯାଇ ପାରିବେନି । ଏଇଟା ତାଙ୍କର ଘର । ଶେଷ ନିଃଶ୍ୱାସ ଥିବା ଯାଏ । ଘର କଥା ଆଉ ପରଲୋକରେ ଥିବା ପତ୍ନୀଙ୍କ କଥା ମନେ ପକାଇ ଆଖି ଛଳଛଳ ହୋଇ ଆସୁଥିଲା । ବିଦାୟ ବେଳରେ ନାତି ଆଖିର ଲୁହ ତାଙ୍କ ଆଖିରେ ପୁଣି ଥରେ ନାଚିଉଠିଲା। ନା, ଏସବୁ ଭାବି କଣ ହେବ ? ସେଥିରୁ ନିବୃତ ହେବା ପାଇଁ ତାଙ୍କୁ ମିଳିଥିବା କୋଠରୀକୁ ସେ ଭଲ କରି ଦେଖିନେଲେ । କୋଠରୀର ଗୋଟିଏ କୋଣକୁ ରହିଥିଲା ମାଠିଆଟିଏ । ଏ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ଶୋଷ ମେଂଟାଇବା ପାଇଁ ଏକମାତ୍ର ସାଧନ । ଛାତରେ ଝୁଲୁଥିବା ପଂଖାଟି ବହୁତ ଧୀରେ ଘରର ଘରର୍ କରି ବୁଲୁଥିଲା । ଜଣା ଯାଉଥିଲା ସତେଯେମିତି ସେ ବହୁତ କଷ୍ଟରେ ନିଃଶ୍ୱାସ ନେଉଛି ।

ସେଇଠୁ ଥାଇ ସେ ଆଶ୍ରମର ସାମ୍ନା ପଟକୁ ଅନାଇଲେ । ସେଇ ପାଖରେ ସେ ଦେଖିବାକୁ ପାଇଲେ ଏକ ସୁନ୍ଦର ପାର୍କ । ଆଶ୍ରମରୁ ବାହାରି ସେ ପାର୍କ ଆଡକୁ ଚାଲିଲେ । ସେଇ ଖୋଲା ବାତାବରଣରେ କିଛି ସମୟ ବୁଲାବୁଲି କଲେ । ଗୋଟିଏ ବେଂଚରେ ଆଖି ବନ୍ଦ କରିବସି ପଡିଲେ । ସେତିକିବେଳେ କୁଆଡେ ଥିଲା କେଜାଣି ଗୋଟିଏ ଛୋଟ ବାଳକ ଆସି ତାଙ୍କୁ ତା ନରମ ଆଂଗୁଳିରେ ସ୍ପର୍ଶକରି କହିଲା, "ମୁଁ ତୁମକୁ ଜେଜେ ଡାକି ପାରିବିକି ? ମାନେ ତୁମେ ମୋ ଜେଜେ ହବକି ?"

ଭାବନା ରାଜ୍ୟରୁ ଫେରି ଆସିଲେ ସେ । ଆଖି ଖୋଲିଲେ । ଦେଖିଲେ ତାଙ୍କ ସାମ୍ନାରେ ସୁନ୍ଦର ଗୁଲୁଗୁଲିଆ ପିଲାଟେ ଛିଡାହୋଇ ତାଙ୍କୁ ଦେଖି ମୁରୁକି ମୁରୁକି ହସୁଛି । ସେ ବି ହସିଦେଲେ ଆଉ ତାକୁ କୋଳେଇନେଲେ ଅତି ଆଦରରେ । ତାଙ୍କୁ ଜଣାଗଲା ସତେଯେମିତି ସେ ବଂଚିବାର ଏକ ରାହା ପାଇଗଲେ । ଉପରକୁ ହାତ ଉଠାଇ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ମନେମନେ କହୁଥିଲେ.. ଜୀବନର ଜଟିଳ ଛନ୍ଦକୁ ମଣିଷ କଣ ଏତେ ସହଜରେ ବୁଝି ପାରିବକି ? ତୁମେ ମହାନ ପ୍ରଭୁ ! ତୁମେ ସତରେ କରୁଣାମୟ ।

ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୭୧୦୧୮୩୭୯

ISSN NO.
2582-208X

# ରୁଷୁନା ବରଷାରାଣୀ



ଅନଙ୍ଗ ମଞ୍ଜରୀ

ବରଷା ରାଣୀ ଆଜି ରୁଷିଚୁ ।
ତୋ ଓଠର ହସ ଆଜି ଯାଇଛି ଚାଲି
ବାଦଲ ସାଜି ଚୋରାଇ ନେଇଛିତୋ ଓଠର ଲାଲି
ଫର୍ଚ୍ଚା ଆକାଶରେ ଧୀରେ ଧୀରେ ସପ୍ତରଙ୍ଗ ସାଜି
ଘାରି ଦେଲା ରଙ୍ଗ ବେରଙ୍ଗ ର ଫଗୁ  ତୋ ହୃଦେ ହି ବନ୍ଧୁ
ମନକୁ ଛୁଇଁଲା ରସେଇ ନେଲା
ଚୁମି ଚୁମି ନିର୍ମଳ ନାୟକ ସାଜିଲା
ପରିଚିତ ଥିଲା, ଆହୁରି ଗଭୀର ହେଲା
ବରଷା ରାଣୀ ଆଜି ରୁଷିଛୁ ।
ଆକାଶେ ଭ୍ରମିଲା ସପନେ ସାଜିଲା
ଚାନ୍ଦ, ତାରା ଦେଖାଇ ସାଙ୍ଗରେ ବସିଲା
ବୁଲାଇ ନେଲା ମିଠା ମିଠା କଥା କହି ରସିଲା
ଅନେକ ତାର ରେ ଏକ ତାର ବାଛିଲା
କଳା ବାଦଲ ତଳେ ତଳେ ଛୁପିଲା
ଚମକି ଉଠିଲା ଗରଜିଲା ତାର  ରୂପ
ମନକୁ ଛୁଇଁଲା ବାହୁ ରେ ସାଜିଲା
ପାହାଡ଼େ ବୁକୁରେ ତମାଳ ବନରେ ଖେଳିଲା
ବୁକୁ ଫଟାଇ ଚିତ୍କାର କରି ଭୂମିରେ ବର୍ଷିଲା
ବରଷା ରାଣୀ ଆଜି ରୁଷିଚୁ ବୋଲି ବୋଇଲା
ଥିଲି ମୁଁ ଖୁସିରେ, ନଥିଲି ବିଭୋର

ISSN NO.
2582-208X

ସଜାଇ ଦେଲୁ ତୁ  ଶୀତୁଆ ରାତିରେ
ଗହଳ ସବୁଜ କ୍ଷେତରେ
ଫୁଲଟିଏ ମୁଁ ସୁବାସ ଚୋରାଇ ନେଲୁ
କୁହୁଡି ସକାଳେ ହଜିଲୁ
ଯେମିତି ଠିକଣା ନଥିବା ବନ୍ଧୁ ସାଜିଲୁ
ଅଦିନିଆ ପ୍ରେମ  ଚିକମିକ ବାଲୁକାରେ
ଆଖିରେ ରସି ଗଲା ପରେ l
ସ୍ୱପ୍ନର ତରଙ୍ଗ ରୁଦ୍ରର ତାପରେ
ବିଭୋର ହୋଇ ପତ୍ର ଝଡା ହୋଇ ଚାଲିଲୁ
ବସନ୍ତର ଆଗମନରେ l
ବରଷା ରାଣୀ ଆଜି ରଷିଛୁ l
ଏଠି ନାହିଁ  ଆପଣାର କପଟ ଯାର ରୂପ
ଭାବପ୍ରବଣତା ରେ ଭାସିନଯାଇ
ବାସ୍ତବତାକୁ ଅନୁଭବ କର l

ହାଇଦ୍ରାବାଦ

ISSN NO.
2582-208X

# ଅକୁଣ୍ଠିତ ପ୍ରେମ



ଅଜିତ ପାଢ଼ି

ପକ୍ଷୀ ଦେଖେ 'ସୂର୍ଯ୍ୟ ଦେଖେ
ଦିଗନ୍ତ ଦେଖେ ଖୋଲା ଆକାଶ ତଳେ;
ସଭିଙ୍କ ଆଡ଼କୁ ବଢାଇ ଦେଇଛି
ଶ୍ଲିଲତା  ଅଶ୍ଲିଲତା ର ପରିଚୟ ।
ବଢାଇ ଦିଏ ହାତକୁ ମୋର
ପାଶ୍ଚାତ୍ୟ ପ୍ରେମ ର "ଅକୁଣ୍ଠିତ ପ୍ରେମ
ବର୍ଷାରେ "ହାତ କୁ ମୋର ।

୨_  ନ କହିବାର କଥାଟିକୁ
ଅସର୍କିତ "ମୃଣାଳ ଥଣ୍ଟ" କୁ
ଶରୀର ର ଚେର ଆଚ୍ଛାଦିତ
"ଝିନ୍ ବସ୍ତ୍ର" ରେ ।
ଖୋଜିବୁଲେ ବିପର୍ଯ୍ୟସ୍ତ ଭାଗ୍ୟ
ଖିଲୁମ୍ ଖୋଲା "ପ୍ରେମ" ବର୍ଷା"
ରୋମ ରାଜ୍ୟ  ରେ ।
ଅ କୁଣ୍ଠି ତ ପ୍ରେମ ମାଡ଼
ସହର ଭିତରେ ।

୩_ ରୋମ ବ୍ୟକ୍ତି ଙ୍କ ଆଭିଜାତ୍ୟ
"ମହିଳା ପ୍ରେମ" ର ବିବାହ ବନ୍ଧନ

ISSN NO.
2582-208X

ଡଷ୍ଟ ବିନ୍ ର ପୁରୁଣା କାଗଜ ପ୍ରେମ
"ମହିଳା ପ୍ରେମ" ନୁହେଁ କି ସତେ ?
ମହିଳା ର ଉଲଗ୍ନତା ନାଗ୍ନତା
ଉତେଜିତା ବକ୍ଷ୍ୟୋଜ ମର୍ଦ୍ଦନ
"ମୃତ୍ୟୁ ର ହାହାକାର ଆଜି
ମୃତ୍ୟୁ ର ଦ୍ୱାରରେ ।
କରୋନା ର ମୃତ୍ୟୁ ସହର ସ୍ରୋତେ ।

୪ _ ମୁଁ ତ ନିର୍ବିପାକ; ନିସ୍ତବ୍ଧ
ମୁଁ ତ ଭାରତୀୟ ଆଜି
"ରୋମ" ସହର ଭିତରେ ।
ଅକୁଣ୍ଠିତ "ମହିଳା ପ୍ରେମ ମାଡ଼ ରେ
"ଆଭିଜାତ୍ୟର" "ଗୋଲାପି ଓଠ"
ଅକୁଣ୍ଠିତ ମହିଳା ପ୍ରେମ ର ବର୍ଷା ସତେ ପଶିଯାଏ ମୋ ହୃଦୟ ଭିତରେ
ଅଣ ନିଶ୍ୱାସୀ; ଶ୍ୱାସରୁଦ୍ଧ ବ୍ୟଥିତ
ମୁଁ ଆଜି ପ୍ରଳୟ ର ବ୍ୟାଧି ରେ ।
ଅକୁଣ୍ଠିତ ପ୍ରେମ ରେ ବର୍ଷା ଆଜି
ଶ୍ୱାସ ରୁଦ୍ଧ ସମାଧି ସୁଅ ରେ ।
ଚିଠି ଟି ପଠାଉଛି କୁଣ୍ଠିତ ଆବେଗ
କୋରା କାଗଜରେ ।
"କୋରା କାଗଜ" ରେ ।

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# କଥାଟି କହୁଛି ଶୁଣ



ପ୍ରଶାନ୍ତ କୁମାର ନାଥ

ଶୁଣ ସାଧୁଜନେ ଶୁଣ ଜ୍ଞାନୀ ଜନେ
କଥାଟି କହୁଛି ଏବେ
ଅଠର ବରଷ ଝିଅକୁ ହୋଇଲେ
ବିଭା ଦେବା ନାହିଁ ଏବେ ।

ସରକାରଙ୍କର ନୂଆ ନିୟମକୁ
ପାଳନ କରିବା ସର୍ବେ
ଏକୋଇଶି ବର୍ଷ ଝିଅକୁ ହୋଇଲେ
ବିଭା କରାଇବା ତେବେ ।

ନ ମାନିବା ଯଦି ଏହି ନିୟମକୁ
କଷଣ ଭୋଗିବା ତେବେ
କାରା ଦଣ୍ଡ ସାଥେ ଜୋରୀମାନା ଦେବା
ବାଲ୍ୟବିବାହର ମତେ ।

ଅଳପ ବୟସେ ଝିଅ ବିଭା ହେଇ
ଛୁଆ ମାଆ ବିପଦରେ
ମାନସିକ ଆଉ ଶାରୀରିକ ସ୍ତରେ
କଷ୍ଟ ଭୋଗୁଛନ୍ତି କେତେ ।

ISSN NO.
2582-208X

ଶିଶୁ ମୃତ୍ୟୁ ହାର ମାତୃମୃତ୍ୟୁ ହାର
ବଢୁଅଛି ଦେଖ ଦେଶେ
ଅଠର ବର୍ଷରେ ଝିଅ ବିଭା ହେଇ
ଭୋଗୁଅଛି ଏହା ସତେ ।

ହେବା ସଚେତନ ସର୍ବେ ଜ୍ଞାନୀ ଜନ
ଝିଅ ଭବିଷ୍ୟକୁ ଜାଣି
ବିପଦକୁ କେବେ ଠେଲି ଦେବା ନାହିଁ
ବାପା ମାଆ ଜାଣି ଶୁଣି ।

ବିବାହ ବୟସ ଏକୋଇଶି ବର୍ଷ
ଉପଯୁକ୍ତ ବୟସର
ମାନସିକ ଆଉ ଶାରୀରିକ ସ୍ତରେ
ସକ୍ଷମ ଥିବଟି ସତେ ।

ସରକାର ଏବେ ବୁଝି ବିଚାରିକି
ନେଇ ଛନ୍ତି ପଦକ୍ଷେପ
ନିଶ୍ଚୟ ସୁଫଳ ମିଳିବ ଝିଅଙ୍କୁ
ଏ ଆମ ଭାରତ ବର୍ଷେ ।।

ଜୁଣଗଡି (ରାଜନଗର), କେନ୍ଦ୍ରାପଡ଼ା

ISSN NO. 2582-208X


# କୁଆଁର ପୁନେଇଁ ଜହ୍ନ



ଜନ୍ମଜୟ ନାୟକ

ଆଜି କୁମାରପୂର୍ଣ୍ଣିମା। ସବୁ ଗାଁ ପରି ଶ୍ରୀଧରପୁରରେ କେତେ ଆଡମ୍ବରରେ କୁଆଁରୀ ଝିଅମାନେ ସଜବାଜ ହୋଇ ନବବସ୍ତ୍ର ପରିଧାନକରି ପାଦରେ ଅଳତା ନାଇ କାର୍ତ୍ତିକଙ୍କ ପରି ସୁନ୍ଦର ସ୍ୱାମୀ ପାଇବାର ମନସ୍କାମନା ରଖି ଉପବାସ ରଖି କୁଆଁରପୁନେଇଁ ପାଳନ କରୁଛନ୍ତି। ମାଆ ବୃନ୍ଦାବତୀଙ୍କ ପାଖରେ କଇଁଫୁଲ ସଜେଇ ପୂଜାଥାଳି ସଜାଇ ରଖି ଶଙ୍ଖ ହୁଳହୁଳି ଦେଇ ବନ୍ଦାପନା କରୁଛନ୍ତି। ହେଲେ ସବିତାର ସବୁ ସପନ ଅମାବସ୍ୟାରାତିର ଘନ ଅନ୍ଧକାର ଭିତରେ ହଜିଯାଇଛି। ଦୁଃଖଦାରିଦ୍ର୍ୟର କଷାଘାତରେ ପେଷି ହୋଇ ଯନ୍ତ୍ରଣାର ଜତୁଶାଳରେ ଜର୍ଜରିତ ହୋଇ ସେ ନିଜର ସବୁ ଖୁସି ହରାଇଦେଇଛି। ପୁରୁଣା ସ୍ମୃତି ସବୁ ତାର ମାନସପଟ୍ଟରେ ଉଜ୍ଜୀବିତ ହୋଇଉଠି ବହୁତ କଷ୍ଟ ଦେଉଛି ତାକୁ। କୁଆଁରପୁନେଇଁରେ ଭାଇ ତାକୁ କେମିତି କଇଁଫୁଲ ଆଣିଦେଇ ପଇସା ମାଗେ ସେ କଥା ଭାବି ତା ଛାତି ଫାଟିପଡୁଛି । ଛାତିରେ ବରଫ ପରି ଜମାଟ ବାନ୍ଧିଥିବା କୋହ ସବୁ ଆଖିର ଲୁହ ହୋଇ ବହିଯାଉଛି।

ଶଯ୍ୟାଶାୟୀ ବୁଢୀମାଆଟିର ମୁହଁକୁ ଚାହିଁ ସେ ବଞ୍ଚିଛି। ଦୀର୍ଘ ଦଶବରଷ ତଳେ ଏଇ କୁଆଁରପୁନେଇଁ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପା ଓ ଏକମାତ୍ର ଭାଇକୁ ହରେଇବାପରେ ତାଙ୍କ ହସଖୁସିର ପରିବାର ଉପରେ ନଜର ଲାଗିଯାଇଥିଲା। ସବୁକିଛି ନିମିଷକେ ବଦଳି ଯାଇଥିଲା। ଆଜି ବି ତା ଆଖିଆଗରେ ନାଚିଉଠୁଛି ସେହି ଲୋମଟାଙ୍କୁରା ଘଟଣା। ସେ ଚାନ୍ଦପୂଜା ଥାଳି ଧରି କୁଆଁରପୁନେଇଁ ଗୀତ ଗାଇ ବନ୍ଦାଣ କରିବା ସମୟରେ ବଉଳ ଆସି ବାପା ଭାଇଙ୍କ ଦୁର୍ଘଟଣା କଥା କହିବା ପରେ ତା ହାତରୁ ଖସିପଡିଥିଲା ପୂଜାଥାଳିଟି। ସେ ବିଶ୍ୱାସ ବି କରିପାରିନଥିଲା ଯାହା ଶୁଣୁଛି ସତ କି ମିଛ ..ତା ପାଦତଳୁ ମାଟି ଖସି ଯିବାପରି ଲାଗୁଥିଲା। ମଶାଣୀର ନିଆଁ ଝୁଲରେ ବାପା ଓ ଭାଇଙ୍କ ଜୁଇ ଜଳିବା ସହ ସବିତାର ବିବାହ କରି ଘରସଂସାର କରିବାର ସବୁ ସ୍ୱପ୍ନ ଜଳିପୋଡି ଛାରଖାର

ISSN NO.
2582-208X

ହୋଇଗଲା । କଥାରେ ଅଛି, ''ସମ୍ପଦବେଳେ ସର୍ବସଖା, ବିପଦେ ନଦିଅନ୍ତି ଦେଖା।'' ସାମନ୍ତରାପୁରର ଜମିଦାର ଯିଏ ସବିତାକୁ ବୋହୂକରି ନେବାକୁ ପ୍ରତିଶ୍ରୁତି ଦେଇଥିଲେ ସେ ବି ମୁହଁ ଫେରାଇନେଲେ।

ଏହି ଦାରୁଣ ଦୁଃଖ ସହି ନପାରି ମାଆ ପକ୍ଷାଘାତରେ ପୀଡିତ ହୋଇ ଶଯ୍ୟାଶାୟୀ ହେବାପରେ ନିଜର ସବୁ ଆଶାକୁ କବର ଦେଇ ସବିତା ପରଘରେ ପାଇଟି କରି, ପରିବା ବିକି ପେଟ ପୋଷୁଛି ଓ ମାଆର ଔଷଧ କିଣୁଛି। ଜହ୍ନପରି ସୁନ୍ଦର ବର ପାଇବାର ସପନ ଅଧାରେ ରହିଯାଇଛି। କୁଆଁରପୁନେଇଁ ଜହ୍ନକୁ ଦୋଷୀକରି ସବିତା ଅବିବାହିତ ରହି ନିଜ ଭାଗ୍ୟ କୁ ଆଦରି କର୍ମକରି ଚାଲିଛି। କାହିଁକି ନା ସେହି କୁଆଁରପୁନେଇଁ ର କାଳରାତ୍ରୀ ତା ଜୀବନର ଅଙ୍କକୁ ବଦଳାଇଦେଇଛି।

ବିତିଯାଇଛି ଆଉକିଛି ଦିନ। ଶ୍ରୀଧରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବନିଯୁକ୍ତ ପାଇଛନ୍ତି ଦରଦୀ ହୃଦୟଯୁକ୍ତ ଦୀନଜନବନ୍ଧୁ ଯୁବ ଡାକ୍ତର ପ୍ରକାଶ ମହାନ୍ତି। ମାଆର ଚିକିତ୍ସା ପାଇଁ ସବିତା ପହଁଚିଛନ୍ତି ସେଠି। ସବିତାର ଗୋଟିଏ ଚିନ୍ତା ମାଆକୁ କେମିତି ଭଲ କରିବ? ପାଖରେ ତ ଜନବଳ ନାହିଁ କି ଧନବଳ ନାହିଁ। କାକୁତିମିନତି କରି ସବିତା ମାଆକୁ ଭଲକରିବା ପାଇଁ ଗୁହାରୀ କରିଛି। ଦୀର୍ଘ ଛଅମାସ ପ୍ରକାଶ ବାବୁଙ୍କ ଔଷଧ ଖାଇ ଭଲ ହୋଇଯାଇଛନ୍ତି ସବିତାର ମାଆ। ସବିତା ବିଷୟରେ ସବୁ ଜାଣିବାପରେ ତା ପ୍ରତି ପ୍ରକାଶବାବୁଙ୍କର ସମ୍ମାନ ବଢିଯାଇଛି । ନିଜ ଅଜାଣତରେ ସେ ଭଲପାଇବସିଛନ୍ତି ତାକୁ।

ପରିଶେଷରେ ନିଜ ମନକଥା ଏମିତି ଏକ ପୁନେଇଁରାତିରେ ଜଣାଇଛନ୍ତି ସବିତାକୁ । ସବିତା ଆଖି ଲୁହ ଛଳଛଳ ହୋଇଯାଇଛି। ମରୁଭୂମିରେ ତୃଷାର୍ତ୍ତ ପଥିକକୁ ଜଳ ମିଳିବା ପରି ସବିତାର ଶୁଷ୍କ ଜୀବନରେ ଖୁସିର ବର୍ଷା ହୋଇଛି। ଆଉ ଏକ କୁଆଁରପୁନେଇଁ ତିଥିରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । କୁଆଁରପୁନେଇଁ ଜହ୍ନ ଉପରେ ଆଜି ଆଉ କିଛି ଅଭିମାନ ନାହିଁ ସବିତାର। ଫେରିପାଇଛି ଖୁସି। ଜହ୍ନ ବି ହସୁଛି ତା ଖୁସି ଦେଖି।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

ISSN NO.
2582-208X

# ବସନ୍ତର ଅଭିଷେକ



ରାମ ଚନ୍ଦ୍ର ପ୍ରଧାନ

ମନୋରମ ଦୃଶ୍ୟେ ପ୍ରକୃତି ହସଇ
ବସନ୍ତର ଆଗମନେ
ଆମ୍ର କୁଞ୍ଜବନ ଗୁଞ୍ଜରିତ ହୁଏ
କୋଇଲିର କୁହୁତାନେ ।
ପୂର୍ଣ୍ଣମୀ ଜହ୍ନର ଶୁଭ୍ର ଜୋଛନାରେ
ଆଖି ଝଲସାଇ ଦେଇ
ବସନ୍ତ ଆସିଛି ଆମ ଏ ଧରାକୁ
ଋତୁରାଜଟିଏ ହୋଇ ।
ବଉଳ ପାଟର ମୁକୁଳ ବାସ୍ନାରେ
ତୋଷି ହୋଇଯାଏ ମନ
ଫଗୁର ରଙ୍ଗରେ ପ୍ରୀତି ହୋଲି ଖେଳି
ହସଇ ସାରା ଭୂବନ ।
କନକ ଚମ୍ପାର ବାସ ଛୁଟିଆସେ
ସଞ୍ଜ ସକାଳରେ ନିତି
ନବମଲ୍ଲିକାର ମହମହ ଗନ୍ଧେ
ଅମୋଦିତ ପ୍ରେମୀ ମତି ।
ମନକୁଞ୍ଜ ବନେ ନୟନ ଦେଖଇ
ମିଳନର କେତେ ସ୍ୱପ୍ନ

ISSN NO.
2582-208X

ହୃଦୟ କନ୍ଦରେ ଆପେ ଖେଳିଯାଏ
ପ୍ରେମର ସିକ୍ତ କମ୍ପନ ।
କୁସୁମ କାନନେ ଉଡ଼େ ପ୍ରଜାପତି
ପ୍ରଣୟର ରଙ୍ଗ ମାଖି
ଶୃଙ୍ଗାରେ ବିମୁଗ୍ଧ ଏ ପ୍ରାଣୀ ଜଗତ
ଖୋଜିଥାନ୍ତି ପ୍ରିୟ ସାଥି ।
ହଳଦୀ ବସନ୍ତ ଗାଇଥାଏ ଗୀତ
ଝରାଇ ମିଠା ମହକ
ଫୁଲର ସମ୍ଭାରେ ହେବ ବୋଲି ପରା
ବସନ୍ତର ଅଭିଷେକ ।

ଶିକ୍ଷକ, ସାନ୍ତରାପଲ୍ଲୀ,
ଗଞ୍ଜାମ, ମୋ:9861638736

ISSN NO.
2582-208X

# ନବବର୍ଷ



ସାଇପ୍ରସାଦ ସାହୁ

ହେ ନବବର୍ଷ ଦୁଇହଜାର ବାଇଶି
ତୁମକୁ ସ୍ୱାଗତ
ଦୁଇହଜାର ଏକୋଇଶି ଆଜି ଅତୀତ
ବର୍ତ୍ତମାନ ସେ ଆଲୋଡା
କେତେ ସୁଖ, ଦୁଃଖ ଓ ହସକାନ୍ଦର ସମାହାର
ତା'ର ପୃଷ୍ଠ ଭୂମି ଉପରେ ଦୁଇହଜାର ବାଇଶି ପ୍ରତିଷ୍ଠିତ
ତୁମର ବିଜୟ ହେଉ ।

ହେ ନବବର୍ଷ, ତୁମର ନବସୁରଭିରେ
ପାର୍ଥୀବ ପଦାର୍ଥ ସୁରଭିତ ହେଉ
ତୁମ ଆହ୍ୱାନରେ ନୂତନତ୍ୱ ପ୍ରେରଣା ଓ ଉଦ୍ଦୀପନା ସୃଷ୍ଟି ହେଉ
ମଳୟାନିକ ଆପ୍ରାଣ ପାଇଁ ତୁମେ ସମସ୍ତ ପ୍ରାଣୀଙ୍କର ସହାୟକ ହୁଅ ।

ବିଧି ବିଧାନରେ ଏ ନବବର୍ଷ
ସବୁରି ମନ ଓ ହୃଦୟରେ, ଶାନ୍ତି ଓ ପ୍ରେମ ବରଷୁ
ଇଶ୍ୱରଙ୍କ ଆଦେଶରେ ପ୍ରତିଟି ସୁମଙ୍ଗଳର ନିର୍ଘୋଷ
ଜଳେ, ସ୍ଥଳେ, ଗଗନେ ଓ ପବନେ
ଚିର ନିଦ୍ରିତ ହୋଇ
ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟ ସୃଷ୍ଟି କରୁ ।

ସିନ୍ଧେକେଲ୍ ,ବଲାଙ୍ଗୀର
ଭ୍ରାମ୍ୟ ଭଷ – ୯୯୩୭୦୩୪୭୪୨

ISSN NO.
2582-208X

# ବସନ୍ତ ରାସ

(ରାଗ - ରସକୁଲ୍ୟା )



ଲୀଳାବତୀ ପରିଡ଼ା

କଳା କହ୍ନେଇ ର ବଇଁଶୀ ସ୍ୱର,
କଲା ରାଧାରାଣୀ ଚିତ୍ତ ଅଧୀର,
କଦମ୍ବ ବନରେ ହେଲେ ହାଜର,
କରି ଘର କାମ ମନରୁ ଦୂର ଯେ,
କଳା କାହ୍ନୁ କଲା ବାଇ ଯେ,
କମଳ ଲୋଚନ ରାଧା ରାଇ ପ୍ରାଣ
ରାସ କେଳି କରୁ ଥାଇ ଯେ ।୧।

କଳା କହ୍ନେଇ ର ରୂପ ମାଧୁରୀ,
କଳା ମେଘ ଦେଖି ଆସେ ବାହାରି,
କହ୍ନେଇଁ କୁ ଦେଖି ନାଚେ ମୟୂର ,
କମଳ ଫୁଟଇ ସେ ସରସୀର ଯେ,
କମନୀୟ କାନ୍ତି ଦେଖି ଯେ,
କଳାକାହ୍ନୁ ସାଥେ ବୃଷଭାନୁସୁତା
ରସେ ରାସ ପ୍ରିତୀ ମାଖି ଯେ ।୨।

କଟି ମେଖଳା ତ ପଡ଼ଇ ଖସି,
କରେ ଧରିଛନ୍ତି କଳା ବଇଁଶୀ,
କରେ ପିଚିକାରି ମାରି ହରଷି
କରନ୍ତି ବସନ୍ତ ରାସ ଭରଷି ଯେ,
କହନ୍ତି ଗୋପର ଜନ ଯେ
କଳାକାହ୍ନୁ ପ୍ରେମେ ପାଗଳୀ ଗୋପୀ ଏ
ଲାଜ କଲେ ବରଜନ ଯେ ।୩।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ଦୂରଭାଷ - ୯୮୬୧୯୪୫୬୨୬

ISSN NO.
2582-208X

# ଆସନ୍ତୁ ଜାଣିବା ସଫଳ ଜୀବନର ୫ଟି ସୂତ୍ର ବିଷୟରେ



ନରେନ୍ଦ୍ର ପ୍ରସାଦ ବେହେରା

ଶୌଚ:-ମିଥ୍ୟା ଭାଷଣ, ଚୁଗୁଲି, ରୁକ୍ଷ ବଚନ, ମନ୍ଦ ଉଦ୍ଦେଶ୍ୟ, ଈର୍ଷା, ଦ୍ୱେଷ, ଛଳ, ଛନ୍ଦକପଟ ଓ ମନ୍ଦ ପ୍ରକୃତିକୁ ପରିତ୍ୟାଗ କରି ସଦା ଶୁଦ୍ଧି ହେବିକୁ ଶୌଚ କୁହାଯାଏ ।

ସନ୍ତୋଷ:-ନିଜର ପୁରୁଷାର୍ଥ,ନିଜର ବାହୁବଳ ଏବଂ ଉତ୍ତମ କର୍ମ ଦ୍ୱାରା ଉପାର୍ଜନ କରିଥିବା ଧନ-ସମ୍ପତ୍ତିକୁ ନେଇ ପ୍ରସନ୍ନ ରହିବାକୁ ସନ୍ତୋଷ କୁହାଯାଏ ।

ତପ:-ଯେତେ କଷ୍ଟ ଆସୁ ପଛେ ନିଜର ଧର୍ମ ଓ କର୍ତ୍ତବ୍ୟ କର୍ମ ଉପରେ ବିଚଳିତ ନହୋଇ ବା ଆଳସ୍ୟ ଦ୍ୱାରା ବିତୃଷ୍ଣା ହୋଇ ସେଥିରୁ ବିରତ ହେବାକୁ ତପ କୁହାଯାଏ ।

ସ୍ୱାଧ୍ୟାୟ:-ମୋର ଉଦ୍ଦେଶ୍ୟ କ'ଣ ? ମୁଁ କ'ଣ କରିବା ଉଚିତ୍, କ'ଣ କରିବା ଅନୁଚିତ୍, ମୁଁ କିଏ, ମୁଁ କେଉଁଥି ପାଇଁ ସଂସାରକୁ ଆସିଛି ସେ ସମସ୍ତକୁ ଭଲ ଭାବରେ ବିବେଚନା କରି ତ୍ରୁଟି ବିଷୟରେ ଜାଣି ତାକୁ ଦୂର କରିବାକୁ ସ୍ୱାଧ୍ୟାୟ କୁହାଯାଏ ।

ଈଶ୍ୱର ପ୍ରଣିଧାନ:-ହୃଦୟରେ, ମନରେ, ଚୈତନ୍ୟରେ ପରମାତ୍ମାଙ୍କୁ ସ୍ଥାପନ କରିବା, ନିଜକୁ ତାଙ୍କ ପାଦପଦ୍ମରେ ସମର୍ପଣ କରି ଦେବା, ପ୍ରତ୍ୟେକ ଲୋମ କୂପରେ ତାଙ୍କର ବ୍ୟାପକତାକୁ ଅନୁଭବ କରିବା, ପ୍ରତିମୁହୂର୍ତ୍ତରେ ଯାହାବି କର ତାହାକୁ ଈଶ୍ୱରଙ୍କୁ ସମର୍ପଣ କରିବା । ଭକ୍ତି, ନିଷ୍ଠା, ଏକାଗ୍ରତା ଏବଂ ବିଶ୍ୱାସକୁ ଦୃଢ଼ କରିବାକୁ ହିଁ ଈଶ୍ୱର ପ୍ରଣିଧାନ କୁହାଯାଏ ।

ISSN NO.
2582-208X

ସଂଯମ ଜରୁରୀ

ମହାଭାରତ ଲେଖିବା ପାଇଁ ବ୍ୟାସଦେବଙ୍କୁ ଜଣେ ସମର୍ଥ ଲେଖକଙ୍କ ଆବଶ୍ୟକତା ରହିଥିଲା। ଏଥିପାଇଁ ସେ ଶ୍ରୀଗଣେଷଙ୍କୁ ଅନୁରୋଧ କଲେ । ଲେଖନ କାର୍ଯ୍ୟ ଆରମ୍ଭ ହୋଇଗଲା । ବ୍ୟାସଦେବ କହିଚାଲିଲେ ଏବଂ ଶ୍ରୀଗଣେଶ ସମାନ ଦ୍ରୁତ ଗତିରେ ମହାଭାରତ ଲେଖି ଚାଲିଲେ । ମହାଭାରତ ଗ୍ରନ୍ଥ ରଚନା ପୂରଣ ହେଲା । ବ୍ୟାସଦେବ ଗଣେଶଙ୍କୁ ପ୍ରସନ୍ନତା ପୂର୍ବକ କହିଲେ, ମୁଁ ଆପଣଙ୍କ ଦ୍ୱାରା ୨୪ ଲକ୍ଷ ଶବ୍ଦ ଲେଖାଇଲି । ହେଲେ ଏହା ଭିତରେ ଆପଣ ଥରେ ହେଲେ କିଛି କହିଲେ ନାହିଁ, ଚୁପଚାପ୍ ଲେଖି ଚାଲିଲେ। ଏହାଶୁଣି ଶ୍ରୀଗଣେଶ ଉତ୍ତର ଦେଲେ ଯେ ବଡ଼ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ଶକ୍ତିର ଆବଶ୍ୟକତା ରହିଛି । ଶକ୍ତିର ଆଧାର ହେଉଛି ସଂଯମ । ସଂଯମ ହିଁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ଯଦି ମୁଁ ନିଜ ବାଣୀ ଉପରେ ସଂଯମ ରଖିନଥାନ୍ତି ତା' ହେଲେ ଏହି ଗ୍ରନ୍ଥ କିଭଳି ରଚନା ହୋଇଥାଆନ୍ତା ।

ଆଳଦା, ଖଇରା,ବାଲେଶ୍ୱର

ISSN NO.
2582-208X

# ମୁକ୍ତିର ଆନନ୍ଦ



ଧରିତ୍ରୀ ଦାସ

ମୁକ୍ତିର ଆନନ୍ଦ କେତେ ଯେ ମହାନ
ଜାଣିବାକୁ ହେଲେ ଭାଇ
ଛାଡିବାକୁ ହେବ ପିଞ୍ଜରାର ପକ୍ଷୀ
ଖୋଲା ଆକାଶରେ ନେଇ ।

ମୁକ୍ତ ଆକାଶରେ ଉଡ଼ିବାକୁ ଯିଏ
ଜନ୍ମିଛି ଏହି ଧରାରେ
ଖୁସି ହୋଇବକି ରଖିଦେଲେ ତାକୁ
ସୁନା ପିଞ୍ଜରା ଭିତରେ ।

ଛାଡ଼ିଦେଇ ଥରେ ଦେଖିବାକୁ ହେବ
କେତେ ଖୁସି ହୁଏ ସେହି
ଉଡିଯାଏ ଦୂର ଆକାଶକୁ ସତେ
ମନରେ ଆନନ୍ଦ ହୋଇ ।

ବୁଝିବାକୁ ହେବ ଅନ୍ତର ବେଦନା
ମାନସ ମନ୍ଥନ କରି
ନିଜକୁ  ପିଞ୍ଜରାବଦ୍ଧ ପଶୁ ଅବା
ପକ୍ଷୀଟିଏ ମନେକରି ।

ISSN NO.
2582-208X

ବନ୍ଦୀ ଜୀବନଟା ଦୁଃଖ ଭରା ସତେ
ଅନୁଭବି ଜାଣିଥାଇ
ମୁକ୍ତିର ମହକ ମହାକାଇ ଦିଏ
ଅସରନ୍ତି ସୁଖ ଦେଇ।

ଇଶ୍ୱରଙ୍କ ସୃଷ୍ଟି ସଭିଙ୍କ ମନରେ
ଭରିଦିଏ କେତେ ଖୁସି
ସ୍ୱାଧୀନ ଭାବରେ ଜିଇଁବା ପାଇଁକି
ଚିନ୍ତା କରିଥାନ୍ତି ବସି।

ମୁକ୍ତିର ଆନନ୍ଦ ସତରେ ମହାନ
ଏକଥାକୁ ଭୁଲ ନାହିଁ
ବନ୍ଦୀ ଜୀବନଟା କଷ୍ଟକର ମଣି
ପିଞ୍ଜରାକୁ ଖୋଲିଦେଇ।

ଖୁସି ହୁଅ ଆରେ ସମାଜରେ ସ୍ଥିତ
ମୋହର ମଣିଷ ଭାଇ
ହରଷିତ ହୁଅ ଜୀବନ କାଳରେ
ମୁକ୍ତିର ସଙ୍ଗୀତ ଗାଇ।

ରାଉତରା ପୁର, ପହଙ୍ଗା, ଯାଜପୁର।
୯୨୩୮୯୦୨୯୩୦

ISSN NO.
2582-208X

# ଊଣା



ଧୀରେନ୍ଦ୍ର କୁମାର ପ୍ରଧାନ

ବେଦନାସିକ୍ତ ଏ ହୃଦୟ ରୁ ଝରେ
ପ୍ରେମ ଅଶ୍ରୁର ଝରଣା
ପଥର ତରଳେ ଯାହାର ପରଶେ
ନାମଟି ତା'ର କରୁଣା ।

ଚାହୁଁଛି ତୋ ମନ ଯେଉଁ ଅନୁରାଗ
ମୋ ମନବି ଆଶାକରେ
ତୁମେ ବି ତ ଚାହଁ ସେଇ ଅନୁରାଗ
ଯାହା ମୁଁହିଁ ପୂରାକରେ ।

ଭାଙ୍ଗିନି ତୋ ଆଶା ଛୋଟ ନୁହେଁ ସିଏ
ଅଟେ ପୁଣି ଅସୁମାରୀ
ନିଜକୁ ପଚାରେ ବିସ୍ମିତ ନହୋଇ
ହୃଦୟ କୁ ବଡକରି ।

ସହିବାର ଧୈର୍ଯ୍ୟ ବନ୍ଧ ତିଆରିଛି
ଛାତିକୁ ପଥର କରି
ସହିପାରିବୁନି ଭାଙ୍ଗିବାର କଷ୍ଟ
କେତେ ଭାଙ୍ଗିଛୁ ମୋହରି ।

ISSN NO.
2582-208X

ସ୍ୱାର୍ଥୀ ଏ ମଣିଷ କି ବୁଝିପାରିବ
ମନରେ ରଖି ପରଦା
ସେନେହ ସୌହାର୍ଦ୍ଦ୍ୟ ଯାହାପାଇଁ ଅଟେ
କେବଳ ହାଟ ସଉଦା।

ନା ମୁଁ ଶିଖିଲି ତୋ କଠୋରପଣ
ନା ତୁ ଶିଖିଲୁ ମୋ ଆପଣାପଣ
ହେଲାନି ମୋ ପ୍ରେମ ଊଣା
ହେଲାନି ତୋ ଘୃଣା ଊଣା।

ତଥାପି ଏ ମନ ବୃଦ୍ଧ ପଦାଙ୍କରେ
ନରଖି ମନରେ ଭେଦ
ବିଶ୍ୱାସ ନିଷ୍ଠେ ତୋ ଷଡ଼ ପ୍ରକୃତିରେ
ପଡ଼ିଯିବ ପୂର୍ଣ୍ଣଛେଦ।।।।।।।

ISSN NO.
2582-208X

# ଶିଶୁ ନିର୍ଯାତନା
# (ପ୍ରବନ୍ଧ)



ମୁକ୍ତରାଣୀ ଦେବତା

କୁହାଯାଏ ଯେ "ଆଜିର ଶିଶୁ କାଲିର ଭବିଷ୍ୟତ"। ଆଜିର ପୁଷ୍ପ କଳିକାଟି ଯେପରି କାଲିର ପ୍ରସ୍ଫୁଟିତ ସୁମନ ହୋଇ ଅନ୍ୟକୁ ଆନନ୍ଦ ପ୍ରଦାନ କରେ ଠିକ ସେହିପରି ଏବେକାର ନିଷ୍ପାପ କୋମଳମତି ଶିଶୁମାନେ ହିଁ ଭବିଷ୍ୟତରେ ଜଣେଜଣେ ଉତ୍ତମ ନାଗରିକ ହୋଇ ଦେଶର ନାମକୁ ଉଜ୍ଜ୍ୱଳ କରିପାରିବେ। ଶୈଶାବସ୍ଥା ସମସ୍ତଙ୍କ ଲାଗି ଖୁବ ମହତ୍ୱପୂର୍ଣ୍ଣ ଅଟେ। ଏହି ଅବସ୍ଥାରେ ହିଁ ସେମାନଙ୍କ ମଧ୍ୟରେ ଅନେକ ସମ୍ଭାବନା ଦୃଷ୍ଟିଗୋଚର ହୁଏ। ସେମାନଙ୍କୁ ସଠିକ ଭାବେ ଭରଣପୋଷଣ ଏବଂ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଗଲେ ଆଗାମୀ ଭବିଷ୍ୟତରେ ସେମାନେ ସମଗ୍ର ସମାଜର କଲ୍ୟାଣ ସାଧନରେ ସହଭାଗିତା ହୋଇପାରିବେ। ଶିଶୁମାନେ ଈଶ୍ୱରଙ୍କର ଅମୂଲ୍ୟ ଉପହାର ହୋଇଥାନ୍ତି। ସେମାନଙ୍କର ନିଷ୍କପଟ ଓ ନିଷ୍କଳଙ୍କ ହୃଦୟଟିରେ ସ୍ୱୟଂ ଈଶ୍ୱର ବିରାଜି ଥାଆନ୍ତି। ତାଙ୍କର ସରଳ ନିରୀହ ଚାହାଣୀ ହିଁ ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ସାଜିଥାଏ। ସନ୍ତାନଟିଏ ପ୍ରାପ୍ତ କରିବା ନିମନ୍ତେ ଅନେକ ଦମ୍ପତି କେତେ ଯେ ଯାତନା ସହ୍ୟ କରିଥାନ୍ତି। କେତେ ଓଷାବ୍ରତ ମାନସିକର ଫଳସ୍ୱରୂପ ସନ୍ତାନଟିଏ ତାଙ୍କ ଭାଗ୍ୟକୁ ଜୁଟିଥାଏ। ସନ୍ତାନର ପ୍ରକୃତ ମୂଲ୍ୟକୁ ଏକମାତ୍ର ନିଃସନ୍ତାନ ଦମ୍ପତି ହିଁ ହୃଦୟଙ୍ଗମ କରିପାରନ୍ତି।

କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ଏପରି କିଛି ବିଡମ୍ବନାର ଦୃଶ୍ୟ ପରିଦୃଶ୍ୟ ହେଉଛି ଯାହାକି ଅତ୍ୟନ୍ତ କ୍ଷୋଭର ପ୍ରସଙ୍ଗ। କେଉଁ ଦୁଇ କାମାସକ୍ତ ଶରୀରର ମୁହୂର୍ତ୍ତକର ମିଳନରେ ହିଁ ସୃଷ୍ଟିଲାଭ କରେ ସେହି ଅମୃତର ସନ୍ତାନ। ନିଜର ପାପକୁ ଲୁଚାଇବା ନିମନ୍ତେ ସେହି

ISSN NO.
2582-208X


ଅମୃତର ସନ୍ତାନକୁ ଫିଙ୍ଗି ଦିଆଯାଏ କେଉଁ ଏକ ନିକାଞ୍ଚନ ଅପରିତ୍ୟକ୍ତ ସ୍ଥାନରେ। ତଥାକଥିକ ସମାଜରେ ସେହି ଶିଶୁମାନଙ୍କୁ 'ଜାରଜ' ନାମରେ ଆଖ୍ୟା ଦିଆଯାଏ। ଦୁର୍ଭାଗ୍ୟକୁ ସେହିଭଳି ଜାରଜ ମାନଙ୍କର ବାସସ୍ଥାନ ପାଲଟିଯାଏ ଅନାଥାଶ୍ରମ। ଅନାଥାଶ୍ରମର ନିବୁଜ କୋଠରୀ ହିଁ ସେମାନଙ୍କର ଏକାନ୍ତ ଆତ୍ମୀୟ ପାଲଟିଯାଏ। କୌଣସି ଦୋଷ ଅପରାଧ ନକରି ସୁଦ୍ଧା ସେମାନଙ୍କୁ ଆଜୀବନ ଲାଞ୍ଛନା ଓ ତୀବ୍ର କଟାକ୍ଷର ଶିକାର ହେବାକୁ ପଡେ। ନାଁ ଥାଏ ସେମାନଙ୍କ ପାଖେ ପିତୃତ୍ୱର ପରିଚୟ, ନାଁ ପାଆନ୍ତି ସେମାନେ ମାତୃତ୍ୱର କୋମଳ ପରଶ। ଜନ୍ମପରେ ମାଆର କ୍ଷୀର ଟୋପାଏ ସୁଦ୍ଧା ସେମାନଙ୍କ ତୁଣ୍ଡରେ ପଡେ ନାହିଁ। ଏହାଠାରୁ ବଳି ଦୁଃଖଦ କଥା ଆଉ କ'ଣ ବା ଥାଇପାରେ?

ନିତିଦିନ ଖବରକାଗଜର ପୃଷ୍ଠା ଲେଉଟାଇଲେ ଆଖି ସାମ୍ନାକୁ ଆସେ ଶିଶୁ ନିର୍ଯାତନାର କରୁଣ ବର୍ବର କାହାଣୀ। ସରକାରଙ୍କର ସର୍ବଶିକ୍ଷା ଅଭିଯାନ ନୀତି ଅପହଞ୍ଚ ହୋଇଯାଏ ଏମାନଙ୍କ ଲାଗି। ଶିଶୁଶ୍ରମିକ ମାନଙ୍କର ସଂଖ୍ୟା ଏବେ କାହିଁ କେତେ ଗୁଣା ବୃଦ୍ଧି ପାଇଅଛି, ଏହା ଆମ ସମାଜ ଲାଗି ଘୋର ଲଜ୍ଜାଜନକ ବିଷୟ। ବଡବଡ ହୋଟେଲ, ଢାବା, ଖଣିଖାଦନ ମାନଙ୍କରେ ଶିଶୁମାନଙ୍କୁ ଅନେକ ନିର୍ଯାତନାର ଶିକାର ହେବାକୁ ପଡିଥାଏ। ଶିଶୁ ନିର୍ଯାତନା ଲାଗି ଅନେକ ଗୁଡିଏ ଆଇନକାନୁନର ବ୍ୟବସ୍ଥା ପ୍ରଣୟନ ହେଲେ ସୁଦ୍ଧା ଏ ସବୁ ଏବେ ନିତାନ୍ତ ମୂଲ୍ୟହୀନ ହୋଇପଡିଛି। ଆଉ କନ୍ୟା ସନ୍ତାନମାନଙ୍କ କଥା ନ କହିବା ହିଁ ଶ୍ରେୟସ୍କର, ମାତୃଗର୍ଭରୁ ହିଁ ସେମାନଙ୍କର ଜୀବନ ଦୀପ ଲିଭିଯାଉଛି। ବାକି ଯେଉଁ କନ୍ୟାସନ୍ତାନ ମାନେ ଜନ୍ମଲାଭ କରୁଛନ୍ତି ତାଙ୍କ ପ୍ରତି ହେଉଥିବା ଲୋମହର୍ଷଣକାରୀ ବର୍ବର ଅତ୍ୟାଚାରର କୌଣସି ସୀମାରେଖା ନାହିଁ। ଦୁନିଆଁ ବାବଦରେ ଭଲଭାବରେ ବୁଝିବା ପୂର୍ବରୁ ଜାଣିବା ପୂର୍ବରୁ ପାଶବିକ ଅତ୍ୟାଚାରର ଶିକାର ହେଉଛନ୍ତି ସେମାନେ। ଶୈଶବାବସ୍ଥା ସେମାନଙ୍କ ଲାଗି ନର୍କ ସାଜିଅଛି। ସେମାନଙ୍କର ମନସ୍ତତ୍ୱ ଉପରେ ଏହା ଗଭୀର ପ୍ରଭାବ ପକାଉଛି। ଏବେକାର କଳଙ୍କିତ ସମାଜରେ ନାବାଳିକା ମାଆମାନେ ଗର୍ଭଧାରଣ କରିବାର ଅନେକ ଦୃଷ୍ଟାନ୍ତ ସୋସିଆଲ ମିଡିଆ ମାଧ୍ୟମରେ ଘୁରିବୁଲୁଛି।

ISSN NO.
2582-208X



ଉକ୍ତ ପ୍ରବନ୍ଧ ମାଧ୍ୟମରେ ସମାଜରେ ଶିଶୁ ନିର୍ଯ୍ୟାତନାକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହତ କରିବା ନିମନ୍ତେ ଏହା ମୋର ଏକ ଛୋଟିଆ ପ୍ରୟାସ। ସମାଜରେ ବ୍ୟାପକ ସୁଧାର ଆଣିବା ଦିଗରେ ମୋର ଲେଖନୀଟି କିଛି ପରିମାଣରେ ଅନ୍ତତଃ ସଫଳତା ପ୍ରାପ୍ତ କରିବ ବୋଲି ମୋର ଗଭୀର ଆଶା ଏବଂ ବିଶ୍ୱାସ। ସଭିଁଙ୍କୁ ମୋର ଗୋଟିଏ ଛୋଟିଆ ନିବେଦନ ଶିଶୁ ନିର୍ଯ୍ୟାତନାକୁ ଆଦୌ ବି ପ୍ରଶ୍ରୟ ଦିଅନ୍ତୁ ନାହିଁ। ଏହାର ନୀରବଦ୍ରଷ୍ଟା ନ ସାଜି ଏସବୁକୁ ତୀବ୍ର ବିରୋଧ କରନ୍ତୁ ଫଳରେ ଆମ ସମାଜ ଓ ରାଜ୍ୟର ଉନ୍ନତି ସାଧନ ହୋଇପାରିବ।

ମହାରଖଣ୍ଡ, ଯାଜପୁର

ISSN NO.
2582-208X

# ସାତପର



ପ୍ରଶାନ୍ତ ବ୍ରହ୍ମା

ଦିନ ଥିଲା ମନ ମୋର ନେଇଥିଲ କିଣି
ଆଜି କାହିଁ ଘୃଣା କରୁଛ ପାରିଲି ନାହିଁ ଜାଣି।
ମୋତେ ନ ଦେଖିଲେ ହେଉଥିଲ ପାଗେଳି
ଆଜି କାହିଁ ଦେଖିଲେ ଖେଳେ ଲୁଚକାଳି ।

ଅନ୍ଧ ହୋଇ ଭଲ ପାଉଥିଲି
ଭାବିଲି ତୁମେ ମୋ ନିଜର
ତୁମରି ମାୟା ଜାଣି ହେଲା ନାହିଁ
ତୁମେ ଏତେ ସ୍ୱାର୍ଥପର ।

କଥା ଦେଇଥିଲ ଯାହା କଲ ନାହିଁ ପୁରଣ
ମରିଯିବି ତୁମ ବିନା ପକାଉଛି ତୁମ ରାଣ।

ବଞ୍ଚିଥିଲି ତୁମରି ପାଇଁ ଆସା ରଖି ମୁ ଅନେକ
ଏବେ ବଞ୍ଚିବି କାହାପାଇଁ କୁହ ତୁମେ କାଳ କାଳକ।

ପଳାଶପୁର
ଖୋର୍ଦ୍ଧା

ISSN NO.
2582-208X

# ବିଦିର୍ଣ୍ଣ ପ୍ରାଣ

(ରାଗ - ମାଳବ ଗୌଡ଼ାବାଣୀ)



ପୂର୍ଣ୍ଣଚନ୍ଦ୍ର ରଣା

ବହଳ କାନନ ବିସମ ଭୂମି
ବିଭାବରୀ ଆସେ ଗଗନ ଚୁମି
ବଚନ ଶୁଭୁଛି ଜଙ୍ଗଲ ତନୁ
ବଞ୍ଚାଅ କିଏ ସେ ଗହନ ବନୁ ।।୧

ବିରଳ ଶବଦ ଗୁଞ୍ଜିତ କର୍ଣ୍ଣେ
ବହି ଆସେ ଭୟ ମୋହରି ମନେ
ବହ୍ନିର ଅଭାବେ ଅନ୍ଧ ନୟନ
ବାଟ ନ ଦିଶଇ ସ୍ଥାନ ବିଜନ ।।୨

ବଢ଼ାଇଲି ପାଦ ଆଗକୁ ଆଗ
ବକ୍ଷରେ ଶୋଣିତ ଭାଗକୁ ଭାଗ
ବୃକ୍ଷଲତା ହେଉଥା'ନ୍ତି ବାଡ଼େଇ
ବଦନରୁ ସ୍ୱେଦ ଝରି ପଡଇ ।।୩

ବରଷା ତାଣ୍ଡବ ଧରା ହୃଦରେ
ବିପକ୍ଷ ଧାଆଁନ୍ତି ଆଉ ପାଖରେ
ବୁଦ୍ଧି ପାଞ୍ଚି ମୁଁ ଯେ କଲି ଚିତ୍କାର
ବିପରୀତ ଦିଗେ ନାରୀର ସ୍ୱର ।।୪

ବିରାଜିଲି ଯାଇ ଘଟଣାସ୍ଥଳେ
ବ୍ୟଥିତ ତରୁଣୀ ଜନନୀ କୋଳେ

ISSN NO.
2582-208X

ବାରଣ ନ କରି ଧରିଲି କରେ
ବିଷାଦର ଅଶ୍ରୁ ବେନି ନେତ୍ରରେ ।।୫

ବହୁଛି ରୁଧିର ବିଗ୍ରହୁ ତା'ର
ବିବର୍ଣ୍ଣ ଦିଶଇ ମୁଖ ତାହାର
ବନଧାରା ପାଶେ ଯାଉଛି ବହି
ବ୍ୟଗ୍ରେ ଯାଇ ଜଳ ଆଣିଲି ମୁହିଁ ।।୬

ବଦନରେ ନୀର ଢାଳିଲି ଧିରେ
ବ୍ୟଗ୍ରବନ୍ତ ବାକେ ଶବଦ କରେ
ବିନାଶ ନ କର ଯୋଡୁଛି ହାତ
ବିପଦରେ ଅଛି  ଶୁଣ ହେ ମିତ ।।୭

ବ୍ୟସ୍ତ ହୁଅନାହିଁ ତୁମେ ଭଗିନୀ
ବିବେକି ତ ମୁଁ ନ କରିବି ହାନୀ
ବ୍ୟାକୁଳ ହୋଇଣ କହେ ଯୁବତୀ
ବନ୍ଧୁ ସାଜି ଦୟା କରି ମୋ ପ୍ରତି ।।୮

ବଇଦ ପାଖକୁ ନେଲି ଯେ ଧାଇଁ
ବିଶ୍ୱାସରେ କାନ୍ଧେ ଗଲା ସେ ଶୋଇ
ବିଧାତାର ଥିଲା ଏ ବରଦାନ
ବିସ୍ମୟେ ବିଜୟା ପାଏ ଜୀବନ ।।୯

ବର୍ଦ୍ଧିତ ହୋଇଲା ଖୁସି ଆସନ
ବିଭୋର ହେଲା ତ ସଖୀର ମନ
ବଞ୍ଚାଇବ ଯଦି ଏଠି ବିଧାତା
ବିଞ୍ଚିହେବ ନାହିଁ କାହାର ସତ୍ତା ।।୧୦

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ଭି.ଅନନ୍ତ ନାଗେସ୍ୱରନ୍-ଜଣେ ସଫଳ ଅର୍ଥନୈତିଜ୍ଞ



ପ୍ରତାପ ଚନ୍ଦ୍ର ସାହୁ

ଭି.ଅନନ୍ତ ନାଗେସ୍ୱରନ୍ ତାମିଲନାଡୁ ରାଜ୍ୟ ର ମଦୁରାଇ ସହର ରେ ୧୯୬୨ ମସିହା ରେ ଜନ୍ମ ଗ୍ରହଣ କରିଥିଲେ। ସ୍କୁଲ ଶିକ୍ଷା ତାଙ୍କର ମଦୁରାଇ ରେ ସମାପ୍ତ ହୋଇଥିଲା। ଆମେରିକାନ୍ କଲେଜ, ମଦୁରାଇ ରୁ ବିଏ ପାସ କରିଥିଲେ। ଇଣ୍ଡିଆନ୍ ଇଂନିଷ୍ଟି ଚ୍ୟୁଟ୍ ଅଫ ମେନେଜ୍ମେଣ୍ଟ ରୁ ଏମ ବି ଏ ଡିଗ୍ରୀ ହାସଲ କରିଥିଲେ।  ଇଉନାଇଟେଡ ଷ୍ଟେଟେସ୍ ଅଫ ଆମେରିକା ରୁ ପୋଷ୍ଟ ଗ୍ରାଜୁଏଟ୍ ସମାପ୍ତ କରିଥିଲେ। ସେ ଜଣେ ସଫଳ ଅର୍ଥନୈତିଜ୍ଞ। ଭାରତୀୟ ପ୍ରବନ୍ଧ ସଂସ୍ଥାନ ରୁ ଏମ ବି ଏ ସମାପ୍ତ କଲାପରେ ୧୯୮୫ ମସିହାରେ ସ୍ନାତୋକତର ଡିପ୍ଲୋମା ଡିଗ୍ରୀ ହାସଲ କଲେ। ୧୯୯୪ ମସିହା ରେ ଆମହସ୍ତ (aamhast)ସ୍ଥିତ ମାସାଚ୍ୟୁସେଟସ ବିଶ୍ୱ ବିଦ୍ୟାଳୟ ରୁ ଗବେଷଣା ଲବ୍ଧ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ୧୯୯୪ ମସିହା ରୁ ୨୦୦୪ ମସିହା ପର୍ଯ୍ୟନ୍ତ ନାଗେସ୍ୱରନ୍ ଇଉନିଅନ୍ ବେଙ୍କ ଅଫ ସ୍ୱିଜରଲେଣ୍ଡ (ଇଉ ବି ଏସ) ରେକାର୍ଯ୍ୟରତ ଥିଲେ। ୨୦୦୬ ମସିହା ରୁ ନାଗେସ୍ୱରନ୍ ସିଙ୍ଗାପୁର୍ ର ବେଙ୍କ ଅଫ ଜୁଲିଅସ୍ ବେୟର୍ ଏଣ୍ଡ କୋ ଲିମିଟେଡ଼ ରେ ଏସିଆ ମହଦେଶ ପାଇଁ  ଆର୍ଥିକ ଗବେଷଣା କ୍ଷେତ୍ର ରେ କାର୍ଯ୍ୟ କରି ଆସିଥିଲେ। ୨୦୦୯ ମସିହା ରୁ ୨୦୧୧ ମସିହା ପର୍ଯ୍ୟନ୍ତ ଉକ୍ତ ବେଙ୍କ ର ମୁଖ୍ୟ ନିବେ ଅଧିକାରି ଭାବେ କାର୍ଯ୍ୟ କରିଥିଲେ। ସେ ସିଙ୍ଗାପୁର ତଥା ଭାରତ ର ଅନେକ ବେଙ୍କ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଅର୍ଥନୈତିକ ଅନୁଷ୍ଠାନ ଓ ପ୍ରବନ୍ଧନ ସଂସ୍ଥା ରେ ପ୍ରମୁଖ ପଦ ପଦବୀ ରେ ରହି କୃତିତର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ଏହାରି ମଧ୍ୟରେ ସେ ଅର୍ଥନୀତି ସମ୍ବନ୍ଧିୟ ପୁସ୍ତକ ବି ରଚନା କରିଛନ୍ତି। ଭି.ଅନନ୍ତ ନାଗେସ୍ୱରନ୍ ଆଇ ଏଫ ଏମ ଆର ଗ୍ରଜୁଏଟ୍ ସ୍କୁଲ ଅଫ ବିଜିନେସ ରେ କୁଳପତି ଦାୟିତ୍ୱ ତୁଲାଇବା ସହ କେ ଆର ଇ ଏ ବିଶ୍ୱ ବିଦ୍ୟାଳୟ ରେ ଅର୍ଥଶାସ୍ତ୍ର ରେ ବରିଷ୍ଠ ଭିଜିଟିଙ୍ଗ୍ ପ୍ରଫେସର  ଭାବେ ରହି ଆସିଥିଲେ।

ISSN NO.
2582-208X

୨୦୧୯ ମସିହା ରୁ ୨୦୨୧ ମସିହା ପର୍ଯ୍ୟନ୍ତ ସେ ପ୍ରଧାନ ମନ୍ତ୍ରୀଙ୍କ କର୍ଯ୍ୟାଳୟ ର ଆର୍ଥିକ ପରାମର୍ଶଦାତା ପରିଷଦ ରେ ଜଣେ ସକ୍ରିୟ ସଦସ୍ୟ ଥିଲେ। ସେଇଠି ସେ ନିଜର କାର୍ଯ୍ୟ ସଠିକ ଓ ସୂଚାରୁରୂପେ ସମ୍ପାଦନ କରିଥିଲେ। ପାଠ ପଢିବା ପାଇଁ ସଦସ୍ୟତା ଛାଡି ବିଦେଶ ଗସ୍ତ କରି ଅଧ୍ୟୟନ ରେ ଲିପ୍ତ ରହିଲେ। ସେ ବିତ୍ତ ପରିଚାଳନା ଓ ପରାମର୍ଶ ପ୍ରଦାନ କ୍ଷେତ୍ର ରେ ତାଙ୍କର  ଢେର ଅଭିଜ୍ଞତା ରହିଛି। ବହୁ ବୈସୟିକ ସଂସ୍ଥା  ଓ ଆର୍ଥିକ ସଂସ୍ଥା ରେ ନାଗେସ୍ୱରନ୍ ଦକ୍ଷତାର ସହ ଆର୍ଥିକ ସୁଧାର ଆଣିଛନ୍ତି। କାର୍ଯ୍ୟ ଦକ୍ଷତା ଓ ସଫଳତା ପ୍ରାପ୍ତିର ପ୍ରମାଣ ରହିଛି। ୨୦୧୯ ମସିହା ରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପ୍ରେସ ଦ୍ୱାରା ତାଙ୍କର ସଦ୍ୟ ପୁସ୍ତକ "ଦ ରାଇଜ ଅଫ ଫାଇନେନ୍ସ – କଜେସ୍ ଏଣ୍ଡ କ୍ୟୁର" ପ୍ରକାଶିତ ହେବା ସାଙ୍ଗେ ସାଙ୍ଗେ ବେଶ ଲୋକାଦୃତ ହୋଇ ପାରିଛି। ସେ ଜଣେ ଉଚ୍ଚ କୋଟିର ଲେଖକ, ଦାର୍ଶନିକ, ସ୍ତମ୍ଭକାର, ଛାତ୍ରବତ୍ସଳ ଶିକ୍ଷକ, ଅର୍ଥନୈତିଜ୍ଞ ଏବଂ ସଫଳ ଆର୍ଥିକ ପରାମର୍ଶଦାତା। ଭି. ଅନନ୍ତ ନାଗେସ୍ୱରନ ଙ୍କର ଉଭୟ ଅଧ୍ୟାପନା, ଗବେଷଣା ଏବଂ ପ୍ରଶାସନିକ ସ୍ତରରେ ଭଲ ଅଭିଜ୍ଞତା ରହିଛି। ତାଙ୍କର ସଫଳ ସ୍ତମ୍ଭକାର ଭାବେ ବି ଭଲ ଅଭିଯ୍ନତା ରହିଚି। ମିଣ୍ଟ(mint)ପତ୍ରିକା ରେ ସମ୍ପାଦକିୟ ପୃଷ୍ଠା ର ସେ ଥିଲେ ଜଣେ ନିୟମିତ ସ୍ତମ୍ଭକାର। ଏପରି ଅନେକ ଇଂରାଜି, ତାମିଲ, ହିନ୍ଦୀ ପତ୍ରିକା ରେ ତାଙ୍କର ଆର୍ଟିକିଲ ମାନ ନିୟମିତ ବ୍ୟବଧାନ ରେ ବାହାରିଥାଏ। ଏଥିସହିତ ଏକୋନମିକ୍ସ ଅଫ ଡିରେଭେଟିବ୍ସ, କ୍ୟାନ୍ ଇଣ୍ଡିଆ ଗ୍ରୋ ଏଣ୍ଡ ଦ ରାଇଜ୍ ଅଫ ଫାଇନେନ୍ସ – କଜେସ୍ ଏଣ୍ଡ କ୍ୟୁର  ଆଦି ପୁସ୍ତକ ପାଇଁ ସେ ଅତ୍ୟନ୍ତ ଲୋକପ୍ରିୟ ହୋଇ ପାରିଛନ୍ତି। ଆଜି ସେ ଭାରତ ସରକାର ଙ୍କର ଅର୍ଥାତ ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କର ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭାବେ ଦାୟିତ୍ୱ ନେଇଛନ୍ତି। ଆଜିର ଏ ଘଡିସନ୍ଧି ମୁହୂର୍ତ୍ତ ରେ ଆର୍ଥିକ ସୁଧାର କିପରି ଅଣାଯାଇ ପାରିବ, ତାହା ଦେଖିବାର ବାକିରହିଲା। ଦେଶର ସମ୍ପ୍ରତି ଆୟ କ୍ଷେତ୍ର ରେ ଦେଖା ଦେଇଥିବା ଅସମନତା ଓ ବେକାରୀ ସମସ୍ୟା କିପରି ଦୂର କରାଯାଇ ପାରିବ, ଜି ଡି ପି କିପରି ବୃଦ୍ଧି ହେବ ଏସବୁ କ୍ଷେତ୍ର ରେ ଭି.ଅନନ୍ତ ନାଗେସ୍ୱରନ ଙ୍କ କଣ ପଦକ୍ଷେପ ତଥା ପରାମର୍ଶ ରହିବ, ତାହା ଦେଖିବାର ବାକି ରହିଲା। ଦେଶବାସି ବି ଆଶା ରଖିଛନ୍ତି ଯେ ଆଗାମୀ ବଜେଟ ରେ ସରକାର କିଛି ସୁ-ଚିନ୍ତିତ ପଦକ୍ଷେପ ନେବେ।

ନବରଙ୍ଗପୁର

ISSN NO.
2582-208X

# ସମ୍ପର୍କ



ଅଧ୍ୟାପକ ଅବିନାଶ ବାରିକ୍

ସମ୍ପର୍କ ସଂସ୍କାରର ମୂଳ ବିଧାନ
ସଂସ୍କାରୀ ହୁଅ ସାଧବ।
ସାଧବେ ମାଧବେ କର ହେ ସମ୍ପର୍କ
ଭବୁ ସୁଖେ ତରିଯିବ ।।୧
ପରମ ସାଥେ ସମ୍ପର୍କ ଜୀବ କଲେ
ନର ଜନ୍ମ ଧନ୍ୟ ହେବ।
ସମ୍ପର୍କର ମୂଳ ପ୍ରଭୁ ଆଦିମୂଳ
ସୁଧି ରଚ ତାରେ ଭାବ ।।୨
ସମ୍ପର୍କ ବିହୀନ ହୋଇଲେ ଜୀବନ
ତହିଁ ନାହିଁ କିଛି ଲାଭ।
ଭାବ ସାଗରକୁ ନାବ ବାସୁଦେବ
ରମାଧବ ସୁମାଧବ ।।୩
ବାସ ଚନ୍ଦନରେ ବେଶ ହୁଏ ନିତି
ଭାବ ହେତୁ ବାସୁଦେବ।
ବୃନ୍ଦାବତୀ ଧବ ବୋଲନ୍ତି ଜଗତ
ତା ସମ୍ପର୍କ କେ ଭାଙ୍ଗିବ ?।।୪
ସେ ତୁଳସୀ ଧବ ପୁଣି ରାଧା ଧବ
ସକଳ ଦେବଙ୍କ ଦେବ।
ବହନ ସମ୍ପର୍କ ସ୍ଥାପିଣ ସୁଜନ
ଭବ ସିନ୍ଧୁ ତରି ଯିବ ।।୫

ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ତପସ୍ୟା



ନଲେଶ କୁମାର ଭୋଇ

ତପସ୍ୟା ବଳେ ନାନା ମୁନି ଋଷି ଗଣ,
ଜ୍ଞାନ, ଗାରିମାରେ ହୋଇଥିଲେ ନିପୁଣ ।

ତପସ୍ୟା ର କଠିନ ତପ  ଜପ ବଳେ,
ଦସ୍ୟୁ ରତ୍ନାକର ବାଲ୍ମୀକି ଯେ ହେଲେ ।

ସମାଜ ପାଇଁ ମାନବିକତା ଶିକ୍ଷା ଗଲେ ଦେଇ,
ଋଷି ବାଲ୍ମୀକି ନାମେ ଚାରି ଯୁଗେ ନାମ ବୋହି ।

ପିତୃ, ଭାତୃ, ଗୁରୁ ଭକତି ଧର୍ମପରାୟଣ,
ରଚନା କଲେ ସାତ କାଣ୍ଡ ରାମାୟଣ ।

ତପସ୍ୟା ଫଳେ ଲଙ୍କପତି ରାଜା ରାବଣ,
ତ୍ରିପୁର ବିଜୟେ ସୀତା ହରଣେ ଗଲା ଜୀବନ ।

ତପାସ୍ୟ କରି ଭସ୍ମାସୁର ଲଭିଥିଲା ଅମର ବର,
ଶିବ ମସ୍ତକେ ବର ନିରେକ୍ଷୀ ତପସ୍ୟା ତା ଛାର ।

ISSN NO.
2582-208X

ଭାଗିରଥିର ତପ ଜପ ତପସ୍ୟା  ବଳେ,
ସ୍ୱର୍ଗରୁ  ଆସିଲେ ଗଙ୍ଗା ଏ ମହୀ ତଳେ ।

ଅସ୍ଥି ବିସର୍ଜନ ବୁଡ଼ ପକାଇ ଗଙ୍ଗା ଜଳେ,
ପବିତ୍ର କରନ୍ତି ସ୍ନାନ ଜଳ ଛିଞ୍ଚି ସକଳେ ।

ସାଧନା ତପାସ୍ୟ ଫଳେ ବୈଜ୍ଞାନିକ ଗଣ,
ଉଦ୍ଭାବନ କରନ୍ତି  ନାନା ଯନ୍ତ୍ରପାତି ମାନ ।

ଘୋର ତପସ୍ୟା ଅଧ୍ୟୟନେ ସଭିଏଁ ବିଦ୍ୟାର୍ଥୀ,
କଲମ ଅସ୍ତ୍ର ଧରି ସକଳ ପରୀକ୍ଷା ରେ  ଉନ୍ନତି ।

ତପସ୍ୟା, ସାଧନା ବିନା ଦିଶେ ନାହିଁ ମୁକତି ପଥ,
ତପସ୍ୟା ସାଧନା ଫଳେ   ଜୀବନ ହୁଏ ସାର୍ଥକ ।

ବଲାଙ୍ଗୀର

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

### ୨୩. ଅଭିଯୋଗ

ଆସ୍ତିକମାନଙ୍କର ଧାର୍ମିକ ଭାବନା ଆହତ ହେଲେ, ସେମାନେ ଈଶ୍ୱରଙ୍କ ଧର୍ମ ଦରବାରରେ, ନାସ୍ତିକମାନଙ୍କ ବିରୋଧରେ ଅଭିଯୋଗ ନକରି, ମଣିଷ ତିଆରି ପୋଲିସ ଥାନାକୁ ଯାଆନ୍ତି । ସେଥିପାଇଁ ପ୍ରଶ୍ନ ଉଠୁଛି - ସେମାନଙ୍କର କଣ ଭଗବାନଙ୍କ ନ୍ୟାୟ ବ୍ୟବସ୍ଥା ଉପରେ ଭରସା ନାହିଁ ନା ସେମାନେ ଭଲ କରି ଜାଣନ୍ତି ଯେ ଭଗବାନ, ନାସ୍ତିକ ମାନଙ୍କୁ କିଛି ଦଣ୍ଡ ଦେଇପାରିବେ ନାହିଁ? ସେମାନେ କଣ ଧର୍ମଗ୍ରନ୍ଥ ଗୁଡିକ ଭାରତୀୟ ସମ୍ବିଧାନ ଅପେକ୍ଷା କମ ଶକ୍ତିଶାଳୀ ବୋଲି ଭାବୁଛନ୍ତି? ସେମାନେ କଣ ଜାଣନ୍ତି ଯେ ଧର୍ମଗୁରୁଙ୍କ ଅପେକ୍ଷା ପୋଲିସମାନେ ବେଶୀ ଶକ୍ତିଶାଳୀ?

### ୨୫. ଅପରାଧ ବୋଧରୁ ମୁକ୍ତ

ଯେଉଁମାନେ ଦିନସାରା ସତ-ମିଛ କହି ଅନେକ ପ୍ରକାର ଅନୈତିକ କାମ କରି, ଧନ ସଂଗ୍ରହ କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ମନରେ ଅପରାଧବୋଧ ଅନୁଭବ କରୁଛନ୍ତି ।

କାରଣ ସନ୍ଧ୍ୟାରେ ଘରକୁ ଫେରିଲେ ସ୍ନାନ କରି ଗେରୁଆ ବସ୍ତ୍ର ପିନ୍ଧି ସିଧା ଧର୍ମାଳୟକୁ ଯାନ୍ତି କିମ୍ବା ନିଜ ଘରେ ଥିବା ପୂଜା ସ୍ଥଳରେ ବସନ୍ତି । ଠାକୁରଙ୍କ ଆଗରେ ଧୂପ ଦୀପ ଜାଳି ଆଜିର କୁକର୍ମ ପାଇଁ ହାତଯୋଡି କ୍ଷମା ପ୍ରାର୍ଥନା କରନ୍ତି । ଠାକୁର ତାଙ୍କୁ କ୍ଷମା କରନ୍ତି କି ନାହିଁ ସେଥିପ୍ରତି ତାଙ୍କର ଚିନ୍ତା ନଥାଏ । ସେ କିନ୍ତୁ ଚିର ନିଶ୍ଚିତ ହୋଇ ଯାଉଛନ୍ତି ଯେ

ISSN NO.
2582-208X

ଠାକୁର ତାଙ୍କୁ କ୍ଷମା କରିଦେଲେ । ସେଥିପାଇଁ ପୁଣିଥରେ ଆସନ୍ତା କାଲି ସେହିଭଳି ଦୁଷ୍କର୍ମ କରିବାକୁ ସାହସ ପାଇଯାନ୍ତି ।

ସେ ଯଦି ଏତିକି ଜାଣିଥାନ୍ତା ଯେ ସତରେ ଭଗବାନଙ୍କର କୌଣସି ଅସ୍ତିତ୍ୱ ନାହିଁ କିମ୍ବା ତାଙ୍କର କୃତକର୍ମ ପାଇଁ କେହି କ୍ଷମା କରିବା ଭଳି ଶକ୍ତି ନାହିଁ, ତେବେ ସେ ଭ୍ରଷ୍ଟାଚାର କରିବାକୁ ସାହାସ କରନ୍ତା ନାହିଁ । ହୁଏତ ସେ ନିଜର କୃତ ଦୁଷ୍କର୍ମ ପାଇଁ ମନରେ ଗ୍ଲାନି ଅନୁଭବ କରନ୍ତା ଓ ଭ୍ରଷ୍ଟାଚାର ମୁକ୍ତ ଜୀବନ ଅତିବାହିତ କରନ୍ତା ।

## ୨୬. ଆରେଞ୍ଜଡ୍ ବିବାହ

ଭାରତୀୟ ସମାଜରେ ବର ଓ ବଧୁଙ୍କ ଆରେଞ୍ଜଡ ବିବାହର ବହୁତ ପ୍ରଚଳନ ଅଛି । ସେଥିପାଇଁ କେତେକ ଜାଗାରେ (ବର୍ଷା ହେବାପାଇଁ) ଦୁଇଟି ବେଙ୍ଗ ବେଙ୍ଗୁଲିକୁ ମଧ୍ୟ ମଣିଷମାନେ ଆରେଞ୍ଜ କରି ଭାରତୀୟ ପରମ୍ପରାରେ ବିବାହ କରି ଦେଉଛନ୍ତି । ତା ପରର ଖବର କାହାରି ପାଖରେ ନଥାଏ । ବେଙ୍ଗ ବେଙ୍ଗୁଲି ଏକତ୍ର ରହୁଛନ୍ତି କି ନାହିଁ କେହି ଜାଣନ୍ତି ନାହିଁ ।

ଗତ ବର୍ଷ ଗୁଜୁରାଟରେ ଏତେ ବର୍ଷା ହେଲା ଯେ ବିବାହ କରିଥିବା ବେଙ୍ଗବେଙ୍ଗୁଲିଙ୍କ ଛାଡପତ୍ର କରେଇବାକୁ ଖୋଜା ପଡିଗଲା । ବେଙ୍ଗ ବେଙ୍ଗୁଲି ମିଳିଲେ ନାହିଁ । ସବୁଆଡେ ବନ୍ୟା ହୋଇଗଲା । ପଣ୍ଡିତେ କହିଲେ – ଆସନ୍ତା ଥର ବିବାହ କରିଥିବା ବେଙ୍ଗ ବେଙ୍ଗୁଲୀଙ୍କୁ ଆଉ ଖୋଲା ଛାଡି ଦିଆଯିବ ନାହିଁ । ଗୋଟିଏ ଜାଗାରେ ରଖିଲେ, ଦରକାର ବେଳେ କାମରେ ଆସିବେ । ହାଃ ହାଃ...

## ୨୭. ଆଧାତ୍ମିକ ଧର୍ମ (?)

ଆଧ୍ୟାତ୍ମିକ ଧର୍ମ ଏକ ବ୍ୟକ୍ତିଗତ ବିଷୟ ବୋଲି କୁହାଯାଏ । କିନ୍ତୁ ତାହା ସତ ନୁହେଁ । କାରଣ ଆଧ୍ୟାତ୍ମିକ ଧର୍ମ ବ୍ୟକ୍ତିଗତ ଭାବେ କାହାରି ପସନ୍ଦର୍ ଖାଦ୍ୟ, ପାନୀୟ, ବସ୍ତ୍ର, ରଙ୍ଗ

ISSN NO.
2582-208X

ବା ରଚି ନୁହେଁ । ମଣିଷକୁ ତାହାର ଜନ୍ମଗତ ଧାର୍ମିକ ପରିବାର ଆଧାରରେ ଖାଦ୍ୟ ପାନୀୟ, ବସ୍ତ୍ର, ରଙ୍ଗ ଓ ରଚି ଗ୍ରହଣ କରିବାକୁ ବାଧ୍ୟ କରାଯାଏ ।

ପ୍ରକୃତରେ ଏହା ଏକ ପ୍ରକାର ରାଜନୀତି ଅଟେ । ଆଧ୍ୟାତ୍ମବାଦୀ ସମାଜ ଉପରେ ଏହାର କୁପ୍ରଭାବ ବହୁତ ବେଶୀ ପଡିଥାଏ । ଏହା କାଳ୍ପନିକ ସ୍ୱର୍ଗ, ମୋକ୍ଷ, ପୁର୍ନଜନ୍ମ ପ୍ରାପ୍ତିର ମୋହଜାଲରେ ସାମୁହିକ ଭାବେ ବାନ୍ଧି ରଖିବାର ଏକ ସୁପରିକଳ୍ପିତ ଭ୍ରମଜାଲ । ଏହା ହେଉଛି – "ପ୍ରତ୍ୟେକ ଦେଶର ଶାସକମାନଙ୍କର ଏକ ରାଜନୈତିକ ଶକ୍ତି ।" ଏହା ମଣିଷର ସମ୍ବେଦନଶୀଳତା ଏବଂ ସ୍ୱାଧୀନ ଚିନ୍ତନକୁ ନଷ୍ଟ କରିଦିଏ । ଏହା ଭିତ୍ତିହୀନ ବିଶ୍ୱାସ ଓ ଅହେତୁକ ଭୟ ସହିତ ବାନ୍ଧି ରଖିବାର ଏକ ସହଜ ସାଧନ । ସମସ୍ତ ଧର୍ମ ମାନବବାଦର ସନ୍ଦେଶ ଦେଉଥିଲେ ମଧ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ଆଧ୍ୟାତ୍ମିକତା ଉପରେ ତର୍କ କରିବା କିମ୍ବା ପ୍ରଶ୍ନ କରିବାକୁ ସ୍ପଷ୍ଟଭାବେ ମନା କରୁଥିବାରୁ, ଆଦିମ କାଳରୁ ଆଧ୍ୟାତ୍ମିକ ଧର୍ମ ବିବାଦିତ ଓ ସନ୍ଦେହର ଘେରରେ ରହିଛି । ସର୍ବ ସମ୍ମତ ହୋଇପାରୁନାହିଁ ।

କ୍ରମଶଃ.....

Mob:9482016260

ISSN NO.
2582-208X

# ମୋ ପ୍ରିୟା



ଅମୀୟ କୁମାର ରଥଶର୍ମା

ଅଭିମାନି ପ୍ରିୟା ମୋର ଏମିତି ହସେ

ଯେମିତିକା ମେଘ ଲୁଚେ ବାଦଲ ସାଥେ

ତାର ଅଭିମାନ ତାର ସ୍ୱାଭିମାନ

ତା ଲାଜୁଆ ହସ  ତା ରୂପସୀ ବେଶ

ସପନର ପରୀ ଭଳି ଲାଗେସେ ମୋତେ ।

ଧାରା ଶ୍ରାବଣର ବର୍ଷା ପରି ତାର ମନ

ସେ ମନରେ ଥାଏ କେତେ ସତ କେତେଯେ ସପନ

ନେଇସେ ପହିଲି ସୁରୁଜ କିରଣ

ସେ କିରଣେ ଧୋଇ ଦିଏ ତାର ତନୁମନ

ତାର ରୂପ ରଙ୍ଗ ତାର ରଙ୍ଗ ଢଙ୍ଗ

ତାର ନାଲି ଓଠ ତାର ରାଣୀ ଥାଟ

ସେସବୁ ଦେଖି ମୁଁ ଯେ ମୁରୁକି ହସେ ।

ISSN NO.
2582-208X

ଶରତ ଋତୁର ପୁନେଇଁ ରାତିର ଜହ୍ନ

ସେ ଜହ୍ନରେ ନଥାଏ ଦାଗ ଆଉ ବା ମଳିନ

ସେ ଜହ୍ନକୁ ଦେଖି ମୋ ପ୍ରିୟାର କଟେ ଦିନ

ଆସିଲେ ବି ଆସୁ ଯେତେ ଝଡ ଝଞ୍ଜା ଆଉ ପବନ

ତାର ମନ ଯମା ଟପେ ନାହିଁ ସୀମା

ଦୁଃଖ ସୁଖ ସହେ ତାର ନିରୀହ ମନ

ପୁନେଇଁ ରାତିର ଚାନ୍ଦ ଟିଏ ସିଏ

ସେ ଚାନ୍ଦ ସାଥୀରେ ଦିନେ ହେବ ମିଳନ ।।

ତଗ୍‌ବୋଇ, ଜଟଣୀ
ଖୋର୍ଦ୍ଧା / 9437363878

ISSN NO.
2582-208X

# ପ୍ରେମ ଆଉ ଉପହାର



ସୂର୍ଯ୍ୟ ନାରାୟଣ ସାହୁ

ପ୍ରେମ ଏମିତି ଜିନିଷ ନୁହେଁ ଯେ ତାକୁ କେବେ ଟଙ୍କାରେ ସଉଦା କରାଯାଇ ପାରିବ, ଏବଂ ଖାଲି ଉପହାର ଦେଇ ଦେଲେ ପ୍ରେମ ହୁଏନି। ପ୍ରେମ କୁ ବଂଚାଇ ରଖିବାକୁ ହେଲେ ତାକୁ ହୃଦୟଙ୍ଗମ କରିବାକୁ ହୁଏ, କେତେ ଅସୁବିଧା ଆସିଲେ ବି ତାକୁ ସାହସ ଓ ଧର୍ଯ୍ୟ ର ସହ ସମ୍ମୁଖୀନ ହେବାକୁ ପଡେ ଏବଂ ବିପଦ-ଆପଦ ସମୟ ରେ ନିଜ ସାଥି ର ହାତ ନଛାଡି ଆଗକୁ ବଢିବାକୁ ହୁଏ । ତାହା ଏଇ କାହାଣୀ ରୁ ପ୍ରସ୍ଫୁଟିତ ।

ବ୍ରହ୍ମପୁର ବଡବଜାର ରେ ବୁଲୁ ବୁଲୁ କିଛି ମାର୍କେଟିଙ୍ଗ କରିବି ବୋଲି ଭାବିଲି । କିଛି ସୋ -ରୁମ କୁ ଯାଇ ବୁଲାବୁଲି କରିଲି । ମୋ ପକେଟ ରେ ମାତ୍ର 200 ଟଙ୍କା ଥିଲା, ହେଲେ ଯେଉଁ ଜିନିଷ ଦେଖୁଥାଏ ତାହା ମୋ ଟଙ୍କା ଠୁ ଅଧିକ ଦାମିକା ହେଇ ଯାଉଥିଲା, ସେଥିପାଇଁ କିଣିବା ପାଇଁ ମନବଳୁ ନଥାଏ । ବହୁତ ଇଛା ଥିଲା କିଛି ବି ଗୋଟେ ଜିନିଷ ନିଶ୍ଚୟ କିଣିବି ହେଲେ ପଇସା ନଥିଲା ବୋଲି ମନ ଦୁଃଖ ରେ ଫେରି ଆସି ଯାଉଥିଲି । ପୁଣି ଗୋଟେ ଶୋ ରୁମ ଯାଉଥିଲି କିନ୍ତୁ ସେଠି ବି ସେଇ ମାହାଙ୍ଗା ଯୋଗୁଁ ଫେରି ଆସୁଥିଲି । କଷ୍ଟ ହେଲା ଜିନିଷ ଗୋଟେ କିଣିବା ପାଇଁ କେତେ କୁଆଡେ ବୁଲିବି ଯାଉଛି ରୁମ କୁ ଫେରିଯିବି । ଭାବିଥିଲି ମୋ ପାଇଁ ନହେଲେ ନାଇଁ କିନ୍ତୁ; ତାଙ୍କ ପାଇଁ କିଛି ଗୋଟେ ଜିନିଷ ନିଶ୍ଚୟ ନେବି । ମୋ ଭାବନା ଭାବନା ରେ ହିଁ ରହି ଗଲା ।

ମାର୍କେଟ ଭିତରେ ଯାଉ ଯାଉ ଦେଖିଲି, ଏକ ପୂର୍ଣ୍ଣ ପ୍ରାପ୍ତ ବୟସ୍କ ବୃଦ୍ଧା ବୟସ ସତୁରି ହବ । ମୁହଁ ର ଚମ ଦୁଇଁ ହୋଇଗଲାଣି, ବାଳ ସବୁ ଧୋବ ଫର ଫର, ଦାନ୍ତ କେତେଟା ଭାଙ୍ଗି ଗଲାଣି ଆଖି ର ଡୋଳା ନୀଳ ପଡ଼ିଗଲାଣି ॥ ହାତରେ ପିନ୍ଧିଚି ସେ କାଳ ର ଦୁଇଟି ପିତଳ ଖଡୁ, ଏବଂ ନାକରେ ନାକ ଦଣ୍ଡି ଟି । କିଛି ଡାଳିମ୍ବ ଏକ ଝୁଡି ରେ ରଖି ବିକ୍ରି କରୁଥିଲା

ISSN NO.
2582-208X

ବୁଢ଼ୀ ଟି । ସେଇ ବାଟ ଦେଇ ଗଲା ବେଳେ ବୁଢ଼ୀ କହିଲା ଏଇ ବାବୁ ଡାଳିମ୍ବ ନିଅ ବାବୁ । ଭଲ ଡାଳିମ୍ବ, ହେଲେ ଏଇ ଗହଳି ଭିତରେ ବୁଢ଼ୀ କଥା କିଏ ଶୁଣୁ ନଥିଲେ । ମୁଁ ବୁଢ଼ୀର କଥା ଶୁଣି ପାରୁଥିଲି ହେଲେ ମୋ ପାଖରେ ପଇସା ଅଭାବ ରୁ ମୋ ମନ ଟିକେ ଭଲ ନଥିଲା, ମୁଁ ସେଠୁ ଫେରି ଆସିଥିଲି ପ୍ରାୟ 1 କିମି ହବ । କାଇଁ କେଜାଣି ବୁଢ଼ୀ ର ବିକଳ ମୁହଁ ଏବଂ ତା କ୍ରନ୍ଦନ ସ୍ୱର ମୋ ସାଇକେଲ ର ଗତି ପଥ କୁ ଅବରୋଧ କଲା । ମୁଁ ପୁଣି ଫେରିଲି ସେଇ ଜାଗାକୁ ଦେଖିଲି ବୁଢ଼ୀ ଉଦୁଉଦିଆ ଖରା ଟା ରେ ଗୋଟେ ଛତା ଟାଙ୍ଗୀ ବସିଛି । ଦେହରୁ ଗମ ଗମ ଝାଳ ବାହାରୁଚି । ବୁଢ଼ୀ ଝାଳ ରେ ପୁରା ଭିଜିଗଲାଣି, ଏବଂ ତା ମୁହଁ ଟା ଖରା ରେ ଲାଲ ପଡି ସୁଖୀ ଯାଇଛି, ଆଖିର ଜ୍ୟୋତି ଚାଲିଯାଇଛି । ଦିପହର ହେଲାଣି କେଜାଣି ସକାଳୁ କିଛି ଖାଇଥିବ କି ନାଇଁ? ହେଲେ କିନ୍ତୁ ସେ ସେହି ଜାଗାରେ ରେ ହିଁ ବସି ଡାଳିମ୍ବ ବିକୁଥିଲା ଏବଂ କହୁଥିଲା ଏଇ ବାବୁ ଡାଳିମ୍ବ ନିଅ ବାବୁ, ଭଲ ଡାଳିମ୍ବ ।

ମୁଁ ସାଇକେଲ ଟିକୁ ସାଇଟ ରେ ରଖି ବୁଢ଼ୀ କୁ ପଚାରିଲି -ଏ ମା ଡାଳିମ୍ବ କେତେ ? ମୋ ପ୍ରଶ୍ନ ଶୁଣି ବୁଢୀ ଟିକେ ଆତ୍ମ ସନ୍ତୋଷ ଆଖିରେ ଚାହିଁଲା ଏବଂ ସେଠି ମୁଁ ଡାଳିମ୍ବ ଟି ଧରି ଯେମିତି ଟିକେ ବସି ପଡିଛି ବୁଢୀର ମୁହଁ ଟିକେ ଉଜ୍ଜ୍ୱଳ ଦେଖାଗଲା । ତା ମୁହଁ ସନ୍ତୋଷ ଜନକ ଦେଖାଗଲା । ମୁହଁ ରେ ଏତେ ଝାଳ ଥିଲା ଯେ ତାହା ଝାଳ କି ଆଖିର ଲୁହ ଜାଣି ହଉନଥିଲା ପାକୁଆ ପାଟିର ଦାନ୍ତ ଦୁଇଟା ଦେଖାଇ କହିଲା ଭଲ ଡାଳିମ୍ବ ପୁଅ । ମୁଁ ପଚାରିଲି କେତେ କହୁନୁ ଆଗ ? ବୁଢ଼ୀ କହିଲା କିଲୋ 70 ଟଙ୍କା । ମୁଁ କହିଲି କିଲେ ନାଇଁ ଲୋ ମା, ମୋ ପାଖରେ ପଇସା ନାଇଁ ତେଣୁ 50 ଟଙ୍କା ର ଦେ । ହଁ ଶୁଣୁ ମତେ ବାଛି ଆସିବନି ସେଥିପାଇଁ ତୁ ହିଁ ବାଛି ଦେ । ତା ପାଖରେ ଗୋଟେ ଛୋଟ ଛୁଆ ବି ଥିଲା । ତାର ବୟସ 7/8 ବରସ ର ହବ, ବୋଧେ ବୁଢ଼ୀ ର ନାତି ହେଇଥିବ ମୁଁ ଭାବିଲି । ବୁଢ଼ୀ ଗୋଟିଏ ପଟେ 700 ଗ୍ରାମ ବଟକରା ପକାଇ ଅନ୍ୟ ପଟେ ଡାଳିମ୍ବ ପକାଇ ନିକିତି ଟା କୁ ଧରି ଟେକିଲା । ବୁଢୀର ହାତର ବଳ ନଥିବା ଯୋଗୁଁ ହାତ ଟା ଥର ଥର ହେଲା । ବୁଢ଼ୀ ତଥାପି ନିଜ ବଳ ପ୍ରୟୋଗ କରି ସଫଳ ହେଲା । ଗୋଟେ ପଲିଥିନ ଜରିରେ ବାନ୍ଧି ଦେଲା । ମୁଁ ତା ହାତକୁ 50 ଟଙ୍କିଆ ନୋଟ ଟି କୁ ବଢ଼େଇ ଦେଲି। ନୋଟ କୁ ଦେଖି ଖୁସିରେ ବୁଢୀର ଆଖି ଛଳ ଛଳ ହୋଇଗଲା । ସେ ତା ନାତି ଟୋକା କୁ କହୁଥିଲା ସେ ଏବଂ ତା ବୁଢା ସକାଳ ପହରୁ କିଛି ଖାଇ ନାହାନ୍ତି । ତା ପାଖରେ ବି ପଇସା ନଥିଲା ବୋଲି

ISSN NO.
2582-208X

ସେ ବୁଢା ପାଇଁ କିଛି ଖାଇବା କିଣି ପାରୁନଥିଲା । ବୁଢା ର ତେଣେ ନଖାଇ ଝାଡା ଧରିସାରିଲାଣି ବୋଲି ତା ନାତି ଟୋକା ବୁଢ଼ୀ କୁ କହୁଥିଲା । ଏଇ କଥା ସବୁ ମୁଁ ଦୂରରେ ରହି ଶୁଣୁଥିଲି । ବୁଢ଼ୀ ତରତର ରେ ପଇସା ଟାକୁ କାନିରେ ଗଣ୍ଠି ପକେଇ ଦେଲା, ଏବଂ ଧଡ଼ପଡ଼ ହୋଇ ଠିଆ ହେଇ ପଡିଲା । ସେ ଭଲ ରେ ଠିଆ ହୋଇ ପାରୁ ନଥିଲା ତଥାପି ତାର ବୁଢା ପ୍ରତି ଏତେ ଦରଦ ଦେଖି ମତେ ଆଶ୍ଚର୍ଯ୍ୟ ଲାଗିଲା । ତା ନାତି ଟୋକା କୁ ଜଗିବାକୁ କହି ଦେଇ, ହାତରେ ବାଡ଼ି ଟି ଧରି ଅଣ୍ଟା ନଇଁ ନଇଁ ଚାଲିଲା ଘର ଅଭିମୁଖେ ।

ସତରେ ଟଙ୍କା ନଥିଲେ କଣ ହେଲା ଏଇ ଅବସ୍ଥା ରେ ବି ବୁଢ଼ୀ ର ବୁଢା ପ୍ରତି ଭଲପାଇବା ପ୍ରସ୍ଫୁଟିତ ହୋଇ ଉଠିଛି । ଖାଲି ଟଙ୍କା, ପଇସା, ଧନ-ସମ୍ପତି ଉପହାର ଦେବା ଲୋକ ଯେ ପ୍ରେମ କରିବ ତାହା ଭୁଲ । ପ୍ରକୃତ ପ୍ରେମ ତ ସେଇୟା ଯାହା ଜଣେ ଅସୁବିଧା ରେ ପଡିଲେ ଆର ଜଣକୁ କଷ୍ଟ ହେଉଥାଏ ।

ଗ୍ରାମ -ଝାଡ଼ାଭୂମି, ଜଗନ୍ନଥପ୍ରସାଦ,
ଜିଲ୍ଲା -ଗଞ୍ଜାମ
Mob -8144128554

ISSN NO.
2582-208X

# ଉଠ ମଣିମା



ସୁଭାଷ ଚନ୍ଦ୍ର ଭୂତିଆ

ନବୀନ ପ୍ରଭାତ ଦେଖ
ଉଇଁଅଛି ରବି ହୋଇଣ ପ୍ରୀତ
ହେ ଜଗତ ନାଥ
ପକ୍ଷୀ କାକଳୀରୁ ଶୁଭେ ଡାକ ।
ଶୀତଳ ବାୟୁ ବହଇ
ଆନନ୍ଦିତେ ବତ୍ସା ରଡି ଛଡାଇ
ହେ ଜଗତ ନାଥ
ଦୁଗ୍ଧ ପାନରେ ରଖିଣ ମତି ।
ସଜ ତୁଲଶୀ ର ମାଳ
କର୍ପୁର ଚନ୍ଦନ ହୋଇଛି ଗୋଳ
ହେ ଜଗତ ନାଥ
ଲାଗି ହେବାପାଇଁ ହେଲା ବେଳ ।
କୁସୁମ ସୁବାସ ଜଳ
କଳା ଚାନ୍ଦ ମୁଖ ହେବ ଶୀତଳ
ହେ ଜଗତ ନାଥ
ନିଦ୍ରା ତେଜିଣ ଉଠ ସଅଳ ।

ISSN NO.
2582-208X

ବିଳମ୍ବ କରନା ଆଉ
ଅଳସୁଆ ପଣ ସେତିକି ଥାଉ
ହେ ଜଗତ ନାଥ
ଭକ୍ତ ଉପରେ ସାଧୁଛୁ ଦାଉ ।
ଆସହେ କମଳା କାନ୍ତ
ଦର୍ଶନେ କରିବୁ ମନକୁ ଶାନ୍ତ
ହେ ଜଗତ ନାଥ
ଭାବ ବ୍ୟାକୁଳତା ହେବ କ୍ଷାନ୍ତ ।
ପହଡୁ ଉଠିଣ ଦେଖ
କେମିତି ଚାହିଁଛି ସାରା ମୁଲକ
ହେ ଜଗତ ନାଥ
କୃପା କଟାକ୍ଷେ ରହିଛି ଲକ୍ଷ ।

ଡିହଡୋଳ, ପରଜଙ୍ଗ, ଢେଙ୍କାନାଳ

ISSN NO.
2582-208X

# ମାଆ


ସୌରଭ ଜାଲ

ଅମୃତ ଗର୍ଭେ ପରାଣ ଦେଲୁ ଗୋ
ନରମ ପିଣ୍ଡ ଥିଲି ମୁଁ
ରକତ ମାଂସ ରେ ସଜେଇ ଦେଲୁ
ଅଣୁ କଣିକା ଥିଲି ମୁଁ........।।

ଜନମ ଦେଲୁ ବେଦନା ସହି ତୁ
ଦେଖିଲି କ୍ଷିତି ନୟନେ
ନୟନ ବି ତୋର ଅବଦାନ ତ
ଜ୍ଞାତ ହେଲି ଆଜି ମନେ........।।

ମାଆ ତୋର ନିସ୍ୱାର୍ଥ ପ୍ରେମ ମନ
ଅଦ୍ଭୁତ ଚିତ୍ର ଆଙ୍କିଲା
ବଳିଦାନ ତ୍ୟାଗ ସେ ସତ୍ୟ ଗୁଣ
ଅନ୍ତରେ କକ୍ଷ ଗଢିଲା...........।।

କେମିତି ଭୁଲିବି ତୋ ଗୁଣ ଶିକ୍ଷା
ଜୀବନେ ଆଜି ବାସୁଛି
ଅଲିଭା ଅତୁଟ ଏ ଚୀର ସ୍ଥାୟୀ
ପ୍ରେମ ଦୀପାଳି ଜଳୁଛି...........।।

ISSN NO.
2582-208X

ଆଶୀର୍ବାଦେ ଆଜି ବୟସ୍କ ହେଲି
ସବଳ ହେଲା ଅନ୍ତର
ତୋ ପ୍ରେମ ଫୁଲ ଚହଟି ଗଲା ଯେ
ବ୍ୟାପିଲା ତାର କହଁର.......... ।।

ବେଦନା କ୍ଲେଶ କାଳେ ଥିଲୁ ଅଛୁ
ମମ ହସ୍ତ କୁ ଆବୋରି
ତୁହି ଗୋ ମାଆ ମୋ ଅନ୍ତର ବନ୍ଧୁ
ଅସରା ପ୍ରେମ ମୋହରି........ ।।

ମାତୃପ୍ରେମେ ଆଜି ଡୁବିତ ହେଲି
ନବ କିରଣେ ଜନମ
ଭକତି ପ୍ରେମ କୁସୁମ ଅର୍ପୁଛି
ସାର୍ଥକ ହେଉ ଜୀବନ......... ।।

ଚୂଡ଼ାପାଲି ବଲ୍ଙ୍ଗୀର ଓଡିଶା
7326016921

ଅପ୍ରେଲ - ୨୦୨୨
www.vedantimagazine.com
ISSN NO.
2582-208X

# ସଂପର୍କ



ସତ୍ୟରଞ୍ଜନ ଘିଓ୍ୱାଲ୍

ଅସ୍ତିତ୍ୱ ର ନଜିର ରହେନା ଯେବେ
ଥାଏ ତାହା ଅତି ନିକଟତର,,
ଭାରି ବିଚଳିତ ଭରା ମନେପଡେ
ଯେବେ ତାହା ବଢିଯାଏ କିଛି ଦୂର......
ମୂଲ୍ୟ ବୁଝିହୁଏନା ସେହି
ଅମୂଲ୍ୟ ମୁହୂର୍ତ୍ତର,,
ଯେବେ ଯାଏଁ ସମୟ ନ କରିଛି
ସ୍ମୃତି ଗୁଡ଼ିକର ଯେ ପରିହାର......
ନିର୍ଜନତାରେ ଦୃଶ୍ୟମାନ ହୁଏ
ସେହି ଅଲିଭା ଦିନମାନ ,,
ଇଚ୍ଛା ହୁଏ ସେହି ସମୟକୁ
ଫେରାଇଆଣି କରିବାକୁ ଥରେ ଆଲିଙ୍ଗନ......
ପୋଛି ଦେଇ ପାରିଲେ
ନିଜ ମନୁ ସବୁ ଅହଙ୍କାର,,
ପୁଣି ଥରେ ଫେରି ପାଇବା ସେହି
ସମ୍ପର୍କ ଯାହା ଲାଗେ ଅତି ଆପଣାର......।

ରାଷ୍ଟ୍ରପତି ପୁରସ୍କୃତ ସ୍କାଉଟ
ଗୋବିନ୍ଦପୁର, ଢେଙ୍କାନାଳ
ଦୁରଭାଷ ~9348908257

ISSN NO.
2582-208X

# ରଖେ ହରି ତ ମାରେ କିଏ



ସନ୍ତୋଷ କୁମାର ବେହେରା

ସେ ଦିନର କଥା ମନେ ପଡିଲେ ଏବେ ବି ଦେହ ଶୀତେଇ ଉଠେ । ଜୁନ୍ ମାସ ବାଇଶି ତାରିଖ, ମୋ ମିସେସ୍ ଥିଲେ ଗର୍ଭବତୀ । ଆମ କପସିଲା ଠାରୁ ତୁଷରା ପ୍ରାୟ ଚାରି କିଲୋମିଟର ହେବ । ମୋ ମିସେସ୍ ହସ୍ପିଟାଲର ଲେଡିଜ୍ ଡାକ୍ତରଙ୍କ ଠାରେ ପ୍ରତି ମାସରେ ଚେକ୍ କରୁଥିଲେ ସେ ଦିନ ଘରେ ମିସେସ ଙ୍କୁ ପେନ୍ ଆରମ୍ଭ ହେଲା । ଆମ ଗାଁ କୁ ପାଖ ଗାଁ ର ସୁରେନ୍ଦ୍ର ଡାକ୍ତର ଆସିଥିଲେ। ସେ ମିସେସ୍ ଙ୍କୁ ଦେଖି କହିଲେ, ତୁମେ ଅତିଶୀଘ୍ର ବଡ ହସ୍ପିଟାଲ ନେବା ବ୍ୟବସ୍ଥା କର। ବିପଦ ଅଛି ମାର୍କୀ ଆରମ୍ଭ ହେଲେ ବଞ୍ଚାଇବା ମୁସ୍କିଲ୍ ହେବ ।

ଡାକ୍ତରଙ୍କ କଥା ଶୁଣି ମୁଁ ସାଙ୍ଗେ ସାଙ୍ଗେ ତୁଷୁରା କୁ ଯାଇ ଗାଡିଟିଏ ରିଜର୍ଭ କଲି । ସାଙ୍ଗରେ ରାମ ଚିନ୍ଦା ଓ ବିଚିତ୍ରାନନ୍ଦ ପଟ୍ଟନାଏକ୍, ରମେଶ ସମସ୍ତେ ସାହାଯ୍ୟ କରିବା ପାଇଁ ଆସିଲେ ।

ତା'ପରେ ମିସେସ୍ ଙ୍କୁ ନେଇ ବଡ ହସ୍ପିଟାଲ ବଲାଙ୍ଗିର ଅଭିମୁଖେ ବାହାରି ପଡିଲୁ । ହେଲେ ରାସ୍ତାରେ ମାର୍କୀ ଆରମ୍ଭ ହେଲା । ଆମ୍ଭେ ଭୟଭୀତ ହୋଇ ପଡିଲୁ । ତୁଷୁରା ହସ୍ପିଟାଲରେ ଅଟକି ଡାକ୍ତର ଙ୍କୁ ଦେଖା କରି ଗଲୁ। ଡାକ୍ତର ଆସି ମିସେସ୍ ଙ୍କୁ ଦେଖିଲେ ଆଉ ଗ୍ଲୋଭ୍ ପିନ୍ଧି କିଛି ପଚାରିଲେ,ମୋର ମିସେସ୍ କହିଲେ ଆପଣଙ୍କ ଲେଡିଜ୍ ଡାକ୍ତର ପ୍ରତିମାସ ଦେଖୁଥିଲେ, ସେ କୁଆଡେ ଗଲେ । ତାଙ୍କୁ ଟିକିଏ କହିଦିଅନ୍ତୁ, ସେ ସବୁ ଜାଣିଛନ୍ତି ।

ବେଶ୍ ଏତିକି କହିବା ମାତ୍ରେ ଡାକ୍ତର ରାଗ ହୋଇ, ଗ୍ଲୋଭ୍ ଖୋଲି ଫିଙ୍ଗି ଦେଇ, ମୋତେ ଗାଳି ଗୁଲଜ୍ କରି କହିଲେ, ତୋ କନିଆଁ କଣ କହୁଛି । ମୁଁ ଏମିତି ପେସେଣ୍ଟ୍ ଦେଖି

ISSN NO.
2582-208X

ପାରିବି ନାହିଁ । ତୋ ଯାହା ଇଚ୍ଛା ତାହା କରିପାରୁ । ମୁଁ ବୁଝାଇ କହିଲି, ଆଜ୍ଞା ପେସେଣ୍ଟ୍ ର କଥା ଧରନ୍ତୁ ନା ହିଁ ଆପଣଙ୍କ ସ୍ତ୍ରୀ, ପ୍ରତି ମାସ ଚେକ୍ କରୁଥିଲେ ଏଣୁ କରି ସେ ଲେଡିଜ୍ ଡାକ୍ତର କୁଆଡେ ଗଲେ ବୋଲି କହିଲେ । ଆପଣ ଟିକିଏ ଦୟା କରନ୍ତୁ ନହେଲେ ବଲାଙ୍ଗିର ହସ୍ପିଟାଲ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା କରନ୍ତୁ। ସେ କିଛି ଶୁଣିଲେ ନାହିଁ ଏଣୁ ମୋର ରାଗ ବଢିଗଲା । ମୁଁ ମୁହଁ ପାଖକୁ ହାତ ନେଇ ରାଗ ହୋଇ କହିଲି, ରାସ୍ତା ରେ ଯଦି ମୋ ମିସେସ୍ ଖରାପ ହୋଇଯାଏ ଦେଖିବେ ମୋ ଏ ଛୋଟ ହାତ କେତେ ଲମ୍ବ ହୋଇପାରିବ।

ବେଶ୍ ଏତିକି କହି ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲୁ ବଲାଙ୍ଗିର । ବଲାଙ୍ଗିର ହସ୍ପିଟାଲରେ ପହଞ୍ଚିବାପରେ, ଡାକ୍ତର ମେଡିସିନ ଲେଖିଲେ । ହେଲେ ଦେଖିଲି, ମୋ ପାଖରେ ଟଙ୍କା ନାହିଁ, ଘରେ ଛାଡ଼ି ଆସିଛି। । ସାଙ୍ଗେ ସାଙ୍ଗେ ସାଙ୍ଗ ରବି ମହାନ୍ତିଙ୍କ ଘରକୁ ଯାଇ ସମସ୍ତ ଘଟଣା ଜଣାଇଲି । ଭୋର୍ ସକାଳୁ ମୋତେ ଦେଖି ପ୍ରଥମେ ଅବାକ୍ ହେଲେ ତା'ପରେ ଘଟଣା ଶୁଣି ତାଙ୍କ ପୂଜା କୋଠରୀ ଠାରୁ ହଜାରେ ଟଙ୍କା ଆଣିଦେଲେ ।

ପ୍ରକାଶ ଥାଉ କି ଅଗାଧୁଆ ପୂଜା କୋଠରୀକୁ ଯିବାରୁ ତାଙ୍କ ମା ରାଗିଗଲେ । ହେଲେ ଘଟଣା ଜାଣିବା ପରେ ବହୁତ ଅନୁତାପ କଲେ ଓ ଗାଧୋଇ ଦେଇ କୋଠରୀରେ ପୂଜାରେ ବସି ପଡିଲେ ଭଗବାନଙ୍କ ଠାରେ ଶୀଘ୍ର ଭଲ ହେବା ପାଇଁ ପ୍ରାର୍ଥନା କଲେ ।

ଏ ପଟରେ ତୁଷୁରା ଡାକ୍ତର ଜାଣିପାରିଥିଲେ ପେସେଣ୍ଟ ଟି ସିରିଏସ୍ ଅଛି। ବାଟରେ ମରି ଯାଇପାରେ ଭାବି ସେ ମୋ ନାମରେ ଏକ ପୋଲିସ କେଶ୍ କରିଦେଲେ । ମୋ ନାମରେ ଓ୍ୱରେଣ୍ଟ ହେଲା ପୋଲିସ୍ ଚାରିଆଡେ ଖୋଜିଲେ ମୁଁ ଛପି ଛପି ଚିକିତ୍ସା କରୁଥିଲି । ତା'ପରେ ମୁଁ ଲଲିତ ନାଏକ, ମଧୁ ଆଜ୍ଞା ଙ୍କୁ ଭେଟି ସବୁ କିଛି ସତକଥା କହିଲି । ଲଲିତ ନାଏକ ମୋତେ ବୁଝାଇ କହିଲେ ତୁମେ ଯାଅ, ଡାକ୍ତରଙ୍କ ସାଙ୍ଗେ କମ୍ପ୍ରମାଇଜ୍ କରିଦିଅ । ତାଙ୍କ କଥା ମାନି ମୁଁ ତୁଷୁରା କୁ ଆସି ଡାକ୍ତରଙ୍କ ସହିତ ସାକ୍ଷାତ କଲି । ଡାକ୍ତର କହିଲେ କମ୍ପ୍ରମାଇଜ୍ କୋର୍ଟ ରେ ହେବ, ଏଠି ଆଉ ହୋଇପାରିବ ନାହିଁ କାରଣ ସେ କେଶ୍ କୁ ପୋଲିସ୍ ପଠାଇ ସାରିଛି ।

ଡାକ୍ତରଙ୍କ ପାଖରୁ ନିରାଶ ହୋଇ କପସିଲାକୁ ଆସିଲି । ଭାଇ ଜୟକୃଷ୍ଣ ସାଥିରେ ବାହାରି ପଡିଲୁ ବଲାଙ୍ଗିର ଅଭିମୁଖରେ । ବିଚିତ୍ରାନନ୍ଦ ପଟ୍ଟନାୟକ ତୁଷୁରା ଠାରେ ଅଟକାଇ କହିଲେ ପୋଲିସ ତୁମକୁ ଖୋଜୁଛି ସତର୍କ ରୁହ । ଜୟକୃଷ୍ଣ ବେହେରା ମୋତେ ସେଇଠି

ISSN NO.
2582-208X

ଛାଡି ଦେଇ ଫେରିଗଲା । ମୁଁ କିଶୋର ମେହେରଙ୍କ ସହାୟତାରେ ବଲାଙ୍ଗିର ଯାଇ ପହଞ୍ଚିଗଲି ।

ଏ ପଟରେ ଜୟକୃଷ୍ଣ ବେହେରାକୁ ପୋଲିସ ଥାନାକୁ ନେଇ କହିଲା ଯେ ପର୍ଯ୍ୟନ୍ତ ସନ୍ତୋଷ ଏହି ଥାନା କୁ ନ ଆସିଛି ସେ ପର୍ଯ୍ୟନ୍ତ ଜୟକୃଷ୍ଣ କୁ ଛଡାଯିବନାହିଁ । ଏକଥା ମୁଁ ବଲାଙ୍ଗିରଠାରେ ଥାଇ ଜାଣିପାରିଲି। ଲଳିତ ନାଏକ ପାଖକୁ ଯାଇ ସମସ୍ତ କଥା କହିଲି। ସେ କହିଲେ ତୁମେ ଥାନାକୁ ଯାଅ ନାହିଁ । ତୁମ ନାମ ରେ ବଡ କେଶ୍ ଅଛି ଓ୍ୱାରେଣ୍ଟ ଘୁରି ବୁଲୁଛି କେଶ୍ କୁ ନରମାଲ୍ କଲାପରେ ଯିବ ।

ମୁଁ ଗାଧୋଇ ସାରି ଫେରୁଥିବାବେଳେ ବଲାଙ୍ଗିର ରୁଗୁଡିପଡା ଛକ୍ ଠାରେ, ପାଞ୍ଚଜଣ ପୋଲିସ ଆସି ଘେରାଉ କରିଲେ । ଆମ ଗାଁ ର ଦୁଇ ଜଣ ପୋଲିସ୍ ମୋତେ ବୁଝାଇ କହିଲେ ତୁ ଆମ ସହିତ ଥାନାକୁ ଚାଲ ତୋର କିଛି ହେବନି ଆମେ ଅଛୁଁ । ମୋ ସାଇକେଲକୁ ଧରି ମୋତେ ଥାନାକୁ ନେଉଥିଲେ । ତାଙ୍କର ଉଦ୍ଦେଶ୍ୟ ମୁଁ ଜାଣିପାରିଲି ଏଣୁ କରି ମୁଁ ଗୋଟିଏ ଉପାୟ କଲି। ଟିକିଏ ଫାଙ୍କା ଦେଖି ମୋ ସାଇକେଲ ଛାଡ଼ି ମୁଁ ଦୌଡି ଦୌଡି ଲଳିତ ନାଏକ ଘରକୁ ଚାଲିଗଲି । ମୋତେ ଦେଖି କରି ପଚାରିଲେ, କଣ ସନ୍ତୋଷ କଣ ଘଟଣା ଡାକ୍ତରଙ୍କ ସାଙ୍ଗେ କମ୍ପ୍ରମାଇଜ୍ କରିଲ ? ମୁଁ ତା'ପରେ ସମସ୍ତ କଥା କହିଲି । ଆଜ୍ଞା ମୋ ସାଇକେଲ ଟି କଲେଜ ପ୍ରେସିଡେଣ୍ଟ ଚାଇନାଙ୍କର। ତାହା ପୋଲିସ୍ ଥାନାକୁ ନେଇଛନ୍ତି ମୋତେ ଥାନାକୁ ନେଉଥିଲେ। ମୁଁ ଖସି ପଲାଇ ଆସିଛି । ଏକଥା ଶୁଣି ତାଙ୍କ ସାଥିଙ୍କୁ ଓ ପ୍ରେସିଡେଣ୍ଟ ଚାଇନା କୁ ଡାକି ଅନୁସନ୍ଧାନରେ ଲାଗି ପଡିଲେ । ଟିଟିଲାଗଡ଼ ରାସ୍ତା ପ୍ରତ୍ୟେକ ବସ୍ କୁ ଚେକ୍ କଲେ ।

ଦେଖିଲେ ତୁଷୁରା ବସ୍ ଉପରେ ସାଇକେଲ ଟି ଅଛି ସାଇକେଲରେ ଲେଖା ଅଛି କଲେଜ ପ୍ରେସିଡେଣ୍ଟ ଚାଇନା । ସାଙ୍ଗେ ସାଙ୍ଗେ ବସ୍ କୁ ଅଟକାଇଲେ । ପୋଲିସଙ୍କ ସହିତ ଯୁକ୍ତି ତର୍କ କରି ସାଇକେଲ କୁ ଧରି ଆସିଲେ । ତା'ପରେ ସମସ୍ତେ ମିଶି, ସି:ଆଇ: ପାଖକୁ ଯାଇ ସମସ୍ତ କଥା କହିଲୁ । ସି:ଆଇ: କହିଲେ କେଶ୍ ଟି ବହୁତ ବଡ ଅଛି ।

ଲଳିତ ନାଏକ ଅନେକ ପ୍ରକାରରେ ବୁଝାଇ କହିବାରୁ ସି:ଆଇ: କେଶ୍ କୁ ନରମାଲ୍ ମାନେ କେବଳ ମିସ୍ ବିହେଭ୍ କେଶ୍ କରିଦେଲେ। ତା'ପରେ ତୁଷୁରା ଥାନାକୁ ଆସିଲୁ, ଥାନାରେ ମୋତେ ଦେଖି ଥାନାବାବୁ କହିଲେ, ବହୁତ ହଇରାଣ କରିଦେଲୁ ବାବୁ । ତୋର ବଡ ବଡ

ISSN NO. 2582-208X


ଲୋକ ମାନଙ୍କ ସହିତ ହାତ ଅଛି ତୁ କାହିଁକି ଡରୁଥିଲୁ । ମୁଁ କହିଲି ଆପଣ ଏବେ ଏମିତି କହୁଛନ୍ତି କିନ୍ତୁ ଆଗରୁ ଆସିଥିଲେ ଆଜ୍ଞା, ପ୍ରଥମେ ମାଡ ଦେଇଥାନ୍ତେ ତା'ପରେ ପରିଚୟ ନେଇଥାନ୍ତେ । ଥାନାବାବୁ କହିଲେ କି ତୋତେ କିଏ ଉଦ୍ଧାର କଲା ଜାଣିଛୁ ? ତୋର ଦିଖଣ୍ଡ ଖାତାର ଲେଖା ରାମ ନାମ । ତୋତେ ଧରି ନପାରି, ଖାତା ଦିଖଣ୍ଡ ପାଇଲୁ ।

ସେହି ଖାତା ଦିଖଣ୍ଡରେ,ମୋ ମିସେସ୍ ଓ ମୁଁ କେବଳ ରାମ ନାମରେ ଭର୍ତ୍ତି କରିଥିଲୁ । ସରଗଜ ଗ୍ରାମର ଜଣେ ଭଗବତ ପ୍ରେମି ବ୍ରାହ୍ମଣ ଆମକୁ ରାମ ନାମ ଲେଖିବାକୁ ପରାମର୍ଶ ଦେଇ କହିଥିଲେ କି ଦୁଇଟି ଖାତାରେ ଦୁହେଁ ରାମ ନାମ ଲେଖିଚାଲ, ଦେଖିବ ତୁମର ପ୍ରତ୍ୟେକ ସଙ୍କଟ ଦୂର ହୋଇଯିବ । ସତରେ ରାମ ନମ ଟି ବହୁତ କାମ କଲା ।

ଥାନାଠାରୁ ଫେରିଆସି ବଲାଙ୍ଗିର ହସ୍ପିଟାଲ ଅଭିମୁଖେ ମୁଁ ବାହାରି ପଡିଲି । ଜୁନ୍ ମାସ ପଚିଶ ତାରିଖ ଦିନ ପୁଅଟିଏ ଜନ୍ମ ହେଲା । ଜନ୍ମ ହେଲା ପରେ ମଧ୍ୟ ଚାରି ଦିନ ପଯ୍ୟନ୍ତ ଚେତାଶୂନ୍ୟ ଅବସ୍ଥାରେ ମୋର ମିସେସ୍ ପଡି ରହିଥାନ୍ତି । ଡାକ୍ତର ଆସି କହିଲେ, ପେସେଣ୍ଟ୍ କୁ ଘରକୁ ନେଇଯାଅ। ଆମ ଯେତେ ଅଭିଜ୍ଞତା ଥିଲା ସମସ୍ତ ଚେଷ୍ଟା ବିଫଳ ହେଲା । ଗାଡିଟିଏ କରି ଘରକୁ ନେଇଯାଅ, ସେ ଆତ୍ମୀୟ ଲୋକଙ୍କ ସହିତ ଶେଷ ସମୟରେ କିଛି କଥାବାର୍ତ୍ତା ହୋଇପାରିବ । ମୁଁ କହିଲି ସାର୍ ପେସେଣ୍ଟ୍ ବୁର୍ଲା ନେବୁକି ? ସେ କହିଲେ ବୁର୍ଲା କଣ ନେବ, ରାସ୍ତାରେ ଖରାପ ହେବ । ମୋ ସାଙ୍ଗ ତେଜରାଜ ସାହୁ ଓ ସାଙ୍ଗମାନେ ଗାଡିଟିଏ କରିବାକୁ ବାହାରି ପଡିଲେ ।

ମୁଁ କିନ୍ତୁ ଡାକ୍ତରଙ୍କ ପଛେ ପଛେ ଘରକୁ ଗଲି । ପାଗଳ ଙ୍କ ପରି ପ୍ରଳାପ କଲି କହିଲି if your neglet to do your duty even god can not help you sir, ଆପଣ ଜଣେ ଡାକ୍ତର ରୋଗୀ ମରି ନାହିଁ, ଆପଣ କାହିଁକି ମରିବ କହୁଛନ୍ତି । ଆପଣ ଡାକ୍ତର କର୍ତ୍ତବ୍ୟ କରନ୍ତୁ, ଶେଷ ପର୍ଯ୍ୟନ୍ତ ଚେଷ୍ଟା କରନ୍ତୁ । ଆପଣଙ୍କ କର୍ତ୍ତବ୍ୟ ଓ ଭଗବାନଙ୍କ ଆଶିର୍ବାଦ ମିଶି ନିଶ୍ଚୟ ବଞ୍ଚାଇବେ । ଆପଣ ବିଷ ଦେଲେ ଯଦି ଭଲହେବ ଚିନ୍ତା କରୁଛନ୍ତି, ଦିଅନ୍ତୁ ଦେଖିବେ ନିଶ୍ଚୟ ଭଲ ହୋଇଯିବ ।

ଏମିତି ଅଧଘଣ୍ଟା ପର୍ଯ୍ୟନ୍ତ କହି ଚାଲିଥାଏଁ । ମୋତେ ଡାକ୍ତର ବୁଝାଇଲେ, ତୁମେ ମୋର ଶତ୍ରୁ ନୁହଁ । ମୁଁ ଜଣେ ଡାକ୍ତର, ମୋର ଯାହା ଅଭିଜ୍ଞତା ଥିଲା ମୁଁ ପ୍ରୟୋଗ କରିଛି କିନ୍ତୁ

ISSN NO.
2582-208X

କଣ କରିବା । ତୁମେ ଘରକୁ ଶୀଘ୍ର ନେଇଯାଅ । ମୁଁ ନ ବୁଝିବାରୁ, ମୋତେ ଆଶ୍ୱସନା ଦେବାପାଇଁ। କହିଲେ ତିନୋଟି ଇଞ୍ଜେକ୍ସନ୍ ଦେଉଛି ଯଦି ସକାଳ ପର୍ଯ୍ୟନ୍ତ ଜୀବନ ଥିବ ତାହାହେଲେ ଟିଟ୍ ମେଣ୍ଟ୍ ଆରମ୍ଭ କରିବା ତା'ପରେ ସେହି ରାତିରେ ତିନୋଟି ଇଞ୍ଜେକ୍ସନ୍ ଦେଇ ଚାଲିଗଲେ ।

ସକାଳୁ ଦେଖିଲି ଜୀବନ ଅଛି, ନିଃଶ୍ୱାସ ଯିବା ଆସିବା କରୁଛି । ସାଙ୍ଗେ ସାଙ୍ଗେ ଡାକ୍ତରଙ୍କ ପାଖକୁ ଯାଇ କହିଲି, ଆଜ୍ଞା ପେସେଣ୍ଟ ର ଜୀବନ ଅଛି ଶୀଘ୍ର ଆସନ୍ତୁ । ଶୁଣିକରି ଡାକ୍ତର ଆଶ୍ଚର୍ଯ୍ୟ ହୋଇ ଗଲେ । ସାଙ୍ଗେ ସାଙ୍ଗେ ଆସି ଦେଖିଲେ ପ୍ରକୃତରେ ପେସେଣ୍ଟ ର ଜୀବନ ଅଛି। ତା'ପରେ ସେ ମେଡ଼ିସିନ୍ ସ୍ପେଶାଲିଷ୍ଟ୍ ଓ ଡାକ୍ତର ମାନଙ୍କୁ ଡକାଇ ସମସ୍ତ ବିଷୟ କହିଚାଲିଲେ ପେସେଣ୍ଟ ଟି ମରିଯିବା କଥା କିନ୍ତୁ ସେ ବର୍ତ୍ତମାନ ପର୍ଯ୍ୟନ୍ତ ବଞ୍ଚିରହିଅଛି । ସମସ୍ତେ ପଚାରିଲେ କେଉଁ ଇଞ୍ଜେକସନ ଦେଲ ଯାହାଦ୍ୱାରା ବର୍ତ୍ତମାନ ପର୍ଯ୍ୟନ୍ତ ପେସେଣ୍ଟ ବଞ୍ଚିରହିଅଛି ।

ଡାକ୍ତର ମୋତେ ଦେଖାଇ କହିଲେ ଏହି ବାବୁ ଆମ ଘରକୁ ଯାଇ, ଦୀର୍ଘ ସମୟଧରି ଗୋଟିଏ ଜିଦ୍ ଧରି ବସିଲେ ଆପଣ ଟିଟମେଣ୍ଟ୍ କରନ୍ତୁ ନିଶ୍ଚୟ ଭଲ ହୋଇଯିବ । ମୁଁ ତାଙ୍କୁ ଆଶ୍ୱସନା ଦେବାପାଇଁ ତିନୋଟି ଇଞ୍ଜେକ୍ସନ୍ ଦେଇଥିଲି, ତାହା ଫଳପ୍ରଦ ହୋଇ ଜୀବନ କୁ ବଞ୍ଚାଇଛି । ତା'ପରେ ସମସ୍ତ ଡାକ୍ତରମାନେ ମୋତେ କହିଲେ ବାବୁ ତୁ ଆଉ ଚିନ୍ତା କରନା ଆମ୍ଭେ ସମ୍ପୂର୍ଣ୍ଣ ଚେଷ୍ଟା କରିବୁ, ହେଲେ ଚିକିତ୍ସା ଦ୍ୱାରା ନୁହେଁ ଏହା ଭଗବାନଙ୍କ ଆଶିର୍ବାଦ ପାଇଁ ବଞ୍ଚିବ । ତା'ପରେ ଚିକିତ୍ସା ଆରମ୍ଭ କଲେ । ରଖେ ହରି ତ ମାରେ କିଏ ।

ସେ ପଟରେ ପୁଅଟି ଜନ୍ମ ହେଲାପରେ, ପୁଅର ଅକ୍ସିଜେଣ୍ଟ କମିଯିବାରୁ ଆମେ ଚିନ୍ତାରେ ପଡିଗଲୁ । ଭଗବାନଙ୍କର ସୃଷ୍ଟି ବିଚିତ୍ର । ଦେବଦୂତ ରୂପେ ପଠାଇ ଦେଲେ ଗୋଟିଏ ଦିଦିକୁ । ଦିନରେ ଡ୍ୟୁଟି ଥିବା ଦିଦି ସତରେ ଦେବଦୂତପରି ଆସି କାମ କଲେ। ଅକ୍ସିଜେଣ୍ଟ ନ ମଳିବାରୁ ସେ ନିଜ ପାଟିରେ ଫୁଙ୍କି ଫୁଙ୍କି ଛୁଆଟାକୁ ବଞ୍ଚାଇ ଦେଲେ ।

ISSN NO.
2582-208X

ଦିନରେ ଡ୍ୟୁଟି କରୁଥିବା ଦିଦି ଦେବଦୂତ ହୋଇ କାମକଲେ କିନ୍ତୁ ରାତିରେ ଯେଉଁ ଦିଦି ଆସିଲେ, ସେ ପୁରା ପୁରି ଗୋଟିଏ ଯମଦୂତ କାରଣ ରାତିରେ ପୁଣି ଅକ୍ସିଜେଣ୍ଟ ସରିଗଲା। ଜେନେରାଲ୍ ହସ୍ପିଟାଲ ର ଡାକ୍ତରଙ୍କ ପରାମର୍ଶ ନେବାରୁ କହିଲେ ଛୁଆକୁ ଏଠିକି ଆଣ ଏଇଠି ଅକ୍ସିଜେଣ୍ଟ ଦେବା ସୁବିଧା ହେବ । ରାତିରେ ଡ୍ୟୁଟି କରୁ ଥିବା ଦିଦି ରାଜି ହେଲାନାହିଁ । ଛୁଆକୁ ଏଠାରୁ ନେଇ ପାରିବନାହିଁ ବୋଲି ଧମକ ଦେଲା । ଯମଦୂତପରି ଆଗରେ ଠିଆ ହେଲା । ମୁଁ ଅନେକ ନେହୁରା ହୋଇଲି ସେ ଶୁଣିଲା ନାହିଁ । ଛୁଆକୁ ଛାଡ଼ିଦେଲେ ଚାକିରୀ ଚାଲିଯିବ, ମୁଁ ଛାଡିବି ନାହିଁ ବୋଲି ଜିଦିକଲା ।

ମୁଁ ନିରୁପାୟ ହୋଇ, ତାକୁ ଧକ୍କା ଦେଇ, ମୋର ବାପାଙ୍କ ସହ ଛୁଆକୁ ଧରି ବାହାରି ପଡ଼ିଲୁ । ଝିପି ଝିପି ବର୍ଷାରେ ଛତାଟିଏ ଧରି ମୋ ପୁଅକୁନେଇ ଏମରଜେନ୍ସି ଡାକ୍ତରଙ୍କ ଠାରୁ ଅକ୍ସିଜେଣ୍ଟ ଦେଇ କରି ଫେରି ଆସିଲୁ । ଦିଦି ବାଘ ପରି ଗର୍ଜନ କରି କହିଲେ ତୁମ ନାମରେ ସି ଡି ଏମ୍ ଓ ପାଖରେ ଅଭିଯୋଗ କରିବି ।

ମୁଁ ତାହାକୁ କହିଲି, ତୁମକୁ ଏତେ ନେହୁରା ହେଲି। ମୋ ଛୁଆକୁ ଭିକ୍ଷା ମାଗିଲି, ଏମିତିକି ମୁଁ ଜୋର୍ ଜବରଦସ୍ତି ମୋ ଛୁଆକୁ ନେଇଗଲି ବୋଲି ଲେଖିଦେବି କହିଲି। ତଥାପି ମଧ୍ୟ ତୁମେ ମାନିଲ ନାହିଁ । ଏବେ କହୁଛ ଅଭିଯୋଗ ଦେବି ? ଚାଲ ସାଥିହୋଇ ସି:ଡି:ଏମ୍:ଓ: ଙ୍କ ପାଖରେ ସତଘଟଣା ସବୁ ଜଣାଇ ଦେବା । ଏମିତି କହି ମୁଁ ସିଧାସଳଖ ବାହାରି ପଡ଼ିଲି ସି;ଡି:ଏମ୍:ଓ ପାଖକୁ। ବାହାରୁ ଶୁଣିଥିବା ଲୋକମାନେ ଦିଦିକୁ ନିନ୍ଦା କରିବାରୁ ଦିଦି ନିଜର ଭୁଲ୍ ବୁଝିପାରି ଦୁଃଖିତ ହେଲେ ।

ଏହିପରି ଅନେକ ଝଡଝଞ୍ଜା ଅତିକ୍ରମ କରି ଆମ ମୁନାର ଜନ୍ମ କାହାଣୀ ଟି ଗୋଟିଏ ଗପରେ ପରିଣତ ହେଲା । ରଖେ ହରି ତ ମାରେ କିଏ ।

କପସିଲ୍, ତୁଷୁରା, ବଲାଙ୍ଗିର
ଫୋନ:ନ:-୭୭୩୫୬୧୫୧୦୭

ISSN NO.
2582-208X

# ବାପଘର ଝିଅନୁହେଁ ସେ ନଜର



ରାଧାରାଣୀ ରାଉଳ

ପିଲାଦିନ ତାର ସବୁ ସରିଯାଏ
ବେଦିରେ ବସିଲା ପରେ
ବାପଘର ଖେଳ ସବୁ ସରିଯାଏ
ଏରୁଣ୍ଡି ଡେଇଁଲା ପରେ
ଅମାନଆଁ ଲୁହ ମାନେନାହିଁ ଜମା
ଆଖିରେ ଝରାଇ ଲୁହ
ବାପା ବୋଉ ସ୍ନେହ ସବୁ ସରିଯାଏ
ଛାତିରେ ଭରଇ କୋହ
କେତେ ଆଶା ପୁଣି ମନରେ ସାଇତି
ଆସିଥାଏ ଶାଶୁଘର
କେତେ ନୂଆ ଲୋକ ଆପଣାଇ ନେଇ
ସଜାଡିବ ନିଜ ଘର ସଂସାର
ସ୍ୱାମୀ ଶ୍ୱଶୁରଙ୍କ ସେବା ସେ କରିବ
ପ୍ରିୟ ହେବ ସଭିଙ୍କର
ଆଦରର ବୋହୁ ପାଲଟିବ ସିଏ
ଘର ହେବ ସ୍ୱର୍ଗ ଦ୍ୱାର

ISSN NO.
2582-208X

ପ୍ରଭୃତ ହେବାର ଆଗରୁ ତା ସ୍ୱପ୍ନ
ଭାଙ୍ଗି ହୁଏ ଚୁରୁମାର
ମାଡି ଆସେ କେତେ ଅଦିନଆଁ ଝଡ
ଶାନ୍ତ ଜୀବନରେ ତାର
ଲିଭିକ ନଥାଏ ନାଲି ଅଳତାର ଗାର
ଆଦର ବଦଳେ ଘୃଣା ମାଡିଆସେ
ସଭିଙ୍କର ହତାଦର
ମାଆ ବାପା ବୋଲି ଶାଶୁ ଶଶୁରଙ୍କ ସ୍ନେହ ଶ୍ରଦ୍ଧା
ପାଇବାକୁ ଆଶାଟି ତାର
ନିରାଶ ହୁଅଇ ଗତି ପାଇଲା ବେଳକୁ ॥

କଟିକଟା, ଯାଜପୁର

ISSN NO.
2582-208X

# ମୋ ଅନୁଭୂତି



ଦୁଷ୍ମନ୍ତ ବେହେରା

ଧନ୍ୟ ମୋ ଅନୁଭୂତି ଜୀବନ
ଦୁଃଖ ରେ ଭାସୁଛି ଲୋଚନ
ଦୁନିଆ ମଞ୍ଚରେ ଭାସି ବୁଡୁଛି
ମୋ ସଂସାର ଲୋଭ ର ଜାଲ !!

ଲୁହ ଅବୁଝା କୁ ମନ ଅବୁଝା
ଲୋଭ ଲାଗେ ଦୁନିଆ ରାଜା
ସାଧା ଅକ୍ଷର କୁ ମଳାଟ ଖୋଲା
ଲକ୍ଷ୍ୟ ରାଜନକୁ ରାଇଜ ଭରା !!

ଦୁନିଆ ଛବି କଳା ଧଳା
ମୋ ଦଦରା ଆଶା ମେଳା କୁଲା
ପଛ ଦେଖିବ କ ଆଗ ଦେଖିବ
ଦୁଃଖ ସାଥେ ଲୁହ ଅପସରା !!

ସମସ୍ତେ ନଜର ରାତି ପାହିଲେ ପର
ଦେହ ଠାରୁ ଜୀବନ ବି ହୁଏ ପର
ଗୁରିପାଖେ ଜନ ବେଳ ସରିଲେ
ନଜ ଠାରୁ ଅନୁଭୂତି ହୁଏ ପର !!

ISSN NO.
2582-208X

ପରିଶ୍ରମ ଦେଖି ଦିଅ ମୂଲ୍ୟ
ଜୀବନ ସେମିତି ନୁହଁ ନଜର
ରଙ୍ଗ ସରିଲେ ଯୌବନ ସରେ
ଚେହେରା ଅନୁଭୂତି ଆପେ ମରେ !!

ସଂସାର ନାଟରେ ଜୀବନ ନାଟ
ମୋ ପେଟ ଏଠି କରେ ହାଟ
ଦେଖ ଜନରେ ଯାଉଛି ଖାଲି
ଲୋଭ କରିବି କାହିଁ ପାଇଁ !!

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ମାତା ସରସ୍ୱତୀ



କଷାନ ମହାକୁର

ନମୋ ବୀଣାପାଣି କଳା ଠାକୁରାଣୀ
ଜ୍ଞାନର ଭଣ୍ଡାର ରାଣୀ
ଏଧରା ଧାମକୁ ଆସ ଅବତରୀ
ମାଆଗୋ ହଂସ ବାହିନୀ ।1।

ତୁମରି ଆଶିଷେ ମୂର୍ଖଯେ ପଣ୍ଡିତ
ଜଗତେ ଅରଜେ ଯଶ
ତୁମକୁ ସୁମରି ପୂଜାର୍ଚ୍ଚନା କରି
ମହାଜ୍ଞାନୀ କାଳଦାସ ।2।

ମାଘମାସ ଶୁକ୍ଳ ପଞ୍ଚମୀ ତିଥିରେ
ଧରାଧାମେ ପ୍ରକଟିତ
ଅଜ୍ଞାନ ତିମିର କରିଦେଉ ଦୂର
ଜ୍ଞାନଜ୍ୟୋତି ଦେଇ ମାତ ।3।

କର୍ଣ୍ଣରେ କୁଣ୍ଡଳ ମୁକୁତାର ହାର
ଗଳାରେ ତୁମ ଶୋଭିତା
ନୟନ ଯୁଗଳେ କଜ୍ଜଳର ଗାର
ଶ୍ୱେତ ବସ୍ତ୍ର ପରିହିତା ।4।

ISSN NO.
2582-208X

ବୀଣା ସାଥେ ପୁଣି ପୁସ୍ତକ ହସ୍ତରେ
ତୁମେମା ଭୂଷା ଭାରତୀ
ବିଦ୍ୟା ଦାନ କର ଶୁଭଦା ବରଦା
ଘେନାକର ମୋ ଆରତୀ ।5।

କାବ୍ୟ କଳା ପ୍ରତି ଆଦର ତୁମର
ଝରିଆସେ କାବ୍ୟକୃତି
ମାତା ସରସ୍ୱତୀ ଦେବୀ ଭଗବତୀ
ଅଭୟ ଭୂଷା ଭାରତୀ ।6।

ତୁମରି ବନ୍ଦନା ତୁମ ଆରାଧନା
କରେ ଭକ୍ତ ଉପାସନା
ତୁମରି କରୁଣା ଝରିପଡୁ ସଦା
ରାଗ ରାଗିଣୀ ମୂର୍ଚ୍ଛନା ।7।

ଆଶିଷର ବାରି ପଡୁସଦା ଝରି
ନମୋମା ବିଦ୍ୟା ଦାୟିନୀ
ଅଜ୍ଞାନ ଅଧମ ପଶୁଛି ଶରଣ
ଜୟମା ବିଶ୍ୱ ବନ୍ଦିନୀ ।8।

ସୋନପୁର, ନୂଆଁପାଲି

ISSN NO.
2582-208X

# ଶାଶ୍ୱତ ପ୍ରେମ



ଚୈତନ୍ୟ ବାଗ

ଚନ୍ଦନ ଓ ଶିବାନୀ ଦୁହେଁ ଦୁହିଁଙ୍କୁ ନିସ୍ୱାର୍ଥପର, ଶାଶ୍ୱତ ଭଲପାଉଥିଲେ । ଏମିତି ହସ ଖୁସି ଭଲପାଇବା ରେ ସମୟ ରଥ ଅତିକ୍ରମ କରିଚାଲୁଥାଏ । ପୁର୍ଣିମା ର ଚାନ୍ଦ ରେ ଦିନେ କଲମେଘ ଆଚ୍ଛନ୍ନ ହେଲାପରି ଦୁଃଖ ର କଳାମେଘ ଘନେଇ ଆସିଲା ।

ଶିବାନୀ ର ଦେହ ଟିକେ ଅସୁସ୍ଥ ହେଲା, ଓ ଡାକ୍ତରଖାନା ରେ ଭର୍ତ୍ତି କରି ସବୁ ପରୀକ୍ଷା ନିରୀକ୍ଷ । କରିବା ପରେ ଜଣା ପଡିଲା ଯେ, ତା (Heart )ହୃଦୟ ରେ କିଛି problem ଅଛି, ତା Heart କୁ opretionକରି ଅନ୍ୟ ର Heart ଲଗାଇବାକୁ ପଡିବ । ଏହି କଥା ଚନ୍ଦନ ଶୁଣିବା ମାତ୍ରେ ଶିବାନୀ ପାଖକୁ ପାଗଳ ପରି ଦୌଡ଼ି ଆସିଲା, ଶିବାନୀ ଏକ କୋଣ ରେ ବସି କାନ୍ଦୁଥାଏ, ଚନ୍ଦନ ଶିବାନୀ ର ହାତ କୁ ଧରି ବହୁତ କାନ୍ଦିଲା ।

ଶିବାନୀ ଚନ୍ଦନ କୁ ସେହିଠାରୁ ଚାଲିଯିବା ପାଇଁ କହିଲା ଓ ନିଜେ ଏକ ନୂଆ ସଂସାର ତୋଳିବା ପାଇଁ କହିଲା । କାରଣ ଶିବାନୀ ର ଆୟୁ ମାତ୍ର ଅଳପ..

ଚନ୍ଦନ ଶିବାନୀ ର କଥା ଶୁଣିବା ପରେ ସେହି ଠାରୁ କାନ୍ଦି କାନ୍ଦି ପଳାୟନ କଲା । ଏମିତି 4, 5 ଦିନ ବିତିଗଲା ଓ ଶିବାନୀ ର Heart opreationsucesfullହେଲା । ଶିବାନୀ ର ହୋସ ଆସିବା ପରେ ନର୍ସ କୁ ଯାଇ କହିଲା ମତେ ଯିଏ କି ନୂଆ ଜୀବନ ଦେଇଛନ୍ତି ମୁଁ ତାକୁ ଥରୁଟିଏ ଦେଖିବା ପାଇଁ ଚାହୁଁଚି । ନର୍ସ କିନ୍ତୁ ଦେଖଇବା ପାଇଁ ମନା କଲା କାହିଁକିନା ଯିଏ କି heart ଦେଇଛି ସେ ନ କହିବା ପାଇଁ ନର୍ସ କୁ କହିଥିଲା ।

ISSN NO.
2582-208X

କିନ୍ତୁ ଶିବାନୀ ବହୁତ କାକୁତି ମିନତି କରିବା ପରେ ନର୍ସ ସେ ପାଖକୁ ନେଇକି ଗଲା । ସେ ପୁଅ ର ଚେହରା ଦେଖିବା ପରେ ଶିବାନୀ ବହୁତ ଜୋର ରେ କାନ୍ଦି ବାକୁ ଲାଗିଲା, କାରଣ ସେ ପୁଅ ଆଉ କିଏ ନୁହେଁ ଯାହାକୁ ଶିବାନୀ ନିଜ ଜୀବନ ଠାରୁ ଅଧିକ ଭଲପାଉଥିବା ଚନ୍ଦନ । ଶିବାନୀ ନିଜ କୁ ନିଜେ ସମ୍ଭାଳି ପାରୁନଥିଲା ।

ଚନ୍ଦନ ର ଶଯ୍ୟା ରେ ଏକ ରକ୍ତ ରେ ଜୁବୁବୁବୁ ଏକ ଧଳା କାଗଜ ର ଏକ ଚିଠି ଥିଲା । ସେ ଚିଠି ରେ ଲେଖା ହୋଇଥିଲା I am So Sorry, ଆରେ ପାଗିଲି ତୁମେ ମତେ କହିଥିଲ ନା ମୁଁ ତୁମ ପାଇଁ କଣ କରିବ, ଆଉ ସେ ଦିନ ମୁଁ ହସି ହସି କହିଥିଲି ମୁଁ ତୁମ ପାଇଁ ମୋ ଜୀବନ ଦେଇଦେବି । ଆରେ ତୁମେ ହେଉଛ ମୋ ଜୀବନ ଆଉ ମୋ ଜୀବନ କୁ ମୋ ଏହି ହୃଦୟ ରେ ସାଇତି କରି ରଖି ଥିଲି । ଆଉ ଆଜି ସେହି ଜୀବନ କୁ ମୁଁ ତୁମକୁ ହସି ହସି ଦେଉଛି । ସେହି ହୃଦୟ ରେ ଥିବା ମୋ ପ୍ରାଣ ମନେ (ତୁମେ) ତାକୁ ସାଇତି ରଖିଥିବ । ମୁଁ ତୁମ ଶରୀର ରେ ରହି ଚିରଦିନ ହସୁଥିବି, ମୋ ପାଇଁ ତୁମେ ଲୁହ ଗଡ଼ାଅ ନାହିଁ, ଯଉ ସମୟ ରେ ମୋ କଥା ତୁମକୁ ମନେ ପଡିବ ସେହି ସମୟ ରେ ଟିକେ ମୁରୁକି ହସିଦେବ । ମୁଁ ସ୍ୱର୍ଗ ରେ ସୁଖ ପ୍ରାପ୍ତି ଅନୁଭବ କରିବି – ଇତି ତୁମ ପାଗଳ ଚନ୍ଦନ ।

ଚଚଆ, କଳାହାଣ୍ଡି

ISSN NO.
2582-208X

# ମଶା ପୁରାଣ



ତ୍ରିଲୋଚନ ସାହୁ

ଜୟ ହେ ମଶା ଭଗବାନ
ତୁମେ ହିଁ ରୋଗର କାରଣ ।।

ନିଦ୍ରା ଯେ ଭାଙ୍ଗ ବୀଣା ସୁରେ
ରହିଲ ନାଳ ନର୍ଦ୍ଦମା ରେ ।।

ଧନ୍ୟ ହେ ତୁମ କାର୍ଯ୍ୟମାନ
ମାନବେ କର ହଇରାଣ ।।

ଶୁଣି ତୁମର ବୀଣା ସୁର
ଶାନ୍ତ ବି ରାଗ ଗର ଗର ।।

ତୁମକୁ ପିଟି ବାର ଆଶେ
ଚାପୁଡ଼ା ନିଜ ଗାଲେ ବସେ ।।

ବିଭିନ୍ନ ନାମେ ରୂପ ବହି
ଲୀଳା କରୁଛ ମର୍ତ୍ତେ ରହି ।।

ରହିଛ ଏନୋଫିଲିସ୍ ନାମେ
ମ୍ୟାଲେରିଆ ପ୍ରଚାର କାମେ ।।

ଏଡିସ ନାମ ରେ ଦିଅ ଦସା
ଡେଙ୍ଗୁ ରେ ଲୋକ ଉଠା ବସା ।।

ISSN NO.
2582-208X

କ୍ୟୁଲେକ୍ସ ରୂପରେ ବାତ ଜର
ପ୍ରସାର କର ଘର ଘର ।।

ସହରେ ତୁମ ଲୀଳା ବେଶୀ
ଗୋଡ ଫୁଲଇ ଘଷି ଘଷି ।।

କାନ ପାଖରେ ରୁହ ବେଶୀ
ବୀଣା ବାଦନ କୁ ପରସି ।।

ଖରା ବରଷା ଅବା ଶୀତ
ଲୀଳା ଦେଖଇ ଏ ଜଗତ ।।

ରମ୍ଭା ଯାର ବେଶୀ ଆହାର,
ସେ ଅଟେ ଭକତ ତୁମର ।।

କାମୁଡି ତାକୁ ବାର ବାର
ଦେଇଣ ମ୍ୟାଲେରିଆ ବର ।।

ମଶାରୀ ଯେ ନ ଟାଙ୍ଗୀ ଶୁଏ
ତୁମର ବଡ଼ ଭକ୍ତ ସିଏ ।।

ତାକୁ ମିଳେ ତୁମ ଆଶିଷ
ମ୍ୟାଲେରିଆ ର ବଢେ ଯଶ ।।

କହଇ ଦାସ ତ୍ରିଲୋଚନ
ନ କରିବ ତୁମ କଲ୍ୟାଣ ।।

ତମିଆଁ, ବଲାଙ୍ଗୀର

ISSN NO.
2582-208X

# ଅନ୍ତ ନା ଭବିଷ୍ୟତ



ଅଶୋକ କୁମାର ପଧାନ

ହେ ମଣିଷ ଜାତି
ଆଜି କାହା ପାଇଁ ତମ
ଯୁଦ୍ଧ ସରଞ୍ଜାମ
ମାଡି ଆସିଲେ କି ଶତ୍ରୁ  କେଉଁ ଗ୍ରହରୁ
ଅବା ପାତାଳ ଚିରି ଉଠି ଆସିଲେ ରାକ୍ଷସ
ଆସି ହୋଇଯାଉଛ ପ୍ରସ୍ତୁତ ଗୁଳି ବନ୍ଧୁକଧରି
କାହାକୁ ମାରିବାକୁ
ଶତ୍ରୁକୁ ନା ଆପଣାକୁ
କରିବାକୁ ଅନ୍ତ ନା ଗଢିବାକୁ ଭବିଷ୍ୟତ ।
ମଣିଷ ହୋଇ ମଣିଷକୁ ମାରିବାକୁ
କୁଣ୍ଠାବୋଧ ହେଉ ନହିଁ ତୁମକୁ
ଓ, କେମିତି ହବ
ତମେମାନେ ତ ସବୁ ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବାରେ ଲାଗିପଡିଛ
ବୋଧେ କରିବାକୁ ଅନ୍ତ ନା ଗଢିବାକୁ ଭବିଷ୍ୟତ ।
କିଏ ଏଠି ବା ତମର
ନା ତମ ମା ନା ତମ ପରିବାର
ଆଉ କାହାକୁ କେମିତି ନିଜର କହିପାରିବ
ତମେ ତ ସବୁ ଅନ୍ଧ ହୋଇଯାଇଛ
ଶକ୍ତି ଓ କ୍ଷମତା ପାଇଁ
ରାଜ୍ୟରୁ ରାଜ୍ୟ ଦେଶରୁ ଦେଶ

ISSN NO.
2582-208X

ଅକ୍ତିଆର କରିଚାଲିଛ
ନିଜର ପ୍ରଭୁତ୍ୱ ବିସ୍ତାର କରିଚାଲିଛ କାହା ପାଇଁ
ବୋଧେ କରିବାକୁ ଅନ୍ତ ନା ଗଢିବାକୁ ଭବିଷ୍ୟତ ।
ହୃଦୟ ଥିଲେ ସିନା ବୁଝିବ
ଅସହାୟ ମଣିଷର ବୁକୁଫଟା ଚିତ୍କାର
ଶହଶହ ଅନାଥଙ୍କ ଆକୁଳ ବେଦନା
ବର୍ତ୍ତମାନ ମଧ୍ୟ ସମୟ ଅଛି
ଭବିଷ୍ୟତ ଗଢି ତୋଳିବାର
ମଣିଷ ହୋଇ ସମସ୍ତଙ୍କୁ ଭଲ ପାଇବାର
ସତ୍ୟ ଓ ଅହିଂସା ସାଥେ ଆଗକୁ ବଢିବାର
ନହେଲେ ଗୁଡାଏ ହାଡ ଆଉ ପାଉଁଶ ପଡି ରହିଥିବ
ପ୍ରମାଣ ଦେଉଥିବ
ପୃଥିବୀରେ ଥିଲା ଦିନେ ମଣିଷର ଅସ୍ତିତ୍ୱ ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ଦୂରଭାଷ-୯୧୭୮୪୪୦୬୮୨

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ବର୍ଜ୍ୟ ବସ୍ତୁ ପରିଚାଳନା ଓ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ବିଶ୍ୱରେ ମଣିଷ ସମାଜ ସୁସ୍ଥ ଓ ଦୀର୍ଘାୟୁ ଭାବେ ବଞ୍ଚିରହିବା ପାଇଁ କେଉଁ ଆବାହନ କାଳରୁ ପ୍ରକୃତି ଆମପାଇଁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରିଛି। ପୃଥିବୀର ଜୀବଜଗତ ମଧ୍ୟରେ ମନୁଷ୍ୟ ସବୁଠୁ ଚାଲାକି ଚତୁର ଓ ବୁଦ୍ଧିମାନ ବୋଲି ବିବେଚନା କରାଯାଏ। ହେଲେ "ପଣ୍ଡିତ ପୁଅ ମୂର୍ଖ" ନ୍ୟାୟରେ ମନୁଷ୍ୟ ନିଜପାଇଁ ଏପରି କେତେକ କାର୍ଯ୍ୟ କରିଚାଲିଛି ଯଦ୍ୱାରା ମନୁଷ୍ୟ ଦୀର୍ଘାୟୁ ହୋଇ ବଞ୍ଚି ରହିବା ପରିବର୍ତ୍ତେ ଅଳ୍ପାୟୁ ନିମନ୍ତେ ପରିସ୍ଥିତି ସୃଷ୍ଟି କରିଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦୈନନ୍ଦିନ ଜଙ୍ଗଲ ସମ୍ପଦ ଧ୍ୱଂସ କରିବାଠାରୁ ଆରମ୍ଭକରି ପ୍ରାଣୀସମ୍ପଦ ନଷ୍ଟ କରିବା, ପକ୍ଷୀ ମାନଙ୍କୁ ମାରି ମାଂସ ଭକ୍ଷଣ କରିବା, ମନୁଷ୍ୟର ଅଭ୍ୟାସ ଗତ ହୋଇଯାଇଛି, ଏପରି କାର୍ଯ୍ୟ କରିଚାଲିଛି, ଯାହାକି ପ୍ରକୃତି ଓ ପରିବେଶ ପାଇଁ ଘାତକ ସଦୃଶ୍ୟ ହୋଇଛି। ହେଲେ ମନୁଷ୍ୟ ବୁଝିପାରୁନି ଯେ ନିଜର ଜୀବନ ସୁରକ୍ଷା ଓ ଆଗାମୀ ପିଢ଼ିଙ୍କି ପାଇଁ ନିଜେ କିପରି କ୍ଷତି ସାଧନ କରିଚାଲିଛି ନିଜେ ହିଁ ଜାଣିପାରୁନାହିଁ।ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟ ସୁସ୍ଥ, ନିରାମୟ ଓ ଦୀର୍ଘଦିନ ବଞ୍ଚିରହିବା ରେ ନିଜ ପାଇଁ ନିଜେ ପ୍ରତିବନ୍ଧକ ସାଜିଛି।

ମନୁଷ୍ୟ ଦୈନନ୍ଦିନ ନିଜର ବ୍ୟବହାର କରୁଥିବା ସାମଗ୍ରୀ ଭିତରେ ଅତି ଆଦର ଓ ନିକଟତମ ବ୍ୟବହାର ଉପକରଣ ମଧ୍ୟରେ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନ କୁ ଅତି ଆପଣାର କରିଛି। ପ୍ଲାଷ୍ଟିକ ଜାତ ଦ୍ରବ୍ୟ ଭିତରେ ପ୍ଲାଷ୍ଟିକ ଚାୟର ଟେବୁଲ, ପିଲାମାନଙ୍କ ପ୍ଲାଷ୍ଟିକ ଖେଳନା ସାମଗ୍ରୀ, କୁରକୁରି, ଅଟା, ଚା'ପତ୍ର, ବିସ୍କୁଟ ଆଦି ବିଭିନ୍ନ ଖାଦ୍ୟ ଦ୍ରବ୍ୟ ରଖାଯାଇଥିବା ପ୍ୟାକେଟ, ପଲିଥିନ ବ୍ୟାଗ, ପାଣିବୋଟଲ ସମେତ ସାଇକଲ, ହେଲମେଟ, ଏଆର ବ୍ୟାଗ, ମୋବାଇଲ ଆଦି ବହୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ଲାଷ୍ଟିକ ଓ ପଲିଥିନ

ISSN NO.
2582-208X

ସାମଗ୍ରୀ ଦ୍ୱାରା ପ୍ରସ୍ତୁତି ହୋଇଥାଏ। ଆମେ ବ୍ୟବହାର ସରିବା ପରେ ଉକ୍ତ ପ୍ଲାଷ୍ଟିକ ଓ ପଲିଥିନ କୁ ଏଣେତେଣେ ଫୋପାଡ଼ି ଦେଇଥାଉ, ଯାହାକି ପ୍ରତି ଗ୍ରାମ, ସହର ଗୁଡିକରେ ଏକତ୍ରୀକରଣ ହୋଇ କୁଢ଼ କୁଢ଼ ଆବର୍ଜନା ଭାବେ ଗଦା ହୋଇ ଡ୍ରେନ ଗୁଡିକର ଜଳ ନିଷ୍କାସନ ରେ ପ୍ରତିବନ୍ଧକ ହେଉଥିବା ବେଳେ ନଦୀ ନାଳ ପୁଷ୍କରିଣୀରେ ମଧ୍ୟ ଏହା ଜମାଟ ବାନ୍ଧି ଥାଏ। ସମୁଦ୍ରରେ ମଧ୍ୟ ହଜାର ହଜାର ଟନ ପ୍ଲାଷ୍ଟିକ ସାମଗ୍ରୀ ଯମାହୋଇ ରହିଥିବାର ଦେଖାଯାଏ। ଏହି ପ୍ଲାଷ୍ଟିକ ସାମଗ୍ରୀ ସହଜରେ ମାଟି, ଜଳ କିମ୍ବା ଜଳବାୟୁ ରେ ସହଜରେ ଶହଶହ ବର୍ଷ ଧରି ବିଘଟନ ହୋଇ ପାରିନଥାଏ। ଜଳଯିବ ପ୍ରାଣୀମାନେ ଉକ୍ତ ପ୍ଲାଷ୍ଟିକ କୁ ଭକ୍ଷଣ କରି ମୃତ୍ୟୁ ମୁଖରେ ପଡୁଥିବା ବେଳେ ଉକ୍ତ ଜଳଚର ପ୍ରାଣୀମାନଙ୍କ ମୃତ ଶରୀର ପଚି ଜଳକୁ ଦୂଷିତ ହୋଇଥାଏ, ଗାଇ, ଗୋରୁ, ମଇଂସି, କୁକୁର ଆଦି ସ୍ଥଳ ଚର ପ୍ରାଣୀମାନେ, ଆମେ ଖାଦ୍ୟ ଖାଇ ଫୋପାଡ଼ି ଥିବା ପଲିଥିନ ଓ ପ୍ଲାଷ୍ଟିକକୁ ଖାଦ୍ୟ ଖାଇବା ଆଶାରେ ଭକ୍ଷଣ କରି ବିଭିନ୍ନ ପେଟ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ। ଆମେ ଦୈନନ୍ଦିନ ପ୍ଲାଷ୍ଟିକ ବୋତଲ ରେ ପାଣି ରଖି ପିଇବା ଦ୍ୱାରା ପ୍ଲାଷ୍ଟିକ ଓ ପାଣିର ବହୁ ସମୟ ଧରି ରହିବା ଦ୍ୱାରା ରାସାୟନିକ ପ୍ରକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶି (micro plastics) ଶରୀରକୁ ପ୍ରବେଶ କରିବା ଦ୍ୱ୍ୱାରା ପେଟ ଜନିତ ସମସ୍ୟା ସୃଷ୍ଟି କରିବା ସହ ଲିଭର, କିଡନୀ ଏବଂ ରକ୍ତ କଣିକା ରେ ମିଶି କର୍କଟ ରୋଗ, ଶାରୀରିକ ଅକ୍ଷମତା, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି କରିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତପୋଷଣ କରିଛନ୍ତି। ଯାହାକି ମନୁଷ୍ୟ ସମାଜ ପାଇଁ ଅତି ଭୟାନକ ଅଟେ ଏବଂ ଆଗାମୀ ପିଢ଼ିଙ୍କି ପାଇଁ ସତର୍କ ଘଣ୍ଟି ଅଟେ। ଉକ୍ତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଗୁଡିକ ମାଟି ତଳେ ପୋତି ହୋଇ ରହିବା ଦ୍ୱାରା ଭୂପୃଷ୍ଠ ର ଜଳସ୍ତର ସନ୍ତୁଳନରେ ପ୍ରତିବନ୍ଧକ ସାଜିଥାଏ। ଯଦ୍ୱାରା ବିଭିନ୍ନ ଫସଲ ଓ ବୃକ୍ଷ ବୃଦ୍ଧି ପାଇବାରେ ପ୍ରତିବନ୍ଧକ ହୋଇଥାଏ। ପ୍ଲାଷ୍ଟିକ ସାମଗ୍ରୀର ଏସବୁ ଖରାପ ପ୍ରଭାବ ଆମ ପୃଥିବୀର ପ୍ରକୃତି ଓ ପରିବେଶ ସୁରକ୍ଷାରେ ସମସ୍ୟା ସୃଷ୍ଟି କରିଥାଏ ।

ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଉପଯୋଗୀ ହେଉଥିଲେ ସୁଦ୍ଧା ଏହା ବିଘଟନ ହୋଇପାରୁନଥିବା ହେତୁ ଏହାର ବର୍ଜ୍ୟବସ୍ତୁ ମଣିଷ ସମାଜ ପାଇଁ ଯଥେଷ୍ଟ କ୍ଷତିକାରକ ସାଜିଛି। ୧୮୬୨ ମସିହାରେ ଆଲେକଯେଣ୍ଡର ପାର୍କସ (Alexander parkes)

ISSN NO.
2582-208X

ସର୍ବପ୍ରଥମେ ପ୍ଲାଷ୍ଟିକ ବିଷୟ ନେଇ ଲଣ୍ଡନ ଠାରେ ଆନ୍ତର୍ଜାତିକ ସ୍ତରୀୟ ପ୍ରଦର୍ଶନୀ ରେ ଏହା ଜଣାଇଥିଲେ। ପ୍ଲାଷ୍ଟିକ ସାମଗ୍ରୀ ମଣିଷ ସମାଜ ପାଇଁ ବ୍ୟବହାର ଉପଯୋଗୀ ହୋଇଥିଲେ ସୁଦ୍ଧା ବହୁମାତ୍ରାରେ ମନୁଷ୍ୟ ପାଇଁ ଏହା କ୍ଷତିକାରକ ଅଟେ। ପ୍ଲାଷ୍ଟିକରେ ଲିଡ଼, କେଡମିୟମ, ପାରଦର ମାତ୍ରା ରହିଥିବାରୁ ଏହା ମନୁଷ୍ୟର ବହୁ ମାତ୍ରା ସଂସ୍ପର୍ଶରେ ଆସିବା ଦ୍ୱାରା ବହୁ କ୍ଷତି ସାଧନ କରିଥାଏ। ଦୋକାନ ଓ ବଜାରକୁ ଆମେ ସୌଦାପାଇଁ ଗଲାବେଳେ ଘରୁ ବ୍ୟାଗ ଧରି ଯିବା, ପ୍ଲାଷ୍ଟିକ ଖେଳନା ଠାରୁ ପିଲାମାନଙ୍କୁ ଦୁରେଇ ରଖିବା ଉଚିତ, ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ପରେ ବର୍ଜ୍ୟବସ୍ତୁକୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ପୋତିଦେବା ଉଚିତ। ପ୍ଲାଷ୍ଟିକ ଓ ପଲିଥିନ କୁ ନିଆଁ ରେ ପୋଡ଼ିବା ଆଦୌ ଉଚିତ ନୁହେଁ। କାରଣ ପ୍ଲାଷ୍ଟିକ ଓ ପଲିଥିନ ପୋଡ଼ିବା ସମୟରେ ସେଥିରୁ ନିର୍ଗତ ବିଷାକ୍ତ ଗ୍ୟାସ ପ୍ରକୃତି, ପରିବେଶ, ମନୁଷ୍ୟ ଓ ପ୍ରାଣୀ ସମ୍ପଦ ନିମନ୍ତେ ବହୁତ କ୍ଷତି କାରକ ହୋଇଥାଏ। ଉକ୍ତ ଗ୍ୟାସ ମନୁଷ୍ୟ ସଂସ୍ପର୍ଶରେ ଆସିବା ଦ୍ୱାରା ଫୁସଫୁସ ଓ ଶ୍ୱାସ ନଳୀ ଉପରେ ଯଥେଷ୍ଟ ଖରାପ ପ୍ରଭାବ ପକାଇଥାଏ। ତେଣୁ ଆମେ ଯଥା ସମ୍ଭବ ପ୍ଲାଷ୍ଟିକ ଠାରୁ ଦୂରେଇ ରହି ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯଦ୍ୱାରା ପ୍ରକୃତି, ପରିବେଶ ସନ୍ତୁଳିତ ହେବାସହ ଆମେ ବିଭିନ୍ନ ମାରାତ୍ମକ ରୋଗରୁ ଦୁରେଇ ରହିପାରିବା ସହ ସୁସ୍ଥ ଜୀବନ ଯାପନ କରିପାରିବା । ଯଦ୍ୱାରା ଆଗାମୀ ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ସୁରକ୍ଷାର ବାର୍ତ୍ତା ହୋଇପାରିବ। ସର୍ବ ପ୍ରଥମେ ଆମ ଓଡିଶା ସରକାର ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀକୁ ରାଜ୍ୟ ରେ ବେନ କରିଥିଲେ, ଯାହା କି ସ୍ୱାଗତ ଯୋଗ୍ୟ ପଦକ୍ଷେପ ଅଟେ, ଏହି ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଠାରୁ ଯଥା ସମ୍ଭବ ଦୁରେଇ ରହିବା ପାଇଁ ସରକାରୀ, ବେସରକାରୀ ଓ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଜାରି ରହିବା ଉଚିତ, ଯଦ୍ୱାରା ମନୁଷ୍ୟ ସମାଜ ପାଇଁ ହିତ ସାଧନ ହୋଇପାରିବ ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ସିମେଇ ପକୁଡି



ଜୟନ୍ତୀ ଦେବୀ

ସାମଗ୍ରୀ : ସିମେଇ ଅଧ କପ୍
ମଧ୍ୟମ ଆକାରର ସିଝା ଆଳୁ ୧ ଟି
କଞ୍ଚା ଲଙ୍କା - ୨ଟା, ପିଆଜ - ୧ ଟି
ଅଦା-ରସୁଣ ବଟା ଅଧ ଟେବଲ ଚାମଚ
ବେସନ ଅଧ ଟେବଲ ଚାମଚ, ଚାଉଳ ଚୁନା ଅଧ ଚାମଚ
କଟା ଧନିଆ ପତ୍ର ଅଧଟେବଲ ଚାମଚ, ସାମାନ୍ୟ ଲଙ୍କା ପାଉଡର
ଘିଅ - ୧ ଟେବଲ ଚାମଚ, ଅଳ୍ପ କାଜୁ, ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ ।

ପ୍ରସ୍ତୁତି ପ୍ରଣାଳୀ - କଡେଇରେ ଘିଅ ଗରମ କରି ସିମେଇ ଗୁଡିକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଏଥର ଗ୍ୟାସ ବନ୍ଦ କରି ସେଥିରେ ଗରମ ପାଣି ପକାଇ କିଛି ସମୟ ପରେ ସିମେଇ ଗୁଡିକୁ ଛାଣି ରଖନ୍ତୁ । ଏହା ପରେ ସିମେଇ ଗୁଡିକୁ ପୁଣି ଥରେ ଥଣ୍ଡା ପାଣିରେ ପକାଇ ଛାଣି ଅଲଗା ରଖନ୍ତୁ । ଏଥର ପିଆଜ ଓ କଞ୍ଚା ଲଙ୍କାକୁ ଚୁନଚୁନ କରି କାଟନ୍ତୁ । ଆଳୁ ଚକଟି ସେଥିରେ ସିମେଇ ସହିତ ବାକି ସବୁ ଜିନିଷ ମିଶାଇ ଭଲକରି ଚକଟି ଦିଅନ୍ତୁ । ଇଚ୍ଛା ହେଲେ ସାମାନ୍ୟ ସୋଡା ମଧ୍ୟ ମିଶାଇ ପାରନ୍ତି । ଏଥରକ ସେହି ମିଶ୍ରଣକୁ ଅଧ ଚାମଚ ଗରମ ତେଲ ମିଶାଇ ଟିକେ ଗୋଳାଇ ଦିଅନ୍ତୁ । କଡେଇରେ ବଳକା ତେଲ ଗରମ କରି ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ପକୁଡି ବଭଳି ଛାଣନ୍ତୁ । ଏହାକୁ ସସ୍ ସହିତ ଖାଆନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କାଜୁ ମଟନ



ଅଧ୍ୟାପିକା ରେଜାଲିନ୍ ବାରିକ୍

ଆବଶ୍ୟକ ସାମଗ୍ରୀ: ମଟନ - ୪୦୦ ଗ୍ରାମ, ଦହି-୧ କପ୍,
ଘିଅ - ୧ କପ୍, କାଜୁ-୫୦ ଗ୍ରାମ,
ଲୁଣ - ଆବଶ୍ୟକ ଅନୁଯାୟୀ
ହଳଦୀ ଗୁଣ୍ଡ- ୧ ଚାମଚ
ଲଙ୍କା ଗୁଣ୍ଡ - ଆବଶ୍ୟକ ପରିମାଣର
ବାଦାମ - ୫୦ ଗ୍ରାମ
ଅଦା, ରସୁଣ ବଟା - ୪ ଚାମଚ

ଗୋଟା ମସଲା : ଲବଙ୍ଗ - ୬ ରୁ ୭ ଟି, ବଡ ଅଳେଇଚ - ୨ଟି,
ଛୋଟ ଅଳେଇଚ - ୨ ଟି, ଜାଇତ୍ରି ଫଳ - ଅଳ୍ପ,
ଡଲଚିନି - ୩ ଟି, କଟା ପିଆଜ - ୩ ଟି
ପେଷା ଟମାଟୋ - ୧ ଟି, ଗୋଲମରିଚ ଗୁଣ୍ଡ - ଅଳ୍ପ,
ଗରମ ମସଲା - ୧ ଚାମଚ

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଟନକୁ ଭଲ ଭାବେ ଧୋଇକି ଅଳ୍ପ ହଳଦୀ ଓ ଲୁଣ ଗୋଳାଇ ରଖିଦିଅନ୍ତୁ । ଗ୍ୟାସ ଲଗାଇ ଏକ ପାତ୍ରରେ ପାଣି ଗରମ୍ କରନ୍ତୁ । ପାଣି ଗରମ ହେଲେ ଏଥିରେ କାଜୁ,

ISSN NO.
2582-208X

ବାଦାମ ପକାଇ ୫ ମିନିଟ ଫୁଟାନ୍ତୁ । ୫ ମିନିଟ ପରେ ପାଣିରୁ ଏହାକୁ ବାହାର କରି ଏହି କାଜୁ, ବାଦାମ, ଦହିକୁ ଭଲ ଭାବେ ପେଷି ଦିଅନ୍ତୁ । ପେଷିବା ପରେଏହି ପେଷ୍ଟକୁ ଏକ ପାତ୍ରକୁ କାଢି ଦିଅନ୍ତୁ । ଏବେ ଗ୍ୟାସରେ କଡେଇ ବସାଇ ଘିଅ ଗରମ କରନ୍ତୁ । ଘିଅ ଗରମ ହେବା ପରେ ଏଥିରେ ପିଆଜ ପକାଇ ଭଲଭାବେ ଭାଜନ୍ତୁ । ପିଆଜ ଭାଜିହେବା ପରେ ତେଜପତ୍ର, ସମସ୍ତ ଗୋଟା ମସଲା ପକାଇ ୫ ମିନିଟ୍ ଭଲରେ ଭାଜି ଦିଅନ୍ତୁ । ୫ ମିନିଟ୍ ପରେ ଅଦା ରସୁଣ ବଟା ପକାଇ ଭଲଭାବେ କଷନ୍ତୁ । କଷିବା ପରେ ଗୋଳାଇ ରଖିଥିବା ମଟନ, ଲୁଣ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ପାଣି ଦେଇ ଗ୍ୟାସରେ ୨୦ ମିନିଟ୍ ବସାନ୍ତୁ । ୨୦ ମିନିଟ୍ ପରେ ଏଥିରେ ପେଷା ଟମାଟୋ, ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ଏବେ ଏଥିରେ ରଖିଥିବା କାଜୁ ପେଷ୍ଟକୁ ପକାଇ ପୁଣି ୧୦ ମିନିଟ୍ ପରେ ଅଳ୍ପ ଲୁଣ ଗରମ ମସଲା ଗୁଣ୍ଡ ପକାଇ ଗୋଳାଇ ୧ ମିନିଟ୍ ଗ୍ୟାସରେ ବସାଇ ଏକ ପାତ୍ରକୁ କାଢି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କାଜୁ ମଟନ ଚଟପଟି । ଏହାକୁ ଖାଆନ୍ତୁ ଓ ମଜା ନିଅନ୍ତୁ ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ମହୁଲ୍ କୁଁଚ



ବାଙ୍କାବିହାରି ମହାକୁର

ପତର୍ ଶୁଏନେ ହେଲାକେ ଲାଁଡ୍'କି
ମହୁଲ୍ ଗଛେ ଆଏଲା କୁଁଚି
ମୁଁଡ୍ ଟେକେଇ ଡଗ୍'ଡଗ୍ ଦେଖୁଛେ
ଧୁକା ମାଏଲେ ଦେଉଛେ ନାଚି ।

କହଁର୍ ଯାଏସି ପବନେ ଖେପି
ବାଟ୍ ବନା ହେସି ଭଁମର୍
କୁଇଲି ଉସତେ ପଖରାନେ ବସି
ଗାଉଥିସି ଗିତ୍ ସାତ୍'ସୁର୍ ।

ଡଁଗର୍ ତଲର୍ ଝାର୍ ବସା ଲୋକେ
ହେସନ୍ ମନ୍ ଭିତ୍ରେ ଗହକି
ଭୁଗାଟୁପା ସଜାଇ ଗାଁର୍ ଧାଁଗରି
ହଁସୁଛେଗା ମୁଲ୍'କି ମୁଲ୍'କି ।

ଗୁନ୍'ଗୁନେଇ କେତେଁ ଗାଏସି ଗିତ୍
ମହୁଲ୍ ବେଁଟା ଆମର୍ କବାର
ପହଁପହଁନୁ ସେ ଧାଏଁସି ଝାର୍'କେ
ଡାକି କରି ବଉଲ୍ ମକର ।

ISSN NO.
2582-208X

ବେଁଟି ସାଉଁଟି କରି ଶୁଖାଇ ରଖ୍'ଲେ
ଦୁଇ ପଏସାର୍ ହେସି ଲାଭ୍
ଝାର୍ ଅନ୍'ସରି ଚଲ୍ଲା କୁଟୁମ୍'ର
ଦୁରାସି ଦିନାଦୁ ଅଭାବ୍ ।

ବୁରୁବୁଡା,ବୀରମହାରାଜପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ମୋର ଭାଷା



ଶୁଭେନ୍ଦୁ ମେହେର

ମୋର ଭାଷା ବଢ଼େ ନିରସା
ଯେନ୍ତା ଖଣ୍ଡ ଖୀର୍ଷା ।
ଚୁପକୁ ଚୁପା ଚଟନି ବାଗିର
ଲଠକୋ ଲଠା ମିଶା ।।

ଖଂଡ ମଧୁର ପଟ କଷା
ଯେନ୍ତା ଟର ଆମିଲ ।
ଅଲଗା ଭାଷାଥି କାହିଁ ପାଇବ
ଶବଦ ଏନ୍ତା ଡଉଲ ।।

ମୋର ଭାଷାର ଚୁପ କାଣ୍ଡିଆ
କଥାନି ବଖାନି ଲୋରି ।
ଟପା ଦାଇକା ସୁନବ ବଏଲେ
ପେଟ ଯାଏସି ପୁରି ।।

ISSN NO.
2582-208X

ମୋର ଭାଷାର ବିର ସୁରେନ୍ଦର
ଗଙ୍ଗାଧର ମାଧୋ ଜାତି ।
ଚନ୍ଦ୍ରମଣି ଆର ଭୀମ ଭୋଇ
ପୁରଥୀ ଯାଇଚନ ଜିତି ।।

ହଲଧର ଅଟଲ ଉଦଗାତା ବାଗିର
ସାଧନା କରୁଚନ ଇନ ।
ଏନ୍ତା ମିଠା ସାହିତ୍ୟ ଆରୁ
ଯହିଁ ଖୁଜଲେ ନେଇଁନ ।।

ଯାଲ୍ଲେଏ, ସୁବର୍ଣ୍ଣପୁର-୧୮

ISSN NO.
2582-208X

# ତୁଇ ମୋର୍ ଆଉ

ପ୍ରମୋଦ କୁମାର ସାହୁ

ଭାଏଗେ ଥିଲୁ ପାଏଲି ତତେ
କାଏଁ କର୍' ମି ଧନ୍ ଦରବ୍,
ତୁଇ ହିରା,ନୀଲା,ମୋତି ମାଣିକ୍
ତୋର୍ ଲାଗି କର୍'ସି ଗରବ୍ ।

ସୁଖେ ଦୁଖେ ସବୁ ସମିଆଁ ନେ
ଧରିଥିମି ତୋର୍ ହାତ୍,
ଦୁଖ୍ ଦୁର୍ଦ୍ଦଶା ସବୁ ଛାଡି ପଲାବା
ଚାଲୁଥିଲେ ଆମେ ବାଟ୍ ।

ସଂସାର'ର୍ ଯେତେ ଦୁଖ୍ ଦୁର୍ଦ୍ଦଶା ଆସୁ
ହସି ହସି  ସହି ଜିମି,
ତୋର୍ ମନ୍ କେଭେଁ ଊନା ନାଇଁ କରେ
ମରି ଗଲେ ମରି ଜିମି ।

ଜପ୍ ତପ୍ କରି ପାଇଛେ ତତେ
ତୁଇ ତୋ ମୋର୍ ମହାପୁରୁ,
ମନ୍ ଭିତ୍'ରେ ତତେ ବାନ୍ଧି ରଖିଛେ
ଭାବର୍ ଗଏଁଟ୍ ଖୁଲି ନାଇଁ ପାରୁ ।

ISSN NO.
2582-208X

ତୁଇ ଦେହେ ହେଲେ ମୁଇଁ ତୋର୍ ଛାଏଁ
ପାସେ ପାସେ ଥିସି ରହି,
ତୁଇ ଝୁଟ୍ ଲେଇ ହେଲେ ମତେ ଚିଆଁସି
ନାଇଁ ପାରେ ମୁଇଁ ସହି ।

ଦୁହି ଜୀବନ୍ ଆମର୍ ଗୁଟେ ଆତ୍ମା
ତମେ ଶୁଆ ମୁଇଁ ଶାରୀ,
ଯମର୍ ଠାନୁ ତତେ ଛଡେଇ ଆନ୍'ମି
ନାଇଁ ଯାଏଁ କେଭେଁ ହାରି ।

ମୋର୍ ମନର୍ ଗୁସିଆଁ ତୁଇ ମୋର୍ ଆଉ
ମୋର୍ ହୁର୍'ଦେ ଯାଇଛୁ ରଚି,
ତୁଇ ଛାଡି ଗଲେ କେନ୍ତା ରହେମି କହ
ନାଇଁ ପାରେ ମୁଇଁ ବଁଚି ।

ଭୋଇରମୁଣ୍ଡା,
କର୍ଲାମୁଣ୍ଡା, ଜି-କଳାହାଣ୍ଡି

ISSN NO.
2582-208X

# ବସନ୍ତ୍ ରତୁ ଆଏଲାନ



ଶ୍ୟାମସୁନ୍ଦର କୁମ୍ଭାର

ନିନ ଆରୁ ଶିତର୍ ଡର୍
ବସନ୍ତ୍ ରତୁ ଆଏଲାନ ।
ଗଛୁଁ ବୁଢ଼ା ପତର୍ ଝରି ଗଲାନ
କଅଁଲି ପତର୍ ପାଆଁଲିଲାନ
ଗହଗହ ହୁଏ ଧର୍ତୀ ରାନୀ
ସାଗୁଆ ଶାଢ଼ୀ ପିନ୍ଧଲାନ (୧)

ମହୁଲ୍ କୁଁଚି ,ଚାଁର୍ କୁଁଚି
ଆମ୍ ବଉଲ ବାସାଲାନ ।
ଆମ୍ ବୁରେଇନେ କୁଇଲି ରାନୀ
କୁହୁ କହୁ ତାର୍ ଗୀତର୍ ଧୁନି
ପଂଚମ୍ ତାନେ ଗୀତ୍ ଗାଇ ସେ
ବିରହୀ ମନକେ ମୋହିଲାନ (୨)

ହୁର୍ ହୁରିଆ ବସନ୍ତ୍ ପବନ୍
ଫୁର୍ ଫୁର୍ ଫୁର୍ ବୁହିଲାନ ।
ରସିଆ ରସିଏନ୍ ମନ୍ ଛନଛନ୍
ଭାବେ ସର୍ସର୍ ମଧୁର୍ ମିଲନ୍

ISSN NO.
2582-208X

ନୁଆଁ ନୁଆଁ ବର୍ କନିଆଁ ଯୁଡ଼ି
ବିହା ବନ୍ଧନା ଚାଲଲାନ (୩)

ଶିବରାତ୍ରୀ ଜାଗର୍ ମେଲା
ଶିବ ମନ୍ଦିରେ ସର୍ଲାନ ।
ଫଗୁନ୍ ପୁନି ଦୋଲ ଯାତରା
ହୁଇଲି ପୁଢ଼େଇ ରଙ୍ଗ୍ ଖେଲିଲାନ୍
ସଜ୍ ହେଇଥ ସାଙ୍ଗ, ମକର
ସମିଆଁ ଦେଖ ଆଏଲାନ (୪)

ରଙ୍ଗରଙ୍ଗିଆ ଫଲ୍ସା ଫୁଲେଁ
ମଙ୍ଗଲା ମାକେ ସେବ୍ଲାନ ।
କାଲୀ ମାଆଁର୍ ସାଙ୍ଗେ ମହାଦେବ୍
ତେର ଭୁକ୍ତା ହେବେ ଭେଟ୍
ତେର ଦିନ୍ ତକ୍ ଗାଁଗାଁ ବୁଲି
ଡଣ୍ଡୁଆଁ ପିଲେ ନାଚ୍ବେନ (୫)

ବସନ୍ତ୍ କହୁଛେ ଶୁନ୍ରେ ଶୀତ
ତୋର୍ ସମିଆଁ ସର୍ଲାନ ।
ଦୁଃଖ୍ ପରେ ସୁଖ,ରାଏତ୍ ପରେ ଦିନ,
କାନ୍ଦି ପରେ ହସି, ଜନମ୍ ହେଲେ ମରନ୍
ନିୟତିର୍ ନିୟମ୍ କେ କିଏ ଟାଲ୍ବା
ମୋର୍ ସମିଆଁ ଆଏଲାନ (୬)

ସନ୍ଧିବାହାଲ
ଗାଇସିଲେଟ, ବରଗଡ଼

ISSN NO.
2582-208X

# ଜୟ ମାଁ ସରସ୍ୱତୀ



ଦେବାର୍ଚ୍ଚନ ମେହେର

ମାଘ୍ ମାସର୍
ଶୁକ୍ଳ ପଞ୍ଚମୀ ତିଥିନେ,
ଭକତ୍ ସବୁ କରୁଛନ୍
ତର୍ ପୂଜା ମର୍ତ୍ତ୍ୟନେ।।

ଜଏ ଜଏ ମାଁ ଗୋ ସରସ୍ୱତୀ
ବିଦ୍ୟା ବୁଦ୍ଧି ପ୍ରଦାୟିନୀ,
ଜଏ ଜଏ ମାଁ ଗୋ ଭଗବତୀ
ବୀଣା ପୁସ୍ତକ ଧାରିଣୀ।।

ଦିଅ ମୋତେ ଜ୍ଞାନ୍ ବୁଦ୍ଧି
ତମର୍ ପାଦେଁ କରୁଛେଁ ବିନ୍ତି,
ମାଁ ଗୋ ହଂସ୍ ବାହିନୀ
ଘେନ୍ ମୋ କୁଟି ପ୍ରଣତି।।

ତୁମର୍ ଆଶିର୍ବାଦେ
ମୁରୁଖ୍ ହେଶି ମହାଜ୍ଞାନୀ,
ତମେ ମାଁ ଗୋ
ଜଗତର୍ ଜନନୀ।।

ISSN NO.
2582-208X

ମାଁ ଗୋ ସରସ୍ୱତୀ
ଅଜ୍ଞାନ୍ ନାଶିନୀ,
ଶୁକ୍ଳ ବସ୍ତ୍ର ଧାରିଣୀ
ବ୍ରହ୍ମାଙ୍କ ଘରଣୀ।।

ମାଁ ଗୋ ମସ୍ତକନେ ସୁବର୍ଣ୍ଣ ମକୁଟ୍
ଗଳାନେ ହାର୍,
ମାଁ ଗୋ କର୍ଣ୍ଣେ କୁଣ୍ଡଳ୍,
ପୁସ୍ତକ୍, ବୀଣା ହସ୍ତନେ ତର୍।।

ମହାମୁରୁଖ୍ କାଳିଦାସ
ତର୍ କୃପା ବଳେ,
ଦେଶ୍ ବିଦେଶ୍ ନେ
ନାଁ ରଖିଲେ।।

ଗ୍ରାମ - ବାପୁଜୀନଗର
ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପିତା କଲରାର କାରସାଦି



ଡ଼ଃ ରଞ୍ଜିତ କୁମାର ସାହୁ

"ରୋଷେଇ ଘରୁ ଏତେ ବଢିଆ ବାସ୍ନା ଆସୁଥିବାରୁ ମୁଁ ତ ଭାବିଥିଲି କିଛି ଗୋଟାଏ ସୁଆଦିଆ ଜିନିଷ ହେଇଥିବ ବୋଲି, କିନ୍ତୁ ଏଠି ବୋଉ କଲରାକୁ ଭାଜିକି ଥୋଇ ଦେଇଛି, ଲଙ୍କା ଆଉ ରସୁଣ ସହିତ," ଟୁନା ଅଭିମାନ କରି କହିଲା । ଛାତ୍ରାବାସରେ ରହି ଅଧ୍ୟୟନ କରୁଥିବାରୁ ଟୁନା ବହୁତ କାମ ସମୟ ଘରକୁ ଆସେ । ତେଣୁ ଯେବେ ମଧ୍ୟ ଆସେ, ତାହାର ମନରେ ଟିକେ ଆଶା ଥାଏ, ବୋଉ କିଛି ଭଲ ଜିନିଷ କରି ଖୁଆଇବ । ବୋଉ ମଧ୍ୟ ନିରାଶ କରେ ନାହିଁ, କେତେ ପ୍ରକାର ପିଠା ଆଉ ମିଠା ତିଆରି କରି ଖାଇବାକୁ ଦିଏ। ଟୁନା ଫେରିଲାବେଳକୁ ସାଥିରେ ନେବା ଲାଗି ମଧ୍ୟ କିଛି ଶୁଖିଲା ମିଠେଇ ଆଉ ବାରମଜା ପୁଡିଆ କରି ବାନ୍ଧି ଦିଏ । ଏଥର କିନ୍ତୁ ଟୁନା ଆସୁ ଆସୁ ବହୁତ ଉତ୍ସାହ ସହ ବାପା ବୋଉଙ୍କୁ କହିକି ବାଡ଼ିରେ ହୋଇଥିବା କଲରା କୁ ଭଜା କରି ଦେବାକୁ କହିଲେ । କେବଳ ସେତିକି ନୁହେଁ, ଡାଲିରେ ମଧ୍ୟ କଲରା ପତ୍ର ପକେଇବାକୁ କହିଥିଲେ ! ବାପାଙ୍କୁ ତାଙ୍କ ସାଙ୍ଗ ଘରେ ମାଳିଥିବା କଲରା ଲତାଟି ବହୁତ ପସନ୍ଦ ହୋଇଗଲା, ଆଉ ସେଥିରୁ କିଛି ପାଚିଲା କଲରାର ମଞ୍ଜି ଆଣି ବାଡ଼ିରେ ଲଗାଇଥିଲେ । ଧୂମ କଲରା ଫଳିଛି ଆଉ ସାହି ପଡ଼ିଶାରେ ମଧ୍ୟ ବଣ୍ଟା ସରିଲାଣି । ତେଣୁ ବାପା ବହୁତ ଆଗ୍ରହ ସହ ଟୁନା ପାଇଁ କଲରା ର ବିଭିନ୍ନ ବ୍ୟଞ୍ଜନ କରିବାକୁ ବରାଦ କରିଥିଲେ । ବୋଉ କଲରା ଭଜା, କଲରା ପିଠଉ ଭଜା, କଲରା ତେନ୍ତୁଳି ଖାଟା ଆଉ କଲରା ପତ୍ର ଦେଇ ଡାଲି କରିଥିଲା । ତାକୁ ଦେହି ଟୁନାର ଅକଲ ଗୁଡୁମ !

"ସବୁ ଥର ଆସିଲେ ତ କେଜି କେଜି ମିଠା ଖାଉଛୁ, ଏଥର କିଛି ପିତା ଖାଆ, ଜୀବନରେ ସବୁ ସ୍ୱାଦର ଅନୁଭବ ଆବଶ୍ୟକ । ମୋ ଆଈ ତ ମୋତେ ଶିଖେଇଛି, ଖାଇବ ପିତା, ଗାଇବ ଗୀତା, ତେବେ ସେ ହୋଇବ ଜଗତ ଜିତା," ବାପା କହିଲେ ।

ISSN NO.
2582-208X


"ଅଧିକାଂଶ ଔଷଧ ତା ପିତାତ, ଏହି କଲରା  ଖାଇଲେ ମଧ୍ୟ ଔଷଧ ଖାଇଲା ଭଳି ଲାଗୁଛି," ଟୁନା କହିଲା I  "ଠିକ କଥା ଖାଇବାକୁ ପିତା ଲାଗିଲେ  ମଧ୍ୟ କଲରାର ସ୍ୱାସ୍ଥ୍ୟ ପାଇଁ ଅନେକ ଉପକାରିତା ରହିଛି," ବାପା କହିଲେ I

"ସେ କଥା ତ  ଆମ ଗୁରୁଜୀ ମଧ୍ୟ କହିଥିଲେ I ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଏ, ଭିଟାମିନ ସି, ପୋଟାସିୟମ, କାଲସିଅମ ଅଛି I ଏହା ମେଦ ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ମଧ୍ୟ ଲୋକେ ମାନନ୍ତି I ଚର୍ମ ଆଉ ରକ୍ତ ପାଇଁ ଏହା ଉପକାରୀ ଏବଂ ଶରୀରର ପ୍ରତିରୋଧ ଶକ୍ତି କୁ ବୃଦ୍ଧି କରେ ବୋଲି  ମାନ୍ୟତା ଅଛି I କିନ୍ତୁ କଲରା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ କି ?" ଟୁନା ଉତ୍ତର ପଚାରିଲା   I

"ଅନ୍ୟ ଉପାୟ ଠାରୁ ଏଇଟା ଶସ୍ତା, ସୁନ୍ଦର ଆଉ ମଜବୁତ I ଶରୀରର ଓଜନ କମେଇବାରେ ଏବଂ ମଧୁମେହ ପାଇଁ ମଧ୍ୟ ଉପକାରୀ ବୋଲି ଲୋକେ ଏହାକୁ ଖାଇଥାନ୍ତି I ଏହା ପାଚନ ଶକ୍ତି ବୃଦ୍ଧି କରେ ଏବଂ ଏଥିରେ ଯକୃତକୁ ସୁସ୍ଥ ରଖିବାର ରସାୟନ ଅଛି ବୋଲି ଲୋକେ ଭାବନ୍ତି  I କିନ୍ତୁ ବାଡିର ତଟକା ପନି ପରିବା ହେଲା ସବୁଠାରୁ ଶ୍ରେଷ୍ଠ ଉପାୟ ସୁସ୍ଥ ରହିବାର," ବାପା କହିଲେ  I



"ଏତେ ସବୁ ଭଲ ଗୁଣ ଥାଇକି କାହିଁକି ଏଇଟା ଟିକିଏ ମିଠା ହେଲାନି  କେଜାଣି, "ଟୁନା ଟିପ୍ପଣୀ ଦେଲା I

ISSN NO.
2582-208X

"କଲରା, କାକୁଡି, ଲାଉ ଇତ୍ୟାଦିରେ ଯେଉଁ ପିତା ତତ୍ୱ ରହିଛି, ତାହା ତୃଣଭୋଜୀ ପ୍ରାଣୀଙ୍କୁ ଦୂରରେ ରଖିବା ଲାଗି ପ୍ରକୃତିର ଅବଦାନ ଏହି ଲତା ଗୁଡିକ ଲାଗି I କିନ୍ତୁ ଆଦିମ କାଳରୁ ଆଫ୍ରିକା ମହାଦେଶର ଲୋକେ ଏହାର ଗୁଣବତା କୁ ବୁଝି ପାରି ଏହାକୁ ଚାଷ କରିଥିଲେ ଏବଂ ଏହା ଆଜି ବିଶ୍ୱ ସାରା ଏକ ଲୋକପ୍ରିୟ ପରିବା ହିସାବରେ ଜଣା ଯାଏ," ବାପା କହିଲେ I

"ଲୋକଙ୍କର ପ୍ରିୟ ମାନେ କଣ ଏଥିରେ ସବୁ କିଛି କରା ଯାଇ ପାରେ ?" ଟୁନା ପଚାରିଲାI

"ହଁ, ଏହାକୁ ବିଭିନ୍ନ ବ୍ୟଞ୍ଜନରେ ବ୍ୟବାହର କରିବା ବ୍ୟତୀତ କିଛି ଲୋକେ ଏହାକୁ ଆମିଷ ବ୍ୟଞ୍ଜନରେ ମଧ୍ୟ ବ୍ୟବହାର କରି ଥାଆନ୍ତି I ଏହାକୁ ଶୁଖେଇକି ଚୂର୍ଣ୍ଣ କରି ମଧ୍ୟ ବ୍ୟବହାର କରା ଯାଏ ଏବଂ କିଛି ଲୋକ ଏହାକୁ ଜୁସ କରି ମଧ୍ୟ ପିଅନ୍ତି I ଏହାକୁ ଆଚାର ମଧ୍ୟ କରାଯାଏ I ସେଥି ଲାଗି ତ ମୁଁ ବୋଉକୁ କହିଛି, ଅଧିକ ଫଳ ହୋଇଗଲେ ଏହାକୁ ଆଚାର କରିକି ରଖିବ ଆଉ ତୁ ନେଇକି ଗଲା ବେଳେ ଯିବୁ I ଏଥର ଆଉ ସେ ମିଠା ପୁଡିଆ ନାହିଁ, କଲରା ଆଚାର ନେଇକି ଯା, ନିଜେ ଖାଅ ଆଉ ତୋ ସାଙ୍ଗ ମାନଙ୍କୁ ଖୁଆ," ବାପା କହିଲେ I

ଟୁନା ବୋଉ ଆଡକୁ ଚାହିଁଲା I ବୋଉ ମୁରୁକି ହସୁଥିଲା I "ବେଶୀ ପିତା ହେବନି ବୋଲି ତେଲରେ ଭାଜିଛି, ବାପା ତା କହୁଥିଲେ ଖାଲି ସେମିତି ସିଝେଇଦେବା ଲାଗି! ଏ ଅଭ୍ୟାସ ହେଇଯିବ, ଆଉ ଅପରେ ଆଚାର ଭଲ ଲାଗିବ," ବୋଉ କହିଲା I

"ହଉ ଏଥର କଲରା ଆଚାର ବି ନେଇଯା ମିଠା ସାଥିରେ, କିନ୍ତୁ ଏବେ ଏହି କଲରା ଭଜା ଖାଇ ଦେ ଆଉ ଅଝଟ ହୁଅନା," ବାପା କହିଲେ ଟୁନାର ଶୁଖିଲା ମୁହଁକୁ ଦେଖିକି I

"କିଏ ଜାଣିଥିଲା ଏହି ପିତା ଲତାଟିରେ ଏତେ ଗୁଣ ଅଛି ବୋଲି ଆଉ ବାପା ଏହାକୁ ଆଣିକି ବାଡ଼ିର ଲଗେଇବେ ବୋଲି ?" ମନକୁ ମନ କହି ହେଉ ହେଉ ଟୁନା କଲରା ଭଜା ଖାଇବାକୁ ଲାଗିଲା I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବାଲିଶୁଆର ଧୂଳି ସ୍ନାନ



ନୀଳମାଧବ ସାହୁ

ବିଦ୍ୟାଳୟରୁ ଫେରିଲା ପରେ ଜେଜେଙ୍କ ସାଙ୍ଗରେ ନଦୀ କୁଳ ଆଡେ ବୁଲି ଯିବା ବୁଲାର ନିତିଦିନିଆ ଅଭ୍ୟାସ । ଜେଜେଙ୍କୁ ପ୍ରକୃତି କୋଳରେ ଟିକେ ଶାନ୍ତି ମିଳିବା ବେଳେ ବୁଲା ବିଭିନ୍ନ ପଶୁପକ୍ଷୀ ଦେଖି ଖୁସି ହୁଏ ଓ ଜେଜେଙ୍କୁ ସେମାନଙ୍କ ବିଷୟରେ ପଚାରେ । ପୁଣି ସୂର୍ଯ୍ୟ ଅସ୍ତ ସମୟରେ ଦୁଂହେ ଘରକୁ ଫେରନ୍ତି । ଘରକୁ ଫେରୁ ଫେରୁ ବୁଲାର ମାଆ ବୁଲାକୁ ସବୁଦିନ କିଛି ନା କିଛି ପଢାଇଥାନ୍ତି, କେବେ ସାହିତ୍ୟ ତ କେବେ ଅଙ୍କ ଆଉ ବିଜ୍ଞାନ ବି । ବୁଲା ସବୁ ଦିନ ଯାହା ପଶୁ କିମ୍ବା ପକ୍ଷୀ ଦେଖୁଥିଲା ତା ମାଆଙ୍କୁ ଜଣାଉଥିଲା; ଯେପରି କି ମାଆ ଆଜି ବିଲୁଆ ଦେଖିଲି, କାଲି କଇଁଛ ଦେଖିଥିଲି, ଆଜି ଶଙ୍ଖ ଚିଲଟି ମୂଷାକୁ ପଞ୍ଝାରେ ଧରିଥିଲା, ପେଚଟି ଗଛରେ ବସିଥିଲା, ଏହିପରି ସବୁ । ବୁଲା, ଜେଜେଙ୍କ ସାଙ୍ଗରେ ସବୁବେଳେ ନଦୀ କୁଳ ଆଡେ ବୁଲିବାକୁ ଯାଇ ବିଭିନ୍ନ ପଶୁପକ୍ଷୀ ବିଷୟରେ ଜାଣିବାକୁ ପ୍ରୟାସ କରୁଥିଲା । ଯାହା କିଛି ସଂକୋଚ ରହୁଥିଲା କେବେ ଜେଜେଙ୍କୁ ତ କେବେ ବାପା, ମାଆ, ଭାଇ, ଭଉଣୀ, ସାଙ୍ଗସାଥି ଓ ଶିକ୍ଷକଙ୍କୁ ପଚାରୁଥିଲା । ବୁଲା, ସବୁଜ ରଙ୍ଗର ଛୋଟ ପକ୍ଷୀ ବାଲିଶୁଆକୁ ଧୂଳି ଓ ବାଲିରେ ଗାଧୋଇବାର କିଛି ଦିନ ହେଲା ଦେଖୁଛି । ସେହି ପକ୍ଷୀଟିର ଏହି ଆଚରଣଟି ବୁଲା ଆଗରୁ କେବେ ଦେଖିନଥିଲା ଓ ଶୁଣିନଥିଲା ବି । ସେ ବହୁତ ଖୁସି ହେଲା ବାଲିଶୁଆର ଏହି ଆଚରଣ ଦେଖି ତାହାର କାରଣ କଣ ଜାଣିବାକୁ ଚେଷ୍ଟା କଲା । ତା ପର ଦିନ ସେହି ପକ୍ଷୀଙ୍କ ବାଲି ବା ଧୂଳି ସ୍ନାନ ସମୟରେ ଜେଜେଙ୍କୁ ତା ବିଷୟରେ ପଚାରିଲା ।

ଜେଜେ ଉତ୍ତର ଯେ ସେ ବି ବହୁତ ଥର ବାଲିଶୁଆକୁ ସେହିପରି ଧୂଳି ଓ ବାଲିରେ ଗାଧୋଇବାର ଦେଖିଛନ୍ତି କିନ୍ତୁ ତାହାର କାରଣ ଜାଣିବାକୁ କେବେ ଚେଷ୍ଟା କରିନାହାନ୍ତି ।

ISSN NO.
2582-208X



ତାହାର କାରଣ ଜାଣିବାକୁ ବୁଲା କଲେଜରେ ପରିବେଶ ବିଜ୍ଞାନ ବିଷୟରେ ପିଜି ପଢ଼ୁଥିବା କୁନାକୁ ପଚାରିଲା । ସେ କହିଲେ ଯେ ଖାଲି ବାଲିଶୁଆ ନୁହଁ ଆହୁରି କେତେକ ପକ୍ଷୀ ଓ ପଶୁ ମଧ୍ୟ ଧୂଳି ସ୍ନାନ ବା ବାଲି ସ୍ନାନ କରନ୍ତି । ପକ୍ଷୀମାନେ ବାଲିରେ ସେମାନଙ୍କ ପରକୁ ଖୋଲି ବାଲିରେ ଝାଡ଼ି ହୁଅନ୍ତି ଓ ବାଲିଧୂଳି ସେମାନଙ୍କ ପର ଓ ଶରୀରକୁ ନିଅନ୍ତି, ବାଲିରେ ଗଡେଇ ତଡେଇ ହୁଅନ୍ତି । ତାପରେ ଥଣ୍ଟରେ ପରକୁ ପରିଚ୍ଛନ୍ନ କରନ୍ତି । ଏହି ପ୍ରକ୍ରିୟା ଦ୍ୱାରା ସେମାନେ ସେମାନଙ୍କ ଶରୀରରୁ ପରଜୀବୀକୁ ବାହାର କରିବା ସହ ନିଜ ପରକୁ ଏକ ଭଲ ରୂପ ଦେଇଥାନ୍ତି । ବୁଲା ବାଲିଶୁଆ ବିଷୟରେ କିଛି ନୂତନ ତଥ୍ୟ ଜାଣି ଖୁସି ହେଲା । ସେ ପକ୍ଷୀ ବିଷୟରେ ଆଉ କଣ ଜାଣିଛ ବୋଲି କୁନାକୁ ପୁଣି ପଚାରିଲା ।

କୁନା ଉତ୍ତର ଦେଲା ଯେ ବାଲିଶୁଆକୁ ଇଂରାଜୀରେ ଗ୍ରୀନ ବି ଇଟର ବୋଲି କୁହନ୍ତି । ଏହି ପକ୍ଷୀ ମୁଖ୍ୟତଃ କୀଟପତଂଗ ଖାଇଥାନ୍ତି । ଏହି ପକ୍ଷୀ ପ୍ରଜାତିଟି ସାରା ଭାରତରେ ଦେଖାଯିବା ସହ ଏହାର ପଡୋଶୀ ଦେଶରେ ମଧ୍ୟ ଦେଖିବାକୁ ମିଳେ । ଏମାନେ ଜଙ୍ଗଲ, ଚାଷ ଜମି, ଘାସ ପଡିଆ, ନଦୀ ପାଖ ଅଂଚଳ ଆଦି ସ୍ଥାନରେ ଦେଖାଯାନ୍ତି ଯେଉଁଠି କି କୀଟପତଙ୍ଗ ଖାଇବାକୁ ମିଳନ୍ତି । ଏହି ଛୋଟ ପକ୍ଷୀଟି ଉଡିବା ସମୟରେ ବହୁତ ସୁନ୍ଦର ଦେଖାଯାଏ । ଗାଁ ଗହଳିରେ ଏ ପକ୍ଷୀ ଚାଷ ଜମି ପାଖ ଦେଇ ଯାଇଥିବା ଇଲେକ୍ଟ୍ରି ତାରରେ ବସିଥିବାଦେଖାଯାଏ । ପରିବେଶରେ କୀଟପତଙ୍ଗଙ୍କ ସଂଖ୍ୟା ଏହିପରି ପକ୍ଷୀଙ୍କ ଯୋଗୁଁ ସନ୍ତୁଳନ ହୋଇଥାଏ । ତେଣୁ ପକ୍ଷୀଙ୍କ ସଂରକ୍ଷଣ ହେବା ଉଚିତ । ବେଆଇନ ପକ୍ଷୀଙ୍କ

ISSN NO.
2582-208X

କିଣାବିକା, ଚୋରାଚାଲାଣ, ପୋଷା ବନେଇବା, ଇତ୍ୟାଦି ବନ୍ଦ ହେବା ଉଚିତ । ଏତିକି ଜଣାଇ କୁନା ତା ବାଟରେ ଚାଲିଗଲା । ବୁଲା, କୁନା କହିଥିବା ବିଷୟ ସବୁ ମନେ ରଖିଲା ଓ ଘରକୁ ଆସି ସବୁ ଖାତାରେ ଟିପି ଦେଲା ।



ବୁଲା କେବଳ ପଶୁପକ୍ଷୀଙ୍କ ବିଷୟରେ ଲେଖିବା ପାଇଁ ଏକ ଖାତା ରଖିଥିଲା ଓ ସେଥିରେ ସେ କେବଳ ସେମାନଙ୍କ ବିଷୟରେ ହିଁ ଲେଖୁଥିଲା । ସବୁବେଳେ ନଦୀକୂଳ ଆଡେ ବୁଲିବାକୁ ଯାଇ ସେ ଗାଁରେ ଦେଖାଯାଉଥିବା ବିଭିନ୍ନ ପକ୍ଷୀଙ୍କ ବିଷୟରେ ବହୁତ କିଛି ଜାଣିପାରିଥିଲା ଓ ସବୁବେଳେ ଯାହା ନୂଆ ଦେଖୁଥିଲା ତାହା ବିଷୟରେ ବହୁତ କିଛି ତଥ୍ୟ ଅନ୍ୟମାନଙ୍କଠୁ ସଂଗ୍ରହକରି ଲେଖି ରଖୁଥିଲା, ପରିବାର ଲୋକ, ସାଙ୍ଗସାଥୀଙ୍କୁ ବି ଅବଗତ କରାଉଥିଲା । ଏହିପରି ବୁଲା ଗାଁରେ ନିଜର ଗୋଟେ ନିଆରା ବ୍ୟକ୍ତିତ୍ୱ ସୃଷ୍ଟି କରିପାରିଥିଲା । ଜେଜେ ଓ ପରିବାରର ସମସ୍ତେ ମଧ୍ୟ ବୁଲାର ଏହି କାର୍ଯ୍ୟକୁ ଉତ୍ସାହିତ କରି ଖୁସି ହେଉଥିଲେ ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# ବିଶ୍ୱାସ ଘାତକ ମାଙ୍କଡ



ଅମରନାଥ ବାରିକ

ନିରୋଳା ଘଞ୍ଚ ଜଙ୍ଗଲ, ଝରଣାର କୁଳୁକୁଳୁ ଶବ୍ଦ ଏବଂ ପକ୍ଷୀ ମାନଙ୍କର କିଚିରି ମିଚିରି ସ୍ୱରରେ ଗୁଞ୍ଜରୀତ ହୋଇ ଉଠେ ଏହି ଅରଣ୍ୟ । ନାନା ପ୍ରକାର ରଙ୍ଗୀନ ଫୁଲରେ ଶୋଭିତ ସୁମଧୁର ଫଳରେ ମଣ୍ଡିତ ହୋଇଥାଏ ଏହି ସବୁଜିମା ଭରା ବନ । କେଉଁଠି କେଉଁଠି ରହିଛି ପାହାଡ଼ ପର୍ବତ ତ କେଉଁଠି ରହିଛି ଛୋଟବଡ଼ ଗୁମ୍ଫା । ତା' ମଧ୍ୟରେ ବାସ କରନ୍ତି ଅନେକ ଜାତି ପ୍ରଜାତିର ଜୀବଜନ୍ତୁ । ଠିକ୍ ଏହି ଜଙ୍ଗଲ ତା'ର ମଝିରେ ଅଙ୍କାବଙ୍କା ହୋଇ ଏକ ରାସ୍ତା ଲମ୍ବି ଯାଇଛି ଅନେକ ଦୂରକୁ ।

ଏକ ଗଛ ଡାଳରେ ବସି ମାଙ୍କଡ଼ଟିଏ ଚିନ୍ତାମଗ୍ନ ହୋଇ ଚାହିଁ ରହିଥାଏ ସେହି ରାସ୍ତା ଆଡ଼କୁ। ଠିକ୍ ସେହି ସମୟରେ ସେଇ ବାଟ ଦେଇ ତା'ର ପରିଚିତ ଗଧଟି ଆସିଲା ଯାହା ଉପରେ ନଜର ଥିଲା ଏହି ମାଙ୍କଡ଼ର ! ମାଙ୍କଡ଼ ଖୁବ ଉଚ୍ଚ ସ୍ୱରରେ ଡାକିଲା ସେହି ହୃଷ୍ଟପୃଷ୍ଟ ବଳିଷ୍ଠ ଚେହେରା ଥିବା ଗଧକୁ ।

ହୋ... ଗଧ ଭାଇନା !! ଏତେ ସକାଳୁ ସକାଳୁ ଉଠି କୁଆଡ଼େ ଯାଉଛ ? କ'ଣ କେଉଁଠି ନିମନ୍ତ୍ରଣ ଅଛି ନା କ'ଣ ? ମୁଁ ତ ସମସ୍ତଙ୍କ ମୁହଁରୁ ତୁମର ପ୍ରଶଂସା ଶୁଣୁଛି ! ସତରେ ତୁମେ ଜଣେ ନିରୀହ ଏବଂ ପରିଶ୍ରମୀ ପଶୁ । କାହିଁକି ନା ମଣିଷ ତୁମ ପିଠିରେ ଯେତେ ବି ଭାରି ଜିନିଷ ରଖିଦିଏ ତୁମେ ତାହା ପ୍ରାଣପଣେ ବୋହି ନେଇଯାଅ । କାହାରିକୁ କିଛି କୁହ ନାହିଁ । ବିନା ପ୍ରତିବାଦରେ ସବୁ କାମ କରିଥାଅ । ହେଲେ ମୁଁ ଆଜି ଗୋଟେ କାମ କହିବି ଦୟାକରି ମୋ କାମଟି କରିଦେବ ତ ?

ଏଥର ଗଧ ଭାଇନା ହସି ହସି କହିଲା । ହଁ ଭାଇ ମୁଁ ନିଶ୍ଚୟ କରିବି ହେଲେ କାମଟି କ'ଣ କୁହ ତ ? ମାଙ୍କଡ କହିଲା "ମୁଁ ଅନେକ ଦିନ ହେଲାଣି ମୋ ମାମୁଁ ଘରକୁ ଯାଇନାହିଁ ।

ISSN NO.
2582-208X

ମୋ ବାଘ ମାମୁଁ ଆଉ ବାଘୁଣୀ ମାଇଁ ଖବର ଦେଇଛନ୍ତି ମୁଁ ଯିବି । ତୁମେ ଟିକେ ତୁମ ପିଠିରେ ମୋତେ ବସେଇ ନେଇ ସେଠାରେ ଛାଡ଼ି ଦିଅ।"

ହେଲେ ମାଙ୍କଡ଼ର ଚତୁରତାକୁ ଗଧ ଆଗରୁ ଜାଣିଥିଲା ବୋଲି ମାଙ୍କଡ଼କୁ ଜଣା ନଥାଏ । ପୂର୍ବ ଦିନ ମାଙ୍କଡ଼ ସେହି ଜଙ୍ଗଲରେ ଥିବା ଗୁମ୍ଫା ଆଡ଼କୁ ବୁଲିବାକୁ ଯାଇଥିଲା । ବୁଲୁ ବୁଲୁ ସେଠାରେ ବାଘ ଓ ବାଘୁଣୀଙ୍କ ହାବୁଡରେ ପଡିଥିଲା । ମାଙ୍କଡ଼ର ନରମ ଶରୀରକୁ ଦେଖି ବାଘୁଣୀ ଖାଇବ ବୋଲି କହିବାରୁ ବାଘ ମାଙ୍କଡ଼କୁ ଅଟକାଇଥିଲା । କିନ୍ତୁ ମାଙ୍କଡ଼ ତ ଅତି ଚତୁର ! ସେ ବାଘକୁ କହିଲା "ବାଘ ମାମୁଁ, ମୋତେ ଖାଇଲେ କିଛି ଲାଭ ହେବ ନାହିଁ । କାହିଁକି ନା ମୋ ଶରୀର ଏତେ ଛୋଟ ତୁମ ପେଟ ଭରିବ ନାହିଁ । ମୋତେ ଗୋଟେ ସୁଯୋଗ ଦିଅ, ମୁଁ ଯାଉଛି ମୋର ଜଣେ ଚିହ୍ନା ଗଧ ଅଛି ତା'ର ବିଶାଳ ଆକାର ଶରୀର । ତାକୁ ଖାଇଲେ ତୁମ ଦୁହିଁଙ୍କର ପେଟ ଭରିଯିବ ଏବଂ ସ୍ୱାଦିଷ୍ଟ ଲାଗିବ ।

ଏହି କଥାଟିକୁ ଦୂରରୁ ଛକି ବସି ଶୁଣୁଥିଲା ବିଲୁଆ । ସେ ଯାଇ ତା'ର ମଇତ୍ର ଗଧକୁ କହିଥିଲା। ଏବେ ଗଧ ମାଙ୍କଡ଼କୁ କହିଲା, "ହୋ.. ମାଙ୍କଡ଼ ନନା ମୁଁ ତ ଦେଖୁଛି ତୁମେ ବଡ଼ ବିଶ୍ୱାସ ଘାତକ ! ମୁଁ ଜଣେ ଗଧ ହୋଇଥାଇ ପାରେ, ହେଲେ ମୋରବି ତ ଅଳ୍ପ ବହୁତ ଜ୍ଞାନ ଅଛି । ବାଘମାମୁଁ ଗୁମ୍ଫାକୁ ଯାଇ କେହି ଫେରିଲାଣି ? ତୁମେ ଚତୁର କୁମ୍ଭୀରକୁ ସିନା ଠକିଦେଇ ମଝି ନଇରୁ ପଳେଇ ଆସିଥିଲ । ଗଛ କୋରଡରେ କଲିଜା ରଖିଛ ବୋଲି କହି । ସେମିତି ମୋତେ ଠକିଦେଇ ବାଘ ଓ ବାଘୁଣୀ ମୁହଁରେ ଦେବାକୁ ବସିଛ । ତୁମେ ବିଶ୍ୱାସ ଘାତକ କାହାଣୀ ମୋର ବିଲୁଆ ମଇତ୍ର ଠାରୁ ମୁଁ ଶୁଣି ସାରିଛି।"

ଏଥର ମାଙ୍କଡ଼ ନିରୁପାୟ । ବାଘ ବାଘୁଣୀଙ୍କୁ ଯେତେ ବାଟ ଭାଙ୍ଗି ଯିବାକୁ ଚେଷ୍ଟା କଲା ଦିନେ ଧରା ପଡିଗଲା । ଉଚିତ ଶିକ୍ଷା ପାଇଲା, ବାଘୁଣୀ ତାକୁ ଖାଇଲା ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ପ୍ରକୃତିର ଅଙ୍ଗ, ଆମେ ବିହଙ୍ଗ



ସତ୍ୟନାରାୟଣ ପ୍ରସାଦ ନାୟକ

ନୀଳ ଆକାଶର ନୀଳିମା ଭିତରେ
ଆମେ ପରା ହଜି ଯାଉ,
ପତ୍ର ଗହଳରେ ସାଙ୍ଗ ସାଥୀ ମେଳେ
ମନ ଖୋଲା ଗୀତ ଗାଉ ।
ନାହିଁ ଆମ ପାଖେ ବାଛ ବିଚାର
ନାହିଁ ପୁଣି କଳିଗୋଳ,
ସୁଖରେ ଶାନ୍ତିରେ ଦିନ ବିତି ଯାଏ
ସାହା ଜଗତ ଠାକୁର ।
ହେଲେ ହେଉ ପଛେ ଅଳପ ଆୟୁଷ
କଣ୍ଠରୁ ଝରେ ପୀୟୂଷ,
କିଚିରି ମିଚିରି ଶବଦ ଭିତରେ
କମ୍ପି ଯାଏ ଚଉ ପାଶ ।
ପ୍ରକୃତି କୋଳରେ ଲଭିଛୁ ଜନମ
ତା'କୋଳରେ ହେଉ ଲୀନ,
ସେନେହ ମମତା ବନ୍ଧନ ଭିତରେ
କଟିଯାଏ ଆମ ଦିନ ।

ରଥ ରୋଡ, ଭୁବନେଶ୍ୱର -2
Mob.9437764014

ISSN NO.
2582-208X

# ଫଳର ରାଜା



ପ୍ରଭାତ ନଳିନୀ ସାହୁ

ଭାରି ସୁଆଦିଆ ଫଳଟି ସିଏ
ଆମ୍ବ ତାହାର ନାଆଁ,
ଖାଉଥିଲେ ରସ ବୋହୁଥାଏ ଟି
ଯେତେ ଖାଇବ ଖାଆ ।
ସୁନ୍ଦରୀ ଆମ୍ବ ଭାରି ସୁନ୍ଦର
ଲାଲ ଟୁକ୍ ଟୁକ୍ ଦେହ,
ରସଟି ତାର ବହୁତ ମିଠା
ପାଚିଲା ବାଛି ଖାଅ ।
ବାଇଗଣପଲ୍ଲୀ ଅତି ଫୁଲେଇ
ସୁଆଦ,ବାସ୍ନା ଭରା,
ହଳଦୀ ରଙ୍ଗେ ରଙ୍ଗେଇହେଇ
କରେ କେତେ ଯାତରା ।
ଫଜିଲ, ଆମ୍ବ ଭାରି ଫାଜିଲ
ଦେହ ତାର ସବୁଜ,
ଦେଖିଲେ ଥରେ ଖାଇବାପାଇଁ
ପାଟିଟି ଖଜବଜ ।
ନାକେଇ ଆମ୍ବ ନାକଟି ଲମ୍ବା
ଦେହଟା ତାର ବଙ୍କା,
କଞ୍ଚା ଖାଅ କି ପାଚିଲା ଖାଅ
ଅସୁଲ୍ ହୁଏ ଟଙ୍କା ।

ISSN NO.
2582-208X

ନେଙ୍ଗଡା,ଦୋସରୀ,ଚଉସା ଆମ୍ବ
ସମସ୍ତେ ଭାଇ ଭାଇ,
ଦେଶୀ ଆମ୍ବ ତ ମଧୁର,ଖଟା
ଗରିବ ସଖା ସେଇ।
ଫଳ ଭିତରେ ରାଜା ବୋଲାଏ
ଖରାଦିନେ ସେ ଆସେ,
ଗଛରେ ପାଚି ବାଲିରେ ବସେ
ମହମହ ମହକି ବାସେ।

ଛେଣ୍ଡ କଲୋନୀ
ରାଉରକେଲା

ISSN NO.
2582-208X

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୪/୨୦୨୨ | ଉତ୍କଳ ଦିବସ, ମଧୁ ଅମାବାସ୍ୟା |
| ୦୨/୦୪/୨୦୨୨ | ସୃଷ୍ଟ୍ୟାରମ୍ଭ ଦିବସ, ତେଲୁଗୁ ନୂତନ ବର୍ଷ |
| ୦୩/୦୪/୨୦୨୨ | ରମଜାନ ମାସ ଆରମ୍ଭ |
| ୦୫/୦୪/୨୦୨୨ | ରାହୁ ଓ କେତୁ ଚଳନ |
| ୦୭/୦୪/୨୦୨୨ | ଶ୍ରୀ ମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା |
| ୦୮/୦୪/୨୦୨୨ | ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠା ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା |
| ୦୯/୦୪/୨୦୨୨ | ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା, ଅଶୋକାଷ୍ଟମୀ, ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା |
| ୧୦/୦୪/୨୦୨୨ | ଶ୍ରୀରାମ ନବମୀ ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାନବମୀ |
| ୧୧/୦୪/୨୦୨୨ | ବାସନ୍ତୀକ ଦଶହରା |
| ୧୨/୦୪/୨୦୨୨ | ସୀତା ବିବାହ |
| ୧୩/୦୪/୨୦୨୨ | ବୃହସ୍ପତି ଚଳନ, ମାସାନ୍ତ ଓ ବର୍ଷଶେଷ |
| ୧୪/୦୪/୨୦୨୨ | ମହାବିଷୁପ (ପଣା) ସଂକ୍ରାନ୍ତି, ଓଡିଆ ନବବର୍ଷ, ଅନଙ୍ଗ ତ୍ରୟୋଦଶୀ, ହନୁମାନ ଜୟନ୍ତୀ |
| ୧୫/୦୪/୨୦୨୨ | ଗୁଡ୍ ଫ୍ରାଇଡେ |
| ୧୬/୦୪/୨୦୨୨ | ଚୈତ୍ର ପୂର୍ଣ୍ଣିମା |
| ୩୦/୦୪/୨୦୨୨ | ଅମାବାସ୍ୟା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମାର୍ଚ୍ଚ ମାସର ବିଜେତାଙ୍କ ନାମ



ISSN NO.
2582-208X

ମନ ସିନା ଜାଣେ ମାଟିର ମହତ
କ୍ଷ ଅମୃତ ତହିଁ ଝରେ
ଖୁରି ଧରି ହାତେ ଗ୍ଭ ଟେ ପିଇଲେ
ପ୍ରଶାନ୍ତରେ ପ୍ରାଣ ଭରେ,
ମାଟିର ଜୀବନ ମାଟିର ସପନ
ମାଟି ପର୍‌ ପରିଚୟ,
ମାଟିର ମମତା ହେଲେ ବିଖଣ୍ଡିତ
କାହୁଁ ମଣ୍ଡିବ ବିଜୟ ?

ଜ୍ୟୋସ୍ନା ର୍‌ୟ, ବାଲେଶ୍ୱର

ପୁରୁଣା ଆଦର ବଢୁଛି
ନୂଆ ଯୁଗକାଳ ପୁରୁଣା ସକାଳ
ମାଟି ଖୁରୀ ମନେ ପଡୁଛି ।
ତନ୍ଦୁରୀ ଗ୍ଭ ର ଆଦର କେଡେ,
ଭ୍‌ଟିରେ ତତାଇ ମାଟି ଖୁରୀ ଗ୍ଭ
ଗ୍ଭ ଅମଳର ସର୍‌ଗ ବଢେ ।
ପ୍ରଦୂଷଣ ମୁକ୍ତ ହେବ ପରିବେଶ
କୁମ୍ଭାର ମୁଖରେ ଫୁଟିବ ହସ ।

ସୁମିତ୍ରା ପଣ୍ଡା, ଶ୍ରୀବିହାର, ପଟିଆ

ISSN NO.
2582-208X

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X



"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**